

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ-ଅଗଷ୍ଟ, ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଆହ୍ୱାନର ସମସ୍ତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ରକ୍ଷାବନ୍ଧନ, ଗହ୍ମାପୂର୍ଣ୍ଣିମୀ ଏବଂ ଗଣେଶ ପୂଜା ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ।**

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଲେଖା ପାଇବା ପରେ ଆମେ ଇମେଲ୍ ଦ୍ୱାରା ଜଣାଇଥାଉ, ତଥାପି ଯଦି ଆପଣ ଜାଣି ପାରନ୍ତି ନାହିଁ, ତେବେ ଆମ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍  ଡାଉନଲୋଡ୍ କରି ସେଠାରେ ସଂଗୃହୀତ ଆଲେଖ୍ୟ ପୃଷ୍ଠାରେ ଆଗାମୀ ସଂସ୍କରଣ ପାଇଁ ମିଳିଥିବା ଲେଖା ତାଲିକା ଦେଖି ପାରିବେ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବରେ ଆମ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| କାହାଣୀ ବିଭାଗ | | ୩୩ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୩୪ |
| ଅବାଞ୍ଛିତର ହାତ | ସୁବଳ ମହାପାତ୍ର | ୪୯ |
| ମା, ମାଟି ଓ ମହାନଦୀ | ପ୍ରତିଭା ପ୍ରିୟଦର୍ଶିନୀ | ୫୫ |
| ସଫଳ ମଣିଷ | ଅନସୂୟା ପଣ୍ଡା | ୭୧ |
| ପୂର୍ବ ଜନ୍ମ | ବୁଲବୁଲ୍ ପାଣିଗ୍ରାହୀ | ୭୧ |
| ବଜ୍ରପାତର ଆଘାତ | ଗଦାଧର ବଳ | ୭୫ |
| ବିଶ୍ୱାସ | ମୈତ୍ରେୟୀ କମିଳା | ୭୯ |
| ସେ ଦୁଇଜଣ | ପାରମିତା ଷଡ଼ଙ୍ଗୀ | ୮୧ |
| ଶେଷ ସମ୍ପର୍କର ଚିଠି | ମହାସ୍ମିତା | ୮୩ |
| ହଜିଗଲା ମାମୁଁଘର | ରଞ୍ଜିତ କୁମାର ପାଲ୍ | ୮୪ |
| ବାଘ | ଡଃ ସୁବାସ ମିଶ୍ର | ୮୮ |
| ଚାକିରୀଆ ପୁଅମୋର | ମହେଶ୍ୱର ସାହୁ | ୯୨ |
| ସଂଘର୍ଷମୟ ଏଇ ଜୀବନ | ଅବିନାଶ ପ୍ରଧାନ | ୧୦୭ |
| ସନ୍ଧିକାଳ | ବିନୟ ମହାପାତ୍ର | ୧୦୮ |
| ମାଆ ନାହିଁ ଯାହାର | ସୁଷମା ପରିଜା | ୧୧୯ |
| କୋରିୟର୍ ବୟ | କୃଷ୍ଣଚନ୍ଦ୍ର ଡାକୁଆ | ୧୩୫ |
| ଦି ଟୋପା ଲୁହ | ନାରାୟଣ ଚନ୍ଦ୍ର ସେନାପତି | ୧୩୮ |


ଆହ୍ୱାନ ଇ-ପତ୍ରିକା

| | | |
|---|---|---|
| ନାରୀନୁହେଁ କିନ୍ତୁ ମାଆ | ରୋଜା ପଣ୍ଡା | ୧୪୪ |
| ଜୁଲୁକା | ସତ୍ୟପ୍ରକାଶ ସେଠୀ | ୧୪୯ |
| ସେଦିନ ଥିଲା... | ପୂର୍ଣ୍ଣଚନ୍ଦ୍ର ରାଣା | ୧୫୪ |
| ନିର୍ମଳ ପ୍ରେମର ସ୍ମୃତି | ପ୍ରିୟଙ୍କା ସାହୁ | ୧୫୭ |
| ଲଜ୍ଜା | ଲକ୍ଷ୍ମଣ କୁମାର ବେହେରା | ୧୬୪ |
| ଶଙ୍କରର ପ୍ରିୟା | ଦୀପକ ଷଡ଼ଙ୍ଗୀ | ୧୬୮ |
| ମନ ଅଗଣା | ସସ୍ମିତା ସାହୁ | ୧୭୦ |
| ନିଃସ୍ୱାର୍ଥପର | ତ୍ରିଲୋଚନ ଦାସ | ୧୭୨ |
| କିଛି ଲୁହ କଥାକହେ | ରାଜୀବ ଲୋଚନ ସାହୁ | ୧୭୫ |
| ସ୍ୱିଟ୍ ଲାଇଟ୍ | ଦୀପକ ଷଡ଼ଙ୍ଗୀ | ୧୮୦ |
| ପୁନରାବୃତ୍ତି | ପାରମିତା ମିଶ୍ର | ୧୮୭ |
| ହେଇଟି... ଶୁଣୁଛ... | ରୋଜାଲିନ୍ ମିଶ୍ର | ୧୯୧ |
| ପଞ୍ଚାୟତ ଇଲେକ୍ସନ୍ | ଇଂ ଭାଗିରଥୀ ସେଠୀ | ୧୯୬ |
| ଦୁଇଟି ଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୦୪ |
| ଲେହେର | ଡଃ ପ୍ରଶାନ୍ତ ନାୟକ | ୨୦୬ |
| ନାଲିସୂତା ଓ କଳାସୂତା ରହସ୍ୟ | ବାଲ୍ମୀକି ନାୟକ | ୨୩୪ |
| କବିତା ବିଭାଗ | | ୨୩୯ |
| ଗୁଡ଼ି ଓ ବିହଙ୍ଗ | ସତ୍ୟପ୍ରକାଶ ସେଠୀ | ୨୪୦ |
| ଛୋଟ ଆମ ଘର | ଧିରେନ୍ଦ୍ର ମଲ୍ଲିକ | ୨୪୧ |
| ପ୍ରଭାତ | ଅନିରୁଦ୍ଧ ସେନାପତି | ୨୪୨ |
| ଭାଷା | ସୁଦର୍ଶନ ସାହୁ | ୨୪୩ |
| ଶୂନ୍ୟତାରେ ପୂର୍ଣ୍ଣତା | ନୀଲମ୍ | ୨୪୪ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ରୁପି | ଦୀପ୍ତିଲେଖା ମିଶ୍ର | ୨୪୬ |
| ଝଡ଼ | ନୀଳକଣ୍ଠ ସ୍ୱାଇଁ | ୨୪୭ |
| ମୁକ୍ତିର ପଥ | ଶୁଭଲକ୍ଷ୍ମୀ ଦାସ | ୨୪୮ |
| ତୋ ପାଇଁ | ସିଦ୍ଧେଶ୍ୱର ତ୍ରିପାଠୀ | ୨୫୦ |
| ମଥା ନୁଆଁଇନି କଦା | ବି ନିରୁପମା | ୨୫୧ |
| ତୁମେ ହିଁ ତ ସେଇ | ଚିନ୍ମୟ ବାରିକ | ୨୫୨ |
| ସମ୍ପର୍କ ଏ ଜନମ ଜନମର | ଶୟନ ନାୟକ | ୨୫୫ |
| ବାପା | ରାଜେନ୍ଦ୍ର ଗିରି | ୨୫୬ |
| ମୋ ଓଡ଼ିଶା | ଶିଶୁପାଲ ସାମ୍ରଥ | ୨୫୭ |
| ତୁମେ ଓ ମୁଁ | ଦେବବ୍ରତ ଜେନା | ୨୫୮ |
| ଆହେ ପରଂବ୍ରହ୍ମ | ରୀତା ସାମନ୍ତରାୟ ମଲ୍ଲିକ | ୨୫୯ |
| ସଂସ୍କୃତି ଆମର ନ ହେଉ ଉଜ | ସନ୍ତୋଷ ପଟ୍ଟନାୟକ | ୨୬୨ |
| ଈଶ୍ୱର | ଲୋରୀ ସ୍ୱାଇଁ | ୨୬୩ |
| ନୀଳସ୍ୱପ୍ନର ତୃଷ୍ଣା | କସ୍ତୁରୀ ଚରଣ ରାଉତ | ୨୬୪ |
| ଭାଗ୍ୟ | ରାମକୃଷ୍ଣ ପାଣିଗ୍ରାହୀ | ୨୬୫ |
| ସଜଫୁଟା ଫୁଲ | ଅଜୟ କୁମାର ବେହେରା | ୨୬୭ |
| ବିତିଥିବା ମୁହୂର୍ତ୍ତ | ଶୁଭସ୍ମିତା ବେହେରା | ୨୬୯ |
| ରୂପସୀ ପ୍ରିୟା | ପ୍ରଶାନ୍ତ କୁମାର ପଧାନ | ୨୭୦ |
| ଜଗନ୍ନାଥ ଓ ରଥଯାତ | ହାସ୍ୟମୟୀ ରାଜ | ୨୭୧ |
| କବିଟିଏ | କୃଷ୍ଣଚନ୍ଦ୍ର ଡାକୁଆ | ୨୭୩ |
| ସତ୍ୟର କବିତା | ଆଶୁତୋଷ ମେହେର | ୨୭୪ |
| ଆସ ଗଛ ଲଗାଇବା | ଅକ୍ଷୟ କୁମାର ବେହେରା | ୨୭୫ |


ଆହ୍ୱାନ ଇ-ପତ୍ରିକା

| | | |
|---|---|---|
| ସିନ୍ଦୁର | ସୁନିତା ବାରିକ | ୨୭୭ |
| ଘେନ ଆଲତୀକୁ | ଡିଙ୍ଗର ନାଏକ | ୨୭୯ |
| ବାପାଙ୍କର ମନ | ଲତା ତେଜେସ୍ୱର | ୨୮୦ |
| ସଂପର୍କର ସଂଜ୍ଞା | ପ୍ରୀତିରେଖା ପରିଡ଼ା | ୨୮୨ |
| ସୂରଜ ଓ କୁନା | ରଂଜୁଲତା ବେହେରା | ୨୮୩ |
| ଆଂଶ | ସୁଚିତ୍ରା ରଥ | ୨୮୫ |
| ବିଚିତ୍ର ଦୁନିଆ | ପ୍ରଭାସ ଚନ୍ଦ୍ର ଟୋଲଟିଆ | ୨୮୭ |
| ଏକତା ହିଁ ବଳ | ପ୍ରେମଲତା ସାହୁ | ୨୮୮ |
| ଅନ୍ତର୍ଯ୍ୟାମୀ | ଡା ଗାୟତ୍ରୀ ସାହୁ | ୨୮୯ |
| ଯୋଗର ମହତ୍ତ୍ୱ | ବୈଜୟନ୍ତୀ ସାହୁ | ୨୯୦ |
| ମୋ ମନର ମଣିଷ | ମୋନାଲିସା ସ୍ୱାଇଁ | ୨୯୨ |
| ମାଦକତା | ବୈଷ୍ଣବ ମେହେର | ୨୯୪ |
| ମନ କୋଉ ବୁଝେ | କୌଶଲ୍ୟା ପାଲିଆ | ୨୯୫ |
| ଭୁଲିଯିବି ଅତୀତକୁ | ପ୍ରଣତି ମହାପାତ୍ର | ୨୯୬ |
| ହେ ଆମ ଦାରୁ ଗୋସାଇଁ | ଜୟନ୍ତ କୁମାର | ୨୯୭ |
| ତୁମରି ହାତଧରି | ବାସନ୍ତୀ ପରିଡ଼ା | ୨୯୮ |
| ଇଚ୍ଛା ହୁଏ | ରସ୍ମିତା ନାଥ | ୨୯୯ |
| ବୋଉ | ଧ୍ରୁବଚରଣ ମହାନ୍ତି | ୩୦୦ |
| ଅଭୁଲା ସ୍ମୃତି | ବିଶାଖା ଦେବୀ | ୩୦୨ |
| ଶ୍ରେଷ୍ଠ ଯୋଗଦାନ | ସୁକୃତୀ ମହାପାତ୍ର | ୩୦୪ |
| କିଛି ସ୍ମୃତି, ଶେଷ ଚିଠି | ସ୍ନିଗ୍ଧା ସାମନ୍ତରାୟ | ୩୦୫ |
| ଅପହଞ୍ଚ | ଧିରେନ୍ ବାଗ୍ | ୩୦୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସ୍ମୃତି | ସରିତା ମହାନ୍ତି | ୩୦୮ |
| ଉଡ଼ା ଚଢ଼େଇ | ସସ୍ମିତା ମହାପାତ୍ର | ୩୧୦ |
| କୋଣାର୍କ | ରୀତା ଅପରାଜିତା ମହାନ୍ତି | ୩୧୧ |
| ନାରୀ ନୁହେଁ ତୁ ନାରାୟଣୀ | ଶକ୍ତିଦା ବିଷୋୟୀ | ୩୧୩ |
| ଝରା ଶେଫାଳୀ | ସାଧନା ପଣ୍ଡା | ୩୧୪ |
| ମାଟିର ମଣିଷ | କୁମୁଦିନୀ ବେହେରା | ୩୧୬ |
| ନିତି ଶେଯପାରେ ତୁମ ନାଁରେ | ପ୍ରଦୀପ ବନ୍ଧ | ୩୧୮ |
| ବିରହର ଜ୍ୱଳନ | ଅର୍ପିତା ରଣା | ୩୨୧ |
| ଆଗରୁ ଆଉ ଏବେ | ନୂତନ କୁମାର ବେହେରା | ୩୨୨ |
| ଆତ୍ମାର ହତ୍ୟା | ଆର୍ଯ୍ୟାନ୍ ପ୍ରଧାନ | ୩୨୪ |
| ବିଦ୍ୟାଳୟ ଖୋଲିଗଲା | ଅଙ୍କିତା ପାଢ଼ୀ | ୩୨୫ |
| ନଆସୁ କୌଣସି ଫୋନି | ମହେଶ୍ୱର ସାହୁ | ୩୨୭ |
| ଭୋକ ଦିବସ | ପ୍ରିୟଦର୍ଶିନୀ ମହାନ୍ତି | ୩୨୯ |
| ନିଜକୁ ନିଜେ ହିଁ ଠକିବ | ଶିଶିର କୁମାର ପଣ୍ଡା | ୩୩୦ |
| ମୋ ଗାଁ | ସୀତାରାମ ଦାସ | ୩୩୧ |
| ଅନାହାର ସତ ମହାଭାରତ | ଏମ୍ ବିଜୟ କୁମାର | ୩୩୨ |
| ଝିଅନୁହେଁ ଜମା ବୋଝ | ଜୟଶ୍ରୀ ମହାରଣା | ୩୩୩ |
| ମୋର କିଛି ଦୋଷ ନାହିଁ | ଟୁକୁନା ସାହୁ | ୩୩୪ |
| ଆଉ କିଛି ଲୋଡ଼ାନାହିଁ | ରୋହିତ ସେଠୀ | ୩୩୬ |
| ସମୀକ୍ଷା | ଓଜସ୍ୱିନୀ ଶତପଥୀ | ୩୩୮ |
| ପ୍ରିୟା ଓ ପ୍ରିୟତମା | ଡଃ ସୁବାସ ମିଶ୍ର | ୩୪୨ |
| ଭାବ ବିନୋଦିଆ | ଦୁଷ୍ମନ୍ତ କୁମାର ମିଶ୍ର | ୩୪୪ |


ଆହ୍ୱାନ ଇ-ପତ୍ରିକା

| | | |
|---|---|---|
| ମୋ କବିତା | ବିଦ୍ୟୁତଲତା ତ୍ରିପାଠୀ | ୩୪୭ |
| ସ୍ୱପ୍ନ | ତୁଷାରକାନ୍ତ ପ୍ରସାଦ | ୩୪୮ |
| ଖାଲି ମୋ ପାଇଁ | ଲିପିନ୍ ରାଉତ | ୩୪୯ |
| ଜନସଂଖ୍ୟା | ନାରାୟଣ ଚନ୍ଦ୍ର ସେନାପତି | ୩୫୦ |
| ଉତ୍କଳର ମଣି | ସସ୍ମିତା ସାହୁ | ୩୫୩ |
| ପିଲାଦିନ ସ୍ମୃତି ଝୁରିହୁଏ ନିତି | ଜଗବନ୍ଧୁ ସାହୁ | ୩୫୪ |
| ଜଗାପାଇଁ ପଦେ | ପ୍ରଦ୍ୟୁତ କୁମାର ମହାଖୁଡ଼ | ୩୫୫ |
| ବର୍ଷାର ଇତିକଥା | ସସ୍ମିତା ମିଶ୍ର | ୩୫୬ |
| ନୀଳାଚଳ ନାଥ | ପଙ୍କଜ କୁମାର ମାହାନା | ୩୫୭ |
| ଜଗତର ନାଥ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୩୫୮ |
| ଦାରୁଦିଅଁ | ହିରାବତୀ ପାତ୍ର | ୩୫୯ |
| ବିଶ୍ୱାସ | ରଶ୍ମିତା ମହାନ୍ତ | ୩୬୦ |
| ତୁମରି ଶ୍ରୀଚରଣେ | ରାମ ପ୍ରସାଦ ସିଂହ | ୩୬୧ |
| ସମ୍ପୂର୍ଣ୍ଣା | ଦୀପକ କୁମାର ଦାସ | ୩୬୨ |
| ଅଦିନ ବର୍ଷା | ସୁମିତ୍ରା ପୃଷ୍ଟି | ୩୬୩ |
| ପାଇ ମୁଁ ପାଇନି କିଛି | ବନ୍ଦନା ନାୟକ | ୩୬୫ |
| ଆଞ୍ଜୁଳାଏ ଚାଉଳ | ଡଃ ସୁଜାତା ପ୍ରିୟମ୍ବଦା ପରିଡ଼ା | ୩୬୭ |
| ଜ୍ଞାନରାଣୀ | ଦେବାଶିଷ ସାଗର | ୩୬୯ |
| ବେକାର | ରାଜେଶ କୁମାର ବାରିକ | ୩୭୦ |
| କାହିଁକି କେଜାଣେ | ସତ୍ୟବ୍ରତ ସାହୁ | ୩୭୧ |
| ମୋ ସୁନାଭଉଣୀ | ନରସିଂହ ପ୍ରସାଦ ଚରତି | ୩୭୨ |
| କୀର୍ତ୍ତିମୂଖ | ପ୍ରଭାତ କୁମାର ଆଚାର୍ଯ୍ୟ | ୩୭୩ |


ଆହ୍ୱାନ ଇ-ପତ୍ରିକା

| | | |
|---|---|---|
| ମୌସୁମୀ ତୁମକୁ ସ୍ୱାଗତ | ଡଃ ଆଲୋକ କୁମାର ରାୟ | ୩୭୬ |
| ଫେସ୍ ଆପ୍ | ଜ୍ୟୋତିରଞ୍ଜନ ମହାରଣା | ୩୭୭ |
| ସକାଳର କଢ଼ି | ସୁଧାଂଶୁ ଶେଖର ଜେନା | ୩୭୯ |
| ଆନ୍ତରିକ ଏକ ପତ୍ର | ସୋନମ୍ ରାଉତ | ୩୮୦ |
| ଦୁର୍ଲଭ ସ୍ୱପ୍ନ | ଚିତ୍ତରଞ୍ଜନ ସାହୁ | ୩୮୨ |
| ବାଲୁତ ବୀର | ନିବେଦିତା ମହାପାତ୍ର | ୩୮୩ |
| ଭାଗ୍ୟ ଓ କର୍ମ | ସସ୍ମିତା ସାହୁ | ୩୮୪ |
| ଲଟେରୀ | ସରୋଜିନୀ ମିଶ୍ର | ୩୮୬ |
| ବରଷା ଗୋ ! | ହରେରାମ ପଣ୍ଡା | ୩୮୮ |
| କବିତା | ପ୍ରିୟଙ୍କା ନାୟକ | ୩୮୯ |
| ଏଇ ପବନରେ | ସୂର୍ଯ୍ୟକାନ୍ତ ବେହେରା | ୩୯୦ |
| ସ୍ୱପ୍ନର ଚଲାପଥେ | ଫାଲଗୁନୀ ଦାସ | ୩୯୨ |
| ମୌସୁମୀ ଓ ଧରଣୀ | ଭାଗିରଥୀ ଯାନୀ | ୩୯୪ |
| ଏମିତି ବିତେ ରାତି | ଶିବ ଶଙ୍କର ସାହୁ | ୩୯୬ |
| ଜୀବନ | ତ୍ରିଲୋଚନ ମହାପାତ୍ର | ୩୯୮ |
| ଶୂନ୍ୟତାର ଭାଷା | ରବୀନ୍ଦ୍ରନାଥ ମହାରଣା | ୩୯୯ |
| ସ୍ୱପ୍ନ | ରିପୁନ୍ ଜୟ ମହାପାତ୍ର | ୪୦୦ |
| ଅଭିମାନ | ଦେବେନ୍ଦ୍ରନାଥ ଦୋର | ୪୦୧ |
| ପ୍ରେମ | ସ୍ୱାଗତିନୀ ମହାପାତ୍ର | ୪୦୨ |
| ମାଷ୍ଟ୍ର, ମାଷ୍ଟ୍ରାଣୀ ଓ ମୋବାଇଲ୍ | ରିଭୁ ଆଭୂଷଣ ପଣ୍ଡା | ୪୦୩ |
| ଭୁଲିଗଲି | ଡଃ ଜ୍ଞାନେଶ୍ୱର ମିଶ୍ର | ୪୦୪ |
| ମୁଁ ଭଲ ଅଛି | ବିଦ୍ୟାଧର ମିଶ୍ର | ୪୦୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମୃତ୍ୟୁପରେ | ଦିଲ୍ଲୀପ ଚକ୍ରବର୍ତ୍ତୀ | ୪୦୭ |
| ଶାଶ୍ୱତ ପ୍ରେମ | ଉର୍ମିଳା ଦାସ | ୪୦୮ |
| କବି ଓ କବିତା | ପ୍ରକାଶ ଚନ୍ଦ୍ର ପଣ୍ଡା | ୪୦୯ |
| ଶପଥ | ଯଶୋବନ୍ତ ପଟ୍ଟନାୟକ | ୪୧୦ |
| ନାରୀ | ଜୟନ୍ତ କୁମାର ସାହୁ | ୪୧୧ |
| ଯୋଗରେ ଜୀବନ | ଗୌରୀ ପଣ୍ଡା | ୪୧୨ |
| ଶେଫାଳୀ ! ତୁମଓଠରେ ମୋ କଥା | ଅମିତ ନାରାୟଣ ଶତପଥୀ | ୪୧୩ |
| ଗୁଡ଼ି | ଜ୍ୟୋତି ରଞ୍ଜନ ସାହୁ | ୪୧୫ |
| କାହିଁକି | ମନୋଜ କୁମାର ବେହେରା | ୪୧୭ |
| ଲେଖୁଛି ମୁଁ ତୁମପାଇଁ | ମନୋରଞ୍ଜନ ମୁଦୁଲି | ୪୨୦ |
| ନିରୁଦ୍ଦିଷ୍ଟ | ପ୍ରିୟଙ୍କା ସାହୁ | ୪୨୧ |
| ଶେଷକୁ ମୁନା ବୁଝିଲା | ପ୍ରମୋଦ କୁମାର ପ୍ରଧାନ | ୪୨୨ |
| ଯୋଗ୍ୟ ସନ୍ତାନ | ସସ୍ମିତା ପ୍ରଧାନ | ୪୨୪ |
| ସୁଧାଂଶୁର ଅପେକ୍ଷା | ସୁଧାଂଶୁ ମଣ୍ଡଳ | ୪୨୫ |
| ସୁଖୀ ଦାମ୍ପତ୍ୟ | ରାକେଶ ସାହୁ | ୪୨୬ |
| ସ୍ମୃତି | କାଳିଚରଣ ମହାରଣା | ୪୨୭ |
| ଜୀବନ ସ୍ରୋତ | ପବିତ୍ର ଦାସ | ୪୨୯ |
| ରାମ ରାମାୟଣ ଚଉତିଶା | ଦେବଦତ୍ତ ସୁନା | ୪୩୦ |
| ହିତବାଣୀ | ପ୍ରକାଶ ଚନ୍ଦ୍ର ମୁଦୁଲି | ୪୩୪ |
| ହେ ସଂଗ୍ରାମୀ | ଶଶାଙ୍କ ଶେଖର ପଣ୍ଡା | ୪୩୫ |
| ଝାଡ଼ | ସଂଘମିତ୍ରା ବେହେରା | ୪୪୦ |
| ଦେଶପ୍ରେମ | ଡମ୍ବରୁଧର ପଟ୍ଟନାୟକ | ୪୪୧ |


ଆହ୍ୱାନ ଇ-ପତ୍ରିକା

| | | |
|---|---|---|
| ସ୍ନାନମଣ୍ଡପେ ଜଗନ୍ନାଥ | ପ୍ରାଣବନ୍ଧୁ ପ୍ରଧାନ | ୪୪୩ |
| ମାଆଟି ମୋର | ଚନ୍ଦ୍ରକାନ୍ତ ଜେନା | ୪୪୪ |
| ବର୍ଷାରାଣୀଙ୍କ ଆଗମନ | ଶ୍ରୀରାଜଶେଖର ସି ଚିମା | ୪୪୬ |
| ତୁମେ ଆସ ମା | ପୁଷ୍ପାଞ୍ଜଳୀ ପଣ୍ଡା | ୪୪୮ |
| ସ୍ୱଭାବ | ନିରୁପମା ନାୟକ | ୪୪୯ |
| ରଫ୍ ଖାତା | ସାଇସୁଦୀପ୍ ଦାସ | ୪୫୦ |
| ସମ୍ବଲପୁରୀ ବିଭାଗ | | ୪୫୨ |
| ମୋର୍ କିଶାନ୍ ଭାଇ | ଶିଶୁପାଲ୍ ସାମ୍ରଥ | ୪୫୩ |
| ବାଉରୀ | ନବୀନ ପଧାନ | ୪୫୪ |
| ଫେର୍ ବରଷାରାନୀ ଆସିଛେ | କ୍ଷମାନିଧି ସାହୁ | ୪୫୫ |
| ବର୍ଷା କହୁଛେ | ଈଶ୍ୱର ଚନ୍ଦ୍ର ସାହୁ | ୪୫୬ |
| ଦୁଃଖୀର ସୁଖ | କବି ପ୍ରସାଦ | ୪୫୮ |
| ଶଲା ବୁଢ଼ା | ହରୀଶ ତାଣ୍ଡି | ୪୫୯ |
| ଚାଲ୍ ଧର୍ମର ବାଟେ | ହରୀଶ ତାଣ୍ଡି | ୪୬୦ |
| ମାଁର ଅସ୍ମିତା କାବ୍ୟ | ଏମ୍ ବିଜୟ କୁମାର | ୪୬୧ |
| ମାହାପୁରୁକେ ଗୁହାରି | ସୁଧୀର ପଣ୍ଡା | ୪୬୪ |
| ଖରାଦିନ | ପ୍ରମୋଦ କୁମାର ସେଠ୍ | ୪୬୮ |
| ପରଜା | ସୁବାସଚନ୍ଦ୍ର ଭୁଏ | ୪୬୯ |
| ଅବୁଝେନ୍ | ମନୋଜ ମହାନନ୍ଦ | ୪୭୧ |
| ବଏନା | ବେଦବ୍ୟାସ ମାଝୀ | ୪୭୩ |
| ତମର ପହେଲ ଚିଠି | ତପନ କୁମାର ସାହୁ | ୪୭୪ |
| ପ୍ରବନ୍ଧ ବିଭାଗ | | ୪୭୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆତ୍ମହତ୍ୟା | ମନୋଜ କୁମାର ପଣ୍ଡା | ୪୭୭ |
| ଜଗତହିତ ହେତୁ ଭାଗବତ | ମନ୍ନୁଭାଇ | ୪୮୧ |
| ଜୀବନର ମୌଳିକ ଆବଶ୍ୟକତା | ନୂତନ କୁମାର ବେହେରା | ୪୮୩ |
| ସାମ୍ପ୍ରତିକ ସମାଜରେ ସାହିତ୍ୟ | ସିଦ୍ଧେଶ୍ୱର ତ୍ରିପାଠୀ | ୪୮୭ |
| କାଗଜ | ଅଙ୍କିତା ପାଢ଼ୀ | ୪୯୦ |
| ସାହିତ୍ୟ ଓ ସ୍ମାର୍ଟ୍‌ଫୋନ୍ | ପ୍ରାଣବନ୍ଧୁ ପ୍ରଧାନ | ୪୯୩ |
| ନାରୀ ଶକ୍ତି - କାର୍ଯ୍ୟବାହୀ ପୁରୁଷ | କୃଷ୍ଣ ଦାସ | ୪୯୮ |
| ବିଶେଷ ସୂଚନା | | ୫୦୧ |


**ଆହ୍ୱାନ ଇ-ପତ୍ରିକାର ଆଗାମୀ (ସେପ୍ଟେମ୍ବର ୨୦୧୯) ସଂସ୍କରଣ ନିମନ୍ତେ ଲେଖା ଗ୍ରହଣର ଶେଷ ତାରିଖ : ୩ ସେପ୍ଟେମ୍ବର ।**

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଅଗଷ୍ଟମାସର ସଂସ୍କରଣ ଆପଣଙ୍କୁ ଉପହାର ଦେଉଥିବା ବେଳେ ବିଗତ ମାସରେ ପତ୍ରିକା ସଂସ୍କରଣ ଅଣପ୍ରକାଶିତ ହୋଇ ରହିଥିବା ଦୁଃଖ ରହିଛି । କେତେକ ଅନିବାର୍ଯ୍ୟ କାରଣ ହେତୁ ପତ୍ରିକାର ପ୍ରକାଶନ ସମ୍ଭବ ହୋଇପାରିଲା ନାହିଁ । ଆପଣମାନେ ଧୈର୍ଯ୍ୟର ସହ ସବୁବେଳେ ଆହ୍ୱାନ ଇ-ପତ୍ରିକାକୁ ସହଯୋଗ କରିଛନ୍ତି, ଜୁଲାଇ ମାସ ପାଇଁ ଲେଖା ପଠାଇଥିବା ସମସ୍ତ ଆଲେଖ୍ୟ ଏହି ପତ୍ରିକାରେ ସ୍ଥାନ ପାଇଛି । ସବୁଠାରୁ ଖୁସିର ବିଷୟ ବନ୍ଧୁମାନେ ଅଗଷ୍ଟ ମାସ ପାଇଁ ମଧ୍ୟ ଲେଖ ସବୁ ପଠାଇଛନ୍ତି ଏବଂ ସେମାନେ ବିଶ୍ୱାସ ରଖିଛନ୍ତି ଯେ ଆହ୍ୱାନ ନିଶ୍ଚୟ ଆସିବ ଏବଂ ସେମାନଙ୍କ ଲେଖା ନିଶ୍ଚୟ ପ୍ରକାଶିତ ହେବ । ଆପଣଙ୍କ ବିଶ୍ୱାସ ମୋର ପୁଞ୍ଜି । ଚଳିତ ସଂସ୍କରଣରେ ଦେଶାତ୍ମବୋଧକ ଆଲେଖ୍ୟ ପ୍ରକାଶିତ କରିବାର ଇଚ୍ଛା ଥିଲେ ସୁଦ୍ଧା ଜୁଲାଇ ମାସର ସଂସ୍କରଣ ପ୍ରକାଶିତ ନ ହେବା ହେତୁ ତାହା କରି ହେଲାନାହିଁ । କିନ୍ତୁ ଚଳିତ ମାସର ଅନେକ ଘଟଣାକ୍ରମ ସର୍ବସାଧାରଣଙ୍କ ମନରେ ଦେଶପ୍ରେମର ବହ୍ନିକୁ ଆହୁରି ଅଧିକ ଦିପ୍ତୀମନ୍ତ କରିଥିବ ଏଥିରେ ସନ୍ଦେହ ନାହିଁ । ଦୀର୍ଘ ସାତ ଦଶନ୍ଧିର ଅପେକ୍ଷା ପରେ ଜାମ୍ମୁକାଶ୍ମୀରକୁ ଆନୁଷ୍ଠାନିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବରେ ଭାରତରେ ସମ୍ମିଶ୍ରଣ କରିବାର ଯେଉଁ ପ୍ରୟାସ ହେଲା ତାହା କେବଳ ତ୍ରୁଟିହୀନ ନଥିଲା, ତାହା ସମଗ୍ର ଦେଶକୁ ଏକତ୍ରିତ କରିବାକୁ ଯଥେଷ୍ଟ ଥିଲା । ବହୁମତରେ ଏହି ରାଜ୍ୟକୁ ଭାରତର ଏକ କେନ୍ଦ୍ରଶାସିତ ଅଞ୍ଚଳ ଭାବରେ ପରିଣତ କରିଦେଇ ଏଠାରେ ଚାଲୁଥିବା ଆତଙ୍କବାଦୀ କାର୍ଯ୍ୟକଳାପ ସମେତ ବିପର୍ଯ୍ୟସ୍ତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଉନ୍ନତି କରିହେବ ବୋଲି ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧତା ଦେଖାଇଛନ୍ତି । ଆସନ୍ତୁ ଦୃଷ୍ଟିଦେବା ବିଗତ କିଛି ଦିନର ଘଟଣାବଳୀ ଉପରେ ।

### ଜାମ୍ମୁକାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେଲା

ଅନେକ ବର୍ଷରୁ ଏହାର ଦାବୀ ହୋଇ ଆସୁଥିଲା । ଭାରତୀୟ ଜନତା ପାର୍ଟି ମଧ୍ୟ ଏହାକୁ ନିଜର ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଇଥିଲା, କିନ୍ତୁ ଜାମ୍ମୁକାଶ୍ମୀରର ରାଜନୈତିକ ଦଳମାନେ ଏହାକୁ ନେଇ ବିଜେପିର ଆଭିମୁଖ୍ୟକୁ ସବୁବେଳେ ମିଛ ଓ ପ୍ରହେଳିକାମୟ ବୋଲି ପ୍ରଚାର କରି ଆସୁଥିଲେ । ଗଣମାଧ୍ୟମକୁ ଦେଇଥିବା ସୂଚନାରେ ଶେଖ୍ ଅବଦୁଲ୍ଲା ଏବଂ ମେହବୁବା ମୁଫତି କହିଥିଲେ ଯେ ମୋଦୀ ଦଶଥର ପ୍ରଧାନମନ୍ତ୍ରୀ ହେଲେ ବି ଧାରା ୩୭୦କୁ ଛୁଇଁ ପାରିବେ ନାହିଁ, ଯଦି ମୋଦୀ ଏହି ଧାରା କିମ୍ବା ୩୫-ଏ କୁ ଛୁଇଁବାକୁ ଚାହିଁବେ ତ ସେ ଧ୍ୱଂସ ହୋଇଯିବେ । କିନ୍ତୁ ସମସ୍ତ କଳ୍ପନାଜଳ୍ପନାକୁ ଅନ୍ତକରି ଚଳିତ ସରକାର ଚମତ୍କାର ଭାବରେ ତ୍ରୁଟିପୂର୍ଣ୍ଣ ପଦକ୍ଷେପ ନେଇ ଧାରା ୩୭୦ର ଉଚ୍ଛେଦ କରିବାରେ ସକ୍ଷମ ହୋଇଛନ୍ତି । ଅନେକ ରାଜନୈତିକ ଦଳ ଏହାକୁ ବିରୋଧ କରୁଥିବା ସତ୍ତ୍ୱେ ଏହା ସଂସଦର ଉଭୟ ଗୃହଦ୍ୱାରା ଅନୁମୋଦିତ ହୋଇ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରକାଶିତ ହୋଇଛି ।

ସୂଚନାଯୋଗ୍ୟ ଯେ ବିଗତ କିଛିଦିନ ତଳେ ହଠାତ୍ ଏକ ଅପ୍ରତ୍ୟାଶିତ ଘଟଣାବଳୀରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା ଶ୍ରୀ ଅଜିତ୍ ଦୋଭଲଙ୍କ କାଶ୍ମୀର ଗସ୍ତପରେ ପରେ ଘାଟିକୁ ଦଶହଜାର ସୈନ୍ୟବଳ ପ୍ରେରଣ କରାଯାଇଥିଲା । ଏହାପରେ ଅନେକ ପ୍ରକାର କଳ୍ପନାଜଳ୍ପନା ଚାଲିଥିଲା । ସୂଚନା ଦିଆଯାଇଥିଲା ଯେ ପାକିସ୍ତାନ ତରଫରୁ ତାଲିବାନଦ୍ୱାରା ଆକ୍ରମଣ ହେବାର ସମ୍ଭାବନାକୁ ଦେଖି ଏଭଳି ପଦକ୍ଷେପ ନିଆଯାଇଛି । ଏହାପରେ ପୁଣି ୨୫ ହଜାର ସୈନ୍ୟବଳ କାଶ୍ମୀରକୁ ପଠାଗଲା । କୁହାଗଲା ଅଗଷ୍ଟ ପନ୍ଦର ବେଳକୁ କୌଣସି ପ୍ରକାର ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଏହା କରାଯାଉଛି । କିନ୍ତୁ ରାଜନୈତିକ ଦଳମାନେ ସରକାରଙ୍କ ଏହିଭଳି ପଦକ୍ଷେପ ବିରୋଧରେ ସ୍ୱର ଉତ୍ତୋଳନ କରି କହିଥିଲେ ଯେ ସରକାର ଅନାବଶ୍ୟକ ଭାବରେ କାଶ୍ମୀର ଘାଟିରେ ଉତ୍ତେଜନା ସୃଷ୍ଟି କରିଛନ୍ତି । ଏହା ପରେ ପରେ ଅମରନାଥ ଯାତ୍ରାକୁ ମଝିରୁ ହିଁ ବନ୍ଦ କରିଦିଆଯାଇ ସମସ୍ତ ଭକ୍ତଙ୍କୁ ଯଥାଶୀଘ୍ର ନିଜ ରାଜ୍ୟକୁ ଫେରିଯିବାକୁ ନିର୍ଦ୍ଦେଶ ଜାରୀ କରାଗଲା । ଏହି ସବୁ ଘଟଣାବଳୀକୁ ଦେଖି ମେହେବୁବା ମୁଫତି ଭିନ୍ନ ଭିନ୍ନ ସଭାରେ ସରକାରଙ୍କୁ କାଶ୍ମୀରରେ କୌଣସି ପ୍ରକାର ଅପଚେଷ୍ଟା ନ କରିବା ପାଇଁ ଚେତାଇଲେ । ପରୋକ୍ଷରେ ଧମକ ଦେଇଥିଲେ ଯେ ଯଦି ସରକାର କାଶ୍ମୀରରେ କୌଣସି ଅପ୍ରତ୍ୟାଶିତ ପଦକ୍ଷେପ ନିଅନ୍ତି ତା ହେଲେ ଅଶାନ୍ତି ବଢ଼ିବ ଏବଂ ଅରାଜକତା ଅସମ୍ଭାଳ ହୋଇଯିବ ।

ଗତ ସପ୍ତାହର ଶେଷ ବେଳକୁ ହଠାତ୍ କାଶ୍ମୀର ବୁଲି ଆସିଥିବା ପର୍ଯ୍ୟଟକଙ୍କୁ ଫେରିଯିବା ପାଇଁ ଇସ୍ତହାର ଜାରୀ କରାଗଲା ଏବଂ କେହି କିଛି ବୁଝିବା ପୂର୍ବରୁ ସମସ୍ତ ବିରୋଧୀଦଳ ଏବଂ ପାକିସ୍ତାନ ସମର୍ଥକ ମାନଙ୍କୁ ଗୃହବନ୍ଦୀ କରିଦିଆଗଲା । ଏଥିରେ ମେହେବୁବା ମୁଫତି ସମେତ ଶେଖ ଅବଦୁଲା, ଓମର୍ ଅବଦୁଲା ଅନ୍ତର୍ଭୁକ୍ତ ଥିଲେ । ଘାଟିରେ ସମସ୍ତ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଧାରା ୧୪୪ଲାଗୁ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଆଗଲା । ଫୋନ, ଇଣ୍ଟର୍ନେଟ୍ ଆଦି ବ୍ୟବସ୍ଥା ବନ୍ଦ କରିଦିଆଗଲା । ରବିବାର ଅପରାହ୍ନରେ ଏ ସବୁ ହେବାପରେ ସମସ୍ତେ ଆଶା କରୁଥିଲେ ଯେ କାଶ୍ମୀରକୁ ନେଇ କିଛି ଗୋଟାଏ ବଡ଼ ନିଷ୍ପତ୍ତି ହୋଇପାରେ । ଏଥିପାଇଁ ସଂସଦରେ କଂଗ୍ରେସ ଦଳର ଗୁଲାମ୍ ନବୀ ଆଜାଦ୍ ପ୍ରଶ୍ନ କରିଥିଲେ ।

ସୋମବାର ପ୍ରତ୍ୟୁଷରୁ ଗୃହମନ୍ତ୍ରୀ ଅମିତ୍ ଶାହ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ତତ୍ତ୍ୱାବଧାନରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଭା ହେବାପରେ ପୂର୍ବାହ୍ନରେ ରାଜ୍ୟସଭାରେ ଗୃହମନ୍ତ୍ରୀ ଶ୍ରୀ ଅମିତ୍ ଶାହ ଧାରା ୩୭୦ ଉଚ୍ଛେଦ ଲାଗି ସଂଶୋଧନ ପ୍ରସ୍ତାବ ଆଣିଥିଲେ । କେହି ଅନୁମାନ କରିନଥିଲେ ଯେ ଏମିତି ଏକ ପଦକ୍ଷେପ ନିଆଯାଇ ପାରିବ । ବିରୋଧୀଙ୍କ ହଟଗୋଳ ମଧ୍ୟରେ ଗୃହମନ୍ତ୍ରୀ ଧାରା ୩୭୦ ବିରୋଧରେ ଅନେକ ତଥ୍ୟ ଉପସ୍ଥାପନ କରିବା ଏବଂ ସମସ୍ତ ଦଳଙ୍କ ମତ ଶୁଣିବା ପରେ ମତଦାନ ହୋଇଥିଲା ଏବଂ ଏହା ରାଜ୍ୟସଭାରେ ପାସ୍ ହୋଇଯାଇଥିଲା । ଏହାପରେ ଲୋକସଭାରେ ଏହାକୁ ନେଇ ହଟଗୋଳ ହେବା ସତ୍ତ୍ୱେ ବହୁମତରେ ପାସ ହୋଇଥିଲା ।

ଏହି ସଂଶୋଧନ ଫଳରେ ଜାମ୍ମୁକାଶ୍ମୀରର ସ୍ୱାୟତ୍ତତା କ୍ଷୟ କରି ଏହାକୁ ଦୁଇ ଭାଗରେ ବିଭାଜନ କରି ଦିଆଗଲା, ଜମ୍ମୁକଶ୍ମୀର ଏବଂ ଲଦାଖ ଅଞ୍ଚଳକୁ ଭିନ୍ନ ଭିନ୍ନ ଭାବରେ କେନ୍ଦ୍ର ଶାଶିତ ଅଞ୍ଚଳ ବୋଲି ଘୋଷଣା କରାଗଲା । ଯାହାଫଳରେ ଏଠାରେ ଲାଗୁ ହୋଇଥିବା ଧାରା ୩୭୦ ଏବଂ ୩୫-ଏ ଆଉ କାର୍ଯ୍ୟ କରିବ ନାହିଁ । ଏହି ରାଜ୍ୟରେ ରହୁଥିବା ବ୍ୟକ୍ତିମାନଙ୍କର ଦ୍ୱୈତ ନାଗରିକତା ରଦ୍ଧ ହେବ, ଜମ୍ମୁ କାଶ୍ମୀର ପାଇଁ ଅଲଗା ସମ୍ବିଧାନର ସମାପ୍ତ ହେବ, ସଂରକ୍ଷଣ ନିୟମ ଓ କଳାଧନ ନିରୋଧୀ ନିୟମ ଲାଗୁ ହେବ, ସୂଚନା ଅଧିକାର କାନୁନ(ଆରଟିଆଇ) ଓ ସିଏଜି ପରି କାନୁନ ମଧ୍ୟ ଲାଗୁ ହେବ, ବାହାର ରାଜ୍ୟର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକଙ୍କୁ ମଧ୍ୟ ଚାକିରି ମିଳିବ, ଦେଶର କୌଣସି ମଧ୍ୟ ନାଗରିକ ଚାକିରି ପାଇ ପାରିବେ, ଆର୍ଥିକ ଜରୁରୀକାଳୀନ ମଧ୍ୟ ଲାଗୁ ହୋଇପାରେ, ଧାରା ୩୭୦ ହଟିବା ପରେ ଏବେ ଦେଶର କୌଣସି ନାଗରିକ ମଧ୍ୟ ଜମ୍ମୁ-କାଶ୍ମୀରରେ ଜମି କିଣି ପାରିବେ, ସେଠାରେ ଭାରତୀୟ ଧ୍ୱଜ ବଦଳରେ ଅଲଗା ଧ୍ୱଜ ରହିଥିଲା । କିନ୍ତୁ ସେଠାରେ ଏବେ ଗୋଟିଏ ରାଷ୍ଟ୍ରଧ୍ୱଜ ରହିବ, ଅନ୍ୟ ରାଜ୍ୟ ପରି ଜମ୍ମୁ-କାଶ୍ମୀରରେ ଲାଗୁ ହେବ ପ୍ରତ୍ୟେକ ଆଇନ, ସମ୍ବିଧାନର ଧାରା ୩୫୬ ଲାଗୁ ହେବ, ଏଠାରେ ବିଧାନସଭାର କାର୍ଯ୍ୟକାଳ ୬ ବର୍ଷ ପରିବର୍ତ୍ତେ ୫ ବର୍ଷ ହେବ ଇତ୍ୟାଦି ।

ଏହି ନିଷ୍ପତ୍ତି ପରେ ସମଗ୍ର ଦେଶରେ ଏକ ଆନନ୍ଦର ପରିବେଶ ଦେଖିବାକୁ ମିଳିଥିଲା । ପ୍ରାୟ ସମସ୍ତ ରାଜ୍ୟରେ ଲୋକମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ । ଅନେକ ବର୍ଷରୁ ଥିବା ଏକ ସମସ୍ୟାକୁ ଏତେ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନର ପଥ ଦେଖାଇଥିବା ହେତୁ ଗୃହମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଥିଲେ । ଅବଶ୍ୟ ଏବେ ମଧ୍ୟ କିଛି ରାଜନୈତିକ ଦଳ ଏବଂ ବ୍ୟକ୍ତି ଏହି କାର୍ଯ୍ୟାନୁଷ୍ଠାନର ପ୍ରଣାଳୀକୁ ପ୍ରଶ୍ନବାଚୀ କରି ସରକାରଙ୍କ ସମାଲୋଚନା କରୁଛନ୍ତି । ଉପାୟ ଯାହା ବି ହେଉନା କାହିଁକି, ସମସ୍ୟାର ସମାଧାନ ଆମର ଦାବୀ ଥିଲା ଯାହା ସଂପୂର୍ଣ୍ଣ ହୋଇଛି ତେଣୁ ଆମେ ଖୁସି । ରୋଗ ଯେତେବେଳେ ଅନେକ ଦିନର ହୋଇଯାଏ, ତାହା ଚିକିତ୍ସାଯୋଗ୍ୟ ରହେ ନାହିଁ । ସେତେବେଳେ ଅସ୍ତ୍ରୋପଚାର କରିବାକୁ ଆବଶ୍ୟକ ହୋଇଯାଏ, କାଶ୍ମୀର ସମସ୍ୟ ମଧ୍ୟ କୌଣସି ଦୁରାରୋଗ୍ୟ ବ୍ୟାଧିଠାରୁ ଅଲଗା ନଥିଲା । ତେଣୁ ସରକାର ଏହିଭଳି ଭାବରେ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ । ଏହାକୁ କିଛି ବ୍ୟକ୍ତି ଅସଂବିଧାନିକ ବୋଲି ମଧ୍ୟ ମତ ଦେଉଛନ୍ତି, କିନ୍ତୁ ଏଥିପାଇଁ ସଂସଦର ଉଭୟ ଗୃହରେ ମତଦାନ ପ୍ରକ୍ରିୟା କରାଯାଇଛି ତେଣୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସଂବିଧାନିକ ବୋଲି କହିବା ଉଚିତ ହେବ ନାହିଁ । ହଁ କାଶ୍ମୀରର କିଛି ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା ଏବଂ ପରେ ବନ୍ଦୀ କରାଗଲା ତାହା ବିରୋଧରେ ସେମାନେ ବିକ୍ଷୋଦଗାର କରିବା ସ୍ୱାଭାବିକ । କିନ୍ତୁ ତାହା କରାଯାଇନଥିଲେ ହୁଏତ ସେଠାରେ ଗୃହଯୁଦ୍ଧ ଭଳି ସମସ୍ୟା ସୃଷ୍ଟି ହୋଇଥାନ୍ତା କିମ୍ବା ସାମାନ୍ୟ ଜନମାନସ ହତାହତ ହେବାର ସମ୍ଭାବନା ଥିଲା ବୋଲି ସରକାର ମତ ଦେଇଛନ୍ତି ।

## ସୁଷମା ସ୍ୱରାଜଙ୍କ ନିଧନ ଏକ ଅପୂରଣୀୟ କ୍ଷତି

ମୋଦୀ ସରକାରଙ୍କ ପ୍ରଥମ ଶାସନ କାଳରେ ବୈଦେଶିକ ମନ୍ତ୍ରୀ ରହିଥିବା ସୁଷମା ସ୍ୱରାଜଙ୍କ ଗତକାଲି ନିଧନ ହୋଇଯାଇଛି । ସେ ଶତଷଠି ବର୍ଷ ବୟସର ଥିଲେ ଏବଂ ଅନେକ ଦିନରୁ ହୃଦରୋଗରେ ପୀଡ଼ିତ ଥିଲେ । ଧାରା ୩୭୦ ବିଲୁପ୍ତ ହେବାର ପ୍ରକ୍ରିୟା ସମାପ୍ତ ହେବାପରେ ସେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଟ୍ୱିଟ୍ କରିବାପରେ ସଂଧ୍ୟା ନଅଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କୁ ତୁରନ୍ତ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ଭର୍ତ୍ତି କରାଯାଇ ପାଞ୍ଚଜଣିଆ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା କିନ୍ତୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ସୁଷମା ସ୍ୱରାଜଙ୍କ କ୍ଷତିକୁ ଅପୂରଣୀଅ ବୋଲି ଦଳମତ ନିର୍ବିଶେଷରେ ସମସ୍ତେ ମତ ଦେଇଥିଲେ । ତାଙ୍କର୍ ଅନ୍ତ୍ୟେଷ୍ଟି ସମୟରେ ସରକାରରେ ଥିବା ଅନେକ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବା ସହ ଅନେକ କୋହ ସମ୍ଭାଳିନପାରି କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଯେ ସେ ନିଜର କାର୍ଯ୍ୟକାଳରେ ଏକ ଦକ୍ଷ ରାଜନୈତିକ ଭାବରେ ଅନେକ ମାମଲାର ସମାଧାନ କରିଥିଲେ । ବିଦେଶରେ କଷ୍ଟ ଭୋଗୁଥିବା ଭାରତୀୟଙ୍କୁ ଫେରାଇ ଆଣିବାପାଇଁ ସେ ଯେଉଁ ବ୍ୟବସ୍ଥା କରୁଥିଲେ ତାହା ଅବର୍ଣ୍ଣନୀୟ । ଇରାନ ହେଉ ବା ସାଉଦୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରବ, ପାକିସ୍ତାନ ହେଉ ଅବା ଯେ କୌଣସି ଦେଶ । ଯେଉଁଠି ବି ଭାରତୀୟ ମାନେ କଷ୍ଟରେ ଥିଲେ ଟ୍ୱିଟ୍ କରିଦେଲେ ସେ ସମସ୍ତ ବ୍ୟବସ୍ଥା କରି ସେମାନଙ୍କୁ ଦେଶକୁ ଫେରାଇ ଆଣିବା ପାଇଁ କଷ୍ଟ କରୁଥିଲେ । ଅନେକ ପରିବାର ଏଥିପାଇଁ ମର୍ମାହତ ଯେ ସୁଷମା ସ୍ୱରାଜ ଆଉ ଫେରିବେ ନାହିଁ ।

ବିଜେପିରେ ଅଟଳ-ଆଡଭାନୀ ଯୁଗର ଉତ୍ତର ଦାୟାଦ ଭାବରେ ସେ ଦୀର୍ଘ ବର୍ଷ ଧରି ଦେଶର ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିଲେ । ଅତି ଅଳ୍ପ ବୟସରୁ ନିର୍ବାଚନ ରାଜନୀତିରେ ପାଦ ଥାପିଥିବା ସୁଷମା ସ୍ୱରାଜ ମାତ୍ର ୨୫ ବର୍ଷ ବୟସରେ ହରିଆନା ବିଧାନସଭାକୁ ନିର୍ବାଚିତ ହେବା ସହିତ ୨୭ ବର୍ଷ ବୟସରେ ହରିଆନା ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଥିଲେ । ଲୋକଦଳ ନେତା ଚୌଧୁରୀ ଦେବିଲାଲଙ୍କ ମନ୍ତ୍ରୀମଣ୍ଡଳରେ ସେ ଥିଲେ କନିଷ୍ଠତମ କ୍ୟାବିନେଟ ମନ୍ତ୍ରୀ । ୧୯୯୦ ପରଠୁ ଜାତୀୟ ରାଜନୀତିରେ ତାଙ୍କର ପ୍ରଭାବ ଓ ପ୍ରତିଷ୍ଠା ବଢି ଚାଲିଥିଲା । ୧୯୯୨ ବାବ୍ରୀ ମସଜିଦ ଭାଙ୍ଗିବା ଘଟଣା ପରଠାରୁ ବିଜେପିର ଯେଉଁ ଉତ୍ଥାନ ପର୍ବ ଆରମ୍ଭ ହୋଇଥିଲା ସେଥିରେ ସୁଷମାଙ୍କର ବିଶେଷ ଯୋଗଦାନ ରହିଥିଲା । ଅଟଳ-ଆଡଭାନୀ ଓ ଯୋଷୀଙ୍କ ପରେ ଯେଉଁ ତରୁଣ ବିଜେପି ନେତାମାନେ ସବୁଠୁ ଆଗରେ ରହିଥିଲେ, ସେମାନଙ୍କ ମଧ୍ୟରେ ସୁଷମା ଥିଲେ ଅନ୍ୟତମ । ପ୍ରମୋଦ ମହାଜନ, ଅରୁଣ ଜେଟଲି, ରାଜନାଥ ସିଂ, ଭେଙ୍କୟା ନାଇଡୁଙ୍କ ସମସାମୟିକ ସୁଷମା ସେତେବେଳେ ନିଜର ଅଗ୍ନିବର୍ଷୀ ଭାଷଣ ଲାଗି ବେଶ ପ୍ରସିଦ୍ଧ ଥିଲେ ।

ବିଜେପିର ସେ ବୋଧହୁଏ ଏକମାତ୍ର ନେତା ଥିଲେ ଯିଏ ଉଭୟ ଉତ୍ତର ଓ ଦକ୍ଷିଣ ଭାରତରୁ ନିର୍ବାଚନ ଲଢିଥିଲେ । କର୍ଣ୍ଣାଟକ, ଦିଲ୍ଲୀ, ହରିଆନା ଓ ମଧ୍ୟ ପ୍ରଦେଶରୁ ସେ ନିର୍ବାଚନ ଲଢିଛନ୍ତି । ହରିଆନାରୁ ମନ୍ତ୍ରୀ ଭାବରେ ରାଜନୈତିକ ସଫଳତାର ସ୍ୱାଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଖିଥିବା ସୁଷମା ୧୯୯୬ରେ ମାତ୍ର ୧୩ ଦିନ ପାଇଁ ଗଠିତ ଅଟଳ ବିହାରୀ ବାଜପାୟୀ ମନ୍ତ୍ରୀମଣ୍ଡଳରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ୧୯୯୮ ରେ ପୁଣିଥରେ ବାଜପାୟୀ ମନ୍ତ୍ରୀମଣ୍ଡଳରେ ସେ ସୂଚନା ଓ ପ୍ରସାରଣ, ଟେଲି ଯୋଗାଯୋଗ ଓ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ରହିଥିଲେ । ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ସେ ଅକ୍ଟୋବର ୧୯୯୮ ରେ ଅଳ୍ପ ସମୟ ଲାଗି ଦାୟିତ୍ୱ ନିର୍ବାହ କରିଥିଲେ । ୨୦୦୯ ରୁ ୨୦୧୪, ବିଜେପି ଯେତେବେଳେ କ୍ଷମତାକୁ ଫେରିବା ଲାଗି ସଂଘର୍ଷ କରୁଥିଲା, ସେହି ସମୟରେ ସୁଷମା ବିରୋଧୀ ଦଳ ନେତା ଭାବରେ କାମ କରିଛନ୍ତି । ୟୁପିଏ ସରକାରକୁ ସଫଳତାର ସହିତ ଘେରିବାରେ ତାଙ୍କର ବିଚକ୍ଷଣ ରାଜନୈତିକ ଅନୁଭବ ପରବର୍ତ୍ତୀ ସମୟରେ ବିଜେପିକୁ କ୍ଷମତାସୀନ ହେବାରେ ସହାୟକ ରହିଥିଲା ।

୨୦୧୪ରେ ନରେନ୍ଦ୍ର ମୋଦୀ ସରକାରେ ସେ ବୈଦେଶିକ ବ୍ୟାପାର ବିଭାଗର ମନ୍ତ୍ରୀ ଭାବରେ ପୂରା ପାଞ୍ଚ ବର୍ଷ କାମ କରିଥିଲେ । ଏହି ସମୟରେ ଜଣେ ଅତ୍ୟନ୍ତ ଉଦାରଚେତା, ସଂବେଦନଶୀଳ ଓ ସ୍ନେହୀ ମନ୍ତ୍ରୀ ଭାବରେ ତାଙ୍କର ଲୋକପ୍ରିୟତା ବଢି ଯାଇଥିଲା । ଟୁଇଟର ମାଧ୍ୟମରେ ବହୁ ଭାରତୀୟଙ୍କର ଜରୁରୀ ସମସ୍ୟାର ସମାଧାନ କରିବାରେ ସେ ଏକ ନୂଆ ରେକର୍ଡ ତିଆରି କରିଥିଲେ । ପାକିସ୍ତାନରେ ନିଖୋଜ ହୋଇଯାଇଥିବା ଭାରତୀୟ ଭିନ୍ନକ୍ଷମ ବାଳିକା ଗୀତାକୁ ଫେରାଇ ଆଣିବା ଓ ତାକୁ ନିଜ ଭଳି ଦାୟିତ୍ୱ ନେଇ ତା ପରିବାର ପାଖରେ ପହଞ୍ଚାଇବାର ବିରଳ ମାନବୀୟ ଗୁଣ ତାଙ୍କୁ ଅଧିକ ସ୍ମରଣୀୟ କରି ରଖିବ ।

୧୪, ସେପ୍ଟେମ୍ବର, ୧୯୫୩ ରେ ହରିଆନାର ଅମ୍ବାଲାଠାରେ ଜନ୍ମଗ୍ରହଣ କରିଥିବା ସୁଷମା ସ୍ୱରାଜ ଓକିଲ ଭାବରେ ତାଙ୍କର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ । ତାଙ୍କର ସାଥି ସ୍ୱରାଜ କୌଶଲ, ପରବର୍ତ୍ତୀ ସମୟରେ ତାଙ୍କର ଜୀବନ ସାଥି ମଧ୍ୟ ହୋଇଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନବୀୟ ସମ୍ବେଦନା ଓ ରାଜନୈତିକ ଶିଷ୍ଟାଚାରକୁ ସବୁଠୁ ଅଧିକ ଗୁରୁତ୍ୱ ଦେଉଥିବା ସୁଷମାଙ୍କ ବିୟୋଗରେ ଭାରତୀୟ ସାମାଜିକ ଜୀବନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ନିଶ୍ଚୟ ।

## ଧାରା ୩୭୦ ବିପକ୍ଷରେ ସମର୍ଥନ ଦେଲା ବିଜେଡ଼ି

ରାଜ୍ୟସଭାରେ ଯେତେବେଳେ ଗୃହମନ୍ତ୍ରୀ ଧାରା ୩୭୦ ଉଚ୍ଛେଦ ପାଇଁ ଆହ୍ୱାନ ଦେଇ ସଂଶୋଧନ ପାଇଁ ପ୍ରସ୍ତାବ ଆଣିଥିଲେ ସେତେବେଳେ ବିଜୁ ଜନତା ଦଳ ଏହାକୁ ସମର୍ଥନ ଜଣାଇଥିଲା । ଗୃହରେ ବିଜେଡ଼ିର ନେତା ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ନେଇ ମତ ଦେଇଥିଲେ ଯେ ବିଜୁ ଜନତା ଦଳ ଏକ ଆଞ୍ଚଳିକ ଦଳ ହୋଇଥିବା ସତ୍ତ୍ୱେ ଭାରତୀୟତା ଏବଂ ଦେଶପାଇଁ ସବୁବେଳେ ସକ୍ରିୟ ଏବଂ ସକାରାତ୍ମକ ପଦକ୍ଷେପକୁ ସମର୍ଥନ କରିବ ।

## ସମଗ୍ର ଦେଶରେ ବନ୍ୟାବିପ୍ରାତ ଜାରୀ

ବିଗତ କିଛିଦିନ ହେବ ଦେଶବ୍ୟାପୀ ବର୍ଷା ବିପ୍ରାତ ଫଳରେ ଓଡ଼ିଶା ସମେତ ଅନେକ ରାଜ୍ୟରେ ବନ୍ୟା ଭଳି ଅବସ୍ଥା ସୃଷ୍ଟି ହେବାରେ ଲାଗିଛି । ଓଡ଼ିଶା, ଆସାମ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଆଦି ରାଜ୍ୟ ମାନଙ୍କରେ ଅବସ୍ଥା ସଂକଟାପର୍ଣ୍ଣ ରହିଛି । ଅନେକ ସ୍ଥାନରେ ଜନଧନ ହାନୀ ହେବାର ଖବର ଆସିଛି । ଓଡ଼ିଶାର ଅନେକ ଜିଲ୍ଲାରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ଭୟାବହ ରହିଛି । ଅନେକ ସ୍ଥାନରେ ସଡ଼କ ଯୋଗାଯୋଗ ବିଛିନ୍ନ ହୋଇଥିବା ବେଳେ ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଆଦି ଜିଲ୍ଲାରେ ଅବସ୍ଥା ଅସମ୍ଭାଳ ହେବାକୁ ଲାଗିଛି ।

ଏହାଦ୍ୱାରା ଅନେକ ସ୍ଥାନରେ ଚାଷପ୍ରତି ପ୍ରତିକୂଳ ପ୍ରଭାବ ପଡ଼ିବା ସମ୍ଭାବନା ରହିଛି ବୋଲି ପରିବେଶବିଦ୍ ଏବଂ କୃଷି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ଧାରା ୩୭୦ ପ୍ରତ୍ୟାହାର ପରେ ପାକିସ୍ତାନ କିଂକର୍ତ୍ତବ୍ୟବିମୁଢ଼

ଭାରତର ଅପ୍ରତ୍ୟାଶିତ ଭାବରେ ଧାରା ୩୭୦ ବିଚ୍ଛେଦ କରିବା ଫଳରେ କାଶ୍ମୀରକୁ ନେଇ ଛାୟା ଯୁଦ୍ଧ ଚଳାଇଥିବା ପାକିସ୍ତାନକୁ ଏକ ଶକ୍ତ ଧକ୍କା ଲାଗିଛି । ସୂଚନାଯୋଗ୍ୟ ଯେ ଦୁଇ ସପ୍ତାହ ପୂର୍ବରୁ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ଆମେରିକା ଗସ୍ତ ସମୟରେ ଡୋନାଲ୍ଡ୍ ଟ୍ରମ୍ପ୍ କହିଥିଲେ ଯେ କାଶ୍ମୀର ମାମଲାରେ ସେ ମଧ୍ୟସ୍ଥତା କରିବାକୁ ଇଚ୍ଛୁକ ଅଛନ୍ତି ଏବଂ ଏହାକୁ ନେଇ ପାକିସ୍ତାନୀ ପ୍ରଶାସନ ବହୁତ ଉତ୍ସାହିତ ହୋଇଥିଲେ ମଧ୍ୟ କିନ୍ତୁ ଭାରତର ପଦକ୍ଷେପ ସେମାନଙ୍କ ସମସ୍ତ ଧାରଣାକୁ ନଷ୍ଟ କରିଦେଇଛି । ବିଭିନ୍ନ ସ୍ଥାନରେ ଏହାକୁ ନେଇ ବିକ୍ଷୋଭ ପ୍ରଦର୍ଶନ ହେଉଥିବା ବେଳେ ପ୍ରଶାସନିକ ସ୍ତରରେ ବାକଯୁଦ୍ଧ ଆରମ୍ଭ ହୋଇଛି ଏବଂ ଭାରତ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇପାରେ ବୋଲି ପରୋକ୍ଷରେ ଧମକ ବି ଦିଆଯାଉଛି ।

କିନ୍ତୁ ଦୁର୍ଭାଗ୍ୟର ବିଷୟ ପାକିସ୍ତାନ ଏହି ମାମଲାକୁ ନେଇ ସଂଯୁକ୍ତରାଷ୍ଟ୍ରରେ ଅଭିଯୋଗ ବାଢ଼ିବା କଥା କହୁଥିବା ବେଳେ ସଂଯୁକ୍ତରାଷ୍ଟ୍ରର ମହାସଚିବ କିନ୍ତୁ ଏହି ମାମଲାରେ କିଛି କହିବାକୁ ଏଡ଼ାଇ ଯାଇ ଉଭୟ ରାଷ୍ଟ୍ର ଶାନ୍ତି ରକ୍ଷା କରିବା କଥା କହିଛନ୍ତି । ପାକିସ୍ତାନ ତରଫରୁ ଯୋଗାଯୋଗ କରାଯିବା ସତ୍ତ୍ୱେ ଅନ୍ୟୁନ ପଚିଶିଟି ରାଷ୍ଟ୍ର କୌଣସି ପ୍ରତିକ୍ରିୟା ଦେବାକୁ ଚାହିଁ ନାହାନ୍ତି । ଏବଂ ଆମେରିକା ସମେତ ଅନେକ ରାଷ୍ଟ୍ର ଭାରତର ଏହି ପଦକ୍ଷେପକୁ ଏହାର ଅଭ୍ୟନ୍ତରୀଣ ବ୍ୟାପାର ବୋଲି କହିଛନ୍ତି ।

## ଆତଙ୍କୀ ଆକ୍ରମଣ କରାଇବା ଧମକ ଦେଲେ ଇମ୍ରାନଖାନ୍

ଧାରା ୩୭୦ ବିଚ୍ଛେଦ ହେବାପରେ ପାକିସ୍ତାନର ସଂସଦର ଏକ ବିଶେଷ ଅଧିବେଶନରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଭାରତ ବିରୋଧରେ ବିଷ ଉଗାଳିଛନ୍ତି । ଭାଷଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଳରେ ସେ କହିଛନ୍ତି ଯେ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇବ ଏବଂ ପୁଲ୍‌ୱାମା ଆକ୍ରମଣ ଭଳି ଘଟଣା ଆହୁରି ବୃଦ୍ଧି ପାଇବ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା ଦ୍ୱାରା ପରମାଣୁ ଶକ୍ତି ସମ୍ପର୍ନ୍ନ ଦୁଇ ଦେଶ ମଧ୍ୟରେ ଯୁଦ୍ଧଭଳି ପରିସ୍ଥିତି ସୃଷ୍ଟି ହେଇଛି ଏବଂ ଏହା ଭୟଙ୍କର ରୂପ ନେଇପାରେ ।

ଇମ୍ରାନଙ୍କ ଧମକ ସମ୍ବଳିତ ଏହି ସବୁ ବାର୍ତ୍ତା ଭାରତ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନଥିଲେ ସୁଦ୍ଧା ପାକିସ୍ତାନୀ ଜନତା କିନ୍ତୁ ବେଳ ହୁଁ ସାବଧାନ ହେବାର ଦେଖାଯାଇଛି । ସୂଚନା ମିଳିଛି ଯେ ପାକିସ୍ତାନର ଲୋକମାନେ ବ୍ୟାଙ୍କ ସାମନାରେ ଲମ୍ବା ଧାଡ଼ି ଲଗାଇ ବ୍ୟାଙ୍କରେ ରଖିଥିବା ନିଜର ସମସ୍ତ ଅର୍ଥ ବାହାର କରି ନେଉଛନ୍ତି । ଯଦି ଭାରତ ସହ ଯୁଦ୍ଧ ଭଳି ଅବସ୍ଥା ଉପୁଜେ ତା ହେଲେ ସମ୍ଭବତଃ ପାକିସ୍ତାନ ସରକାର ବ୍ୟାଙ୍କର ସମସ୍ତ ଏକାଉଣ୍ଟ୍ ବନ୍ଦ କରିଦେଇ ସେଇ ଅର୍ଥରେ ଯୁଦ୍ଧ ଲଢ଼ିବାକୁ ମନ ବଳାଇ ପାରନ୍ତି ବୋଲି ଶୁଣାଯାଉଛି । ସୂଚନାଯୋଗ୍ୟ ଯେ ଭାରତର ବାୟୁସେନା ଦ୍ୱାରା ହୋଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍ ପରଠାରୁ ପାକିସ୍ତାନର ଅର୍ଥନୈତିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି । କୌଣସି ଦେଶ ପାକିସ୍ତାନକୁ ଋଣ ଦେବାକୁ ମନା କରୁଥିବା ବେଳେ ଦେଶ ଚଳାଇବା ପାଇଁ ଆବଶ୍ୟକ ଅର୍ଥର ଘୋର ଅଭାବ ଦେଖାଦେଇଛି ।

## ଭାରତ ସହ କୂଟନୈତିକ ସମ୍ପର୍କ ଛିନ୍ନ କଲା ପାକିସ୍ତାନ

ଭାରତ ସହ ସମସ୍ତ ପ୍ରକାର କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବାକୁ ପାକିସ୍ତାନ ନିଷ୍ପତ୍ତି ନେଇଛି । ଏଥିସହ ଇସ୍‌ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ବହିଷ୍କାର କରିଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଇସ୍‌ଲାମାବାଦସ୍ଥିତ ଅଫିସ୍‌ରେ ବୁଧବାର ଅନୁଷ୍ଠିତ ଜାତୀୟ ସୁରକ୍ଷା କମିଟି (ଏନ୍‌ଏସ୍‌ସି)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୈଠକ ପରେ ଏହି ପଦକ୍ଷେପ ନିଆଯାଇଛି । ଭାରତ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପ୍ରତିବାଦରେ ପାକିସ୍ତାନ ଏପରି କରିଥିବା ଏକ ବିବୃତିରେ କୁହାଯାଇଛି । ଜମ୍ମୁ-କଶ୍ମୀରକୁ ନେଇ ଭାରତର ସଦ୍ୟ ପଦକ୍ଷେପ ପରେ ପାକିସ୍ତାନ ଛାନିଆ ହୋଇଯାଇଛି । ଏଥିଯୋଗୁ ଭାରତରେ ପୁଣି ପୁଲୱାମା ଭଳି ଆକ୍ରମଣ ହେବ ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ୍ ମଙ୍ଗଳବାର ଧମକ ଦେଇ ଯୁଦ୍ଧଭୟ ଦେଖାଇଥିଲେ । ଏହାର ଦିନକ ପରେ ଏନ୍ଏସ୍ସି ବୈଠକରେ ସେ ଅଧ୍ୟକ୍ଷତା କରିଛନ୍ତି । ଏଥିରେ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ, କଶ୍ମୀର ବ୍ୟାପାରର ପରାମର୍ଶଦାତା, ତିନି ସେନା ମୁଖ୍ୟ, ଆଇଏସ୍ଆଇ ମୁଖ୍ୟଙ୍କ ସମେତ ଅନେକ ପ୍ରଶାସନିକ ଓ ସାମରିକ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ କଶ୍ମୀର ସମ୍ପର୍କରେ ଭାରତର ନିଷ୍ପତ୍ତିକୁ ଏକତରଫା ଓ ବେଆଇନ ବୋଲି ସେମାନେ ଅଭିହିତ କରିଥିଲେ । କଶ୍ମୀରୀଙ୍କ ସମର୍ଥନରେ ପାକିସ୍ତାନ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ପାଳନ କରିବ । ସେହିପରି ଭାରତର ସ୍ୱାଧୀନତା ଦିବସ ଅଗଷ୍ଟ ୧୫କୁ କଳାଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ନୂଆଦିଲ୍ଲୀ ସହ ଦ୍ୱିପକ୍ଷିକ ସମୀକ୍ଷା କରିବା ଏବଂ ଭାରତର ପଦକ୍ଷେପ ନେଇ ଜାତିସଂଘ ସୁରକ୍ଷା ପରିଷଦରେ ଆପତ୍ତି ଉଠାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିବା କୁହାଯାଉଛି । ସୀମାରେ ସେନାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପୂର୍ବରୁ ପାକିସ୍ତାନ ପାର୍ଲାମେଣ୍ଟର ଜରୁରିକାଳୀନ ମିଳିତ ଅଧିବେଶନରେ ଇମ୍ରାନ୍ଙ୍କ ଘନିଷ୍ଠ ସହଯୋଗୀ ତଥା ମନ୍ତ୍ରୀ ଫୱାଦ୍ ଚୌଧ୍ରୀ କହିଥିଲେ, ଭାରତୀୟ ରାଷ୍ଟ୍ରଦୂତ ଏଠାରେ କାହିଁକି ଅଛନ୍ତି ଏବଂ ଆମ ରାଷ୍ଟ୍ରଦୂତ ସେଠାରେ କ'ଣ କରୁଛନ୍ତି । ଆମେ କାହିଁକି ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଛିନ୍ନ ନ କରିବା । ଯଦି କୌଣସି କୂଟନୀତି ନାହିଁ ତେବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୂଟନୀତିଜ୍ଞଙ୍କ ଉପରେ କାହିଁକି ଅର୍ଥ ବ୍ୟୟ କରିବା ବୋଲି ପ୍ରଶ୍ନ କରିଥିଲେ । ସେ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ଜଣେ ଭଲ ବ୍ୟକ୍ତି ଭାବେ ପ୍ରଶଂସା କରିଥିବାବେଳେ ଭାରତ ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରିଥିଲେ । ଏହାର କିଛି ସମୟ ପରେ ପାକିସ୍ତାନ ଉଚ୍ଚାୟୁକ୍ତ ଅଜୟଙ୍କୁ ବହିଷ୍କାର କରିଥିବା ନେଇ ସେଠାକାର ବହିର୍ବ୍ୟପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଘୋଷଣା କରିଛନ୍ତି । ଭାରତରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତ ମୋଇନ୍-ଉଲ୍-ହକ୍‌ଙ୍କୁ ନୂଆଦିଲ୍ଲୀରୁ ପ୍ରତ୍ୟାହାର କରିନେଇଛି ଇସ୍‌ଲାମାବାଦ ।

## ପାକିସ୍ତାନରେ ଭାରତ ସମର୍ଥିତ ପୋଷ୍ଟର ଲାଗିଲା

ଭାରତରେ ଧାରା ୩୭୦ ପ୍ରତ୍ୟାହାର ପାଇଁ ଚର୍ଚ୍ଚା ଚାଲିଥିବା ବେଳେ ରାଜ୍ୟସଭାରେ ଶିବସେନା ସାଂସଦ ସଞ୍ଜୟ ରାଉତ ଦେଇଥିବା ବୟାନ "ଏବେ କାଶ୍ମୀରକୁ ଭାରତର ଗଣରାଜ୍ୟର ଅଂଶ ବୋଲି ଘୋଷଣା କରିବା ପରେ ଆମେ ପାକିସ୍ତାନ ଅଧିକୃତ କାଶ୍ମୀର ଏବଂ ପରେ ବେଲୁଚିସ୍ତାନ ମଧ୍ୟ ନେବୁ ।" ମନ୍ତବ୍ୟ ଆଧାରରେ ବିଳମ୍ବିତ ସନ୍ଧ୍ୟାରେ କେହିଜଣେ ଟ୍ୱିଟ୍ କରି ମହାଭାରତ ବୋଲି ଲେଖି ଏହି ସବୁ ମନ୍ତବ୍ୟ ପୋଷ୍ଟ କରିଥିଲେ, କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହାପରଦିନ ପାକିସ୍ତାନର ପ୍ରମୁଖ ସହର ଇସଲାମାବାଦର ସଡ଼କ ଦୁଇପାର୍ଶ୍ୱରେ ଏହି ସନ୍ଦେଶ ସମ୍ବଳିତ ପୋଷ୍ଟରମାନ ଦେଖିବାକୁ ମିଳିଥିଲା ।

ଜନୈକ ପାକିସ୍ତାନୀ ଅଧିବାସୀଙ୍କ ମୋବାଇଲରେ ନିଆଯାଇଥିବା ଛବିରେ ଏହା ସ୍ପଷ୍ଟ ଭାବରେ ଦେଖା ଦେଇଛି । ଅବଶ୍ୟ ଏହା ପ୍ରସାର ହେବାପରେ ସ୍ଥାନୀୟ ପ୍ରଶାସନ ସମସ୍ତ ପୋଷ୍ଟରକୁ ବାହାର କରିବାପାଇଁ ତତ୍ପରତା ଦେଖାଇଥିଲେ କିନ୍ତୁ ପାକିସ୍ତାନରେ ଭାରତ ସମର୍ଥନରେ ପୋଷ୍ଟର ଲାଗିବା ଭଳି ଘଟଣା ବାସ୍ତବରେ ଏକ ଆଶ୍ଚର୍ଯ୍ୟଜନକ ବୋଲି ଅନେକ ମତ ଦେଇଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

## ଜାମ୍ମୁକାଶ୍ମୀର ଅଭ୍ୟନ୍ତରୀଣ ମାମଲା ନୁହେଁ : କଂଗ୍ରେସ ସାଂସଦ

ଧାରା ୩୭୦ ମାମଲାର ଚର୍ଚ୍ଚା ସଂସଦରେ ଚାଲୁଥିବା ବେଳେ କଂଗ୍ରେସ ସାଂସଦ ଅଧିର ରଞ୍ଜନ ଚୌଧୁରୀ କହିଥିଲେ ଯେ କାଶ୍ମୀର ଭାରତର ଅଭ୍ୟନ୍ତରୀଣ ମାମଲା ନୁହେଁ । ଏହା ସଂଯୁକ୍ତରାଷ୍ଟ୍ରରେ ଏକ ବିବାଦାସ୍ପଦ ଅଞ୍ଚଳ ହେଇଥିବାରୁ ଏହାଉପରେ ଭାରତ ସରକାର କୌଣସି ପଦକ୍ଷେପ ନେବା ଉଚିତ ନୁହେଁ । ଏହାକୁ ନେଇ ଅନେକ ବାକବିବାଦ ହୋଇଥିଲା ଏବଂ କଂଗ୍ରେସ ଦଳର ଅନେକ ସଦସ୍ୟ ମଧ୍ୟ ଏହି ମାମଲାରେ ନିରପେକ୍ଷ ରହିବାକୁ ଉଚିତ ମନେ କରିଥିଲେ ।

ଧାରା ୩୭୦ ପ୍ରତ୍ୟାହାର ହେବାପରେ ଅନେକ କଂଗ୍ରେସ ନେତା ଏହାକୁ ସମର୍ଥନ କରିଥିଲେ ସୁଦ୍ଧା ଯେଉଁଭଳି ଭାବରେ ଏହା ହେଲା ତାହାକୁ ନିନ୍ଦା କରିଛନ୍ତି ।

## ଦୁଃସାହାସ କରନାହିଁ, ପାକିସ୍ତାନକୁ ଚେତାଇଲା ଆମେରିକା

ଧାରା ୩୭୦ ପ୍ରତ୍ୟାହାର ହେଲାପରେ ଅତ୍ୟନ୍ତ ଉତ୍ୟକ୍ତ ହୋଇଥିବା ପାକିସ୍ତାନକୁ ଆମେରିକା ପ୍ରଶାସନ ତରଫରୁ କୌଣସି ପ୍ରକାର ଦୁଃସାହାସ ନ କରିବାପାଇଁ ସଚେତନ କରାଯାଇଛି । ନିୟନ୍ତ୍ରଣ ରେଖାଉପରେ କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ସହଯୋଗ କରିବାକୁ ମନା କରିଛି ଆମେରିକା । ଏହା ସହିତ ନିଜ ଭୂମିରେ ଥିବା ଆତଙ୍କବାଦୀ ଶିବିର ଗୁଡ଼ିକ ଉପରେ ଶକ୍ତ କାର୍ଯ୍ୟ କରିବାପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛି ।

ଆମେରିକା ହାଉସ୍ ଆଫାୟାର୍ସ୍ କମିଟିର ଚେୟାରମେନ୍ ଏଲିଏଟ୍ ଏଲ୍ ଏଙ୍ଗେଲ୍ ଏବଂ ସିନେଟର୍ ବବ୍ ମେନେଣ୍ଡେଜ୍ ମିଳିତ ବକ୍ତବ୍ୟରେ ଏହା କହିଛନ୍ତି । ସେମାନେ ମତ ଦେଇଛନ୍ତି ଯେ ଦୁନିଆର ସର୍ବବୃହତ ଲୋକତନ୍ତ୍ର ହୋଇଥିବା ହେତୁ ଭାରତ ସମ୍ମୁଖରେ ନିଜର ସମସ୍ତ ନାଗରିକଙ୍କ ସୁରକ୍ଷା ଏବଂ ସମାନ ଅଧିକାରକୁ ପ୍ରୋତ୍ସାହିତ କରିବାର ଦାୟିତ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଛି । ଏହିଭଳି ସମସ୍ତଙ୍କ ପାଇଁ ସବୁପ୍ରକାରର ସ୍ୱତନ୍ତ୍ରତା ସୁନିଶ୍ଚିତ କରିବା, ସୂଚନା ଉପଲବ୍ଧ କରିବା ଏବଂ ଆଇନ ମୁତାବକ ସମାନ ସଂରକ୍ଷଣ ଦେବାର ସୁଯୋଗ ରହିଛି ।

ଏହା ସମେତ ପାକିସ୍ତାନକୁ ନିୟନ୍ତ୍ରଣ ରେଖା ପାର କରାଇ ଆତଙ୍କବାଦୀ କାର୍ଯ୍ୟକଳାପ ନ କରିବା ଏବଂ ଭାରତ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବାପାଇଁ ଚେତାବନୀ ବି ଦିଆଯାଇଛି ।

## ସଫଳ ପ୍ରକ୍ଷେପଣ ହେଲା ଚନ୍ଦ୍ରଯାନ - ୨

ଭାରତର ବହୁ ଆକାଂକ୍ଷିତ ଚନ୍ଦ୍ରଯାନ ଅଭିଯାନ ଜୁଲାଇ ୨୨ ତାରିଖ ଅପରାହ୍ନ ୨ଟା ୪୩ ମିନିଟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ପ୍ରକ୍ଷେପଣ ସ୍ଥଳରୁ ସଫଳତାର ସହ ପ୍ରେରଣ କରାଯାଇଛି । ସମ୍ପୂର୍ଣ୍ଣ ଭାବରେ ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଚନ୍ଦ୍ରଯାନ ଏହାର ଏକ ସପ୍ତାହ ପୂର୍ବରୁ ପ୍ରେରଣ ପାଇଁ ସ୍ଥିର ହୋଇଥିଲେ ସୁଦ୍ଧା ଏହା ବୈଷୟିକ ତ୍ରୁଟି ହେତୁ ପ୍ରେରଣ ହୋଇ ପାରିନଥିଲା । ୧୪୫ ମିଲିୟନ୍ ଡଲାର ବ୍ୟୟରେ ନିର୍ମିତ ଏହି ଚନ୍ଦ୍ରଯାନ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାକୁ ଅନ୍ୟୁନ ଆଠ ସପ୍ତାହ ସମୟ ନେବ ବୋଲି ଜଣାଯାଇଛି ।

ଏହାର ସଫଳତା ପରେ ଭାରତ ପ୍ରାକ୍ତନ ସୋଭିଏତ୍ ୟୁନିଅନ୍, ଆମେରିକା ଏବଂ ଚୀନ ପରେ ଚତୁର୍ଥ ଦେଶ ହେବ । ଏଥିପାଇଁ ସରକାର ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଧନ୍ୟବାଦ ଜଣାଇବା ସହିତ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ତିନି ତଲାଖ୍ ବିଲ୍ ସଂସଦ ଦ୍ୱାରା ମୋହର ପାଇଲା

ମୁସଲିମ୍ ସମାଜରେ ପ୍ରଚଳିତ ତିନି ତଲାଖ ବ୍ୟବସ୍ଥା ଯାହା ଦ୍ୱାରା 'ତଲାଖ୍' ଶବ୍ଦକୁ ତିନିଥର କହିଦେଲେ ବିବାହ ବିଚ୍ଛେଦ ହେଉଥିଲା, ଏହି ବ୍ୟବସ୍ଥା ବିରୋଧରେ ସରକାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିୟମ ପ୍ରଣୟନ କରିଛନ୍ତି ଏବଂ ଏହି ସଂକ୍ରାନ୍ତିୟ ବିଲ୍ ସଂସଦର ଅନୁମୋଦନ ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ବିଜ୍ଞପିତ ହୋଇଛି । ବିନା ଯଥେଷ୍ଟ କାରଣରେ ଯଦି କୌଣସି ବ୍ୟକ୍ତି ଅନ୍ୟାୟୋଚିତ ଭାବରେ ତିନି ତଲାଖ ଦିଅନ୍ତି ତା ହେଲେ ତାଙ୍କୁ ତିନିବର୍ଷର ଦଣ୍ଡବିଧାନ କରାଯିବ ।

ସୂଚନାଯୋଗ୍ୟ ଯେ ଏହି ବ୍ୟବସ୍ଥାଦ୍ୱାରା ଅନେକ ମହିଳା ଅସହ୍ୟ ଯନ୍ତ୍ରଣା ଭୋଗ କରୁଥିଲେ । ବିନା କାରଣରେ ପୁରୁଷମାନେ 'ତଲାଖ' ଦେବାର ଧମକ ଦେଉଥିଲେ ଏବଂ ପ୍ରତ୍ୟକ୍ଷରେ ନ ହେଲେ ସୁଦ୍ଧା ହ୍ୱାଟ୍ସଆପ୍ ଏବଂ ଚିଠି ବା ଇମେଲ୍ ଦ୍ୱାରା ମଧ୍ୟ ତଲାଖ୍ ଦେଇ ବିବାହକୁ ରଦ୍ଦ କରି ଦେଉଥିଲେ ଏବଂ ଏହାପରେ ସେହି ମହିଳା ମାନଙ୍କ ଚଳିବା ହେତୁ ବ୍ୟବସ୍ଥା କରିବାପାଇଁ ଅସୁବିଧା ହେଉଥିଲା ।

## ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜିଙ୍କୁ  ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି । ଆଜି ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ତାଙ୍କ ସହ ସମାଜସେବୀ ନାନାଜୀ ଦେଶମୁଖ ଓ ସଂଗୀତଜ୍ଞ ଭୂପେନ ହଜାରିକାଙ୍କୁ ମଧ୍ୟ ଭାରତ ରତ୍ନ ପ୍ରଦାନ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ,ଗୃହମନ୍ତ୍ରୀ ଅମିତ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥିତ ଥିଲେ । ଆସାମର ପ୍ରସିଦ୍ଧ ସଂଙ୍ଗୀତଜ୍ଞ ଭୁପେନ ହଜାରିକାଙ୍କୁ ଓ ସମାଜସେବୀ ନାନାଜୀ ଦେଶମୁଖଙ୍କୁ ମରଣୋତ୍ତରଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି ।

ଏହି ତିନିଜଣଙ୍କୁ ଭାରତ ରତ୍ନ ପ୍ରଦାନ ସଂପର୍କରେ ଗତ ଜାନୁୟାରୀ ମାସରେ ଘୋଷଣା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇଥିଲା । ତେବେ ପ୍ରଣବଙ୍କୁ ଭାରତ ରତ୍ନ ଦେବାକୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା ହୋଇଥିଲା ।

## କାଶ୍ମୀରରେ ବିନିବେଶ ପାଇଁ କମ୍ପାନୀମାନେ ଆଗଭର

ଜମ୍ମୁକାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପରେ ଏବେ ଶିଳ୍ପ ସମୃଦ୍ଧିର ନୂଆ ଆଶା ଦେଖାଦେଇଛି । କାରଣ କିଛି କମ୍ପାନି ଏବେ ଜମ୍ମୁକାଶ୍ମୀରରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ତେବେ ଶିଳ୍ପ ହେଲେ ଏଠାକାର ଯୁବପିଢ଼ି ନିଯୁକ୍ତିର ସୁଯୋଗ ପାଇବେ । ଯାହାକି ପରୋକ୍ଷ ଭାବେ ଜମ୍ମୁକାଶ୍ମୀରର ଉନ୍ନତିରେ ସାହାଯ୍ୟ କରିବ । ବର୍ତ୍ତମାନ କୋଟକ ମହିନ୍ଦ୍ରା ବ୍ୟାଙ୍କ ପ୍ରଥମ କମ୍ପାନି ଭାବେ ଆଗ୍ରହ ପ୍ରକାଶ କରିଛି । ଏହାର ଅଧ୍ୟକ୍ଷ ଉଦୟ କୋଟକ କହିଛନ୍ତି ଯେ ଜମ୍ମୁକାଶ୍ମୀରକୁ ଆର୍ଥିକ ଭାବେ ସମୃଦ୍ଧି କରାଇବାର ସମୟ ଆସିଛି ।

ଏହି ରାଜ୍ୟରେ ବିକାଶର ପ୍ରଚୁର ସମ୍ଭାବନା ଥିବା ସହ ପ୍ରତିଭା ଭରପୂର ହୋଇ ରହିଛନ୍ତି । ସେହିପରି ଦୁଗ୍ଧ କ୍ଷେତ୍ରରେ ଭାରତର ସବୁଠାରୁ ବଡ କମ୍ପାନୀ ଅମୁଲ ଇଣ୍ଡିଆ ମଧ୍ୟ କାଶ୍ମୀରରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଛି । ଅନ୍ୟପଟେ ହେଲମେଟ ନିର୍ମାଣ କମ୍ପନୀ ଷ୍ଟିଲ ବାର୍ଡ଼ ମଧ୍ୟ ଜମ୍ମୁକାଶ୍ମୀରରେ ଏକ ଶିଳ୍ପ ସ୍ଥାପନ କରିବାର ଯୋଜନା ଥିବାର କହିଛି । ହୋଟେଲ ଭିତ୍ତିକ କମ୍ପାନୀ ଲେମନ ଟ୍ରି ମଧ୍ୟ ଗୁଲମର୍ଗ ଓ ସୋନମର୍ଗରେ ହୋଟେଲ ଖୋଲିବାକୁ ଯୋଜନା ପ୍ରସ୍ତୁତ କରିଛି ।ପୂର୍ବରୁ ଜମ୍ମୁକାଶ୍ମୀରରେ କୋକାକୋଲା, ରେଡିସନ, ଡାବର ଓ ବର୍ଜର ପେଣ୍ଟସ ସେମାନଙ୍କ ଶିଳ୍ପ ସ୍ଥାପନ କରିସାରିଛନ୍ତି । ଏଠାରେ ସୂଚନା ଥାଉ କି ଜମ୍ମୁକାଶ୍ମୀରରେ ଯୁବପିଢିଙ୍କ ପାଖରେ ନିଯୁକ୍ତି ସୁଯୋଗ ନ ଥିବାରୁ ବିଚ୍ଛିନ୍ନତାବାଦୀ ନେତାମାନେ ଅର୍ଥ ଲୋଭ ଦେଖାଇ ଭାରତ ବିରୋଧରେ.ସେମାନଙ୍କୁ ବ୍ୟବହାର କରୁଛନ୍ତି । ଧାରା ୩୭୦ ହଟିଯିବା ପରେ ଅନେକ ପ୍ରତିବନ୍ଧକ ସମାପ୍ତ ହୋଇଯାଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଗତ ମାସ ଭାରତର ଗଣତନ୍ତ୍ରର ଏକ ବ୍ୟସ୍ତବହୁଳ ସମୟ ଥିଲା, ଚଳିତ ସରକାର ବଜେଟ୍ ଅଧିବେଶନରେ ସର୍ବାଧିକ ୩୫ଟି ବିଧେୟକ ପାସ୍ କରାଇ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ବିନା ଦ୍ୱିଧାରେ ଅନେକ ନୂତନ ଏବଂ ପୁରାତନ ବିଧେୟକକୁ ପାସ୍ କରାଇବାରେ ସରକାରଙ୍କ ସଫଳତାକୁ ଦେଖିଲେ ଦେଶରେ ଦୃତ ପରିବର୍ତ୍ତନ ହେବାକୁ ନେଇ ଅନେକେ ଆଶାବାଦୀ ହୋଇଛନ୍ତି ।

ଗତକାଲି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶକୁ ସମ୍ବୋଧିତ କରି ଧାରା ୩୭୦ର ଦୁଷ୍ପ୍ରଭାବ ଏବଂ ନୂତନ ବ୍ୟବସ୍ଥାଦ୍ୱାରା କେମିତି ଜାମ୍ମୁକାଶ୍ମୀରରେ ଉନ୍ନତି ହେବ ତଥା ଦେଶରେ ଶାନ୍ତି ସ୍ଥାପନ ହେବ ସେହି ବିଷୟରେ ବିଷଦ ଭାବରେ ଜଣାଇଥିଲେ । ଆଗରୁ କୌଣସି ପ୍ରଧାନମନ୍ତ୍ରୀ ଏହିଭଳି ଭାବରେ ଦେଶକୁ ସମ୍ବୋଧନ କରିବାର ଉଦାହରଣ ନାହିଁ ।

ଜୁଲାଇ ମାସର ସଂସ୍କରଣ ଏବଂ ଅଗଷ୍ଟମାସର ସଂସ୍କରଣକୁ ଏକତ୍ରିତ କରି ଆମର ଏହି ବିଶେଷ ସଂସ୍କରଣ ଆଶା କରୁଛି ଆପଣମାନଙ୍କୁ ଭଲ ଲାଗିବ । ଆପଣଙ୍କ ସହଯୋଗ ବଜାୟ ରଖନ୍ତୁ । ଆସନ୍ତୁ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

## ରାଜ୍ୟ ପାଇଁ ଚେଷ୍ଟା ଓ ପରାଜୟ

ଦୁଇ ଭାଇ ଆଗେଇ ଚାଲିଲେ । ସେମାନେ ଏମିତି ଏକ ଯାଗା ଖୋଜୁଥିଲେ ଯେଉଁଠି ଅନ୍ୟ ସିଂହମାନେ ନଥିବେ । ଏମିତି ଯାଗା ପାଇବା କିଛି ସହଜ ନଥିଲା । ଆଜିକାଲି ସିଂହମାନେ ସବୁଆଡେ ବ୍ୟାପ୍ତ ହୋଇ ଯାଇଛନ୍ତି । ଏଠି କୁଆଡେ ବି ସିଂହମାନେ ଦିଶୁ ନଥିଲେ । ଆଗରେ ନୂଆ ଜମି, ଏଇଠି ହେବ ସେମାନଙ୍କ ପ୍ରଥମ ରହିବା ସ୍ଥାନ । ଏଠି ସବୁଦିନ ଭଳିଆ ସେମାନଙ୍କୁ ନୂଆ ଯାଗା ଯିବାକୁ ପଡିବନି ।

ସିଂହ ମାନଙ୍କର ଏକ ସ୍ଥାନ ଅଧିକାର କରିବା ଆଉ ସେହି ସ୍ଥାନ ଉପରେ ଆଧିପତ୍ୟ ଜାହିର କରିବା ଏକ ପ୍ରମୁଖ ଲକ୍ଷଣ । ଏଥିପାଇଁ ବହୁତ ଲଢେଇ ମଧ୍ୟ ହୁଏ । ନିଜର ଅଧିକାର ସ୍ଥାନ ଚିହ୍ନଟ ପାଇଁ ସିଂହମାନେ ବିଭିନ୍ନ ପ୍ରକାର ଉପାୟ ଗ୍ରହଣ କରନ୍ତି । ଅନେକ ସମୟରେ ଗଛ ଗୁଡ଼ିକ ରାମ୍ପୁଡ଼ନ୍ତି ବା ନିଜର ମୂତ୍ରକୁ ଗଛ ଏବଂ ପତ୍ରରେ ଛାଟନ୍ତି । ସିଂହ ମାନଙ୍କର ଘ୍ରାଣ ଶକ୍ତି ସାଧାରଣତଃ ପ୍ରଖର । ଗୋଟିଏ ସିଂହ ଆଉ ଗୋଟିଏ ସିଂହର ଉପସ୍ଥିତି ସହଜରେ ଜାଣିପାରେ । ନୂଆ ସିଂହ ଅନେକ ସମୟରେ ଏହି ସ୍ଥାନର ଥିବା ପୁରୁଣା ସିଂହର ଆଧିପତ୍ୟକୁ ଅସ୍ୱୀକାର କରିପାରେ ଆଉ ତା ଠାରୁ ସେହି ସ୍ଥାନ ଛଡାଇ ନେବା ପାଇଁ ପ୍ରୟାସ କରିଥାଏ । ତେଣୁ ଏମିତି ଆସୁଥିବା ନୂଆ ସିଂହମାନଙ୍କୁ ଘଉଡେଇବା ସ୍ଥାନର ଅଧିପତି ସିଂହର ଏକ ମୁଖ୍ୟ କାମ ହୋଇଥାଏ । ଏଣୁ ଅଧିକାର ଜମାଇ ଥିବା ସିଂହ ସବୁବେଳେ ନିଜର ସ୍ଥାନର ପରିଧିରେ ଘୁରି ବୁଲୁଥାଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଜଙ୍ଗଲରେ ଅନେକ ସିଂହ ଦଳ ଖେଳି ହୋଇ ଅଛନ୍ତି । ମଝିରେ ମଝିରେ କିଛି ଖାଲି ଯାଗା ଅଛି । ଏମିତି ଖାଲି ଯାଗାରେ ସେମାନେ ବୁଲୁଥିଲେ । ଏଠି ଖୁବ ଦୂର ପର୍ଯ୍ୟନ୍ତ ଖାଲି ଯାଗା ନଥାଏ । ମଝିରେ ମଝିରେ ଘାସୁଆ ବା ଅଳ୍ପ ଜଙ୍ଗଲିଆ ଯାଗା ଥାଏ । ଏମିତିଆ ଯାଗାକୁ ସିଂହ ମାନେ ପସନ୍ଦ କରନ୍ତି । ସେମାନେ ବୁଲୁ ବୁଲୁ ହଠାତ୍ ସେମାନେ ଏକ ଦଳକୁ ଦେଖିଲେ । ଚାରୋଟି ସିଂହୀ ଆଉ ଦୁଇ ସିଂହଙ୍କର ଦଳ । ଦଳାଧିପତି ଦୁଇ ସିଂହ ଖୁବ ଶକ୍ତିଶାଳୀ ଲାଗୁଥିଲେ । ସେମାନେ ପ୍ରଥମେ ଦଳ ପାଖକୁ ଯିବେ ବା ନ ଯିବେ କିଛି ଭାବି ପାରୁ ନଥିଲେ । ସେମାନେ ଦୂରକୁ ଚାଲିଯାଇଥାନ୍ତେ । କିନ୍ତୁ ଭାଗ୍ୟ ସେମାନଙ୍କ ସାଥିରେ ନଥିଲା ।

ଜୟ ଚାଲ ପଳାଇବା – ବିଜୟ କହିଲା ।

ବିଜୟଟା ଟିକେ ଡରୁଆ । ସବୁ କଥାରେ ଶୀଘ୍ର ପଛଘୁଂଚା ଦିଏ । ଜୟ କିନ୍ତୁ ରହିବା ପାଇଁ କହିଥାନ୍ତା । କିଏ ଜାଣେ ଏହି ସିଂହମାନେ ସେମାନଙ୍କ ସହ ଲଢାଇ ନକରି ପାରନ୍ତି । ସେମାନଙ୍କ ଦଳରେ ତ ପୁଣି ଏକ ସିଂହୀ ଦିନେ ମିଶି ଯାଇଥିଲା । ଏକ ଦଳରେ ରହିଲେ ଅନେକ ସୁବିଧା ହେବ । ସେ ଟିକେ ଦୋ ଦୋ ପାଂଚ ହେଉଥିଲା ।

ଚେଷ୍ଟା କଲେ କ୍ଷତି କଣ?- ଜୟର ସ୍ୱର ଦବିଗଲା ଭଳି ଲାଗୁଥିଲା । କିନ୍ତୁ ସେ ନିଜ ଭିତରର ସାହାସକୁ ଏକାଠି କରି କିଛି ଶବ୍ଦ କହି ପାରୁଥିଲା । ତାର ଛାତି ମଧ୍ୟ ଜୋରରେ ପଡୁଥିଲା । ତାର ଭିତରେ ଡରଥିଲା । ସେ ଏମିତି କହି ନିଜକୁ ସାହାସ ଦେବାକୁ ଚାହୁଁଥିଲା ।

ଜୟ ଚାଲ ପଳାଇବା । – ବିଜୟ ଆଉ ଥରେ କହିଲା । ବିଜୟ ଦଳକୁ ଏକ ଧ୍ୟାନରେ ଅନାଉଥିଲା । ଦଳର ସଦସ୍ୟ କେମିତି ନୃଶଂସ ଲାଗୁଛନ୍ତି । କିଛି ଦୟା ମାୟା ଦେଖେଇବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ । ଏମିତିଆ ଦଳ ପାଖକୁ ଯିବା ବିପଦପୂର୍ଣ୍ଣ ।

ଏ ଦଳ ଆମକୁ ଗ୍ରହଣ କରିବ ନାହିଁ । ଦଳର ବଡ ସିଂହଙ୍କୁ ଦେଖୁନୁ । ସେମାନଙ୍କ ଆଖିରେ କେମିତି କ୍ରୋଧ ଅଛି ଦେଖୁନୁ- ବିଜୟ ସ୍ୱର କ୍ଷୀଣ ହୋଇ ଯାଉଥିଲା । ତାର ଗଳା କେମିତି ଶୁଖିଲା ହୋଇ ଯାଉଥିଲା । ଡରରେ ଶରୀର ଥରିଯାଏ । ସେ ଗୋଡକୁ ପଛାଉଥିଲା ।

ଜୟ ତଥାପି ସାହାସ ଛାଡି ନଥିଲା । କାଳେ ଏଠି ସାହାରା ମିଳିଯିବ । ସେ ଦଳକୁ ଅନାଇ ରହିଲା । ଆଉ ତାର ଏମିତି ଅଟକି ଯିବା କିଛି ଭଲ ହେଲାନାହିଁ ।

ଜୟ ନିଜକୁ ସହାସ ଦେବାକୁ ଚାହୁଁଥିଲା । ନିଜକୁ ସାହାସ ଦେବାପାଇଁ ମନକୁ ମନ କିଛି କହିବା ବା ବା କିଛି ଚାଲିବା ଦରକାର । ଏଥିରେ ମନ ଭିତରୁ ଡର ପ୍ରାୟ ଚାଲିଯାଏ । ତେଣୁ ସେ ଗୁଣୁ ଗୁଣୁ  ହେଲା ।

ସେ ଦୁଇଖୋଜ ଆଗକୁ ପକାଇଲା । ସିଂହ ଦଳ ଏବେ ଭଲ ଭାବରେ ଦେଖା ଯାଉଥିଲା ।  ଏ ଭିତରେ ଦଳର ମୁଖିଆ ଦୁଇ ସିଂହ ଏ ତରୁଣ ଦୁଇ ସିଂହଙ୍କୁ ଦେଖିନେଲେ । ସିଂହମାନଙ୍କର ଗୋଟିଏ ନିୟମ । ଅନ୍ୟ ପୁରୁଷ ସିଂହକୁ ଦଳ ପାଖରେ ପୁରାଇ ଦିଆଯିବ ନାହିଁ । ତେଣୁ ସେହି ଶକ୍ତିଶାଳୀ ସିଂହ ଦୁଇଜଣ ଏମାନଙ୍କ ଖେଦି ଆସିଲେ ଆଉ ଯିବା ବାଟ ବନ୍ଦ କରିଦେଲେ । ସେମାନେ ଦୁଇ ଦିଗରୁ ମାଡି ଆସୁଥାନ୍ତି । ହଠାତ୍ ଏମାନଙ୍କର କିଛି ବୁଦ୍ଧି ଆସିଲା ନାହିଁ । ଦୁହେଁ ପଳାଇବାକୁ ଭାବୁଥିଲେ । କିନ୍ତୁ ସେମାନଙ୍କର ଏକଦମ ପାଖରେ ଆକ୍ରମଣ କାରୀ ସିଂହ ଦୁହେଁ । ଏମାନଙ୍କୁ ଏକ ପାଠ ପଢାଇବା ପାଇଁ ଯେମିତି ପ୍ରତିଜ୍ଞା କରିଥିଲେ । ଏମାନେ କିଛି ଦୂର ଦୌଡି ପଳାଇଲେ କିନ୍ତୁ ଆକ୍ରମଣକାରୀ ସିଂହ ଦୁହେଁ ଏମାନଙ୍କୁ ଧରିନେଲେ । ସେମାନେ ମୁଣ୍ଡ ତଳକୁ କରି ନିଜର ଆନୁଗତ୍ୟ ଦେଖାଉଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ଅନ୍ୟ ସିଂହ ଦୁହେଁ କିଛି ଶୁଣିଲେ ନାହିଁ । ସେମାନଙ୍କୁ ଦଳ ଭିତରେ ପଶାଇ ଦିଆଯିବ ନାହିଁ ।

ତାପରେ ତୁମୁଳ ସଂଗ୍ରାମ ଆରମ୍ଭ ହୋଇଗଲା । ସେ ବିଶାଳ ସିଂହ ଦୁହେଁ ଅତି ନିର୍ମମ ଭଳି ଏମାନଙ୍କ ଆକ୍ରମଣ କରୁଥାନ୍ତି ଆଉ ଏମାନେ ଏକ ଯୋଦ୍ଧା ଭଳି ନିଜକୁ ରକ୍ଷା କରୁଥାନ୍ତି । ବଡ ସିଂହମାନେ ଏମାନଙ୍କୁ ଖୁବ ଜୋରରେ କାମୁଡୁଥାନ୍ତି । କେତେବେଳେ ଗଳା ତ କେତେବେଳେ କାନ୍ଧ ବା ଗୋଡ । ଆଉ ନୂଆ ସିଂହ ଦୁଇଭାଇ  ଯୁଦ୍ଧ ମଧ୍ୟ କରି ପାରିଲେ ନାହିଁ । ଖୁବ ସହଜରେ ହାର ମାନିଗଲେ ଆଉ ତଳେ ପଡି ଗଡିଗଲେ । ବେଳେ ବେଳେ ଗୋଡ ଉପରକୁ କରି ନିଜର ପରାଜୟର ଘୋଷଣା କରିଦେଲେ । କିନ୍ତୁ ମୁଖିଆ ସିଂହ ଦୁହେଁ ନଛୋଡବନ୍ଧା । ଯେମିତି ହେଲେ ଏହି ଦୁଇ ତରୁଣଙ୍କୁ ଶେଷ କରିଦେବାକୁ ହେବ । ସେମାନେ ଦୟା ନଦେଖାଇ କାମୁଡି ଚାଲିଥାନ୍ତି । ତରୁଣ ଦୁହେଁ କ୍ଷତ ବିକ୍ଷତ ହୋଇଗଲେଣି ।

ସେମାନଙ୍କ ସମର୍ପଣ ପରେ କିଛି ସାହାନୁଭୂତି ନଥିଲା ବା ଦୟା ନଥିଲା । ତେଣୁ ଦୁଇ ତରୁଣ ପ୍ରାଣ ଧରି ଖୁବ ଜୋରରେ ପଳାୟନ କଲେ । ମୁଖିଆ ଦୁହେଁ ଏମାନଙ୍କୁ ବେଶ କିଛି ବାଟ ଖେଦିଲେ । ମଝିରେ ମଝିରେ ସେମାନେ ପାଖକୁ ଆସି କାମୁଡି ଦେଉଥାନ୍ତି । କିନ୍ତୁ ଶେଷରେ ଏ ଦୁହେଁ ପ୍ରାଣ ଘେନି ପଳାୟନ କଲେ । ବହୁତ ଦୂର ଦୌଡି ଚାଲିଗଲେ । ପ୍ରାୟ ଖଣ୍ଡେବାଟ ଦୌଡିଲାପରେ ବଡ ସିଂହମାନେ ରହିଗଲେ ।

ସେମାନେ ଏକ ଗଛତଳେ ଠିଆ ହୋଇଗଲେ । ପଥୁରିଆ ଯାଗା । କିଛି ଗଛବୃକ୍ଷ ନଥିଲା । ଶୁଖିଲା ଟାଙ୍ଗରା ଭୂମି । ଏମିତିଆ ଯାଗାରେ ସେମାନେ ଠିଆହୋଇ ଶ୍ୱାସ ନେଉଥିଲେ ।

ଏମାନେ କିଛି ଶୁଣିଲେନି- ଜୟ ହତାଶ ହୋଇ କହିଲା । ତାର ସ୍ୱର କାନ୍ଦ କାନ୍ଦ ଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ତରୁଣ ସିଂହ ଖାଲି ଦଳକୁ ଦେଖିଦେଲା ବୋଲି ଏତେ ଦଣ୍ଡ ମିଳିବା ଠିକ ନୁହେଁ । ତାକୁ ବହୁତ କାନ୍ଦ ଲାଗୁଥିଲା ।

ଆମେ ତ ଯୁଦ୍ଧ କରିବାକୁ ଆସିନଥିଲୁ । କିନ୍ତୁ ସେମାନେ ଆମକୁ ଖୁବ ଦଣ୍ଡ ଦେଲେ । ଦେହସାରା କାମୁଡି ଦେଲେ – ବିଜୟ କହୁଥିଲା । ସେମାନଙ୍କ ଦେହସାରା ଖଣ୍ଡିଆ, ଚମଡା ଆଉ ବାଳରେ ସେମାନଙ୍କ ରକ୍ତ ଲାଗିଛି ।

ଏବେ ଦେହସାରା ଖଣ୍ଡିଆ ଖାବରା । ଶରୀର ଲଙ୍କା ଭଳି ଜଳୁଛି । ଖୁବ ଜ୍ୱାଳା । ଆଜି ମରଣ ମୁହଁରୁ ବଂଚିଛନ୍ତି । ବେଶଦୂରରେ ଗଛ ଛାଇରେ ବସି ଧକେଇ ହେଲେ । ସେମାନଙ୍କ ଛାତି ପଡୁଥିଲା ଉଠୁଥିଲା । ଭାଗ୍ୟକୁ ଏହି ଯାଗା କେଉଁ ସିଂହର ଅଧିକାର ଭିତରେ ନଥିଲା । ତା ହୋଇଥିଲେ ସେମାନେ ଆଉ ଏକ ଆକ୍ରମଣରର ଶିକାର ହୋଇଥାନ୍ତେ ।

ନିଃଶ୍ୱାସ କିଛି ସମୟ ପରେ ସ୍ଥିର ହେଲା । ନିଜ ନିଜର ଖଣ୍ଡିଆକୁ ଜିଭରେ ଚାଟିଲେ । ଏମିତି ଚାଟିବା ଦ୍ୱାର ସେମାନଙ୍କ ଖଣ୍ଡିଆର ଜ୍ୱାଳା ଟିକିଏ କମିଲା । ଚାଟିବାଦ୍ୱାରା ଦେହର ଘା ସବୁ ଜଲଦି ଠିକ ହୋଇଯାଏ ।

ବେଶ କିଛି ଦୂରରେ ପାଣି ଥିଲା । ସେମାନେ ଧିରେ ପାଦରେ ପାଣି ପାଖକୁ ଚାଲିଗଲେ । ଧକେଇ ଧକେଇ ଚାଲୁଥାନ୍ତି । ଢୋକେ ପାଣି ପିଇ ଧକେଇ ହେଉଥାଆନ୍ତି । ପାଣି ଭଲରେ ବି ପିଇ ପାରୁ ନଥିଲେ । ମୁହଁ ଗୋଡ ସବୁ ଖଣ୍ଡିଆ । ପାଣି ପିଇବା ଛଡା କିଛି କରି ପାରୁ ନଥିଲେ ।

ସଂଜ ହୋଇ ଆସିଲା । ଆକାଶରେ ଖଣ୍ଡି ଜହ୍ନ ଧିରେ ଆସୁଥିଲା । ଅଳ୍ପ ଥଣ୍ଡା ପବନ ବୋହୁଥିଲା । ଆକାଶ ମେଘ ଶୂନ୍ୟ ଥିବା ହେତୁ ତାରାସବୁ କଳା ଚାଦରରେ ଭରି ଯାଇଥିଲେ । ବଡ ଝିଂଟିକା ମାନ ଜୋରରେ ବୋବେଇ ଚାଲୁଥିଲେ । ଏହି ଝିଂଟିକା ନିଜର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡେଣା ଡେଣା ଘଷି ଖୁବ ଶବ୍ଦ କରନ୍ତି । ଏକ ବଡ ପକ୍ଷୀ ଖୁବ ଜୋରରେ ଆକାଶରେ ପ୍ରାୟ ଶବ୍ଦ ନକରି ଉଡିଗଲା ଆଉ ଏକ ବଡ ଜାମୁଗଛ ଢାଳରେ ବସି ପଡିଲା । ମାଟିଆ ଫିସ ଆଉଲ ରାତିରେ ମାଛ ଧରିନେଇ ପାରେ । ସଂମ୍ପୂର୍ଣ ରାତ୍ରିଚର ପକ୍ଷୀ । ଦିନରେ ଏମାନଙ୍କ ଉପସ୍ଥିତି ବାରି ହୁଏନି । ରାତିରେ ଅନ୍ୟମାନେ ପ୍ରାୟ କିଛି ଦେଖି ପାରନ୍ତି ନାହିଁ କିନ୍ତୁ ଏହି ରାତ୍ରିଚର ପ୍ରାଣୀ ସବୁକିଛି ପ୍ରାୟ ଭଲ ଭାବେ ଦେଖିନିଏ । ସେମାନେ ଉପରକୁ ବି ଅନାଇ ପାରୁ ନଥିଲେ ।

ଟିକିଏ ଦୂରରେ ଝିଙ୍କଟିଏ ପାଦଚଲା ରାସ୍ତାରେ ଝଣ ଝଣ କରି ଚାଲୁଥିଲା । ଝିଙ୍କକୁ ଶିକାର କରିବା ପାଇଁ ସେମାନଙ୍କ ଦେହରେ ବଳ ନଥିଲା ବା ମନରେ ଇଛା ମଧ୍ୟ ନଥିଲା । ଧିରେ ସବୁ ଶବ୍ଦ ମିଳେଇ ଯାଉଥିଲା । ରାତିରେ ସେମାନେ କିଛି କରି ପାରିଲେ ନାହିଁ । ଦେହର ଜ୍ୱାଳାରେ ଶରୀରରେ ଉତ୍ତାପ ଥିଲା । ସେମାନେ ଡହଳ ବିକଳ ହେଉଥିଲେ । ପାଖରେ କିଛି ଖାଇବାକୁ ମଧ୍ୟ ନଥିଲା । ରାତିର ଥଣ୍ଡାରେ ଧିରେ ଧିରେ ସେମାନଙ୍କ ଦେହରେ ବଳ ଫେରୁଥିଲା । ଦୂରରୁ ଦଳାଧିପତି ସିଂହମାନଙ୍କର ଗର୍ଜ୍ଜନ ଶୁଭୁଥିଲା । ପାଖରୁ କିଛି ଗର୍ଜ୍ଜନ ଆସୁ ନଥିଲା । ସେମାନଙ୍କର ଗର୍ଜ୍ଜନ କରିବା ପାଇଁ ସାହାସ ବା ଶକ୍ତି ନଥିଲା । ରାତି ସାରା ସେମାନଙ୍କୁ ସିଂହମାନଙ୍କର ଆହ୍ୱାନ ମିଳୁଥିଲା ।

ଦୁଇଭଇ ଅନେଇଲେ । ରାତି ଗଭୀର ହେଲାଣି ।

ଗଛରେ ଏକ Raustic Protect Cat ରାତିରେ ବୁଲୁଥିବା Cat ବିଲେଇ ଶ୍ରେଣୀର ଶିକାରୀଟିଏ ଗଛରେ ବସି ରହିଥିଲା । ଏହି ଜୀବ ଆଖିରେ ଟର୍ଚ୍ଚ ଆଲୋକ ପଡିଲେ ଲାଗିବ ଯେମିତି ଦୁଇଟି ବତୀ ଜଳୁଛି । ଲମ୍ବା, ମୋଟା ନାକର ଦୁଇପଟେ ବିରାଟ ଦୀପ ଭଳି ଆକୃତି । ତାର ହଳଦିଆ ଡୋଳା ଆଲୁଅରେ ଲାଗିବ ଯେମିତି ତେଲରେ ଭର୍ତ୍ତି ହୋଇଛି ଆଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ମଝିରେ ଏକ ସଳିତା ଜଳୁଛି । ତା ପିଠି ଟିକିଏ ବଙ୍କି ଯାଇଥିଲା । ବିଲେଇଟି ଏକଦମ୍ ଜାକି ଜୁକି ହୋଇବସିଥିଲା । ତାର ନଖ ସବୁ ଆଙ୍ଗୁଠି ଭିତରେ ଲୁଚି ଯାଇଥିଲା । ମୋଟା ମୋଟା ଆଙ୍ଗୁଠି ଗୁଡିକ । ନରମ ପଞ୍ଝା ଗୁଡିକ ଗଛକୁ ଜାବୁଡି ଧରିଥିଲା । ପଛପଟେ ପତ୍ର ସବୁ ଗାଢ ସବୁଜ । ତାର ଲମ୍ବା ଲମ୍ବା କାନ ଏପଟ ସେପଟ ହୋଉଥିଲା । ବିଲେଇର ପତଳା ଲମ୍ବା କାନ । ତାର ନିଶ ଗୁଡିକ ତଳୁଆ ହୋଇ ଆସିଲା । ମୁହଁଟି ମୁହଁର ତଳ ପାଖ ସାମାନ୍ୟ ଧଳା । ବେକଟି ସାମାନ୍ୟ ଧଳା । ସେ ତଳ ଜଙ୍ଗଲକୁ ଖୁବ ସାବଧାନତାର ସହ ନିରୀକ୍ଷଣ କରୁଥିଲା ଏହା ଦେହରେ ଧଳା ରଙ୍ଗର ଛାପି ଛାପିକିଆ ସିଧା ସିଧା ଚିହ୍ନ । ନାକର ଉପରେ କଳାର ରେଖା ସବୁ କାନ ପାଖଦେଇ ପିଠି ଆଡକୁ ଲମ୍ବି ଯାଇଛି । ଦେହର ରଙ୍ଗ ଧୂସରିଆ କଳା । ପେଟର ରଙ୍ଗ ଧଳା । ତାର ବଡ ବଡ କାନ ଏପଟ ସେପଟ ହେଉଥିଲା । ଦେହରେ ସବୁଆଡେ ଛୋଟ ଛୋଟ ଲୋମ ଭରିଯାଇଛି । ଏ ଜନ୍ତୁଟି ଚାଲିବାରେ ପ୍ରାୟ ଶବ୍ଦ କରେ ନାହିଁ । ପାଦର ପଞ୍ଝା ତଳେ ଅତିମୁନିଆ ନଖ ସବୁ ଲୁଚି ରହିଛି । ଏହି ବିଲେଇର ଦାନ୍ତ ଗୁଡିକ ଅତି ମୁନିଆ, ଇଞ୍ଜେକ୍ସନ୍ ସିରିଂଜ୍ ଭଳି । ରାତ୍ରିଚର ହେତୁ ଯାଙ୍କୁ ଦେଖିବା ଅନେକ କଷ୍ଟ । ଦେହର ରଙ୍ଗ ଜଙ୍ଗଲ ରଙ୍ଗ ସହିତ ପ୍ରାୟ ମିଶିଯାଏ । ବିଲେଇଟି ଅନେକ ସମୟ ଗଛରେ ବସି ରହିଲା ।

ମଝିରେ ମଝିରେ ପେଚାମାନେ ଉଡି ଯାଉଥିଲେ । ଆକାଶରେ କିଛି ବାଦୁଡି ଥିଲେ । ଜଙ୍ଗଲର ଅନେକ ରାତ୍ରିଚର ଜୀବ । କିନ୍ତୁ କେହି ସେମାନଙ୍କୁ ଆକ୍ରମଣ କଲେନି ।

ଜଙ୍ଗଲ ଧରେ ଧିରେ ନିଃଶବ୍ଦ ହୋଇ ଆସିଲା । ରାତି ଅନେକ ହେଲାଣି । ଏ ଦୁଇ ଆହାତ ତରୁଣ ସିଂହଙ୍କର ଆଖି ବନ୍ଦ ହୋଇ ଆସୁଥିଲା । ସେମାନେ ଏକ ଗଛ ତଳେ ପେଟେଇ ପଡିଥିଲେ । ଦେହ ଜ୍ୱାଳାରେ ଭୋକ ବି ମରି ଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ସମୟ ପରେ ସିନ୍ଦୂରା ଫିଟିଲା । ସେମାନଙ୍କୁ ଏବେ ଭୋକ ଲାଗୁଥିଲା । ଦେହରେ ବହୁତ ପରାଶ । କିନ୍ତୁ ଶରୀରରେ କିଛି ଶକ୍ତି ଫେରି ଆସିଲା ଭଳି ଲାଗୁଥିଲା । ସେମାନେ ଜଳାଶ୍ରୟ ପାଖକୁ ଚାଲିଗଲେ । ବହୁତ ପାଣି ଥିଲା । ଦୁହେଁ ପେଟେଇ ପଡି ପେଟେ ପାଣି ପିଇନେଲେ । ଦେହର ପରାଶ ଅନେକ କମି ଗଲାଣି ।

ଜଳାଶ୍ରୟ ଭିତରେ ଅନେକ ପେଲିକାନ ଚଢେଇ ଭାସୁଥିଲେ । ସିଂହମାନେ ବେଳେବେଳେ ପକ୍ଷୀ ଶିକାର କରନ୍ତି । ମୟୂର ଶିକାରର ଉଦାହରଣ ଆଗରୁ ତ ଅଛି । ସେମିତି ବେଳେବେଳେ ଭାସୁଥିବା ପକ୍ଷୀ ମଧ୍ୟ ଶିକାର ହୋଇଯାନ୍ତି । ବଡ ସିଂହମାନେ ପକ୍ଷୀ ଶିକାର ପ୍ରାୟ କରନ୍ତି ନାହିଁ କିନ୍ତୁ ଛୋଟ ସିଂହମାନେ ଶିକାର କରିବା ପ୍ରବୃତ୍ତି ହେତୁ ବେଳେବେଳେ ପକ୍ଷୀ ଶିକାର କରି ନିଅନ୍ତି ।

ସେମାନେ ଭାବୁଥିଲେ କଣ କରିବେ ? ଦେହରେ ପ୍ରାୟଶକ୍ତି ନଥିଲା । ତେଣୁ ସେମାନେ ଏଣେ ତେଣେ ଅନାଇଲେ । କିଛି ସହଜ ଶିକାର ମିଳିଲେ ପେଟ ପୁରାଇ ନେବେ । ପରେ ବଡ ଶିକାର ଦେଖାଯିବ । ସେମିତି କିଛି ଜୀବ ଦେଖାଯାଉ ନଥିଲେ । ଏମିତି ଆଖି ବୁଲାଉ ବୁଲାଉ ପାଣିରେ ଭାସୁଥିବା ପକ୍ଷୀମାନଙ୍କୁ ଦେଖିଲେ । ପାଣି ଭିତରେ ପଶି ଶିକାର କରିବା ସିଂହମାନଙ୍କ ପକ୍ଷେ ଅସମ୍ଭବ । କିନ୍ତୁ ଏ ପକ୍ଷୀମାନେ ଯଦି କୂଳ ପାଖକୁ ଆସିଯାଆନ୍ତି ତାହେଲେ ଗୋଟିଏ ଦୁଇଟି କୁଦାରେ ସେମାନଙ୍କୁ ଧରି ନେଇ ହେବ । ସେମାନେ ମୌକାରେ ଥିଲେ ।

ଦୁଇଭାଇ ପାଣି ଧାରରେ ମାଟିରେ ପେଟେଇ ପଡି ଅପେକ୍ଷା କରି ରହିଲେ । ତାଙ୍କ ଆଗରେ ଅଳ୍ପ ଉଚ୍ଚ ଜଳୀୟ ଘାସ ଥିଲା । ସେଠି ପାଣି କମ । ତାପରେ ଟିକିଏ ଅଧିକ ପାଣି । ଯଦି ପକ୍ଷୀମାନେ ସେହି ଘାସ ପର୍ଯ୍ୟନ୍ତ ଆସି ଯାଆନ୍ତି ତେବେ ସେମାନଙ୍କ ଶିକାର କରିହେବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପେଲିକାନ୍ ଚଢେଇ ଗୁଡିକ ଜଳଭଣ୍ଡାରରେ ଭାସୁଥିଲେ । ସେମାନେ ଖୁବ ସୁନ୍ଦର ବଡ ଚଢେଇ । ଧଳା ଗୋଲାପୀ ରଙ୍ଗର ପେଲିକାନ୍ ଚଢେଇ ଗୁଡିକ ସାଧାରଣତଃ ଜଳରେ ଭାସନ୍ତି ଆଉ ନିଜର ଖାଦ୍ୟ ସଂଗ୍ରହ କରନ୍ତି । ଭାସୁ ଭାସୁ ସେମାନେ କୂଳ ଆଡକୁ ଚାଲି ଆସିଲେ । ଦୁଇ ଭାଇ ଆଖି ପଛୁଳାକେ ସେମାନଙ୍କ ସ୍ଥାନରୁ ସ୍ପ୍ରିଙ୍ଗ ଭଳି ଉଛୁଳି ପଡିଲେ । ଏକଦମ ପେଲିକାନ ମାନଙ୍କ ଉପରେ ପଡିଲେ । ନିଜ ଦାନ୍ତରେ ପେଲିକାନରର ଡେଣା ଧରିନେଲେ । ପେଲିକାନ୍ ଚଢେଇ ନିଜକୁ ବଂଚାଇବାକୁ ଚେଷ୍ଟା କଲା । କିନ୍ତୁ ଆଖି ପିଛୁଳାକେ ସିଂହ ତାକୁ ମାରିଦେଲା । ଦେଖୁ ଦେଖୁ ଚାରୋଟି ପେଲିକାନ୍‌କୁ ସିଂହମାନେ ମାରିଦେଲେ । ଏବେ ପେଲିକାନ୍ ମାନେ ବୁଝିପାରିଲେ ସିଂହମାନେ କିଛି ସାଧାରଣ ଜନ୍ତୁ ନୁହନ୍ତି । ସେମାନେ ଶିକାରୀ । ସମସ୍ତଙ୍କୁ ମାରିଦେଇ ପାରନ୍ତି । ସେମାନେ ଛାଟି ପଟି ହୋଇ କୂଳରୁ ଦୂରକୁ ଚାଲିଗଲେ ।

ଦୁଇ ଭାଇ ମଲା ପେଲିକାନ ଗୁଡାକୁ କୂଳକୁ ଟାଣି ଆଣିଲେ । ଏକଦମ ପାଣି ଧାରରେ ଖାଇବାକୁ ଆରମ୍ଭ କଲେ । ଅଳ୍ପ କେଇ ମିନିଟ ମଧ୍ୟରେ ସେମାନଙ୍କ ଭୋଜନ ଶେଷ ହେଲା । ପେଟ କିଛି ପୁରିଗଲା । ସେମାନେ ତାପରେ ଗଛ ଛାଇକୁ ଯାଇ ଶୋଇ ରହିଲେ । ଦେହରେ କିଛି ଶକ୍ତି ଆସିଲା । ପୀଡା ଅନେକ ଊଣା ହେଲାଣି । କିନ୍ତୁ ସେମାନେ ଅଳସୁଆ ପରି ପଡି ରହିଥିଲେ ।

ଜଳାଶ୍ରୟ ଚାରିପାଖରେ ମଧ୍ୟ ସବୁବେଳେ ଜୀବନ ଆଉ ମରଣର ସମସ୍ୟା ଲାଗି ରହିଛି । କେଉଁଠି ନା କେଉଁଠି ଶିକାରୀ ନିଜର କ୍ଷୁଧା ମେଂଟାଇବା ପାଇଁ ଏକ ଦୁର୍ବଳ ବା ବୋକା ଶିକାରର ପ୍ରତୀକ୍ଷା  କରି ରହିଛି । ଆଉ ଜଳାଶୟ ଧାରରେ ଅଳସୁଆ ଭାବରେ ପଡିଥିବା କୁମ୍ଭୀରମାନେ ଅତି ବିପଦ୍ ଜନକ ଶିକାରୀ । ସେମାନଙ୍କ କବଳରୁ ଖସି ଆସିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକାର ଖୁବ କମ୍ । ସିଂହ ବା ବାଘ କବଳରୁ ଅନେକ ସମୟରେ ଶିକାର ଖସି ଯାଇପାରେ । କିନ୍ତୁ କୁମ୍ଭୀର କବଳରୁ ଖସି ଆସିବା ଦୃଷ୍ଟାନ୍ତ ଅତି ବିରଳ । ଏକେ ତ କାଦୁଆ ମାଟି । ତାପରେ ଏମାନଙ୍କର ଅତି ବିଶାଳ ମୁହଁ । ଏମାନେ ଶିକାରକୁ ପାଣି ଭିତରକୁ ଟାଣି ନିଅନ୍ତି । ସେଠି ସ୍ଥଳଚର ପ୍ରାଣୀ ଉପାୟ ଶୂନ୍ୟ ହୋଇଯାଏ ।

କାଦୁଆ ଜମିର ବା ଜଳାଶୟର କୁମ୍ଭୀର ଗୁଡିକ ଏପଟ ସେପଟ ପଡି ରହିଥିଲେ । ଅନ୍ୟ ଯାଗାର ପାଣି କୁମ୍ଭୀରମାନଙ୍କ ଠାରୁ ଏମାନେ କିଛି ଭିନ୍ନ ନଥିଲେ । ଏ ଜଳାଶୟ କୁମ୍ଭୀର ଗୁଡିକ ଜଳାଶୟ ଧାରରେ ଅଳ୍ପ କାଦୁଆ ଜମିରେ ପଡି ରହି ଖରା ପୁଆନ୍ତି । ସେଦିନ ସେ କୁମ୍ଭୀରଟି ସେମିତି ପେଟେଇ ପଡିଥିଲା । ତାର ପାଉଁଶିଆ କଳା ଦେହର କିଛି ଅଂଶ ପାଣି ଭିତରେ ଥିଲା । ମୁହଁଟି ଅଳ୍ପ ଖୋଲି ଯାଇଥିଲା । ବହୁତ ଲମ୍ବା ମୁହଁ ନୁହେଁ, ସେଥିରେ ଦାନ୍ତ ସବୁ ସଜେଇ ହୋଇରହିଛି । ଲମ୍ବା ଲମ୍ବା ଦାନ୍ତ ଉପର ଥୋବଣିରୁ ପାଟିର ତଳ ଆଡକୁ ବଙ୍କେଇ ହେଇ ଯାଇଛି । ଏ ଦାନ୍ତମାନ ମାଂସକୁ ଗିଳିବାରେ ସାହାଯ୍ୟ କରେ । ଆଗ ଥୋବଣି ଆଡକୁ ଅନେକ ଅନେକ ଦାନ୍ତ । କରତର ଧାର ଭଳି ମାଢିରେ ଲାଗି ରହିଛି ।

ତାର ଆଖି ଗୁଡିକ ନିଶ୍ଚଳ ହୋଇ ପାଣିକୁ ଅନାଇ ରହିଥିଲା । ଦେହସାରା ଦାଗ । ଗୋଧି ଚମଡ଼ା ଭଳିଆ ଚମଡା ଭଳି ଦାଗ । ସେଥିରୁ କଂଟାମାନ ବାହାରି ଆସିଲା ଭଳିଆ ଜଣା ପଡୁଥାଏ । କୁମ୍ଭୀରର ମୁହଁଟି ପାଣି ଭିତରେ ଅଳ୍ପ ବୁଡି ରହିଥିଲା । ଦାନ୍ତ ଗୁଡିକ ଭଲ ଭାବରେ ଦେଖାଯାଉଥିଲା । ମୋଟା ବେକଟି ଦେହରେ ଲାଗି ରହିଥିଲା । ଆଗ ଗୋଡ ବୁଡି ଯାଇଥିଲା । ପଛ ଗୋଡର ଆଙ୍ଗୁଠିଗୁଡ଼ିକ ଦେଖା ଯାଉଥିଲା । ଖୁବ୍ ମୋଟା ଲାଙ୍ଗୁଳଟି ଶରୀରରୁ ବାହାରି ଆସି କାଦୁଅରେ ବୁଲିଯାଇଥିଲା । ସେଥିରେ ମୋଟା କରତର ଧାର ଭଳି ଦାନ୍ତମାନ ଲାଗି ରହିଥାଏ । କୁମ୍ଭୀରଟି ଆରାମରେ ଶୋଇରହି ଶିକାରକୁ ପ୍ରତୀକ୍ଷା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲା । ସାଧାରଣତଃ ଏମିତି ସବୁ ଜଳାଶୟରେ ମାଛ କୁମ୍ଭୀରର ପ୍ରଧାନ ଖାଦ୍ୟ । କେବେ କେମିତି ଜଙ୍ଗଲୀ ପଶୁ କୁମ୍ଭୀରର ହାବୁଡରେ ପଡିଯାଆନ୍ତି । ଏମାନେ ପ୍ରାୟେ ଶୋଇ ରୁହନ୍ତି । ସମୟ ସୁଯୋଗ ଦେଖି ତେଇଁ ଶିକାରକୁ ଧରି ନିଅନ୍ତି ।

ସେ କୁମ୍ଭୀରଟି ଅନେକ ସମୟ ଧରି ମାଟି ଉପରେ ଶୋଇ ରହିଲା । ତାପରେ ଧିରେ ଧିରେ ପାଣି ଆଡକୁ ଘୋଷାରି ଘୋଷାରି ହୋଇ ଆସୁଥିଲା । କିଛି ବାଟ ଆସି ପୁଣି ପେଟେଇ ହୋଇ ଶୋଇ ରହିଲା । ବର୍ତ୍ତମାନ ତା ଶରୀରର ଅଧା ଅଂଶ ପାଣି ଭିତରେ ଥିଲା । ସେ ଥୋବଣିଟି ମାଟି ଉପେର ରଖିଥାଏ । ଡାହଣ ପାଖ ଗୋଡ ଦୁଇଟି ପାଣି ଭିତରେ ପଶି ରହିଥାଏ । ଲାଂଜ ଲମ୍ବା ହୋଇ ପାଣି ଭିତରେ ପଶି ରହିଥାଏ । ତାର ପ୍ରତିଫଳନ ସଫା ପାଣିରୁ ଦେଖାଯାଉଥାଏ । କୁମ୍ଭୀରଟି ପ୍ରତିଫଳନ ହେତୁ ଖୁବ୍ ବଡ ଲାଗୁଥିଲା । କୁମ୍ଭୀରର ଲାଙ୍ଗୁଡଟି ତ ସହଜରେ ଖୁବ୍ ବଡ । ସେଥିରେ କିଏ ଯେମିତି ଉପରେ ମୁକୁଟ ତିଆରି କରିଦେଇ ଲଗାଇ ଦେଇଛି ।

କୁମ୍ଭୀରର ଆଖିଟି ସ୍ଥିର ହୋଇ ପାଣିକୁ ଅନାଇ ରହିଥିଲା । ତାର ମୁହଁଟା ପାଣି ଆଡକୁ ବଙ୍କେଇ ଯାଇଥିଲା । ଏବେ ସେ ଥୋବଣିଟା ବନ୍ଦ କରିଦେଇଥିଲା । କୁମ୍ଭୀର ପାଣି ଭିତରେ ପଶିବାକୁ ପ୍ରସ୍ତୁତ । ସେପଟେ ମାଟିରେ କିଛି ଜୀବ ଜନ୍ତୁ ନଥିଲେ । ପାଖରେ କେଉଁ ପକ୍ଷୀ ମଧ୍ୟ ନ ଥିଲେ । କିଛିଟା ପଥର ଏପଟ ସେପଟ ହୋଇପଡିଥିଲା । କାଦୁଅରେ ଖାଲି ଜିଆର ଖୋଳିବାର ଚିହ୍ନ ଛଡା କିଛି ଚିହ୍ନ ନଥିଲା । ପାଣି ଭିତରେ କିଛିଟା ତାଳ ପତ୍ର ଏଣେ ତେଣେ ପଡିଥିଲା । ପଚିଯାଉ ଥିବା ନାଲି ପତ୍ର ଗୁଡିକ ଅଳ୍ପ ପାଣିରୁ ସ୍ୱଷ୍ଟ ଦେଖାଯାଉଥିଲା ।

ସେପଟ ଜଙ୍ଗଲରେ ଠକ ଠକ ଶବ୍ଦ ଖୁବ ଜୋରରେ ଆସୁଥିଲା । କଠହଣା ଚଢେଇଟି ନିଜ ଥଂଟରେ ଶୁଖିଲା କାଠକୁ ଖୋଳୁଥିଲା । ଅଳ୍ପ ହଳଦିଆ, ଧଳା ରଙ୍ଗର କେସର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫ୍ଲେମ୍‌ବ୍ୟାକ କାଠହଣା ଚଢ଼େଇଟିର ଆକାର ଛୋଟ । ଖୁବ ଧାରୁଆ କଳା ଥଂଟ ମୁଣ୍ଡରୁ ବାହାରି ଆସିଛି । ମୁଣ୍ଡ ଉପରେ ଏକ ଲାଲ ଟୋପୀ ପରି କିଛି ପର ଅଛି । ମାଟିରେ ଚାଲିଲା ଭଳି ଚଢ଼େଇଟି ଗଛ ଉପରେ ସିଧା ଚାଲୁଥିଲା । ଏମିତି କେଉଁ ଚଢ଼େଇ ସିଧା ଗଛ ଉପରେ ଚାଲି ପାରନ୍ତି ନାହିଁ । କିନ୍ତୁ ଚଢ଼େଇଟି ସିଧା ଚାଲୁଥିଲା । ତାର ଖୁବ ମୁନିଆ ପଂଜା ଗଛକୁ ଶକ୍ତ ଭାବରେ ଜାବୁଡି ଧରିଥିଲା ।

ଜଳାଶୟ ପଠାରେ ଲମ୍ବା ପତଳା ହଳଦିଆ ରଙ୍ଗର ଗୋଡଥିବା ଲାପଜ୍ଜିଗ ପକ୍ଷୀ ଖୁବ ଜୋରରେ ଚାଲୁଥିଲା । ଏହି ପକ୍ଷୀ ମାଟି କାଦୁଆରେ ଖୁବ ସହଜରେ ଚାଲିପାରେ । ଅନ୍ୟ ମାନଙ୍କର ଗୋଡ ଦବିଯିବ କିନ୍ତୁ ଏହି ପକ୍ଷୀ ତାର ଗୋଡର ଆକାର ହେତୁ ସହଜରେ କାଦୁଆ ଯାଗାରେ ଚାଲିପାରେ ।

କୁମ୍ଭୀରର ଦୁନିଆରେ କିଛି ବଡ ପଶୁ ଦେଖା ଯାଉନଥିଲା । ଏମିତି ଜଳାଶୟ ମାନଙ୍କୁ ପଶୁମାନଙ୍କୁ ପାଣି ପିଇବା ପାଇଁ ଆସିବାକୁ ପଡେ । ଗୋଳିଆ ପାଣି ଭିତରେ କୁମ୍ଭୀରମାନେ ଲୁଚି ଥାଆନ୍ତି ଆଉ ଅସାବଧାନ ପଶୁକୁ ପାଣିରୁ କୁଦା ମାରି ଧରିନିଅନ୍ତି ।

ଦୁଇଭାଇ କୁମ୍ଭୀର ମାନଙ୍କୁ ଦେଖି ଆଉ ପାଣି ପାଖକୁ ଗଲେ ନାହିଁ । ସେମାନଙ୍କ ଆଖି ସେହି ବିପଦ୍‌ଜନକ କୁମ୍ଭୀରମାନଙ୍କ ଉପରେ ଲାଗି ରହିଥିଲା । କୁମ୍ଭୀରମାନଙ୍କୁ ସିଂହମାନେ ମୋଟେ ଭଲ ପାଆନ୍ତି ନାହିଁ । ସବୁବେଳେ ସେମାନଙ୍କୁ ଆଡେଇ ଚାଲନ୍ତି ।

ସେମାନଙ୍କ ଆଖି ସବୁଆଡେ ବୁଲି ଯାଉଥିଲା ।

ଉପରେ ଏକ ଇଗଲ ଉଡୁଥିଲା । ତା ପଂଜାରେ ଏକ ପକ୍ଷୀ ଲାଗି ରହିଥିଲା । ସେ ଘୁରି ବୁଲି ଏକ ଗଛ ଡାଳରେ ବସି ଟିକିଏ ବୁଲିପଡି ଅନାଇଲା । ସେତେବେଳେକୁ ସେ ଖୁବ୍ ଉଚ୍ଚ ଡାଳରେ ବସିଥାଏ । ପବନ ଯୋଗୁଁ ତା ମୁଣ୍ଡ ପଛପଟେ କିଛି ଗୁଡାଏ ପର ଉପରକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଡିଯାଇଥାଏ । ଲାଗୁଥାଏ ଠିକ୍ ମୁଣ୍ଡ ଉପରେ ଏକ ଲମ୍ବା ମୁକୁଟ । କେଉଁ ଏକ ଆଦିବାସୀର କେତୋଟି ଲମ୍ବା ପରଥିବା ମୁକୁଟ । ସେହି ପରଗୁଡିକ ତା ବେକର ଅନ୍ୟ ପର ଅପେକ୍ଷା ଖୁବ୍ ଲମ୍ବାଥିଲା । ଚାରୋଟି ଲମ୍ବା ପର, ତା ତଳକୁ ଛୋଟ ପର । ଏ ହକ୍ ଇଗଲର କେମିତି ଏକ ଅଲଗା ରୂପ ଥିଲା । ତାର ମୁଣ୍ଡଟା ଟିକିଏ ତଳୁଆ ହୋଇଯାଇଥିଲା । ନାକ କହିଲେତ ଥଂଟର ଦୁଇଟି ପୁଡାରେ ଥିବା ଦୁଇଟି କଣା । ଥଂଟର ଅଗଟା ଖୁବ୍ ଗୋଜିଆ ହୋଇ ତଳ ଲମ୍ବି ଯାଇଥିଲା ଏଇ ଖୁବ୍ ଟାଣ ଥଂଟ ଯୋଗୁଁ ଇଗଲ୍ ଖୁବ୍ ସହଜରେ ମାଂସ ଛଡାଇ ଦେଇପାରେ । ତାର ଆଖିଗୁଡିକ ଗୋଲ ଗୋଲ । ମୁହଁରେ କେମିତି ଏକ ଆତତାୟୀର ଭାବ ଥିଲା । ଇଗଲ୍‌ଟିକୁ ଦେଖିବା କିଛି ନରମ ପକ୍ଷୀ ବୋଲି ମୋଟେ ଭାବି ନିଆଯାଇ ନପାରେ । ତାର ଲମ୍ବା ନଖ ଡାଳକୁ ଖୁବ ଜୋରରେ ଧରି ରଖିଥିଲା । ଇଗଲର ପଞ୍ଝାର ନଖ ଗୁଡିକ ଖୁବ୍ ମୁନିଆ ଆଉ ଧାରୁଆ । ଇଗଲର ଗୋଡରେ ଖୁବ୍ ଶକ୍ତି ଅଛି । ସହଜରେ ସେ ଶିକାରର ଶରୀରରେ ପଞ୍ଝା ଫୁଟାଇ ଦେଇପାରେ ।

କିଛି ସମୟ ବିତିଗଲା । ଏ ଭିତରେ ହକ ଇଗଲ(Hawk Eagle) ନିଜର ଶିକାରକୁ ଖାଇ ଦେଇଥାଏ । ସେ ଡାଳରୁ ଉଡିଯାଇ ଆଉ ଏକ ଉଚା ଡାଳରେ ବସି ପଡିଲା । ତା ମୁଣ୍ଡର କେତୋଟି ପର ସିଧା ହୋଇ ଉଠି ଠିଆ ହୋଇଯାଇଥିଲା । ଲାଗୁଥାଏ ସେଠି ଯେମିତି କେତୋଟି ପକ୍ଷୀର ମୁକୁଟ ଖଞ୍ଜି ଦେଇଛି । ପକ୍ଷୀଟି ମୁଣ୍ଡଟି ଏପଟ ସେପଟ କରି ବୁଲାଉଥିଲା । ତାର ବେକର ଧଳା ପର ସବୁ ବଡ ସୁନ୍ଦର ଲାଗୁଥିଲା । ତା ଉପରେ ଆଲୁଅ ପଡିଥାଏ । ଆଖି ଅନେକ କଳା ଦେଖାଯାଉଥିଲା । ପକ୍ଷୀଟି ଏକ ବଙ୍କା ହୋଇଯାଇଥିବା ଡାଳ ଉପରେ ବସି ଏପଟ ସେପଟ ଅନାଉଥିଲା । ପଛରେ ଥିଲା ନୀଳ ଆକାଶ ।

ସେମାନେ ଏ ଭିତରେ ବେଶ କିଛି ସମୟ ଜଳାଶ୍ରୟ ଧାରରେ କଟାଇଲେଣି । ଏଠି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖପାଖରେ କିଛି ସିଂହ ଅଛନ୍ତି । ସେମାନେ ଚେଷ୍ଟାକରି ଏହି ସିଂହମାନଙ୍କ ନଜରରେ ଆସି ନାହାନ୍ତି । ଆସିଥିଲେ ପୁଣି ଅଯଥାରେ ଏକ ଯୁଦ୍ଧ ଆରମ୍ଭ ହୋଇଥାଆନ୍ତା । ଏମିତି ଯୁଦ୍ଧପାଇଁ ସେମାନଙ୍କ ଦେହରେ ଶକ୍ତି ନାହିଁ ବା ଇଚ୍ଛା ନାହିଁ । ତେଣୁ ସେମାନଙ୍କୁ ଜଲଦି ଏ ଯାଗା ଛାଡି ଦୂରକୁ ଚାଲି ଯିବାକୁ ପଡିବ ।

ଏକ ଲମ୍ବା ମୋଟା ଲାଲ ଗୋଲାପୀ ଥଂଟ ଥିବା ମାଛରଙ୍କା ପକ୍ଷୀଟିଏ ଆସି ଏକ ଶୁଖିଲା ଡାଳରେ ବସି ପଡିଲା । ଦେହଟା ଗାଢ ବାଦାମୀ, ଉପର ପର ନୀଳ ଆଉ ଛାତି ଧଳା । ଶୁଖିଲା ଡାଳ ଭିତରେ ପକ୍ଷୀଟି ବସି ପାଣିକୁ ଅନାଇ ରହିଥିଲା । ତାର ମୋଟା ଆଉ ଅସ୍ୱାଭାବିକ ଭାବେ ଲମ୍ବା ଥଂଟ ଖୋଲିଯାଇଥିଲା । କିନ୍ତୁ ତାର ଆଖି ପାଣି ଉପରେ ସ୍ଥିର ଥିଲା । ସେ କିଛି ସମୟ ପରେ ଉଡିଯାଇ ପାଣି ଉପରେ ରହିଲା । ତାର ଡେଣା ଖୁବ ଜୋରରେ ହଲୁଥିଲା ଆଉ ସେଇଠି ଆକାଶରେ ପ୍ରାୟ ସ୍ଥିର ହୋଇ ଉଡୁଥିଲା । ଥଂଟ ତଳୁଆ ହୋଇ ଯାଇଥିଲା । କିଛି ନାହିଁ । ତାପରେ ସେ ଆଉ ଏକ ଯାଗାକୁ ଯାଇ ସେମିତି ପାଣି ଉପରେ ଉଡିଲା ଆଉ ପୁଣିଥରେ ପାଣିକୁ ଝାଂମ୍ପ ଦେଲା । ବ୍ୟର୍ଥ ଚେଷ୍ଟା । ଥକିଯାଇ ପୁଣିଥରେ ଆସି ଗଛ ଡାଳରେ ବସିଗଲା । କିଛି ମିନିଟ ପରେ ପୁଣି ଆଉ ଏକ ଯାଗାଯାଇ ପାଣି ଉପରେ ଉଡିବାକୁ ଲାଗିଲା ।  ଏକ ହେଲିକ୍ପଟର ସ୍ଥିର ହୋଇ ରହିଲା ଭଳି ପକ୍ଷୀଟି ଆକାଶରେ ଥିଲା କିଛି ସମୟପରେ ପାଣିକୁ ଖୁବ ଜୋରରେ ରକେଟ ଭଳି ଖସି ଆସିଲା ତାର ଶରୀର ପାୟ ପାଣିରେ ବୁଡିଗଲା ଆଉ ପର କ୍ଷଣରେ ଉଠି ଆସିଲା । ତାର ଥଂଟରେ ଧଳା ରୂପା ରଙ୍ଗର ଛୋଟ ମାଛଟିଏ ଛଟ ପଟ ହେଉଥିଲା ।

ସେମାନେ ଅନେକ ସମୟ ସେଇ ମାଛରଙ୍କା ପକ୍ଷୀକୁ ଅନାଇ ରହିଲେ । କେତେଥର ସେ ପକ୍ଷୀଟି ପାଣି ଏପରେ ଉଡିଥିଲା କିନ୍ତୁ ନିଜର ଚେଷ୍ଟା ଛାଡି ନଥିଲା । ଶେଷରେ ତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥଂଟରେ ଏକ ମାଛ ଲାଗିଥିଲା । ଭାଗ୍ୟଟା ଏଇ ଭଳି । ବିନା ଚେଷ୍ଟାରେ କେବେ ଭାଗ୍ୟ ଖୋଲେ ନାହିଁ । ସେଥିପାଇଁ ଚେଷ୍ଟାରେ କିଛି କାମ କରାଯାଇ ପାରିବ ନାହିଁ । ଅବିରତ ଚେଷ୍ଟା ପରେ ଫଳ ମିଳିବ । ଦୁଇଭାଇ ଲମ୍ବା ନିଃଶ୍ୱାସ ନେଲେ ।

ଦୁଇଭାଙ୍କ ଦେହରେ ଜୀବନ ଆସିଲାଣି । ଦେହରେ ଆଉ ପ୍ରାୟ୍ୱ ପରାଶ ନାହିଁ । ସେମାନେ ଜୀବନ ଯାତ୍ରାରେ ଆଗେଇ ଯାଇ ନିଜର ଭାଗ୍ୟର ସଂନ୍ଧାନ କରିବେ । ଏବେ ସେମାନେ ଦଳରେ ରହୁଥିବା ସିଂହମାନଙ୍କ ବ୍ୟବହାର ଜାଣିଲେଣି । ଏକୁଟିଆ ବୁଲୁଥିବା ସିଂହମାନଙ୍କ ପାଇଁ କାହାର ଟିକିଏ ଦରଦ ନାହିଁ । ସେମାନଙ୍କୁ କେହି ଦୟା କରିବେ ନାହିଁ । ନିଜର ଭାଗ୍ୟ, ନିଜର ରାଜ୍ୟ ସେମାନଙ୍କୁ ଯୋଗାଡ କରିବାକୁ କରିବାକୁ ପଡିବ । ତେବେ ଯାଇ ସେମାନେ ଗୀର ଜଙ୍ଗଲରେ ଅଧିକ ଦିନ ପାଇଁ ବଂଚି ରହିବେ ।

ଆହ୍ୱାନ ଇ-ପତ୍ରିକା

# ଅବାଂଛିତର ହାତ



ସୁବଳ ମହାପାତ୍ର

ଆଃ...ଭିତରୁ ଭିତରୁ ହୃଦୟଟା କୋରି ହେଇଯାଉଥିଲା ତାର । ମଲାବେଳେ ହନୁ ବି ସତ କହେ, କିନ୍ତୁ କେମିତି କହିବ ସେ ? ଏତେ ବର୍ଷରୁ ପାଳିଥିବା ଝିଅଟି ତାର ନୁହେଁ ବୋଲି । କେବେବି ତ ସେ ତାକୁ ଅନ୍ୟର ଛୁଆ ବୋଲି ଭାବିନି । ନିଜର ପରିଚୟ ଦେଇ ଦୁଇ ମାସରୁ ବତିଶ ବର୍ଷର କଲା ସେ । କୋଳେଇ କାଖେଇ ମଣିଷ କରି ଭଲ ଶିକ୍ଷା ଦୀକ୍ଷା ଦେଇ ଇଂଜିନିଅର କଲା । ଭଲ ଘରେ ବାହା ଦେଇ ହାତକୁ ଦି ହାତ କଲା । କିନ୍ତୁ ମରିବା ପୂର୍ବରୁ ତ ତାକୁ କହିବାକୁ ପଡିବ ।

ଶାନ୍ତି ହେଲେ ଥାଆନ୍ତା, ଏ ଦୁର୍ଦ୍ଦିନରେ କିଛି ବୁଦ୍ଧି ଦେଇ ପାରନ୍ତା । କିନ୍ତୁ ସେ ତ ଅସଲ, ଏକା ଛାଡି ଦୁଇ ବର୍ଷ ତଳୁ ଚାଲିଗଲାଣି ଆର ପୁରକୁ । ଏବେ ସେ ଝିଅ ପାଖରେ ଆଶ୍ରିତ । କୌଣସିଥିରେ ଊଣା ରଖିନି ସେ । ନିଜର ପୁଅଟିଏ ହୋଇଥିଲେ ବି ଏତିକି କରିଥାନ୍ତା କି ନାହିଁ ସନ୍ଦେହ । ଶାନ୍ତି ଗଲାବେଳେ କହି ଦେଇଗଲା, "ନକହି ପାରିବ ଯଦି କାଗଜ ଖଣ୍ଡକରେ ଲେଖି ଦେଇଥିବ, ପରେ ହେଲେବି ସେ ପଢିକି ଜାଣିବ ।" ହରିଆ ଦାଶ ସେତିକି ବି କରିଥିଲା, କାଗଜରେ ଲେଖି ତକିଆ ତଳେ ରଖିଥିଲା । କିନ୍ତୁ ଶେଜ, ବଦଳୁ ବଦଳୁ ସେ ଖଣ୍ଡକ ବି କୁଆଡେ ଗଲା ଯେ ଆଉ ମିଳିଲାନି । ଆଃ....କି କଷ୍ଟ...କେମିତି କହିବ କେମିତି କହିବ ଭାବୁ ଭାବୁ ଢୋଳେଇ ପଡିଥିଲା ହରିଆ ଦାଶ ।

ହରେକୃଷ୍ଣ ଦାଶ, ଡାକ ନାଁ ହରିଆ । ଯେବେ ଡାକ୍ତରଙ୍କ ପାଖରୁ ଶୁଣିଲା ସେ ଆଉ ଶାନ୍ତି, ଜୀବନରେ କେବେ ବାପା ମା ହେଇ ପାରିବେନି, ଗୋଡ଼ତଳୁ ମାଟି ଖସି ଯାଇଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କର । ବାହାଘରର ତିନିବର୍ଷ ପରେ ବି ଛୁଆ ନ ହେବାରୁ ଯାଇଥିଲେ ଡାକ୍ତରଙ୍କୁ ଦେଖେଇବାକୁ । ଡାକ୍ତର ବାବୁ କଣ କଣ ସବୁ ପରୀକ୍ଷା କରି କହିଲେ, "ବାପା ମା ହେବା ତୁମ ଭାଗ୍ୟ ରେ ନାହିଁ" । ଶାନ୍ତିର ଗର୍ଭ ଧାରଣ କ୍ଷମତା ନଥିଲା । ବହୁତ କରି ବୁଝଇଲା ଶାନ୍ତି, "ତୁମକୁ ମୋ ରାଣ, ଆଉ ଥରେ ବାହା ହେଇ ଯାଅ । କିଛି ନହେଲେ ତୁମ ଛୁଆ ବୋଲି ତ ତାକୁ କାଖେଇ କୋଳେଇ ପାରିବି" । କିଛି ଶୁଣି ନଥିଲା ହରିଆ । କଣ ପାଇଁ ଶୁଣିବ ସେ ? ଆଜି ଯଦି ଦୋଷ ହରିଆର ଥାଆନ୍ତା, ତେବେ କଣ ସେ ଏତିକି କଥା କହି ପାରିଥାନ୍ତା ଶାନ୍ତି କୁ ? ନା....ତେବେ ସେ କାହିଁକି ଶୁଣିବ ? ନହେଉ ଛୁଆ । ବୁଢାବୁଢ଼ୀ ଦି ଜଣ କଣ ସେମିତି ଚଳି ପାରିବେନି ? ଏବେ ତ ଛୁଆ ମାନେ ପର ଲାଗିଲା ପରଠୁ ଦେଶ ବାହାରେ । ସବୁ ବୁଢାବୁଢ଼ୀ ପୁଣି ଚଳୁଛନ୍ତି ନା ନାହିଁ ? ? ତେବେ ସେମାନେ ବି ବୁଢ଼ାବୁଢ଼ୀ ହେଲେ ଚଳିଯିବେ ସେମିତି ।

କିନ୍ତୁ ଭାଗ୍ୟରେ ବୋଧେ କିଛି ଅଲଗା ଲେଖାଥିଲା । ସବୁ ବିବାହ ବାର୍ଷିକୀରେ ଅନାଥାଶ୍ରମ ଯାଆନ୍ତି ସେମାନେ । ସେଥର ବି ଯାଇଥିଲେ । ମାସେ ପୂର୍ବରୁ କେହିଜଣେ ସଦ୍ୟ ଜନ୍ମିତ ଝିଅଟିଏକୁ ଆଣି ରଖିଦେଇ ଯାଇଥିଲା । ବାପା ମା କିଏ ଜଣାନାହିଁ, କିଏ ଆଣି ଛାଡିଲା ଜଣାନାହିଁ, ତଥାପି ଅନାଥାଶ୍ରମର ମାଲିକ, ସେ ଝିଅଟିକୁ ଆଶ୍ରା ଦେଲେ । ହରିଆ ଓ ଶାନ୍ତି ସେଦିନ ତାଙ୍କ ବିବାହ ବାର୍ଷିକୀରେ ଅନାଥାଶ୍ରମରେ ଥିବାବେଳେ, ଅନେକ ଦିନରୁ ବନ୍ଧୁ ହୋଇଯାଇଥିବା କୃପାସିନ୍ଧୁ ବାବୁ ଝିଅଟିକୁ ଆଣି ଟେକିଦେଲେ ଶାନ୍ତି ଦେବୀଙ୍କ ହାତରେ । କୋଟିନିଧି ମିଳି ଯାଇଥିଲା ଏ ଦି ଜଣଙ୍କୁ । କିଛି ମାସ ପରେ ସେ ସହରରୁ ବଦଳି ହୋଇଯାଇଥିଲା ହରେକୃଷ୍ଣ ବାବୁଙ୍କର । ଝିଅଟିକୁ କେବେ ବି ସେ ଅନ୍ୟର ଝିଅ ଭାବି ନାହାନ୍ତି, କୋଳେଇ କାଖେଇ ଛୋଟରୁ ବଡ କରିଛନ୍ତି, କିନ୍ତୁ ଆଜି ଏ ବୟସରେ ଝିଅକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିବାକୁ ପଡିବ, ସେ ତାଙ୍କ ଝିଅ ନୁହେଁ ବୋଲି । ତା ବାପା ମା କିଏ ଜଣା ନାହିଁ । କେମିତି କହିବେ ତାକୁ ?

ଏବେ ଆଉ ବଞ୍ଚିବ ବୋଲି ଆଶା ନାହିଁ । ଦୁଇଦିନ ହେଲା ଶାନ୍ତି ଆସି ଡାକୁଛି, ତଥାପି ଜୀବ ଛାଡୁନି ହରିଆର, କି ସେ ଯାଇ ପାରୁନି । ନିଜେ ଜାଣି ସାରିଲାଣି ସେ, ଆଉ ଅଳ୍ପ ଦିନ । ବେଶିରେ ବେଶି ଦୁଇଦିନ କି ଚାରିଦିନ ବଞ୍ଚିବ ସେ । କେତେବେଳେ କେଉଁକଥା, ନକହି ଯଦି ମରିଯାଏ, ମୁଣ୍ଡରେ ବୋଝ ଧରି ମରିବ । ତେଣୁ...

ବାପା, ବାପା, ଡାକରେ ନିଦ ଭାଙ୍ଗିଲା ହରିଆର । ଝିଅ ଖାଇବା ଧରିକି ଆସିଥିଲା । ଝିଅ ହାତରେ ଭରା ଦେଇ ଉଠିଲା ସେ ।ଖଟରେ ପିଠିପଟେ ତକିଆ ଦେଇ ଆଉଜି ବସି, ଝିଅର ହାତକୁ ଧରି କଣ କହିବ କହିବ ବୋଲି ଥରିଗଲା ତା ଓଠ । କୋହଉଠା ଥରିଲା କଣ୍ଠରେ କହିଲା ଝିଅକୁ, “ବସ, ତୋତେ ଆଜି ଗୋଟେ କଥା କହିବି । କହି ସାରିଲେ ଯାଇ ଖାଇବି ।”

ମୁହଁରେ ପ୍ରଶ୍ନବାଚକ ଚିହ୍ନ ଲଗେଇ ଚାହିଁ ରହିଲା ଝିଅ । କଣ କହିବ ବାପା ? ଆଗ ଖାଇଦିଅ ତାପରେ କଥା ହେବା । “ନା, କହିସାରେ ତା ପରେ ଖାଇବି” ଜୋର ଦେଇ କହିଲା ହରିଆ । “ହଉ ତେବେ,” କହି ମୁହଁକୁ ଚାହିଁ ରହିଲା ଝିଅ ।

ହରିଆ ଆରମ୍ଭ କଲା, “ତୁ ଜାଣିଛୁ ? ତୁ ଆମ ନିଜ ଝିଅ ନୁହଁ । ଆମେ ତୋତେ ଗୋଟେ ଅନାଥାଶ୍ରମରୁ ଆଣିଥିଲୁ । ତୁ ସେତେବେଳେ ମାତ୍ର ମାସକର ଛୁଆ, ଆମର ଛୁଆପିଲା ହେବେନି ବୋଲି ଡାକ୍ତର କହିଲା । ଗୋଟେ ଅନାଥାଶ୍ରମକୁ ଆମେ ଯାଇଥାଉ, ସେଠି କୃପାସିନ୍ଧୁ ବାବୁ ତୋତେ ଆମ ହାତରେ ଟେକି ଦେଲେ, ଆଉ ସେବେଠୁ ତୁ ଆମ ଝିଅ ହୋଇ ରହିଲୁ । ମୁଁ ଜାଣିନିରେ ମା, ତୋ ବାପା କିଏ, ମା କିଏ, କିଏ ତୋତେ ଆଣି ଛାଡିଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଅନାଥାଶ୍ରମରେ । ଜାଣିନି କି ଜାଣିବାକୁ ଚେଷ୍ଟା କରିନି । ସେ ସହରରୁ ବଦଳି ହୋଇ ଆସିବା ପରେ କେବେ ବି ସେ ସହର ଆଡେ ଆଉ ଯାଇନି । କାଳେ ତୋ ପ୍ରକୃତ ବାପମା ଆସି ସେଠି ଖୋଜିଥିବେ, କାଳେ ତୁ ଆମ ପାଖରେ ଅଛୁ ବୋଲି ଜାଣି ତୋତେ ନେବାକୁ ଆସିବେ, କାଳେ ତୁ ଆମ ପାଖରୁ ଚାଲିଯିବୁ, ସେ ଦ୍ୱନ୍ଦ୍ୱ ଆଉ ଭୟରେ ମୁଁ କେବେବି ଆଉ ଯାଇନି ସେ ସହରକୁ । ଆଜି ଯାଏଁ ତୋତେ ଏକଥା କହିନି ବୋଲି ମୋତେ କ୍ଷମା କରିଦେରେ ମା, କହି ହରିଆ ଦାଶ କଇଁକଇଁ ହୋଇ କାନ୍ଦି ଉଠିଲେ ।

ଲୁହ ହାବୁକା ମାରି ବାହାରି ଆସୁଥିଲା ସୁନୟନା ଆଖିରୁ । କେତେବଡ କଥାଟିଏ ଆଜି କହିଲେ ବାପା । ହେତୁ ହେବାପରଠୁ ସେ ଜାଣେ ହରେକୃଷ୍ଣ ଦାଶ ତା ବାପା ଓ ଶାନ୍ତି ଦାଶ ତା ମା । ହେଲେ ବତିଶ ବର୍ଷ ପରେ ଆଜି କହୁଛନ୍ତି ସେ ମୋ ବାପା ନୁହନ୍ତି ବୋଲି ? ଛୋଟରୁ ସେ ଦେଖି ଆସିଛି ବାପାଙ୍କ ଭଲ ପାଇବା, ମା'ର ସ୍ନେହ । ଯେତେବଡ଼ ଭୁଲ କଲେ ବି କେବେ କେହି ତା ଉପରକୁ ହାତ ଉଠେଇବା ତ ଦୂରର କଥା, କଡ଼ାକରି ପଦେ କହି ନାହାନ୍ତି । କେତେ ଝିଅଙ୍କ ସହ ସେ କଳି ନ କରିଛି ସ୍କୁଲରେ । କେତେ ଜଣଙ୍କ ସହ ମାଡ଼ ନ ହୋଇଛି, କେତେ ଥର ସ୍କୁଲରୁ କଂପ୍ଲେନ ଆସିଛି, କିନ୍ତୁ ସବୁଥର ବାପା ବୁଝାନ୍ତି, ଆଉ ନ କରିବା ପାଇଁ ଅନୁରୋଧ କରନ୍ତି । କେତେକେତେ ଦୁଷ୍ଟାମୀ ସେ କରେ, କିନ୍ତୁ ନା ବାପା, ନା ମା କେହି କେବେ ତାକୁ ଗାଳି ବି ଦିଅନ୍ତିନି । ଇଂଜିନିଅରିଂ ପଢି ସାରି ଚାକିରି କଲା ପରେ ଦିନେ ଘରେ ଆସି କହିଲା, “ଏଇ ପିଲାକୁ ବାହା ହେବି” । ଭାବିଥିଲା ଆଜି ହେଲେ ବାପା ମା ଗାଳି କରିବେ, କିନ୍ତୁ ଖୁସି ଖୁସିରେ ରାଜି ହୋଇଯାଇଥିଲେ ବାପା ମା । ମୋ ଖୁସି ପାଇଁ ଗାଁର ଘର ଜମି ବିକ୍ରି କରି ମୋତେ ପାଠ ପଢେଇଲେ, ବାହା କଲେ, ଆଉ ଆଜି ମୋତେ କହୁଛନ୍ତି ମୁଁ ତାଙ୍କ ଝିଅ ନୁହେଁ ବୋଲି ? କେମିତି ରିଆକ୍ଟ କରିବ, କଣ ରିଆକ୍ଟ କରିବ, କଣ କହିବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପାଙ୍କୁ ବୋଲି ଭାବି ପାରୁନଥିଲା ସେ । ଥରେ ତାଙ୍କ ଉପରେ ମିଛିମିଛିକା ରାଗିବ କି ? ଏତେ ବଡ କଥାକୁ ଜୀବନ ସାରା ମନ ଭିତରେ ରଖି ଏତେ ସ୍ନେହ କେମିତି ଦେଇପାରୁଥିଲେ ବୋଲି ପଚାରିବ କି ? ମା ଗଲା ପଛେ ମୋତେ କାହିଁକି କହିକି ଗଲାନି ବୋଲି ବାପାଙ୍କୁ ପଚାରିବ କି ? କିଛି ଭାବି ପାରୁନଥିଲା ସୁନୟନା ।

ବେଶ କିଛି ସମୟ ଚୁପ ରହିଲା ପରେ କହିଲା ସେ, “ବାପା, ମୁଁ କେବଳ ଏତିକି ଜାଣେ, ତୁମେ ଦି ଜଣ ମୋ ବାପା ମା । ତମେ ଯାହା କହିଲେ ବି ମୁଁ ଏତିକି ଜାଣେ, ସ୍ନେହ ମମତା ଦେଇ ତୁମେ ମୋତେ ପାଳିଛ । କୃଷ୍ଣ ତ ପୁଣି ନନ୍ଦ ଦେବକୀଙ୍କ ପାଖେ ସବୁଦିନ ପୁଅ ହୋଇ ରହିଲେ । ତେଣୁ ମୁଁ ସବୁଦିନ ତୁମ ଝିଅ ଥିଲି, ଅଛି, ରହିବି । ତୁମେ ଦି ଜଣ ମୋ ବାପା ମା, ମୁଁ ଏତିକି ଜାଣେ” ଏତିକି କହି ହରିଆ ଦାଶ କୋଳରେ ମୁଣ୍ଡ ରଖି ଶୋଇଗଲା ସେ ।

ସୁନୟନାର ମୁଣ୍ଡକୁ ସ୍ନେହରେ ଆଉଁସି ଦେଉଦେଉ ଆଖିରୁ ଠପ ଠପ ଲୁହ ବୋହି ଯାଉଥିଲା ହରେକୃଷ୍ଣ ବାବୁଙ୍କର । ବାପାଙ୍କ ଆଖିରୁ ଲୁହ ପୋଛୁ ପୋଛୁ ଆହୁରି କହି ଚାଲିଥିଲା ସୁନୟନା, “ତୁମ ମୁହଁରୁ ଏକଥା ଶୁଣିବାକୁ ଅପେକ୍ଷା କରିଥିଲି ବାପା; ହେଲେ ବହୁତ ଆଗରୁ ଏକଥା ମୁଁ ଜାଣିସାରିଥିଲି । ସେଦିନ ତୁମ ତକିଆ ତଳୁ ଚିଠି ପାଇଲା ପରେ ମୋର ବିଶ୍ୱାସ ହେଉ ନଥିଲା ଏ କଥା । ସାଙ୍ଗେ ସାଙ୍ଗେ ତୁମ ଡାଇରି ଖୋଜି ଚାଲିଲି, ଗୋଟେ ଜାଗାରେ ପାଇଲି ସେ ଅନାଥାଶ୍ରମର ଠିକଣା ଓ ମୋତେ ଘରକୁ ଆଣିଥିବା ତାରିଖ । ସତ୍ୟାସତ୍ୟ ଜାଣିବା ପାଇଁ ଫୋନ କରି ବୁଝିଲି ଏ ବିଷୟରେ, କିନ୍ତୁ ସେମାନେ କୌଣସି ତଥ୍ୟ ଦେବାକୁ ମନାକଲେ । ନିଜେ ଯାଇ ତୁମର ଆଉ ମାର ଫୋଟୋ ଦେଖେଇଲା ପରେ କୃପାସିନ୍ଧୁ ବାବୁ ସବୁ କହିଲେ । ଆହୁରି ବି କହିଲେ ଯେ, ମୋ ପ୍ରକୃତ ବାପା ମା ଆସିଥିଲେ ମୋତେ ଖୋଜିବା ପାଇଁ । ବିବାହ ପୂର୍ବରୁ ଜନ୍ମିତ ସନ୍ତାନ ବୋଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ଛାଡ଼ିଦେଇ ଯାଇଥିଲେ ଅନାଥାଶ୍ରମରେ ଆଉ ବିବାହ ପରେ କୌଣସି ଛୁଆପିଲା ନ ହେବାରୁ ସେମାନେ ଆସିଥିଲେ ମୋତେ ନେବାପାଇଁ । ଏ ଘରର ଠିକଣା ଜାଣି ନଥିଲେ ବି ଗାଁର ଠିକଣା ରଖିଥିଲେ କୃପାସିନ୍ଧୁ ବାବୁ, କିନ୍ତୁ ସେ ଜଣେଇ ନଥିଲେ ଆମ ଠିକଣା ମୋ ପ୍ରକୃତ ବାପା ମାଙ୍କୁ । ମୁଁ ବହୁତ ପଚାରିବା ପରେ ସେ ମୋ ପ୍ରକୃତ ବାପା ମାଙ୍କ ଠିକଣା କହିଲେ ମୋତେ । ମୁଁ ସେଠିକି ବି ଯାଇଥିଲି, କିନ୍ତୁ ସେମାନେ ରହୁନଥିଲେ ସେଠି । ଖବର ନେଇ ଜାଣିଲି ଏବେ ସେମାନେ ରହୁଛନ୍ତି ବୃଦ୍ଧାଶ୍ରମରେ । ମୁଁ ତାଙ୍କୁ ଏଠିକି ଆଣିବା ବ୍ୟବସ୍ଥା ବି କରିଛି । ଦିନେ ଦୁଇଦିନ ଭିତରେ ସେମାନେ ଆସିଯିବେ ଏଠିକି । ଆଜି ମୁଁ ବହୁତ ଖୁସି ଯେ ମୋର ଚାରିଜଣ ବାପା ମା...

ସୁନୟନାର କଥାସବୁ ଶୁଣି ହରିଆର ଆଖି ଲୁହରେ ଟଳମଳ ହେଉଥିଲା । ସେ ଭାବୁଥିଲା, ଆହାଃ ଯେଉଁ ବାପ ମା ଯାକୁ ଅବାଂଛିତା ବୋଲି ଭାବି ହାତ ଛାଡ଼ି ଦେଇଥିଲେ, ଆଜି ସେ ଅବାଂଛିତା ସେଇମାନଙ୍କ ହାତ ଧରି ଭିଡ଼ିଆଣୁଛି ଠା' ଦେବାକୁ ।... ଅପୂର୍ବ ଶାନ୍ତିରେ ହରିଆର ଆଖି ଏଥର ବୁଜି ହେଇ ଆସୁଥିଲା ।

ଖଲାରୀ, ଅନୁଗୋଳ, ଓଡିଶା

ଭ୍ରାମ୍ୟଭାଷ : ୯୩୭୬୦୧୨୫୦୦

subal.mohapatra@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା, ମାଟି ଓ ମହାନଦୀ



ପ୍ରତିଭା ପ୍ରିୟଦର୍ଶିନୀ

ଉଦୁଉଦିଆ ଦିପହରେ ନଈକୂଳ ଓସ୍ତଗଛ ଛାଇ ଓ ପବନ ଯେଉଁ ଶୀତଳତା ଦିଏ ତା ଆଗରେ କୋଉ ଏସି ଫେସି ସମାନ ହେବେନି । ସୁଲୁସୁଲିଆ ପବନ ସହିତ ଖାଁ ଖାଁ ନଦୀବନ୍ଧ ସ୍ମୃତିରେ ହଜିଯିବା ପାଇଁ ଅନୁକୂଳ ବାତାବରଣ । ଆଗରେ ଦିଗନ୍ତ ବିସ୍ତାରି ପ୍ରଲମ୍ବିତ ସିକତା । ମଝିରେ କ୍ଷିଣାଙ୍ଗୀ ମହାନଦୀ ନିଜକୁ ଘୋଷାରି ଚାଲିଛି ସମୁଦ୍ର ମିଳନର ଅଭିସାର ନେଇ । ଆଗରୁ ଖରାଦିନେ ନଦୀ ତଳବନ୍ଧରୁ ଲମ୍ବିଥିବା ପଥର ପାହାଚ ଗୁଡାକୁ ମୁକୁଳା କରି ଖସିଯାଏ ସବା ଶେଷ ପାହାଚ ଯାଏଁ । ଗୋଡ଼ କାଟେ ସେବେ ଗାଧେଇ ସାରି ଫେରିବାବେଳେ । ଅଣତିରିସଟା ପାହାଚରୁ ପ୍ରାୟ ସତେଇଶି କି ଅଠେଇଶି ପାହାଚ ଚଢିବା ବେଳକୁ ବିଶୁ ବିଚରା ଥକିଯାଏ । ଏଠୁ ଗଲେ ଆଗ ତଳବନ୍ଧରେ ଘାଟ ମଙ୍ଗଳା ମନ୍ଦିରରେ ହାଜିରା ଦେବ, ଖଣ୍ଡେ ଦୂର ଚାଲି ପଡିଆ ପରେ ପଥର ଘୋଷରା ଚଢି ଉପରବନ୍ଧରେ ଠିଆ ହେଲା ବେଳକୁ ନିଶ୍ୱାସ ପେଟରୁ ଆସି ଛାତିରେ ଅଟକୁ ଥିବ । ସେଠୁ ତଳ ଘୋଷରା ଦେଇ ଓହ୍ଲେଇ ଗଲେ ଗୋଟେ ବଡ଼ ନିଶ୍ୱାସ ମାରେ ବିଶୁ । ତଳେ ପୁଣି ଗାଁ ଠାକୁରାଣୀ ଷଷ୍ଠୀ ଦେବୀଙ୍କ ଆସ୍ଥାନ । ସେଠି ଭାରି ଛାଇ ଆଉ ଥଣ୍ଡା । ସେଠା ବରଗଛ ମୂଳେ ବାପା ପାଣି ଢାଳନ୍ତି, ସେତିକି ସମୟ ଠାକୁରାଣୀଙ୍କୁ ମୁଣ୍ଡିଆ ମାରୁ ମାରୁ ମନହୁଏ ସିମେଣ୍ଟ ଚାନ୍ଦିନୀ ଉପରେ ଘଡ଼ିଏ ଶୋଇପଡିବାକୁ । ହେଲେ ବାପା ଡାକଟେ ପକେଇ ଧପ୍ ଧପ୍ ଘରକୁ ମାଡି ଚାଲନ୍ତି ଆଉ ବିଶୁ ଦଉଡେ ତାଙ୍କ ପଛରେ । ଆଶ୍ଚର୍ଯ୍ୟ ଲାଗେ ତାକୁ, ତାକୁ ଏତେ କଷ୍ଟ ହେଉଛି ହେଲେ ବାପା ଗୋଟେ ଗରା କାନ୍ଧରେ ଆଉ ଗୋଟେ ହାତରେ ଧରି ନଦୀରୁ ଆସନ୍ତି । ଦୁଇ ଠାକୁରାଣୀଙ୍କ

ଆହ୍ୱାନ ଇ-ପତ୍ରିକା

ପାଖରେ ଅଧା ଅଧା କରି ଗରାଏ ପାଣି ଢାଳି ଗୋଟିଏ ଗରା ନେଇ ଘରକୁ ଯିବା ବେଳେ ତାଙ୍କୁ ଜମା ହାଲିଆ ଲାଗେନି କେମିତି ! ହଁ, ବୋଉ ବି ତ କାଖରେ ମୁଣ୍ଡରେ କରି ଦୁଇଟା ଗରା ରେ ନଈ ରୁ ପାଣି ବୋହି ଆଣେ ସବୁଦିନ ।

ଘରେ ପହଞ୍ଚି ତରତରରେ ଖାଇଦେଇ ସ୍କୁଲ ବହାରିଯାଏ ସେ । ପ୍ରାର୍ଥନା ପୂର୍ବରୁ ସଫେଇ କାମ ପାଳିକରି କରିବାକୁ ହୁଏ । ଶ୍ରେଣୀ କୋଠରୀରୁ ସ୍କୁଲ ହତା, ସବୁ ସଫା କରିବାକୁ ହୁଏ ପିଲାଙ୍କୁ । ଉଦ୍ୟାନ ପିରିୟଡ଼ରେ ଲଗେଇଥିବା ଗଛମାନଙ୍କ ଯତ୍ନ ନେବାକୁ ହୁଏ । ସ୍କୁଲ ପାଚେରୀକୁ ଲାଗି ଥିବା ବାଉଁଶ ବୁଦାଟା ସଫେଇ କାମ ବେଶୀ କଷ୍ଟିଆ କରିପକାଏ । ପ୍ରାର୍ଥନା ଆରମ୍ଭ ହେଲା ପରେ ଯିଏ ପହଞ୍ଚିବ ତାକୁ ବଡ଼ସାରଙ୍କ ଅଫିସ ଆଗରେ କାନଧରି ଆଣ୍ଠେଇବାକୁ ପଡିବ । ରାସ୍ତା କଡରେ ସ୍କୁଲ । ଗଲା ଆସିଲା ଲୋକ ଦେଖିବେ, ଯିଏ ଆଣ୍ଠେଇ ଥିବ ତା ଘରେ ଖବର ପହଞ୍ଚି ଯିବ । ଆଉ ଛୁଟି ପରେ ଘରକୁ ଗଲେ ବାପା ଆସିବା ଯାଏ ବୋଉ ଯେତିକି ଗାଳି ଦେଉଥିବ, ବାପା ଆସିଲେ ସେ ଦାଇତ୍ୱ ବାପାଙ୍କୁ ହସ୍ତାନ୍ତର କରିଦେଇ ବୋଉ ଚାଲିଯିବ ନଈକି ।

ନଈ ସହିତ କେବଳ ବିଶୁଘର ନୁହେଁ, ସମ୍ପୂର୍ଣ୍ଣ ଗାଁର ନିବିଡ ସମ୍ପର୍କ । ବିଶୁ ଓ ତାର କୁଟୁମ୍ବ କୈବର୍ତ୍ତ, ତେଣୁ ନଦୀ ତାଙ୍କ ପାଇଁ ଜୀବନଯାପନର ମାଧ୍ୟମ । ବିଶୁ ବାପା କୃପାସିନ୍ଧୁ ବେହେରା । ତାଙ୍କ ପରିବାରର ଏକା ତିନିଖଣ୍ଡ ଡଙ୍ଗା । ଦିନସାରା ବାପା ଓ ଦୁଇ ଦାଦା ଡଙ୍ଗା ବୁହାନ୍ତି । ଏପଟେ ବଡ଼ ହାଟବଜାର, ଡାକ୍ତରଖାନା, ପୋଲିସ ଫାଣ୍ଡି, ସିନେମା ହଲ ଆଉ ଯେତେ ସରକାରୀ ଦପ୍ତର । ନଦୀ ସେପଟୁ ଲୋକ ସବୁ କାମ ଲାଗି ଆସନ୍ତି ଏପାଖକୁ । ତାଙ୍କ ଗାଁ ଘାଟରେ ଦୈନିକ ଶହ ଶହ ଯାତ୍ରୀ ଯା ଆସ କରନ୍ତି । ଖୁବ ଭଲ ରୋଜଗାର ହୁଏ ।

ସପ୍ତାହକୁ ଥରେ ବିଶୁବାପା ଛୋଟ ଡଙ୍ଗା ନେଇ ମାଛ ଧରିବାକୁ ଯା'ନ୍ତି । ନଦୀ ଏପାରି ସେପାରି ଦଶଖଣ୍ଡ ଗାଁରେ କୁରୁପା କେଉଟର ନାଁ ଡାକ । ଗର୍ଭିଣୀ ନଈରେ ସାହସ କରି ନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମେଲିଦେବା ଭଳି କଲିଜା ଥିଲା କୁରୁପାର । ଲୋକଟା ବି ସେମିତି ଦେଖିବାକୁ । ଡେଙ୍ଗା ଦେହ, ଚଉଡା ଛାତି, ଶ୍ୟାମଳ ରଙ୍ଗ ଓ କୁଞ୍ଚୁକୁଞ୍ଚିଆ କେଶ ଧାରି ବାପାଙ୍କ ଚେହେରା ମନେ ପଡିଲେ ବିଶୁକୁ ଲାଗେ ବାପା ତା'ର କୌଣସି ସିକ୍ସପ୍ୟାକୱାଲା ସିନେମା ହିରୋ ଭଳି ଥିଲେ । ରୂପସୀ ମହାନଦୀ ଛାତିରେ ନିଜ ପୌରୁଷର ଦର୍ପ ନେଇ ଠିଆ ହେଉଥିବା ଲୋକଟା ଯେ ଖରାଦିନିଆ ନଈରେ ଡଙ୍ଗା ବୁଡି ସବୁଦିନ ଲାଗି ହଜିଯିବ, ସେକଥା କେହିବି ବିଶ୍ୱାସ କରି ପାରିନଥିଲେ । ବୈଶାଖ ମାସ ସଞ୍ଜ, ହଠାତ ଗାଁ ସାରା ହୁଲୁସ୍ଥୁଲ ହେଲା, "କୁରୁପା ଡଙ୍ଗା ଭଉଁରୀରେ ପଡି ଓଲଟି ଗଲା । ଘଣ୍ଟେ ଖୋଜା ଖୋଜି ପରେ କିଛି ମିଳୁନି । ଦମକଳ ବି ଆସିଲା । ହେଲେ କିଛି ମିଳିଲାନି । ତିନିଦିନ ଯାଏ ବୋଉ ସହିତ ବିଶୁ ଏଇ ଘାଟ ମଙ୍ଗଳାଙ୍କ ଚାନ୍ଦିନୀରେ ବାପାଙ୍କ ଅପେକ୍ଷାରେ ବସି ରହିଲା । ହେଲେ ବାପା ଆସିଲେନି । ତିନିଦିନ ପରେ ନରାଜରୁ ଛାଣି ଅଣାହେଲା ତାଙ୍କ ଶବ । କାଠ ଭଳି ହେଇଯାଇଥିବା ବୋଉ ଧୁମ କରି ପଡିଗଲା ସେଇଠି ବାପାଙ୍କ ପାଖରେ । ବିଶୁ ସେତେବେଳେ ବିଏ ପଢୁଥାଏ । ବୋଉକୁ ସମ୍ଭାଳି ଥିଲା ସେ । ଏଇ ଧାରେ ପାଣିରେ କଣ କେହି ବୁଡିଯାଇପାରେ !!!

ବାପା...... ବୋଲି ଡାକି ହଠାତ ଚମକି ପଡିଲା ବିଶୁ । ଲାଗୁଥିଲା ଏଇ ଯେମିତି ବାପା ଦୁଇଗରା ପାଣି ଧରି ଆସୁଛନ୍ତି । ଘାଟ ମଙ୍ଗଳାଙ୍କ ମନ୍ଦିର ପାଖରେ ପାଣି ଦୁଇଟା ଥୋଇଦେଇ ଠିଆ ହେଲେ । କହିଲେ, "ବିଶୁ ! କଣ ଦେଖୁଚୁରେ ? ଦେଖ ଆଉ ଘାଟ ନାହିଁ । ହେଲେ ଘାଟ ନାହିଁ ବୋଲି କେଡେ ନାରଖାର କରିଛନ୍ତି ଏ ଘାଟ, ଏ କୂଳ ଆଉ ଏ ନଈକୁ । ଏ ଠାକୁରାଣୀ ମନ୍ଦିର ଦେଖେ କେତେ ମଦ ବୋତଲ, ଚିଲମ ଆଉ ବିଡ଼ି ସିଗାରେଟ ଏଠି । ତୁ ତ ଜାଣିଛୁ ବାପ, ଏଇ ଠାକୁରାଣୀଙ୍କ ଅଭୟ ପାଇ ରାତି ରାତି ଘାଟ ଜଗି ଶୋଉଥିଲୁ ଆମେ ଚାଳିଆରେ । ଅଜଣା ଲୋକ ବି ଅଧରାତିରେ ନିର୍ଭୟ ପାଉଥିଲା ମା'କୁ ଡାକେ ମାରିଦେଇ । ଯୋଉ ପଡିଆରେ ଗୋରୁ ଗାଈ ଚରୁଥିଲେ ସେ ଆଜି ଟାଙ୍ଗରା ଭୂଇଁ । ତୁ କିଛି କର ଏ ମା



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାକୁରାଣୀ, ନଈକୂଳ ମାଟି ଆଉ ଆମ ମହାନଦୀ ପାଇଁ ।" ପାଣିଗରା ଧରି ଚାଲିଯାଉଥିଲେ ବାପା ।

ସେ ସ୍ୱପ୍ନରେ କି ସତ ସମୟରେ ଠିଆ ହୋଇଛି, ସେକଥା ବୁଝି ପାରୁନଥିଲା ବିଶୁ । କିନ୍ତୁ ବାପାଙ୍କ କଥାକୁ ଆଦେଶ ବୋଲି ଭାବିନେଲା ସେ ଆଉ ପ୍ରଣ କଲା ତାଙ୍କ ଇଚ୍ଛା ପୂର୍ଣ୍ଣ କରିବ ବୋଲି । ମାଟ୍ରିକ ବେଳେ ଭଲ ପଢୁଥିଲା ବୋଲି ହେଡ଼ସାର କହିଲେ ବିଶୁ ଲାଗି ସରକାରୀ ବୃତ୍ତି ମିଳିଯିବ ଅନୁସୂଚିତ ଜାତି କୋଟାରେ । କୋଟାରେ ଭଲ କଲେଜରେ ଆଗକୁ ପଢି ପାରିବ ବିଶୁ । ତହସିଲଦାରଙ୍କଠୁ ଜାତି ପ୍ରମାଣପତ୍ର ଖଣ୍ଡେ ଆଣିବାକୁ ହେବ କେବଳ । ବାପା ସେଇଠି ରୋକଠୋକ ମନା କରିଦେଲେ । କହିଲେ, ମୋ ପୁଅ ତା ଯୋଗ୍ୟତା ନେଇ ପାଠ ପଢୁ, ବୃତ୍ତି ପାଉ । ସେଥିକି ନପାରିଲେ ମୋ ସାଙ୍ଗରେ ଆମ କୂଳ ବେଉସା କରିବ । ଜାତି ଦେଖେଇ କାହା ହାତଟେକା ନେବନି କି ଅନ୍ୟ ଯୋଗ୍ୟ ପିଲାର ହକ ମାରିବନି । ବିଶୁ ନିଜ ଯୋଗ୍ୟତା ବଳରେ ଓଏସ୍ ପାଇଲା । ବିଡ଼ିଓ ହେଲା । ଆଜି ସେ ଗାଁ ପିଲାଙ୍କ ପାଇଁ ଆଦର୍ଶ । ଏଇ କିଛି ଦିନ ତଳେ ବଦଳି ହୋଇ ଆସିଛି ଏଠିକି ।

ବାପାଙ୍କ କଥାକୁ କାମରେ ଲଗେଇବା ପାଇଁ ଅଣ୍ଟା ଭିଡ଼ିଲେ ବିଡ଼ିଓ ବିଶ୍ୱବନ୍ଧୁ ବେହେରା । ବ୍ଲକର ସବୁ ଗାଁରେ ଏବେ କ୍ଲବମାନ ଅଛି । କ୍ଲବପିଲାଙ୍କୁ ଡାକି ବୈଠକ କଲେ । ଯୋଜନା ପ୍ରସ୍ତୁତ କଲେ । ରଜ ବେଳକୁ ଆରମ୍ଭ ହେଲା ଅଭିନବ ପ୍ରତିଯୋଗିତା । "ଆମ ଗାଁ ନଈକୂଳ" ନାଁରେ ଚାଲିଲା ନଦୀକୂଳ ପଡିଆରେ ବୃକ୍ଷ ରୋପଣ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ । ସବୁ କ୍ଲବକୁ ମିଳିଲା ସମାନ ଅନୁଦାନ । ଯିଏ ସେଇ ଅନୁଦାନରେ ସବୁଠୁ ବେଶି କାମ କରିବ, ତାକୁ ମିଳିବ ଲକ୍ଷେ ଟଙ୍କାର ପୁରସ୍କାର । ସବୁ ଗାଁରେ ଲାଗି ପଡିଲେ ଯୁବକମାନେ । ବିଶୁ ପାଖକୁ ଆସିଲେ ତାଙ୍କ ଗାଁ ପିଲା । ପଚାରିଲେ କିଛି ଉପାୟ । ବିଶୁ ବତେଇଦେଲେ ଅଭିନବ ଉପାୟ କେତେ, ସେଥିରେ କାମ ସାଙ୍ଗକୁ ସଞ୍ଚୟ ଓ ଉପାର୍ଜନ ବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା । ଛୋଟ ପିଲାଙ୍କ ହାତରେ ଦିଆଗଲା ମଞ୍ଜି ସଂଗ୍ରହ କାମ । ମହିଳା ମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଢି ଚାରା ପ୍ରସ୍ତୁତ କଲେ । ବର, ଓସ୍ତ, ଜାମୁ, ପଣସ, ଆମ୍ବ, କଦମ୍ବ ଭଳି ବଡ଼ ବଡ଼ ଗଛ ଲଗା ହେଲା ଉପରବନ୍ଧର ଦୁଇପାଖ ଓ ପଡିଆରେ । ତଳବନ୍ଧ ପଡ଼ିଆରେ ଲାଗିଲା ଗେଣ୍ଡୁ ତଳି । ବଳକା ଚାରା ଅନ୍ୟ ଗାଁ ପିଲାଙ୍କୁ ବିକ୍ରି କରି ବେଶ କିଛି ପଇସା ମିଳିଲା । ଗାଁ ଯାକର ଗୋବର ଆଉ ପରିବା ଚୋପା, ଆଖୁ ଛେଦା, ପଚା ଛଣ ଇତ୍ୟାଦିରୁ ତିଆରି ହେଲା ଖତ । ସେ ଖତ ବି ଖୁବ ବିକ୍ରି ହେଲା ନିଜ ବ୍ୟବହାର ପରେ । ପାଳିକରି ପାଣି ଦିଅନ୍ତି ସମସ୍ତେ । ବର୍ଷ ଶେଷକୁ ପୁରସ୍କାର ଦିଆଗଲା । ପାଇଲା ୱାଲା ଆଉ ନପାଇଲା ବାଲା କିନ୍ତୁ ସେତେବେଳକୁ ଅଭ୍ୟସ୍ତ ହୋଇସାରିଥାନ୍ତି ଏ କାମରେ । ତିନିବର୍ଷ ଭିତରେ ସବୁଜିମାରେ ଭରପୁର ହୋଇ ଉଠିଲା ନଈକୂଳ । ତଳ ପଡିଆର ଉର୍ବର ମାଟିରେ ଫୁଲ ଚାଷ ସାଙ୍ଗକୁ ପନି ପରିବା ଖୁବ ହେଉଛି ଏବେ । ଉପର ପଡିଆ ବଡ଼ ଗଛ ସବୁ ବେଶ ଉଧେଇ ଗଲେଣି । ମଝିରେ ମଝିରେ ସିମେଣ୍ଟ ପିଣ୍ଡିମାନ ଗଢିଛନ୍ତି ଗାଁ ଲୋକେ । ସହରି ଲୋକ ଯାଗା ଖୋଜି ଖୋଜି ଆସୁଛନ୍ତି ଶୀତଦିନେ ବଣଭୋଜି କରିବାକୁ । ନଈ ଏବେ ଆଗ ଅପେକ୍ଷା ଆଉ ଟିକେ ସ୍ୱାସ୍ଥ୍ୟବତୀ ଦିଶୁଛି ଖରାଦିନେ । ସବୁଠୁ ବଡ଼କଥା, ଖରାଦିନିଆ ଧାର ବି ରହୁଛି ସେଇ ୨୯ ପାହାଚଠୁ ଟିକିଏ ଆଗକୁ ।

ତାଙ୍କ ଦେଖାଦେଖି ଆଉ କେତେ ନଦୀକୂଳିଆ ଅଞ୍ଚଳ ଏ ପ୍ରଥାକୁ ଆପଣେଇଲେଣି । ଖୁବ ସମ୍ମାନ, ପ୍ରତିଷ୍ଠା, ପୁରସ୍କାର ଓ ପ୍ରସିଦ୍ଧି ପାଇଲେ ବିଶୁ ଓ ତାଙ୍କ ଅଞ୍ଚଳର ଲୋକମାନେ । ଆଜି ଚିତାଲାଗି ଅମାବାସ୍ୟା । ପିଲାଦିନେ ବୋଉ ଚିତଉ ପିଠା ଦେଇ ପଠାଏ ନଈ କୂଳେ ଠାକୁରାଣୀଙ୍କ ପାଖରେ ଓ ନଈକୁ ଦେବା ପାଇଁ । ସେତେବେଳେ ଚିତଉ ଅମାସିଆ ବେଳେ ନଈରେ ପାଣି ଭର୍ତ୍ତି ଥାଏ । ତଳ ବନ୍ଧରେ ଅଳ୍ପ କେଇଟା ପାହାଚ ଓହ୍ଲେଇ ଗଲେ ପାଣିକୁ ଖଣ୍ଡ ଖଣ୍ଡ ପିଠା ଛିଣ୍ଡେଇ ପକେଇ ହୁଏ । ଗେଣ୍ଡା ଖା, କୋଚିଆ ଖା କହି ବିଶୁ ପିଠା ପାଣିକି

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ପକାଏ । ଠାକୁରାଣୀଙ୍କ ପାଖରେ ଥିବା ଅନ୍ୟ ଘର ପିଠାକୁ ବି ପାଣିକି ପକେଇ ଦିଏ । ଢେର ଦିନୁ ପାଣି ଦୂରରେ ରହିବା ଯୋଗୁଁ କେହି ଆସନ୍ତିନି ପିଠା ନେଇ । ଆଜି କିନ୍ତୁ ଆସିଛନ୍ତି ଗାଁ ଲୋକ । ପିଲାଏ ସ୍କୁଲ ପରେ ଖେଳୁଛନ୍ତି ନଈକୂଳ ପଡ଼ିଆରେ । ସଞ୍ଜ ନଇଁ ଗଲାଣି କେତେବେଳେ ଜାଣିହେଲାନି । ବନ୍ୟା ପାଣି ମାପ ଖୁଣ୍ଟ କୁ ଆଉଜି ଢୁଳେଇ ପଡିଥିଲା ବିଶୁ । ହଠାତ ମଧୁର ଝୁଣା ବାସ୍ନାରେ ମୋହାବିଷ୍ଟ ସନ୍ଧ୍ୟା ଉପସ୍ଥିତ, ଟିକି ମନ୍ଦିର ଭିତରୁ ଘାଟ ମଙ୍ଗଳାଙ୍କ ରୁପା ଆଖି ଓ ଚିତା ଚିକମିକ ଦିଶୁଥାଏ କ୍ଷୀଣ ଦୀପଶିଖାର ଉଜ୍ଜ୍ୱଳ ଆଲୋକରେ । ଆଉ ଏପଟକୁ ବୁଲି ଦେଖେତ, ବାପା ବସିଛନ୍ତି ପ୍ରଶାନ୍ତ ମୁଦ୍ରାରେ ସ୍ମିତହାସ୍ୟ ପିନ୍ଧି । ବିଶୁ ନଇଁ ପଡ଼ିଲା ଆଶୀର୍ବାଦ ନେବାକୁ । ତୁ ମୋ କଥା ରଖିଲୁ ବାପ, ଏବେ ମୁଁ ଖୁବ ଖୁସି । ସୁଖି ହୁଅ..... ଏତିକି କହି ନଦୀ ଆଡକୁ ଚାଲିଯାଉଥିଲେ ବାପା । ତାଙ୍କୁ ଅଟକେଇବାକୁ ଧାଇଁ ଯିବାବେଳେ ପଛରୁ ଗୁରୁଗମ୍ଭୀର ନାରୀକଣ୍ଠଟିଏ ଆକଟ କରି ଅଟକେଇଲା "ରହିଯା ବିଶୁ, ବାପା ଯାଉ । ତୁ କେବଳ ବାପା କଥା ମାନି କର୍ମ କର ।" ଚମକି ପଡି ବୁଲି ଦେଖିଲା ବେଳକୁ ମା ମଙ୍ଗଳାଙ୍କ ମନ୍ଦିର ଭିତରୁ ଉଦ୍ଭାସିତ ହେଉଥିଲା ଏକ ବିଚିତ୍ର ଆଭାରେ, ଆଉ ସେପଟେ ପାଣି ଉପରେ ଚାଲି ଚାଲି ବାପା ପହଞ୍ଚି ଯାଇଥିଲେ ନଈ ମଝାମଝି । ସେଠି ଚକ୍ରାକାର ଭଉଁରୀ ଭଳି ଘୁରି ଘୁରି ମିଳେଇଗଲା ତାଙ୍କ ଛାୟା । ମାଟିରୁ ଟିପେ ମଥାରେ ବୋଳି, ମା ମଙ୍ଗଳା ଓ ମହାନଦୀକୁ ଆଭୂମ ପ୍ରଣାମ କରି ଫେରିବା ବାଟ ଧରିଲେ ବିଶୁ । ଏପଟେ ପହଞ୍ଚିବା ବେଳକୁ ଷଷ୍ଠୀ ମାତାଙ୍କ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇସାରିଥାଏ ଚଣ୍ଡୀ ପାଠ । ଝୁଣା, ଧୂପ ଓ ଗୁଗ୍ଗୁଳ ବାସ୍ନାରେ ସ୍ଫୁର୍ତ୍ତ ହେଉଥିଲା ବାପାଙ୍କ ଆଶୀର୍ବାଦ ଲବ୍ଧ ବିଶୁର ମନପ୍ରାଣ ।

ଲିଙ୍କ ରୋଡ଼, କଟକ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ସଫଳ ମଣିଷ



ଅନସୂୟା ପଣ୍ଡା

ଯଦିଓ ସୁଖ, ଦୁଃଖଟା ନିହାତି ଆପଣାକୃତ, ତଥାପି ସଫଳ ମଣିଷମାନେ ନିଜର ସଫଳତାର ଧ୍ୱଜା ସବୁଥିରେ ଉଡ଼ାଇବାକୁ ଚାହାନ୍ତି ଯେ ସବୁବେଳେ ସଫଳ ମଣିଷ ମାନେ ହିଁ ସଫଳ । ସତରେ ଦୁନିଆରେ ସଫଳ ମଣିଷମାନେ ହିଁ ତ ସୁଖୀ, କାରଣ ପରିସ୍ଥିତି, ସମୟ, କହିବାକୁ ଗଲେ ଦୁନିଆ ମଧ୍ୟ ସେମାନଙ୍କ ହାତ ମୁଠାରେ ଥାଏ । ଚାହିଁଥିବା ଜିନିଷ ସେମାନେ ଅନାୟାସରେ ପାଇଥାଆନ୍ତି । ଜଣେ ସଫଳ ଓ ସୁଖୀ ମଣିଷର ଉଲ୍ଲାସରେ ଉଦ୍‌ବେଳିତ ହୋଇ ଉଠୁଥିଲେ ରାମେଶ୍ୱରବାବୁ । କଣ ଆଉ ମଣିଷର ଦରକାର ? ସୁଖ, ଶାନ୍ତି, ଟଙ୍କା, ଘର, ଗାଡ଼ି ? ସବୁ ତାଙ୍କ ପାଖରେ ଅଛି । କାରଣ ସେ ଜଣେ ସଫଳ ମଣିଷ, ଜଣେ ସୁଖୀ ମଣିଷ । ଜୀବନରେ ଯାହା ଇଚ୍ଛା କରିଛନ୍ତି, ଯେମିତି ଇଚ୍ଛା କରିଛନ୍ତି, ସେଇଟା ସେ ପାଇସାରି ନିଜକୁ ବିରତ କରିଛନ୍ତି । ପରିସ୍ଥିତିକୁ ତାଙ୍କ ପାଖରେ ହାରିବାକୁ ପଡ଼ିଛି, ସମୟକୁ ତାଙ୍କ ପାଖରେ ମୁଣ୍ଡ ନୁଆଇଁବାକୁ ପଡ଼ିଛି ।

ଏଇ ବର୍ଷେ ହେବ, ସେ ପ୍ରଫେସର ପଦବୀରୁ ଅବସର ନେଇଛନ୍ତି । ଆଜି ସେ ବହୁତ ଖୁସି । କାରଣ ଗୋଟିଏ ବୋଲି ସନ୍ତାନ, ତାଙ୍କ ଝିଅ ମିନୁର ବିବାହ ଯୋଗ୍ୟବର ସଙ୍ଗେ କରିଛନ୍ତି ।

ମିନୁର ବାହାଘର ବିଳମ୍ବ ହେବାଯୋଗୁଁ ସେ ଦମ୍ଭ ହରାଇବା ଭଳି ଅନୁଭବ କରୁଥିଲେ ମାତ୍ର ଭାଙ୍ଗି ପଡ଼ିନଥିଲେ । ସବୁ ଜିନିଷକୁ ହାତ ମୁଠାକୁ ଆଣିବାର କାଇଦା ତାଙ୍କୁ ଜଣାଥିଲା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନର ପ୍ରତିଟି ପାହାଚରେ ସେ ନିଜକୁ ବିଜୟମଣ୍ଡିତ କରିଛନ୍ତି, ଆଉ ଏଥିପାଇଁ ଯେ ସେ ହାରିଯିବେ ଏ କଥା ଅସମ୍ଭବ ! କଣପାଇଁ ବି ସେ ହାରିଯିବେ ? କଣ ନଥିଲା ମିନୁର ? ସୁନ୍ଦରୀ, ସୁଶିଳା, ଉଚ୍ଚଶିକ୍ଷିତା ମିନୁ ଏକ ସରକାରୀ କଲେଜରେ ପ୍ରଧ୍ୟାପିକା । ମିନୁ ପାଇଁ ରାମେଶ୍ୱର ବାବୁ ବହୁତ ଖୋଜିଲେ ବରପାତ୍ର । ବନ୍ଧୁବାନ୍ଧବ, ସାଙ୍ଗସାଥୀ, ସାହିପଡ଼ୋଶୀଙ୍କୁ ସଭିଙ୍କୁ କହି ରଖିଥିଲେ । ଖୁବ୍ ଭଲ ଭଲ ପ୍ରସ୍ତାବ ମଧ୍ୟ ଆସିଲା । ହେଲେ କୌଣସିଟି ବି ରାମେଶ୍ୱର ବାବୁଙ୍କ ମନ ମୁତାବକ ହେଲାନି । ସେ ଚାହୁଁଥିଲେ ଭଲ ନୁହେଁ, ଖୁବ୍ ଭଲ ଜ୍ୱାଇଁ । ସୁଧୀର, ସୁଶୀଳ, ଆଦର୍ଶ, ଜ୍ଞାନୀ, ଉଚ୍ଚ ଶିକ୍ଷିତ ଜ୍ୱାଇଁ । କିନ୍ତୁ ଆଜିକାଲିର ଯୁଗରେ ଏ ସବୁ ଏକାବେଳେ ମିଳୁଛି କାହିଁ ?

ହେଲେ ସେ ଜିତି ଯାଇଛନ୍ତି, ଏତେବର୍ଷପରେ ସେ ଚାହୁଁଥିବା ସବୁ ଉପାଦାନରେ ଗଢ଼ା ଗୋଟେ ଜ୍ୱାଇଁ ପାଇଛନ୍ତି । ଏଥିପାଇଁ ସେ ଆହୁରି ଗର୍ବିତ । ସେ ତାଙ୍କ ସାଙ୍ଗମାନଙ୍କ ଠାରୁ ଶୁଣିଛନ୍ତି, କାହା ଜ୍ୱାଇଁ ଅଧିକ ଯୌତୁକ ମାଗୁଥିଲା ତ କାହା ଜ୍ୱାଇଁ ନିଶାଖୋର, କାହା ଜ୍ୱାଇଁ ଅନ୍ୟ କେଉଁ ଝିଅ ସହ ସମ୍ପର୍କ ରଖୁଛି ତ କିଏ ଅଭଦ୍ର ଓ ଅଶିଷ୍ଟ ଅଥବା କାହାର ପରିବାର ହିଁ ଭଲନାହିଁ । କିନ୍ତୁ ତାଙ୍କ ଜ୍ୱାଇଁ ସେ ସବୁ ଦୃଷ୍ଟିରୁ ଉତ୍ତମ । ଭଦ୍ର, ନମ୍ର ବ୍ୟବହାର, ମିଷ୍ଟ କଥାବାର୍ତ୍ତା, ସତ୍‌ଚରିତ୍ରବାନ, କେବଳ ସେତିକି ନୁହେଁ, ଖୁବ୍ ମାର୍ଜିତ ପରିବାର ମଧ୍ୟ ତାଙ୍କର । ମିନୁ ସେଠି ଖୁବ୍ ଭଲରେ ଚଳିବ । ଏ କଥାଟି ଭାବି ତାଙ୍କ ମନ ଆହୁରି ବିଜୟୋଲ୍ଲାସରେ ଫୁଲି ଉଠିଲା । ସାହିପଡ଼ିଶାଙ୍କ ମୁହଁ ଏବେ ବନ୍ଦ ହୋଇଗଲା । କହୁଥିଲେ କ'ଣ ନା, "ମା'ଟା ଥିଲେ କଣ ଭାବିଥାନ୍ତା, କରିଥାନ୍ତା । ବାପ ତା'ର ମନମାନି କରି ଝିଅକୁ ଘରେ ବସେଇ ବୁଢ଼ୀ କରିଦେବ । ଏତେ ସୁନ୍ଦରୀ ଲକ୍ଷ୍ମୀ ପ୍ରତିମା ପରି ଝିଅ ଅଭିଆଡ଼ି ହୋଇ ପଡ଼ିରହିବ ।" ସତରେ ଏସବୁ ଶୁଣି ସେତେବେଳେ ରାମେଶ୍ୱର ବାବୁଙ୍କ ଦମ୍ଭ ଦୁର୍ବଳ ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଥିଲା । "ତା'ହେଲେ ସେ କଣ ହାରିଯିବେ ?" ପୁଅ ମାନଙ୍କ ଆଡୁ ପ୍ରସ୍ତାବ ଖୁବ୍ କମ୍ ଭାଙ୍ଗୁଥିଲା । କାରଣ ଝିଅ ଚାକିରୀଆ, ସୁନ୍ଦରୀ, ବାପା ବି ପଇସାବାଲା, ଯୌତୁକ ନ ମାଗିଲେ ବି ଗୋଟିଏ ପିଲା ତ' ବାପ ଥୋଡ଼ାଏ ଦେବ । କିନ୍ତୁ ଯେତେ ଭଲ ପ୍ରସ୍ତାବ ହେଲେ ବି ରାମେଶ୍ୱର ବାବୁଙ୍କ ମନକୁ ପାଉନଥିଲା । ସବୁ ଖବର ଟିକିନିଖି ବୁଝି ଶେଷରେ ଏମିତି ହେଲା କେହି ଆଉ ପ୍ରସ୍ତାବ ଆଣିବାକୁ ମଙ୍ଗିଲେ ନାହିଁ । ମିନୁ ବି ଚିଡ଼ଚିଡ୍ ହେଲା, ଏତେ ଲୋକଙ୍କ ଆଗରେ ନିଜକୁ କଣ୍ଢେଇପରି ଉପସ୍ଥାପିତ କରିବାକୁ । ଯେତେ ଗୁଣର ଅଧିକାରୀ ହେଲେ, ଯେତେ ସୁନ୍ଦର କହିଲେ ବି ବରପକ୍ଷ ଲୋକ ଆସିଲା ବେଳେ ନିଜକୁ ଆହୁରି ସୁନ୍ଦର କରି ସଜେଇ ହେବାକୁ ପଡ଼େ, ହସ ନ ମାଡୁଥିଲେ ବି ଭୟକୁ ଘୋଡ଼େଇ ମୁହଁରେ କୃତ୍ରିମ ହସ ଫୁଟେଇବାକୁ ପଡ଼େ । ମାପିଚୁପି କଥା କହିବାକୁ ପଡ଼େ । ଧିରେ ଧିରେ ଚାଲିବାକୁ ପଡ଼େ । କାଳେ ଏଇ ପ୍ରସ୍ତାବରେ ସବୁ ଠିକ୍ ଠାକ୍ ହୋଇଯିବ । ପରୀକ୍ଷା ଶେଷ ହେବ । ମାତ୍ର ନା, ସବୁଥିରେ ହଁ ଥିଲେ ବି ରାମେଶ୍ୱର ବାବୁ ହିଁ କେଁ କାଢ଼ନ୍ତି । ସେ ଥର ତ' ସବୁ ଠିକ୍ ହୋଇଯାଇଥିଲା, ପିଲାଟି ଭଲ, ଚାକିରୀଆ, କିନ୍ତୁ ପିଲାର ବାପା ଟିକେ ପିଆପିଇ କରନ୍ତି ବୋଲି କେଉଁଠୁ ଶୁଣିଲେ ତାଙ୍କ ସାଙ୍ଗମାନେ ଯେତେ ବୁଝାଇଲେ, "ଆରେ ତା ବାପା ମିଲିଟାରୀରେ ଥିଲା, କଣ କେତେବେଳେ ଟିକେ ପିଇ ଦେଉଥିବ । ତୁ ତ', ତା ପୁଅକୁ ଝିଅ ଦେବୁ । ବାପଟା କଣ ଅଛି ?" ହେଲେ ନା ସେ ରୋକଠୋକ୍ ମନା କରିଦେଲେ । କହିଲେ ମିନୁ, ନା ତା' ବାପର କୌଣସିଥିରେ କମ ଅଛି ଯେ ଏମିତି ପ୍ରସ୍ତାବରେ ରାଜି ହେବ ? ମଦୁଆର ପୁଅ, ଏବେ ନ ପିଉଥିଲେ ବି, ଭବିଷ୍ୟତରେ ପିଇବନି ବୋଲି କିଏ କହିବ ? ସେ ଯା ହେଉ ପ୍ରସ୍ତାବଟା ଭାଙ୍ଗିଦେଇ ସେ ଖୁବ୍ ଧନ୍ୟବାଦ ଦେଲେ ଠାକୁରଙ୍କୁ । ସାହିପଡ଼ିଶା ଖୁବ୍ ନିନ୍ଦିଲେ, ମିନୁ ବି କାନ୍ଦିଲା । କହିଲା, "ବାପା ମୁଁ ଥକି ଗଲିଣି ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାମେଶ୍ୱର ବାବୁ ମନରେ ଭାବିବାକୁ ଲାଗିଲେ, "କ'ଣ ସେ ନିଜ ଝିଅର ଶତ୍ରୁ ? ନା ଏଥର ଯାହାହେବ, ତାହା ତା' ଭାଗ୍ୟରେ ଥିବ । ଯେଉଁଠି ହେଲେ ଏଥର ଠିକ୍ କରିଦେବି ।" ମଝିରେ ବହୁତ ଦିନ ଗତ ହୋଇଯାଇଥିଲା । କେଉଁଆଡୁ ଆଉ କିଛି ଖବର ନଥିଲା । ହଠାତ୍ ଦିନେ ତାଙ୍କ ଦୂରର ବନ୍ଧୁଜଣେ ଏଇ ପ୍ରସ୍ତାବଟି ପଠାଇଥିଲେ । ପିଲାଟି ତାଙ୍କର ସାଙ୍ଗର ଛାତ୍ର । ପିଲାଟିର ବାପା ମା'ଙ୍କୁ ତାଙ୍କ ବନ୍ଧୁ ଭଲଭାବରେ ଜାଣନ୍ତି । ତାଙ୍କର ଝିଅଟିଏ ଓ ପୁଅଟିଏ । ଝିଅଟିକୁ ବାହା ଦେଇଛନ୍ତି, ପୁଅଟି ଏବେ ସରକାରୀ କଲେଜରେ ଅଧ୍ୟାପକ ଅଛି ।

ରାମେଶ୍ୱର ବାବୁଙ୍କ ସାଙ୍ଗ, ଯେ ଏହି ପ୍ରସ୍ତାବ ଆଣିଥିଲେ ତାଙ୍କ ପାଖରେ ପିଲାଟି ଡକ୍ଟରେଟ୍ କରୁଛି । ଖୁବ୍ ମନକୁ ପାଇଲା ପ୍ରସ୍ତାବଟି । ଭଲ ଲୋକଙ୍କର ସବୁବେଳେ ଭଲ ହୁଏ । ଏବେ ଭାବୁଛନ୍ତି, ମିନୁର ମା' ଥିଲେ କେତେ ଖୁସି ହୋଇଥା'ନ୍ତା ।

ମିନୁଟା ଛାଇପରି ଥିଲା ତାଙ୍କର । ଖୁବ୍ ଗେହ୍ଲା । ଆଗରୁ ଦଣ୍ଡେ ଛାଡୁନଥିଲେ ତା'କୁ, ଏବେ ଘରଟା ଖାଁ ଖାଁ ଗୋଡ଼ାଉଛି । ସତରେ କେତେ ବ୍ୟସ୍ତ ହେଉଥିଲେ ତା ବାହାଘର ପାଇଁ, ଏବେ କେମିତି ସେ ଦିନ କାଟିବେ, ତା ବିନା ? ମିନୁର ମା' ମଲାପରେ ମିନୁ ହିଁ, ରାମେଶ୍ୱର ବାବୁଙ୍କ ମା ପରି ସବୁ ହାନିଲାଭ ଭଲମନ୍ଦ ବୁଝୁଥିଲା । ତାଙ୍କର ଦେଖାଶୁଣା କରୁଥିଲା, ଘରର ସବୁ କଥା ବୁଝୁଥିଲା ।

ଚା' କରିବାକୁ ସେ ପୂଜାରୀ ଦିନାକୁ ଡାକ ପକାଇଲେ । ସେତେବେଳୁ ମିନୁ ଘରୁ ଆସି ଏଠି ବସିଛନ୍ତି, ଯେ ବସିଛନ୍ତି । ଇଆଡୁ ସିଆଡୁ ଭାବି ଚାଲିଛନ୍ତି । ମିନୁର ଚତୁର୍ଥୀ ଭାର ନେଇ ତା ଶାଶୁଘରକୁ ଯାଇଥିଲେ ।

ଏ ଭିତରେ ମିନୁ ବାହାଘରର ଚାରିଦିନ ବିତିଯାଇଛି । ଅପରାହ୍ଣ ସମୟ, ଖବର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଗଜ ଧରି ରାମେଶ୍ୱର ବାବୁ ବାଲକୋନିରେ ବସି ପଢୁଥିଲେ । ଗେଟ୍ ବାହାରେ ଗୋଟେ ଅଟୋ ଆସି ରହିଲା । ଏ କଣ ସେ ଦେଖୁଛନ୍ତି, ମିନୁ ଅଟୋରୁ ଓହ୍ଲାଉଛି । ପୁଣି ଏକା ! ଚଷମାକୁ ପୋଛି ପୁଣିଥରେ ଠିକରେ ଲଗାଇଲେ ରାମେଶ୍ୱର ବାବୁ । ସେ ଠିକ୍ ଦେଖୁଛନ୍ତି ତ ? ତାଙ୍କ ମନକୁ ପାପ ଛୁଇଁଲା । ସେ କଣ ତା'ହେଲେ ଠକିଗଲେ ? ସେମାନେ କଣ ବାହାଘରର ଚାରିଦିନ ନ ଯାଉଣୁ ଯୌତୁକ ନିର୍ଯ୍ୟାତନା ଦେଲେ ? ନା ଜ୍ୱାଇଁଙ୍କ କିଛି ଦୁର୍ଗୁଣ ଦେଖି ମିନୁ ପଳାଇ ଆସିଲା ?

ମିନୁ ତାଙ୍କ ଛାତିରେ ଲୋଟିପଡ଼ି କାନ୍ଦି କାନ୍ଦି କହିଲା ବାପା ତମେ ଠକିଗଲ, ଆମେ ଠକି ଗଲେ । ସେ ମିନୁକୁ ସାନ୍ତ୍ୱନା ଦେଇ ଭିତରକୁ ଯିବାକୁ କହିଲେ । ମିନୁ ଫୁଲି ଫୁଲି କାନ୍ଦୁଥିଲା ।

ସେ ତ କୌଣସିଥିରେ ଅବହେଳା କରିନଥିଲେ, ନା ଦେବାନେବାରେ ନା ଭୋଜିଭାତରେ । ବରଘର ପକ୍ଷରୁ କିଛି ଦାବୀ ନଥିଲା, ତଥାପି ସେ ନାହିଁ ନଥିବା ଯୌତୁକ ଦେଇଥିଲେ । ଆଉ ବା କିଏ ଅଛି ତାଙ୍କର, ଆଗକୁ ନା ପଛକୁ, ସେଇ ଏକା ମିନୁ । ତା ନାଁରେ ଜମି ଖଣ୍ଡିଏ ବି ଲେଖି ଦେଇଥିଲେ ରାମେଶ୍ୱର ବାବୁ ବାହାଘର ବେଳେ, ଯେମିତି ମିନୁକୁ ତାଙ୍କର କେହି ବାଉଳାରେ ବି କିଛି କହି ପାରିବ ନାହିଁ । ଗତ କାଲି ତ ଯାଇଥିଲେ ତା ଶାଶୁଘରକୁ । କିଛି ସୁରାକ୍ ପାଇନଥିଲେ ମିନୁ ପାଖରୁ । ତେବେ କଣ ତାଙ୍କ ସାଙ୍ଗ ତାଙ୍କୁ ଠକାମୀରେ ପକାଇଦେଲେ ? ଗୋଟେ ମଦ୍ୟପ, ଦୁଷ୍ଟଚରିତ୍ର ପିଲାକୁ ମିନୁ ପାଇଁ ଠିକ୍ କରିଦେଲେ ?

ବାହାଘର ପୂର୍ବରୁ ପିଲାର ବାପାମା' ମିନୁକୁ ଦେଖି ରାଜି ହୋଇଗଲେ, ଜ୍ୱାଇଁ କହିଲେ, "ବାପା ମା ରାଜି ତ, ମୁଁ ରାଜି" । ତେବେ କଣ ଅସୁବିଧା ହେଲା ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିନୁ ଖାଇ ସାରି ତା ରୁମରେ ଅଛି । ସେ ଚିନ୍ତାରେ ଏପଟ ସେପଟ ହେଉଛନ୍ତି । ଯେତିକି ଚିନ୍ତିତ ସେ ମିନୁ ପାଇଁ, ମିନୁର ଭବିଷ୍ୟତ ପାଇଁ ନୁହେଁ, ସେତିକି ସେ ଦୁଃଖରେ ଭାଙ୍ଗି ପଡୁଛନ୍ତି ନିଜର ଅପାରଗତାକୁ ନେଇ । ଏକ କ୍ରୁର ଅଟ୍ଟହାସ୍ୟ ସବୁ ଆଡୁ ଆଙ୍ଗୁଳି ଦେଖାଇ ତାଙ୍କୁ ଘେରି ଯାଉଛି । ତାଙ୍କ ଆଗରେ ଏକ ସଫଳ ମଣିଷ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଉଥିଲା ।

ନା ସେ କେଶ୍ କରିବେ, କାହାକୁ ଛାଡ଼ିବେନି ।" ସେ ଫୋନ୍ ଘୁରାଇଲେ ମିନୁର ଶାଶୁଘରକୁ । ପଚାରିବେ କେଉଁଥିରେ ଊଣା ରହିଗଲା ? ନା ସେ ଫୋନ୍ କରି ପାରିଲେ ନାହିଁ । ଫୋନ୍ ରଖିଦେଲେ । ପୁଣି ଉଠାଇଲେ ପୁଣି ରଖିଲେ । ତାଙ୍କ ସାଙ୍ଗ ପାଖକୁ ଫୋନ୍ ଲଗାଇ ପଚାରିଲେ, ଅନିମେଷ (ତାଙ୍କ ଜ୍ୱାଇଁ) ତାଙ୍କ ପାଖରେ ଅଛି କି ? ଭାବିଲେ ତାଙ୍କୁ ପଚାରିବେ, ଅନିମେଷ କଣ ପାଇଥିଲେ ମୋ ଝିଅକୁ ସୁଖୀ ରଖିଥାନ୍ତା ? ନା ଅନିମେଷ ସେଠି ନଥିଲା । ତାଙ୍କ ସାଙ୍ଗକୁ ପୁଣି ରାମେଶ୍ୱର ବାବୁ ଅନିମେଷର ଗୁଣ ଚରିତ୍ର ଉପରେ ବୁଲେଇ ବଙ୍କେଇ ପଚାରିଲେ ଓ ଫୋନ୍ ରଖିଲେ ।

ତାଙ୍କର ମନେ ଅଛି, ଏଇ କଥା ତାଙ୍କ ସାଙ୍ଗ ପୂର୍ବରୁ ମଧ୍ୟ ତାଙ୍କୁ କହିଥିଲା ଯେ, "ଯଦି ପୁଅମାନଙ୍କ ସତୀତ୍ୱ ପରୀକ୍ଷା ହେଉଥାନ୍ତା, ତା'ହେଲେ ଅନିମେଷ ସେ ପରୀକ୍ଷାରେ ପ୍ରଥମ ହେବ, ରାମେଶ୍ୱର ତୁ ସେଥିପାଇଁ ଚିନ୍ତା କରନା ।"

ଚାହିଁଲେ ବି ନିଜ ଦୁଶ୍ଚିନ୍ତା ତାଙ୍କୁ କହି ପାରିଲେ ନାହିଁ, ନିଜ ସାଙ୍ଗ ଆଗରେ ସେ ଆଜି । କହି ପାରିଲେନି ମିନୁ ତା ଶାଶୁଘରୁ ଏକୁଟିଆ ପଳାଇ ଆସିଛି । ସେ ପୁଣି ବାହାଘରର ମାତ୍ର ଚାରିଦିନ ପରେ । ଏମିତି ଚିନ୍ତାରେ ସନ୍ଧ୍ୟା ହେଲା । ମିନୁ ଉଠିଯାଇ ବାଲକୋନିରେ ବସିଛି । ରାମେଶ୍ୱର ବାବୁ ଯାଇ ସେଠି ଗୁମ୍ ହୋଇ ଠିଆ ହେଲେ । ପଚାରିବେ ନା ନାହିଁ ଭରସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିଲେ ନାହିଁ । ମିନୁର ଘରକୁ ଏମିତି ଅଚାନକ ପଳାଇ ଆସିବାର ସୁରାକ ଯଦି ସେ ପାଆନ୍ତେ, କାହାକୁ ବି ଛାଡ଼ନ୍ତେ ନାହିଁ । ତାଙ୍କର ନାମିଦାମୀ ମହଲରେ ଖୁବ୍ ନାମ ବି ଅଛି । ସେ ଜଣେ ଉଚ୍ଚପ୍ରତିଷ୍ଠିତ ବ୍ୟକ୍ତି, ହେଲେ ତାଙ୍କ ଝିଅର ଜୀବନ, ତା ଖୁସି ଆଗରେ ସେ ବିବଶ । ନା ସେ ସାହାସ କରି ପାରିଲେନି ମିନୁକୁ ପଚାରିବାକୁ, ସେ ଫେରି ଆସିଲେ । କାନ୍ଦି କାନ୍ଦି ମିନୁର ଆଖି ଫୁଲି ଯାଇଥିଲା । ଏକ ଲକ୍ଷ୍ୟରେ ଆକାଶରେ ନୀଡ଼ବାହୁଡ଼ା ପକ୍ଷୀ ଯୁଗଳକୁ ଚାହିଁ ରହିଥିଲା । ସତେ ଯେମିତି ତାର ନିଜ ନୀଡ଼କୁ ଫେରିବାର ସବୁ ଆଶା ଶେଷ ହୋଇଯାଇଛି ।

କିଛି ପଚାରିଲେ, ମିନୁ ଆହୁରି କାନ୍ଦୁଛି, ଡରି ଡରି ସେ ଆଉ ପଚାରୁନାହାନ୍ତି । ତା ଶାଶୁଘରୁ ବି କିଛି ଫୋନ୍ ନାହିଁ କେ କେହି ଆସିନାହାନ୍ତି । ନା ମିନୁ କିଛି ଖାଉଥିଲା ନା ସେ । ନା ସେ ଖବର କାଗଜ ପଢ଼ିପାରୁଥିଲେ ନା ସମାଚାର ଦେଖୁଥିଲେ । ଚାକର ଦୀନା ନିଜ କାମ ସାରି ଖାଇବାକୁ ଡାକିଲା । ତା ଉପରେ ସବୁ ଆକ୍ରୋଶ ଶେଷ କରିଦେଲେ ରାମେଶ୍ୱର ବାବୁ ।

ଜୀବନରେ ବୋଧହୁଏ ଏଇ ପ୍ରଥମ ଥର ସେ ହାରିଛନ୍ତି । ଗଭୀର ଭାବେ ଭାଙ୍ଗି ପଡ଼ିଛନ୍ତି । ସଫଳତାର ଏଭେରେଷ୍ଟ ଚଢ଼ିଥିବା ମଣିଷକୁ ସେ ଭୂଇଁରେ ଲୋଟିବାର ଦେଖୁଛନ୍ତି । ଭାବିଲେ ମିନୁର ମା ଥିଲେ ହେଲେ ମିନୁର ଦୁଃଖ ପଚାରି ବୁଝିଥାଆନ୍ତା । ବାପାଙ୍କୁ ସେ ମନଖୋଲି କିଛି କହିପାରୁନି ।

ସୋଫା ଉପରେ ବସି, ଭାବି ଭାବି ରାମେଶ୍ୱର ବାବୁଙ୍କ ଆଖି ଲାଗି ଯାଇଥିଲା, ସେ ସ୍ୱପ୍ନ ଦେଖୁଛନ୍ତି, ମିନୁ ପୁଣି ତା ଶାଶୁ ଘରକୁ ଫେରି ଯାଉଛି, ସେ ପୁଣି ଖୁସିରେ ଫାଟି ପଡୁଛନ୍ତି । ହଠାତ୍ ବାପା ଶବ୍ଦରେ ନିଦ ଭାଙ୍ଗିଗଲା । ସାମନାରେ ଜ୍ୱାଇଁ ଅନିମେଷ । ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ରୋଧରେ ଗର୍ଜି ଉଠିଲେ, "କଣ ଆଉ ବାକି ରହିଲା ? ମିନୁକୁ ମୋର ଜଳେଇ ପୋଡ଼ି ମାରି ସାରିଲଣି । ଭଲ ହେଲା ସେ ମୋ ପାଖକୁ ଫେରି ଆସିଛି । ତୁମ ମାନଙ୍କ ମୁଖା ଖୋଲିଯାଇଛି । ଆଉ କଣ ନେବାକୁ ଆସିଛ ? ମୋ ଆଖି ଆଗରୁ ଚାଲିଯାଅ ।" ଅନିମେଷ ତାଙ୍କ ଗୋଡ଼ ଧରି ଆକୁଳ ହେଉଥିଲା, "ବାପ ମୁଁ ମାନୁଛି ସବୁ ଭୁଲ ଆମର । ମୁଁ ଜାଣିଛି ମିନୁ କି ଆପଣ ମୋତେ କେବେ ବି କ୍ଷମା ଦେବେ ନାହିଁ, ତଥାପି ଥରେ ମୁଁ ମିନୁକୁ ଦେଖା କରିପାରିବି କି ? ମୋତେ ଥରେ ଦେଖା ହୋଇ କଥା ହେବାକୁ ସୁଯୋଗ ଦିଅନ୍ତୁ ।"

ଖରାବେଳଠାରୁ ମିନୁ ଆସିବାପରେ ରାମେଶ୍ୱର ବାବୁ କଥାଟା କଣ ଠିକରେ ନ ଜାଣି ଖାଲି ସନ୍ତୁଳି ହେଉଥିଲେ । ଏବେ ଆଗରେ ଦୋଷୀକୁ ଦେଖି ନିଜର ସବୁ ରାଗ ତା ଉପରେ ଥଣ୍ଡା କରିଦେଲେ ସିନା ପଚାରି ପାରିଲେନି ପ୍ରକୃତ ଘଟଣାଟା କ'ଣ ? ପରିସ୍ଥିତି ଯେତେବେଳେ ଅଣାୟତ୍ତ ହୋଇଯାଏ, ଏମିତି ହୁଏ । ମଣିଷ ମରିବା ମାରିବାକୁ ନିଷ୍ପତ୍ତି ନିଏ ।

ଟିକେ ପ୍ରକୃତିସ୍ଥ ହେଲେ ରାମେଶ୍ୱର ବାବୁ । ଭାବିଲେ ସ୍ୱାମୀ ସ୍ତ୍ରୀଙ୍କୁ ମୁହାଁମୁହିଁ କଥାବାର୍ତ୍ତା କରିବାକୁ ଦେଇ ଘଟଣାର ସମାଧାନ କରିବାକୁ ସୁଯୋଗ ଦେବା ଠିକ୍ ହେବ । ମିନୁ ତା ରୁମରେ ଅଛି, କଥାବାର୍ତ୍ତା ହେଇସାର, ଆମେ ସାଙ୍ଗ ହୋଇ ରାତ୍ରୀଭୋଜନ କରିବା, କହିଲେ ରାମେଶ୍ୱର ବାବୁ ।

ମିନୁ ଆଖିର ଲୁହ ବାଧା ମାନୁନଥାଏ, ଅନିମେଷ ତା ପାଖରେ ବସି ତାକୁ ବୁଝାଇବାକୁ ଚେଷ୍ଟା କରୁଥାଏ । "ମିନୁ ମୁଁ ଜାଣେ ମୁଁ ଦୋଷୀ, ହେଲେ ଦୋଷ କରି ଦୋଷ ସ୍ୱୀକାର କରିବାର ସାହାସ ମୁଁ କରିପାରିଲି । ବିବାହର ପ୍ରଥମ ରାତିରେ ମୁଁ ମୋ ଜୀବନର ଏ ଘଟଣାଉ ତୁମ ଆଗରେ ତ ଲୁଚାଇନି ? ଦୁର୍ଘଟଣା ପରେ ଯେତେବେଳେ ଡାକ୍ତର କହିଲେ, ମୁଁ ସବୁଦିନ ପାଇଁ ନପୁଂସକ ହୋଇଯିବି, ମୁଁ ଯେମିତି ଦୁଃଖ କରିନଥିଲି, ସବୁଠୁ ବେଶୀ ଦୁଃଖ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲା ମୋ ମା ଯେତେବେଳେ ରୋଗ ଶଯ୍ୟାରେ ପଡ଼ିଲା, ସବୁବେଳେ ଏଇ କଥା ଭାବିଭାବି । ଗୋଟିଏ ମାତ୍ର ପୁଅକୁ ବାହାକରି ବଂଶ ରକ୍ଷାକରିବାର ସ୍ୱପ୍ନ କେଉଁ ବାପାମା ନ ଦେଖନ୍ତି କହିଲ ମିନୁ ? ମୁଁ ତ ସବୁଦିନ ଏକୁଟିଆ ରହିବି ବୋଲି ଶପଥ ନେଇଥିଲି, ହେଲେ ରୋଗିଣା ମା'ର ଜିଦ୍, ନାତିନାତୁଣୀ ନ ହେଲେ ନାହିଁ, ବୋହୂ ମୁହଁଟିକେ ଦେଖିଲେ ସେ ଶାନ୍ତିରେ ମରିପାରିବ । ମୁଁ କିଛି ଠିକ୍ କରି ପାରିଲି ନାହିଁ । ମା'ର ଜିଦ୍ ଆଗରେ ହାରିଗଲି । ସାର (ରାମେଶ୍ୱର ବାବୁଙ୍କ ସାଙ୍ଗ) ମୋର ଏ ମେଡ଼ିକାଲ୍ ରିପୋର୍ଟ୍ ବିଷୟରେ କିଛି ଜାଣନ୍ତି ନାହିଁ । ତାଣ୍କୁ କେବେ ଦୋଷ ଦେବନି । ମୁଁ ସାରଙ୍କୁ ଯେତେଥର କହିବାକୁ ଚେଷ୍ଟା କରିଛି, ମୋ ବାପା ମୋତେ ଅଟକାଇଛନ୍ତି । ଗୋଟେ କଥା କହିବି ମିନୁ, ମୁଁ ଜାଣେ ମୁଁ ତୁମକୁ ସନ୍ତାନ ସୁଖ ଦେଇ ପାରିବି ନାହିଁ, ଗୋଟେ ସ୍ତ୍ରୀ ପାଇଁ ଏହାଠାରୁ ବଳି ବଡ଼ ଦୁଃଖ ଆଉ କିଛି ନାହିଁ । କିନ୍ତୁ ମୁଁ କଥା ଦେଉଛି, ମୁଁ ସବୁଦିନ ତୁମର ଗୋଟିଏ ଭଲ ବନ୍ଧୁ ହୋଇ ରହିବି । ମୁଁ ତୁମ ଉପରେ ଏ ସମସ୍ୟାର ସମାଧାନ କରିବାକୁ ଛାଡ଼ି ଦେଉଛି । ତୁମର ଯାହା ଉତ୍ତର ହେବ, ମୁଁ ତାକୁ ଖୁସିରେ ମାନିନେବି ।" ଅନିମେଷ ନିରବରେ ମିନୁର ଉତ୍ତର ଅପେକ୍ଷାରେ ରହିଲେ ।

ଅନିମେଷଙ୍କ ପରି ଦରଦୀ ବନ୍ଧୁଟିଏ ପାଇ ମିନୁର ଆଖି ଖୁସିରେ ଛଳଛଳ ହୋଇଗଲା । "ଆରେ ସତେ ତ, ସନ୍ତାନ ଦେଲାପରି ସ୍ୱାମୀଟିଏ ମିଳିବା ଖୁବ୍ ସହଜ, କିନ୍ତୁ ମନ ବୁଝିପାରୁଥିବା ପରି ଦରଦୀ ବନ୍ଧୁ ମିଳିବା ଯେ କଷ୍ଟ ।"

"ଆମେ କଣ ଦୁହେଁ ଦୁହିଁଙ୍କର ସୁଖଦୁଃଖକୁ ବାଣ୍ଟି ପାରିବା ନାହିଁ ଅନିମେଷ ?" ବନ୍ଧୁତାର ହାତ ବଢ଼ାଇଦେଲା ମିନୁ । ଲୁହ ଭରି ଆସିଲା ଅନିମେଷର ଆଖିରେ । "ସତରେ ମିନୁ ତୁମେ ଖୁବ୍ ଭଲ, ମୁଁ ତୁମ ପାଖରେ ଚିରଦିନ ଋଣୀ ହୋଇ ରହିବି । ମୋର ଦୁର୍ବଳତା ଜାଣି ବି ମୋତେ ଏତେ ସହଜରେ ଗ୍ରହଣ କରିନେଲ ତୁମେ । ଯଦି ତୁମର ଏମିତି ଦୁର୍ବଳତା ଥାଆନ୍ତା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଏତେ ସହଜରେ ଏହାକୁ ଗ୍ରହଣ କରି ନେଇଥାନ୍ତି କି ନାହିଁ ମୁଁ ଜାଣେନା ।” କୃତକୃତ୍ୟ ଆଖିର ଚାହାଣୀରେ କହିଲା ଅନିମେଷ ।

ହଠାତ୍ ଗମ୍ଭୀର ହୋଇଗଲା ମିନୁ । କହିଲା, “ମୁଁ ବି ତୁମ ପାଖରେ ସବୁଦିନ ଋଣୀ ରହିବି, ଯଦି ଏ କଥା ଆମ ଦୁହିଁଙ୍କ ଭିତରେ ସୀମିତ ରହେ । ଏ କଥା ମୁଁ ଦୁନିଆଠାରୁ ଗୁପ୍ତ ରଖିବାକୁ ଚାହୁଁଛି, ଏମିତିକି ମୋ ବାପାଙ୍କଠାରୁ ମଧ୍ୟ । ତୁମକୁ କେହି ଦୁର୍ବଳ କହୁ ଏ କଥା ମୁଁ କେବେ ସହି ପାରିବିନି । ମୁଁ ବି ତୁମ ସହ କିଛି ଦୟା ଦେଖାଇବା ବା ପରିସ୍ଥିତି ସହ ସାଲିକ କରି ରହିବାକୁ ଚାହୁଁନି । ତୁମ ଭଳି ସତ୍ ବନ୍ଧୁଟିଏ ପାଇ ମୁଁ ଖୁସି । ଏଠି କେହି କାହାକୁ ଦୟା ଦେଖାଇବା, ଋଣୀ ରଖିବାର ରହିଲା କେଉଁଠି ମୋତେ କ୍ଷମା କରିଦିଅ ଅନିମେଷ, ଘରେ ଏବେ ବନ୍ଧୁବାନ୍ଧବ ଥିଲେ, ସେମାନେ କଣ ଭାବୁଥିବେ ମୋ ବିଷୟରେ ? ତୁମ ବାପା ମା କଣ ଭାବିବେ ମୋ ବିଷୟରେ ? ମୋର ହଠାତ୍ ଏମିତି ଚାଲି ଆସିବାର ନଥିଲା ।”

“ତୁମେ ମୋତେ ବୁଝିଗଲ, ଆଉ ମୋର କଣ ଦରକାର ? ମୁଁ ସମସ୍ତଙ୍କୁ ବୁଝେଇଦେବି ଯେ, ଅଲିଅଳି ଝିଅ ମିନୁ ତ ବାପାଙ୍କୁ ଛାଡ଼ି ରହି ପାରିଲାନି ବୋଲି ହଠାତ୍ ଚାଲି ଯାଇଥିଲା ।” କହିଲା ଅନିମେଷ ।

ଏକ ସଫଳ ସ୍ୱାମୀ ସ୍ତ୍ରୀ ଆଉ ନିଜ ଭିତରେ ଏକ ସଫଳ ବନ୍ଧୁତ୍ୱର ସମ୍ପର୍କ ନେଇ ପରଦିନ ସକାଳେ ସେମାନେ ହସି ହସି ରାମେଶ୍ୱର ବାବୁଙ୍କ ଘରୁ ବିଦାୟ ନେଲେ । ରାମେଶ୍ୱର ବାବୁ ଘଟଣାର ମୂଳ ମଧ୍ୟ ନ ଜାଣି ସବୁ କଳ୍ପନା ଜଳ୍ପନାର ପୂର୍ଣ୍ଣଚ୍ଛେଦ ପକାଇ ଏକ ସଫଳ ମଣିଷର ଆତ୍ମଗର୍ବରେ ଆମୋଦିତ ହେଲେ ।

ଭ୍ରାମ୍ୟଭାଷ : ୯୮୪୦୭୬୬୧୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୂର୍ବଜନ୍ମ



ବୁଲ୍‌ବୁଲ୍ ପାଣିଗ୍ରାହୀ

କିଛି ଦିନ ହେବ ଭାରି ବ୍ୟସ୍ତ ବିବ୍ରତ ରହୁଥିଲା ସୁବ୍ରତ । କଣ କରିବ ନ କରିବ କିଛି ସ୍ଥିର କରିପାରୁ ନ ଥିଲା । ଥକି ସାରିଥିଲା ସେ, ନା କାହାକୁ କିଛି କହିପାରୁ ଥିଲା ନା କହିଲେ କେହି ବିଶ୍ୱାସ କରିଥାନ୍ତା । କିଛି ଦିନ ହେଲା ଶୋଇନି ସେ ପ୍ରକୃତରେ ଶୋଇ ପାରୁନି ସେ, ଆଖି ବନ୍ଦକଲା କ୍ଷଣି ତାକୁ ସେହି ସ୍ୱପ୍ନ ବାରମ୍ବାର ଦେଖାଯାଉଛି । ସେ ଜାଣି ପାରୁନି ସେ ଯାହା ଦେଖୁଛି ତାହା ସ୍ୱପ୍ନ ନା ବାସ୍ତବ । କିଛି ମାସ ହେଲା ସେ ଏମିତି ସେଇ ଏକା ସ୍ୱପ୍ନକୁ ଦେଖିଆସୁଛି । ପ୍ରଥମେ ପ୍ରଥମେ ଏହାକୁ କେବଳ ଏକ ସଂଯୋଗ ଭାବି ନେଇ ଥିଲା ହେଲେ ଏବେ ସେ ସେମିତି ଭାବି ପାରୁ ନଥିଲା । ସେ ସ୍ୱପ୍ନ କଥା ଭାବି ଭାବି ତାର ସ୍ୱଭାବରେ ବି ପରିବର୍ତ୍ତନ ଆସି ଯାଇଥିଲା, ହସ ଖୁସି ମଜାକ ମସ୍ତି କରୁଥିବା ସୁବ୍ରତ ଏକଦମ ନିରବି ଯାଇଥିଲା ସେ ମନେ ପକେଇଲା ସେହି ଦିନକୁ ଯୋଉ ଦିନ ସେ ପ୍ରଥମ ଥର ପାଇଁ ସେ ସ୍ୱପ୍ନ ଦେଖିଥିଲା ।

ଆଜିବି ତାର ମନେ ଅଛି ଅଫିସ କାମରେ ସେ ବାହାରକୁ ଯାଇଥିଲା, କୋଉ ଏକ ନିପଟ ମଫସଲ ଗାଁକୁ ତଥ୍ୟ ସଂଗ୍ରହ କରିବା ପାଇଁ, ଆଉ ଫେରୁ ଫେରୁ ଗାଁର ଶେଷ ମୁଣ୍ଡରେ ଥିବା ସେ ଦରଭଙ୍ଗା ଘର ପାଖରେ ତାର ପାଦ ଅକସ୍ମାତ ଅଟକି ଯାଇଥିଲା, ସେ ଚାହିଁ ତ ଥିଲା ସେ ଘର ଭିତରୁ ଥରେ ବୁଲି ଆସିବ ହେଲେ ସମୟ ଅଭାବରୁ ସେ ସେଇଠୁ ହିଁ ଫେରି ଆସିଥିଲା, ଆଉ ସେଇ ଦିନ ରାତିରୁ ସେ ଦେଖି ଆସୁଛି ସେଇ ସ୍ୱପ୍ନ । ସ୍ୱପ୍ନଟା କୌଣସି ଏକ ଭୟଙ୍କର ସିନେମାଠୁ କିଛି କମ ନଥିଲା, ସ୍ୱପ୍ନର ଆରମ୍ଭ ହେଉଥିଲା ତାର ସେଇ ଘରକୁ ବୁଲି ଚାହିଁବାରୁ, ଯନ୍ତ୍ର ଚାଳିତ ଭାବେ ସେ ଘର ଭିତରକୁ ପ୍ରବେଶ କରୁଥାଏ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମ କରି ସିନା ସେ ଗାଁକୁ ଯାଇଥିଲା ଆଉ ସେ ଘରକୁ ଦେଖିଥିଲା ହେଲେ କାହିଁକି କେଜାଣି ସେ ଘରର ପ୍ରତ୍ୟେକଟି କୋଣ ଅନୁକୋଣ ବିଷୟରେ ତାକୁ ଜ୍ଞାତ ଥିଲା, ସେ ଘରର ପ୍ରତ୍ୟେକଟି ରୁମକୁ ଗଲା ଆଉ ଯେତେ ବେଳେ ଶେଷରୁମରେ ପହଁଚିଲା ଯେମିତି ସେ ଆଉ ତା ନିଜ ଆୟତ୍ତରେ ହିଁ ରହି ନଥିଲା । ସେ ରୁମଟି ଥିଲା ଗୋଟେ ଛୋଟ ବେଡ଼ ରୁମ ଆଉ ସେ ରୁମରେ ଗୋଟେ ଫୋଟୋ ଥିଲା । ବହୁତ ଧୂଳିରେ ଜମିଯାଇ ଥିଲା ସେ ଫୋଟୋ, ନିଜ ଉଦ୍ଦୀପନାକୁ ଆୟତ୍ତ କରିନପାରି ସେ ନିଜ ରୁମାଲରେ ଫୋଟୋଟିକୁ ପୋଛିବାକୁ ଗଲା ବେଳେ ପଛପଟୁ କାହାର ଡାକ ଶୁଭିଲା, ସେଇଟା ମୋ ପୁଅର ଫୋଟୋ, ଘରକୁ ଆସୁନି ତା ଧୂଳି ଜମି ଯାଇଛି, ସଫା କରିବି କରିବି ଭାବୁଛି ହେଲେ ବୁଢା ଲୋକ ନା ଭୁଲି ଯାଉଛି, ତୁମେ ସହରୀ ଲୋକ ଥାଉ ମୁଁ ଆଜି କରିଦେବି, ହଠାତ ଶବ୍ଦ ଶୁଣି ଟିକେ ପଛକୁ ବୁଲି ଚାହିଁଲା ସୁବ୍ରତ ଆଉ ଦେଖିଲା ୮୦ ବର୍ଷର ବୁଢାଟିଏ ତା ପଛରେ ଠିଆ ହୋଇଛି, ହେଲେ ନିଜ ଅଜାଣତରେ ହଠାତ ତା ମୁହଁରୁ ବାହାରି ଗଲା ହଉ ବାପା । ଆଉ ହଠାତ ନିଦ ଭାଙ୍ଗିଗଲା ସୁବ୍ରତର, କାହାକୁ ସେ ବାପା ସମ୍ବୋଧନ କଲା ଆଉ କାହିଁକି, ସେ ତ ସେ ବୃଦ୍ଧଙ୍କୁ ଚିହ୍ନିନି କି ଜାଣିନି, ନା କେବେ ଆଗରୁ ସେ ଗାଁକୁ ଯାଇଛି ନା ସେ ଗାଁ ସହ ତାର କିଛି ସମ୍ପର୍କ ଅଛି, ତଥାପି କାହିଁକି ସେ ଅନୁଭବ କଲା ଯେ ତାକୁ ସେ ଘର ବିଷୟରେ ସବୁ କିଛି ଜଣାଅଛି । ଆଉ ସୁବ୍ରତର ଆଖିକୁ ନିଦ ହେଲାନି, ନିଜ ବେଡ଼ରୁମରେ ଏପଟ ସେପଟ ହେଲା ଆଉ ଭାବିବାକୁ ଲାଗିଲା ସେ ସ୍ୱପ୍ନର ସତ୍ୟତା । ଚିନ୍ତା କଲା ସୁବ୍ରତ ଏମିତି ତ ସେ ବହୁତ ଗାଁକୁ ଯାଇଛି ଆଉ ବହୁତ ଲୋକଙ୍କ ସହ ମିଶିଛି, ହେଲେ କେବେ ତ ଏମିତି କିଛି ଘଟିନି, ତାହେଲେ ଆଜି କଣ ପାଇଁ ? କିଏ ସେ ବୃଦ୍ଧ, ଗାଁରେ ତାଙ୍କୁ ସେ ଦେଖିନି, ସେତେବେଳେ କୋଉଠି ଥିଲେ ସେ ବୃଦ୍ଧ ? ଏମିତି ଅନେକ ଚିନ୍ତା କରି କରି କେତେ ବେଳେ ସେ ସୋଫା ଉପରେ ଶୋଇ ପଡିଛି ନିଜେ ବି ଜାଣିନି । ପ୍ରାୟ ମାସେ ପରେ ହେବ ସେ ସେଠୁ ଆସିବାର

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଉ ପ୍ରତି ରାତିରେ ସେ ସେଇ ସ୍ୱପ୍ନ ଆଉ ସେ ବୃଦ୍ଧଙ୍କୁ ଦେଖି ଆସୁଛି, ହେଲେ ଜାଣିନି ସେ ଧୂଳି ଜମିଥିବା ଫୋଟୋଟି କାହାର । ଆଜି ସେ ନିଷ୍ପତି ନେଲା ପୁଣି ସେ ଗାଁକୁ ଯିବ ଆଉ ବୁଝିବ ସେ ସ୍ୱପ୍ନର ରହସ୍ୟ । ନିରୋଳାରେ ସେ ବହୁତ ଚିନ୍ତାକଲା ଆଉ କିଛି କଥା ତାକୁ ମନେ ପଡିଲା, ଯେତେବେଳେ ସେ ତଥ୍ୟ ସଂଗ୍ରହ କରିବାପାଇଁ ସେ ଗାଁକୁ ଯାଇଥିଲା ଗାଁର କିଛି ବୃଦ୍ଧ ତାକୁ ଅପଲକ ନୟନରେ ଚାହିଁ ରହିଥିଲେ, କିଛି କହିନଥିଲେ ମଧ୍ୟ ସେମାନଙ୍କ ସେଇ ଚାହାଣିରେ କେମିତି ଏକ ଅଲଗା ହିଁ ଭାବ ଥିଲା । ସେ ସବୁ କଥାକୁ ବିଚାର କଲା ଆଉ ଯିବା ବୋଲି ଶେଷ ନିଷ୍ପତି ନେଲା । ଅଫିସରୁ ଛୁଟି ନେଲା ଆଉ ସେ ଗାଁ ପାଇଁ ବସ୍ ଧରିଲା । ଗାଁରେ ପହଁଚିଲା ବେଳକୁ ପ୍ରାୟ ଦିନ ୨ଟା । ଆଉ କିଛି ନପଚାରି ସେ ସିଧା ସେ ଘର ପାଖକୁ ଗଲା, ଆଉ ଟିକେ ଏପାଖ ସେପାଖରେ ଆଖି ବୁଲେଇଲା, କାଳେ ସେଇ ବୃଦ୍ଧ ଏଇଠି କୋଉଠି ଥିବେ ଯାହାକୁ ସେ ପ୍ରତି ରାତିରେ ବାପା ଡାକି ଆସୁଛି । ହେଲେ ସେ ସେମିତି କାହାକୁ ବି ପାଇଲନି, ଭାବିଲା ସେ ବୃଦ୍ଧମାନଙ୍କୁ ଯାଇକି ପଚାରିବ ହେଲେ ପୁଣି ଭାବିଲା ସନ୍ଧ୍ୟା ୬ଟାରେ ଶେଷ ବସ । ଆଗ ଘର ଭିତରଟା ଦେଖି ଦେଇକି ଆସେ, ତା'ପରେ ପଚାରିବି । ସେ ନିଜ ପାଦ ଆଗକୁ ବଢ଼ାଇଲା ଆଉ ସେ କବାଟ ପାଖରେ ପହଂଚିଗଲା ।

ଅଜଣା ଭୟ ଆଉ ଅଜଣା ଉତ୍ସାହ ଭିତରେ ସେ ଧିରେ ଧିରେ ଆଗକୁ ବଢି ସେ ଘରର ମୁଖ୍ୟ କବାଟ ପାଖରେ ପହଞ୍ଚିଗଲା । କିଛି ଗୋଟେ ଚିନ୍ତା କରି ସେଇଠି ଟିକେ ଅଟକି ଗଲା ସୁବ୍ରତ । ମନେ ମନେ କହିଲା ଖାଲି ଗୋଟେ ସ୍ୱପ୍ନ ଦେଖି କଣ କାହା ଘରେ ପଶିବା ଉଚିତ୍ ହେବ, ହୁଏତ ସେ ସେଇ ଘରକୁ ନେଇ କିଛି ଅଧିକ ହିଁ ଚିନ୍ତା କରୁଛି, ହୁଏତ ସେଥିପାଇଁ ସେ ସେମିତି ସ୍ୱପ୍ନ ଦେଖୁଥିବ । ପଛକୁ ପାଦ ଫେରାଇଲା ସୁବ୍ରତ । ଭାବିଲା ଫେରିଯିବ, ହେଲେ କାହିଁକି କେଜାଣି ସେ ଘର ଆଡକୁ ସେ ଆର୍କଷିତ ହେଉଥିଲା । ଫେରାଇଲା ନେଇଥିବା ପାଦକୁ ପୁଣିଥରେ ଆଗକୁ ପକାଇଲା, ଆଉ ଦ୍ୱିତୀୟ ଥର ପାଇଁ ପହଞ୍ଚିଲା ସେ କବାଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ । ଆଉ ଥରେ ଚାରିଆଡ଼େ ନଜର ବୁଲେଇଲା ହେଲେ ଏଥର ବି ବିଫଳ, ସେ ବୃଦ୍ଧ କୋଉଠି ବି ନ ଥିଲେ । ଫେରିବାରେ ବିଳମ୍ବ ହେବ ଭାବି ସେ ଶୀଘ୍ର ଘର ଖୋଲିବା ନିଷ୍ପତ୍ତି ନେଲା । ନିତିଦିନର ଅଭ୍ୟାସ ପରି ଦୁଆରବନ୍ଧ ଉପରେ ହାତ ବୁଲେଇଲା, ଆଉ ତାକୁ ଆର୍ଶ୍ଚଯ୍ୟ କଲା ଚାବି ଠିକ ସେମିତି ଥିଲା ଯେମିତି ସେ ତା ନିଜ ଘରେ ରଖେ ।

ଗମ୍ ଗମ୍ ହୋଇ ଝାଳ ବାହାରୁ ଥାଏ ତା ମୁହଁରୁ, ସେ ଖାଲି ଜାଣିବାକୁ ଚାହୁଁଥିଲା ତା ସ୍ୱପ୍ନ ବାସ୍ତବ ନା ଭ୍ରମ । କବାଟ ଖୋଲି ଘର ଭିତରକୁ ଗଲା ସୁବ୍ରତ, ସବୁକିଛି ଠିକ ସେମିତି ଥିଲା ଯେମିତି ସେ ତା ନିଜ ସ୍ୱପ୍ନରେ ଦେଖି ଆସିଛି । ନିଜକୁ ନିଜେ ବିଶ୍ୱାସ କରି ପାରୁନଥିଲା ସେ, ତା ନଜର ଖୋଜୁଥିଲା କେବଳ ସେ ଛୋଟ ବେଡ୍‌ରୁମ୍ । ଧିରେ ଧିରେ ଆଗକୁ ଯାଇ ପ୍ରତ୍ୟେକ ରୁମ୍ ଦେଖି ଶେଷରେ ପହଞ୍ଚିଲା ସେଇ ବେଡ୍‌ରୁମ୍‌ରେ । ସେଠି ସେ ସ୍ୱପ୍ନରେ ଦେଖିଥିବା ଫଟୋ ତ ଥିଲା ଆଉ ତା ପାଖରେ ଆଉ ଗୋଟିଏ ଫଟୋ ବି ଥିଲା । ଦୁଇଟି ଫଟୋରେ ଧୂଳି ଜମି ଯାଇଥିଲା, ନିଜ ରୁମାଲ କାଢି ପ୍ରଥମ ଫଟୋ ସଫା କଲା, ସେ ଫଟୋଟି ଥିଲା ସେହି ବ୍ୟକ୍ତିଙ୍କର ଯାହାଙ୍କୁ ସେ ପ୍ରତି ରାତିରେ ବାପା ସମ୍ବୋଧିତ କରି ଆସୁଛି । ଆଉ ଦ୍ୱିତୀୟ ଫଟୋଟି ଦେଖିବା ପରେ ଯେମିତି ତା ପାଦତଳ ମାଟି ଖସି ଯାଉଥିଲା । ଥମ୍ କରି ବସିଗଲା ସେ । ନିଜକୁ ନିଜେ ବିଶ୍ୱାସ କରି ପାରୁନଥିଲା ସେ, ବିଜ୍ଞାନ ଆଉ ବିଶ୍ୱାସ ଭିତରେ ଛନ୍ଦି ହୋଇଗଲା । କାରଣ ସେ ଫଟୋଟି ଥିଲା ତା ନିଜର । ସୁବ୍ରତର ବୁଝିବାକୁ ଆଉ କିଛି ବାକି ରହିଲାନି, କାରଣ ସେଇଟା ଥିଲା ତାର ପୂବଜନ୍ମ ।

କଟକ

ଆହ୍ୱାନ ଇ-ପତ୍ରିକା

# ବଜ୍ରପାତର ଆଘାତ



ଗଦାଧର ବଳ

ଦୂର ଦିଗବଳୟରେ ଭସା ବାଦଲଟା ଆକସ୍ମିକ ବିଜୁଳିର ରୁପାନ୍ତରିତ ହୋଇ ପଥିକ, ପଶୁପକ୍ଷୀ, ଜୀବନ ଭୟରେ ବୃକ୍ଷରାଜି ତଳେ ଆଶ୍ରୟ ନେଇଥିବା ନିରିହ ଜୀବଜନ୍ତୁଙ୍କ ଜୀବନ ବି କେବେ କେବେ ନେଇ ଯାଏ, ତାହା ଜୀବଜନ୍ତୁଙ୍କର କଳ୍ପନା ବର୍ହିଭୁତ ହୋଇଥାଏ । ବଜ୍ରପାତରୁ ଅଳ୍ପକେ ବର୍ତ୍ତି ଯାଇଥିବା ପ୍ରାଣୀଟି ତାର ଭୟବହତାକୁ କେବଳ ଉପଲବ୍ଧି କରିଥାଏ । ମଣିଷର ବିପଦ କେବେ କେବେ ଆକାଶ ଫଟା ବାଦଲର ଆଗମନର ପୁର୍ବରୁ ଝଡ ଯେମିତି ପ୍ରାଣୀଜଗତକୁ ବାସହରା କରିଦିଏ, ସେମିତି ଘଟଣା ଘଟିଛି ମାଳତୀ ଦେବୀଙ୍କର...

ମାଳତୀଦେବୀ ଜଣେ ପତିବ୍ରତା ମହିଳା, ସକାଳେ ବିଛଣା ଛାଡି ପ୍ରଥମେ ପତି ଦେବଙ୍କ ପାଦ ଛୁଇଁ ପ୍ରଣାମ କରନ୍ତି, ପରେ ସ୍ନାନ କରି ପ୍ରତ୍ୟହ ମନଧ୍ୟାନ ଦେଇ ଠାକୁର ପୁଜା କରନ୍ତି ପତି, ପିଲାମାନେ ମାଳତୀ ଦେବୀଙ୍କ ଘଣ୍ଟାନାଦ ଶବ୍ଦରେ ବିଛଣା ଛାଡନ୍ତି । ଏହା ତାଙ୍କର ଦୈନନ୍ଦିନ ଅଭ୍ୟାସ, ପର୍ବପର୍ବାଣୀ ବ୍ରତପାଳନ ଦିନ ତ ଘରଟା ତାଙ୍କର ଦେବସ୍ଥାନ ପାଲଟି ଯାଏ । ଭଗବାନ ବି ମାଳତୀ ଦେବୀଙ୍କ ଭକ୍ତିରେ ଅଭିଭୁତ ହୋଇ ବିଷ୍ଣୁପୁର ଛାଡି ଯେମିତି ମାଳତୀଦେବୀଙ୍କ ଘରେ ଆସର ଜମେଇ ଦେଇଛନ୍ତି । ନିଜର ପତି ହରିଶ ବାବୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଭାବେ ୪ ବର୍ଷ ତଳେ ଅବସର ନେଇଛନ୍ତି, ଦୁଇ ପୁଅ କିଶୋର ଓ ନରେନ୍ଦ୍ର । ଯେମିତି ରାମ ଲକ୍ଷ୍ମଣ ଯୋଡି । ଉଚ୍ଚ ଶିକ୍ଷିତ, ଶିକ୍ଷା ସମାପ୍ତ ପରେ ଉଭୟେ ସରକାରୀ ଚାକିରୀରେ ଭୁବନେଶ୍ୱରରେ ଅବସ୍ଥାପିତ । ଦୁଇ ଭାଇ ବିବାହିତ, ନରେନ୍ଦ୍ର ୭ ବର୍ଷ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଳେ ଚାକିରିରେ ଯୋଗ ଦେଇଛନ୍ତି ଓ ସେହି ବର୍ଷ ବିବାହ ମଧ୍ୟ କରିଛନ୍ତି ନିଜ ପିତାମାତାଙ୍କ ଇଚ୍ଛାରେ ।

କିଶୋର ୫ ବର୍ଷ ତଳେ ବିବାହ କରିଛି, ୨ ବର୍ଷର ପୁଅର ବାପା । ସେ ବି ପରିବାର ସହମତିରେ ବିବାହ କରିଛି । ଉଭୟ ଭୁବନେଶ୍ୱରରେ ଅବସ୍ଥାପିତ ଥିଲେ ବି ସେମାନଙ୍କ ପତ୍ନୀମାନେ ପରିବାର ପିତାମାତାଙ୍କ ସହ ବାଲେଶ୍ୱର ସହରର ମଠସାହିରେ ରହୁଛନ୍ତି । ପୁଅ ଦୁଇଜଣଙ୍କର ଗୋଟିଏ ମତ ପିତାମାତାଙ୍କ ସେବାରେ ସେମାନେ ନିଜକୁ ନିୟୋଜିତ କରିନ୍ତୁ, ଉଭୟଙ୍କ ପତ୍ନୀମାନେ ବି ସେମିତି ...

ଏମିତି ସୁଖ ଦୁଃଖ ମଧ୍ୟରେ ହରିଶ ବାବୁଙ୍କ ପରିବାର ସୁରୁଖୁରୁରେ କାଳାତିପାତ କରୁଥିବା ବେଳେ ଗତ ୧୦ ତାରିଖରେ ହରିଶ୍ ବାବୁ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପତ୍ନୀ ବୋହୂ ମିଶି ବାଲେଶ୍ୱରର ଜଣେ ଘରୋଇ ଡାକ୍ତରଙ୍କ ପାଖକୁ ନେଇ ଯାଇଥିଲେ ! ତୁରନ୍ତ କଟକ ବଡ ଡାକ୍ତଖାନାକୁ ନେଇଯିବାକୁ ସେ ଉପଦେଶ ଦେଲେ । ତ ମାଳତୀ ଦେବୀ ୨ ପୁଅଙ୍କୁ ଫୋନରେ ଯୋଗାଯୋଗ କରିବାରୁ ସେମାନେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରକୁ ନେଇ ଆସିବାକୁ ପରାମର୍ଶ ଦେଲେ । ତଦନୁଯାୟୀ ତୁରନ୍ତ ହରିଶ ବାବୁଙ୍କୁ ମାଳତୀ ଦେବୀ ପୁଅମାନଙ୍କ ଭରସାରେ ଭୁବନେଶ୍ୱର ନେଇ ଯାଇଥିଲେ । ବଡ ପୁଅ କିଶୋରର ଜଣେ ବଂଧୁ 'କେୟାର ହସପିଟାଲ'ରେ ହୃଦରୋଗ ବିଶେଷଜ୍ଞ ଥିବାରୁ ତାଙ୍କ ଉପଦେଶରେ ସେଠାକୁ ହରିଶ ବାବୁଙ୍କୁ ନିଆ ଯାଇଥିଲା ।

ପ୍ରାଥମିକ ଚିକିତ୍ସା ସମୟରେ ଡାକ୍ତର ବାବୁ ତୁରନ୍ତ ଓପନ ହାର୍ଟ ସର୍ଜରୀ ପାଇଁ କହି ଆବଶ୍ୟକୀୟ ଟଙ୍କା ଦାଖଲ ପାଇଁ ପରାମର୍ଶ ଦେଇ ଡାକ୍ତରୀ ଟିମ୍ ସହାୟତାରେ ଅପରେସନ କରିଥିଲେ ଓ ସେଠାରେ ଆଇ.ସି.ୟୁ.ରେ ରଖି ୫/୬ ଦିନ ଚିକିତ୍ସାର ଉନ୍ନତି ପରିଲକ୍ଷିତ

ଆହ୍ୱାନ ଇ-ପତ୍ରିକା

ହେବା ଯାଏ ରହିବାପାଇଁ ପରାମର୍ଶ ଦେଇଥିଲେ ।

ଆଜି ହରିଶ ବାବୁ ଡାକ୍ତରଖାନାରୁ ଡିସଚାର୍ଜ ହେବାର ଥିଲା । ସେଥିପାଇଁ ଡାକ୍ତରଖାନାରେ ୨ ପୁଅ ୨ ବୋହୁ ସମେତ କିଛି ସଂପର୍କିୟ ମଧ୍ୟ ସେମାନଙ୍କ ସହ ଡାକ୍ତରଖାନାରେ ଉପସ୍ଥିତ ଅଛନ୍ତି । ମାତ୍ର ହଠାତ୍ ଜନୈକ ଡାକ୍ତରବାବୁ ତୁରନ୍ତ ବଡପୁଅ କିଶୋରକୁ ତାଙ୍କ ଚ୍ୟାମ୍ବରକୁ ଡକାଇ ତାଙ୍କ ବାପାଙ୍କ ଅବସ୍ଥା ଗୁରୁତ୍ତର ଥିବା କଥା କହିଥିଲେ ଓ ସେ କିଡିନ ଜନିତ ରୋଗରେ ଗୁରୁତ୍ତର ଭାବେ ପିଡିତ ବୋଲି କହି ଏଥିପାଇଁ ଏକ ଜରୁରୀ ଅପରେସନର ଆବଶ୍ୟକତା ଥିବା ଓ ସେ ପାଇଁ ପୁରା ଡାକ୍ତର ଟିମ୍ ସହିତ ସେ ଔପଚାରିକତା ସାରି ଦେଇଥିବାରୁ ଭଗବାନଙ୍କ ଉପରେ ଭରସା ରଖିବା ପାଇଁ ଉପଦେଶ ଦେଇ ସଂଗ ସଂଗେ ଅପରେସନ ଆରମ୍ଭ କରିବାକୁ ଓ.ଟି ଭିତରକୁ ଚାଲି ଯାଇଥିଲେ ।

କିଶୋର ବାହାରକୁ ଆସି ପରିବାର ଲୋକମାନଙ୍କ ନିକଟରେ ସମସ୍ତ କଥା କହି ମାଆକୁ ନିକଟରେ ଥିବା ଶିବ ମନ୍ଦିରରେ ଅଖଣ୍ଡ ଦୀପଟିଏ ଜାଳି ପୁଜାର୍ଚ୍ଚନା କରି ବାପାଙ୍କ ଜୀବନ ରକ୍ଷା କରିବା ପାଇଁ କହିବାରୁ ତର ତର ହୋଇ ମାଳତୀ ଦେବୀ ନିଜର ଇହ କାଳ ପରକାଳର ଦେବତାଙ୍କ ଜୀବନ ଭିକ୍ଷା ପାଇଁ ପାଖ ଶିବ ମନ୍ଦିରକୁ ଧାଇଁ ଯାଇଥିଲେ । ମାଳତୀ ଦେବୀ ସେଠାରେ ପାଖ ଦୋକାନରୁ ଦୀପଟିଏ କିଣି ନିକଟସ୍ଥ ଶିବ ମନ୍ଦିରକୁ ଅଧିଆ ପଡିବା ପାଇଁ ବ୍ୟସ୍ଥ ବିବ୍ରତ ହୋଇ ଚାଲି ଚାଲି ଯାଉଥିବା ସମୟରେ ଦୃତ ଗତିରେ ୨ ଜଣ ଯୁବକ ପଛପଟୁ ଏକ ପଲସର ମୋଟର ସାଇକେଲରେ ହେଲମେଟ ପିନ୍ଧି ଆସି ମାଳତୀ ଦେବୀଙ୍କ ସୁନା ମଂଗଳ ସୁତ୍ରଟିକୁ ଝାମ୍ପି ନେଇ ଆଖି ପିଛୁଳାକେ କେଉଁଆଡେ ଉଭାନ ହୋଇ ଯାଇଥିଲେ । ତାଙ୍କ ହାତରୁ ଘୃତପୂର୍ଣ୍ଣ ଦୀପଟି ଦୁର୍ବଳ ସଳିତା ସହ କିଛି ଦୁରରେ ଛିଟିକି ପଡି ଥିଲା ଓ ଭାଙ୍ଗି ଯାଇଥିଲା ମଧ୍ୟ । ବିକଳରେ ମାଳତୀ ଦେବୀ ଚିତ୍କାର ଶୁଣି ସ୍ଥାନୀୟ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକ ତାଙ୍କ ପାଖକୁ ଯାଇ ସମବେଦନାର ସୁଅ ଛୁଟାଇ ଚାଲିଥିଲେ, ଇତି ମଧ୍ୟରେ ସେମାନଙ୍କ ମଧ୍ୟରୁ କିଛି ସହୃଦୟ ବ୍ୟକ୍ତି ପୋଲିସ ତଥା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଡକାଇ ଦେଇଥିଲେ । ଭିତତ୍ରସ୍ତ ମନ, ଭଙ୍ଗା ହୃଦୟରେ ମାଳତୀ ଦେବୀ କଣ କରିବେ କଣ ନ କରିବେ ଭାବି ଜୀବନର ଦୋଛକିରେ ଛିଡା ହେଉଥାନ୍ତି, କିଛି ନିଷ୍ପତ୍ତି ନେବା ତ ଦୁରର କଥା । ପୋଲିସ ଉପଦେଶ ଦେଉଥାଏ ତୁରନ୍ତ ଲିଖିତ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ କରିବ, ସାମ୍ବାଦିକମାନେ ତାଙ୍କ ମୁହଁ ପାଖରେ ବୁମ ଲଗାଇ ପ୍ରତିକ୍ରିୟା ନେବାକୁ କ୍ୟାମେରା ଚାଲୁ କରି ସାରିଥାନ୍ତି । ସେ ପଟୁ ବଡ ପୁଅ କିଶୋରର ଫୋନ ଆସିଲା । ମୋବାଇଲ ଉଠାଇ ଫୋନ ଧରିବା ପରେ ବଡପୁଅ କାନ୍ଦି କାନ୍ଦି କହୁଥାଏ, "ବୋଉ ତୋ ସବୁ ପୂଜାପାଠ ବୃଥା ହୋଇଗଲା, ତୁରନ୍ତ ଫେରିଆ ! ବାପାଙ୍କ ଅପରେସନ ବିଫଳ ହୋଇଛି । ଡାକ୍ତରମାନେ ସବୁ ଚେଷ୍ଟା କରି ମଧ୍ୟ ବାପାଙ୍କୁ ବଞ୍ଚାଇ ପାରିଲେ ନାହିଁ ! ଅଣ ସୁଧିଆରେ ଠାକୁର ମନ୍ଦିରରେ ପୁଜା ପାଠ କରା ଯାଏନି, ଶୀଘ୍ର ଫେରି ଆ ।"

ଚାରିପଟ ଅନ୍ଧାର ହୋଇ ଯାଇଥିଲା ମାଳତୀ ଦେବୀଙ୍କର । ବଜ୍ରପାତରେ ସେ ଯେମିତି କ୍ଷତାକ୍ତ ହୋଇ ସାରିଥିଲେ ସେତେ ବେଳକୁ ସେ । ଅଜାଣତରେ ମାଳତୀ ଦେବୀ ଫୋନ ଧରି ଥିବା ଅବସ୍ଥାରେ ମୂର୍ଚ୍ଛା ଚାଲି ଯାଇ ତଳେ କଚାଡି ହୋଇ ପଡିଥିଲେ । ସେହି ସମୟରେ ସାନ ପୁଅ ନରେଶ ମାଆ ପାଖରେ ପହଁଞ୍ଚି ସାରିଥିଲା । କେହି କିଛି ବୁଝିବା ଆଗରୁ ବୋଉକୁ ତା କାନ୍ଧରେ ପକାଇ ଡାକ୍ତରଖାନା ଆଡକୁ ଦୌଡି ଦୌଡି ଯାଉଥିଲା......

ଆଇନଜିବୀ,ଭଦ୍ରକ.୯୪୩୭୧୨୮୫୯୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱାସ



ମୈତ୍ରେୟୀ କମିଳା

ଛାତି ଭିତରଟା କୋରି ହୋଇଗଲା ଯେତେବେଳେ ସୁଲଗ୍ନା ଶୁଣିଲେ ନିଜ ଝିଅ ସୁରୁ ଠାରୁ କି ପ୍ରିୟନ୍ସ ଗୋଟେ ଅନ୍ୟଜାତି ଝିଅ ବିଧିକୁ ଭଲପାଇ ବାହାହେବା କଥା କହୁଛି । ଫୋନରେ ଏକଥା କହିବା ବେଳେ ଭାଇ ଟିକେ ଭାବ ବିହ୍ୱଳ ହେଇଗଲା ସେକଥା ସୁରୁ ଭଲ ଭାବେ ବୁଝିଗଲା । ତା ଭାଇ ପ୍ରିୟନ୍ସ ଗୋଟେ ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରେ । ବାପାଙ୍କ ଆଗରେ କଥା ପକେଇବ କିଏ ଏ ନେଇ ଟିକେ ଦ୍ୱିଧାରେ ପଡିଛି ସେ । ମା'ଙ୍କ ମନର ଅବସ୍ଥା ବୁଝିବାକୁ ଆଉ ବାକି ରହିଲାନି । ପୁଣି କଥାର ଖିଅ ଧରି କହିଲା ମା' ସେ ଝିଅ ଭାଇ ଅଫିସରେ ହିଁ କାମ କରେ । ସୁଲଗ୍ନା ଠିକ ଧରିପାରିଲେ ଏଇ କିଛି ଦିନ ହେଲା ପ୍ରିୟନ୍ସର ଅନ୍ୟମାନସ୍କତା ଆଉ ସବୁବେଳେ ବ୍ୟସ୍ତ ମନଭାବ । ଭଲ ହେଲା କଥାଟା ଜଣାପଡ଼ିଗଲା । ଖାଲି ଜାତି ଠିକ ଥିଲେ କିଛି ନଥାନ୍ତା । ଏ ବଂଶରେ ପ୍ରଥମ ବାହାଘର । ଇସ ମାନମହତ ଆଉ ରହିବ ? କେମିତି ସ୍ୱାମୀ ଦୟାନନ୍ଦଙ୍କ ସାମ୍ନାରେ କଥାଟା କହିବେ । ଏତେ ପୂଜାର୍ଚ୍ଚନା ବାରବ୍ରତ ପ୍ରଭୁ ଏଇ ଦିନ ଦେଖିବାକୁ ଥିଲା । ସୁରୁ ହାତ ହଲେଇ କହିଲା ବୋଉ କଣ ଏତେ ଭାବୁଛୁ । ଆଷାଢ଼ର ବର୍ଷା ଆଉ ବନ୍ୟା ଏକାବେଳେ ଉପଲବ୍ଧି ହେଲା ସୁଲଗ୍ନାଙ୍କୁ । ନିଜ ବାକଶକ୍ତି ଲୋପ ହୋଇଯିବା ପରି ଲାଗିଲା । ହଠାତ ଭୂମିକମ୍ପ ଆସିବ । ସମୁଦ୍ରରେ ବଡ ବଡ ଲହଡି ଆସିବା ପରି ଲାଗିଲା । ଏମିତି ଗୋଟେ ଦିନ ଆଉ ଏଭଳି କିଛି ଶୁଣିବା ଆଗରୁ ମରି ନଗଲି କାହିଁକି । ଦୁନିଆ ଏପଟ ସେପଟ ହେବ ପରି ଲାଗୁଛି । ବାପାଙ୍କ ପାଦ ଶବ୍ଦ ଶୁଣି ପାରିଲା ସୁରୁ । ଯା'

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ହେବ ଆଉ ଲୁଚେଇ ଲାଭ କଣ । ପାଣି ଗିଲାସଟେ ଧରି ଆସିଲା ସୁରୁ । ମା କଥା ପଚାରିଦେଲେ ବାପା । ଘର ଭିତରେ ଅଛି । ଯା ମା'କୁ ଟିକେ ଡାକି ଦେ । ସୁଲଗ୍ନା ଆସିବାରୁ ଦୟାନନ୍ଦ କହିଲେ ଆଜି ପୁରୋହିତ ରାମନରେଶ ଦେଖା ହେଇଥିଲେ । ଭଲ ପ୍ରସ୍ତାବଟେ ଅଛି ବୋଲି କହୁଥିଲେ । ଝିଅଟି ଡିପ୍ଲୋମା ସାରି ଏଇ କିଛି ମାସ ହେବ କମ୍ପାନୀ ଚାକିରୀ କରିଛି ।

ମୁଣ୍ଡ ଭିତରେ କିଛି ପଶୁନି ସୁଲଗ୍ନାଙ୍କର । ଇଛା ହେଉଛି ସେଇଠି ବସି ଜୋର ଜୋରରେ କାନ୍ଦି ମନକୁ ହାଲୁକା କରନ୍ତେ । ସୁରୁକୁ ଲାଗିଲା ବାପାଙ୍କୁ କହିବା ସମୟ ଆସିଯାଇଛି । ଧୀରେ ସେ କହିବା ଆରମ୍ଭ କଲା ବାପା ଭାଇ ଗୋଟେ ଝିଅ ପସନ୍ଦ କରିଛି ।

ଏଥର ଦୟାନନ୍ଦ ବୁଝି ପାରିଲେ ସୁଲଗ୍ନାର ନିରୁତ୍ତର ରହିବାର କାରଣ ।

ପ୍ରୀତନ୍‌ସର ବାହାଘରକୁ ୫ ବର୍ଷ ପୁରିଲାଣି । ସୁଲଗ୍ନା ଆଜି ମଧ୍ୟ ଚୁପ ରହିଛନ୍ତି । ସାହି ପଡିଶା ସବୁ ଆଡେ ବୋହୁର ପ୍ରଶଂସା । ବିଧି ଘରକୁ ଆସିବା ଦିନଠୁ ଏ ଘରର ନକ୍ସା ବଦଳି ଯାଇଛି । ପ୍ରତି କୋଣରେ ବିଧିର ହାତ ପରଶ ଲାଗି ସତେଜ ହୋଇ ଉଠିଛି । ସୁଲଗ୍ନା ହାତରୁ କାମ ଛଡେଇ ବିଧି ନିଜ ବୋହୁ ପଣିଆରେ ଜିତିଯାଇଛି । ଆଜି ଏ ଘରର ସବୁ ଜିନିଷ ବିଧି ହାତ ଛୁଆଁ ମାଗୁଛି । ପୂରଣତାରୁ ସମ୍ପୁର୍ଣତା ଚାହିଁଥିବା ବିଧି ମା ହେବାକୁ ଯାଉଛି । ସୁଲଗ୍ନା ଯଥା ସମ୍ଭବ ଚେଷ୍ଟା କରୁଛନ୍ତି ବୋହୁକୁ ଖୁସି ରଖିବା ପାଇଁ । ଆକାଶରୁ ବାଦଲ ହଟେଇ ଏକ ନୂତନ ସକାଳର କିରଣକୁ ସାରା ପରିବାରର ଅପେକ୍ଷା । ଏ ବିଶ୍ୱାସ ଅତୁଟ । ନିଜ ଇଚ୍ଛାକୁ ବିଶ୍ୱାସରୂପକ ଭଲ ପାଇବାର ସଜେଇ ବିଧି ସମସ୍ତଙ୍କ ମନଜିଣି ପାରିଛି ତା ଅଗଣାରେ ତାରା ଭର୍ତି ଆକାଶ ଲମ୍ବିଯାଇଛି ଦୂର ଦିଗବଳୟକୁ ସୁଲଗ୍ନାଙ୍କ ପଣତ ଆଜି ପୁଣି ମାଆର ଆଶିଷ ଦେବାକୁ ଉଦବିଗ୍ନ । ଆକାଶ ପୁଣି ହସୁଛି ମନଖୋଲା ହସ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେ ଦୁଇଜଣ



ପାରମିତା ଷଡ଼ଙ୍ଗୀ

ରାତିଟା ବାଡ଼ି କବାଟ ଖୋଲି ଧିରେଧିରେ ପଳାୟନ କରୁଥିଲା । କୌଣସି ପ୍ରକାର ପାଦଶବ୍ଦକୁ ଲୁଚାଇ ଲୁଚାଇ ଚାଲୁଥିଲେ ସେମାନେ । ଛାତ ଉପରେ ପହଞ୍ଚି ଗଲେ ସେ ଦୁଇ ଜଣ ।

"ମୁଁ ତୁମ ପାଇଁ ଚନ୍ଦ୍ରଟିକୁ ଆଣି ଦେବି । ଆଉ ତୁମେ ତାକୁ ତୁମ ତକିଆର ତଳେ ଲୁଚେଇ ଦେଇ ରଖି ଦେବ ।"

"ତା ପରେ ତୁମେ କ'ଣ କରିବ ?"

"ମୁଁ ରାତି ସାରା ଖାଲି ଆକାଶକୁ ଚାହିଁ ଚାହିଁ ଚନ୍ଦ୍ରଟିର ଚିହ୍ନକୁ ଖୋଜୁଥିବି ।"

"ତୁମେ ତ ବଡ଼ ଦାର୍ଶନିକ ପରି କଥା କହୁଛ ।"

'ହଁ', ଗୋଟେ ଶୁଖିଲା ହସ ହସିଲା ବିକାଶ । ପୁଣି ପଚାରିଲା, "କାଲି କେତେ ବେଳେ ଘରୁ ବାହାରିବ ?" ପ୍ରଶ୍ନଟି ପଚାରିଲା ବେଳେ ତା ଶରୀର ଭିତରେ ଥିବା କେଉଁ ଏକ କୋଠରୀଟି ଅନ୍ଧକାରରେ ଭରିଗଲା । ଏଇ ଛାତ ଉପରେ କିଛି ଚୁମ୍ବକୀୟ ଶକ୍ତି ଥିଲା ବୋଧେ, ଯେତେବେଳେ ବି ସମୟ ମିଳେ ଦୁଇ ଜଣ ଏଠାକୁ ଟାଣି ହୋଇ ଆସିଥାନ୍ତି । କିନ୍ତୁ କାଲି ଠାରୁ....

ଦୁଇ ଜଣ ବସି ଥିଲେ, କାନ୍ଥକୁ ଆଉଜି ।

"ସବୁ ବେଳେ ଆମକୁ ଏଇ କାନ୍ଥର ଆଶ୍ରୟ କାହିଁକି ନେବାକୁ ପଡେ ? ଏଇ ଖୋଲା ରାସ୍ତାଟା କାହିଁକି ଆଶ୍ରୟ ଦେଇ ପାରେନା ?"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିକାଶକୁ ଲାଗୁଥିଲା ସେ ଖାଲି ମନ, ଖାଲି ହୃଦୟ, ଖାଲି ହାତରେ ଗୋଟେ ଫାଙ୍କା ରାସ୍ତାରେ ଅଧରାତିରେ ଏକୁଟିଆ ଠିଆ ହୋଇଛି । କାଲି ଲୋପା ଦିଲ୍ଲୀ ଚାଲିଯିବ । ତା ପରେ.....

କହିବାକୁ ଚାହୁଁ ଥିଲା ବିକାଶ, "ଲୋପା ସମୟଟା ଯେମିତି ବି ହେଉ ଗୋଟେ କାନ୍ଥର ଆଶ୍ରୟ ନେବାକୁ ପଡେ । ନିଜକୁ ଲୁଚାଇବାକୁ ହେଉ କି ନିଜ ଭାରକୁ ଲଦିଦେବାକୁ ହେଉ ।" ହେଲେ କହି ପାରିନଥିଲା ।

ଲୋପା ଭାବୁଥିଲା ସେ ଦିଲ୍ଲୀ ଗଲା ପରେ ବିକାଶ ଏକୁଟିଆ କିପରି ରହିବ ?

"ଆଜି ଆକାଶଟା କେତେ ଖୋଲା ଲାଗୁଛି ନା !"

"ସତରେ କ'ଣ ଆକାଶଟା ଖୋଲା...ନା.....ମ ... ଏଇଟା ଗୋଟେ ପହରା ଦେଉଥିବା କଳା ଚାଦର ।" କହୁ କହୁ ଚୁପ୍ ହେଇଗଲା ବିକାଶ ।

ସେ ଦୁଇ ଜଣ ନିଜ ନିଜ ଖାଲି ପଣ ଭିତରେ ପହଁରି ଚାଲୁଥିଲେ ।

"ଚାଲ ଯିବା । ପାହାନ୍ତିଆ ପୂର୍ବରୁ ତୁମକୁ ଘରେ ଛାଡ଼ିଦେଇ ମୋତେ ପୁଣି ପୂର୍ବବତ୍ ଚୁପଚାପ୍ ଫେରି ଆସିବାକୁ ପଡିବ ।" ବିକାଶ ଲୋପାର ହାତ ଉପରେ ନିଜ ହାତ ରଖିଲା । ଦୁଇ ଜଣ ଉଠି ଆସିଲେ । ଛାତଟା ଭାବୁ ଥିଲା ଆକାଶଟା ଏବେ ବେଶି ଖାଲି କି ସେ ।

ଚାରୋଟି ପାଦ ଆଗକୁ ଆଗକୁ ବଢୁଥିଲି । ସେମାନଙ୍କର ଦୁଇଟି ହାତ ବନ୍ଧା ଥିଲା ତ ଆଉ ଦୁଇଟି ଖୋଲା । ଧିରେ ଧିରେ ସେମାନଙ୍କ ପାଦ ତଳର ସଡ଼କଟା ଚାଲୁ ଥିଲା ଓ ମୁଣ୍ଡ ଉପରେ ଆକାଶଟା ବିତି ଯାଉଥିଲା ।

ଆହ୍ୱାନ ଇ-ପତ୍ରିକା

# ଶେଷ ସମ୍ପର୍କର ଚିଠି



ମହାସ୍ମିତା

ଆଦିତ୍ୟ,

ତୁମ ସହ ସବୁ ସମ୍ପର୍କର ପୂର୍ଣ୍ଣଚ୍ଛେଦ ପରେ ଆଉ କ'ଣ ବାକି ରହିଲା ଯେ, ମୁଁ ତୁମ ଜୀବନକୁ ପୁଣି ଫେରି ଯିବାର ଆଶା ରଖିଥାନ୍ତି । କେଜାଣି କାହିଁକି ଚୁପ୍ ଚାପ୍ ବସି ଆଖିର ସବୁତକ ଲୁହ ନିଗାଡି ଦେବାକୁ ଇଚ୍ଛା ହେଉଛି । ବାହାରେ ଆଷାଢର ପହିଲି ବର୍ଷା ।

ଚତୁର୍ଦ୍ଦିଗ କୋମଳ, ଶୀତଳ । ପବନରେ ଭାସି ଆସୁଛି ଭିଜା ମାଟିର ମହମହ ବାସ୍ନା । ବସିଥିଲି ଝର୍କା ପାଖରେ, ଭିଜୁଥିଲି ପବନ ଓ ବର୍ଷାର ମିଠା ମହକରେ । ଝରୁଥିଲା ବର୍ଷା ମୋ ବାଲକୋନୀ ଛାତରୁ ଧାର ଧାର ହୋଇ । ବର୍ଷାର ମିଠା ମହକରେ ଭାବୁଥିଲି ତମ ମୋ ସମ୍ପର୍କର ସଂଜ୍ଞା । ବାହାରେ ବର୍ଷା । ମୋ ଭିତରେ ପୃଥିବୀ ବର୍ଷାସିକ୍ତ । ବାହାରେ ଶୀତଳ ପବନ । ମୋ ଭିତରେ କିନ୍ତୁ ଝଡର ତାଣ୍ଡବ । ବାହାରେ ନରମ ଆଲୋକ, ଅଥଚ ମୋ ଭିତରେ ବହଳ ଅନ୍ଧକାର । ସେହି ଅନ୍ଧକାରର ଭିତରେ ମୁଁ ନିଖୋଜ୍, ନିଜ ଠାରୁ ନିଜେ, ନିଜ ଭିତରୁ ନିଜେ ।

ମୋ ଲୁହକୁ, ଅସହାୟତାର ସମ୍ପର୍କକୁ ସାଇତି ରଖିଛି ଯେମିତି ଏ ଆଷାଢର ବର୍ଷା । ମୋ ଦୁଃଖରେ, ଶୋକରେ ବିବଶ ହୋଇ ଝରି ପଡୁଛି ଟପ୍ ଟପ୍ ହୋଇ । ଝର୍ଝର୍ ହୋଇ । ବାହାରର ବର୍ଷା ହୁଏତ କମିଯିବ କିଛି ସମୟ ପରେ । ହେଲେ ମୁଁ ? ମୋ ଲୁହ ? ମୋ ସମ୍ପର୍କର ସଂଜ୍ଞା, ମୋ ଯନ୍ତ୍ରଣାର ଅସମାପ୍ତ ପର୍ବ ? କେବେ ଥମିବ ? କେତେ ଶତାବ୍ଦୀ ପରେ ? କେତେ ଜନ୍ମାନ୍ତର ପରେ । ଥରେତ କହିଦେଇ ଯାଅ । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହଜିଗଲା ମାମୁଁଘର



ରଞ୍ଜିତ୍ କୁମାର ପାଲ୍

ପିଲାବେଳେ ମାମୁଁଘରକୁ ଯିବା ଶୁଣିଦେଲେ ମନଟା ଖୁସିରେ ଉଚ୍ଛୁଳିପଡେ । ମନରେ ଆଙ୍କି ହୋଇଯାଏ ଦୁଇ ଦାଣ୍ଡି ନାଲି ଟାଇଲ୍ ଘର ମଝିରେ ବିରାଟ ଅଗଣା ଓ ଛାତିଏ ଉଚ୍ଚା ଚଉରା । ଗୋଟେ ଦାଣ୍ଡିରେ ଠାକୁର ଘର, ଶୋଇବା ଘର ଦି ବଖରା, ଚାଉଳ ଆଲମାରୀ ଘର, ହାଣ୍ଡିଶାଳ । ଆର ଦାଣ୍ଡିରେ ଧାନଘର ଦି ବଖରା, ଢିଙ୍କିଶାଳ । ତାପରେ ପୁଣି ରୋଷେଇଘର ଖଞ୍ଜା ପରେ ଆଉ ଗୋଟେ ଅଗଣା, ବାଡି ଅଗଣା । ମଝିରେ ପଣସ ଗଛ, ଡାଳିମ୍ବ ଗଛ, ମନ୍ଦାର ଗଛ । ଦାଣ୍ଡପଟେ ବିରାଟ ଗୁହାଳ । ଘର ସାମନାରେ ଦାଣ୍ଡରେ ବିରାଟ ଚଉତରା । ଏକ ସ୍ୱପ୍ନପୁରୀର ଭ୍ରମ ସୃଷ୍ଟିକରେ ।

ମାମୁଁଘର ଶଗଡ ଲାଗେ ଆମ ବାଡିପଟେ । ବୋଉ ସଜହୁଏ ବାପଘରକୁ ଯିବାକୁ । ଆମେ ବି ସଜହେଉ । ଗୋଡ ତଳେ ଲାଗେନା ।  ଶଗଡରେ ତାଟ ପଡିଥାଏ । ତା ଉପରେ ପାଲ ବନ୍ଧା ହୋଇଥାଏ । ଭିତରେ ନଡା ପଡି ତା ଉପରେ ସପ ଓ ତା ଉପରେ ସତରଞ୍ଜି ପଡିଥାଏ । ଧଳା ଧଳା ଚିତେ ଉଚ୍ଚା ବଳଦ, ଟିପ ମାଇଲେ ରକ୍ତ ବାହାରିଯିବ, ମୁଣ୍ଡରେ କଉଡି ମାଳରେ ଚଉଁରୀ ବନ୍ଧା ଓ ବେକରେ ପିତଳର ଘଣ୍ଟି ଘାଗୁଡି ମାଳ, ଚାଲିଲା ବେଳେ ମଧୁର ଶବ୍ଦ ସୃଷ୍ଟି କରେ ।

ମାମୁଁଘର ଦୁଆରେ ଶଗଡ ଲାଗୁ ଲାଗୁ ସାହି ପଡିଶା ଧାଇଁ ଆସନ୍ତି । କିଏ କେତେ ପ୍ରକାରେ ପଚାରେ । ମଢିମା ତା ବେହାଡା ଦାନ୍ତ ଦୁଇ ଧାଡି ଦେଖେଇ ହେଁ ହେଁ ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସେ । ମୁଁ ଜାଣିପାରେନି ସେ କାନ୍ଦୁଛି ନା ହସୁଛି । ବେହେରା ଘର ବୁଢ଼ୀ ଧାଇଁଆସି ଆମକୁ କୁଣ୍ଢାଇ ପକାଏ । କାଖେଇ କୁଣ୍ଢେଇ ଘର ଭିତରକୁ ନେଇଯାଏ ।

ଆଈର ସେ ଗୋରା ତକ ତକ ମୁହଁରେ ଯେମିତି ହଜାରେ କୃଷ୍ଣଚୂଡା ଫୁଟିଉଠନ୍ତି । ଅଜା ଚଉତରା ଉପରୁ ଉଠିଆସି ଅଗଣାର ଗୋଟିଏ କଡକୁ ପିଣ୍ଡା ଉପରେ ପଡିଥିବା ଖଟରେ ବସି  ବୋଉକୁ ଆମ ଘରକଥା ପଚାରନ୍ତି ଓ ତା ସଙ୍ଗେ ସଙ୍ଗେ ଆମକୁ କେତେ ଥଟ୍ଟା ମଜା କରନ୍ତି ।

ସନ୍ଧ୍ୟା ହେଲେ ଘରେ ରହି କାମ କରୁଥିବା ଲୋକଟି ଡିବି, ଲଣ୍ଠନ ସବୁ ପୋଛି କିରାସିନି ପକେଇ ଜଳାଇଦିଏ । ଘରେ ସତେ ଯେମିତି ଲକ୍ଷ୍ମୀ ବିରାଜିଛନ୍ତି । ଆଃ କି ସ୍ନେହ ସରାଗରେ ଭର୍ତ୍ତି ଘର । ପୁରା ଖରା ଛୁଟିଟା ହିଁ ସେଠି କଟେ ।

ରାତିରେ ଅଗଣାରେ ଖାଇବସିଲା ବେଳେ ଉଷୁନାଭାତରେ ଗୁଆଘିଅ ସର ସର ହୋଇ ପଡେ । ମୁଗଡାଲି ସାଥୀରେ ଚେକା ଚେକା ଆଳୁ ବାଇଗଣ ଭଜା । ତୋଟାରୁ ଆସିଥିବା ସବୁଠୁ ମିଠା ଆମ୍ବ କଟାହୁଏ । ବାଃ ...ଖାଇବାଟା ଜମିଯାଏ । ଏବେବି ସେ ବାସ୍ନା ମୋର ମନେ ପଡିଯାଏ ବେଳେବେଳେ ।

ମାମୁଁଙ୍କ ଦେହ ଖରାପ ଶୁଣିଲି । ବହୁତ ଦିନ ହେଲା ଯାଇନଥିଲି, ବୋଧେ କୋଡିଏ ବର୍ଷ ହେବ । ମନ ସମ୍ଭାଳିଲାନି, ଗାଡିଟା ବାହାରକରି ଗୁଡାଏ ମିଠା ଆଉ ଫଳ ମୂଳ ଧରି ଚାଲିଲି । ମାମୁଁଘର ଗାଁଟା ଆମ ଗାଁଠୁ ଦଶ କିଲୋମିଟର ହେବ ପଶ୍ଚିମକୁ । ଅପରାହ୍ନର ଗରମ ସୂର୍ଯ୍ୟ ମୁହଁକୁ ମାରୁଥାଏ । ମାମୁଁଘର ଗାଁ ଛକରେ ପହଞ୍ଚି ଟିକେ ନଜର ଦୌଡାଇଲି ଚାରିପଟକୁ । ବସ୍ ଷ୍ଟାଣ୍ଡରେ ଥିବା ସେ ତ୍ରୀନାଥ ଚାନ୍ଦେନି ଓ ଘଞ୍ଚ ବରଗଛକୁ ଦେଖିଲିନି । ରାସ୍ତା ଚଉଡା ହୋଇ ତା ଗର୍ଭରେ ତାକୁ ଲୀନ କରିଦେଇଛି । ତା ପାଖରେ ଥିବା ଭୁଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁଡିଆର ସେ ବରା ଦୋକାନ ବି ନାହିଁ । ବଡ ବଡ ବିରି ବରା ଭିତରେ ଗୁଡ ନଡିଆ ଗୋଲମରିଚର ପୁର ଦିଆହୋଇ ବାଦାମ ତେଲରେ ଛଣା ହୋଇଥିବା ବରା ଅନେକ ଥର ମାମୁଁ ଆଣନ୍ତି । ମୁଁ ଖାଇଛି ବହୁତ ଥର ।

ଛକଟା ଗୋଟେ ଛୋଟିଆ ବଜାର ହୋଇଯାଇଛି । ଗୋଟେ ଦୋକାନରେ ପଚାରିଲି ଭୁଜ ଗୁଡିଆ କଥା । ସେ କହିଲା, "ବାବୁ ! ତୁମେ କେମିତି ଜାଣିଲ ତାକୁ ?" ମୁଁ ମୋ ପରିଚୟ ଦେଲି । ସେ କହିଲା ଯେ ତା'ର ଦେହ ଖରାପ । ତା' ପୁଅ ସେଇ ଆଗରେ ମିଠା ଦୋକାନ ଦେଇଛି । ଆମ ଏଠାର ବରା ତ ବହୁତ ପ୍ରସିଦ୍ଧ । ତେଣୁ ଗୁଡିଏ ଦୋକାନ ଖୋଲିଲାଣି ।

ମାମୁଁଘର ସାଇ ଭିତରକୁ ଗାଡି ବୁଲେଇଲି । ସାହିରେ ଚାଳ କି ଟାଇଲ୍ ଘର ଗୋଟେ ବି ନାହିଁ । ସବୁଆଡେ ପକ୍କାଘର । ସାହି ମଝିରେ ଥିବା ଟଗର ଗଛ, ଚମ୍ପା ଗଛ ଗୋଟେ ବି ନାହିଁ । ସବୁ ସଫାହୋଇ ଦାଣ୍ଡ ସିମେଣ୍ଟ ହୋଇଯାଇଛି । ମାମୁଁଘର ଦୁଆରେ ପହଞ୍ଚିଲି । କେହି ନାହାନ୍ତି । ଚଉତରା ଉପରେ ଗହଳି ନାହିଁ । ଦାଣ୍ଡ ବି ଶୁନ୍ ଶାନ । ଯେଉଁ କେତୋଟି ମୁହଁ ଦିଶୁଥିଲା ସବୁ ଅଚିହ୍ନା ଥିଲା । ଦାଣ୍ଡ ଦୁଆର ଚଢି ଘର ଭିତରକୁ ପଶିଲି । ନା ଗୋବରର ଗନ୍ଧ ନାକରେ ବାଜିଲା ନା ଗୁହାଳେ ଗୋରୁ ଥିଲେ । ବିରାଟ ବଡ ଗୁହାଳ ଖାଲିପଡିଛି । ମୋ ଦେଖିବାରେ ତିନି ହଳ ବଳଦ ଓ ଚାରି ପାଞ୍ଚଟା ଗାଇଥିଲେ ।

ଗୁହାଳ ଟପି ଅଗଣାରେ ଗୋଡ ଦେଲି । ବାଁ ପଟକୁ ଚାହିଁଲି । ଏଠି ଠାକୁର ଘର ଦୁଆରେ ଆଈର ଗୋରା ଦକଦକ ମୁହଁଟା ନଜରରେ ପଡିଲାନି । ଡାହାଣ ପଟକୁ ଚାହିଁଲି । ପିଣ୍ଡା ଉପରେ ଅଜା ବସୁଥିବା ଖଟଟା ତ ପଡିଛି ମାତ୍ର ଅଜା ନାହାନ୍ତି ।

ମୁଁ ଜାଣିଛି । ଅଜା ଆଈ ଆଉ କେବେବି ଫେରିବେନି ତାଙ୍କ ନାତିକୁ ହସି ହସି ଘର ଭିତରକୁ ପାଛୋଟି ନେବାକୁ । ମାମୁଁଙ୍କ ବୋହୂ ଅଗଣାକୁ ବାହାରି ଆସି ମୋତେ ଅଚିହ୍ନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇ ପୁଣି ଘର ଭିତରକୁ ପଶିଗଲେ । ଦଶବର୍ଷର ପୁଅଟି ଆସି ପଚାରିଲା... ଆପଣ କାହାକୁ ଖୋଜୁଛନ୍ତି ? ମୁଁ କିଛି ଉତ୍ତର ଦେବା ପୂର୍ବରୁ ପାଟି ଶୁଣି ମାମୁଁ ବାହାରି ଆସିଲେ ଅଗଣାକୁ । ମୋତେ ଅନେକ ଦିନ ପରେ ଦେଖି ଖୁସିରେ ତାଙ୍କ ମୁହଁ ଝଲସି ଉଠିଲା । ମୁଁ ନମସ୍କାର କଲି ମୁଣ୍ଡନୁଆଁଇ । ସେ ପାଟିକରି କହିଲେ,"ବାଘମାରୀ ନାନୀ ପୁଅ ଆସିଛି ତା ପାଇଁ ଜଳଖିଆ ସଜ କର । ମୁଁ ଜାଣିଲି ବୋହୁଟି ଉଦ୍ଦେଶ୍ୟରେ ତାଙ୍କର ଏ କଥା । ମାଇଁ ପାଗଳୀ । ବାଡିପଟ ଖଞ୍ଜାରେ ଥିବେ । ଅଜାଙ୍କର ଛଅ ଝିଅରେ ଗୋଟିଏ ପୁଅ । ମୁଁ ବଡ ଆଉ ଦୁଇ ନମ୍ବର ଝିଅର ପୁଅ ।

ମାମୁଁଙ୍କୁ ଦେହ କଥା ପଚାରିଲି । ମୁଁ ନେଇଥିବା ହର୍ଲିକ୍ସ ଫଳ ମୂଳ ସବୁକୁ ଆଗ୍ରହର ସହ ଦେଖିଲେ ମାତ୍ର କିଛି ଖାଇଲେନି । ବୋହୁଟି ଆସି ମୁଣ୍ଡିଆ ମାଇଲା । ଥଣ୍ଡା ଗ୍ଲାସ୍ ଟି ଟେବୁଲ ଉପରେ ଥୋଇ ଓଢଣା ଟାଣି ଚାଲିଗଲା । ମାମୁଁଙ୍କ ପୁଅ ଘରେ ନଥିଲା । ମୁଁ ଥଣ୍ଡା ପିଇସାରି ଉଠି ଠିଆହେଲି । ପୁଣି ଥରେ ଆସିବାର କଥାଦେଇ ଫେରିଲି ଗାଁକୁ । ଅତୀତର କଥାଗୁଡା ମନେପଡି ମନଟା ଗୋଳେଇ ଘାଣ୍ଟି ହେଲା ।

ମୋତେ ଲାଗୁଥିଲା ସତେ ଯେମିତି ମୁଁ ଆଉ କେଉଁଠିକି ଭୁଲ୍ ରେ ଚାଲିଆସିଛି । ଇଏ କଣ ସେଇ ମୋ ମାମୁଁଘର ଗାଁ ? ? ? ବିସ୍ମୃତିର ଗର୍ଭରୁ ଘଟଣା ଗୁଡିକ ଟାଣି ଓଟାରି ବାହାର କରିବାକୁ ଚେଷ୍ଟାକରି କେବଳ ଦୀର୍ଘଶ୍ୱାସ ହିଁ ଛାଡୁଥିଲି । ମାମୁଁଘର ଗାଁ'ଟା ମୋ ଆଗରୁ ଯେମିତି ହଜିଯାଇଥିବାର ପ୍ରତ୍ୟୟ ହେଉଥିଲା ।

ବିକେସି, ମୁମ୍ବାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଘ



ଡଃ ସୁବାସ ମିଶ୍ର

ବାସନ ମଜ଼ା ଓ ରୋଷେଇ ସାରି ଝରକା ଆଡେ ଚାହିଁ ରହିଛି ମୀନା ଏକ ଶୂନ୍ୟ ଉଦାସ ଦୃଷ୍ଟିରେ । ବାବୁଆଣୀ କାଲିଠୁ ବାପଘର ଯାଇଛନ୍ତି । କେବେ ଫେରିବେ କେଜାଣି । ସୂର୍ଯ୍ୟ ବଡ଼ ବଙ୍ଗା ପାହାଡ଼ ନାସିରେ ଏକ ନାଲି ପିଣ୍ଡୁଳାଟେ ହୋଇ ଅଧା ମିଳେଇ ଗଲେଣି । ବାବୁ ଏଯାଏ ଫେରି ନାହାନ୍ତି । ସେ ଯେ ଘରକୁ ଯିବ ! ବାବୁ ତ ପାଞ୍ଚଟା ପନ୍ଦରରେ ଫେରନ୍ତି, ଆସି ଛ'ଟା ହେଲାଣି । ଅସିଣ ମାସର କଅଁଳିଆ ଶୀତ ଆନମନା କରୁଛି ତାକୁ । ରାତି କଥା ଭାବି ଭାବି ସେ ପୁଲକିତ ହେଉଛି । ରାତିରେ ହାଲିଆ ହୋଇ ସାନଭଉଣୀକୁ କୋଳରେ ଧରି ବଖୁରିକିଆ ଘରେ ଶୋଇ ଥିଲାବେଳେ ପ୍ରାୟତଃ ତା ନିଦ ଭାଙ୍ଗିଯାଏ । ସକାଳୁ ସଞ୍ଜ ଯାଏ 'ଅଲକ୍ଷଣୀ, ବାରବୁଲି, ଛତରୀ, ଛୁଁଚିମୁହିଁ' ଆଦି ବିଶେଷଣ ଦେଇ ଗାଳି କରୁଥିବା ତା ରୁଗ୍ଣ ବାପା ଭାରି ସାକୁଲେଇ ତାର ମାଆକୁ 'ମୋ ଗେଲ୍ଲୀ, ସୁନ୍ଦରୀ, ଧନ' ଆଦି କହିବାର ସେ ଶୁଣେ । ତା'ପରେ ମା'ର ଅନୁନୟ ବିନୟ କିଛି କାମ କରେ ନି । ତା'ପରେ ମା'ର କୁନ୍ଥା, କାନ୍ଦ । କିଛି ଫରକ ପଡ଼େନି ପାଉଚ ପିଇ ଆସିଥିବା ତା ବାପା ଉପରେ । ଶରୀରରେ ତା'ର ରୋମାଞ୍ଚ ଦେଖାଦିଏ, ଛାତି ଟାଣୁଆ ଲାଗେ, ତଣ୍ଟି ଶୁଖି ଅଠା ଅଠା ହୋଇଯାଏ । ପୁଣି ବାପା ପ୍ରତି ଘୃଣାରେ ଅନ୍ତର ଭରିଯାଏ । ଚେଇଁଥିଲେ ବି ଶୋଇବାର ଅଭିନୟ କରେ । ରାତି ପାହିଲେ ଇଚ୍ଛା ହୁଏନି ବାପାର ମୁହଁକୁ ଦେଖିବାକୁ, ମା ସହ କଥା ହେବାକୁ ।

ମରିଯିବି, ମରିଯିବି କହି କାନ୍ଦୁଥିବା ତା'ର ମା' କାହିଁ ତ ମରିନି, ବରଂ ପୂରା ସତେଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛି, ସବୁ କାମ ଯଥାପୂର୍ବ କରୁଛି ଯେମିତି କି ଗତ ରାତି କିଛି ବି ଘଟିନି ! ମୀନା ଭାବେ,ଏଇ କଣ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ! ତା'ସହ କଣ ଏଇମିତି ହିଁ ଘଟିବ !! ଶୀଥିଳ ହୋଇଯାଏ ଶରୀର, ମରି ମରି ଯାଏ ମନ ।

ଯେଉଁଦିନ ସେ ଘରେ ରହିଲା, କେତେ କାନ୍ଦିଛି । ମା'କୁ କହିଲାରୁ ହସିଲା, "ଝିଅ ଜନମ ଏଇଆ ଲୋ ମା । ତୁ ଏବେ ବଡ଼ ହେଲୁ, ଘର ଯୋଗ୍ୟା, ଦେଖି ଚାହିଁ ଚଳିବୁ, ଛାତିରେ ଲୁଗା ରଖିବୁ, ଅଣ୍ଡିରା ଦେଖି ହସିବୁନି, କଥା ହବୁନି..." ଇତ୍ୟାଦି ଇତ୍ୟାଦି ।

ସେତେବେଳେ ସେ ନହକା ଥିଲା, ସମତଳ ଛାତିକୁ କାଠି ପରି ହାତ ଗୋଡ଼ । କିନ୍ତୁ କଣ ହେଲା କେଜାଣି, ଏଇ ବରଷକ ଭିତରେ ଛାତି ବହୁତ ଉଚ୍ଚ ହେଲାଣି, ଗାଲ ପୂରିଲା ପୂରିଲା, ଦିହ ଗୋରା ଗୋରା ଓ ପିଚା ଓଜନିଆ ଲାଗିଲାଣି । ସେ ଆଶ୍ଚର୍ଯ୍ୟ ହୁଏ, ଘରେ ଥିବା ଛୋଟ ଆଇନାରେ ନିଜକୁ ପୂରା ଦେଖି ପାରେନି । ସେଥିପାଇଁ ବାବୁ ବାବୁଆଣୀ ନ ଥିଲା ବେଳେ କେଇ ମୁହୂର୍ତ୍ତ କବାଟ ଝରକା କିଳି ସେ ନିଜକୁ ବଡ଼ ଆଇନାରେ ଦେଖେ, ପୁଲକିତ ହୁଏ, ସ୍ୱପ୍ନ ଦେଖେ । ତା ସ୍ୱପ୍ନର ରାଜକୁମାରକୁ, ପକ୍ଷୀରାଜ ଘୋଡା ଚଢ଼ି ଆସିବ, ତାକୁ ନେଇ ରାଣୀ କରିବ । ଭୁଲିଯାଏ ବିଗତ ରାତିର କଥାକୁ । ଲୁଗାପଟା ସଜାଡି କବାଟ ଝରକା ଖୋଲି ଦିଏ । ମନେ ପଡେ ବାବୁଆଣୀଙ୍କ ତାଗିଦା, "ଖବରଦାର, ସୂର୍ଯ୍ୟ ଅସ୍ତ ଆଗରୁ ଘରକୁ ଯିବୁ, ରବିବାର ବେଳେ ଆସିବୁ, ଦି'ପହରେ ପଳେଇବୁ ।" ସେ କଣ କରିବ ଯେ ! ଏଯାଏ ବାବୁ ଆସୁନାହାନ୍ତି !! ଭାବୁ ଭାବୁ କେତେବେଳେ ବାବୁ ଆସି ତା କାନ୍ଧକୁ ହଲେଇ ଦେଲେଣି, ତା'ର ନିଘା ନାହିଁ । ଚମକି ପଡ଼ିଲା ମୀନା । ସରମି ଗଲା । "ବାବୁ, ଏତେ ଡେରି କଲ ଯେ, କେମିତି ଘରକୁ ଯିବି ?"

"କାଇଁ,ରହି ଯାଉ ନୁ ?"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ନାଁ, ବୋଉ ରାଗିବ ।"

"ତେବେ ଯା' ଡର ଲାଗିବ । ହଉ, ମୁଁ ଟିକେ ଫ୍ରେସ୍ ହୁଏ, ନେଇ ଛାଡିଦେବି ।"

"ନାଁ, ବସ୍ତିକି ତମ ସହ ଗଲେ ମା ରାଗିବ ।"

"ତେବେ ?" ଉତ୍ତର ନଥିଲା ମୀନା ପାଖରେ ।

ବାବୁ ଫ୍ରେସ୍ ହୋଇ ସୋଫାରେ ବସିଛନ୍ତି, ମୀନା ଚା ଆଉ ପାଣି ଆଣି ଦେଲା । ବାବୁଙ୍କ ଫୁଙ୍ଗୁଲା ଦିହକୁ ଦେଖି ମୀନା ଭାବିଲା ତା ଗିରସ୍ତ ଏମିତି ହୁଅନ୍ତା ନି, ଚଉଡା ଛାତି, ଗୋରା ଦିହ, କୁନ୍ଦିଲା କାନ୍ଦିଲା ଚେହେରା ! ଛିଃ ! କି ଖରାପ ପାପ କଥା ସେ ଭାବୁଛି ! ସରମ ନାହିଁ । ବୋଉ କଥା ମନେ ପଡ଼ିଲା, ଅଣ୍ଡିରା ପିଲାକୁ ଚାହିଁବୁନି ।

ବାବୁ ଟିଭି ଦେଖୁଛନ୍ତି ।

"ବାବୁ, ଖାଇବା ବାଢିବି ?"

"ହଉ" -ବାବୁ କହିଲେ । ବାବୁ ଖାଇ ସରିବାପରେ ମୀନା ଖାଇ ବାସନ ଧୋଉଛି ବାବୁ ପଶି ଆସିଲେ ଓ କହିଲେ, "ଏ ଶୀତରେ କାହିଁକି ଧୋଉଛୁ, ଥାଉ, ସକାଳେ ଧୋଇଲେ ହବନି ?" ।ଏତିକି କହିବା ଭିତରେ ତାକୁ ଗଭୀର ଭାବେ ଜାବୁଡ଼ି ଧରିଲେ । ବାବୁ ଏ କଣ କରୁଛ ବାବୁ, ଛାଡ । କିଛି ଲାଭ ହେଲାନି । ଭାରି କାନ୍ଦିଲା ମୀନା, କେତେବେଳେ ତାକୁ ନିଦ ଆସିଛି ସେ ଜାଣିନି । ହଠାତ ସେ ଅନୁଭବ କଲା ଗୋଟେ ଅଜଗର ଯେପରି ତାର ସମଗ୍ର ଶରୀରକୁ  କବଳିତ କରିଛି, ମୁକୁଳିବାର ଚେଷ୍ଟା ବି କରି ହେଉନି । ଭୀଷଣ ଯନ୍ତ୍ରଣା, ଦୁଃଖକୁ ଛାତିରେ ଧରି ବଡ଼ି ଭୋରରୁ ଉଠି ଘର ମୁହାଁ ହେଲା ସେ । ବାପା ଶୋଇଛି, ମା' ଦାଣ୍ଡ ଦୁଆର ଓଳଉଛି, ଥମ ଥମ ହୋଇ ମୀନା ମା ପାଖରେ ପହଂଚିଗଲା । "ମା, ମୁଁ ଆଉ କାମ କରି ଯିବିନି, ତୋ ସହ ବଣକୁ ଯିବି କାଠ ପାଇଁ । ତୋ ସହ ବିଲ କାମ କରିବି ।" ମା ମୁଣ୍ଡକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉଁସି କହିଲା, "ହଁ ଲୋ ମା, ସହର ଭଲ ନୁହେଁ, ସେଠି ବାଘ ଅଛନ୍ତି, ମଣିଷ ମାଉଁସ ଖାଆନ୍ତି । ଜଙ୍ଗଲ ଏବେ ଭଲ ନାଁ ବାଘ, ନାଁ ଭାଲୁ, କିଛି ନାହାନ୍ତି । ସବୁ ସହରରେ । ଏବେ ବୁଝିଲୁ, ମୁଁ କାହିଁକି ମନା କରୁଥିଲି ପାଇଟି କରି ଯିବାକୁ ?" ମା ଛାତିରେ ମୁହଁ ଲୁଚେଇ କାନ୍ଦୁଥିଲା ମୀନା । ମା ପ୍ରତି ଦରଦରେ ତା ମନ ଭରି ଯାଇଥିଲା । ବାପା ପ୍ରତି ଘୃଣା ବି ନ ଥିଲା । ତା ସ୍ୱପ୍ନର ରାଜକୁମାର କଥା ସେ ପୂରା ପୂରି ଭୁଲି ଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାକିରିଆ ପୁଅମୋର



ମହେଶ୍ୱର ସାହୁ

ପବିତ୍ର ମନରେ ତୁଳସୀ ଚଉରା ପାଖରେ ବସି କାନ୍ଦୁଛନ୍ତି ଗୌରୀ । ଅନ୍ତରର କୋହ ଆନ୍ଦୋଳିତ ଓ ଉନ୍ମାଦିତ କରୁଅଛନ୍ତି ସନ୍ତାନଟିଏର କାମନା ପାଇଁ । ସନ୍ତାନଟିଏ ପାଇଁ କେତେ ପୂଜା କେତେ ମାନସିକ କରିଆସୁଛନ୍ତି ଗୌରୀ । ବିବାହର ଦଶ ବର୍ଷ ପରେବି ସନ୍ତାନ ସନ୍ତତି ହୋଇ ନଥିବାରୁ ଲୋକ ମାନଙ୍କର ଟାହି ଟପୁରା ଶୁଣି ଶୁଣି ଗୌରୀ ନିଜର ଜୀବନ ନିର୍ବାହ କରିଆସୁଛନ୍ତି । ସ୍ୱାମୀ ପରେସ ବାବୁ କିନ୍ତୁ ଅଲଗା ପ୍ରକାରର ଲୋକ । ଧୈର୍ଯ୍ୟ ସହିତ ଉଦାରତା ଗୁଣରେ ପରିପୂର୍ଣ୍ଣ ଅଟନ୍ତି ପରେସ ବାବୁ । ଗୌରୀକୁ ସାନ୍ତ୍ୱନା ଦିଅନ୍ତି ଓ କୁହନ୍ତି, "ଗୁରୁ, କନ୍ୟା ଓ ସନ୍ତାନ ପରା ଭାଗ୍ୟରୁ ପ୍ରାପ୍ତ ହୋଇଥାଏ । ଆମ ଭାଗ୍ୟରେ କଣ ଅଛି ସେଇଟା ଈଶ୍ୱର ବିଚାର କରିବେ । ହେଲେ ଆମକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ ଗୌରୀ ।"

ହାସ୍ୟମୟୀ, ଲାସ୍ୟମୟୀ, ସ୍ନେହୀ ଓ ମମତାମୟୀ ଗୌରୀ କିନ୍ତୁ ଅବୁଝା ଅକୁହା କୋହକୁ ନିଜ ହୃଦୟରେ ଚାପିଧରି ମୁଣ୍ଡ ହଲେଇ କୁହନ୍ତି, "ହଁ, ଆମ ଭାଗ୍ୟ, ଯାହା ହେବାର ଥିବ ତାହା ଆମକୁ ମିଳିବ । ସେଇ ପରମ ଦୟାଳୁ, ସର୍ବବିଦ୍ୟମାନ, ସର୍ବଜ୍ଞ, ଚକ୍ରଧରଙ୍କ ଲୀଳା କାହାକୁ ଅଗୋଚର । ଏଠି କିଏ ଦାମୀ ପୋଷାକ ପିନ୍ଧେ ତ କିଏ ଛିଣ୍ଡା ଦଦରାକୁ ଗୋଟେଇ ଧରି ନିଜର ଲଜ୍ୟା ନିବାରଣ କରିଥାଏ । କିଏ ଦାମୀ ଗାଡି ଚଳାଏ ତ କିଏ ସାଇକେଲଟିଏ ପାଇଁ ଅକ୍ଷମ । କିଏ ଝୋପଡି ଘରେ ରୁହେ ତ କିଏ ଦଶ ମହଲା କୋଠା ଘରେ ଶାନ୍ତିରେ ଜୀବନ ନିର୍ବାହ କରିଥାଏ । ସେଇ ପରଂବ୍ରହ୍ମ ଜଗନ୍ନାଥଙ୍କର ଲୀଳା ଓ ମହିମା କିଏ ବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିପାରିବ । ଆମ ଭାଗ୍ୟରେ ସନ୍ତାନ ନ ଥିଲେ ଆମେ କଣ ଯେ କରି ପାରିବା । ମୁଁ ତ ଦିନ ରାତି ତାଙ୍କରି ପାଦତଳେ ନିଜକୁ ଅର୍ପଣ କରିଛନ୍ତି । ଯାହା ଆମ ଭାଗ୍ୟରେ ଥିବ ନିଶ୍ଚୟ ଘଟିବ ।

ଗୋଧୂଳିର ସମୟ ପ୍ରବାହିତ ହୋଇ ଘଣ୍ଟ ଘଣ୍ଟାରେ ଓ ଶଙ୍ଖ ନାଦରେ ଉତ୍‌ଫୁଲିତ ହୋଇ ଉଠିଛି ଜନବସତି । ଚତୁଃପାର୍ଶ୍ୱରେ ଶାନ୍ତିର ବାତାବରଣ । ସନ୍ଧ୍ୟାର ଆରତୀ ଓ ସନ୍ଧ୍ୟାବତୀ ଅର୍ପଣ କରି ଗୌରୀଦେବୀ ଘର କାମରେ ଧ୍ୟାନ ଦେବାକୁ ଅଗ୍ରସର ହେଉଛନ୍ତି । ଠିକ ଏହି ସମୟରେ ଗୌରୀଦେବୀଙ୍କର ଘନ ଘନ ବାନ୍ତି ହେବା ଆରମ୍ଭ ହୋଇ ଯାଇଥିଲା । ବେହୋସ ହୋଇ ଯାଇଥିଲେ ଗୌରୀଦେବୀ । ପରେସବାବୁ ଡାକ୍ତର ଡକେଇ ଚିକିତ୍ସା କରେଇଥିଲେ । ଡାକ୍ତର ସମସ୍ତ ପରୀକ୍ଷା କରି କହିଲେ ପରେସବାବୁ ଆପଣ ବାପା ହେବାକୁ ଯାଉଛନ୍ତି !!!

ପରେସବାବୁ ପାଗଳ ହୋଇ ଯାଇଥିଲେ ଖୁସିରେ । କଣ କରିବେ ଓ ନିଜର ଖୁସିକୁ କିପରି ବାଣ୍ଟିବେ ନିଜେ ବି ଭାବି ପାରୁନଥିଲେ ପରେସ ବାବୁ । ନାଚିବେ ନା ଗାଇବେ ନା ନିଜର ସାଙ୍ଗ ମାନଙ୍କୁ ଫୋନ କରି ଖୁସି ଖବର ଜଣେଇବେ ଭାବି ପାରୁନଥିଲେ । ଅତୀବ ଖୁସିରେ ଧୈର୍ଯ୍ୟହରା ହୋଇଯାଇଥିଲେ ପରେସ ବାବୁ । ଗ୍ରୀଷ୍ମ ଋତୁର ଫଟା ମାଟି ଓ ଶୁଷ୍କ ତରୁ ଲତା ଯେମିତି ବର୍ଷା ପାଇଁ ଆକାଂକ୍ଷାୟିତ ହୋଇଥାନ୍ତି ଏବଂ ବର୍ଷାର ଜଳଧାରା ପାଇ ନିଜର ଆତ୍ମତୃପ୍ତି କରିଥାନ୍ତି ସେମିତି ପରେସ ବାବୁ ନିଜକୁ ସମ୍ଭାଳି ପାରିନଥିଲେ । ଖୁସିରେ ପାଗଳ ହୋଇ ନିଜର ହୃଦୟକୁ ଉନ୍ମାଦିତ କରିଥିଲେ ପରେସ ବାବୁ । ଅଦିନିଆ ବଉଦ ଉଜାଡ଼ି ଦେଇଥିଲା ହୃଦୟରେ ତାଙ୍କର ଅନେକ ଖୁସିର ବର୍ଷା । ବିଭୋର ହୋଇଥିଲେ ଉନ୍ମାଦିତ ହୋଇ ଯାଇଥିଲେ ବାପାହେବାର ଖୁସିରେ । ହେ ଭାଗବାନ ସତରେ ତମେ ଆମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇଜଣଙ୍କ ଡାକ ଶୁଣି ପାରିଲ ପ୍ରଭୁ ! ମୁଁ ତ ଭାବୁଥିଲି ତମେ କଠୋର, ପଥର, ହୃଦୟହୀନ, ହେଲେ ଆଜି ଭାବୁଛି ପ୍ରଭୁ ତୁମେ ଦୟାର ଅବତାର, ତୁମେ ଅନ୍ତର୍ଯ୍ୟାମୀ, ତୁମେ ନାରାୟଣ, ତୁମେ ଅନ୍ତରର ଡାକ ଶୁଣିପାର, ତୁମେ ମଣିଷର କର୍ମ ଓ ଧର୍ମ ଅନୁସାରେ ଫଳ ପ୍ରାପ୍ତି କରାଇ ଥାଅ ।

"ଗୌରୀଦେବୀ ଆଜି ପରେସ ବାବୁଙ୍କ ପରିବାରରେ ରାଣୀର ସିଂହାସନରେ । ପରିବାରର ସମସ୍ତ ସଦସ୍ୟ ଆଜି ଗୌରୀଦେବୀଙ୍କୁ ଅନେକ ଅନେକ ସାନ୍ତ୍ୱନା, ଶାନ୍ତି, ଆସକ୍ତି ଦେଉଥାନ୍ତି । କୌଣସି କାମରେ ଗୌରୀ ଦେବୀଙ୍କୁ ହାତ ଲଗେଇବାକୁ ମନା । ସମସ୍ତ ଖୁସି ଓ ପ୍ରଶାନ୍ତି ମଧ୍ୟରେ ଗୌରୀ ଦେବୀଙ୍କୁ ଦେବୀର ସ୍ଥାନ ଦିଆଯାଇଛି । ଗୌରୀ ଦେବୀ ସକାଳର ନମ୍ର କିରଣ ଠାରୁ ରାତ୍ରିର କୋମଳତା ମଧ୍ୟରେ ରାଣୀ ସୁଖରେ ଧ୍ୟାନ ଚର୍ଚା ମଧ୍ୟରେ ଦିନ ଅତିବାହିତ କରୁଥାନ୍ତି । ଟିକେ ବି ଶରୀର ସମସ୍ୟାରେ ଧାଇଁ ଯାଆନ୍ତି ପରେସ ବାବୁ ଡାକ୍ତର ବାବୁଙ୍କ ପାଖକୁ । ସମୟର ବଢ଼ିବା ମଧ୍ୟରେ ଗୌରୀ ଦେବୀଙ୍କର ଗର୍ଭ ବେଦନା ବଢି ବଢି ଚାଲିଥାଏ । ଚାଁହୁ ଚାଁହୁ ଗୌରୀଦେବୀଙ୍କର ପ୍ରସବ ବେଦନା ଉପନୀତ ହେଲା । ପରିବାରରେ ସମସ୍ତଙ୍କ ମନ, ମୁନ ଓ ଚୈତନ୍ୟ ଗୌରୀ ଦେବୀଙ୍କ ଉପରେ । ଶାଶୁ ଶଶୁର ଠାରୁ ଦିଅର ଓ ନଣନ୍ଦ ସମସ୍ତେ ଗୌରୀ ଦେବୀଙ୍କ ଚର୍ଚ୍ଚାରେ । ଡାକ୍ତର ପ୍ରତ୍ୟକ ସପ୍ତାହ ଆସି ଚିକିତ୍ସା କରି ଯାଉଥାନ୍ତି । ସମସ୍ତେ କହୁଥାନ୍ତି ଗୌରୀ ଦେବୀଙ୍କର ଗୋଟିଏ ପୁଅ ହେବ । କାରଣ ଗାଁ ଓ ପଡ଼ିଶାର ସ୍ତ୍ରୀ ଲୋକ ମାନେ କୌଣସି ଗର୍ଭବତୀଙ୍କର ଚାଲି, ଠାଣି, ଓ ଶରୀରକୁ ଲକ୍ଷ୍ୟ କରି ସେମାନେ ଅନ୍ଦାଜ ଲଗେଇ କୁହନ୍ତି ପୁଅ ହେବକି ଝିଅ । ଘଟଣା କ୍ରମରେ ଗୌରୀ ଦେବୀଙ୍କର ପ୍ରସବ ବେଦନା ବଢି ଚାଲିଲା । ଡାକ୍ତରଖାନାକୁ ନିଆଯାଇଥିଲା ଆମ୍ବୁଲାନ୍ସ ଯୋଗେ । ସେଠାରେ କିଛି ସମୟ ମରଣାତ୍ମକ ପ୍ରସବ ବେଦନାର ଅନ୍ତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୌରୀ ଦେବୀଙ୍କର ଗୋଟେ ପୁଅ ହୋଇଥିଲା । ଡଉଲ ଡାଉଲ ଓ ଗୁଲୁଗୁଲିଆ କୋମଳମତି ଶିଶୁକୁ ପାଇ ଗୌରୀ ଦେବୀ ଓ ପରେସ ବାବୁ ଖୁସି କହିଲେ ନ ସରେ । କେତେ ମିଠା ପଣା ସହିତ ସଠିଘର ପୁଜା ଓ ଏକୁସିଆ ପୂଜା, ରୀତି ଓ ପରମ୍ପରାରେ ସମାପ୍ତ କରାଯାଇଥିଲା । ଦୁଃଖୀ, ରଙ୍କ, ହୀନ, ଦରିଦ୍ର ଓ ଗରିବ ଭୋଜନର ଆୟୋଜନ କରିଥିଲେ ପରେସ ବାବୁ । ସମସ୍ତ ଅତିଥି, ଆଗନ୍ତୁକ ଓ ଗୁରୁଜନ ମାନେ ଆଶୀର୍ବାଦ ଅର୍ପଣ କରିଥିଲେ ।

ଜନ୍ମର ଏକୋଇଶ ଦିନ ଠାରୁ ପୁଅର ନାମ କରଣ ସହିତ ଭବିଷ୍ୟତ ଆଲୋଚନା କରିଥିଲେ ନାମୀ ଦାମୀ ଜ୍ୟୋତିର୍ବିଦ । ନାମ ରଖାଯାଇଥିଲା ମହେଶ । ରାଶି କ୍ରମରେ ତୁମ ପୁଅ ଜଣେ ପ୍ରସିଦ୍ଧ ଡାକ୍ତର ହେବ ବୋଲି କହିଥିଲେ ଜ୍ୟୋତିର୍ବିଦ । ପୁଅ ବଢିଚାଲିଲା । ମହେଶ'ର କୌଣସି ଅଭାବ ରଖିନଥାନ୍ତି ପରେସ ବାବୁ । ଟିକେ ବି କାନ୍ଦିବାକୁ ଦିଅନ୍ତି ନାହିଁ ପରେସ ବାବୁ ଓ ଗୌରୀ ଦେବୀ । ଦିନେ ପରେସ ବାବୁ କୌଣସି ଜରୁରୀ କାମରେ ବାହାରକୁ ବାହାରିଥାନ୍ତି । ଖାଇବାକୁ ପରସି ଦେଇଥାନ୍ତି ଗୌରୀ ଦେବୀ । ଖାଇବା ସମୟରେ ମହେଶ କାନ୍ଦିବାରେ ଲାଗିଲା । ପରେସ ବାବୁ କହିଲେ, "ଗୌରୀ ଆଣିଲ ପୁଅକୁ ।"

"ତମର ବିଳମ୍ବ ହେଉଛି କହୁଥିଲ ପରା ।"

"ହେଲେ ହେଉ ମ, ମୋ ପୁଅକୁ ଟିକେ ଧରିକି ଯିବି, ଆଣ ନା ଟିକେ ।"

"ତମେ ଜାଣିଛ ପିଲା କାହିଁକି କାନ୍ଦନ୍ତି ?"

"ହଁ, ମୁଁ ଜାଣିନି ! ବାପା ଯେତେବେଳେ କୌଣସି ଜରୁରୀ କାମରେ ବାହାରକୁ ଯାଆନ୍ତି ସେତେବେଳେ ପିଲା କାନ୍ଦନ୍ତି ।"

"ହଉ ତା ହେଲେ ତମେ ଧର ପରେ ମୋତେ କହିବନି ।"

"ହଉ ଦିଅ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେସ ବାବୁ ଏତକ କହି ପୁଅକୁ ନେଇ କୋଳରେ ବସେଇ ଦେଲେ । ସ୍ନେହ ପ୍ରେମ ଓ ବାତ୍ସଲ୍ୟ ମମତାର ବନ୍ଧନରେ ବନ୍ଧା ହୋଇ ଯାଇଥିଲା ମହେଶ । ବଢି ବଢି ଚାଲିଥିଲା । ବହୁତ ଶାନ୍ତ ସରଳ ମନ ନେଇ ବଢୁଥାଏ ରାଜକୁମାର ଭଳି । କୌଣସି ଦରବର ଅଭାବ ରଖି ନଥାନ୍ତି ପରେସ ବାବୁ । ପୁଅର ସମସ୍ତ ଇଛା ଓ ଆବେଗକୁ ବୁଝି ପାରୁଥାନ୍ତି ପରେସ ବାବୁ । ମନ୍ଦିର ଓ ଉଦ୍ୟାନକୁ ବୁଲେଇ ନିଅନ୍ତି ଗୌରୀ ଦେବୀ ଓ ପରେସ ବାବୁ ପୁଅ ମହେଶକୁ । ଯାହା ଖାଇବ ଓ ଯେଉଁଠାକୁ ଯିବ ବୁଲେଇ ନିଅନ୍ତି ପାଖେ ପାଖେ ରହି । ଟିକେ ପଡିଗଲେ କି ଶରୀରରେ କ୍ଷତ ହୋଇଗଲେ ରାତି ରାତି କାନ୍ଦିଥାନ୍ତି ଦୁଇଜଣ । ମହେଶର ନାମ ଲେଖା ଯାଇଥିଲା ସହରର ନାମୀ ଦାମୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ । ଯାହା ପଢ଼ିଦେଲେ ମନେ ରହିଯାଏ ମହେଶର । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ମହେଶର ଧୀଶକ୍ତି ଓ ଜ୍ଞାନର ବିକାଶ ହୋଇ ଉଠିଲା । ସବୁ ଶ୍ରେଣୀରେ ଶହେରୁ ଶହେ । ବିଦ୍ୟାଳୟରେ ସମସ୍ତ ସ୍ତରର ପୁରସ୍କାର ଓ ଛାତ୍ରବୃତ୍ତି ଆଦି ପାଇ ମହେଶ ଉତ୍ତୀର୍ଣ୍ଣ ହୋଇ ଚାଲିଲା । ପରେସ ବାବୁଙ୍କର ପାଦ ମାଟିରେ ପଡୁ ନ ଥାଏ । ପୁଅ ଦଶମ ଶ୍ରେଣୀରେ ଓଡ଼ିଶାରେ ପ୍ରଥମ ସ୍ଥାନ ପାଇ ଭଲ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ନାମ ଲେଖାଇ ପଢି ଚାଲିଲା । ଏମିତିରେ ବିଏସିରେ ମଧ୍ୟ ଓଡ଼ିଶାର ପ୍ରଥମ ସ୍ଥାନ । ଏମବିବିଏସରେ ନାମ ଲିଖନ ହେଲା ଓ ମହେଶର ପ୍ରବଳ ଚେଷ୍ଟା ଓ ଉଦ୍ୟମ ବଳରେ ଏଥିରେ ମଧ୍ୟ ଓଡ଼ିଶାର ପ୍ରଥମ ସ୍ଥାନ । ସିଧା ସଳଖ ବାବୁ ପଦ ଯୋଡି ଯାଇଥିଲା ମହେଶ ସହିତ । ମାଆ ଗୌରୀଦେବୀ ଓ ବାପା ପରେସ ବାବୁ ଆଜି ସମସ୍ତ ଆନନ୍ଦ ଓ ଖୁସିକୁ ଅନ୍ତରରେ ଅନୁଭବ କରୁଥାନ୍ତି । ପୁଅ ମହେଶ ଓଡ଼ିଶାର ବଡ଼ ଡାକ୍ତରଖାନାରେ ଚାକରି ମଞ୍ଜୁରୀ ଖବର ପାଇ ପରିବାରରେ ସମସ୍ତଙ୍କ ମନ ଆନନ୍ଦରେ ବିହ୍ୱଳ ହୋଇ ଉଠିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରକୁ ସୁଅ ଛୁଟି ଚାଲିଲା ବିବାହ ପ୍ରସ୍ତାବ ପାଇଁ । ନାମୀ ଦାମୀ ଲୋକ ପ୍ରସ୍ତାବ ନେଇ ପହଞ୍ଚୁଥାନ୍ତି ପରେସ ବାବୁଙ୍କର ପାଖକୁ । ପରେସ ବାବୁଙ୍କର ବିଳମ୍ବରେ ପୁଅଟିଏ ହୋଇଥିଲା ତେଣୁ ପରେସ ବାବୁ ଓ ଗୌରୀ ଦେବୀ ବୟସ୍କ ଓ ବୟସ୍କା ବୃଦ୍ଧ ଓ ବୃଦ୍ଧା ହୋଇ ଯାଇଥାନ୍ତି । ଆଜି ପୁଅ ମହେଶ ପାଇଁ ମିଳିଛି ସରକାରୀ ଘର ଓ ସେଇଠି ମଧ୍ୟ ରହିଛନ୍ତି ଗୌରୀ ଦେବୀ ଓ ପରେସ ବାବୁ । ପୁଅର ବାହାଘର ହେବ । ପରେସ ବାବୁ ପୁଅର ମତ ନେବାକୁ ଚାହିଁଲେ ହେଲେ ମହେଶ କହିଦେଲା ବାପା ମୁଁ ଲିଲିକୁ ଭଲ ପାଉଛି । ମୁଁ ଲିଲିକୁ ବିବାହ କରିବାକୁ ଚାହେଁ ନ ହେଲେ ଲିଲି ଆତ୍ମହତ୍ୟା କରିଦେବ ବୋଲି କହୁଛି । ତମେ ତାଙ୍କ ବାପା ଓ ମାଆଙ୍କ ସହିତ କଥା ହୁଅ ।

ପରେସ ବାବୁ ଲିଲି କିଏ ପଚାରିବାରୁ ମହେଶ କହିଲା ବାପା ମୁଁ ତାକୁ ତିନି ବର୍ଷ ଧରି ଭଲ ପାଉଛି । ସେ କଟକ ସହରର ଏମେଲଙ୍କର ଝିଅ । ସେ ବି ଜଣେ ଡାକ୍ତର । ପରେସ ବାବୁ ଚମକି ପଡିଲେ । ନାହିଁରେ ମହେଶ ସେମାନେ ରାଜନୀତିଆ ଲୋକ । ବଡଲୋକିଆ, ଆମକୁ ଖାତର କରିବେ ନାହିଁରେ । ମହେଶ କହିଲା ବାପା ସେମାନେ ମୋତେ ତିନି ବର୍ଷ ଧରି ଜାଣିଛନ୍ତି ଓ ସେମାନେ ମୋତେ ଜ୍ୱାଇଁ ବୋଲି ସ୍ୱୀକାର କରିସାରିଛନ୍ତି । ଆପଣ ଥରେ ଦେଖାକରନ୍ତୁ ନା ବାପା । ହଉ ଦେଖା କରିବି କହି ପରେସ ବାବୁ ଦ୍ୱନ୍ଦରେ ପଡି ଯାଇଥିଲେ । ରାଜନୀତିଆଙ୍କ ଦର୍ଶନ ମିଳିବା କଷ୍ଟ । ସେ କେଉଁଠି ଦେଖା ହେବେ ଓ ମୋ ସହିତ କେମିତି ବ୍ୟବହାର କରିବେ ଭାବି ଭାବି ରାତିରେ ନିଦ ହୋଇ ନଥିଲା ପରେସ ବାବୁଙ୍କର । ରାତି ପାହି ସକାଳ ହେଲା । ଗୌରୀ ଦେବୀ ମଧ୍ୟ ସେଇ କଥା କହୁଛନ୍ତି ତମେ ଟିକେ ଯାଇ ଦେଖା କରି ଆସ ଲିଲିର ବାପକୁ । ସେମାନେ ରାଜି ଅଛନ୍ତି ପରା । ପରେସ ବାବୁଙ୍କର ଥାଏ ଶ୍ୱାସ ରୋଗ । ଥଣ୍ଡା ସମୟ ଯୋଗୁଁ ଅଧିକ ବଢିଯାଇଥାଏ ଶ୍ୱାସ । ତଥାପି ପରେସ ବାବୁ ଚାଲିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲିଲିର ବାପାଙ୍କ ପାଖକୁ ।

ସମୁଦି ସମୁଦି କହି କୁଣ୍ଢେଇ ପକେଇ ବହୁତ ଶ୍ରଦ୍ଧା ଓ ଚର୍ଚ୍ଚା କରିଥିଲେ ଏମେଲ ବାବୁ । ବିବାହ ପ୍ରସ୍ତାବ ସ୍ଥିର ହେଲା । ଦୁଇ ପରିବାର ମଧ୍ୟରେ ସମ୍ପର୍କ ଯୋଡିବା ସହିତ ବିବାହ ସମ୍ପୂର୍ଣ୍ଣ ହେଲା । ବିବାହ ସରିଯିବା ପରେ ପରେସ ବାବୁ ପୁଅ ଓ ବୋହୁଙ୍କ ସହିତ ସରକାରୀ ଘର କଟକ ପଳେଇ ଯାଇଥିଲେ । କାରଣ ଗାଁରେ ପୁଅ ପଢିବା ପାଇଁ ସମସ୍ତ ଜମି ବିକ୍ରି କରିଦେଇଥିଲେ ପରେସ ବାବୁ । ଘର ତଳି ଛଡା କିଛି ନ ଥାଏ ପାଖରେ ।

ଜମିଜମା ପୁଅ ପାରିଲା ପରେ କିଣି ପାରିବ କିନ୍ତୁ ଭଲ ପଢୁଥିବା ପୁଅକୁ ପଢେଇ ମଣିଷ ପରି ମଣିଷଟିଏ କରିବା ବହୁତ କମ ଲୋକଙ୍କ ଭାଗ୍ୟରେ ଆସିଥାଏ । ଜମିଜମା ଓ ଧନ ସମ୍ପଦ ହରେଇ ମଧ୍ୟ ପରେସ ବାବୁ ଖୁସିଥିଲେ । ଗାଁ ଠାରୁ ସହରରେ କିଛି ଅଭାବ ନ ଥିଲା । ଏୟାର କଣ୍ଡିସନର ଘର । ରହିବା ଖାଇବା ଠାରୁ ସବୁ କିଛି ସରକାର ବହନ କରେ । ଅଭାବ କଣ ଯେ !

ପରେସ ବାବୁ ଓ ଗୌରୀ ଦେବୀଙ୍କର କିଛିଦିନ ପୁଅ ବୋହୁଙ୍କ ସାଥିରେ କଟି ଯାଇଥିଲା । ବହୁତ ସେବା ଓ ଶୁଶ୍ରୁଷା ସହିତ ଦିନ କଟୁଥାଏ ପରେସ ବାବୁ ଓ ଗୌରୀ ଦେବୀଙ୍କର । ପରେସ ବାବୁଙ୍କର ଶ୍ବାସ ରୋଗ ବଢି ବଢି ଚାଲିଲା । ଧୀରେ ଧୀରେ ଅସୁସ୍ଥ ହେବାକୁ ଲାଗିଲେ । ମହେଶ ମଧ୍ୟ ବହୁତ ଚେଷ୍ଟା କରୁଥାନ୍ତି ଔଷଧ ମାଧ୍ୟମରେ । ଔଷଧ ଆଉ କାଟୁ କଲା ନାହିଁ । ଗୌରୀ ଦେବୀ ମେଞ୍ଚା ମେଞ୍ଚା ଛେପ ଓ ଖଙ୍କାର କାଢି ଫୋପାଡ଼ି ଦେଉଥାନ୍ତି । ଲିଲି ଆଜି କାଲି ବହୁତ ଘୃଣା କରୁଛି । ଯେତେବେଳେ ଘରକୁ ଫେରିବୁ ଖୁଁ ଖୁଁ .... ଔଷଧ ମଧ୍ୟ କାଟୁ କରୁନାହିଁ । ଚାକର ବାକର ଘୃଣାରେ ଘର ମାଟି ମାଡୁନାହାନ୍ତି । କେବଳ ଏକୁଟିଆ ଗୌରୀ ଦେବୀ ସେବା ଶୁଶ୍ରୁଷାରେ ନ୍ୟସ୍ତ କରିଦେଇଥାଏ । ଟିକେ ବି ଘୃଣା

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ ଥାଏ । ହେଲେ ଆଜି ଭଗବାନ ଏତେ ନିଷ୍ଠୁର୍ କାହିଁକି ହୋଇଗଲେ କେଜାଣି ।

ଲିଲି ଆଜି କଠୋର ପାଲଟି ଯାଇଛି । ବୟସର ଘାତ ପ୍ରତିଘାତରେ ପ୍ରତ୍ୟକ ମଣିଷ ଏମିତି ଦିନେ ନା ଦିନେ ହୋଇଥାନ୍ତି ଜାଣି ମଧ୍ୟ ଡାକ୍ତର ଲିଲି ଏତେ କଠୋର ହୋଇ ଯାଇଛି ଯେ ରାଗରେ ଥରେ ଥରେ କହିଦିଏ ଏତେ ଲୋକ ମରୁଛନ୍ତି ଡାକ୍ତର ଖାନାରେ ହେଲେ ୟେ ବୁଢ଼ାବୁଢ଼ୀଙ୍କୁ କଣ ଯମ ନେବନି । ଏମିତି ଘାଣ୍ଟୁଥିବେ ଆମକୁ । ସାଙ୍ଗସାଥି ମୋ ଘରକୁ ଆସିବା ବନ୍ଦ କରିଦେଲେଣି । ଚାକର ବାକର ରୋଗ ହେବ କହି କାମ ଛାଡି ପଳେଇ ଯାଉଛନ୍ତି ।

ଆଜି ରବିବାର ମହେଶ ଓ ଲିଲିର ଛୁଟି ଅଛି । ଦୁହେଁ ଦୁହିଁଙ୍କ ଭିତରେ କଣ ଏମିତି କଥା ହେଲେ କେଜାଣି । ବହୁତ ଖୁସି ଓ ଶ୍ରଦ୍ଧାରେ ଆସି ଗୌରୀ ଦେବୀ ଓ ପରେସ ବାବୁଙ୍କୁ କହିଲେ ବାପା ଓ ମାଆ ଆମର ଛୁଟି ଅଛି ଆଜି ଚାଲ ଟିକେ ମନ୍ଦିର ଆଉ ଉଦ୍ୟାନ ବୁଲିଆସିବା । ନଇ ବଢିରେ କୁଟା ବିଡାର ଆଶ୍ରା ଭଳି ବୃଦ୍ଧ ଓ ବୃଦ୍ଧାଙ୍କର ହୃଦୟକୁ ଟିକିଏ ଶାନ୍ତି ମିଳିଥିଲା । ରାଜି ହୋଇଥିଲେ ପୁଅ ବୋହୁଙ୍କ ସହ ବୁଲିଯିବାକୁ । ମନ୍ଦିର କି ଉଦ୍ୟାନ ନ ଯାଇ ପରେସ ସିଧା ପହଞ୍ଚି ଯାଇଥିଲା ବୃଦ୍ଧାଶ୍ରମରେ । ବାପା ମାଆ ଟିକେ ବିଶ୍ରାମ କର କହି ସେଇଠାରେ ଛାଡି ଦେଇ ନିଷ୍ଠୁର୍ ଓ ପଥର ହୃଦୟର ପୁଅ ମହେଶ ଓ ଲିଲି ପଳେଇ ଆସିଥିଲେ ।

ପରେସ ବାବୁ ଅକ୍ଷମ ଅବସ୍ଥାରେ, ପୁଅ କେଉଁ ମନ୍ଦିର ଆଣିଛି ଗୌରୀ ଏଠି ତ କେବଳ ବୟସ୍କ ଓ ବୟସ୍କା ମାନଙ୍କର ଭିଡ ଓ କ୍ରନ୍ଦନ । ଗୌରୀ ଦେବୀ ଠିକ ବୁଝି ଯାଇଥିଲା । ବୁଝେଇ ଦେଇ କହିଲା ଏଇଟା ସେଇ ମନ୍ଦିର ଯେଉଁଠି ଡାକ୍ତର, ଇଞ୍ଜିନିୟର, ପୋଲିସ ଭଳି ସରକାରୀ ଚାକିରୀ କରି ଚଳୁଥିବା ଓ ମୋଟା ଦରମା ସହିତ ଉପୁରୀ ପାଉଥିବା ପୁଅର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା ଓ ମାଆଙ୍କ ପାଇଁ ମନ୍ଦିର । ଏଇଟା ସେଇ ଉଦ୍ୟାନ ଯେଉଁ ପୁଅକୁ ତାର ବାପା ଆଉ ମାଆ ଅତ୍ୟନ୍ତ ଭଲ ପାଇଥାନ୍ତି, ଅତ୍ୟନ୍ତ ସ୍ନେହ କରିଥାନ୍ତି, ଅତ୍ୟନ୍ତ ଭରସା ରଖିଥାନ୍ତି । ଜାଣିଛ ତମେ ପରା ବୁଢା ଆଉ ରୁଗୁଣା । ତମେ ପରା ଥରକରେ ଆଞ୍ଜୁଳାଏ ଛେପ ଖଙ୍କାର ବାହାର କରୁଛ । ସ୍ୱପ୍ନ ଦେଖିଥିବା ବାପା ପରା ତମେ । ବିବାହର ଦଶ ବର୍ଷ ପରେ ତମେ ପରା ବାପା ହୋଇଥିଲ । ମନା କରିବା ସତ୍ତ୍ୱେ ପୁଅର ପଢିବା ପାଇଁ ତମେ ମୋ ଗହଣା ଓ ଆମର ଥିବା ଦଶ ଏକର ଜମି ବିକିଦେଇଥିଲ ।

ତମେ ପରା ସେଇ ବାପା ଉଦ୍ୟାନ ଓ ମନ୍ଦିରରେ ପୁଅକୁ ଚଲେଇବାକୁ ଦିଅନାହିଁ । ତମେ ପରା ସେଇ ବାପା ଯିଏ ସବୁବେଳେ ପୁଅକୁ ଏମିତି ନଜରରେ ରଖିଥାଅ ଯେ କେହି ଡାହାଣୀ, ଚିରିକୁଣୀ, ଭୁତ, ପ୍ରେତ କି କାହାର ନଜର ନ ପଡୁ, ତେଣୁ ଘରୁ ବାହାରକୁ ଛାଡ଼ ନାହିଁ କି କେହି ଧରିବାକୁ ମାଗିଲେ ବି ଧରିବାକୁ ଦିଅନାହିଁ ।

ପରେସ ବାବୁ କହିଲେ, "ୟେ କଣ ଗପି ଯାଉଛ ଗୌରୀ ! ସନ୍ଧ୍ୟା ହେଇ ଆସିଲାଣି ପୁଅ କେତେବେଳେ ଆସିବ କି ? ୟେ ବୁଢାବୁଢ଼ୀ ସବୁ ଏଠି କଣ କରୁଛନ୍ତି !" ଠିକ ଏହି ସମୟରେ ଜଣେ ବୟସ୍କ ବ୍ୟକ୍ତି ଆସି କହିଲା କଣ ହେଇଛି ଭାଇ ? ଭଉଣୀ ୟେ ତମ ସ୍ୱାମୀ କି ? ? ହଁ କହିଥିଲେ ଗୌରୀ ଦେବୀ । ଆଜି ନୂଆ ଆସିଛ ବୋଧେ । ଚାକିରିଆ ପୁଅ ବୋଧେ ତୁମମାନଙ୍କର । ତମ ପୁଅ କେଉଁ ଚାକିରୀ କରିଛି ? ପ୍ରାୟ ଅଧିକ ଦରମା ସହିତ ପ୍ରାଇଭେଟ ଉପୁରୀ କରୁଥିବ । ହଁ ଭାଇ କହିଥିଲେ ଗୌରୀ ଦେବୀ । ଭଉଣୀ ଆମ ଭାଗ୍ୟତ ଖରାପ । ମୋ ପୁଅ ବି ଜଣେ ସରକାରୀ ଅଫିସର । ମୋର ବି ଏହି ଅବସ୍ଥା । ବୁଢା ଲୋକଟା କଣ ଗପୁଛି କହି ରାଗିଯାଇଥିଲେ ପରେସ ବାବୁ । କହିଲେ ତୋ ପୁଅ ଆଉ ମୋ ପୁଅ ଭିତରେ ଆକାଶ ଆଉ ପାତାଳ ପ୍ରଭେଦ । ତୋ ପୁଅ ଖରାପ ହେଇପାରେ କିନ୍ତୁ ମୋ ପୁଅ ନୁହେଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପୁଅ ଆମକୁ ଏସି କାରରେ ବୁଲେଇବାକୁ ଆଣିଛି ଆମେ ମନ୍ଦିର ଯିବୁ । ଉଦ୍ୟାନ ଯିବୁ । କୁଆଡେ ଗଲା କେଜାଣି । ନିଶ୍ଚୟ ଆସିବ .....

ତମେ ଆଜି ନୂଆ ଆସିଛ ସେଇଥିପାଇଁ ତମକୁ ରାଗ ଲାଗୁଛି । ତମେ ଏଇନେ ମନ୍ଦିରରେ ନାଁହ କି ଉଦ୍ୟାନରେ ନାଁହ କି କୌଣସି ଅପେକ୍ଷାଳୟରେ ନାଁହ । ତମେ ପରା ବୃଦ୍ଧାଶ୍ରମରେ ଅଛ !!!

ଯ୍ୟେ କଣ କହୁଛ ଭାଇ !! ମିଛ କହୁଛ ମୋ ପୁଅ ଡାକ୍ତର ସେ ଏମିତି କରି ପାରିବନି । ସେ ନିଜେ ମୋତେ କୁହେ ବାପା ଆଉ ମାଆ ଦେବତା ସମାନ । ସେମାନଙ୍କର ସେବା ପୂଜା ଆମର ଧର୍ମ । ପରେସ ବାବୁ ବୃଦ୍ଧ ଜଣଙ୍କୁ ବହୁତ ଭର୍ତ୍ସନା କଲେ । ହେଲେ ଗୌରୀ ଦେବୀ କହିଲେ ସେ ସତ କହୁଛନ୍ତି । ଆମେ ଏଇନେ ବୃଦ୍ଧାଶ୍ରମରେ ଅଛନ୍ତି । ଆଉ ପୁଅ ବୋହୂ ଆସିବେନି କି ଆମକୁ ନେବେ ନାହିଁ । ଆମେ ଦୁଇଜଣ ଏଇଠାରେ ରହିବା । ଆମ ଭାଗ୍ୟରେ ଯାହା ଥିଲା ଘଟିଲା । ପୁଅ ଯଦି ଅପଢୁଆ ହୋଇଥାଏ ସେ ଅଧିକ ସୁଖ ଲୋଭରେ ବାପା ମାଆଙ୍କୁ ବୋଝ ଭାବେନାହିଁ । ତା ମଥାରେ କେବଳ ପିତାଧର୍ମ ମାତାଧର୍ମ ଭଳି ଶବ୍ଦ ଭରିରହିଥାଏ । ସବୁବେଳେ ନିଜ ଭିଟା ମାଟିକୁ କାମୁଡି ପଡିଥାଏ । ବାପା ପାନ ଗୋଟେ ଦେ ଖାଇବି । ଟିକେ ଦୁକ୍ତା ଦେ ପାଟିରେ ଜାକିବି କହି ବାପା ପୁଅ ସାଙ୍ଗ ହୋଇ ଗପସପ ହୋଇ ବିଲରେ ଚାଷକାମ କରିଥାନ୍ତି । ବହୁତ ଗପସପ କରନ୍ତି । ତମେ ଦେଖୁନ ଆମ ଗାଁରେ ରାମ ସାହୁ ଓ ତାଙ୍କ ପୁଅ ହରି କେମିତି ଦୁଇ ସାଙ୍ଗଭଳି । ଆମ ଜମିର ମୂଲିଆ ଥିଲା ରାମ ସାହୁ । ହେଲେ ପୁଅ ହରି କେତେ ଖଟୁଛି ବିଲରେ । ଆମ ପାଖରେ କାମ କରୁଥିଲା ମୂଲିଆ ହୋଇ, ହେଲେ ଆମେ ନିଜ ପୁଅକୁ ପଢେଇବାକୁ ଜମି ବିକିଲେ ଆଉ ରାମ ସାହୁ ଓ ତାଙ୍କ ପୁଅ ଖଟିଣି କରି ଆମ ଜମିସବୁ କିଣି ନେଲେ । ଏଇନେ ସେମାନଙ୍କର ଜୀବନ ଦେଖ । ବାପା

ଆହ୍ୱାନ ଇ-ପତ୍ରିକା

ପୁଅ କେତେ ଶାନ୍ତିରେ ଚଳୁଛନ୍ତି । ଶୁଣୁଛ ! ଆଗରୁ ତାଙ୍କ ଉପରେ ବହୁତ ଦୟା ଆସେ ହେଲେ ଏବେ ମୋତେ ତାଙ୍କର ଖୁସି ଦେଖି ବହୁତ ଇର୍ଷା ହେଉଛି । ହରି ବିଡ଼ି ପିଏ, ପାନ ଖାଏ ଆଉ ବାପା ରାମ ସାହୁକୁ ମାଗୁଥିବ ବାପା ଟିକେ କରାଟିରୁ ଦୁକ୍ତା ନାଶ ଦେ, କେତେ ଖୁସିରେ ରହୁଛି ରାମ ସାହୁ ।

ତିନି ବର୍ଷ ବିତିଗଲା ପୁଅ ବୋହୂଙ୍କର ଦେଖାନାହିଁ । ହେଲେ ଦଇବର ପେଷଣ । ଠିକ ବାଟରେ ଥିଲେ ଦିହରେ କେବେ କଣ୍ଟା ବାଜେ ନାହିଁ । ପରେସ ବାବୁଙ୍କର ଶରୀର ଟିକେ ଫୁର୍ତ୍ତି ହେବାରେ ଲାଗିଛି । ଆଶ୍ରମର ସେବାୟତ ମାନଙ୍କର ସେବା ଶୁଶ୍ରୁଷାରେ ପରେସ ବାବୁ ଶ୍ୱାସ ରୋଗରୁ ମୁକ୍ତ ହୋଇ ଯାଇଛନ୍ତି । କହିଲେ ସମ୍ପୂର୍ଣ୍ଣ ସୁସ୍ଥ । ଏବେ ସେ ଏକ ନୂଆ ଜୀବନ ପାଇଛନ୍ତି ବୋଲି ଭାବୁଛନ୍ତି । ତିନି ବର୍ଷ ମଧ୍ୟରେ ଏହି ଆଶ୍ରମ ଏକ ନୂଆ ଜୀବନର ସୃଷ୍ଟି କରେଇଛି । ଆଶ୍ରମର ଆଭାରୀ ହୋଇ ରହିବି ଏମିତି ମନେ ମନେ ଭାବୁଥାଏ । ଠିକ ଏହି ସମୟରେ ରାମ ସାହୁ ଓ ତାଙ୍କ ପୁଅ ହରି କଟକରେ ରାମ ସାହୁଙ୍କ ପାଖରେ ହାଜର । ରାମ ସାହୁ ଗାଁରେ ବେମାର ପଡ଼ିଥିଲେ ତେଣୁ ପୁଅ ହରି ନିଜ ଗାଁ ଡାକ୍ତର ମହେଶ ପାଖକୁ ଆସିଥିଲେ ଚିକିତ୍ସା କରେଇବା ପାଇଁ । ହେଲେ ମହେଶ ତାଙ୍କୁ ଡାକ୍ତର ଖାନାରେ ନ ଦେଖି ପ୍ରାଇଭେଟ ଭିଜିଟରେ ଦେଖି କୋଡିଏ ହଜାର ଟଙ୍କା ଅସୁଲ କରିଛି । ତା ସହିତ ନିଜ ବାପା ମାଆଙ୍କୁ ଆଶ୍ରମରେ ଛାଡିବା ଓ ତିନି ବର୍ଷ ହେଲା ଦେଖା ନ କରିବା ଖବର ରାମ ସାହୁଙ୍କୁ ଦେଇଛି ମହେଶ । ରାମ ସାହୁ ମହେଶ ଠାରୁ ଆଶ୍ରମ ନାଁ ପଚାରି ପଚାରି ଆସି ପହଞ୍ଚିଛି ଆଶ୍ରମରେ । ଏବେ ରାମ ସାହୁଙ୍କର ଓ ପୁଅ ହରୀର ଜିଦ ତମେ ଗାଁକୁ ପଳେଇ ଚାଲ । ହରୀର ବହୁତ ଜିଦ କି ମୋର ଆପଣ ବାପା ଓ ମାଆ ହୋଇ ରହିବେ । ଚାଲନ୍ତୁ ମୋ ସ୍ତ୍ରୀ ତୁମର ଚାକରାଣୀ ଭଳି ସେବା କରିବ । ଯେଉଁ ଦେବତା ଆମକୁ ଧନ ଧାନ୍ୟ ବିକ୍ରି କରି ନିଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଅକୁ ମଣିଷ କଲା ସେଇ ଦେବତାଙ୍କର ଏମିତି ଅବସ୍ଥା ମୁଁ ଦେଖି ପାରିବିନି । ଆପଣ ମୋ ସହିତ ନ ଗଲେ ମୁଁ ଏଇଠି ଆତ୍ମହତ୍ୟା କରଦେବି କହି ହରି ଗାମୁଛା କାଢି ଗଳାରେ ଲଗେଇ ଦେଲା ।

ଗୌରୀ ଦେବୀ ହସି ହସି କହିଲେ ବାବୁରେ ଆମେ ଦୁହେଁ ତୁମ କଥା ୟା ପୂର୍ବରୁ କଥା ହେଉଥିଲୁ । ମୁଁ ଏଇକଥା କହିଲି ରାମ ସାହୁର ପୁଅ ହରି ଭଳି ଭଗବାନ ସମସ୍ତ ବାପା ମାଆଙ୍କୁ ପୁଅ ଦିଅନ୍ତୁ । ହଁ ଆମେ ଦୁଇଜଣ ଯିବୁ ଆମର ଭିଟା ମାଟିକୁ । ଦରକାର ନାହିଁ ସେ ଚାକିରିଆ ପୁଅର ମନ୍ଦିର ଉଦ୍ୟାନ ।

ଏବେ ଆନନ୍ଦରେ ସମୟ ଅତିବାହିତ କରୁଛନ୍ତି ଗୌରୀ ଦେବୀ ଓ ପରେସ ବାବୁ । ମନ ଜାଣି ଚର୍ଚ୍ଚା ଓ ଯତ୍ନ କରୁଛି ହରିର ପତ୍ନୀ ରାଧା । ସ୍ନାନ, ଭୋଜନ ଠାରୁ ପାଦ ସେବା ପର୍ଯ୍ୟନ୍ତ ମନ ଜାଣି ରାଧା କରିଚାଲିଥାଏ । ଏମାନେ ପର ଲୋକ ଓ ସାଧାରଣ ମୂଲିଆ ଥିଲେ ଆମର । ଧୀରେ ଧୀରେ ଅବଶ୍ୟ ଜମିଜମା କିଣି ନେଇଥିଲେ । ହେଲେ ଆମକୁ ତ ଉଚିତ ମୂଲ୍ୟ ଦେଇ ନେଇଛନ୍ତି । ନାଁ ନାଁ ଏମାନେ ଧର୍ମ ଓ ଅଧର୍ମ ସହିତ ପାପ ଓ ପୁଣ୍ୟ ଜାଣନ୍ତି । ଏମିତି ଭାବି ହୁଅନ୍ତି ସଦା ସର୍ବଦା ପରେସ ବାବୁ ଓ ଗୌରୀ ଦେବୀ ।

.....ଏମିତି ପନ୍ଦର ବର୍ଷ ବିତିଗଲା.......

ହଠାତ କଣ ହେଲା କେଜାଣି ପରେସ ବାବୁ ଗୌରି ଦେବୀଙ୍କୁ କହୁଛନ୍ତି । "ଆମ ମହେଶର ପୁଅ କି ଝିଅ ହେଇଥିବ ନା ?"

ଗୌରୀ ଦେବୀ, "ହଁ ହେଇଥିବ ଆଉ ଗୁଲୁଗାଲିଆ ହେଇଥିବ । ଛାଡ଼ ତାଙ୍କ କଥା ଆଉ ମନେ ପକାଅ ନାହିଁ ।"

ହଠାତ ବାପା ବାପା ବୋଲି ଶୁଣାଗଲା । ମାଆ ମାଆ ବୋଲି ଶୁଣାଗଲା । ବାପା ମାଆ

ଆହ୍ୱାନ ଇ-ପତ୍ରିକା

ମୁଁ ମହେଶ ପରା ତମ ପୁଅ । କଣ ଏମିତି ଅନାଉଛ । ବହୁତ କଷ୍ଟରେ ଆଶ୍ରମ ଆଉ ଆଶ୍ରମରୁ ଗାଁ କେତେ ଖୋଜି ଖୋଜି ଆସିଲିଣି । ହେଲେ ତମେ ଆସିକି ଏଇ ରାମ ସାହୁ ଘରେ । ମୂଲିଆ ଥିଲା ପରା ୟେ ଆମର । ମୁଁ ସବୁ ଜାଣିଛି ସବୁ ଏଇ ହରିର ପାଠ । ମୋ ବାପା ମାଆ କୁଆଡେ ଗଲେ କି କଣ କଲେ ତାର ଏତେ ସୁହାଗ କାହିଁକି । ପଢିଲା ବେଳୁ ୟାର ମୋ ଉପରେ ହିଂସା । ମୋତେ ନିଛା ଦେଖାଇବା ପାଇଁ ୟେ ସବୁ ଫାର୍ଶ ଚଳେଇଛି । କଟକ ଯାଇଥିଲା ଭଲ କଲି ତା ବାପାଙ୍କୁ ତା ମାନେ କଣ ମୋତେ ନୀଚ ଦେଖେଇବା ପାଇଁ । କୁଆଡେ ଗଲା ସେ ହରି । ବାପା ମାଆ ତମେ ଚାଲ ଆମେ କଟକ ପଳେଇଯିବା । ମୁଁ ଆଉ ଏମିତି କିଛି କରିବିନି ତମ ମନରେ ଦୁଃଖ ଆସିବା ଭଳି କାମ । ଚାଲ ଆଉ ଗୋଟେ ମିନିଟ ଏଠି ରୁହ ନାହିଁ ।

ଗୌରୀ ଦେବୀ, "ଆଚ୍ଛା ଡାକ୍ତର ବାବୁ ଆଜି ଆପଣଙ୍କର ୟେ ବାପା ମାଆ ପାଇଁ ଏତେ ଦରଦୀ କାହିଁକି ଶୁଣେ । ଡାକ୍ତର ବାବୁଙ୍କର କଣ ଅଭାବ ପଡିଗଲା ଯେ । ଓଃ ଆମେ ମରି ନାଁହୁ ସେଇଥି ପାଇଁ କି ??"

ମହେଶ, "ନାଁ ନାଁ ମୋର ଭୁଲ ହେଇ ଯାଇଛି । ମୁଁ ମୋ ଭୁଲର ବହୁତ ଅନୁତାପ କରୁଛି । ୟେ ବାପା ! ୟେ ମାଆ ଜାଣିଛୁ ଲୋ ମୁଁ ଏବେ ଯାଏ ବାପା ହେଇନି ଲୋ !!! ଆଚାର୍ଯ୍ୟ ପଣ୍ଡିତ ମୋତେ ଧିକ୍କାର କରି କହିଲେ ଯେକି ତମ ଦୁହିଁଙ୍କ ଉପରେ ବାପା ମାଆଙ୍କର ଆଶା, ସ୍ୱପ୍ନ ଓ ସେବାର ବିଶ୍ୱାସ ଭାଙ୍ଗିଥିବାର ଅଭିଶାପ ପଡିଛି । ତେଣୁ ମୋ ସହିତ ଚାଲ । ଆଉ ଜାଣିଛୁ ଲୋ ମାଆ ଲିଲିକୁ ପଣ୍ଡିତ କହିଛନ୍ତି ତମ ପାଦ ପାଣି ଦୈନିକ ଗାଧୋଇ ପିଇବାକୁ । ପାଦ ସେବା କରିବାକୁ । ଏମିତି ବହୁତ ତପସ୍ୟା କରିବାକୁ ଉପଦେଶ ଦେଇଛନ୍ତି ଲୋ ମାଆ ।"

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେସ ବାବୁ, "ତୋ ଠାରୁ ଆମର ମୂଳିଆ ପୁଅ ହରି ଭଲ । ତା ସ୍ତ୍ରୀ ଆମର କେମିତି ସେବା କରନ୍ତି ଟିକେ ଦେଖ ଗୋଟେ ଦିନ ଏଇଠି ରହିଯା ।"

ମହେଶ, "ନାଁ ବାପା ବହୁତ କାମ ମୋର ନିଜର ତିନିଟା ନର୍ସିଂହୋମ ଆଉ ମୁଁ ଦଶ ଜାଗା ଦୁଇ ଘଣ୍ଟା ଲେଖା ଯାଉଛି ରୋଗୀ ଦେଖିବାକୁ । ତା ସହିତ ବଡ଼ ଡ଼ାକ୍ତରଖାନାରେ କାମ । ବଡ଼ ଡ଼ାକ୍ତରଖାନାକୁ ଦୁଇଦିନ ନ ଗଲେ ଚଳିବ ହେଲେ ନିଜ ଅନୁଷ୍ଠାନ ତ ଦେଖିବାକୁ ପଡିବ । ମୋର ଗୋଟେ ଦିନରେ ଦୁଇ ଲକ୍ଷ ଟଙ୍କା ଚାଲିଯିବ ।"

ପରେସ ବାବୁ, "ହା ହା ହା ହା ତୁ ମୋ ଚାକିରିଆ ପୁଅ ହା ହା ହା..... । ତୁ ଅର୍ଥ ପାଗଳ ସରକାର ଦରମା ଦେଉଛି ହେଲେ ସେଠି ରୋଗୀ ମରି ଯାଆନ୍ତୁ ହେଲେ ନିଜ ଡାକ୍ତରଖାନା ଆଗ । ତୋର ସନ୍ତାନ କଣ ଦରକାର ଯେ । ବାପା ମାଆ ଆଜି ସ୍ୱାର୍ଥରେ ଲୋଡ଼ା । ତୁ ମାରିଦେଲେ ମାରି ଦେ ହେଲେ ମୁଁ ଆଉ ତୋ ସହିତ ଜୀବିନି କି ତୋ ମାଆ ବି ଯିବ ନାହିଁ ।"

ମହେଶ, "ମୁଁ କଣ କଲେ ତମେ ଖୁସି ହେବ କୁହ । ତମ ପାଇଁ କଣ କରିବି କୁହ । ମୁଁ କଣ ଆଣ୍ଠୁକୁଡ଼ା ହେବି ଲୋ ମାଆ । କୁହ ବାପା କଣ କରିବି ।"

ପରେସ ବାବୁ, "କଟକ ଛାଡି ଗାଁରେ ରହିଯା । ମୋର ସାହି ଭାଇ ଏଇଠି ସବୁ ଅଛନ୍ତି । ମୋ କୋକେଇ ପଡିକି ରହିବ ନାହିଁ । ହେଲେ ତୁ କଟକରେ ଆମକୁ ମହାନଦୀରେ ଫୋପାଡ଼ି ଦେବୁ କେତେ ବେଳେ । ତୁ ଯଦି ଗାଁରେ ରହିବୁ ତେବେ ଆମେ ଖୁସି ହେବୁ ।"

ମହେଶ, "ମୁଁ ଗାଁରେ କରିବି କଣ ବାପା କଣ ବିଲରେ ହଳ କରବି ।"

ପରେସ ବାବୁ, "ତୁ ଦରକାର ପଡ଼ିଲେ ହଳ କରିବୁ । ତଳି ପକେଇବୁ ଆଉ ଗାଁ ଲୋକ କଟକ ଯାଉଛନ୍ତି ସେମାନଙ୍କୁ ତୁ ଏଇଠି ଚିକିତ୍ସା କରି ପାରିବୁ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହେଶ, "ଲିଲି ରାଜି ହେବନି ବାପା । ସେ ଆସିବନି ! ମୁଁ କଣ କରିବି ବାପା କୁହ ନା ।"

ତୁ ପଳା ତୋ କର୍ମ ନେଇ ଓ ଧର୍ମ ନେଇ, ମୁଁ ମୋ ଜୀବନ ପଥ ବାଛି ସାରିଛି । ମୋ ଗାଁ ଛାଡି ପାରିବିନି । କେବେ ଦେଖିଛୁ ତୋ ହେତୁ ହବା ଠାରୁ ତୋତେ ବୁଲେଇ ନେଇ କୁଆଡେ ଛାଡି ଦେବାର ।

କିନ୍ତୁ ତୁ କଣ କଲୁ ମୋ ସହିତ ଓ ତୋ ମାଆ ସହିତ । ଏମିତି କରିବା କେଉଁ ନ୍ୟାୟ ଥିଲା ତୁମ ପାଇଁ ଡାକ୍ତର ବାବୁ । ହଉ ଡାକ୍ତର ବାବୁ ତମେ ନିଜ ବାଟରେ ନିଜେ ଯାଅ ଓ ମୁଁ ମୋ ବାଟରେ । ମୋ ବାଟ ଅଲଗା ଆଉ ଡାକ୍ତର ବାବୁଙ୍କର ବାଟ ଅଲଗା । ମୋ ପୁଅ ଚାକିରୀ କରିବ । ମୋ ପୁଅ ଡାକ୍ତର ହେବ । ଏମିତି ସ୍ୱପ୍ନ ମୋର ସ୍ୱପ୍ନରେ ରହିଗଲା । ଏବେ ଠାରୁ ତୋ ବାଟ ଅଲଗା ଆଉ ମୋ ବାଟ ଅଲଗା । ଆପଣ ଆସିପାରନ୍ତି ଡାକ୍ତର ବାବୁ.....

ପରେସ ବାବୁ ନିଜ ବିଶ୍ରାମ କକ୍ଷକୁ ଚାଲିଯାଇଥିଲେ । ମହେଶ ଫେରିଯାଇଥିଲା କଟକ ସହରକୁ । ନିଜର କର୍ମ ପାଇଁ ସମୟ ଆସିଲେ କ୍ଷମା ମିଳେ ନାହିଁ । କ୍ଷମା କେବଳ ସେଇ ମାନଙ୍କୁ ମିଳେ ଯିଏ ତ୍ୟାଗ କରିଥାଏ । କିନ୍ତୁ ମହେଶ ତ୍ୟାଗ କରି ନ ଥିଲା ତାର ରୋଜଗାର କ୍ଷେତ୍ର । ଯଦି କରିଥାନ୍ତ ନିଶ୍ଚୟ ପିତା ମାତାଙ୍କ ସାନିଧ୍ୟ ଲାଭ କରିଥାନ୍ତା ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,

ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂଘର୍ଷମୟ ଏଇ ଜୀବନ



ଅବିନାଶ ପ୍ରଧାନ

ସବୁଦିନ ଭଳି ମୁନ୍ନା ସକାଳୁ ଉଠି ଟିଉସନ ଯିବାପାଇଁ ବାହାରିଲା ଆଉ ମାଙ୍କୁ ଖାଇବା ପାଇଁ ମାଗିଲା, ମା କହିଲେ ବାପା ଆଜି ମୁଢି ଚେନାଚୁର ଖାଇକି ଚାଲିଯା ଘରେ ଚିନି ସରିଯାଇଛି ତ ଆଜି ମୁଁ ସିମେଇ କରିନାହିଁ, ମୁନ୍ନା ଟିକେ ମନ କଷ୍ଟ କରିକି ଖାଇଦେଲା ଆଉ ଟିଉସନରୁ ଆସିକି ଦେଖିଲା ବେଳକୁ ମା ରୋଷେଇ କରୁଛନ୍ତି, ପଚାରିଲା ମା ଆଜି କଣ ତରକାରୀ ମା କହିଲେ ଆଜି ଡାଲି ହେଇଛି, ମୁନ୍ନା କହିଲା ଆଜି ରବିବାରଟାରେ ଆମିଷ ନ କରି ଡାଲି କଣ ପାଇଁ କରିଛ । ମା ବୁଝେଇ ଦେଲେ ଦେଖ ତୋ ବାପା ଦରମା ପାଇନାହାନ୍ତି ଆଜି ଟିକେ ଚଳେଇ ଦେ । ବହୁତ ରାଗିକି ଖାଇଲା ଆଉ ତା ପରେ ଶୋଇବାକୁ ଗଲା । ସେତିକି ବେଳକୁ ଘରେ ଲାଇନ ନଥାଏ ଆଉ ଖରା ଗରମରେ ମୁନ୍ନା ବହୁତ ଚିଡି ଚିଡି ହେଇ କହିଲା ମା ବାପାଙ୍କୁ କହୁନ ଘରେ ଗୋଟେ Inverter ଲଗେଇବେ ମୁଁ ଏତେ ଗରମରେ ଶୋଇପାରିବିନି... ପୁଣି ମା ଏଣୁ ତେଣୁ କଥା କହି ମୁନ୍ନାକୁ ବୁଝେଇ ଦେଲେ ଆଉ ମୁନ୍ନା ଶୋଇପଡ଼ିଲା, ଶୋଇକି ଉଠିଲା ପରେ ମୁନ୍ନା ମାଙ୍କୁ ୨୦ ଟଙ୍କା ମାଗିକି ନେଲା ଆଉ କହିଲା ମୁଁ ଯାଉଛି ପାଖ ଦୋକାନରୁ ଗୋଟେ ଥଣ୍ଡା ପିଇକି ଆସେ..... ଘରୁ ଯିବା ରାସ୍ତାରେ ହଟାତ ମୁନ୍ନା ଅଟକି ଗଲା ଆଉ ଦେଖିଲା ଏଇ ଖରା ଗରମଟାରେ ଗୋଟେ ସ୍ତ୍ରୀ ଲୋକ ତାର ଦୁଇଟି ପିଲାଙ୍କୁ ଧରି ଅଧା କାନ୍ଥ ଉଠିଥିବା ସ୍କୁଲ ଘରେ ଶୋଇଛି ଆଉ ପାଖରେ ବସିଥିବା ତାର ପିଲା ଦୁଇଟା ଶୁଖିଲା ମୁଢି ଖାଉଛନ୍ତି... ଠିକ ସେତିକି ବେଳେ ମୁନ୍ନା ବୁଝିପାରିଲା ଯେ ସିଏ ଏମାନଙ୍କ ଠାରୁ ବହୁତ ଭଲରେ ଅଛି... ଆଉ କାନ୍ଦି କାନ୍ଦି ଘରକୁ ପଳେଇ ଗଲା ଆଉ ୨୦ ଟଙ୍କା ମା'କୁ ଫେରେଇ ଦେଇ ମିଛରେ କହିଲା ମା ଦୋକାନ ବନ୍ଦ ଅଛି ତୁ ରଖିଦେ ।

ସେଦିନ ମୁନ୍ନା ବୁଝି ଯାଇଥିଲା କି ଜୀବନ କେତେ ସଂଘର୍ଷ ମୟ  ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଧିକାଳ



ବିନୟ ମହାପାତ୍ର

ନାଉରିଆ କହିଲା, ଗଣ୍ଠୁଲିଟା ଏଇଠି ରଖ, ସେ ପାରିକୁ ଏ ସବୁ ନେବାର ଅନୁମତି ନାହିଁ । ଏ ସବୁର ଆବଶ୍ୟକତା ବି ସେଠି ପଡିବନି । ତୁମର ଏ ଗଣ୍ଠୁଲିଟି ତୁମକୁ ଏପଟେ ଛାଡିଦେଇ ଯିବାକୁ ହେବ । ଦେଖୁନ ଏଡିକି ବକଟେ ନାଆ, ସେଥିରେ ତୁମେ ବସିଲା ପରେ ଆଉକିଛି ଜାଗା ବଳୁଛି ? କେମିତି ନେଇକି ଯିବ ଏସବୁ ? କଣ କଣ ସବୁ ସମ୍ପତ୍ତି ବାନ୍ଧିଛ ଏଇ ଗଣ୍ଠୁଲି ଭିତରେ ? ବହୁତ ଭାରିଥିଲା ପରି ଜଣାପଡୁଛି । ଆଗରୁ ଅନେକ ସମୟରେ ତୁମ ଘର ରାସ୍ତାରେ ଗଲାବେଳେ କେତେଥର ମୁଁ ତୁମକୁ ଦେଖିଛି, ସବୁବେଳେ କିଛିନା କିଛି କରୁଥାଅ, ସବୁବେଳେ କାର୍ଯ୍ୟରେ ବ୍ୟସ୍ତ ରହୁଥିଲ । ଏତେ ବ୍ୟସ୍ତ ରହୁଥିଲ ଯେ ନିଜ ଘର ପରିବାର ବନ୍ଧୁବାନ୍ଧବ ମାନଙ୍କ ପାଇଁ ବି ଟିକିଏ ସମୟ ରହୁନଥିଲା ତୁମ ପାଖରେ । କଣ ସବୁ ଏତେ କାମ କରୁଥିଲ, ଆଉ କାହିଁକି ? ଅଧିକ ଉପାର୍ଜନ ପାଇଁ ? ଜୀବନରେ କଣ କଣ ସବୁ ଉପାର୍ଜନ କଲ ?

ଏକା ନିଶ୍ୱାସରେ ଏତେ ସବୁ କଥା କହି ନାଉରୀଆ ନାଆର ମଙ୍ଗ ଉପରେ ଥକାମାରି ବସି ପଡିଲା । ଦିଗମ୍ବର ଦାଶେ ଗଣ୍ଠୁଲିଟା ସେତେବେଳ ଯାଏ ମୁଣ୍ଡରେ ବୋହି ଠିଆହୋଇ ନାଉରୀଆର ମୂଲ୍ୟହୀନ ବାଚାଳତା ଶୁଣୁଥିଲେ । ସେପାରିକୁ ଯିବାପାଇଁ ଏଇ ଗୋଟିକ ନାଆ, ଆଉ ଏଇ ଗୋଟିଏ ନାଉରୀ, ଆଉ କୌଣସି ଅନ୍ୟ ରାସ୍ତା ନାହିଁ, ସେଇଥି ପାଇଁ ବିରକ୍ତ ଅନୁଭବ କରୁଥିଲେ ବି ନାଉରୀଆର ଏଇ ବିତଣ୍ଡା କଥା ସବୁ ବରଦାସ୍ତ କରୁଥିଲେ । ଭାବୁଥିଲେ କିଛି ଦେଇ ନେଇ ନାଉରୀଆକୁ ପଟେଇ ନେଇ ପାରିଲେ କାମ ହୋଇଯିବ ।

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ସବୁତ ଆଣି ପାରିଲେନି କିନ୍ତୁ ଯେତିକି ଆଣି ପାରିଛନ୍ତି ତାକୁ ନିଜ ସାଙ୍ଗରେ ନେଇକି ଯାଇପାରିବେ । ଗଳାକୁ ଟିକିଏ ନରମ କରି ଦିଗମ୍ବର କହିଲେ, ଆରେ ଭାଇ, ତୁମେତ ନାଆ ବାହିବା ଲୋକ, ତୁମେ କଣ ଜାଣିବ ଧନ ଅର୍ଜନ କରିବା କେତେ କଷ୍ଟକର କାମ । ଦିନର ଚବିଶ ଘଣ୍ଟା ବି କମ ପଡେ କାମ କରିବାକୁ । ସେପାରିକୁ ଗଲେ ରାଜାଙ୍କୁ କହିବି ଦିନର ସମୟସୀମା ଆଉ ଦୁଇଚାରି ଘଣ୍ଟା ବଢେଇ ଦେବେ । ଏଠି ସିଧା ଆଙ୍ଗୁଠିରେ ଘିଅ ବାହାରେନି ବୋଲି ଲୋକଙ୍କ ଉପରେ ଜୋର ଜୁଲମ କରିବାକୁ ହୁଏ । ଯେତିକି କରି ପାରିଲି ସେତିକି କଲି । ସିଧା ରାସ୍ତାରେ ବି ଧନ ଅର୍ଜନ କରି ହୁଏନା, ସିଧା ରାସ୍ତାରେ ଯାହା ଧନ ମିଳେ ସେଥିରେ ଭଲରେ ଦିମୁଠା ଭାତ ବି ଖାଇ ହୁଏନି । ତେଣୁ ରାସ୍ତା ଯେମିତି ହେଉ ପଛେ ଧନ ଅର୍ଜନ ପାଇଁ ମୁଁ କେବେ ପଛେଇନି, ସତ ଅସତ୍, ଧର୍ମ ଅଧର୍ମ କଥା କେବେ ମନରେ ଭାବିନି । ବହୁତ ଧନ ଅର୍ଜନ କଲି, ଅମାପ ଧନ, ଜମି ବାଡି, ଆଲିଶାନ ରାଜପ୍ରସାଦ ପରି ଘର, ଗାଡି ଘୋଡା ସବୁ କିଛି ଅଛି ମୋ ପାଖରେ । ନାଉରୀଆ ଟିକିଏ ହସିଲା କହିଲା ଅଛି ନୁହେଁ, ଥିଲା ତୁମପାଖରେ । ନାଉରୀଆ କଥାକୁ ଅଣଶୁଣା କରି ଦିଗମ୍ବର କହିଲେ, ବୁଝିଲ ଏତେ ଗୁଡାଏ ସମ୍ପତ୍ତି ତୁମ ଡଙ୍ଗାରେ ନେଇ ହେବନି, ସେଇଥି ପାଇଁ ଅଳ୍ପ କିଛି ବଛା ବଛା ବହୁମୂଲ୍ୟ ସଂପତ୍ତି ସାଙ୍ଗରେ ନେଇ ଯାଉଛି । ତୁମେ ଚାହିଁଲେ, ତୁମକୁ ଏଥିରୁ କିଛି ବହୁମୂଲ୍ୟ ସମ୍ପତ୍ତି ମୁଁ ଦେଇଦେବି । ମୋତେ ଏ ସବୁ ସାଙ୍ଗରେ ନେବାକୁ ଦିଅ, ପ୍ଲିଜ୍ ।

ନାଉରୀଆ ଟିକେ ହସିଲା । ପଚାରିଲା, ବହୁମୂଲ୍ୟ ସମ୍ପତ୍ତି ? କଣ ସେ ସବୁ ବସ୍ତୁ ?

ଦିଗମ୍ବର କହିଲେ ଗଣ୍ଠୁଲିଟା ନାଆ ଉପରେ ରଖିବାକୁ ଅନୁମତି ଦିଅ, ତାପରେ ମୁଁ ଗଣ୍ଠୁଲି ଖୋଲି ତୁମକୁ ସବୁ ଦେଖେଇ ଦେବି, ତୁମେ ଯାହା ନେବାକୁ ଚାହିଁବ ତୁମକୁ ଦେଇଦେବି, ଲାଞ୍ଚ ବୋଲି ଭାବିବନି, ସେଇଟା ମୁଁ ତୁମକୁ ଖୁସିରେ ଉପହାର ଦେଇଦେବି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଉରୀଆ ଟିକିଏ ହସି କହିଲା ନାହିଁ ଆଜ୍ଞା, ନାଆ ଉପରେ ଆଉକିଛି ରଖିବାକୁ ମୋତେ ମୋ ମାଲିକ ଅନୁମତି ଦେଇନାହିଁ । ସେ କେବଳ ତୁମକୁ ନେଇଯିବା ପାଇଁ ନାଆ ପଠେଇଛନ୍ତି । ତୁମ ଗଣ୍ଠିଲିଟି ସେଇ ତଳେ ରଖିକି ଖୋଲ ।

ଅଗତ୍ୟା ଦିଗମ୍ବର ବାବୁ କିଛି ଚାରା ନଦେଖି ଗଣ୍ଠୁଲିଟି ତଳେ ଥୋଇ ଚାରି ଦିଗକୁ ନିରୀକ୍ଷଣ କଲେ, କେହି ଦେଖୁ ନାହିଁ ତ ? ଦୂର ଦୂର ପର୍ଯ୍ୟନ୍ତ ଶୁନଶାନ, କେହି କୁଆଡେ ନାହିଁ । କେବଳ ସିଏ ନିଜେ, ଡଙ୍ଗା ଏବଂ ନାଉରୀଆ ବ୍ୟତୀତ ଆଉ କେହି ଦୃଷ୍ଟିକୁ ଆସୁନି, କାଉ କୋଇଲିର ରାବ ବି ଶୁଭୁନି । ବଡ ସନ୍ତର୍ପଣରେ ଦିଗମ୍ବର ନିଜ ଗଣ୍ଠିଲି ଖୋଲିଲେ । ସୁନା ରୂପା ହୀରା ମୋତି ମାଣିକରେ ଭରି ରହିଥିଲା ଗଣ୍ଠିଲିଟି । ରତ୍ନ ସବୁ ଚମକ୍ ଝକ୍ ମକ୍ କରୁଥାଏ । ଗଣ୍ଠିଲିଟି ଖୋଲି ସାରି ବଡ ଗର୍ବରେ ଛାତି ଫୁଲେଇ କହିଲେ, କେବେ ଦେଖିଥିଲ ଏତେ ମୂଲ୍ୟବାନ ସମ୍ପତ୍ତି ? କୁହ, ତୁମର କଣ ଦରକାର, ଏଗୁଡିକ ସବୁ ବହୁମୂଲ୍ୟ ରତ୍ନ, ଏକରୁ ଆରେକ ବଳି । ଏଥିରୁ ଗୋଟିଏ ପାଇଲେ ତୁମକୁ ସାରା ଜୀବନ ଆଉ ନାଆ ବାହିବାର ଦରକାର ପଡିବନି । ତୁମର ବାକି ଜୀବନ ବଡ ଆରାମରେ କଟିଯିବ । ଏଥିରୁ ତୁମର ଯାହା ଇଚ୍ଛା ତୁମେ ନିଅ, ଏବଂ ମୋତେ ବାକି ସବୁ ସାଥିରେ ନେଇ ଯିବାକୁ ଦିଅ ।

ନାଉରୀଆ ଥରେ ଗଣ୍ଠିଲିର ରତ୍ନଗୁଡିକୁ ବଡ ବେଖାତିରି ଭାବେ ଦେଖିଲା, ଆଉଥରେ ଦିଗମ୍ବର ବାବୁଙ୍କ ମୁଁହକୁ ଚାହିଁ ହୋ ହୋ ହୋଇ ହସି ଉଠିଲା । କହିଲା, ଏସବୁ ବସ୍ତୁକୁ ତୁମେ ମୂଲ୍ୟବାନ ସମ୍ପତ୍ତି କହୁଛ ? ଆଉ ଏଇସବୁ ତୁମ କଥନ ଅନୁଶାରେ ମୂଲ୍ୟବାନ ସମ୍ପତ୍ତିକୁ ଏକାଠି କରିବା ପାଇଁ, ତୁମେ ତୁମର ମୂଲ୍ୟବାନ ଜୀବନର ଅତିମୂଲ୍ୟବାନ ସମୟ ସବୁ ନଷ୍ଟ କରିଦେଲ ? ଠିକ୍ ଅଛି, ତୁମକୁ ଯାହା ଠିକ୍ ଲାଗିଲା ତୁମେ କଲ । କିନ୍ତୁ, ତୁମର ଏ ମୂଲ୍ୟବାନ ରତ୍ନ ସବୁ ମୋର କିଛି କାମର ଜିନିଷ ନୁହେଁ, ମୋ ପାଇଁ ଏସବୁର କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୂଲ୍ୟନାହିଁ । ଛାଡ ସେ ଯାହାହେଉ ! ମନେକର, ମୁଁ ତୁମକୁ ଏ ସବୁ ସମ୍ପତ୍ତି ସାଙ୍ଗରେ ନେଇ ଯିବାକୁ ଅନୁମତି ଦେଇଦେବି, ଏସବୁ ସାଥିରେ ନେଇ ତୁମକୁ ସେଠି ପହଞ୍ଚାଇବି ଦେବି, କିନ୍ତୁ ତୁମେ ମୋର ଗୋଟିଏ ପ୍ରଶ୍ନର ଉତ୍ତର ଦିଅ, ଏସବୁ ନେଇ, ତୁମେ ସେଠି କରିବ କଣ ?

ଦିଗମ୍ବର ବାବୁ ନାଉରୀଆକୁ ବଡ ଉତ୍ସୁକତାଭରା ନୟନରେ ଚାହିଁ କହିଲେ, ତୁମକୁ ଲୁଚାଇଲେ ଆଉ ଲାଭ କଣ ? ମୋ ପାଖକୁ ଆସ, ମୁଁ ତୁମ କାନରେ ବଡ ଗୁମର କଥା କହିବି । କାଳେ ଆଉ କିଏ ଶୁଣିଦେବ ମୋର ଏଇ ଗୋପନ ଯୋଜନା କଥା । ତୁମେ ଜାଣିନ, ଏ କମ୍ପିଟେସନ ଯୁଗରେ ବିଜିନେସ ସିକ୍ରେଟସ କେତେ ଗହନ କଥା । ଏ କାନ କଥା ଆର କାନକୁ ଖବର ହେବନି । ନାଉରୀଆ ଟିକେ ମୁରୁକି ହସିଲା, କହିଲା ଦେଖୁନ, ଆଖପାଖ ତ ଦୂରର କଥା, ଯୋଜନ ଯୋଜନ କୋଶ ଦୂର ପର୍ଯ୍ୟନ୍ତ ଜନ ମାନବ କେହି ନାହାନ୍ତି । ଏଇଠି କେବଳ ତୁମ ମୋ ଛଡା ତୃତୀୟ କେହି ନାହିଁ । ଦିଗମ୍ବର ଟିକେ ଆସ୍ୱସ୍ଥ ହେଲେ । କହିଲେ ଆଜି ଯୁଗରେ ଧନ ସବୁଠି ଦରକାର । ଧନ ନଥିଲେ କେହି ବି କାହାକୁ ବାସିମୁହଁରେ ପଚାରେ ନାହିଁ । ଆଉ, ମୁଁ ନୁଆ ଦେଶ, ନୁଆ ଜାଗା ଯାଉଛି, ଏ ଦେଶର କରେନ୍ସି ନୋଟ ତ ସେଠି ଚାଲିବନି, କିନ୍ତୁ ସୁନା, ରୂପା, ହୀରା, ମୋତି ମାଣିକ ସବୁଠି ଚାଲିଯିବ । ତେଣୁ ସେଠି ଏ ସବୁ ବଦଳେଇ, ଜାଗାଖଣ୍ଡେ କିଣି ନିଜର ମହଲଟିଏ ତିଆରି କରିବି ତାପରେ ଲୋକଙ୍କୁ ଟଙ୍କା ପଇସା, ମଦ, ମାଂସ ଖୋଇ ପେଇ ଇଲେକ୍ସନରେ ଠିଆ ହୋଇ ମନ୍ତ୍ରୀ ବନିଗଲେ ପୁଣି ଦେଖିବ ମୋ କମାଲ, ଦିନେ ତୁମର ସେ ଦେଶରେ ରାଜା ବି ହୋଇଯାଇ ପାରିବି ।

ଦିଗମ୍ବରଙ୍କ କଥା ଶୁଣି ନାଉରୀଆ ଖୁବ୍ ଜୋରରେ ହୋ ହୋ ହୋଇ ହସି ଉଠିଲା ପାଗଳଙ୍କ ପରି, ହସି ହସି ବେଦମ ହୋଇଗଲା । ତାପରେ ହସ ବନ୍ଦକରି ଟିକେ ଦମ୍ ନେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲା, ଆଚ୍ଛା ଦିଗମ୍ବର, ତୁମେ ଯେଉଁ ଦେଶକୁ ଯାଉଛ ସେ ଦେଶ ବିଷୟରେ କିଛି ଜାଣିଛ ? ମୋତେ ଲାଗୁଛି ତୁମେ କିଛି ଜାଣିନ କି କେବେ କିଛି ଶୁଣିନ । ହଁ, ତୁମେ ତ ସାରା ଜୀବନ ଧନ ଅର୍ଜନରେ ବ୍ୟସ୍ତ ରହିଲ, ଏସବୁ ଜ୍ଞାନ ପାଇଁ ତୁମ ପାଖରେ ସମୟ କେଉଁଠି ଥିଲା । ଜାଣିନ ଯଦି ମୁଁ କହୁଛି ଶୁଣ । ତୁମେ ଯେଉଁ ଦେଶକୁ ଯାଉଛ ସେ ଦେଶରେ ଦୁଇଟି ଜାଗା ଅଛି । ଗୋଟିଏ ହେଉଛି ସ୍ୱର୍ଗଲୋକ, ଆରଟି ନର୍କଲୋକ । ତୁମେ ତା ମଧ୍ୟରୁ କେଉଁ ଜାଗାକୁ ଯିବ ସେକଥା ସେଠି ପହଞ୍ଚିଲା ପରେ ତୁମକୁ ଜଣାଇ ଦିଆଯିବ । ଦ୍ୱିତୀୟ କଥା, ତୁମେ ସେଠି ପହଞ୍ଚିଲା ବେଳକୁ ତୁମର ଏ ଶରୀର ସେଠି ନଥିବ । ସେଠି କହାର ବି ଶରୀର ନାହିଁ । ଶରୀର ନାହିଁ ତ ନାମ ବି ନାହିଁ । ଶରୀର ନାହିଁ, ତ ପୋଶାକର ଆବଶ୍ୟକତା ନାହିଁ, ଶରୀର ନାହିଁ ତ ଭୋକ ବି ନାହିଁ, ଶୋଷ ବି ନାହିଁ, କାମନା ନାହିଁ । କିଛି ଅନୁଭବ ବି ନାହିଁ, ଶୀତ ଖରା ବର୍ଷାର ଡର ନାହିଁ, କାହା ସହିତ କାହାର କିଛି ସମ୍ପର୍କ ନାହିଁ, ଲୋଭ ନାହିଁ, ପ୍ରେମ, ଘୃଣା, ଇର୍ଷା, ହିଂସା, ଦୟା, କ୍ଷମା, ମାୟା ମମତା କିଛିନାହିଁ । କିଛି ନାହିଁର ସେ ସଂସାରରେ କେବଳ ଅଛି ଆନନ୍ଦ, ପରମାନନ୍ଦ । ପାଇବା, ହରାଇବା କିଛି ନାହିଁ ସେଠି । କିନ୍ତୁ ଅବଶୋଷ, ଗୋଟିଏ ବଡ ଦୁଃଖର କଥା କଣ ଜାଣ ? ପ୍ରଶ୍ନିଳ ଆଖିରେ ଦିଗମ୍ବର ନାଉରୀଆ ମୁହଁକୁ ଚାହିଁ ରହିଁଲେ । ନାଉରୀଆ ନିର୍ବିକାର ଭାବେ କହିଲା, ଦିଗମ୍ବର, ତୁମକୁ ବଡ ଦୂର୍ଲଭ ମଣିଷ ଜନ୍ମ ମିଳିଥିଲା । କିନ୍ତୁ ତୁମେ ଅସଲ ମୂଲ୍ୟବାନ ସମ୍ପତ୍ତି ଏକାଠି ନକରି କେବଳ ମାଟି ଗୋଡି, ପଥର ଏକାଠି କରିବାରେ ତୁମର ସାରା ଜୀବନ ବ୍ୟର୍ଥରେ ବିତେଇ ଦେଲ ।

ଦିଗମ୍ବର ବଡ ନିରାଶ ନୟନରେ ନାଉରୀଆ ମୁହଁକୁ ଚାହିଁ ପଚାରିଲେ, ଏସବୁ ସୁନା, ରୂପା ହୀରା, ମୋତି, ମାଣିକ ଯଦି ମାଟି ଗୋଡି ପଥର ତେବେ ଅସଲ ମୂଲ୍ୟବାନ ସମ୍ପତ୍ତି ପୁଣି କାହାକୁ କହୁଛ ତୁମେ ? ନାଉରୀଆ ଟିକିଏ ହସି କହିଲା, କେବେ କେଉଁ ଦୁଃଖି ମୁହଁରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟିକେ ହସ ଦେଲା ବେଳେ ଯେଉଁ ଆତ୍ମ ତୃପ୍ତି ମିଳେ, କେଉଁ ଭୋକିଲା ଲୋକକୁ ମୁଠାଏ ଖାଇବାକୁ ଦେଇ ଯେଉଁ ଆଶୀର୍ବାଦ ମିଳେ । କେଉଁ ଅସହାୟ ବ୍ୟକ୍ତିକୁ ଟିକେ ସହାୟତା ଦେଇ ଯେଉଁ ଖୁସି, ନିଜର ଆତ୍ମୀୟଜନଙ୍କ ସହିତ ଦୁଇ ଘଡି ସମୟ ବିତେଇବାର ଆନନ୍ଦ, ବନ୍ଧୁମାନଙ୍କର ଶୁଭେଚ୍ଛା, ଗୁରୁଜନମାନଙ୍କୁ ସେବା କରିବାରେ ସେମାନଙ୍କର ଯେଉଁ ଆଶିର୍ବାଦ ମିଳେ, ଛୋଟମାନଙ୍କୁ ସ୍ନେହ ପ୍ରେମ ଦେଇ ଯେଉଁ ଆନନ୍ଦ ମିଳେ ଏବଂ ସେମାନଙ୍କର ଯେଉଁ ଶ୍ରଦ୍ଧା ମିଳେ ସେସବୁ ହେଉଛି ଅସଲ ମୂଲ୍ୟବାନ ସମ୍ପତ୍ତି । କିନ୍ତୁ ତୁମେ ସେସବୁ କାଣିଚାଏ ବି ଅର୍ଜନ କରି ପାରିଲନି । ତୁମେ ସବୁ ଜିନିଷକୁ ପଇସାରେ ତଉଲିକରି ଦେଖିଲ । ଭାବିଲ ସବୁ କିଛି ପଇସା ବଦଳରେ କିଣି ହୋଇଯିବ । ଅବଶୋଷ ତୁମେ ଯେଉଁ ସମ୍ପତ୍ତି ଏକାଠି କଲ ସେସବୁ ଆଜି ତୁମର କିଛି କାମରେ ଆସିବନି । ସେସବୁ ତୁମେ ସାଥିରେ ବି ନେଇକି ଯାଇ ପାରିବନାହିଁ । ଏତେ କଷ୍ଟରେ ଅର୍ଜନ କରିଥିବା ତୁମର ଏ ସବୁ ସମ୍ପତ୍ତି ଏଇଠି, ଏମିତି ଅନ୍ୟର ଭୋଗ ବିଳାଶ ପାଇଁ ତୁମକୁ ଛାଡିଦେଇ ଯିବାକୁ ହେବ । ତୁମକୁ ଛୋଟ ଗୋଟିଏ ଗପ କହୁଛି ଶୁଣ, ମାଠିଆ ଆଉ ପଲମର କାହାଣୀ ।

ଅନେକ ଦିନ ତଳର କଥା, ଉତ୍ତର ଦେଶରେ ସୋମନାଥ ନାମରେ କୁମ୍ଭାରଟିଏ ଥିଲା । ସେ ନିତି ମାଟିରେ ବିଭିନ୍ନ ପ୍ରକାରର ପାତ୍ର ତିଆରି କରେ । ମାଟିରେ ପାଣି ପକାଇ ତାକୁ ନିଜ ଗୋଡରେ ଦଳି ଚକଟି ପାତ୍ର ତିଆରି ପାଇଁ ମାଟି ପ୍ରସ୍ତୁତ କରେ, ତା ପରେ ସେଇ ମାଟି ପିଣ୍ଡୁଳାକୁ ଚକରେ ବୁଲାଇ ଆକାର ଦିଏ ପୁଣି ସେଇ ଆକାର ଗୁଡିକୁ ପଟିପିଟି ଠିକ୍ ଆକାରର ବିଭିନ୍ନ ବସ୍ତୁ ହାଣ୍ଡି, ମାଠିଆ କଡେଇ ପଲମ ଆଦି ତାଆରି କରେ । ତାପରେ ସେଇ କଞ୍ଚାମାଟିର ପାତ୍ର ସବୁକୁ ନିଆଁ ଭାଟିରେ ପୋଡି ମଜଭୁତ କରିଦିଏ ।

ନିଜେ ତିଆରି କରିଥିବା ପାତ୍ର ସବୁ ନେଇ ବଜାରରେ ବିକ୍ରି କରିଦିଏ । ଦିନେ ଜଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୌଦାଗର ସେଇ ପାତ୍ର ମଧ୍ୟରୁ ଗୋଟିଏ ତାଵା (ପଲମ) ଆଉ ଗୋଟିଏ ମାଠିଆ କିଣିନେଲେ । ସୌଦାଗର ପ୍ରତିଦିନ ମାଟି ମାଠିଆଟିରେ ପାଣି ଭରିଦିଅନ୍ତି ଏବଂ ସୌଦାଗରଙ୍କ ପତ୍ନୀ ପଲମଟି ନେଇ ପିଠା କରିବା ପାଇଁ ଚୁଲିରେ ବସାଇ ଦିଏ । ସବୁ ଦିନ ଏପରି ହୁଏ । ପ୍ରତିଦିନ ପାଣି ସରିବା ଆଗରୁ ମାଠିଆରେ ପାଣି ଭରିଦିଆଯାଏ ଆଉ ପଲମକୁ ପିଠା କି ରୋଟି ସେକିବା ପାଇଁ ଚୁଲିରେ ନିଆଁ ଉପରେ ବସେଇ ଦିଆଯାଏ । ପିଠା ପୋଡି ଯିବା ଆଗରୁ ପିଠାକୁ ବାହାର କରି ଦିଆଯାଏ । ଦିନେ ପଲମ ଦୁଃଖି ହୋଇ ମାଠିଆକୁ କହିଲା, ଭାଇ, ତୁମେ କେତେ ଭାଗ୍ୟବାନ । କେହି ତୁମ ପେଟ କେବେ ଖାଲି ହେବାକୁ ଦେଉନି । ତୁମ ପେଟ ଖାଲି ହେବା ଆଗରୁ କେହିନା କେହି ପୁଣି ଶିତଳ ଜଳରେ ତୁମ ପେଟ ଭରି ଦେଉଛ । ତୁମେ ଦିନ ରାତି ଚବିଶ ପ୍ରହର ଶିତଳତା ଭିତରେ ଜୀବନ କଟୁଛ । ତିଆରି ହେଲାବେଳେ ଏତେ କଷ୍ଟରେ ଆକାର ପାଇଲି ଆଉ ନିଆଁ ଭାଟିରେ ଜଳିଲି ଏବଂ ଆଜିବି ପ୍ରତିଦିନ ଚୁଲି ଉପରେ ତିଳ ତିଳ ଜଳୁଛି । ମୋତେ ସବୁବେଳେ ଗରମ ଚୁଲା ଉପରେ ବସେଇ ଦିଆ ଯାଉଛି । ମୋତେ ଖାଇବାକୁ ପିଠା ଦେଉଛନ୍ତି କିନ୍ତୁ ମୁଁ କିଛି ଖାଇବା ଆଗରୁ ସୌଦାଗର ପତ୍ନୀ ମୋ ଖାଦ୍ୟ ମୋ ମୁହଁରୁ ବାହାର କରି ନେଉଛି । ମୁଁ ପିଠା ତିଆରି କରୁଛି ହେଲେ ସବୁଦିନ ଭୋକିଲା ରହୁଛି । ମୋର ଏତେ କଷ୍ଟସାଧ୍ୟ ପରିଶ୍ରମର ଫଳ ଅନ୍ୟମାନେ ଭୋଗ କରୁଛନ୍ତି । ସବୁ ଶୁଣିସାରିଲା ପରେ ମାଠିଆ ପାଖରେ ପଲମକୁ କହିବା ପାଇଁ କିଛି ସାନ୍ତ୍ୱନାବାଣୀ ଶୁଣାଇବାକୁ ନଥିଲା ତେଣୁ ସେ ଚୁପ ରହିଲା ।

ଗପଟିକୁ ଏଇଠି ଶେଷକରି ନାଉରୀଆ ଦିଗମ୍ବରକୁ ପଚାରିଲା, ଏବେ କୁହ ଦିଗମ୍ବର, କୁମ୍ଭାର ମାଠିଆ ଆଉ ପଲମକୁ ଏକା ପ୍ରକାର ପ୍ରଣାଳୀରେ ଗଢିଲା । ମାଟିକୁ ପାଦରେ ଚଳି ଚକଟିଲା, ଚକରେ ବୁଲାଇ ପୁଣି ଦୁହିଙ୍କୁ ଆକାରଦେଲା, ପିଟି ପିଟି ପଲମ ଆଉ ମାଠିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଢିଲା, ପୁଣି ନିଆଁ ଭାଟିରେ ପୋଡି ଦୁହିଙ୍କୁ ମଝଭୁତ କଲା । ହେଲେ ମାଠିଆ ଆଉ ପଲମ ଦୁହିଙ୍କର ଭାଗ୍ୟ କେତେ ଅଲଗା । ଜଣେ ଶାନ୍ତିରେ ଶିତଳତା ଭିତରେ ଆରାମରେ ଦିନ କାଟୁଛି, ଆଉଜଣେ ନିତି ନିତି ପୁଣି ସେଇ ନିଆଁରେ ପୋଡୁଛି ଏବଂ ଭୋକିଲା ବି ରହୁଛି । ପଲମ ମାଠିଆକୁ ତାର ଯେଉଁ ଦୁଃଖ କାହାଣୀ ଶୁଣାଇଲା ତାର ଉତ୍ତର ତୁମକୁ ଜଣାଥିଲେ କୁହ ।

ଦିଗମ୍ବର ଟିକେ ଭାବିଚିନ୍ତି କହିଲେ, ଏ ସବୁ ତ ଭାଗ୍ୟର ଫଳ, ପଲମ ଭାଗ୍ୟରେ ନିତି ନିଆଁରେ ଜଳି ବି ଭୋକିଲା ରହିବା ଲେଖା ହୋଇଛି ଏବଂ ମାଠିଆ ଭାଗ୍ୟ ବହୁତ ଭଲ ତା ପେଟ ସବୁବେଳେ ଶୀତଳ ଜଳରେ ଭରି ରହୁଛି । ଦିଗମ୍ବରଙ୍କ ଉତ୍ତର ଶୁଣି ନାଉରୀ ଟିକେ ମୁଚୁକି ହସି କହିଲା, ନା' ଏସବୁ ଭାଗ୍ୟର ଫଳ ନୁହେଁ । ଏ ସବୁ କର୍ମର ଫଳ ! ମଣିଷର କର୍ମ ହିଁ ତାର ଭାଗ୍ୟ ଲେଖିଥାଏ । ଯେପରି କର୍ମ କରିବ ଭାଗ୍ୟ ସେହି ପରି ଫଳ ଦେବ । ଏଇ ଦେଖୁନ, ସବୁଦିନ ମାଠିଆରେ ଜଳ ତ ଭରି ଦିଆଯାଉଛି, କିନ୍ତୁ ମାଠିଆ ତାର ଯେତିକି ଆବଶ୍ୟକ ସେତିକି ପିଇ ବାକି ପାଣିକୁ ନିର୍ଲୋଭ, ନିର୍ବିକାର ଚିତ୍ତରେ ତୃଷାର୍ତ୍ତ ମାନକୁ ପିଇବାକୁ ଦେଇଦେଉଛି । ତିଳେ ବି କୃପଣତା ଦେଖାଉ ନାହିଁ, ତେଣୁ ତା ପେଟ ଖାଲି ହେବା ପୂର୍ବରୁ ସେଥିରେ ପୁଣି ପାଣି ଭରି ଦିଆଯାଉଛି, କିନ୍ତୁ ପଲମର ଅବସ୍ଥା ପୁରା ଓଲଟା, ପଲମର ପ୍ରକୃତି ସବୁକିଛି ଆତ୍ମସାତ କରିନେବା । ଯଦି ତା ଉପରେ ପିଠାକୁ ଛାଡି ଦିଆଯାଏ ତେବେ କଣ ହେବ ? ପଲମ ସମ୍ପୂର୍ଣ୍ଣ ପିଠାକୁ ଆତ୍ମସାତ କରି ଖାଇଯିବ (ଜାଳିଦେବ) କିଛି ବି ଛାଡିବନି କାହାପାଇଁ । ସେଥିପାଇଁ ଠିକ୍ ସମୟରେ ପିଠାକୁ ବାହାର କରି ନିଆଯାଏ, ଆଉ ପଲମ ନିତି ନିଜେ ଜଳେ କିନ୍ତୁ ତାର ପରିଶ୍ରମର ଫଳ ଭୋଗକରି ପାରେନା, ତା ପରିଶ୍ରମର ଫଳ ଅନ୍ୟମାନେ ଭୋଗ କରନ୍ତି । ସେମିତି ତୁମେ ତୁମ ଜୀବନକୁ ପଲମଟିଏ ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେଲ । ଦିନରାତି କଠିନ ପରିଶ୍ରମ କଲ, ଅମାପ ଧନ ସମ୍ପତ୍ତି ଅର୍ଜନ କଲ, କିନ୍ତୁ ତୁମ ଶ୍ରମର ଫଳ ଅନ୍ୟମାନେ ଭୋଗକଲେ ଏବଂ ଆଜି ଯାହା କିଛି ବି ବଳିଛି ସେସବୁ ତୁମର କିଛି କାର୍ଯ୍ୟରେ ଆସିବନି । ସେଇ ଧନ ସବୁ ଏଇଠି ଅନ୍ୟମାନଙ୍କର ଭୋଗ ବିଳାଶ ପାଇଁ ଛାଡିଦେଇ ଯିବ । ଯଦି ତୁମେ ତୁମ ଜୀବନକୁ ମାଠିଆ ପରି କରିପାରି ଥାଆନ୍ତ, ତେବେ ସାରା ଜୀବନ ସୁଖ ଭୋଗି ଥାଆନ୍ତ ଏବଂ ଆଜି ତୁମ ପାଖରେ ଅଜସ୍ର ଅସଲ ମୂଲ୍ୟବାନ ସମ୍ପତ୍ତି ଜମା ଥାଆନ୍ତା, ଯାହା ତୁମଠାରୁ କେହି ଛଡାଇ ନେଇ ପାରି ନଥାନ୍ତା, ଏବଂ ସେ ସମ୍ପତ୍ତି ଆର ପାରିରେ ତୁମକୁ ସ୍ୱର୍ଗସୁଖ ଦେଇପାରି ଥାଆନ୍ତା । ଏତିକି କହି ନାଉରୀଆ ଚୁପ୍ ହୋଇଗଲା ।

ନାଉରୀଆର କଥା ଶୁଣି ଦିଗମ୍ବର ନିଜ ମଥାରେ ହାତବାଡେଇ ତଳେ ଥକା ମାରି ବସିଗଲେ । କହିଲେ ହେ ନାଉରୀଆ ଆପଣ ଠିକ୍ କହିଲେ । ମଣିଷ ତାର ଜୀବନରେ ଭାଗ୍ୟର ଫଳ ନୁହେଁ ନିଜ କର୍ମର ଫଳ ହିଁ ଭୋଗିଥାଏ । ଆପଣ ମୋର ଆଖି ଖୋଲିଦେଲେ । ହେଲେ ମୁଁ ହତଭାଗା, ଆଜି ନିଜକୁ ସୁଧାରିବା ପାଇଁ ମୋ ପାଖରେ ତିଳେ ବି ସମୟ ବଳକା ନାହିଁ । ହେ ନାଉରୀଆ, ହେ ପରମ ମହାଜ୍ଞାନୀ, ଆପଣ ଜଣେ ସାମାନ୍ୟ ନାଉରୀଆ ହୋଇ ନପାରନ୍ତି । ଆପଣ ଦୟାକରି ମୋତେ ନିଜ ପରିଚୟ ଦିଅନ୍ତୁ, ଆପଣ କିଏ ?

ନାଉରୀଆ କହିଲା ସମସ୍ତେ ଭାବନ୍ତି ମୁଁ ସମସ୍ତଙ୍କର ପରମ ଶତ୍ରୁ, ମୁଁ ବିକରାଳ ମୁହଁ ଦେଖାଇ ଅଟ୍ଟହାସ୍ୟ କରେ । ମୁଁ ସମସ୍ତଙ୍କୁ ସେମାନଙ୍କର ପ୍ରିୟଜନଙ୍କୁ ଛଡେଇନେଇ ସେମନଙ୍କୁ ଦୁଃଖ ସାଗରରେ ଭସାଇ ଦିଏ । କିନ୍ତୁ ଯିଏ ବି ମୋତେ ଥରେ ଦେଖିଛି, ଯିଏ ମୋତେ ଥରେ ଜାଣିଛି, ସିଏ ତ କେବେ ବି ଫେରି ଯାଇ ପାରିନି ତେବେ ଏତେକଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତଙ୍କୁ କିଏ କହିଲା । ହେ ବନ୍ଧୁ, ମୁଁ ତୁମ ଜନ୍ମଦିବସର ପ୍ରଥମ ଦିନରୁ ପ୍ରତି ମୁହୁର୍ତ୍ତରେ ତୁମ ସାଥିରେ ଅଛି । ତୁମେ ମୋତେ ଦେଖି ପାରୁନ, କେବେ ଦେଖିବାକୁ ବି ଚାହୁଁନ । କେହି ମୋତେ ଭଲ ପାଏନା । ଶୁଣା କଥାରେ ବିଶ୍ୱାସ କରି ସମସ୍ତେ ମୋତେ ସତରେ କେତେ ଘୃଣା କରନ୍ତି ! ମୁଁ ତୁମ ପାଇଁ ଯେପରି ଆସିଛି, ସମସ୍ତଙ୍କ ପାଇଁ ଦିନେ ନା ଦିନେ ସେହିପରି ଠିକ୍ ସମୟରେ ଆସିବି । ନା' ସମୟର ଆଗରୁ ଆସିବି ନା' ପଛରେ, ମୂହୁର୍ତ୍ତକର ଫରକ ବି ରହିବନି ।

ସମସ୍ତେ ଦିନେ ମୋ ସାଥିରେ ଏଇ ଶୂନ୍ୟତାର ସଂସାରକୁ ଆସିବେ । ଏଇ ଶୂନ୍ୟତାର ସଂସାର ପରମ ଆନନ୍ଦରେ ପରିପୂର୍ଣ୍ଣ । ନା' ଏଠି କଷ୍ଟ ଅଛି, ନା' ଲୁହ' ନା' ହସର ଜୁଆର ଅଛି । ଆସକ୍ତିର ବହୁ ଦୂରରେ ନିରାସକ୍ତର ଏଇ ଦୁନିଆ, ନା ଏଠି ସମ୍ପର୍କ ଥାଏ, ନା କେହି ବନ୍ଧୁ ନା କେହି ଶତ୍ରୁ, ନା କିଛି ମାୟାର ବନ୍ଧନ ଥାଏ । ନିର୍ମାୟା, ନିର୍ଲିପ୍ତ, ଅନାଶକ୍ତର ଏଇ ମୋର ସଂସାର । ଲୋଭ ନାହିଁ, ହିଂସା ନାହିଁ, ପ୍ରେମ ନାହିଁ କିମ୍ବା ବିରହ ଜନ୍ତ୍ରଣା ବି ନାହିଁ । ଏଇଠି କାହାର ଶରୀର ନାହିଁ, ରୂପ ନାହିଁ, ଯୌବନ ନାହିଁ, ବୟସର କିଛି ଫରକ ନାହିଁ, କାମ କାମନାର ଜ୍ୱଳନ, କ୍ଷୁଧା, ତୃଷା ଲୋଭ ଅଂହକାର କିଛିବି ନାହିଁ । ଏଇଠି ନା' ଜନ୍ମ ଅଛି ନା' ପୁଣି ଥରେ ମୃତ୍ୟୁର ଭୟ ଅଛି । କିଛି ନାହିଁର ଏଇ ମୋର ଦୁନିଆ । ଏଇ ଶୁନ୍ୟତାରେ ନିରାନନ୍ଦ, ନିରାଶକ୍ତ ନିର୍ଲିପ୍ତତାର ପରମାନନ୍ଦକୁ ସମସ୍ତେ କାହିଁକି ଏତେ ଡରନ୍ତି କେଜାଣି ? ମୁଁ ସମସ୍ତଙ୍କୁ ପରମ ଶାନ୍ତି ପ୍ରଦାନ କରିଥାଏ, ସଂସାରର ସମସ୍ତ ଦୁଖ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ମୁଁ ଆଉ କେହି ନୁହେଁ, ମୁଁ ସମସ୍ତ ଜୀବ ଜଗତର ପରମ ମିତ୍ର 'ମୃତ୍ୟୁ' !

ଥରେ ଦେଖାହେଲା ପରେ, ତୁମେ ମୋର ହୋଇଯିବ ଆଉ ମୁଁ ତୁମର ହୋଇଯିବି । ଏବଂ ତୁମ, ମୋ ମଝିରେ ଆଉ କେହି ବି ନଥିବ । ମୋ ନିବିଡ ବାହୁ ବନ୍ଧନରୁ ନା ତୁମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇ ପାରିବ ନା ତୁମେ ଯିବାକୁ ଚାହିଁବ । କେବଳ ମୁଁ ହିଁ ସମସ୍ତ କଷ୍ଟରୁ ମୁକ୍ତି, ସମସ୍ତ ମାୟା ବନ୍ଧନରୁ ମୁକ୍ତି ଦେଇପାରେ ।

ଦିଗମ୍ବର ହାତଯୋଡି ମୃତ୍ୟୁଙ୍କୁ ପ୍ରଣାମ କରି କହିଲେ, ହେ ପରମ ମିତ୍ର, ମୋତେ ଯଦି ଆଉ ଥରେ ମାନବ ଜନ୍ମ ମିଳେ ମୁଁ ମାଟିର ମାଠିଆଟିଏ ପରି ହେବାକୁ କାୟା ମନ ବାକ୍ୟରେ ସମ୍ପୂର୍ଣ୍ଣ ଚେଷ୍ଟାକରିବି । ମୁଁ ଆଜି ମୋର ସମସ୍ତ ସମ୍ପତ୍ତି ଏଇଠି ଛାଡି ରିକ୍ତ ହସ୍ତରେ ଆପଣଙ୍କ ସହିତ ଯିବାପାଇଁ ପ୍ରସ୍ତୁତ । ଆପଣ ମୋତେ ଆପଣଙ୍କର ଶରଣରେ ନିଅନ୍ତୁ । ମୃତ୍ୟୁ ନିଜର ବାହୁ ପଶାରୀ ଦିଗମ୍ବରଙ୍କୁ ଆପଣାର ନିବିଡ ବାହୁବନ୍ଧନରେ କୁଣ୍ଢେଇ ଧରିଲେ । (ଗଳ୍ପଟି ମୋ କବିତା "ମୃତ୍ୟୁ"ର ଛାୟାରେ ଲିଖିତ) ।

ପଟିଆ, ଭୁବନେଶ୍ୱର, ଓଡିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ ନାହିଁ ଯାହାର



ସୁଷମା ପରିଜା

କଟକ ଜିଲ୍ଲାର ଛୋଟିଆ ଗାଁଟିଏ ବ୍ରାହ୍ମଣ ସାଇଲୋ । ସହର ତଳିଆ ଗାଁଟି ଖୁବ୍ ବଡ ନହେଲେ ବି ପାଞ୍ଚଶହ ପରିବାର ବାସ କରନ୍ତି ସେ ଗାଁରେ । ଗାଁ ମଝିରେରେ ଅଛନ୍ତି ସପନେଶ୍ୱର ମହାଦେବ, ଖୁବ ପ୍ରତ୍ୟକ୍ଷ ଦେବତା । ଗାଁ ମୁଣ୍ଡରେ ଅଛନ୍ତି ଗ୍ରାମଦେବତୀ ମା'ଭୁଆଷୁଣୀ । ବିରାଟ ଏକ ବରଗଛ ମୂଳେ ଛୋଟ ଚାନ୍ଦିନୀଟିଏ, ତା'ରି ଉପରେ ମାଆଙ୍କ ଆସ୍ଥାନ । ବର ଓହଳରେ ଛାଇ ହୋଇଛି ସ୍ଥାନଟି । କେଜାଣି କେଉଁ କାଳରୁ ଅଛି ଏଇ ବରଗଛଟି ଗାଁ ମୁଣ୍ଡରେ, ତା'ର ହିସାବ କେହି କହିପାରନ୍ତି ନାହିଁ, କିନ୍ତୁ ମାଆ ଭୁଆଷୁଣୀ କେମିତି ଆସି ଏଠି ପ୍ରତିଷ୍ଠିତ ହେଲେ ସେ ବିଷୟରେ ନାନାଦି ଲୋକ କଥା ଶୁଣିବାକୁ ମିଳେ । କୃଷ୍ଣା ତା'ର ଜେଜେମା'ଙ୍କ ପାଖରୁ ଶୁଣିଥିଲା କାଳେ ଜଣେ ସିଦ୍ଧ ସାଧକ ଜଗନ୍ନାଥ ଦର୍ଶନ କରିବା ଲାଗି ଏଇ ବାଟ ଦେଇ ପୁରୀଧାମ ଯିବାବାଟରେ ତାଙ୍କର ଶରୀର ଖୁବ୍ ଅସୁସ୍ଥ ହୋଇ ପଡିଲା, ଭୀଷଣ ଜ୍ୱରରେ ଅଚେତ ହୋଇ ଏଇ ବରଗଛ ମୂଳେ ସେ ପଡି ରହିଲେ । ରାତିଅଧରେ ଜଣେ ସ୍ତ୍ରୀଲୋକ ଆସି ତାଙ୍କୁ ପାଣିଛାଟି ଉଠାଇଲେ, ତାଙ୍କ ଦେହ ମୁଣ୍ଡ ଆଉଁସିଦେଇ କହିଲେ, "ନେ, ନେ, ଏଇ ଭୋଗ କଦଳୀଟି ଖାଇଦେ, ଦେଖିବୁ ସକାଳକୁ ତୋର ଶରୀର ସଂପୂର୍ଣ୍ଣ ଆରୋଗ୍ୟ ହୋଇଯିବ, ତୁ ଖୁସିରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯିବୁ ।" ନିଦ ମଳମଳ ହୋଇ ସାଧୁ ଜଣକ ସେଇ ଭୋଗ କଦଳୀଟି ଖାଇଦେଇ ପୁଣି ଶୋଇ ପଡିଲେ । ପରଦିନ ସକାଳୁ ଉଠି ଦେଖିଲା ବେଳକୁ ତାଙ୍କର ଶରୀର ସଂପୂର୍ଣ୍ଣ ଆରୋଗ୍ୟ ହୋଇଯାଇଛି । ସେ ଉଠିପଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିଆଡକୁ ଆଖି ପକାଇ ଖୋଜିଲି ସ୍ତ୍ରୀଲୋକ ଜଣଙ୍କୁ । ହେଲେ ପାଇଲେନି । ସେଠି ଆଖପାଖରେ ଗାଁଗଣ୍ଡା ମଧ୍ୟ କିଛି ନଥିଲା । ସାଧୁ ଆଶ୍ଚର୍ଯ୍ୟ ହେଲେ ଜନମାନବ ଶୂନ୍ୟ ଏମିତି ଗୋଟିଏ ଅପନ୍ତରା ଯାଗାରେ ସ୍ତ୍ରୀଲୋକଟି କୁଆଡୁ ଆସିଲା ଆଉ ଅଯାଚିତ ଭାବରେ ତାଙ୍କର ସେବା ଶୁଶ୍ରୁଷାକରି ତାଙ୍କ ଦେହ ଭଲ କରିଦେଲା । ତାଙ୍କର ହୃଦ୍‌ବୋଧ ହେଲା ଯେ ନିଶ୍ଚୟ କୌଣସି ଐଶ୍ୱରିକ ଶକ୍ତି ଅଛି ଏଇ ବରଗଛ ମୂଳରେ ଯିଏ ତାଙ୍କର ଜୀବନ ରକ୍ଷା କରିଛି । ସେଇଠୁ ସାଧୁଜଣକ ଆଉ ଜଗନ୍ନାଥ ଦର୍ଶନ କରିବାକୁ ନ ଯାଇ ଆଖପାଖରେ ଥିବା ଗାଁର କିଛି ଲୋକଙ୍କୁ ମଧ୍ୟ ଡକାହକା କରି ସବୁ କଥା କହି ସାଥିରେ ଧରି ଆସି ସେଇ ଅପନ୍ତରା ଯାଗାରେ ପିଣ୍ଡିଟିଏ ତିଆରି କରି ସେଇ ବଣଦେବୀଙ୍କୁ ସ୍ଥାପନା କରି ମା ଭୂଆଷୁଣୀ ନାମ ଦେଇ ପୂଜା ଆରାଧନା କଲେ । ସେଇଦିନ ଠାରୁ ମାଆ ସେଇ ପିଣ୍ଡିରେ ପୂଜା ପାଇ ଆସୁଛନ୍ତି । ସାଧୁ ମହାତ୍ମାଙ୍କର ଦେହାନ୍ତ ହୋଇଗଲାଣି କୋଉ କାଳରୁ । ହେଲେ ଗାଁଲୋକଙ୍କ ଭରସା ତୁଟିନି ମା'ଙ୍କ ଉପରୁ । ମା'ଙ୍କର ପୂଜାର୍ଚ୍ଚନା ଚାଲିଛି ଗ୍ରାମବାସୀଙ୍କ ଦ୍ୱାରା । ଗାଁର ପିଲାଠାରୁ ବୁଢାଯାଏଁ ସମସ୍ତେ ସେଇ ଭୁଆଷୁଣୀ ମା'ଙ୍କୁ ଡାକ ପକାନ୍ତି ସବୁ ବିପଦ ଆପଦରେ ।

କୃଷ୍ଣାର ମାଆ ମରିଗଲା ପରେ ଲୋକମାନେ ତାକୁ କୋକେଇରେ ସଜେଇ, ଅହ୍ୟ ଡେଙ୍ଗୁରା ବଜେଇ ବଜେଇ, କାନ୍ଧରେ ବୋହିନେଇ ଯାଇଥିଲେ ଏଇ ବାଟ ଦେଇ ଗାଁ ମଶାଣିକୁ । ପାଞ୍ଚବର୍ଷର କୃଷ୍ଣା ସେତେବେଳେ ବୁଝିପାରି ନଥିଲା ତା' ମାଆ କାହିଁକି ଏମିତି ତଳେ ଶୋଇ ରହିଛି, ଡାକିଲେ ବି ଉଠୁନି, ତା' ବାପା ସଦାନନ୍ଦ କାହିଁକି ଏମିତି ମୁଣ୍ଡ ପୋଡି କାନ୍ଦୁଛି, କେବଳ ଏତିକି ଜଣାଥିଲା ଯେ ତା' ମାଆ କାଲେ ଆଉ ମୋଟେ ସେ ନିଦରୁ ଉଠିବନି, ତା'ର ସାନ ଭଉଣୀଟିଏ ଜନ୍ମକରି ସେ ମରିଯାଇଛି, ତା' ସାଥିରେ ସେ ନାହିଁ ନାଡ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଥିବା ପିଲାଟି ମଧ୍ୟ ମରି ଯାଇଛି । ମାଆ ଆଉ କେବେ ବି ଉଠିବନି କି ତା'କୁ କୋଳରେ ବସେଇ ଗେଲ କରିବେନି, ତା' ଚୁଟି ବାନ୍ଧିଦେଇ ପାଉଡର କି ଟିକିଲି ଲଗେଇ "ମୋ ରାଣୀ" ବୋଲି କହି ଛାତିରେ ଚାପି ଧରିବନି, ସେ ସବୁଦିନ ପାଇଁ ଚାଲି ଯାଇଛି ଆକାଶରେ ତାରା ହେବାଲାଗି, ସେ ସେଇଠି ରହି କୃଷ୍ଣାକୁ ଦେଖିବ କିନ୍ତୁ କୃଷ୍ଣା ଆଉ କେବେବି ତା'କୁ ଦେଖି ପାରିବନି । ତା'କୁ ଭାରି ରାଗ ଆସୁଥିଲା ଏଇ ଲୋକମାନଙ୍କ ଉପରେ, ତା' ବାପାଙ୍କ ଉପରେ, କାହିଁକି ସେଇ ଲୋକମାନଙ୍କୁ ସେ କିଛି କହୁ ନାହାଁନ୍ତି, ସେମାନେ ଟଣାଓଟରା କରି ମାଆଙ୍କୁ ଦୁଆର ମଝିରେ ବସେଇ ନାନା ପ୍ରକାରେ ସଜବାଜ କରି, ନୂଆଲୁଗା ପିନ୍ଧେଇ କୋକେଇରେ ଶୁଆଇ ନେଇଗଲେ ଗାଁ ମଶାଣିକୁ । ତା' ବାପା ଆଗରେ ଚାଲୁଥିଲେ ଖଇ କଉଡି ଆଉ ଖୁଚୁରା ପଇସା ବିଞ୍ଚି ବିଞ୍ଚି, ଗାଁର ପିଲାମାନେ ଧାଇଁଥିଲେ ସେମାନଙ୍କ ପଛରେ, ଗୋଟାଏ ପ୍ରତିଯୋଗିତା ଲାଗିଲା ଭଳି ସେଇ ଖୁଚୁରା ପଇସାକୁ ଗୋଟେଇବା ଲାଗି । ସେ ବି ଧାଇଁଥିଲେ ସେମାନଙ୍କ ସହିତ, ହେଲେ ଗାଁର କୁସୁମ ଦେଠେଇ ତା'କୁ ଧରିପକାଇ ବାରଣ କରିଥିଲେ ସେ ପଇସା ଉଠାଇବା ପାଇଁ ।

କୋଳେଇ ନେଇ ଦି ଆଖିରୁ ଲୁହପୋଛି ଦେଇ ପାଖରେ ବସାଇଲେ, କହିଲେ ଆଜିଠାରୁ ତୁ ମାଆଛେଉଣ୍ଡ ହେଲୁ ଲୋ ଧନ, ଆଉ ତୋ ମାଆକୁ ଖୋଜିବୁ ନାଇଁ । ତୋ ମାଆ ଆକାଶର ତାରା ହୋଇଯାଇଛି । ସେ ଆଉ ଏଠିକି ଆସି ପାରିବ ନାହିଁ । ଏବେ ତୁ ତୋ' ବାପାଙ୍କ ପାଖରେ ହିଁ ରହିବୁ । ସେ ଯାହା ଯେମିତି ଚଳେଇବେ, ଚଳିବୁ, ଅଝଟ ହେବୁନି, ସମୟ ବଡ ବଳବାନଲୋ ଝିଅ, ତତେ ଆପେ ଆପେ ସବୁ ଶିଖାଇ ଦେବ । କୃଷ୍ଣା କିଛି ବୁଝିପାରୁ ନଥିଲା, ତା' ମୁଣ୍ଡରେ କିଛି ପଶୁ ନଥିଲା, କ'ଣ କହୁଛି କୁସୁମ ଦେଠେଇ, ତେବେ ସେ ତାଙ୍କ ସ୍ୱରରେ ଗୋଟିଏ ଅହେତୁକ ଦୁଃଖର ଛାୟା ଅନୁଭବ କରି ପାରୁଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଦି ଚାରିଜଣ ମାଇପି ମଧ୍ୟ ଆସି ଯୋଗ ଦେଇଥିଲେ କୁସୁମ ଦେଠେଇଙ୍କ ସାଥିରେ, କୁହାକୁହି ହେଉଥିଲେ, "ବିଚାରୀ କୃଷ୍ଣାର ଭାଗ୍ୟଟା ଖରାପ, ପିଲାଟି ଦିନରୁ ମା'କୁ ଖାଇଲା, ଭେଣ୍ଡିଆ ବାପଟା କେତେ ଦିନ ଏକା ଏକୁଟିଆ ଘର ଚଳେଇବ ଏଇ ବକଟେ ଝିଅକୁ ଧରି । ହାତକୁ ଦିହାତ ନ ହେଲେ ତା' ଘର ଚଳିବ କିପରି ? ବାପ ଝିଅ ଦିଇଟା ଫୁଟେଇ ବି ଖାଇବେ କେମିତି ? କେଡେ ଗେଲବସରରେ ଯମୁନା ବଢେଇଥିଲା ଝିଅଟିକୁ ଆଉ ସାବତ ମାଆଟିଏ ଆସିଲେ କ'ଣ ହେବ କେଜାଣି ? ସବୁକଥା ଶୁଣି ଶୁଣି କୃଷ୍ଣା ଡରି ଯାଉଥିଲା, ସେ ଭାବୁଥିଲା ଆଗକୁ କିଛି ସାଙ୍ଘାତିକ ବିପଦ ଆସୁଛି, ଯାହା ତା'କୁ ଭୟଭୀତ କରି ପକାଉଥିଲା । ସେ କୁସୁମ ଦେଠେଇଙ୍କ ହାତକୁ ଛିଞ୍ଚାଡି ଦେଇ ଦୌଡି ଦୌଡି ପଳେଇଗଲା ସେଇ ଗାଁମୁଣ୍ଡରେ ଥିବା ମାଆ ଭୁଆଷୁଣୀଙ୍କ ପିଣ୍ଡି ଉପରକୁ । ଆଜି ଯାଏ ସେ ଦେଖି ଆସୁଥିଲା ଗାଁରେ ଯାହାର ଯାହା ଅସୁବିଧା ହେଲେ ଏଇ ପିଣ୍ଡି ଉପରକୁ ଆସି ମା'ଭୁଆଷୁଣୀଙ୍କୁ ଗୁହାରି କରନ୍ତି । ମା' କୁଆଡେ ଭକ୍ତର କଷ୍ଟ ସହି ପାରନ୍ତି ନାହିଁ, ସେ ଯାହା ଯେମିତି କରି ତାଙ୍କୁ ବିପଦରୁ ଉଦ୍ଧାର କରନ୍ତି, ତେଣୁ ନିଜର ଦୁଃଖ ମା'କୁ ଜଣେଇବା ଲାଗି ସେ ଆଜି ଛୁଟି ଆସିଛି ମା' ପାଖକୁ । ଦୁଇ ଆଖି ବନ୍ଦ କରି ହାତଯୋଡି ମା'ଙ୍କ ସାମନାରେ ଠିଆ ହେଲା କୃଷ୍ଣା । କ'ଣ କହିବ ନ କହିବ କିଛି ତା'ମୁଣ୍ଡରେ ପଶିଲାନି, ଖାଲି କହିଲା, "ମୋ ମାଆକୁ ଫେରେଇଦେ ମା', ତା' ବିନା ମୁଁ ବଞ୍ଚିପାରିବିନି ।" ଏତିକି କହି ନୀରବରେ ମା'ଙ୍କ ମୁହଁକୁ ଚାହିଁରହିଲା, ତା'ଆଖିରୁ ଧାର ଧାର ଲୁହ ବୋହି ଗାଲ ଉପର ଦେଇ ଜାମା ଓଦା ହେବାରେ ଲାଗିଲା । ସେମିତି କାନ୍ଦି କାନ୍ଦି ସେଇଠି ଶୋଇ ପଡିଲା ସେ ।

ଶବ ସତ୍କାର କରି ଘରକୁ ଫେରି କୃଷ୍ଣାକୁ ଖୋଜିଲା ସଦାନନ୍ଦ । ଘରେ, ବାହାରେ, ଗୁହାଳରେ, ଖଳାରେ, ସବୁଆଡେ ଖୋଜି ପକାଇଲା, କୋଉଠି ନାହିଁ କୃଷ୍ଣା । ମନକୁ ପାପ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୁଇଁଲା, କୋଉଠି କିଛି ଅସୁବିଧା ହେଲା କି ? ଝିଅଟା ତା' ମାଆକୁ ଧରି ଖୁବ୍ କାନ୍ଦିକାନ୍ଦି ଅଥୟ ହେଉଥିଲା ସେମାନେ ଶବ ନେଇ ଶ୍ମଶାନକୁ ଗଲା ବେଳକୁ । ଗାଁର ସ୍ତ୍ରୀଲୋକ ମାନେ ତା'କୁ ବୁଝାଶୁଝା କରୁଥିଲେ, ସଦାନନ୍ଦଙ୍କର ମନେ ପଡିଲା ତାଙ୍କ ଲେଖାଯୋଖାରେ ଭାଉଜ ଲାଗିବେ କୁସୁମ ନୂଆ'ଉ, ସେଇ କୋଳରେ ଧରିଥିଲେ କୃଷ୍ଣାକୁ । ତା'ପରଠାରୁ ସେ ଆଉ ଧ୍ୟାନଦେଇ ନାହାଁନ୍ତି କୃଷ୍ଣା ଉପରେ । ଦୌଡିଗଲେ ସଦାନନ୍ଦ କୁସୁମ ନୂଆଉଙ୍କ ପାଖକୁ । ପଚରା ଉଚରା କରୁକରୁ ଜାଣିଲେ ଯେ ସେମାନଙ୍କ ହାତ ଛାଟିଦେଇ ସେ ଧାଇଁ ପଳାଇଥିଲା ଗାଁମୁଣ୍ଡରେ ଥିବା ଭୁଆଷୁଣୀ ମା'ଙ୍କର ପିଣ୍ଡି ଆଡକୁ । ସେତିକି ବେଳୁ ଆଉ କେହି ଦେଖି ନଥିଲେ ତା'କୁ । ଧଇଁସଇଁ ହୋଇ ଧାଇଁଲେ ସଦାନନ୍ଦ ଗାଁମୁଣ୍ଡରେ ଥିବା ଭୁଆଷୁଣୀ ମାଙ୍କ ପିଣ୍ଡିକୁ । ସେଇଠି ଦେଖିଲା ବେଳକୁ ନିସ୍ତେଜ ହୋଇ ପଡିରହିଛି କୃଷ୍ଣା । ହାଲହୋଳି କରି କାନ୍ଦି ଉଠିଲେ ସଦାନନ୍ଦ । ମୋ ଝିଅର କ'ଣ ହେଲା, କ'ଣ ହେଲା ବୋଲି କୋଳରେ ଧରି ପାଣି ଛାଟି ସାଷ୍ଟମ କଲେ । ତାଙ୍କର ପାଟିଶୁଣି ଗାଁର କିଛି ଲୋକ ଆସି ରୁଣ୍ଡହେଲେ ସେଠାରେ । ଧରାଧରି କରି କୃଷ୍ଣାକୁ ଘରକୁ ଆଣି ସେବାଶୁଶ୍ରୁଷା କରିବାର କିଛି ସମୟପରେ ଚେତା ଫେରିଲା କୃଷ୍ଣାର । ମୋ ବୋଉ କୁଆଡେ ଗଲା, ତା'କୁ ଲୋକମାନେ କାହିଁକି ନେଇଗଲେ କହି ବୋବାଳି ଛାଡି ପୁଣି ମୂର୍ଚ୍ଛା ହୋଇଗଲା ସେ । ସଦାନନ୍ଦ କ'ଣ କରିବେ, କେମିତି ଝିଅକୁ ଭଲ କରିବେ, କ'ଣ କହି ତା'କୁ ବୁଝେଇବେ କିଛି ଭାବି ପାରୁ ନଥାନ୍ତି । ଝିଅଟିକୁ କୋଳରେ ଧରି କାନ୍ଦୁଥାଆନ୍ତି । ସାହି ପଡିଶାଏ ଏକତ୍ରିତ ହେଲେ, ସଦାନନ୍ଦଙ୍କ ଏମିତି ଅବସ୍ଥା ଦେଖି ଆହାଃ ଚୁ ଚୁ କଲେ, ଗାଁର ମୁରବୀ ଶ୍ରେଣୀୟ ବ୍ୟକ୍ତିମାନେ କହିଲେ ମାଆକୁ ହରେଇ ଝିଅଟା ଭାଙ୍ଗି ପଡିଛି । ଛୋଟପିଲା, ଏତେବଡ ଧକ୍କା ସମ୍ଭାଳି ପାରୁନି । ସଦାନନ୍ଦ ତ କାମକାଜି ଲୋକ, ଦିନେ କାମକୁ ନ ଗଲେ ହାଣ୍ଡି ଚୁଲି ଉପରକୁ ଯିବନି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ସମ୍ଭାଳିବ ସଂସାର । ବରଂ ପ୍ରଥା ଅନୁଯାୟୀ ସେ ତା'ର ସ୍ତ୍ରୀର କ୍ରିୟାକର୍ମ ସରିଲାପରେ ଦ୍ୱିତୀୟ ବିବାହ କରୁ । ଆମେ ସବୁ ବୁଝାବୁଝି କରି ପାଖଆଖ ଗାଁରୁ ଝିଅଟିଏ ଦେଖି ତା'କୁ ହାତକୁ ଦିହାତ କରିଦେବା । ସ୍ତ୍ରୀଲୋକଟି ଆସିଗଲେ ସଦାନନ୍ଦର ଘର ଆଉ ତା' ଝିଅ ଉଭୟଙ୍କୁ ରକ୍ଷଣାବେକ୍ଷଣ କରିବ ।

ସଦାନନ୍ଦ ବି ଭାବି ଦେଖିଲେ, କଥାଟି ଠିକ୍ । ସିଏ ଏକୁଟିଆ ଲୋକ କାମକୁ ଯିବେ ନା ଝିଅକୁ ଧରି ଘରେ ବସିବେ ? ଆଜିକାଲି ଯେଉଁ ପରିସ୍ଥିତି ଛୋଟିଆ ଝିଅଟିକୁ ମଧ୍ୟ ଘରେ ଏକା ଏକୁଟିଆ ଛାଡିଦେଇ ଯିବା ବିପଜ୍ଜନକ । ବାହାରକୁ ନ ଗଲେ ସେ ଖାଇବେ କ'ଣ, କୃଷ୍ଣାକୁ ଖୁଆଇବେ କ'ଣ ? ଘର ଚଳିବ କେମିତି ? ଖଟିଖିଆ ଘରେତ କାନ୍ଧଅଲଗୁଣି, ପେଟ ଅମାର । କୋଉ ବଳକା ଅଛି ଯେ ବର୍ଷେ ଛଅ ମାସେ ଚଳିଯିବେ । ସବୁ ଆଡକୁ ଭାବିଚିନ୍ତି ସେ ଗାଁ ମୁରବୀମାନଙ୍କୁ ସମ୍ମତି ଦେଲେ ଦ୍ୱିତୀୟ ବିବାହ ପାଇଁ । ଯମୁନାଙ୍କ କ୍ରିୟାକର୍ମ ସରିଲାର ପାଞ୍ଚଦିନ ପରେ ପାଖଗାଁର ଝରି ଖଟୁଆଙ୍କ ଝିଅ ସୁଲୋଚନା ସହିତ ଗାଁ ମନ୍ଦିରରେ ଦ୍ୱିତୀୟ ବିଭାଘର ହୋଇଗଲା ସଦାନନ୍ଦଙ୍କର । ସୁଲୋଚନା ବାପଘରୁ ଦାରୁଣ ଅଭାବ ଅନାଟନ ଭିତରେ ପେଷି ହୋଇଥିଲା, ନିଜର ସାତୋଟି ସାନ ସାନ ଭାଇଭଉଣୀ ମାନଙ୍କୁ ପାଳି ପୋଷି ବଢେଇଥିଲା, ତେଣୁ ସେ ସମସ୍ତଙ୍କ କଥାମାନି କୃଷ୍ଣାକୁ ନିଜର ଝିଅ ଭାବରେ ଆନନ୍ଦରେ ଗ୍ରହଣ କରିନେଲା । ସଦାନନ୍ଦ ଦିନ ମଜୁରୀ ଲାଗି ଯାହା ଆଣୁଥିଲେ ସେଥିରେ ତିନି ପ୍ରାଣୀ କୁଟୁମ୍ବ ଖୁବ୍‌ଖୁସିରେ ଚଳୁଥିଲେ । କୃଷ୍ଣାକୁ ସ୍ନେହ ଆଦରରେ ଆପଣେଇ ନେଇଥିଲା ସୁଲୋଚନା । ଧୀରେ ଧୀରେ ନିଜର ମାଆକୁ ଭୁଲି କୃଷ୍ଣା ଆଦରି ନେଇଥିଲା ସୁଲୋଚନାକୁ । ସଦାନନ୍ଦ ମାଆ ଝିଅଙ୍କର ଏମିତି ସ୍ନେହଭାବ ଦେଖି ମନରେ ଖୁବ୍‌ଖୁସି ହେଉଥିଲେ ଏବଂ ସୁଲୋଚନା ପ୍ରତି ତାଙ୍କର ସ୍ନେହ ଭାବ ବଢି ବଢି ଚାଲିଥିଲା ।

ଆହ୍ୱାନ ଇ-ପତ୍ରିକା

କଥାରେ ଅଛି ସବୁବେଳେ ସବୁ ସୁଖ ଦଇବ ସହେନା । କୃଷ୍ଣାକୁ ଆଠବର୍ଷ ହେଲାବେଳକୁ ସୁଲୋଚନା ପୁତ୍ର ସନ୍ତାନଟିଏ ଜନ୍ମ ଦେଲା । ବାପା ସଦାନନ୍ଦ ଆଉ ମାଆ ସୁଲୋଚନାଙ୍କର ସବୁ ସ୍ନେହ ଆଦର ଅଜାଡି ହୋଇପଡିଲା ପୁଅ ଉପରେ । କୋମଳମତି ଶିଶୁ କୃଷ୍ଣା ଭାବିଲା ବାପା ମାଆ ତା'କୁ ଆଉ ଆଗଭଳି ଭଲ ପାଉ ନାହାଁନ୍ତି । କାରଣ ଦିନରାତି ଚବିଶିଘଣ୍ଟା ମାଆ ସହିତ ଯୋଡିହୋଇ ରହୁଥିବା କୃଷ୍ଣାକୁ ଆଉ ସେତିକି ସମୟ ଦେଇ ପାରୁନଥିଲା ସୁଲୋଚନା । ସଦାନନ୍ଦ ବି ପୁଅହେବା ପରେ ଆଗଭଳି କାମରୁ ଆସି କୃଷ୍ଣାକୁ ଧରି ଗେଲ କରି ପକାଉ ନଥିଲା । ସେ ଆଗ ପୁଅକୁ ଧରି ଗେଲ କରୁଥିଲା, ପୁଅ ପାଇଁ ନୂଆ ନୂଆ ଖେଳନା ସବୁ ଆଣୁଥିଲା । କୃଷ୍ଣାର ଛୋଟ ମୁଣ୍ଡରେ କେମିତି ଗୋଟାଏ ଅଲଗା ଅସହିଷ୍ଣୁ ଭାବ ବସା ବାନ୍ଧୁଥିଲା ସାନ ପୁଅଟି ବିରୁଦ୍ଧରେ । ଏବେ ସେ ଚାହିଁଲେ ବି ତା'କୁ ପୂର୍ବ ସ୍ନେହଆଦର କରି ପାରୁ ନଥିଲା । ମନେମନେ ଭାବୁଥିଲା ସେ ତା'ର ଶତ୍ରୁ ବୋଲି । ଅଯଥାଟାରେ ଆସି ତା' ସ୍ନେହରେ ଭାଗ ବସାଉଛି ବୋଲି । ଦିନକୁ ଦିନ ଅଝଟିଆ ହୋଇ ଉଠୁଥିଲା କୃଷ୍ଣା । କେବେ କେବେ ଲୁଚିଲୁଚି କୁନିପୁଅର ଖେଳନା ସବୁ ନେଇ ଭାଙ୍ଗି ଫୋପାଡି ଦେଉଥିଲା, ପୁଅକୁ ଚୁମୁଟା ଚୁମୁଟି କରି ଦେଉଥିଲା । ଆଉ ଧରା ପଡିଗଲା ବାପାମାଆଙ୍କ ଠାରୁ ମାଡ ବି ଖାଉଥିଲା । ମାଡ ଖାଇବା ପରେ ଆହୁରି ଅଧିକ ରାଗ ଆସୁଥିଲା କୃଷ୍ଣାର ମନରେ । ନିଜ ମନର କୋହକୁ ଛାତି ଭିତରେ ଚାପି ରଖି ସେ ଘୃଣା କରିବା ଲାଗି ଆରମ୍ଭ କରିଥିଲା ସାନଭାଇ ସରୋଜକୁ । କୃଷ୍ଣାକୁ ଥରେ ଦି ଥର ବୁଝେଇବାକୁ ଚେଷ୍ଟା କରିଥିଲେ ସଦାନନ୍ଦ ଆଉ ସୁଲୋଚନା କିନ୍ତୁ କୃଷ୍ଣାର ମନରେ ବାନ୍ଧି ରହିଥିବା ଘୃଣା ବଢିବଢି ଚାଲିଥିଲା ସିନା କମିବାର ନାଁ ନେଉନଥିଲା । ଏବେ ସବୁ କଥାରେ ସେ ଜିଦ୍ ଧରୁଥିଲା, ତା'ର ଏମିତି ଜିଦ୍ ଯୋଗୁଁ ଖୁବ୍ ମାଡ ବି ଖାଉଥିଲା ସୁଲୋଚନାଠାରୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୀରେ ଧୀରେ ସୁଲୋଚନା ମଧ୍ୟ ବିରକ୍ତ ହୋଇ ଯାଉଥିଲା କୃଷ୍ଣାର ଏମିତି ବ୍ୟବହାରରେ । ପ୍ରତ୍ୟେକ ଦିନ କାମରୁ ଫେରିବା ବେଳକୁ ଘରେ ଖିଟ ଖାଟ୍ ଲାଗିଥିବା ଦେଖି ସଦାନନ୍ଦ କେବେ ସୁଲୋଚନାଙ୍କ ଉପରକୁ ତ କେବେ କୃଷ୍ଣା ଉପରକୁ ହାତ ଉଠେଇବାକୁ ପଛାଉ ନଥିଲା । ଏମିତିରେ ବିତିଗଲା ତିନି ଚାରିବର୍ଷ ।

ସେ ବର୍ଷ ଦୋଳ ପୂନେଇଁକୁ ସୁଲୋଚନାର ଗାଁ ସଂପର୍କରେ ଭଉଣୀ ଜଣେ ଶକୁନ୍ତଳା, ବହୁତ ଦିନପରେ ତାଙ୍କର ପରିବାର ଧରି ଆସିଥିଲେ ଗାଁକୁ । ଖୋଜାଲୋଡା କରି ସୁଲୋଚନାକୁ ଦେଖିବାକୁ ଆସିଲେ ତାଙ୍କ ଘରକୁ । ସ୍ୱାମୀ, ସ୍ତ୍ରୀ ଆଉ ଛୋଟପୁଅଟିଏ । ଖୁନବ୍ ସ୍ନେହ ଶ୍ରଦ୍ଧାରେ ବାନ୍ଧି ପକେଇଲେ ସଦାନନ୍ଦଙ୍କର ପରିବାରକୁ । ତାଙ୍କର ଝିଅ ନାହିଁ ବୋଲି କୃଷ୍ଣାକୁ ସ୍ନେହ ଆଦରରେ ପୋତି ପକାଇଲେ । ବହୁତ ଦିନ ହେବ ମାତୃ ସ୍ନେହରୁ ବଞ୍ଚିତ ହୋଇ ରହିଥିବା କୃଷ୍ଣା ବି ଖୁବ୍ ମିଳି ମିଶିଗଲା ସେମାନଙ୍କ ସହିତ ।

ସୁଲୋଚନାର ଭଉଣୀ ଶକୁନ୍ତଳା ଆଉ ତା'ର ସ୍ୱାମୀ ଦିବାକର ଦୁଇଜଣ ଯାକ ଦଣ୍ଡେ ହେଲେ ପାଖ ଛଡାକରୁ ନଥିଲେ କୃଷ୍ଣାକୁ । ଶକୁନ୍ତଳା କେତେବେଳେ ନୂଆ ରିବନ କିଣି ଆଣି ମୁଣ୍ଡ କୁଣ୍ଡାଇ ବେଣୀ ବାନ୍ଧି ଦେଉଥିଲା ତ କେତେବେଳେ ନୂଆ ଚୁଡି, ନେଲ୍ ପଲିସ ଲଗେଇ ସଜବାଜ କରି ଦେଉଥିଲା । ଦିବାକର କେତେବେଳେ ତା'କୁ ଚକୋଲେ୍ ଟିଏ ଆଣି ଦେଉଥିଲା ତ କେବେ ସୁଆଦିଆ ବିସ୍କୁଟ । କୃଷ୍ଣାକୁ ଖୁବ୍ଭଲ ଲାଗୁଥିଲା । ଯେଉଁ ସାତ ଆଠଦିନ ସେମାନେ ତାଙ୍କଘରେ ରହିଲେ କୃଷ୍ଣା ଆଉ ତାଙ୍କ ପାଖ ଛାଡିଲାନି । ଆଗ ଭଳି ଜିଦ କରୁନଥିଲା କି ସବୁ କଥାରେ ଅମାନିଆଁ ହେଉ ନଥିଲା । ତା'ର ଏମିତି ପରିବର୍ତ୍ତନ ଦେଖି ସୁଲୋଚନା କହୁଥିଲା ଶକୁନ୍ତଳାକୁ, “ସିଏ ତତେ ଭଲ ଆଦରି ଗଲାଣିଲୋ ନାନୀ, ନେଇଯା ତା'କୁ ଝିଅ କରି ରଖିବୁ, ତୋ'ର ତ ଝିଅ ନାହିଁ, ନନାଙ୍କର ତ ଭଲ ରୋଜଗାର,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଠଶାଠ ପଢ଼େଇ ବାହାସାହା କରିଦେବେ, ଏଠି ଆମ ନିଅଣ୍ଟିଆ ଘରେ ରହିଲେ କଅଣ ପାଇବ ସେ । ସ୍କୁଲ ଯିବାକୁ ହଜାରେ ନଖରା କାଢ଼ି ନୟାନ୍ତ କରୁଛି ମତେ, ଟିକିଏ ପୁଅକୁ ଧରିଥା କହିଲେ ଚୁମୁଟା ଚୁମୁଟି କରୁଛି ନହେଲେ ଠେଲାପେଲା କରି ପକାଇ ଦେଉଛି । ଭାରି ହଇରାଣ ହରକତ କଲାଣି ମତେ । ତା' ବାପା ବି ବିଜାର ହେଇ ଗଲେଣି ଯା'ର ରଙ୍ଗ ଢଙ୍ଗ ଦେଖି । ମାଆ କିଏ ମାଉସୀ କିଏ ? ସେ ତୋ ପାଖରେ ରହିଲେ ମୋ ପାଖରେ ରହିଲା ଭଳି ।" କିଛି ଉତ୍ତର ଦେଲାନି ଶକୁନ୍ତଳା, ଖାଲି ମୁଣ୍ଡ ହଲେଇ ସମ୍ମତି ଜଣାଇଲା । ଥରେ ମୁଣ୍ଡ ଉଠାଇ ଚାହିଁଲା ପାଖରେ ଖେଳୁଥିବା କୃଷ୍ଣାକୁ । ଆଠଦିନ ତଳର ସେ ଉଦାସୀନତା ଆଉ ନାହିଁ ତା' ପାଖରେ । ଡଉଲଡାଉଲ ହୋଇ କଣ୍ଢେଇଟେ ଭଳି ଦିଶୁଥିଲା କୃଷ୍ଣା, ଏମାନଙ୍କ କଥାବାର୍ତ୍ତା ଶୁଣି ସେ ତାଳିମାରି ନାଚିଉଠିଲା, "ହଁ, ହଁ, ମୁଁ ମାଉସୀ ସାଙ୍ଗରେ ଯିବି, ବଢ଼ିଆ ମଜା ହେବ, ମାଉସୀ ଗେଲ କରିବେ, ମଉସା ଚକୋଲେଟ୍ ଦେବେ, ଆଉ ତୁ, କି ବାପା, ମାରି ପାରିବନି ମତେ, ମୁଁ ସେଇଠି କାହ୍ନୁ ସାଙ୍ଗରେ ଖେଳିବି, ତୁ ଏଇଠି ବାବୁଲାକୁ ଧରି ଏକା ରହିଥା ।" ରାତିରେ ସଦାନନ୍ଦ କାମରୁ ଫେରିବାରୁ ତା'କୁ ସବୁ କଥା କହିଲା ସୁଲୋଚନା । ପ୍ରଥମରୁ ନାହିଁ, ନାହିଁ କରୁଥିଲେ ମଧ୍ୟ ସୁଲୋଚନାର ବାରମ୍ବାର ଦେଖାଇଥିବା ପ୍ରଲୋଭନରେ ଶେଷକୁ ରାଜି ହୋଇଗଲା ସଦାନନ୍ଦ । କଥାହେଲା କୃଷ୍ଣା ଯିବ ଶକୁନ୍ତଳା ସହିତ ଝାନସୀ, ଯେଉଁଠି ଦିବାକର ପାଇପ୍ ମିସ୍ତ୍ରୀ ଭାବରେ କାମକରି ରହି ଆସୁଛି ଦୀର୍ଘଦିନ ଧରି । ପରେ ସୁବିଧା ସୁଯୋଗ ଦେଖି ସଦାନନ୍ଦ ପାଇଁ ମଧ୍ୟ କାମଟିଏ ବୁଝାବୁଝି କରି ଖବର ପଠାଇଲେ, ଏଠୁ ସଦାନନ୍ଦ ସପରିବାର ଯିବ ଝାନସୀ । ଦୁଇଭଉଣୀ ସେଇଠି ସାଥୀ ହୋଇ ରହିବେ । ସବୁ ଦାୟିତ୍ୱ ନେବ ଦିବାକର । ସେତେଦିନ ଯାଏଁ କୃଷ୍ଣା ଶକୁନ୍ତଳାର ଝିଅ ହୋଇ ରହିବ, ତାଙ୍କରି ପାଖରେ । କୃଷ୍ଣାର ମନ ଭାରିଖୁସି, ସେ ବିଦେଶ ଯିବ ମାଉସୀ ସାଙ୍ଗରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲ ଖାଇବା, ଭଲ ନାଇବ, ଖୁସିରେରହିବ ।

ଯିବା ଦିନ ସକାଳୁ ଗାଧୁଆପାଧୁଆ କରି ଆଗ ଧାଇଁଗଲା ଗାଁମୁଣ୍ଡରେ ଥିବା ଭୁଆଷୁଣୀ ମା'ଙ୍କର ପିଣ୍ଡି ଆଡକୁ । ମୁଣ୍ଡିଆଟେ ମାରି ଜଣେଇ ଦେଲା, "ମା'ଲୋ ! ତୁ ତ ପିଲାବେଳୁ ମୋ' ମାଆକୁ ନେଇ ତାରା କରିଦେଲୁ, ଆଉ ଗୋଟିଏ ଭଲ ମାଆ ଦେଇଥିଲୁ ଯେ ସେ ତା'ର ପୁଅ ଆସିବାରୁ ଖରାପ ମାଆ ହୋଇଗଲା, ମତେ ବାପା ବି ଆଉ ଗଲେ କଲେନି ହେଲେ ଏଇ ଯେଉଁ ନୂଆ ମାଉସୀଟିକୁ ଦେଇଛୁ ମତେ, ତା'କୁ ଆଉ ଖରାପ କରିବୁନି, ସେ ମାଉସୀ ମତେ ଭାରି ଭଲପାଏ ଆଉ ମଉସା ବି ଖୁବ୍ ସ୍ନେହ ଶ୍ରଦ୍ଧା କରନ୍ତି, ମୁଁ ତାଙ୍କରି ସାଥିରେ ଯାଉଛି ରହିବା ପାଇଁ । ତୁ ସେମାନଙ୍କୁ ଭଲରେ ରଖିଲେ ସେମାନଙ୍କ ପାଖରେ ମୁଁ ଭଲରେ ରହିବି ।" ଖୁସି ମନରେ ସମସ୍ତଙ୍କ ଠାରୁ ବିଦାୟ ନେଇ ଚାଲିଗଲା କୃଷ୍ଣା ଶକୁନ୍ତଳା ସାଥିରେ, ଆସିଲା ବେଳେ ସଦାନନ୍ଦ ସାଥିରେ ଆସିଥିଲା ଷ୍ଟେସନ୍ ଯାଏଁ ବଳେଇ ଦେବା ପାଇଁ । ଗାଡିରେ ବସିଲା ବେଳେ ବାପାର ଆଖି ଲୁହରେ ଛଳ ଛଳ ହୋଇ ଉଠୁଥିବା ଦେଖି ତା'କୁ ଜାବୁଡି ଧରି ଗେଲକରି ପକେଇଥିଲା କୃଷ୍ଣା, କହିଥିଲା, "କାହିଁକି କାନ୍ଦୁଛ ବାପା ! ମୁଁ ମୋଟେ ମାଉସୀ ପାଖରେ ଅମାନିଆ ହେବିନି କି ଜିଦ୍ କରିବିନି, ସୁନାପିଲା ହୋଇ ରହିବି, ତମେ ଦେଖିବନି, ମୋଟେ ଦୁଷ୍ଟାମୀ କରିବିନି, ପାଠ ପଢିବି, ତମେ ମାଆକୁ ନେଇ ଶୀଘ୍ର ଆସିବ, ଆମେ ସମସ୍ତେ ପୁଣି ଏକାଠି ରହିବା ।" କଥା ସରିବା ବେଳକୁ କୃଷ୍ଣାର ନିଜ ଗଳାଟା ବି ଭାରି ହୋଇ ଉଠୁଥିଲା । ତା' ସାନ ସାନ ଆଖି ଦୁଇଟା ଲୁହରେ ଭିଜି ସାରିଥିଲା । ଟ୍ରେନ୍ ଚାଲିବାକୁ ଆରମ୍ଭ କରିଥିଲା ତା'ର ଗନ୍ତବ୍ୟ ପଥରେ । ଜୀବନରେ ପ୍ରଥମ ଥର ପାଇଁ ଟ୍ରେନ୍‌ରେ ବସିଥିଲା କୃଷ୍ଣା, ଭାରି ଡର ଲାଗୁଥିଲା ତା'କୁ । ବଗି ହଲିଲେ ତା'କୁ ଲାଗୁଥିଲା କି ସେ ପଡିଯିବ । ସେଥିପାଇଁ ସେ ଜୋର୍ ଜୋରରେ ଭିଡି ଧରିଥିଲା ଶକୁନ୍ତଳା ମାଉସୀକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୀରେ ଧୀରେ ସହଜ ହୋଇଥିଲା ସେ । ମଝିରେ ମଝିରେ ମଉସା ଉଠିଯାଇ ବାଦାମ ଭଜା, କୁରକୁରି କିଣିଆଣି ଦେଉଥିଲେ, ଭାରି ଭଲ ଲାଗୁଥିଲା ତା'କୁ । ଖିଆ ପିଆ କରିକରି ଭୟ କଟିଯାଇଥିଲା କୃଷ୍ଣାର ।

ନିଦ ଲାଗିବାରୁ ନିଜ ପାଖରେ ଶୁଆଇ ପକେଇଲେ ମାଉସୀ । ଦୁଇଦିନର ଯାତ୍ରା ପରେ ସେମାନେ ଟ୍ରେନରୁ ଓହ୍ଲାଇଥିଲେ । ମଉସା ଅଟୋରିକ୍ସାଟିଏ ଡାକି ସାମାନ ପତ୍ର ଲଦାଲଦି କରିବା ପରେ ଅଟୋ ଡ୍ରାଇଭର ତାଙ୍କୁ ନେଇ ଛାଡିଦେଲା ଗୋଟିଏ ଘର ପାଖରେ । ବାପାରେ ! କେତେ ଲୋକ, କେତେ ଦୋକାନ ବଜାର ସେଠି । ଗାଁ ବାହାରେ କେବେ ବି ପାଦ ରଖି ନଥିବା କୃଷ୍ଣାକୁ ଖାଲି ଯାଦୁକରୀ ଭଳିଆ ଲାଗୁଥାଏ । ସେଠାରେ ଯାଇ ଘରଟି ଭିତରେ ଗାଧୁଆ ପାଧୁଆ କରି ଖିଆପିଆ କଲେ । ମାଉସୀ ଆଉ ପିଲାମାନଙ୍କୁ ଛାଡି ଦେଇ ମଉସା ବାହାରିଗଲେ ବାହାରକୁ । ଫେରିଲେ ଯାଇ ରାତିରେ । କୃଷ୍ଣାଯ୍ଯା ଭିତରେ ଦଶଥର ଖଣ୍ଡେ ମାଉସୀଙ୍କୁ ପଚାରି ସାରିଥିଲା ମଉସା କୁଆଡେ ଗଲେ ବୋଲି । ମାଉସୀ ଉତ୍ତର ଦେଉଥିଲା ସେ କାମରେ ଯାଇଛନ୍ତି ।

ଏମିତିରେ ବିତିଗଲା ତିନି ଚାରିଦିନ । ଏଠି କିନ୍ତୁ କୃଷ୍ଣାଘର ଭିତରେ ଚୁଲ୍ଲୀଟିଏ ଦେଖି ପାରୁ ନଥିଲା । ସକାଳେ, ଖରାବେଳେ, ସନ୍ଧ୍ୟାସମୟରେ, ରାତିରେ, ଚାରି ବେଳାଯାକ ମଉସା ଜରିପୁଡିଆ ମାନଙ୍କରେ ଖାଦ୍ୟ ଆଣି ଆସୁଥିଲେ ଆଉ ମାଉସୀ ସେମାନଙ୍କୁ ସେଇ ଘରେ ହିଁ ଖାଇବାକୁ ଦେଉଥିଲା । ସୁନ୍ଦର ସୁନ୍ଦର ସୁସ୍ୱାଦୁ ଖାଦ୍ୟ । ଖୁବ୍ ଭଲ ଲାଗୁଥିଲା କୃଷ୍ଣାକୁ, ହେଲେ ଗୋଟିଏ କଥା ତା'କୁ ଅଡୁଆ ଲାଗୁଥିଲା ଯେ ମାଉସୀ ନିଜେ ଘର ବାହାରକୁ ଯାଉ ନଥିଲା କି ସେମାନଙ୍କୁ ବି ଯିବାକୁ ଦେଉ ନଥିଲା, କହୁଥିଲା, "ଏଠାରେ ସବୁ ବଦମାସ ଲୋକ ଅଛନ୍ତି, ସେମାନେ ପିଲାଚୋର, ଘରୁ ବାହାରିଲେ କିଏ କାଲେ ଧରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇଯିବେ, ସେଇଥି ପାଇଁ ଘର ଭିତରେ ଥିବୁ, ମୋଟେ ବାହାରକୁ ଯିବୁନି । କୃଷ୍ଣାର କିନ୍ତୁ ଭାରି ଇଚ୍ଛା ସେ ଟିକିଏ ବାହାରେ ବୁଲି ଆସନ୍ତା, ଗାଁରେ ଥିଲାବେଳେ କେତେ ବୁଲୁଥିଲା ଘର ଘର, ସାହି ସାହି, ନଦୀକୂଳ, ଆମ୍ବତୋଟା ସବୁଆଡେ, କିଛି ବାରଣ ନଥିଲା, ହେଲେ ଏଠି ଘରଟିରେ ବସି ବସି ବିରକ୍ତ ଲାଗିଲେ ମଧ୍ୟ କିଛି ଉପାୟ ନାହିଁ । ମନକୁ ବୁଝେଇ ପୁଣି ଶକୁନ୍ତଳା ମାଉସୀ ପାଖରେ ବସି ଗପର ଗପର ହେବାକୁ ଲାଗିଲା ସେ । ସେଦିନ ରାତିରେ ମଉସା ଫେରିଲେ ଟିକିଏ ଡେରିକି । ମାଉସୀ ସାଙ୍ଗରେ କ'ଣ ସବୁ ଚୁପ୍‌ଚାପ କଥା ହେଲେ, ଖାଇବା ଜିନିଷ ରଖିଦେଇ ପୁଣି ବାହାରିଗଲେ ବାହାରକୁ । ମାଉସୀ ସହିତ ଖିଆପିଆ ସାରି ବିଛଣାକୁ ଗଲା କୃଷ୍ଣା । କେତେ ରାତି ହେବ କେଜାଣି ଜୋର୍ ଗୋଟାଏ ହୋହଲ୍ଲା ସହିତ ଲୋକ ମାନଙ୍କର ଦୌଡା ଧାପଡାର ଶବ୍ଦରେ ନିଦ ଭାଙ୍ଗିଗଲା କୃଷ୍ଣାର । ଆଖି ମଳିମଳି ବିଛଣା ଉପରେ ଧଡ଼୍‌କିନା ଉଠି ବସିଲା ସେ । ଦେଖିଲା, ଘରର କବାଟ ଖୋଲା ଅଛି, ମଉସା ଧାଇଁଛନ୍ତି ଆଗରେ, ମାଉସୀ କାଖରେ ପୁଅଟିକୁ ଧରି ଘରୁ ବାହାରକୁ ଧାଉଁଛି, କୃଷ୍ଣା ତରବର ହୋଇ ଉଠିପଡି ଧାଇଁଲା ସିଆଡେ ତାଙ୍କ ପଛରେ । ତା'ର ମନେ ହେଉଥିଲା ଯେ ଏଠି କୋଉଠି କାହା ଘରେ ନିଆଁ ଲାଗି ଯାଇଛି ବୋଧହୁଏ, ସେଥିପାଇଁ ଲୋକମାନେ ନିଜର ପ୍ରାଣ ବଞ୍ଚାଇବାକୁ ଧାଇଁ ପଳାଇ ଯାଉଛନ୍ତି । ସେ ବି ଧାଇଁଲା ଆଗକୁ ପ୍ରାଣମୂର୍ଚ୍ଛା, ମାଉସୀ, ମାଉସୀ, ଚିତ୍କାର କରି କରି । କେତେ ସମୟ ଆଉ କେତେ ବାଟ ଯେ ସେ ଧାଇଁ ପଳାଇଥିଲା ସେ କଥା କୃଷ୍ଣାର ଖିଆଲ ନାହିଁ । ଦୌଡିଦୌଡି ପାଦ ଦୁଇଟି କରି ପଡିଲାରୁ ଅଟକିଲା ସେ । ଆଗକୁ ଚାହିଁଲା, ମାଉସୀ କୋଉଠି ଦିଶୁନି, ସେ'ତ ଘରୁ ବାହାରି ମାଉସୀ ପଛେପଛେ ହିଁ ଧାଇଁଥିଲା, ଏବେ ମାଉସୀ ଗଲା କୁଆଡେ ? ଶୋଷରେ ତଣ୍ଟି ଅଠାଅଠା ହୋଇ ଯାଉଥିଲା, ପାଦ ଦୁଇଟି ରାସ୍ତାଉପରେ ଲାଖି ଯାଇଥିଲା, ଦେହରେ ଆଉ ବଳ ନଥିଲା ଚାଲିବାକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣ ବିକଳରେ ସେ ଡାକ ପକାଇଲା, "ମାଉସୀ, ମାଉସୀ, ମାଉସୀ" ତା'ଆଖିରେ ଅନ୍ଧାର ଘୋଟିଗଲା, ସେଇଠି ଟଳି ପଡିଲା ସେ ।

ତା'ର ଚେତନା ଫେରିଲା ବେଳକୁ ପରଦିନ ସକାଳ । ଆଖି ମିଟି ମିଟି କରି ଚାହିଁ ଦେଖିଲା ତା'ଚାରିପଟେ ଲୋକ ଗଦା ହୋଇ ରହିଛନ୍ତି, ଏଇଟା କୋଉ ଜାଗା ? ମାଉସୀ କାଇଁ ? ବୋଲି ହାଉଳି ଖାଇ କାନ୍ଦି ଉଠିଲା । ଲୋକମାନେ ପରସ୍ପର ମଧ୍ୟରେ କ'ଣ ସବୁ କଥାବାର୍ତ୍ତା କରୁଥାଆନ୍ତି ସେ ବୁଝିପାରୁ ନଥାଏ । ସେମାନେ ଯେଉଁ ଭାଷାରେ କଥାବାର୍ତ୍ତା କରୁଥାଆନ୍ତି ତା'ମୁଣ୍ଡରେ ସେ ଗୁଡିକ ଢୁକୁ ନଥାଏ । ଇଆଡେ ସିଆଡେ ଅନେଇଲା ସିଏ, ମଉସା, ମାଉସୀ, କାହ୍ନୁ, କେହି ଜଣେ ହେଲେ ଦିଶୁନାହାଁନ୍ତି, ଖୁବ୍ ଭୟ ଲାଗିଲା ତା'କୁ, କାରଣ ସେଇମାନଙ୍କ ଛଡା ଏଠି ଆଉ କେହି ନାହାଁନ୍ତି ତା'ର । ବିକଳରେ ସେ ଚିତ୍କାର କରି ଉଠିଲା ମୋ ବାପା !ମାଆ ! ମାଆ ଭୁଆଷୁଣୀ ! ତା'ପାଟିରୁ ଓଡିଆ ଭାଷା ଶୁଣି ଭିଡ କାଟି ଜଣେ ବୟସ୍କଲୋକ ତା' ପାଖକୁ ଆସିଲେ, ତା'ର ମୁଣ୍ଡ ଆଉଁସି ଦେଇ ଓଡିଆରେ କହିଲେ ମାଆର, ତୋର ଘର କେଉଁଠି ? ଧୋତି ପିନ୍ଧା ସେଇ ବୁଢାଲୋକଟିକୁ ଦେଖି ଆଉ ତାଙ୍କ ଆଶ୍ୱାସନା ଭରା କଥା ଶୁଣି କେହି ଆପଣାର ଲୋକ ଭାବି ତାଙ୍କୁ କୁଣ୍ଢେଇ ପକାଇଲା କୃଷ୍ଣା । କାନ୍ଦି କାନ୍ଦି କହିଲା, "ଅଜା ! ମୁଁ ହଜିଯାଇଛି, ଶକୁନ୍ତଳା ମାଉସୀ ଆଉ ଦିବାକର ମଉସାଙ୍କ ସାଥିରେ ଗାଁରୁ ବୁଲି ଆସିଥିଲି ଝାନସୀ । ରାତିରେ ଘରେ ନିଆଁଲାଗି ଯାଇଥିଲା ବୋଧହୁଏ, ସମସ୍ତେ ଦୌଡା ଦୌଡି କରି ଘରୁ ବାହାରି ପଳେଇଲେ ଆଉ ତାଙ୍କ ପଛେ ପଛେ ମୁଁ । ସେଇ ଭିତରେ କୋଉଠି ହଜିଗଲି ମୁଁ । ମତେ ଟିକିଏ ମୋ ମାଉସୀ ପାଖରେ ଛାଡିଦେବ ଅଜା । ସେ ମତେ ବହୁତ ଖୋଜୁଥିବ ଆଉ କାନ୍ଦୁଥିବ । ସବୁ ବୁଝି ପାରିଲା ଭଳି ମୁଣ୍ଡହଲେଇଲେ ବୃଦ୍ଧଜଣକ । କୃଷ୍ଣାକୁ କୋଳେଇ ନେଇ ସେ କହିଲେ, "ତୁମର ନାଁ କ'ଣ ମାଆ, ତୁମବାପାଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଁ କ'ଣ, ତୁମ ଗାଆଁର ନାଆଁ କହିପାରିବ ? ଆଚ୍ଛାଥାଉ, ସେ ସବୁପରେ କଥା ହେବା, ଆଗ ତୁମେ ମୁହଁ ହାତ ଧୋଇ କିଛି ଖାଇନିଅ ।" ତା'କୁ ଗୋଟିଏ କଡକୁ ବସାଇ ଦେଇ ବିସ୍କୁଟ ପ୍ୟାକେଟ୍ ଟିଏ ଆଣିବା ପାଇଁ କାହାକୁ ଆଦେଶ ଦେଲେ ସେ । ନିଜେ ଯାଇ ପାଣି ବୋତଲଟିଏ ଆଣି ବଢାଇଦେଲେ କୃଷ୍ଣାହାତକୁ । ମୁହଁ ହାତ ଧୋଇ ବିସ୍କୁଟ ପ୍ୟାକେଟ୍ ପୁରା ଖାଇ ସାରିବା ପରେ ଟିକିଏ ସହଜ ହେଲା କୃଷ୍ଣା । ବୃଦ୍ଧଜଣକ ପଚାରିଲେ, "ଆଚ୍ଛା ମାଆ ! ତୁମେ ଏଠାକୁ ଆସି ମାଉସୀଙ୍କ ସାଥିରେ ଯେଉଁ ଘରେ ରହୁଥିଲ ସେଇ ଘରଟି ମତେ ତୁମେ ଦେଖାଇ ଦେଇ ପାରିବ ? ଆସ ଆମେ ସାଙ୍ଗ ହୋଇଯିବା ସେଠିକି ।" ଠିକ୍ ମନେ ନଥିଲେ ବି ଝାପସା ଝାପସା ହୋଇ ମନେ ପଡୁଥିଲା କୃଷ୍ଣାର ଅଳ୍ପ ଦିନ ତଳେ ରହିଥିବା ନୂଆଘରଟି, ହେଲେ ସେଠିକି କେମିତି ଯିବ ବୋଲି ରାସ୍ତା ଜଣା ନଥିଲା ତା'କୁ । ତେଣୁ ଆଖି ଛଳଛଳ କରି ମୁଣ୍ଡ ହଲେଇ ମନାକଲା ସେ, ଖାଲି ଏତିକି କହିଲା ସେ ଘର ପାଖରେ ପହଞ୍ଚି ଗଲେ ମୁଁ ଚିହ୍ନି ପାରିବି ସେ ଘରକୁ । ବୃଦ୍ଧ ଜଣକ ବିନା ବାକ୍ୟ ବ୍ୟୟରେ ଆଗକୁ ପାଦ ବଢେଇଲେ କୃଷ୍ଣାର ହାତଧରି । ଚାଲି ଚାଲି ଯେଉଁ ଜାଗାରେ ପହଞ୍ଚିଲେ ସେଇଟା ଥିଲା କୃଷ୍ଣା ଶକୁନ୍ତଳା ସାଥିରେ ରହିଥିବା ସେଇ ନୂଆ ଘରଟିର ଗେଟ୍ ।

କୃଷ୍ଣା ସିଧା କାନ୍ଦି କାନ୍ଦି ଘରକୁ ଏକ ମୁହାଁ ହୋଇ ଛୁଟିଲା । ଆସି ଦେଖେ ତ ଘରେ ତାଲା ପଡିଛି । କ'ଣ କରିବ ଭାବି ଘର ବାରଣ୍ଡାରେ ବସି ପଡିଲା । ମୁଣ୍ଡଟାକୁ କାନ୍ଥରେ ଆଉଜି ଦେଇ କ'ଣ ଭାବୁଥିଲା କେଜାଣି ।

ଧୀରେ ଧୀରେ ଆଗେଇ ଯାଇ ବୃଦ୍ଧ ଜଣକ ବସି ପଡିଲେ କୃଷ୍ଣା ପାଖରେ । ତାଙ୍କର ଆଉ ବୁଝିବାକୁ ବାକି ନଥିଲା କୃଷ୍ଣାର ଅବସ୍ଥା । ତା'ମୁଣ୍ଡରେ ହାତରଖି ଆଉଜେଇ ଆଣିଲେ ନିଜର ଛାତି ଉପରକୁ । ନିଦାଘର ଘନ ଖରାରେ ବରଫ ଖଣ୍ଡ ତରଳି ଗଲା ଭଳି ତରଳିଗଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୃଷ୍ଣା । ଭୋ ଭୋ ରଡିଛାଡି ଲୋଟି ପଡିଲା ତାଙ୍କର ଛାତିରେ । ବୃଦ୍ଧଙ୍କ ଆଖିରୁ ଝରି ପଡିଲା ଦୁଇଟୋପା ତତଲା ଲୁହ । କୃଷ୍ଣାକୁ ଛାତିରେ ଯାକି ସେ ଅଟୋରିକ୍ସାଟିଏ ଧରି ପୁନର୍ବାର ଫେରି ଆସିଥିଲେ ପୋଲିସ୍‌ଷ୍ଟେସନ୍, ଯେଉଁଠାରୁ ସେ ନେଇକି ଯାଇଥିଲେ କୃଷ୍ଣାକୁ । ସେଠାରେ ଥିବା ପୋଲିସ ଅଫିସଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇ କୃଷ୍ଣାକୁ ସାଥିରେ ଧରି ନେଇଗଲେ ମହାମାୟା ଶିଶୁ ସୁରକ୍ଷା ଗୃହକୁ ।

ବୃଦ୍ଧ ଜଣକ ଥିଲେ ଚୌଧୁରୀ ସଚ୍ଚିଦାନନ୍ଦ ଦାସ୍, ସେଠି କାର "ମହାମାୟା ଶିଶୁସୁରକ୍ଷାଗୃହ"ର ଚେୟାରମ୍ୟାନ୍ । ଦୀର୍ଘଦିନ ଧରି ଓଡିଶାରୁ ଯାଇ ସେଠାରେ ବସବାସ କରି ଜନସେବାରେ ନିୟୋଜିତ କରିଥିଲେ ନିଜକୁ । ଜଣେ ସଚ୍ଚା ଜନସେବକ ଭାବରେ ଖୁବ୍‌ପ୍ରତିଷ୍ଠା ଥିଲା ତାଙ୍କର ସାରା ସହରରେ । ଗତକାଲି ବେଗୁସରାଇର ଏଇ "ନବଜ୍ୟୋତିଲଜ୍"ରେ ରହୁଥିବା ଶିଶୁ ଚାଲାଣକାରୀ ଦଳ ଉପରେ ପୋଲିସ୍ କେଉଁ ଅଜଣା ସୂତ୍ରରୁ ଖବରପାଇ ରାତିଅଧିଆ ଚଢଉ କରିଥିଲା, ଏବଂ ସେଥିରେ ଅନେକ ଦୋଷୀ ଅନ୍ଧାରର ସୁଯୋଗ ନେଇ ଖସି ଯାଇଥିଲେ ମଧ୍ୟ ଆହୁରି ଅନେକକୁ କାବୁକରି ନେଇଥିଲା ପୋଲିସ୍ । ଝାନସୀ ସହରରୁ ଯାଇ ଭିନ୍ନ ଭିନ୍ନ ସହର ଆଉ ଗାଁରେ ବୁଲିବୁଲି ନିଜର ମଧୁର ଜାଲରେ ଫସାଇ ଶିଶୁମାନଙ୍କୁ ଭୁଲାଇ ଆଣି ଏଇଠି ବେଗୁସରାଇର ଏଇ ନବଜ୍ୟୋତି ଲଜରେ ରଖି ଗ୍ରାହକମାନଙ୍କୁ ଯୋଗାଯୋଗ କରିବା ପରେ ଶିଶୁମାନଙ୍କୁ ବିକ୍ରିକରି ସେମାନଙ୍କ ପାଉଣା ନେଇ ଫେରିଯାଉଥିଲେ ଝାନସୀ । ସେମାନଙ୍କ ଶୀକାର ବେଶୀ ହେଉଥିଲେ କୋମଳମତି, ନୀରିହା ବାଳିକାମାନେ, ଯେଉଁମାନଙ୍କୁ ସେମାନେ ଚଢା ଦରରେ ବିକ୍ରି କରି ଦେଉଥିଲେ ବୟସ୍କ ବ୍ୟକ୍ତିମାନଙ୍କୁ ସେମାନଙ୍କ ମନୋରଞ୍ଜନ ପାଇଁ । ଅନେକ ଦିନ ଧରି ପୋଲିସ୍ ଏଇ ଦଳକୁ ଧରିବା ଲାଗି ଜାଲ ବିଛାଇ ରହିଥିଲେ ମଧ୍ୟ ଗତକାଲି ସେମାନଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରିବାରେ ସଫଳ ହୋଇ ପାରିଥିଲା । ବିହାର ପୋଲିସର ଏହି ବଡ ଧରଣର ସଫଳତାରେ ସାରା ଦେଶ ପ୍ରଶଂସାରେ ଶତମୁଖ ହୋଇ ପଡିଥିଲା ।

ବିହାର ପୋଲିସ୍ ଦୁର୍ବୃତ୍ତ ମାନଙ୍କୁ ଗିରଫ କରି ହାଜତକୁ ପଠାଇଥିଲା ଏବଂ ସେମାନଙ୍କ କବଳରୁ ଉଦ୍ଧାର କରିଥିବା ଶିଶୁମାନଙ୍କୁ "ଶିଶୁସୁରକ୍ଷାଗୃହ"କୁ ହସ୍ତାନ୍ତର କରିଥିଲା । ପୋଲିସର ଏଇ ସଫଳତାର କାହାଣୀ ଦେଶର ପ୍ରତ୍ୟେକ ମୁଖ୍ୟ ସମ୍ବାଦ ପତ୍ରର ଶିରୋନାମା ସାଜିଥିଲା । ଉଦ୍ଧାର ହୋଇଥିବା ଶିଶୁମାନଙ୍କ ଫଟୋ ସହିତ ଅନୁରୋଧ କରାଯାଇଥିଲା ଅଭିଭାବକ ମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ଦେଇ ଶିଶୁମାନଙ୍କୁ "ମହାମାୟା ଶିଶୁ ସୁରକ୍ଷା ଗୃହ"ର ଚେୟାରମ୍ୟାନ୍‌ଙ୍କ ପାଖରୁ ନିଜ ନିଜ ଘରକୁ ଫେରାଇ ନେବା ପାଇଁ ।

ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ-୭୫୩୦୦୪

ଭ୍ରାମ୍ୟଭାଷ : ୯୩୩୭୭୭୨୪୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋରିୟର୍ ବୟ୍



କୃଷ୍ଣଚନ୍ଦ୍ର ଡାକୁଆ

ଏଇ ନିକଟ ଅତୀତରେ ମୁଁ ରାଜଧାନୀ ଭୁବନେଶ୍ୱରରୁ ଗାଁ ଫେରି ଆସିଥାଏ । ଦିନେ ହଟାତ ଖଟ ଉପରେ ବସି ଭାବୁଥାଏ ଏବେ କଣ କରିବି ! ସେତିକି ବେଳକୁ କରେଣ୍ଟ ଚାଲିଯାଏ ଆଉ ହାତରେ ପଡ଼େ ମୋବାଇଲ ଫୋନ । ମୋବାଇଲରେ ଅବା କଣ କରିବି ଏଇ ଫେସବୁକ୍, ହ୍ୱାଟ୍ସାପ୍, ଗୁଗୁଲ୍, ଫ୍ଲିପ୍‌କାର୍ଟ୍ ଏବଂ ତା ସାଙ୍ଗକୁ ୟୁଟୁୟୁବ୍ ତ ଥାଏ । ସେସବୁ ଘାଣ୍ଟୁ ଘାଣ୍ଟୁ ଆଖିରେ ଆଖିଏ ନିଦ ମାଡ଼ି ଆସେ ଓ ଆଖି ଲାଗିଯାଏ । ଡାଟା ଅନ ଥାଇ କିଛି ସମୟ ଶୋଇପଡେ ଏବଂ ହଟାତ ବୋଉ ପାଖରେ ଆସି ବସେ ଓ ମୋତେ ନିଦରୁ ଉଠାଇ କିଛି ସମୟ ପରେ ପଚାରିଥାଏ ରାଜଧାନୀରର ଚାଲିଚଳଣି କଥା, ମୁଁ ଆରମ୍ଭରୁ ହିଁ ତ କୁହେ ସେ ସବୁ ଛାଡେ ଆଉ ଅନ୍ୟ କେଉଁ ବିଷୟ କହ, ବୋଉ କୁହେ ଏଭଳି କହିବାର କାରଣ କଣ ? ତେବେ ସେସବୁ କହିବାକୁ ଇଛା ନଥିଲେ ମଧ୍ୟ କହିବାକୁ ବାଧ୍ୟ ହୁଏ ଏବଂ କୁହେ ମଧ୍ୟ ସେ ହିଂସ୍ର ମଣିଷର ମାୟାଜାଲର ଗୁମର କାହାଣୀ !

ଭୁବନେଶ୍ୱର କେବେଳ ରାଜଧାନୀ ନୁହେଁ ବରଂ ମଣିଷ ତିଆରି କାରଖାନା ।କାରଣ ସେଠାରେ ଶିଳ୍ପ କଳକାରଖାନା ଅଫିସ୍ କୋଠାବାଡ଼ି ସାଙ୍ଗକୁ ଦଲାଲଙ୍କ ସଂଖ୍ୟା ବହୁତ ଅଧିକା ଓ ମାଳ ମାଳ ମଧ୍ୟ । ସେମାନଙ୍କ କଥା ଶୁଣି ମାନସିକତାରେ ପରିବର୍ତନ ଆସିବା ସୁନିଶ୍ଚିନ୍ତ, କାରଣ ଆମ୍ଭମାନଙ୍କ ଠାରୁ ସେମାନଙ୍କ କଥା କହିବା ବାକ୍‌ଚାତୁରୀ ସମ୍ପୂର୍ଣ୍ଣ ଅଲଗା । ସମସ୍ତ କାର୍ଯ୍ୟ ଯେମିତି ସେମାନଙ୍କ ଦ୍ୱାରା ସମ୍ଭବ ହୋଇଯାଏ ବୋଲି ସେ କୁହନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡ଼ ସେ ସବୁ ! ତାକୁ ଭାବି କିଛି ଲାଭ ନାହିଁ ବରଂ ସେସବୁକୁ ଭୁଲି ବର୍ତ୍ତମାନ ଜୀବନକୁ ଆପଣାଇବା ସହିତ ଭବିଷ୍ୟତର କାର୍ଯ୍ୟପନ୍ଥା ଯୋଜନା କଲେ ଏହା ଠାରୁ ଶହେଗୁଣା ଭଲ କିନ୍ତୁ ସଫଳ ହେବା ବହୁ କାଠିକର ପାଠ ବୋଲି ଅନୁଭବ ହୁଏ । ଏମିତି ଅନେକ କଥା କହି ମୁଁ ବୋଉକୁ ବୁଝେଇ ଦିଏ ଆଉ ସେ ମୋ ପାଖରୁ ସେହି କଥା ଶୁଣି କୁହେ ଛାଡ଼ ସେସବୁ ମୁଁ ଯାଉଛି ମୋର ଅନ୍ୟାନ୍ୟ କାମ ବାକି ଅଛି । ବୋଉ ଯିବାପରେ ଆରମ୍ଭ ହୋଇଯାଏ ମୋବାଇଲରେ ୟୁଟିୟୁବ୍ ଆଉ ପୁଣି କିଛି ସମୟ ପରେ ହାତ ପଡେ ଫ୍ଲିପ୍‌କାର୍ଟ ଉପରେ । ଫ୍ଲିପ୍‌କାର୍ଟରେ କେତେ ଗୁଡାଏ ପ୍ରଡ଼କ୍ଟ ଦେଖିବା ପରେ ଗୋଟାଏ ବହି ବୁକ୍ କରିଦିଏ ଏବଂ ମୋବାଇଲ ଚାର୍ଜ ବସାଇ ଘର ବାହାରକୁ ଚାଲିଯାଏ ।

ଦିନେ ଏମିତି ଘର ବାରଣ୍ଡା ପାଖେ ବସିଥାଏ ହଟାତ ମେସେଜ୍ ଆସିଲା ପେକେଜ୍ ଡ଼େଲିଭରି ଟୁ ଡେ ! ହା ହା ଏଇ କଥାରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ଆପଣ ଭାବୁଛନ୍ତି ନା ? କାରଣ ପେକେଜ୍ ପାଇବାରେ ବିଳମ୍ବ ଅର୍ଥାତ ଅର୍ଡର ଦେବାର ବହୁ ଦିନ ବିତି ଯାଇଥିଲା । ସେଇ ମେସେଜ୍ ପଢ଼ି ମନେ ମନେ ସ୍ମିତ ହସ ଆଉ ବାରଣ୍ଡାରୁ ଘରକୁ ଚାଲି ଯାଏ । ଏମିତି ପ୍ରତ୍ୟେକ ଦିନ ଭଳି ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରସାରିବା ପରେ ଟିଭି ଦେଖୁଥାଏ ଓ ମୋବାଇଲ ଚାର୍ଜ ବସିଥାଏ । ଏକ ନୂଆ ନମ୍ବରରେ ଫୋନକୁ କଲ ଆସିଥାଏ

ମୁଁ - ହାଲୋ କିଏ କହୁଥିଲେ ?

ସେ - ଆଜ୍ଞା ନମସ୍କାର, କିଏ କୃଷ୍ଣ ଚନ୍ଦ୍ର ଡାକୁଆ କହୁଥିଲେ ?

ମୁଁ - ହଁ ଆଜ୍ଞା, କିଏ ଆପଣଙ୍କୁ ଜାଣି ପାରିଲି ନାହିଁ ?

ସେ - କୋରିଅର ବୟ ବୁଗୁଡ଼ାରୁ କହୁଥିଲି ଆଜ୍ଞା ।

ମୁଁ - ହଁ କୁହନ୍ତୁ କଣ ହେଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ - ଆପଣଙ୍କ ଅର୍ଡ଼ର ଆସିଛି ଆଜ୍ଞା ।

ମୁଁ - ହଁ ହଁ ଆପଣ କେଉଁଠି ଅଛନ୍ତି ।

ସେ - ବସ୍ ଷ୍ଟାଣ୍ଡ ପାଖେ ଅଛି ଆଜ୍ଞା ।

ମୁଁ - ଆପଣ ଟିକିଏ ଆଗକୁ ଆସନ୍ତୁ ।

ସେ - ହଉ ଆଜ୍ଞା ।

ମୁଁ ଘର ଭିତରୁ ବାହାରି ଯାଇ ରାସ୍ତା କଡ଼ରେ ଛିଡା ହୋଇଥାଏ, ସେ ମୋ ହାବଭାବକୁ ଦେଖି ମୋ ପାଖରେ ବାଇକ୍ ଲଗେଇ ଦିଅନ୍ତି ଏବଂ କୁହନ୍ତି ଆପଣ କୃଷ୍ଣ ଚନ୍ଦ୍ର ଡାକୁଆ । ମୁଁ କହେ ହଁ ଆଜ୍ଞା । ସେତେବେଳେକୁ ସେ ମୋ ଅର୍ଡ଼ର ମୋ ହାତରେ ଦେଇ ଅର୍ଡ଼ର ଟଙ୍କା ନିଅନ୍ତି । ସେ ସମୟ ବେଳକୁ ମୋର ଜଣେ ବନ୍ଧୁ ସେ କୋରିଅର ବୟ ସଙ୍ଗେ ଭଲ ମନ୍ଦ କଥା ହୁଅନ୍ତି ଓ କିଛି ସମୟ ପରେ ସେ ଚାଲିଯାଏ ।

କିଛି ସମୟ ବ୍ୟବଧାନ ପରେ ମୋ ଗାଁର ସେ ବନ୍ଧୁ ଜଣଙ୍କୁ ପଚାରେ ସେହି କୋରିଅର ବୟ ବିଷୟରେ ଏବଂ ବନ୍ଧୁ ଜଣକ କୁହନ୍ତି ସେ ମୋ ସହପାଠୀ, ପ୍ଲସ୍ ଥ୍ରୀ ସରିବା ପରେ କିଛି ନିଯୁକ୍ତି ନ ମିଳିବାରୁ ସେ ଏବେ କୋରିଅର ବୟ ଆଉ ବେସ୍ ଭଲରେ ଅଛି ସେ ବର୍ତ୍ତମାନ । ମୁଁ କୁହେ ହଁ ସେତିକି ହିଁ ଦରକାର ପ୍ରକୃତରେ ମୁଁ ଏସବୁ ପଚାରିବାର କାରଣ ତାଙ୍କର ଭାଷା ବ୍ୟବହାର ମୋତେ ବହୁତ ଭଲ ଲାଗିଲା ତ । ଆଗରୁ ଅନେକ ଅର୍ଡ଼ର କରିଛି କିନ୍ତୁ ଏଭଳି ଭଦ୍ର ବ୍ୟକ୍ତି ଜଣେ ପ୍ରଥମେ ଦେଖିଲି ଏହି ସେବାରେ ।

ସତରେ ସେ ଭାଇ ଜଣଙ୍କର ଭାଷା ବ୍ୟବହାର ବେଶ ହୃଦୟସ୍ପର୍ଶୀ, କାହାପାଇଁ ସେ କଣ ହୋଇ ପାରନ୍ତି କିନ୍ତୁ ମୋ ପାଇଁ ସେ ବେଶ ଭଲ ।

କରଚୁଲି(ବୁଗୁଡ଼ା) ଗଞ୍ଜାମ, ୭୬୧୧୪୩, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦି'ଟୋପା ଲୁହ



ନାରାୟଣ ଚନ୍ଦ୍ର ସେନାପତି

ସେଦିନ କାହିଁକି କେଜାଣି ବାପୁନଙ୍କୁ ଉଦାସ ଉଦାସ ଲାଗୁଥିଲା । ନିତିଦିନର ପ୍ରିୟ ହୁଣ୍ଡା ବାଇକକୁ ଧରି ଚାଲିଲା ନିଜ କର୍ମସଂସ୍ଥାନକୁ । ନିତିଦିନିଆ ଯାଆସ ବାଟଟା ଟିକେ ଖାଁ ଖାଁ ଲାଗୁଥିଲା ତାକୁ । ଭେଟିଲା ନିତିଦିନିଆ ଭେଟଘାଟ ହେଉଥିବା ସାଇକେଲରେ ଖୁସି ମିଜ୍ଞାସରେ ମନ ପବନରେ ଉଡି ଉଡ଼ି ଯାଉଥିବା ସୁନ୍ଦରୀ ତରୁଣୀ କେତେଟାଙ୍କ ସହ । ଆଶ୍ଚର୍ଯ୍ୟର କଥା, ଆଜି ସେମାନଙ୍କ ମନରେ ନିରସତା କାହିଁକି ? ପୁଣି ଆଜିବି.... ଏଇ କେତେଦିନ ହେବ ଅନୁପସ୍ଥିତ ଥିଲା ସେ... ମାନେ ତା ମନର ମାନସୀ ମିନୁ, ଯିଏ ତାକୁ ଦେଖିଲେ ଉତ୍‌ଫୁଲ୍ଲିତ ହେଉଥିଲା । ତା ଦେଖାଦେଖି ତା ସାଥୀମାନେ ବି କେତେ ଉନ୍ମାଦିନୀ ପ୍ରାୟ କୁରୁଳୁ ଥିଲେ । ବାପୁନ ଏଇ କେତେଦିନ ହେବ ଲକ୍ଷ୍ୟ କରିଛି ମିନୁର ମନରେ ସରସତା ନାହିଁ, ତା ପ୍ରତି ପୂର୍ବ ଆକର୍ଷଣ ବି ନାହିଁ । ମନେ ମନେ ଭାବିଲା, ଜାଣତରେ ତ ସେ କିଛି ଦୋଷ କରିନି... ହେଲେ ମିନୁର ଏ ଆଚରଣ ଏମିତି ହେବାର କାରଣ କଣ ?

ଏଇମିତି ଭାବି ଭାବି ବାପୁନ ପହଁଚିଗଲା ତା ଅଫିସ ପାଖରେ । ଠିକ୍ ସେହି ପାଖରେ ଦେଖିଲା ସୀମା ଆଉ ରୀମା ଦୁଇଜଣଙ୍କୁ । ଏମାନେ ମିନୁର ସମ୍ପର୍କୀୟ ଭଉଣୀ ହେବେ, ଯେଉଁମାନଙ୍କୁ ଧରି ମିନୁ ଆସୁଥିଲା ତା ଅଫିସକୁ । ମେଡ଼ିକାଲ ବିଭାଗରେ ନୂଆ ଜଏନ କରିଥିବା ଡାକ୍ତର ବାପୁନ । ସେଦିନ ମିନୁ ସହ ଦେଖିଥିଲା ସୀମା ରୀମାକୁ । ମଝିରେ ମଝିରେ ସମୟ ସୁଯୋଗ ହେଲେ ସେ ସେମାନଙ୍କୁ ମିନୁ କଥା ପଚାରିଦିଏ । ସେମାନେ ମଧ୍ୟ ମିନୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ଆପେ ଆପେ କହନ୍ତି, ମିନୁ ପଚାରୁଥିଲା ବୋଲି କହନ୍ତି । କିନ୍ତୁ ଆହୁରି ଆଶ୍ଚର୍ଯ୍ୟ ଲାଗିଲା ସୀମା ଓ ରୀମା ଦୁହିଙ୍କ ମନରେ ବି ସରସତା ନାହିଁ କି ସେମାନେ ବି ହସି ହସି କିଛି କହୁନାହାନ୍ତି । ପାଖ ବିଦ୍ୟାଳୟରେ ପଢୁଥିବା ଛୁଆ ଦୁହେଁ । ଭାରି ସରଳ ଓ ଭଲ ମିଜ୍ଜାସର । ଉତ୍ସୁକ ମନଟା ତାଙ୍କର ଅସମ୍ଭାଳ ହୋଇ ଉଠିଲା । ସେ ଡାକ୍ତରଖାନା ଅଫିସ ପଛକୁ ନିଛାଟିଆ ଦେଖି ଡାକି ପଚାରିଲା । ହେଲେ ଆଗଭଳି ପିଲାମାନେ କିଛି କହିଲେ ନାହିଁ । ବହୁତ ପଚାରିବାରୁ ସୀମା କହିଲା ସେ ପଳେଇଛି । ବାପୁନ ଭାବିଲା କୁଆଡେ ବନ୍ଧୁବାନ୍ଧବ ଘରକୁ ଯାଇଥିବ ବୋଧେ । କୁଆଡେ ପଳେଇଲା ପଚାଇବାରୁ ରୀମା କହିଲା ଆଜ୍ଞା, ସେ ଗୋଟେ ପିଲା ସାଙ୍ଗରେ ପଳାଇ ଯାଇଛି । ଏତିକି ଶୁଣିବା ମାତ୍ରେ ବାପୁନର ପାଦ ତଳରୁ ମାଟି ଖସିଗଲା । ତା ସ୍ୱପ୍ନର ଶସ୍ୟକ୍ଷେତ୍ରଟା ସତେ ଯେମିତି ବନ୍ୟାଜଳରେ ନଷ୍ଟ ହୋଇଗଲା । କ'ଣ କରିବ, ଅନ୍ତରର କୋହ ତାକୁ ପ୍ରତି ମୁହୂର୍ତ୍ତରେ କନ୍ଦାଉଥାଏ । ମିନୁ ତାକୁ ଛାଡି କେମିତି କାହା ସାଥେ ଯାଇପାରିଲା ? ମନରେ ଦ୍ୱନ୍ଦ୍ୱ ଅନ୍ତର୍ଦ୍ୱନ୍ଦ୍ୱ ଗୁଡାକ ପରସ୍ପର ଶୀତଳ ଯୁଦ୍ଧ କରିବାକୁ ଲାଗି ବସିଲେ । ନିଜକୁ ଶତ ଧିକ୍କାର କରୁଥାଏ ସେ । ଖାଇବ କଣ, ମିନୁ ଅବିଳମ୍ବେ ଯେଉଁ ମିଠା ଖୁଆଇଲା ଆଉ ଜୀବନ ସାରା ତାର ଖାଇବା ଆବଶ୍ୟକ ପଡିବନି । ସେଦିନ ଠାରୁ ରାତି ଦିନ ସବୁ ତା ପାଇଁ ସମାନ । ନିଃସଙ୍ଗ ଜୀବନ ବିତାଉଥାଏ ସେ । ମନେ ପକାଉଥାଏ ତାର ପ୍ରଥମ ଦେଖା ମିନୁ ସହ ହୋଇଥିଲା ଏକ ଟ୍ରେନିଂରେ । ସ୍ୱାସ୍ଥ୍ୟ ବିଭାଗ ଟ୍ରେନିଂରେ ସେ ଥିଲା ଟ୍ରେନର ଆଉ ମିନୁ ଥିଲା ଜଣେ ଚପଳମତୀ ପ୍ରଶିକ୍ଷାର୍ଥୀ । ସତେ ଯେମିତି ଜହ୍ନ କଇଁର ଆକର୍ଷଣରେ ଆକର୍ଷିତ ହୋଇଯାଇଥିଲେ ସେ ଦୁହେଁ । ପ୍ରଥମ ଦିନର ଦେଖା ଚାହାଁ ଓ ଦ୍ୱିତୀୟ ଦିନର କଥୋପକଥନରେ ଦୁହେଁ ଦୁହିଁଙ୍କୁ ପ୍ରେମର ଆକର୍ଷଣରେ ଛନ୍ଦି ହୋଇଥାନ୍ତି । ମଝିରେ ମଝିରେ ଏଇମିତି ଦେଖାସାକ୍ଷାତ ମେଡିକାଲରେ । ଦିନେ ବାପୁନର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମେଡିକାଲକୁ ଆସିଥାଏ ମିନୁ । ଏଇମିତି କଥା ହେଉ ହେଉ ମଜାରେ ବାପୁନ କହିଲା, ମୋତେ ମନେ ରଖିବ ତ? ମିନୁ ଲାଜ ଲାଜରେ କହିଥିଲା, ଆପଣ କଣ ମୋ ପରି ଗରିବଟାକୁ ମନେ ରଖିବେ?

ସେ ଭରସା କଣ ମୋ ଉପରେ ନାହିଁ? ବାପୁନର ଉତ୍ତର ଥିଲା ।

ବେଳେବେଳେ ବନ୍ୟାର ସ୍ରୋତ ବି ବାଟ ବଦଳାଏ, ଆପଣଙ୍କ ସ୍ରୋତ ଦିଗ ବଦଳାଇବ ନାହିଁ ତ? ଥିଲା ମିନୁର ପ୍ରତ୍ୟୁତ୍ତର ।

ବାପୁନ ମୁରୁକି ହସିଥିଲା ।

ଲୋକ ଆସିବାରୁ ଆଉ କିଛି କହି ପାରି ନଥିଲା ବାପୁନ । ମିନୁ ବି ଚାଲି ଯାଇଥିଲା । ସେହି ଦିନ ଠାରୁ କଲେଜ ଯିବା ରାସ୍ତାରେ ବାପୁନ ଦେଖି ଖୁସି ହେଉଥିଲା ତା ମନର ମାନସୀକୁ । ଆଉ ମିନୁର ମନ କୁଂଢ଼େ ମୋଟ ହୋଇ ଯାଉଥିଲା । ହେଲେ ଆଜି... ଏ ଅବସ୍ଥା ???

ଏସବୁ ପରେ ବାପୁନ ଆଉ କେମିତି ବା ରହିଥାନ୍ତା ସେ ଅଂଚଳରେ? ଦେହରୁ ଆତ୍ମା ଛାଡ଼ିଗଲା ପରେ ଶରୀର କଣ ଜୀବିତ ରହେ? ତାର ଜୀବନ ତ ନିର୍ଜୀବ ପରି । ଲାଗି ଲାଗି ଟ୍ରାନ୍ସଫର୍ କରି ନେଲା ଜିଲ୍ଲା ହେଡକ୍ୱାଟର ଡାକ୍ତର ଖାନାକୁ । ଶୁଷ୍କ ମନକୁ ନେଇ କାଟୁଥାଏ ହାତଭାଗ୍ୟ ଦିନ ଗୁଡିକୁ ସତେ ଯେମିତି କଷ୍ଟ ଯନ୍ତ୍ରଣାର ଭିଟା ମାଟିରେ । ବାପୁନର ଏଭଳି ଅବସ୍ଥାକୁ ସହ୍ୟ କରି ପାରୁ ନଥାନ୍ତି ବାପା ମାଆ । ବହୁତ ଚେଷ୍ଟା କରୁଥାନ୍ତି ବିବାହ ବନ୍ଧନରେ ଛନ୍ଦିବା ପାଇଁ ହେଲେ ସବୁ ଉଦ୍ୟମ ପଣ୍ଡ ହେଉଥାଏ ବାପୁନର ଅନିଚ୍ଛାରେ, ଆଉ କେତେଦିନ ଯାଉ କଥାରେ ।

ସେଦିନ ମେଡିକାଲରେ ଡ୍ୟୁଟି ସାରି ବାହାରିଲା ବେଳକୁ କେହି ଜଣେ ଡାକିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପୁନ ବାବୁ ? ଚିହ୍ନା ଚିହ୍ନା ସ୍ୱର ଶୁଣି ପଛକୁ ଫେରି ଯାହାକୁ ଦେଖିଲା ତା ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ସେ ଅନ୍ୟ କେହି ନୁହଁ, ତାର ଅତୀତର... ଅତି ନିଜର... ପ୍ରେମ ସ୍ପନ୍ଦନ, ହୃଦୟର ଆତ୍ମା, ମିନୁ ।

ମିନୁ ପଚାରିଲା, କେମିତି ଅଛନ୍ତି ଆପଣ ?

ଶରୀରରୁ ହୃତପିଣ୍ଡ ଅଲଗା ହୋଇଗଲେ ଜଣେ ଯେମିତି ରହେ, ସେମିତି ମୁଁ ଖୁବ... ଭଲରେ ଅଛି, ବାପୁନର ଉତ୍ତର ଥିଲା । ତୁମେ ନିଶ୍ଚୟ ଖୁସିରେ ଥିବ ମିନୁ । ବହୁତ ଭାଗ୍ୟବତୀ ତୁ । ଏ ?

ପରିସ୍ଥିତିର ଝଡରେ ଉଡି ଉଡି ପାହାଡ଼ ଗୁମ୍ଫାରେ ରହିଲେ ଜଣେ ନିଶ୍ଚୟ ଖୁସିରେ ରହିପାରିବନା ? ମିନୁ କୋହଭରା ଉତ୍ତର ଦେଇଥିଲା ।

ହେଲେ ମିନୁ ତୁମେ ଏଇଠି, ଏଭଳି ଅବସ୍ଥାରେ ?

ସ୍ୱାମୀଙ୍କର ଗୋଟେ ଆକ୍ସିଡେଣ୍ଟ ହୋଇଥିଲା, ଦୁଇ ଦିନ ହେଲା ଏଇ ମେଡିକାଲରେ ଅଛନ୍ତି । ତାଙ୍କୁ ବିଶ୍ରାମ ଦରକାର କହିବାରୁ ମୁଁ ଏଠାରେ ଅପେକ୍ଷା କରିଛି ।

ବାପୁନର ମନ କୌତୁହଳରେ ଭରିଗଲା । ସେ ଭାଗ୍ୟବାନକୁ ଦେଖିବାକୁ ତାର ଇଚ୍ଛା ହେଲା । ମିନୁ ସାଥିରେ ମେଡିକାଲର ସେହି ବେଡ଼କୁ ଯାଇ ଦେଖିଲା । ନର୍ସଙ୍କୁ କହି ସବୁ ବ୍ୟବସ୍ଥା କରାଇଲା । ଆମ ଆତ୍ମୀୟ ଲୋକ କହି ତାଙ୍କର ସମ୍ପୂର୍ଣ୍ଣ ଯତ୍ନ ନେବାକୁ କର୍ମଚାରୀ ମାନଙ୍କୁ କହିଲା । ଦୁଇ ଦିନ ହେଲା ସେ ଅଫିସ କାମରେ ବାହାରକୁ ଯାଇଥିଲା, ତେଣୁ ସେ ବା କିପରି ଜାଣିଥାନ୍ତେ । ଦୁହେଁ ଫେରିଲେ ସେହି ୱେଟିଂ ରୁମକୁ ।

ମୋ ଉପରେ ଭରସା ରଖିପାରିଲ ନାହିଁ ନା ମିନୁ ?

ମୋ ଆଶାର ସୌଧଟାକୁ ଭାଙ୍ଗି ଚୁରମାର କରିଦେଲ ? ବାପୁନର ଦରଦୀ ମନର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଭାଷା ଥିଲା ।

ମୁଁ ପରିସ୍ଥିତିର ଦାସ । ବାମନ ହୋଇ କେମିତି ବା ଚାନ୍ଦ ପାଇବାର ଅଭିପ୍ସା ରଖିଥାନ୍ତି ?

ହେଲେ ମୋ ଭଲପାଇବାରେ କଣ ଛଳନା ଥିଲା ? ବାପୁନର ପ୍ରଶ୍ନରେ ମିନୁ ଏତିକି କହିଥିଲା, କାହିଁ କେବେ କ'ଣ ମୋତେ କହିଛନ୍ତି ନାଁ ମୋତେ ଏ ଆଶ୍ୱାସନା ଦେଇଛନ୍ତି ? ଆପଣ ତ ସମ୍ଭ୍ରାନ୍ତ ଘରର ପିଲା, ନିଜ ସ୍ତ୍ରୀ ପିଲା ନେଇ ବେଶ ଆରାମରେ ଥିବେ ନିଶ୍ଚୟ ?

ଥରେ ଧକ୍କା ଖାଇଲା ପରେ ଆଉ ଧୋକା ଖାଇବାକୁ କଣ ଆମନ୍ତ୍ରଣ କରିବି ?ଏବେବି ମୁଁ ଅକେଲା ଓ ଏଇମିତି ବି ଥିବି ।

ବାପୁନର ଏଇ କେତେପଦ କଥାରେ ମିନୁର ହୃଦୟ ଖିନ ଭିନ ହୋଇଗଲା । ତା ଭୂଲର ପରିଣାମ ପାଇଁ ନିଜକୁ ଦୋଷୀ ସାବ୍ୟସ୍ତ କରି ଅନୁତାପର ନିଆଁରେ ନିଜକୁ ଦଗ୍ଧ କରିଦେଲା । ଭୋ ଭୋ କାନ୍ଦି ବହୁ ଦିନରୁ ସାଇତା ପତ୍ରକୁ ଭେନିଟିରୁ ବାହାର କରି ବାପୁନ ହାତକୁ ବଢ଼ାଇଦେଲା । ସେଇ ସ୍ମୃତିର କୁଟାଖିଅକୁ ଧରି କୋହ ଭରା ହୃଦୟରେ ଆସୁଛି କହି ବାପୁନ ଫେରିଲା ଘରକୁ । ଘରେ ତରବର ହୋଇ ନିଜ ରୁମରେ ଭିତରୁ କବାଟ ବନ୍ଦ କରି ପଢିପକାଇଲା ମିନୁର ହୃଦୟର ଭାଷା ଏକ ନିଶ୍ୱାସରେ ।

ବାପୁନ ବାବୁ,

ମୋତେ ଭୁଲ ବୁଝିବେ ନାହିଁ । ଏପର୍ଯ୍ୟନ୍ତ ଆପଣଙ୍କ ପାଖରୁ ଆଗାମୀ ସୂଚନା ପାଇଲି ନାହିଁ । ବାପ ଛେଉଣ୍ଡ ମୁଁ, ମା ମୋର ରୋଗ ଶଯ୍ୟାରେ । ତା'ର ଏକାନ୍ତ ଜିଦ ସେ ଦେଖିବ ମୋ ବାହାଘର । ଆପଣ ଓ ମୋ ଚଳଣି ଆକାଶ ଓ ପାତାଳ ପରି । ଆପଣଙ୍କ ଘରେ ଚାକରାଣୀ ହେବାର ଯୋଗ୍ୟତା ବି ମୋ ପାଖରେ ଥାଇ ନ ପାରେ । ଆପଣ ଜଣେ ଡାକ୍ତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ମୁଁ ଗରିବ କଣ ଦି ଅକ୍ଷର ପଢିଥିବା ସାଧାରଣ ଗାଉଁଲି ଝିଅ । ମୁଁ ଆପଣଙ୍କୁ ବହୁତ ବହୁତ ଭଲପାଏ କିନ୍ତୁ ଆପଣ ପାଆନ୍ତି କି ନାଁ ଜାଣେନା । କିନ୍ତୁ ମୋତେ ଜୀବନଠୁ ଅଧିକ ଭଲ ପାଉଥିବା ଏଇ ମଫସଲି ପିଲାକୁ ବିବାହ କରିବାକୁ ଯାଉଛି । ସେ ପୁଣି ଭିନ୍ନ ଜାତିର । ସମାଜ କେବେ ବି ମାନିବ ନାହିଁ । ତେଣୁ ମାଆର ଜ୍ଞାତରେ ତାକୁ ନେଇ ମୁଁ ଛୋଟିଆ ସଂସାର ଗଢିବାକୁ ଯାଉଛି । ଆପଣଙ୍କ ପରି ଆଭିଜାତ୍ୟ ସମ୍ପନ୍ନ ବ୍ୟକ୍ତିତ୍ୱକୁ ପାଇବା ବୋଧେ ମୋ ପରି ହତଭାଗିନୀର ଭାଗ୍ୟରେ ନଥିଲା । ହେଲେ ଆଶୀର୍ବାଦ ଟିକେ ଦେବେ । କାହିଁକି ନା ଆପଣ ମୋ ମନର ପ୍ରଥମ ଭଗବାନ । ରହୁଛି । ଭୁଲ ଥିଲେ କ୍ଷମା ଦେବେ ।

ଇତି,

ଆପଣଙ୍କର କେହିଜଣେ... ମିନୁ ।

ଚିଠିଟି ପଢି ବାପୁନ ଚିତ୍କାର କରି କାନ୍ଦିଲା । ନିଜ ମନର କଥା ଅପ୍ରକାଶ୍ୟ ରଖିଥିବାରୁ ନିଜକୁ ଦୋଷୀ ମନେକଲା । ବାହାରକୁ ଯାଇ ମୁକ୍ତ ଆକାଶକୁ ଚାହିଁଲା । ସତେ ଯେମିତି ଆକାଶଟା ତା ଉପରେ ଫାଟି ପଡୁଛି । ପାଖ ଗଛକୁ ଚାହିଁଲା । କପୋତ କପୋତି ଦୁହେଁ ଦୁହିଁଙ୍କର ବିପରୀତ ଦିଗରେ ଉଡ଼ିଗଲେ । ଆଖି ବୁଜି କିଛି ଭାବୁ ଭାବୁ ବାପୁନର ଆଖିରୁ ନ ବାହାରି ରହିପାରିଲାନି ଅମାନିଆ ଆଖିର ଅଭିମାନଭରା 'ଦି ଟୋପା ଲୁହ' ।

ଜମ୍ପରା, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ ନୁହେଁ କିନ୍ତୁ ମାଆ



ରୋଜା ପଣ୍ଡା

ମାଆ କହିଲେ ସାଧାରଣତଃ ମନକୁ ଆସେ ଯେ ସେ ନିଶ୍ଚିନ୍ତ ଭାବରେ ଗୋଟେ ସ୍ତ୍ରୀ ଲୋକ ବା ନାରୀଟିଏ ହେଇଥିବ । କାରଣ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ସୃଷ୍ଟିରେ କେବଳ ଜଣେ ନାରୀ ହିଁ, ମାଆ ନାମରେ ନାମିତ ହେଇପାରିବ । ସେ ନିଜ ସନ୍ତାନକୁ ଦଶମାସ ଗର୍ଭରେ ଧରିପାରିବ ଓ ଜନ୍ମ ଦେଇ ନାରୀରୁ ମାଆରେ ପରିଣତ ହେଇପାରିବ । ଜନ୍ମ ନଦେଇ ମଧ୍ୟ ଜଣେ ନାରୀ ଅନ୍ୟର ସନ୍ତାନକୁ ପାଳି ନିଜକୁ ମାଆ ହେବାର ପରିଚୟ ଦେଇପାରିବ । ଯିଏ ମମତା ଦେଇପାରିବ ସେ ମାଆ, ଯାହା ସ୍ନେହରେ ଛଳନା ନଥାଏ ସେ ମାଆ, ଯିଏ ବିଶ୍ୱାସଘାତକତା କରିପାରେନି ନିଜ ସନ୍ତାନ ସହିତ ସେ ମାଆ, ଯିଏ ନିଜ ସନ୍ତାନକୁ କଷ୍ଟ ହେଲାପରି କୌଣସି କାର୍ଯ୍ୟ କରିପାରେନି ସେ ମାଆ, ଯିଏ ସନ୍ତାନର କଷ୍ଟ ଓ ଯନ୍ତ୍ରଣାକୁ ନିଜ ଛାତିରେ ଅନୁଭବ କରିପାରେ ସେ ମାଆ । ପ୍ରକୃତରେ ମାଆ ତ ସିଏ ନା, ଯିଏ ସନ୍ତାନର ପ୍ରତ୍ୟେକଟି ଦୁଃଖ, ଛାତିତଳର ସବୁତକ ବୁକୁଫଟା ଚିତ୍କାର, ଜୀବନରେ ଏକା ହେଇଜିବାର ଅସହାୟତା ଓ ମନ ତଳର ପ୍ରତ୍ୟେକଟି ଅକୁହା ବେଦନାକୁ ବିନା କିଛି କହିବା ପୁର୍ବରୁ ବୁଝିଯାଏ ଏବଂ ଅନୁଭବ କରାଇଥାଏ ଯେ ସେ ସବୁବେଳେ ତା ସନ୍ତାନ ପାଖରେ ଅଛି, ସୁଖରେ ଦୁଃଖରେ , ଜୀବନର ପ୍ରତ୍ୟେକଟି ଅଣଦେଖା ମୁହୂର୍ତ୍ତରେ ମଧ୍ୟ । ବ୍ରହ୍ମାଙ୍କ ସୃଷ୍ଟିରେ ଏହିସବୁକୁ ପରିପୃଷ୍ଟ କରିଥାଏ ମାଆ । ସ୍ନେହମୟୀ, ମମତାମୟୀ ନାମରେ ସେ ନାମିତ । କିନ୍ତୁ ଏ ସବୁ ଗୁଣ କେବଳ ଜଣେ ନାରୀ ହିଁ ପରିଧାନ କରି ପାରିବ, ତା ତ ନୁହେଁ ନା । ଯଦି ଏ ସମସ୍ତ ଗୁଣ ଜଣେ ପୁରୁଷ ପାଖରେ ଥିବ, ତା ହେଲେ କଣ ସେ ପୁରୁଷକୁ ମାଆ ର ଆଖ୍ୟା ଦିଆଯାଇପାରିବନାହିଁ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବଳ ଲିଙ୍ଗଭେଦ କଣ ତାର ଅନ୍ତର୍ନିହିତ ବ୍ୟକ୍ତିତ୍ୱକୁ କୁଠାରଘାତ କରିବ ? ଜନ୍ମ ସିନା ଦେଇପାରିବ ନାହିଁ ପୁରୁଷଟିଏ କାରଣ ନିୟତିର ବିପରିତ ଦିଗକୁ ସେ ଯାଇ ପାରିବ ନାହିଁ କି ସୃଷ୍ଟିର ନିୟମକୁ ସେ ଉଲଂଘନ କରିପାରିବ ନାହିଁ କିନ୍ତୁ ଯଦି ସେଇ ପୁରୁଷ କାହାର ମନମନ୍ଦିରର ସିଂହାସନରେ ମାଆର ଆସନ ପାଇଥାଏ, କାହାକୁ ମାଆ ପରି ସ୍ନେହ, ପ୍ରେମ ଓ ଭଲ ପାଇବା ଦେଇଥାଏ, ମାଆର ସବୁ କର୍ତ୍ତବ୍ୟ ପାଳନ କରିଥାଏ ବିନା କିଛି ଦ୍ୱିଧାରେ, ମାଆ ପରି ସବୁ ଅଳିଅର୍ଦ୍ଦଳିକୁ ସହିଯାଏ, ସବୁବେଳେ ଉଚିତ ମାର୍ଗ ଦେଖାଏ ତେବେ ସେଇ ପୁରୁଷରୂପୀ ନାରାୟଣଙ୍କୁ କଣ ମାଆର ଆସନ ଦେଇ ହେବ ନାହିଁ ? ଦୁନିଆଁ ହୁଏ ତ ମାଆର ପ୍ରତିରୂପରେ କେବଳ ଜଣେ ନାରୀର ପ୍ରତିଛବିକୁ ଦେଖୁଥାଇପାରେ, ହେଲେ ମୁଁ ଆଜି ମୁକ୍ତକଣ୍ଠରେ କହିବି ଯେ, "ହଁ, ଜଣେ ପୁରୁଷ ବି ସୃଷ୍ଟିକର୍ତ୍ତାଙ୍କ ନିୟମାନୁସାରେ ଜନ୍ମ ଦେବାର ଦେବତ୍ୱ ଅନୁଭବରୁ ବଞ୍ଚିତ ହେଇ ମଧ୍ୟ ନିଜର ତ୍ୟାଗ, ଭଲ ପାଇବା, ସ୍ନେହ ଓ ନିଷ୍କପଟତା ପାଇଁ କାହାର ହୃଦୟରେ ମାତୃତ୍ୱର ଆସନରେ ଉପବେଶନ କରି ପାରିବ ।" କଣ ଆଖ୍ୟା ଦେବି ମୁଁ ସେଇ ପରମପୁରୁଷଙ୍କୁ, କଣ ସମ୍ବୋଧନ କରିବି ମୁଁ ତାଙ୍କୁ ? ସ୍ୱାମୀ ରୂପେ ପାଇଥିବା ସେହି ମହାନ ଅବତାରି ପୁରୁଷଙ୍କୁ ମାଆ କହିବି ନା ଭଗିନୀ କହିବି, ସାଙ୍ଗ କହିବି ନା ସଙ୍ଗିନୀ କହିବି ? କେଉଁ ଆଖ୍ୟା ତାଙ୍କ ପାଇଁ ଲୋଡ଼ା ଏପର୍ଯ୍ୟନ୍ତ ମୁଁ ବୁଝି ପାରୁନି । ନିଜ ମନ ତଳର ଅପର୍ଯ୍ୟାପ୍ତ ଭୟ ପାଇଁ, ଲାଜକୁଳା ସ୍ୱଭାବ ପାଇଁ ଆଉ ଡରୁଆ ଗୁଣ ପାଇଁ ଅଟ୍ଟହାସ୍ୟର ଅଟ୍ଟାଳିକା ଯେତେବେଳେ ମୋ ଚାରିପାଖରେ ମତେ ଶ୍ୱାସରୁଦ୍ଧ କରି ପକାଉଥିଲା, ଠିକ ସେତିକି ବେଳେ ମତେ ଆଶ୍ୱାସନା ଦେଉଥିଲା ସେଇ ମହାନ ପୁରୁଷଙ୍କର ଆଶ୍ୱସନାଭରା କଥା କେଇ ପଦ ଆଉ ଅନୁଭବ କରାଉଥିବା ମାଆ ପରି ଆଜୀବନ ପାଖରେ ଉପସ୍ଥିତିକୁ । ମୋର ଭାଙ୍ଗି ଯାଉଥିବା ମନବଳକୁ ପ୍ରତି ମୁହୂର୍ତ୍ତରେ ନୂଆ ରୂପ ଦେବା ପାଇଁ ତାଙ୍କର ସେ ପ୍ରଚେଷ୍ଟାକୁ ମୁଁ ସାଦର ପ୍ରଣିପାତ କରୁଛି । ସେ ହିଁ ପ୍ରଥମ ବ୍ୟକ୍ତି ଯିଏ ଭଲଭାବରେ ପଢି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରୁଥିଲେ ମୋର ନିଷ୍ପାପ ମନକୁ । ଆଉ ବୁଝି ପାରୁଥିଲେ ମୋର ଅନ୍ତରର ବେଦନାକୁ । ଯାହା କେବଳ ଗୋଟେ ମାଆ ହିଁ କରି ପାରିବ । ଖାସ ସେଇଥିପାଇଁ ବୋଧେ ନିରୀହ ଆଖି ଦୁଇଟି ମୋର ପ୍ରତି ମୁହୂର୍ତ୍ତରେ ଖୋଜୁଥିଲା ଆଖି ସାମନାରେ ତାଙ୍କ ଉପସ୍ଥିତିକୁ, ଆଉ ଚାହିଁ ରହୁଥିଲା ଅକୂଳରେ ତାଙ୍କ ସମ୍ବେଦନାକୁ ।

ସମୟ ସମୟରେ କିଛିଟା ଲୋମହର୍ଷଣକାରି ମୁହୂର୍ତ୍ତରେ ଯେତେବେଳେ କିଛି ଲୋକ ଆଖିରେ ମିଛର ଅନ୍ଧପୁଟୁଳି ବାନ୍ଧି ମତେ କରିଚାଲୁଥିଲେ ଈର୍ଷା ଆଉ ମତେ ଠେଲିଦେଉଥିଲେ ଦୁରକୁ, ଯେତେବେଳେ ଘୃଣାର ପାହାଡ ମୋ ଉପରେ ଲଦି ଦେଉଥିଲେ ଆଉ ମୁଁ ବିକଳରେ " ମତେ ବଞ୍ଚାଅ, ମତେ ବଞ୍ଚାଅ " ବୋଲି ଚିତ୍କାର କରୁଥିଲି, ଠିକ ସେତିକି ବେଳେ ସେ ଦେବତା ପରି ଆସି ସିଞ୍ଚନ କରିଥିଲେ କରୁଣାର କେଇ ବୁନ୍ଦା ଜଳ ମୋର ସେହି ଭୟଭୀତ ହୋଇଯାଇଥିବା କରୁଣ ହୃଦୟରେ । ଏହା ତ କେବଳ ଜଣେ ମାଆ ହିଁ କରି ପାରିବ । ମୋ ପାଇଁ ସେ ଦୁନିଆ ସହିତ ଲଢେଇ କରୁଥିଲେ । ଯେତେବେଳେ ମୋର ନିଷ୍କପଟ ଭଲ ପାଇବାକୁ ମୋର କିଛିଟା ଆତ୍ମୀୟ ଲୋକମାନେ ଘୃଣାର ଚକ୍ଷୁରେ ଦେଖୁଥିଲେ, ମୋର କୃତିତ୍ୱକୁ,ମୋର ପ୍ରତ୍ୟେକଟି ସଫଳତାକୁ ଈର୍ଷା କରି ମତେ ଏକ ଅଦରକାରୀ ବସ୍ତୁ ଭଳି ବ୍ୟବହାର କରିବାକୁ ଚାହୁଁଥିଲେ ଆଉ ମୋର ପ୍ରତ୍ୟେକଟି ମହତ ଉଦେଶ୍ୟକୁ ସେମାନେ ଛଳନାରେ ପରିଣତ କରୁଥିଲେ, ସେତେବେଳେ ଅଣନିଶ୍ୱାସୀ ହୋଇ ମୁଁ ଦୁଃଖ ଆଉ ଭୟରେ ଛଟପଟ ହେଉଥିଲି ଆଉ ନିଜ ଲୋକମାନଙ୍କର ସାହାରା ପାଇଁ ଚାତକ ପରି ଚାହିଁ ରହିଥିଲି , ଠିକ ସେହି ସମୟରେ ମୃତ ସଂଜୀବନୀ ପରି ସେ ଆସି ମତେ ସୁରକ୍ଷା ବଳୟ ମଧ୍ୟରେ ବାନ୍ଧି ରଖୁଥିଲେ । ଏହାତ କେବଳ ଜଣେ ମାଆ ହିଁ କରି ପାରିବ । ମାଆଟିଏ ଯେମିତି ତାର ସନ୍ତାନକୁ ଅତି ସ୍ନେହରେ ଖୁଆଇଦିଏ ଠିକ ସେମିତି ସେ ନିଜର ଅତି ପ୍ରିୟ ଖାଦ୍ୟଦ୍ରବ୍ୟ ସବୁ ମତେ ଖୁଆଇ ଦେଉଥିଲେ । ଏହାତ କେବଳ ମାଆ ହିଁ କରି ପାରିବ । ନିଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହରେ ଅପର୍ଯ୍ୟାପ୍ତ ଥକା ଥାଇ ମଧ୍ୟ ସେ ମୋ ଥକା ମେଣ୍ଟାଇବା ପାଇଁ ମୋ ମଥାରେ ହାତ ଥାପି ଥାପି ମତେ ସୁଆଉଥିଲେ । ଏହାତ କେବଳ ମାଆ ହିଁ କରି ପାରିବ । ନିଜର ସମସ୍ତ ମୂଲ୍ୟବାନ ଖୁସିକୁ ସେ ମୋ ପାଇଁ ତ୍ୟାଗ କରି ଚାଲୁଥିଲେ । ଏସବୁ ତ କେବଳ ମାଆ ହିଁ କରି ପାରିବ । ନିଜେ ବେମାରରେ ପଡି ମଧ୍ୟ ମୋ ଦେହ ଖରାପରେ ଯିଏ ରାତି ରାତି ଅନିଦ୍ରାରେ କାଟି ମୋର ସେବା କରି ମତେ ରୋଗମୁକ୍ତ କରାଇବା ପାଇଁ ଆପ୍ରାଣେ ଚେଷ୍ଟା କରି ଆସୁଥିଲେ, ଯିଏ ମତେ ପାଣି ଟୋପେ ପିଆଇବାପାଇଁ ମୋ ପଛରେ ପାଣି ଗିଲାସ ଧରି ଦଉଡୁଥିଲେ ଘର ସାରା ଯେମିତିକି ମୁଁ ତାଙ୍କର ଗୋଟେ କୁନି ଝିଅ, ସେ ମାଆ ନୁହେଁ ତ ଆଉ କିଏ ? କେବେ କେବେ ମୁଁ ରାତିରେ ନଖାଇ ଉପାସରେ ସୋଇପଡ଼ିଥିଲେ ଯିଏ ପ୍ଲେଟ ରେ ଖାଦ୍ୟ ବାଢି ସୋଇଥିବା ଅବସ୍ଥାରେ ମତେ ଖୁଆଇ ଦିଅନ୍ତି ସେ ମାଆ ନୁହେଁ ତ ଆଉ କିଏ ? ବର୍ଷାରେ ମୁଣ୍ଡ ,ଦେହ ଓଦା ହେଇଗଲେ ଯିଏ ଦୌଡ଼ି ଯାଇ ନିଜ ଗାମୁଛାରେ ମୋର ମୁଣ୍ଡ ପୋଛିଦିଅନ୍ତି ସେ ମାଆ ନୁହେଁ ତ ଆଉ କିଏ ? ମୋ ଆଖିରେ ଵିନ୍ଦୁଏ ଲୁହ ଦେଖିଲେ ଯିଏ ଅସରାଏ ଲୁହ ଢାଳନ୍ତି ସେ ମାଆ ନୁହେଁ ତ ଆଉ କିଏ ? ହସ୍ପିଟାଲ ରେ ଚକୋଲେଟ କି କିଛି ନୂତନ ଖାଦ୍ୟ ପଦାର୍ଥ କିଏ ଅଫର କଲେ ଯିଏ ନିଜେ ନଖାଇ ପକେଟରେ ପୁରେଇ ମୋ ପାଇଁ ନେଇଆସନ୍ତି ସେ ମାଆ ନୁହେଁ ତ ଆଉ କିଏ ? ମୋ ପାଟିରେ କି ତଣ୍ଟିରେ  ମାଛକଣ୍ଟା ଫୁଟିଯିବା ଭୟରେ ଯିଏ ମାଛରୁ କଣ୍ଟା ଛଡେଇ ମତେ ଖୁଆଇ ଦିଅନ୍ତି ସେ ମାଆ ନୁହେଁ ତ କିଏ ? ମୋ ହାତକୁ କଷ୍ଟ ହେବ ବୋଲି ଯିଏ ମୋ ହାତରୁ ଅଇଁଠା ବାସନ ଛଡେଇ ନେଇ ନିଜେ ମାଜି,ଧୋଇ ପକାନ୍ତି ସେ ମାଆ ନୁହେଁ ତ ଆଉ କିଏ ? ମୋ ଶରୀର ଥକିଯିବ ଭାବି ଯିଏ ମୋ ପିନ୍ଧା ଲୁଗା ଚିପୁଡ଼ି ଶୁଖାଇ ଦିଅନ୍ତି ସେ ମାଆ ନୁହେଁ ତ କିଏ ? ମୁଁ ଟିକିଏ ଝୁଣ୍ଟି ପଡିଲେ ଯାହାର ହୃଦୟ ଥରିଯାଏ ସେ ମାଆ ନୁହେଁ ତ କିଏ ? ଯାହାଙ୍କ ମୁହଁ ଦେଖିଲେ ମତେ ମୋ ମାଆର ମୁହଁ ଦେଖାଯାଏ ସେ ହିଁ ତ ମାଆ । ମୁହଁ ଅନ୍ଧାରୁ ଉଠି ଯିଏ ମୋର ମୁଣ୍ଡ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉଁସି ଦିଅନ୍ତି, ଅନ୍ଧାର ହେଲେ,ବର୍ଷା ଆସିଲେ,ବିଜୁଳି ମାରିଲେ ଲୁଚିବାକୁ ଯାହାଙ୍କର କୋଳ ଖୋଜେ ଭୟରେ ସେ ମାଆ ନୁହେଁ ତ କିଏ ? ଜୀବନର ସବୁ ଦୁଃଖ,ଯନ୍ତ୍ରଣା ,ଖୁସି ଯାହା ସାମ୍ନାରେ କହିହୁଏ ସେ ହିଁ ତ ମାଆ । ହଁ ସେ ହିଁ ମୋ ମାଆ । ଦୁନିଆ ଆଖିରେ, ମୋ ପରିବାର ଆଖିରେ ସେ ମୋ ସ୍ୱାମୀ କିନ୍ତୁ ପ୍ରକୃତରେ ସେ ହିଁ ମୋର ମାଆ । ମୋ ଜନ୍ମଦାତ୍ରୀ ମାଆ ପରି ସେ ବି ଅବିସ୍ମରଣୀୟ । ସେ ବି ପୂଜନୀୟ ।

ଯିଏ ମୋର ଟିକେ ହସ ପାଇଁ ଈଶ୍ୱରଙ୍କୁ ଚିଠି ଲେଖି ପାରନ୍ତି, ଯେତେବେଳେ ସେ ଜାଣିଥାନ୍ତିକି ଏହା ଏକ ପିଲାଳିଆମି । ତଥାପି କେଉଁ ଏକ ଅଜଣା ବିଶ୍ୱାସରେ ମୋର ମଙ୍ଗଳ କାମନା କରି ଈଶ୍ୱରଙ୍କୁ ଖଣ୍ଡ ଖଣ୍ଡ ଚିଠି ଲେଖି ମନ୍ଦିରରେ କିମ୍ବା ଠାକୁରଙ୍କ ପାଖରେ ରଖି ଦିଅନ୍ତି, ସେ ମାଆ ନୁହନ୍ତି କି ? ମାଆର ସଂଜ୍ଞା ଆଉ କଣ ? ମାଆର ପରିଭାଷା ତ ଏହା ହିଁ ନା ? ସନ୍ତାନର ସଫଳତାରେ ମାଆ ଯେମିତି ଖୁସି ଅନୁଭବ କରେ , ଠିକ ସେମିତି ସେ ମୋର ଛୋଟଛୋଟ ସଫଳତାରେ ବି ବହୁତ ଖୁସି ହୁଅନ୍ତି, ମତେ ପ୍ରେରଣା ଦିଅନ୍ତି ଆଗକୁ ବଢ଼ିବା ପାଇଁ । ରାସ୍ତାରେ ଝୁଣ୍ଟି ପଡିଲେ ମତେ ସାହାରା ଦିଅନ୍ତି । ମୋର ସମସ୍ତ ପ୍ରିୟ ଲୋକ, ପ୍ରିୟ ବସ୍ତୁ, ପ୍ରିୟ ପଦାର୍ଥମାନଙ୍କୁ ସେ ଇଚ୍ଛାପୂର୍ବକ ଗ୍ରହଣ କରି ନେଇଥାନ୍ତି ,ସ୍ୱଇଚ୍ଛାରେ ମୋର ଖୁସିରେ ଜଡିତ ଥିବା ସମସ୍ତ ଜିନିଷକୁ ସ୍ୱୀକାର କରନ୍ତି । ସେଇଥିପାଇଁ ତ ସେ ମୋର ନମସ୍ୟ । ଶବ୍ଦସବୁ ମଧ୍ୟ ବହୁତ କମ ପଡିବ ତାଙ୍କର ବଦାନ୍ୟତାକୁ ପରିଚୟ ଦେବା ପାଇଁ । ଆଜି ମୋ ଓଠରେ ହସ କେବଳ ସେଇ ମହାନ ବ୍ୟକ୍ତିତ୍ୱଙ୍କ ପାଇଁ । ପ୍ରକୃତରେ ସେ ମହାନ ନା ମୁଁ ଭାଗ୍ୟବାନ ।

"ସବୁ ଜନମରେ ମୋ ନାଁ ଆଗରୁ ଲାଗୁଥାଉ ତୁମ ନାଁ, ଏତିକି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।"

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର, ମଧୁପାଟଣା, କଟକ- ୭୫୩୦୧୦,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୁଲୁକା



ସତ୍ୟପ୍ରକାଶ ସେଠୀ

ଭଗବାନଙ୍କର ଅଜବ ସୃଷ୍ଟି – ଏ ମଣିଷ । କିଏ ଧୋବ ଫରଫର ଗୋରା ତ କିଏ ପୁଣି ବିଚିକିଟିଆ କଳା । କାହାର ପେଟଟା ଅସ୍ୱାଭାବିକ ଭାବେ ଆଗକୁ ବଢି ଯାଇଛି ତ ପୁଣି କାହାର ଅନ୍ତଃନଳୀ ସହ ଚିପିକି ଯାଇଛି । କିଏ ପୁଟୁକା ଗାଲୁଆ ତ କାହାର ଟିକେ ଖାଲୁଆ, ପୋଷେ ଚାଉଳ ଧରେ । କିଏ ଚନ୍ଦା ମୋଟେ ବାଳ ନାହିଁ ତ ଆଉ କିଏ ଝାମ୍ପରା ମୁଣ୍ଡିଆ, ରୁମି-ରୁମିକା, ଭାଲୁ-ଭାଲୁକା ।କେହି କେହି ପୁଣି ଗ୍ରହଣ ଖଣ୍ଡିଆ, କେମ୍ପା, କୁଜା, କଣା, ଜଡ଼ା, କାଲା, ହୁଣ୍ଡା, ହାବା, ଗେବା, ବା ଅନ୍ଧାର କଣା ହୋଇଥା'ନ୍ତି । ଲୀଳାକାରଙ୍କ ଉଦ୍ଦେଶ୍ୟ – ଯେହେତୁ ସୃଷ୍ଟିରେ ବୈଚିତ୍ର ରଚିବା, ପ୍ରତ୍ୟେକ ପରସ୍ପର ଠାରୁ ଏତେ ଭିନ୍ନ ଯେ,ସହଜରେ ବାରି ହୋଇ ପଡ଼ନ୍ତି ।

ଏହି ଭଳି ଗୋଟେ ଚରିତ୍ର -କମ୍ପାପଲ୍ଲୀର ଜୁଳୁକା । ପିଲାଟି ବେଳୁ ସେ ଟିକିଏ ହାବା-ଗେବା । ଆଖିଟା ତା'ର ଧଳା ବୋଲି ଲୋକେ ଜଳୁକା ଡାକନ୍ତି । ପାଠ-ଶାଠ ଦି ଅକ୍ଷର ନାହିଁ । ନିହାତି ମୂର୍ଖଟା । ବୁଦ୍ଧି ଅକଲ ବୋଲି କିଛି ନାହିଁ, ଯିଏ ଯାହା ବୁଝାଇ ଦେବ ସେୟା । ସେଇଥିରେ ହଁ ଭରେ । ବଡ଼ ହୋଇଗଲାଣି, ହେଲେ ପିଲା ବୁଦ୍ଧି ଛାଡ଼ିନାହିଁ । ଖାଲି ବଲବଲ କରି ଚାହିଁ ରହିଥିବ, ବୋକା ପରି ସବୁ ଦେଖୁଥିବ । ପାଞ୍ଚ ପଦରେ ପଦେ କହେ । ବିଗିଡ଼ି କହିଲେ ହେଁ ହେଁ ହୋଇ ହସୁଥିବ ।

ବାପା ଟା ତା'ର ଭାରି ଗଞ୍ଜୋଡ଼ । ଗଞ୍ଜାଖୋର ।ଛୁଆ ପିଲାଙ୍କ ଜତ୍ନ କ'ଣ ଜାଣେ ନାହିଁ । ସବୁ ବେଳେ ଗଞ୍ଜା ଟାଣି ଦେଇ ପଶା ଖେଳରେ ମାତିଥାଏ । ଆଗେ ଯାଇ କାମ ଧନ୍ଦା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲା, ହେଲେ ଜୁଲୁକା ମୂଳ ଲଗିଲାଠୁଁ ଆଉ ହୁଙ୍କୁନି କି ଉଠୁ ନାହିଁ, ଏଠୁ କୁଟା କେରେ ନେଇ ସେଠି ପକାଉ ନାହିଁ । ଭାରି କୋଢିଆ । ଛୁଆଟା ଯାହା ଦି ପଇସା ଆଣୁଛି ସବୁ ଗଞ୍ଜା ଖାଇ ଉଡ଼ାଉଛି । ଜୁଲୁକା ମନା କରୁଥିଲା ବାହା ହେବାକୁ । ଯବରଦସ୍ତି ତା' ଗଳାରେ ଗୋଟେ ଛନ୍ଦି ଦେଲା । ବୋହୂଟା ବି ଭାରି ନରମା । ଏବେ ଛୁଆ ପିଲା ଗୋଟେ ଯୋଡ଼େ ହେଲେଣି । ଘରେ ମାଆ ସ୍ତ୍ରୀ ଭାରି ବ୍ୟସ୍ତ । ବାପା ତ ଗଞ୍ଜୋଡ଼, ପୁଅ ତ ହାବା, ଛୁଆ ପିଲାଙ୍କ ଭବିଷ୍ୟତ ପୁଣି ଦେଖିବେ ନା... ।

ଘରେ ନିତି କଳି, ବାପା ସବୁ ପଇସା ନେଇ ଗଞ୍ଜା ପିଇ ଦିଏ ।ଜୁଲୁକାଟା ପୁଣି ବୋକାଟା ସବୁ କାମକୁ ପାରେ ନାହିଁ । କେବଳ କାଠ କାଟିବା ଓ ଚିରିବା ପାଇଁ ସାଥୀ କଟାଳୀମାନେ, ଦୟାକରି, ତା'କୁ ସାଙ୍ଗରେ ନିଅନ୍ତି । ସେଦିନ ଜୁଲୁକା କାମ କରିବାକୁ- ଦୂର ଗାଁକୁ ଯାଇଥିଲା । ଖାଇ ପିଇ ମଜୁରୀ ତିନି ଶହ । ସାତ ଦିନ ରହିଲା । ଟଙ୍କା ହଜାରେ ଦି ହଜାରେ ଧରି ଆଇଲା । ମାଆ, ସ୍ତ୍ରୀ କହିଲେ – "ଆମକୁ ଦେ, ଛୁଆ ପିଲାଙ୍କ ପଢ଼ା ପାଇଁ ଖର୍ଚ୍ଚ ହେବ ।" ସେ ନାଇଁ ନାଇଁ ହେଲା । କହିଲା – ବାଆ ମାରିବ" । ବୋଉ ଶିଖେଇ ଦେଲା, କହିଲା –

" ବଡ଼ ପିଲା ହେଲୁଣି, ବାଆ ମାରିବ କ'ଣ କି ବେ ? ବୁଦ୍ଧି ଅକଲ ସିନା ଥିଲେ ହେବ ? ତୁ କହିବୁ ମୁଁ କାଠ କାଟିବାକୁ ଯାଇଥିନି, ସୁନା ନୋଟିଆଟେ ପାଇଛି । ନୁଚେଇକି ରଖିଛି ମୋତେ ମାଇନେ ମୋଟେ ଦେବିନି । ଛୁଆ ପିଲାଙ୍କ ପାଇଁ ରଖିବି, ତୋତେ ଦେଲେ ତୁ ଗଞ୍ଜା ଖାଇ ଉଡେଇ ଦେଉଛୁ" ।

ସେୟା କଲା । ବାପା ପଇସା ମାଗିଲା, ନ ଦେଲାରୁ ମାରି ଗୋଡ଼ାଇଲା । ଜୁଲୁକା ସୁନା ନୋଟିଆ କଥା କହିଲା । ଗଞ୍ଜା ଛାଡ଼ି ଦେଲେ, ନୋଟିଆ ଦେବାକୁ କହିଲା । ବାଆ ଛାଡ଼ି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲା, ଆଉ ମାଇଲା ନାହିଁ । ଏଣିକି ତେଲା ତେଲି କଲା । କହିଲା -" ଆଣିକି ଦେ, ମୁଁ ବିକିକି ତୋ ଛୁଆ ପିଲାଙ୍କ ପାଇଁ ରଖିବି" । ଜୁଲୁକା ବହରିଲା ନାହିଁ ଦେଖି ଦିନେ ଗଞ୍ଜା ନିଶାରେ ନିସ୍ତୁକ ମାଇଲା । କହିଲା- ସୁନା ନୋଟିଆଟା ଦେ, ନୋହିଲେ ପିଟି ପିଟି ଜୀବନ୍ନୁ ମାରିଦେବି । ଯା' ନୋଟିଆଟା ଧରି ଆସିବୁ, ନହେଲେ ଘରକୁ ଆଉ ଫେରିବୁନି । "

ମାଆ, ସ୍ତ୍ରୀ କିଟିମିଟି କରି ଚାହିଁଥା'ନ୍ତି ସିନା ହେଲେ ମାଡଗାଳି ଭୟରେ କିଛି କହି ପାରୁ ନଥା'ନ୍ତି କି ପାଟି ଖୋଲୁ ନଥା'ନ୍ତି । ଜୁଲୁକାଟା ଛାନିଆରେ ଘରକୁ ଫେରିଲା ନାହିଁ । ଡରରେ ସ୍କୁଲ ପିଣ୍ଡାରେ ଶୋଇ ପଡିଲା । ମାଆ, ସ୍ତ୍ରୀ କିନ୍ତୁ ରାତି ସାରା ଉଜାଗର ହୋଇ ରହିଲେ । ଭାତ ଘୋଡ଼ା ଘୋଡି ହୋଇ ରହିଲା । ମେଘ ପବନ ରାତି । ବିଜୁଳୀ ଦେଖାଇଣ ଘଡ଼ଘଡି ମାରି,ଭିତ୍ତି ପ୍ରସ୍ତର ଦୋହଲାଇ ଦେଉଥାଏ । ଯୋଗକୁ ଦଶା ଦିଆ ଡିବିରିବତୀଟା ବି ଲିଭି ଗଲା । ମୁହଁକୁ ମୁହଁ ଦିଶୁ ନଥାଏ । ଏକ ଅଜଣା ଆତଙ୍କରେ ଚିତ୍ତ ଶିହରିତ ହେଉଥାଏ । ଲୋମମୂଳ ଟାଙ୍କୁରି ଉଠୁଥାଏ । ବୋଉ ପିଲାଟା କ'ଣ ଭାବିଲା କେଜାଣି, "ମାଆଲୋ" କହି ଶାଶୁଙ୍କୁ କୁଣ୍ଢାଇ ଧରି କାନ୍ଦି ଉଠିଲା....

ସେତେବେଳକୁ ସୁନା ନୋଟିଆଟା କଥା ଗାଁ ସାରା ପ୍ରଘଟ ହୋଇଗଲାଣି । କାହାରି କାହାରି ତା' ଉପରେ ମଧ୍ୟ – ନଜର । ଜୁଲୁକାଟାକୁ ପଟାଇ ପାଟେଇ ହାତେଇବାକୁ ଚେଷ୍ଟା କରୁଥା'ନ୍ତି । ସେଦିନ ଯୋଗକୁ ଦଳେ ଟୋକା ସ୍କୁଲ ପାଖ ବରଗଛ ମୂଳେ ଭୋଜି ଭାତ କରୁଥା'ନ୍ତି । ମଦ ନିଶାରେ ଏକଦମ୍ ଚୁର୍ । ଜୁଲୁକାକୁ ଦେଖି ଦି ଖଣ୍ଡ ମାଂସ ଦେଲେ, ଶିଖେଇ ବୁଝେଇ ଫୁଲପାଳ ବଣକୁ ନେଇଗଲେ । ଦୁଇଟା ରଡ଼ ପଛପଟେ ଲୁଚାଇ ଧରିଥା'ନ୍ତି । ତା'କୁ କବଲେଇ ପଚାରିଲେ-"ସୁନା ନୋଟିଆଟା କେଉଁଠି ରଖିଛୁ – କହ ? ଆମେ ତୋ ବାଆକୁ କହିବୁନି । ବିକିକି ତୋତେ ଅଧେ ଦେବୁ, ଆଉ ଅଧେ ଆମେ ରଖିବୁ । ଜୁଲୁକା କହିଲା ନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ମଙ୍ଗିଲା ନାହିଁ । ସେ ହବାଟା, ଯାହା ଯିଏ ଥରେ ବୁଝେଇ ଦେଇଥିବ, ସେୟା ମୁଣ୍ଡରେ ପଶିଥିବ, ତେଣିକି ସତ ହେଉ ବା ମିଛ ହେଉ । କହିଲା -" ମୋ ଛୁଆ ବଡ଼ ହୋଇ ଗଲେ ଖୋଲିବି । କାହାକୁ ଦେବିନି, ଏପରିକି ବାଆକୁ ବି ନୂହେଁ ।" ବେଶୀ ଫଟରେଇକି ପଚାରିଲାଠୁଁ ଜୁଲୁକାଟା ଖାଲି ଭେଁ ଭେଁ ହୋଇ ରଡି ଛାଡ଼ିଲା । ହାଉଁ ହାଉଁ ହୋଇ ୟାଡୁ ସିଆଡୁ କ'ଣ ବକିଲା ।

ଏଥର ଟୋକାଙ୍କର କ୍ରୋଧାନଳ ଯାଇ ପଞ୍ଚମ ନକ୍ଷତ୍ରରେ । ଆଉ କିଏ ସମ୍ଭାଳେ ? ରାଗିକି ଖପ୍ପା । ଜୋହର୍ ଜବରଦସ୍ତି କଲେ । ଧମକ ଚମକ ଆରମ୍ଭ କରିଦେଲେ । ଜୁଲୁକା ରାଜି ନହେବାରୁ, ରଡ଼ରେ ଦି'ପାହାର ତା' ମୁଣ୍ଡକୁ ଦେଲେ । ସେଇଠି ସେ ତଳେ ପଡ଼ିଗଲା । ଦେଖିଲା ବେଳକୁ, ସବୁ ଶେଷ । ଧରା ପଡିଯିବା ଭୟରେ ଅଖା ମୁଣିରେ ପୂରାଇ, ପାଖ ଟ୍ରେନ୍ ଲାଇନରେ ଶୁଆଇ ଦେଲେ । ଟ୍ରେନ ଚାପିଦେଲା । ଘର ଲୋକେ ଖବର ପାଇ ଧାଇଁଲେ । କାନ୍ଦି କୁଟି ରହିଲେ । କ୍ରମଶଃ ଦଶାହ ଯାଇ ଏକାଦଶାହ ହେଲା । ଶୁଦ୍ଧିକ୍ରିୟା ଚାଲିଲା । ଶୁଦ୍ଧିକ୍ରିୟା ଦିନ ଜୁଲୁକାର ଆତ୍ମା ହେବ କି କ'ଣ ବା ଗୁପ୍ତ ରହସ୍ୟର ଉନ୍ମୋଚନ ହେଉ, ଜଣ ଜଣ କରି ପାଞ୍ଚି ସାତ ଜଣଙ୍କୁ ସବାର୍ ହେଲା । କହିଲା – "ଏମାନେ ମୋତେ ପିଟିକି ମାରିଦେଲେ । ମୋର ଚେତା ବୁଡ଼ି ଯାଇଥାଏ । ଟ୍ରେନ୍ ଲାଇନରେ ଶୁଆଇଦେଲେ । ଟ୍ରେନ୍ ଆସିଲା,ମୋର ଚେତା ଫେରି ଆସୁଥାଏ । ହେଲେ ବନ୍ଧାବନ୍ଧି ହୋଇଥିବାରୁ, ମୁଁ ହଲି ପାରୁ ନଥାଏ କି ହୁଁଙ୍କି ପାରୁନଥାଏ । ବିକଳରେ ପଛକୁ ହାତ ଠାରି ଡାକିଲି । ହେଲେ କେହି ଭଲା ଶୁଣନ୍ତେ, ହେଲେ କେହି ଶୁଣିଲେ ନାହିଁ । ବରଂ ଭୂତ ଭୂତ ହୋଇ ସମସ୍ତେ ଡିଆଁ ମାରି ପାର । ମୁଁ ଏକଦମ୍ ଏକଲା ।ଏଥର ଟ୍ରେନ୍ ମୋତେ କାଟି ଦେଲା ।"

ଏଥର ଗାଁ ମିଟିଣି ହେଲା । ଲୋକ ଜମା ହେଲେ । ଖାଲି ହୋ ହୋ କଳରବ ଭିତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗ୍ରାମ୍ୟ ବୈଠକ ଚାଲିଲା ।ଗାଁ ଟୋକାଙ୍କର ପ୍ରଦୁର୍ଭାବ ସିନା ଅଧିକା, ହେଲେ ମିଟିଂରେ ପୁରୁଖାଙ୍କ ଦବଦବ୍‌ଡ଼ା ଟିକେ ଅଧିକା । ଆଗେ ପଚାରିଲେ, ଟୋକାଏ ମାନିଲେ ନାହିଁ । ମାଡ ହେଲାଠୁଁ, ସବୁ କହିଲେ ।ଗାଁ'ର ଜଣେ ପୁରୁଖା କହିଲେ – "କେସ୍-ବାସ୍ କରି କ'ଣ ହେବ, ଗରୀବ ଲୋକଟା କେଉଁ ଲଢ଼ି ପାରିବ । ଖାଲି ଗାଁର ମର୍ଯ୍ୟାଦା ଯିବ । ଗାଁ କଥା ଗାଁରେ ଚାପି ଦେବା । ଯାହା ହେବା କଥା ତ ହେଲାଣି, ସେ ଆଉ କ'ଣ ଫେରିବ ? ବରଂ ଗୋଟେ କାମ କର, ଏମାନେ ଜମି ଦି'ପା'ତା' ଛୁଆ ନାଁ ରେ କରି ଦିଅନ୍ତୁ ।"

ସମସ୍ତେ ରାଜି ହେଲେ, "ହଁ – ହାଁ" ମାରିଲେ । କେସ୍ ଦିଆ ହେଲାନାହିଁ । କିଛି ଦିନ ବିତିଗଲା । ତା'ମାଆ ସ୍ତ୍ରୀ ପୁଣି ନିଶାପ ଡାକିଲେ । ନ୍ୟାୟ ଦରବାର ଚାଲିଲା । ହେଲେ ସେତେବେଳକୁ ଜୋରିମାନା ଫାଙ୍କିବା ବାହାନାରେ, ଦୋଷୀତକ କଲିକତା ଚାଲିଯାଇଥା'ନ୍ତି । ନ୍ୟାୟ ଦରବାର ଅଧା ପନ୍ତାର ହୋଇ ସବୁଦିନ ପାଇଁ ରହିଗଲା ।

ଘରର ଏକମାତ୍ର ରୋଜଗାରକ୍ଷମକୁ ହରାଇ ସମସ୍ତେ ଗୁମ୍ ସୁମ୍ । ଖାଲି ପିଲା ଛୁଆ ଗୁଡ଼ାକ ଭୋକରେ ଆଉଟି ପଉଟି ହୋଇ ଡହଳ ବିକଳ ହେଉଥା'ନ୍ତି । ଘରେ ଦିନ ଇଲା କେତେ ହେବ, ଚୂଲି ଚାଉଳ ଜଳି ନାହିଁ । ମାଆ ମୁଣ୍ଡରେ ହାତ ଦେଇ ଦାଣ୍ଡ ପିଣ୍ଡାରେ ବସି ପଡିଥାଏ । ମନେ ମନେ ଭାବୁଥାଏ -" ଏମିତି ଗୋଟେ ଅଧେ ଅମୂଳକ ମିଛ କ'ଣ ସବୁ ନାସ୍ କରିପାରେ ? "

ନିଜକୁ ଧିକ୍କାର କରେ – "ମୁଁ ଯା' ଝିଟି ନମରି ବଞ୍ଚିଛି ?"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଦିନ ଥିଲା...



ପୂର୍ଣ୍ଣଚନ୍ଦ୍ର ରାଣା

ସେଦିନ ଥିଲା ଗଣେଷ ଚତୁର୍ଥୀର ପୂର୍ବ ଦିନ, କଲେଜରେ ସଜାସଜି ଖୁବ୍ ଧୁମ୍ ଧାମରେ ଚାଲିଥାଏ, ଗଣେଶଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଛାତ୍ରଛାତ୍ରୀ ମାନଙ୍କ ମୁଖରେ ହସଖୁସିର ଲହରି । ଭଗବାନ ଗଣେଷଙ୍କ ମୂର୍ତ୍ତିକୁ କିଏ ପୁଷ୍ପରେ ସଜ କରୁଥିଲେ ତ ଆଉ କିଏ ରଙ୍ଗୀନ୍ ଆଲୋକରେ ସଜ କରୁଥାନ୍ତି । ସେହି ସମୟରେ ଜୁଲୋଜି ଅନର୍ସ ଡିପାର୍ଟମେଣ୍ଟରେ ସଜାସଜି ପାଇଁ କିଛି ସାମଗ୍ରୀ ଆବଶ୍ୟକତା ପଡିଲା । ଜୁଲୋଜି ଅଧ୍ୟାପକ ଆଦେଶ ଦେଲେ ପିଲାମାନଙ୍କୁ  ପାଖ ବଜାରକୁ ଯାଇ ଆବଶ୍ୟକ ସାମଗ୍ରୀ କିଣିବା ପାଇଁ ।

ଚିନୁ ଦୌଡ଼ି ଆସି ପୂର୍ଣ୍ଣକୁ କହିଲା, ପୂର୍ଣ୍ଣ ତୋ ସାଇକଲଟି ଦେଲୁ, ପୂର୍ଣ୍ଣ ଚିନୁକୁ ସାଇକେଲ୍ ଚାବିଦେଲା ଆଉ କହିଲା ସାଇକେଲ୍ ଷ୍ଟାଣ୍ଡରୁ ସାଇକେଲ୍ ନେଇ ଆବଶ୍ୟକ ସାମଗ୍ରୀ କିଣି ଆଣିବା ପାଇଁ । ସେପଟେ ଆଉ ଦୁଇ ସାଙ୍ଗ ପିଣ୍ଟୁ ଓ ସାନୁ ଆଉ ଏକ ସାଇକେଲ୍ ଜରିଆରେ ଚିନୁ ସହ ସାଥି ହୋଇ ବଜାରକୁ  ଆଗମନ କଲେ । ପାଖ ବଜାରରେ ପହଞ୍ଚିଲେ ସତ କିନ୍ତୁ ସେମାନଙ୍କୁ କୌଣସି ସାମଗ୍ରୀ ମିଳିଲାନି ଓ ସେମାନେ ବାଧ୍ୟ ହୋଇ ଟିକେ ଦୂର ଯାଇ ଚଣ୍ଡିଖୋଲ ବଡ ମାର୍କେଟରେ । ସାଇକେଲ୍ ରଖି ବୁଲା ଭାଇ ପୂଜା ସାମଗ୍ରୀ ଦୋକାନକୁ ପ୍ରବେଶ କଲେ । ସେ ଦୋକାନରେ କାମ କରୁଥାଏ ଲିକୁ ଭାଇ, ଯିଏକି ପୂର୍ଣ୍ଣର ଗାଆଁ ପିଲା । ସମୟ ଗଡି ଚାଲିଥାଏ ଅନ୍ଧାର ମାଡି ଆସୁଥାଏ, ଚଣ୍ଡିଖୋଲ ବଜାରରେ ବୁଲୁଥାନ୍ତି ସାଇକଲ୍ ଏବଂ ମଟର- ସାଇକେଲ୍ ଚୋର । ଏ କଥା ଚିନୁ, ସାନୁ ଓ ପିଣ୍ଟୁକୁ ଜଣା

ଆହ୍ୱାନ ଇ-ପତ୍ରିକା

ନଥାଏ, ଚିନୁ ଦୋକାନ ବାହାରେ ସାଇକେଲ୍ ରଖି ଦୋକାନ ଭିତରକୁ ପ୍ରବେଶ କରିବା ପରେ ସାଇକଲ୍ ଚୋରଟି ଆସି ପୂର୍ଣ୍ଣୁର ସାଇକେଲ୍ ଚାବିକୁ ଧିରେ ଧିରେ ଭାଙ୍ଗି ସାଇକେଲକୁ ନେଇ ଚୋରଟି କାଇଁ କୋଉ ଅଜଣା ରାସ୍ତାରେ ଚାଲିଗଲା ।

ଚିନୁ, ସାନୁ ଓ ପିଣ୍ଟୁ ପୂଜା ସାମଗ୍ରୀ ନେଇ ବାହାରକୁ ଆସି ଦେଖିଲେ କି ବାହାରେ ସାଇକେଲ୍ ନାହିଁ , ସାଇକେଲ୍ ଚାବି ଚିନୁ ହାତରେ ମନରେ ଚିନ୍ତା ପଡିଗଲା କ'ଣ କରିବେ ତିନିସାଙ୍ଗ, କିଛି ଉପାୟ ନ ପାଇ ଦୋକାନ ବାଲାକୁ କହିଲେ ଲିକୁ ଭାଇ ବାହାରେ ଗୋଟେ ସାଇକେଲ୍ ରଖି ତୁମ ଦୋକାନରୁ ଜିନିଷ କିଣୁଥିବା ବେଳେ ସାଇକେଲ୍ଟି କିଏ ନେଇଯାଇଛି ।

ତିନି ସାଙ୍ଗଙ୍କ ମନରେ ଦୁଃଖ । ପୂର୍ଣ୍ଣୁ ଥାଏ କଲେଜରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନା ପାଇଁ , ସାଥିରେ ଥାନ୍ତି ଉପର ଶ୍ରେଣୀର ବଡ ଭାଇ ଭଉଣୀ ମାନେ ।

ତିନି ସାଙ୍ଗ ଆସି ଦୁଃଖରେ କଲେଜରେ ପହଞ୍ଚିଲେ, ପୂଜା ସାମଗ୍ରୀ ଜଣେ ବଡ ଭଉଣୀ ଆସି ଚିନୁ ହାତରୁ ନେଲେ, ଆଉ ଚିନୁକୁ ପଚାରିଲେ ଆରେ ଚିନୁ କ'ଣ ହେଇଛି ତମ ମାନଙ୍କର ମନ ଦୁଃଖ କଅଣ ପାଇଁ ଯେ, ସାନୁ କହିବାକୁ ଲାଗିଲା ଦିଦି ପୂର୍ଣ୍ଣୁ ସାଇକେଲ୍ ବଜାରରୁ ଚୋରି ହେଇଗଲା । ଦିଦି ଜଣଙ୍କ ସାନୁକୁ କହିଲେ ଆରେ ମଜାକ୍ କରୁଛୁ । ପିଣ୍ଟୁ କହି ଉଠିଲା ନା ଦିଦି ସାନୁ ଯାହା କହୁଛି ତାହା ସତ । ଡିପାର୍ଟମେଣ୍ଟ ବାରଣ୍ଡାରେ ପୂର୍ଣ୍ଣୁ ସଜା ସଜି କରୁଥାଏ, ଚିନୁ ଧିରେ ଯାଇ ପୂର୍ଣ୍ଣୁକୁ କହିଲା ଆରେ ପୂର୍ଣ୍ଣୁ ତୋ ସାଇକେଲ୍ ଚୋରି ହେଇଗଲା । ପୂର୍ଣ୍ଣୁ ଚିନୁକୁ କହିଲା ତୁ ମଜାକ୍ କରୁଛୁ ମୋ ସହ, ଚିନୁ କହି ଉଠିଲା ନା ପୂର୍ଣ୍ଣୁ ମୁଁ ସତ କହୁଛି । ପୂର୍ଣ୍ଣୁ ଟିକେ ମନ ଦୁଃଖ କଲା , ଏହି ଖବର ଯାଇ ସାଙ୍ଗ ମାନେ ଜୁଲୋଜି ଅଧ୍ୟାପକଙ୍କୁ କହିଲେ ଘଟଣା ସବୁ, ଅଧ୍ୟାପକ ପୂର୍ଣ୍ଣୁକୁ ନିର୍ଦ୍ଦେଶ ଦେଲେ ପୋଲିସ ଷ୍ଟେଷନରେ ଏଫ. ଆଇ. ଆର୍ ଦର୍ଜ କରିବାକୁ । ପୂର୍ଣ୍ଣୁ ମନରେ କେଜାଣି କ'ଣ ଭାବିଲା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେଜରେ କାମ ସାରି ସାଙ୍ଗମାନଙ୍କ ସହ ଯାଉ ଯାଉ ସନ୍ଧ୍ୟା ହୋଇଗଲା । ପୂର୍ଣ୍ଣର ମନ ବୁଝୁ ନଥାଏ, ପୂର୍ଣ୍ଣ ପୁଣି ଯାଇ ପହଞ୍ଚିଲା ବୁଲା ଭାଇ ପୂଜା ସାମଗ୍ରୀ ଦୋକାନରେ । ପୂର୍ଣ୍ଣର ଗାଆଁ ପିଲା ଲିକୁ ଭାଇ, ପୂର୍ଣ୍ଣ ଯାଇ ପୁଣି ଲିକୁ ଭାଇକୁ ପୁରା ଘଟଣା କହିଲା, ଲିକୁ ଭାଇ ପୂର୍ଣ୍ଣକୁ ସାହାଯ୍ୟ କରିବାକୁ ଚାହିଁଲା ଓ ପୂର୍ଣ୍ଣ କାନରେ ଲିକୁ ଭାଇ କହିଲା କି ତୁ ଗୋଟେ ସାଇକେଲ୍ ଧରି ଘରକୁ ଯାଆ । କିନ୍ତୁ ପୂର୍ଣ୍ଣ ଲିକୁ ଭାଇ ମତରେ ରାଜି ହେଲା ନାହିଁ ।

ପୂର୍ଣ୍ଣ ଲିକୁ ଭାଇ ମୋବାଇଲ୍ ଯୋଗେ ପୂର୍ଣ୍ଣ ନିଜ ଘରକୁ ଫୋନ କରି ବାପାଙ୍କୁ କହିଲା କି ବାପା ମୋ ସାଇକେଲ୍ ଚଣ୍ଡିଖୋଲ ବଜାରୁ ଚୋରି ହେଇଯାଇଛି । ବାପା ପୂର୍ଣ୍ଣକୁ ପଚାରିଲେ, ସାଇକେଲ୍ କେମିତି ଚୋରିହେଲା, ପୂର୍ଣ୍ଣ ଗାଳି ନ ଶୁଣିବା ପାଇଁ ବାପାଙ୍କୁ କହିଲା ମୁଁ ସାଇକେଲ ନେଇ ବଜାରକୁ ଆସିଥିଲି ପୂଜା ସାମଗ୍ରୀ କିଣିବାକୁ, ସାଇକେଲ୍ ଚୋରି ହେଇଗଲା ।

ବାପା ପୂର୍ଣ୍ଣକୁ କହିଲେ ତୁ ମନ ଦୁଃଖ ନ କରି ଘରକୁ ପଳେଇ ଆସ, ମୁଁ ଗୋଟେ ସାଇକେଲ୍ କିଣିଦେବି । ପୂର୍ଣ୍ଣ ଏ କଥା ଶୁଣି ଟିକେ ମନରେ ପରିବର୍ତ୍ତନ ଆସିଲା ଓ ବସ୍ ଯୋଗେ ପୂର୍ଣ୍ଣ ଘରକୁ ଆସିଲା ।

ହାଟସିଂହାପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

# ନିର୍ମଳ ପ୍ରେମର ସ୍ମୃତି



ପ୍ରିୟଙ୍କା ସାହୁ

ପ୍ରେମର ସଜ୍ଞା ଖୋଜୁ ଖୋଜୁ ନିର୍ମଳ ହାରିଯାଇଛି ଦୁନିଆରେ । ପ୍ରେମର ରାସ୍ତା ସିନା ବନ୍ଧୁର କିନ୍ତୁ ମନ... ଖୁବ୍ ଦ୍ରୁତ, କେତେବେଳେ କାହାକୁ କାହା ସହ ପ୍ରେମ ହେଇଯାଏ ତାହା କେବଳ ସେଇ ସୃଷ୍ଟିକର୍ତ୍ତାଙ୍କୁ ଜଣା । ପ୍ରେମରେ ନା ଥାଏ ସ୍ୱାର୍ଥ ନା ଥାଏ ସର୍ତ୍ତ, ସେଇ ନିସ୍ୱାର୍ଥପର ପ୍ରେମକୁ ନିର୍ମଳ ଆଜି ବି ଅପେକ୍ଷାରତ । ଅରଣ୍ୟ ମଧ୍ୟରେ ଚାତକ ପକ୍ଷୀଟି ଯେପରି ଦିନ ଦିନ ଧରି ଅପେକ୍ଷା କରିଥାଏ ପହିଲି ଆଷାଢର ପହିଲି ବରଷା ବିନ୍ଦୁ କେବେ ଭୂମିଷ୍ଠ ହେବ ସେଇ ବରଷା ବିନ୍ଦୁର ପରଷ ପାଇ ସେ ନାଚି ଉଠିବ, ଠିକ୍ ସେମିତି ନିର୍ମଳ ଆଜି ବି ସ୍ମୃତିର ଫେରିବା ବାଟକୁ ଚାହିଁରହିଥାଏ । ଖୁବ୍ ବ୍ୟାକୁଳିତ ତାର ହୃଦକନ୍ଦର । କାସ୍.. ଥରଟେ ସ୍ମୃତି ଆସି ମୁଣ୍ଡ ପାଖରେ ବସି ମୋ ଅଲରା କେଶ ଗୁଡାକୁ ସଜାଡି ଦିଅନ୍ତାନି । ନା ସ୍ମୃତି ତ ଆଜି ସ୍ମୃତି ପାଲଟି ଯାଇଛି, ସେଇ ସ୍ମୃତିର ଫରୁଆକୁ ଦୂରକୁ ଫିଙ୍ଗିବାକୁ ଚେଷ୍ଟା କଲେ କାହିଁକି କେଜାଣି ବାରମ୍ବାର ତାର ସ୍ମୃତି ଗୁଡା ଧସେଇ ପଶୁଥାଏ ଛାତି ତଳେ । ଆକ୍ତାମାକ୍ତା ପରିସ୍ଥିତି ସୃଷ୍ଟି କରୁଥାଏ ।

ରାତି ୧୦ ରୁ ଅଧିକ ହେଲାଣି ଶୋଇବାକୁ ଚେଷ୍ଟା କରୁଥାଏ ନିର୍ମଳ । ଏ ବାଦୁଆ ନିଦର କଣ ହେଇଛି କେଜାଣି ସ୍ମୃତି ଗଲା ଦିନୁ ଆଖିରୁ ସବୁତକ ନିଦ ଲୁଟି ନେଇଛି । କଡ ଲେଉଟାଇ ଲେଉଟାଇ ନିର୍ଜନ ରାତିର ନିଶବ୍ଦ ପ୍ରହର ଗୁଡାକୁ ବିତେଇବାକୁ ଚେଷ୍ଟା କରୁଥାଏ । ହଠାତ୍ ଫୋନ୍ ବାଜି ଉଠିଲା ଦେଖେ ତ ଆକାଶ ଫୋନ କରିଛି । ନିର୍ମଳ, ଆକାଶ ଆଉ ସ୍ମୃତି ପିଲାଦିନର ସାଙ୍ଗ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ମଳ – ଏତେ ରାତିରେ ମୋତେ ଫୋନ୍ କରିଲୁ ଯେ ?

ଆକାଶ – ଜାଣିଛୁ ସ୍ମୃତିର ବାହାଘର ହେଉଛି, ଆସନ୍ତାକାଲି ।

କୌଣସି କାରଣବଶତଃ ଫୋନ୍ ଟି କଟିଗଲା ।

ନିର୍ମଳ ମନ୍ଥର ମନର ପଟ୍ଟଭୂମିରେ ଗତିରେଖାଟି ଟାଣି ହେଇଗଲା । ତା ବୁକୁ ଜୋରରେ ସ୍ପନ୍ଦିତ ହେବାକୁ ଲାଗିଲା । ପାଦ ତଳେ ଥିବା ମାଟି ଥରୁଥିଲା ନା ମାଟି ଉପରେ ଥିବା ମଣିଷ ଥରୁଥିଲା ବୁଝାପଡୁ ନଥାଏ । ଆବଦ୍ଧ କୋଠରୀ ଭିତରେ ଅଣନିଶ୍ୱାସୀ ହୋଇଯାଉଥାଏ । କବାଟ ଖୋଲି ବାହାରକୁ ଆସିଲା ।

ଆଷାଢ଼ ମାସର ରାତି ମେଘ ଢଙ୍କା ଆକାଶ । ବଉଦ ଚାନ୍ଦ ଭିତରେ ଲୁଚକାଳି ଖେଳ ପରି ଝାପ୍ସା ଝାପ୍ସା ଜହ୍ନର ଜୋଛନା ଭିତରେ ହଜି ଯାଇଛି ନିର୍ମଳ । ଅନେକ ପୁରୁଣା ସ୍ମୃତି ଅବଶ ମନ ଭିତରେ ଗବ୍ ଗବ୍ ହୋଇ ଫୁଟୁଥାଏ । ମନର ଗହନ କଥା ଗୁଡିକ କାହା ଆଗରେ କହି ପାରୁଥାଏ ନା ଛାତି ତଳେ ଜମାଟ ବାନ୍ଧି ରଖି ପାରୁଥାଏ । ନିଜ ଅଜାଣତରେ ମୁକ୍ତା ପରି ଲୁହ ବୁନ୍ଦା ଗୁଡିକ ଝରିଯାଉ ଥାଏ ।

ବାରମ୍ବାର ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ । କାହିଁକି ସ୍ମୃତି କାହିଁକି ତୁମେ ମୋତେ ଘୃଣା କର । କେଉଁ ଖରାପ ଗୁଣର ଆବିଷ୍କାର କରିଛ ମୋ ଭିତରେ । ଏମିତି ସାରା ଜୀବନ ଏଇ ଗୋଟିଏ ପ୍ରଶ୍ନର ଅଡୁଆ ସୂତାରେ ଗୁଡେଇ ତୁଡେଇ ମୋତେ କାହିଁକି ବାନ୍ଧିଦେଲ । ହଁ ମୁଁ ତୁମକୁ ଭଲପାଏ । ପ୍ରେମ ବଦଳରେ ପ୍ରେମ ନ ମିଳିଲା ନାହିଁ ବନ୍ଧୁତା ତ ଦେଇ ପାରିଥାନ୍ତ । କିନ୍ତୁ ନା ତୁମେ ଏ କଣ କରିଲ ସ୍ମୃତି ?

ଆଜି ବି ଅନେକ କଥା ତମ ପାଇଁ ଅଜଣା ହୋଇ ରହିଛି । ସେ ବର୍ଷ ତୁମ ଜନ୍ମଦିନରେ କଣ ଉପହାର ଦେବି ଭାବି ହେଉଥାଏ । ଆକାଶର ମତ ଥାଏ ବଜାରରୁ ଦାମୀ ଉପହାର କିଣି ଆଣି ତୁମକୁ ଦେବା ପାଇଁ ନା ମୋ ମନ ମାନିଲାନି, ବଜାରରେ ବିକ୍ରି ହେଉଥିବା

 Magazine Downloaded from www.aahwaan.com

ଉପହାର ଦାମୀ ହେଇପାରେ କିନ୍ତୁ ସେଥିରେ ଆତ୍ମୀୟତା ନ ଥାଏ । ତେଣୁ ଭାବିଲି ତୁମର ସୁନ୍ଦର ଚିତ୍ର ଆଙ୍କି ଉପହାର ଦେବି ବୋଲି । ସାରା ରାତି ବିତିଗଲା, କାଗଜ ଚିରି ଚିରି ଖାତା ସରିଗଲା କିନ୍ତୁ ତୁମପରି ଅବିକଳ ସୁନ୍ଦରୀ ତରୁଣିର ଚିତ୍ରଟି ଆଙ୍କି ପାରିଲିନି । ଖୁବ୍ ଦୁଃଖ ଲାଗୁଥାଏ । ଦେହ ମନ ଅବଶ ହୋଇଯାଇଥାଏ । କେତେବେଳେ ମୋ ଦୁଇ ଆଖି ମୁଦି ହେଇଯାଇଥାଏ । ଝରକାର ବାଡ ଡେଇଁ ଦଲକାଏ ଶୀତଳ ପବନ ସ୍ପର୍ଶ କରିଛି ମୋତେ । ଛାଇ ନିଦ ଲାଗିଯାଇଛି । ତୁମେ ମୁଣ୍ଡ ପାଖରେ ବସି କହୁଛ ...

ସତରେ ନିର୍ମଳ ତୁମେ ଏତେ ବୁଦୁ ବୋଲି ମୁ ଜାଣିନଥିଲି । ଥରଟେ ମୋତେ ଦେଖିଦେଲେ କଟାସ ପରି ଚାହିଁ ରହିଥାଅ ଅଥଚ ମୋ ଚିତ୍ରଟେ ଆଙ୍କି ପାରୁନା । ଏଇ ଦେଖ ... ମୋ ନାକଟା ଏମିତି ନୁହେଁ ଟିକେ ଚେପଟା, ମୋ କେଶ ଗୁଡା କହରା ରଙ୍ଗର ତୁମେ ତ କଳାହାଣ୍ଡିଆ ମେଘରୁ ସବୁତକ କଳା ରଙ୍ଗ ଆଣି ମୋ କେଶରେ ବୋଳି ସାରିଲଣି । ଧେତ୍... ଆଉ ଥରେ ଆଙ୍କ । ମନେରଖ ଚିତ୍ରରେ ମତେ ବେଶି ହସେଇବନି ମୋ ଗୋଲାପି ଓଠରେ ସ୍ମିତ ହସ ରଖିବ ।

ଭାଙ୍ଗିଗଲା ମୋ ସପନ ପାହିଗଲା ରାତି, ତୁମେ କହିଥିବା ପରି ଅବିକଳ ଚିତ୍ର ଆଙ୍କି ଦେଲି ମୁଁ । ତୁମକୁ ସିନା ଦେଇ ପାରିଲିନି ମୋ ମନ କଥା କହି ପାରିଲିନି ହେଲେ ଆଜିବି ସାଇତି ରଖିଛି ମୁଁ ।

ଇତି ମଧ୍ୟରେ ରାତି ପାହି ସକାଳ ହେବାକୁ ବସିଲାଣି । ନିର୍ମଳର ମୁଣ୍ଡ ଭୀଷଣ ଯନ୍ତ୍ରଣା ଦେଉଛି । ଚେତାଶୂନ୍ୟ ହୋଇପଡିଛି ନିର୍ମଳ । ଘର ମାଲିକଙ୍କ ସାହାଯ୍ୟରେ ନିଜକୁ ଆବିଷ୍କାର କରିଛି ଡାକ୍ତରଖାନାରେ । ପାଖରେ ବସିଛି ଆକାଶ କିଛି ବି କହୁନି ।

ନିର୍ମଳ - ଆରେ ଆକାଶ ତୁ କେମିତି ଜାଣିଲୁ ?

ଆକାଶ- ଘରବାଲା ମଉସା ମୋତେ ଫୋନ୍ କରି ଜଣେଇଲେ । ହଉ ଚାଲ ଆମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ଗାଁ କୁ ଯିବା ।

ନିର୍ମଳ - ନା ମୁଁ ଏଇଠି ଠିକ୍ ଅଛି ।

ଆକାଶ – ଯେଉଁ ସ୍ମୃତି ପାଇଁ ତୁ ନିଜ ମା କୋଳକୁ ପର କରି ଆସି ଦୂରରେ ରହିଲୁ । ସ୍ମୃତିର ଘୃଣା ଚକ୍ଷୁଠାରୁ ନିଜକୁ ଦୂରେଇ ରହିଲୁ ଆଜି ସେଇ ସ୍ମୃତି ଶାଶୁଘର ଯାଇ ସାରିଲାଣି । ଦୂର ପାହାଡ ଆଖିକୁ ସୁନ୍ଦର ଦିଶେ ଭାବି ତୁ ସିନା ତୁ ସିନା ସ୍ମୃତିର ନଜରରୁ ଦୂରେଇ ଆସିଲୁ କିନ୍ତୁ ସ୍ମୃତିର ମନୋଭାବ ଜମା ବି ବଦଳିଲାନି । ଛାଡ଼୍ ସେ ପଛ କଥା ଏବେ ଆମେ ଗାଁକୁ ଫେରିଯିବା ।

୪ ବର୍ଷ ବିତିଗଲାଣି । ନିର୍ମଳର ଦେହ ବେଳୁ ବେଳ ଶୋଚନୀୟ ହେବାରେ ଲାଗିଛି । ଆକାଶ ବାରମ୍ବାର ଫୋନ୍ କରି ବୁଝେ କଣ ହେଇଛି ତୋର, ଦେହର ଯତ୍ନ ନେଉନୁ ତୁ ତ ଜାଣୁ ଚାକାରୀ ପାଇବା ପରେ ମୁଁ ଆଉ ବେଶୀ ସମୟ ଦେଇପାରୁନି । ଶିକ୍ଷକତା ଜୀବନର ବ୍ୟସ୍ତତା ତୁ ଜାଣୁ , ନିଜ ଦେହର ଯତ୍ନ ନେବୁ ।

ବନ ପୋଡିଗଲେ ସିନା ସଭିଏଁ ଜାଣନ୍ତି ମନ ପୋଡିଗଲା ନା ନିଆଁ ବାହାରେ ନା ଧୂଆଁ, କେହିବି ଜାଣି ପାରନ୍ତିନି ନିର୍ମଳର କଣ ହେଇଛି । ବାରମ୍ବାର ଦେହ ଖରାପ ହେଉଥାଏ ଘରେ ରୋଗିଣା ମା'ଟେ, କେତେ ବା ଯତ୍ନ ନେବ ସେ । ନିର୍ମଳ ନିଜ କଥାକୁ ନିଜ ଭିତରେ ଚାପି ରଖିଥାଏ ।

ଦିନେ ନିର୍ମଳର ଅବସ୍ଥା ଶୋଚନୀୟ ହୋଇପଡିଲା । ମା ତାକୁ ମେଡିକାଲ ନେଇଗଲେ । ପାଖରେ ସାହା ଭରଷା ବୋଲି କେହି ନାହିଁ, ଡାକ୍ତର ମେଡିସିନ୍ ର ଲମ୍ବା ଚିଠାଟେ ଧରେଇ ଦେଲେ କିଛି ବୁଦ୍ଧି ଦିଶୁ ନ ଥାଏ । ଅନ୍ୟ ଉପାୟ ନ ପାଇ ଆକାଶକୁ ଫୋନ କରିଲେ ନିର୍ମଳର ମା । ଖବର ପାଇ ଆକାଶ ଆସି ପହଞ୍ଚିଲା, ଅନେକ ପରୀକ୍ଷା ନୀରିକ୍ଷା ପରେ ଜଣା ପଡିଲା ନିର୍ମଳ ରକ୍ତ କର୍କଟରେ ଆକ୍ରାନ୍ତ । ଲାଷ୍ଟ ଷ୍ଟେଜ ଖୁବ୍ କମ

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ୍ର ହାତରେ ।

ଆକାଶ ସେମିତି ବସି ରହିଛି ନିର୍ମଳ ପାଖରେ । ପିନ୍ଧା ଲୁଗାର କାନିକୁ ପାରି ଶୋଇଛନ୍ତି ଆକାଶର ମା । ଆକାଶ ତାଙ୍କୁ ସଠିକ୍ କଥା ଜଣେଇ ନଥାଏ । ଖୁବ୍ ଶୀଘ୍ର ନିର୍ମଳ ଭଲ ହୋଇ ଘରକୁ ଫେରିବ ଜାଣି ଟିକେ ବିଶ୍ରାମ ନେଉଛନ୍ତି । ଚେତା ଫେରି ଆସିଛି ନିର୍ମଳର ଆକାଶକୁ କିଛି କହିବା ପାଇଁ ଚେଷ୍ଟା କରିଛି ।

ଆକାଶ – ଦେଖ୍ ନିର୍ମଳ ତୁ ଖାଦ୍ୟ ଖାଇ ମେଡିସିନ୍ ନ ଖାଇବା ଯାଏଁ ମୁ କିଛି ଶୁଣିବିନି ।

ନିର୍ମଳ- ଗୋଟିଏ କଥା ଦେଇ ପାରିବୁ ମତେ ।

ଆକାଶ- ହଉ କହ ।

ନିର୍ମଳ- ଥରଟିଏ .. ବାସ୍ ଥରଟିଏ ସ୍ମୃତି ସହ ଦେଖା କରେଇଦେ, ଆଉ କିଛି ଦରକାର୍ ନାହିଁ ମୋର ।

ଆକାଶ- ଭରଷା ରଖ ମୁଁ ନିଶ୍ଚିତ ତୋ ଇଛା ପୂରା କରିବି । ଆଗ ତୁ ଖାଇ ମେଡିସିନ୍ ଖାଇଦେ ।

ଔଷଧର ପ୍ରଭାବରେ ନିଦ ଆସିଯାଇଛି ନିର୍ମଳକୁ । ଆକାଶ ବାହାରି ଆସିଛି ଡାକ୍ତରଖାନା ବାହାରକୁ । ନିରାଶାର କଳାବାଦଲ ଘୋଟିଯାଇଛି ତା ମନ ମଧ୍ୟରେ । ଦିଲ୍ଲୀ ପରି ଏତେ ବଡ ସହର ଏଠି କୋଉଠି ଖୋଜିବି ମୁଁ ସ୍ମୃତିକୁ । କେମିତି ଭେଟ କରେଇବି ନିର୍ମଳ ସହ । ହେ ଭଗବାନ ମୁଁ କଣ ମୋ ସାଙ୍ଗର ଶେଷ ଇଛା ପୂରା କରିପାରିବିନି ? କାନ୍ଥକୁ ଆଉଜି ଆକାଶକୁ ଚାହିଁ କେତେବେଳେ ଶୋଇଯାଇଛି ଆକାଶ, ଧାଁ ଧପଡର କ୍ଳାନ୍ତି ଭିତରେ ନିଦ ହୋଇଯାଇଛି ତାକୁ ।

ହଠାତ୍ କାହା ହାତର ସ୍ପର୍ଶ, ମୁଣ୍ଡକୁ ହଲେଇ ଦେଇ ହେଇ... ତୁ ଆକାଶଟି । ଧଡପଡ ହୋଇ ଉଠି ଠିଆହେଲା ଆକାଶ । ସାମ୍ନାରେ ତନୁ ପାତଳୀ ସୁନ୍ଦରୀ ତରୁଣୀ, ସାଙ୍ଗରେ ଜଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହିଳା । କିଛି କ୍ଷଣ ପାଇଁ ଆକାଶ ନିର୍ବାକ୍ ହେଇଗଲା ।

ଚିହ୍ନି ପାରୁନୁ ମୁଁ ପରା ତୋ ପିଲାଦିନର ସାଙ୍ଗ ସ୍ମୃତି । ଆକାଶ ବିଶ୍ୱାସ କରିପାରୁନଥାଏ । ସିନ୍ଦୂର ପିନ୍ଧି ନାରୀ ବେଶରେ ତୁ ଖୁବ୍ ସୁନ୍ଦରୀ ଦିଶୁଛୁ, କେମିତି ଚିହ୍ନି ପାରିଥାନ୍ତି । ଜାଣିଛୁ ଏବେ ତତେ ହିଁ ଖୋଜିବାକୁ ଯାଇଥାନ୍ତି, ଆଚ୍ଛା କହିଲୁ ତି ଏଠିକି କାହିଁକି ଆସିଛୁ । ସ୍ମୃତି ପାଖରେ ଥିବା ମହିଳାଙ୍କୁ ଚିହ୍ନେଇ ଦେଇ କହିଲା, ଇଏ ମୋ ମା, ମୁଁ ଏବେ ଅନ୍ତସତ୍ୱା । ମାଙ୍କୁ ସାଥିରେ ଆଣି ଚେକ୍ଅପ୍ ପାଇଁ ଆସିଛି ।

ଆକାଶ – ମୋର ଗୋଟିଏ ଅନୁରୋଧ ରଖିବୁ ?

ସ୍ମୃତି – ହଁ କହ, କି ଅନୁରୋଧ

ଆକାଶ – ମୋ ସାଥିରେ ଆସ ।

ସ୍ମୃତି ବି ବିନା ପ୍ରଶ୍ନରେ ଆକାଶ ସହ ମେଡିକାଲ ଭିତରକୁ ପ୍ରବେଶ କରିଲା । ଦେଖିଲା ବେଡ୍ ରେ ଜଣେ ଗୁରୁତର ରୋଗୀ ଚିକିତ୍ସିତ ହେଉଛନ୍ତି । ସ୍ମୃତି ଅବିଳମ୍ବେ ଚିହ୍ନି ପକେଇଲା । ଅତି ଆବେଗରେ କହିଲା ଆରେ ନିର୍ମଳ ତୁ ଏଠି । ନିର୍ମଳ ସ୍ମିତ ହସ ହସି ଦେଲା । ନା ସେଇ ହସରେ ଥିଲା ସରସତା, ନା ରୂପରେ ଆକର୍ଷଣ, ଆଗ ପରି ନିର୍ମଳ ମୁଖରେ ଜ୍ୟୋତି ନଥିଲା । ମୁଣ୍ଡରେ ଫୁରୁ ଫୁରୁ ଅଲରା କେଶ, ଖୋଳା ଖୋଳା ଆଖି କହୁଥିଲା ହୃଦୟର ଅନେକ ବ୍ୟଥା । ଉଠି ବସିବାର ତାକତ ନଥିଲା, କ୍ଷୀଣ ସ୍ୱରରେ କହିଲା ଆକାଶ ତୁ ମୋର ଶେଷ ଇଚ୍ଛା ପୂରା କରିଦେଲୁ ତୋ ପରି ସାଙ୍ଗଟେ ପାଇ ମୁଁ ଧନ୍ୟ ହେଲି । ଆକାଶ କହିଲା ହଁ ସ୍ମୃତି ଆଜି ଆସିଛି କିନ୍ତୁ ପ୍ରେମ ପାଇଁ ନୁହେଁ ମଣିଷ ପଣିଆ ପାଇଁ ।

ସ୍ମୃତି ଏତେ ସବୁ କଥା ଜାଣିଲା ପରେ ନିଜକୁ ଖୁବ୍ ଦୋଷୀ ମନେକରୁଥାଏ । ନିଜର ଅନ୍ତସତ୍ୱା ଖବର ନିର୍ମଳକୁ ଜଣେଇ କହିଲା ବହି ଯାଇଥିବା ପାଣି ଯେମିତି ଆଉ ପଛକୁ ଫେରିପାରେନା ଠିକ୍ ସେମିତି ମୁଁ କେବେବି ତୁମର ହେଇ ପାରିବିନି କିନ୍ତୁ ମୋ ପିଲାର ନାମ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ନିର୍ମଳ ରଖିବି । ତାରି ଭିତରେ ତୁମକୁ ସବୁଦିନ ମୋ ପାଖରେ ଅନୁଭବ କରୁଥିବି । ଏ କଥା ଶୁଣୁ ନିର୍ମଳ ର ସବୁଦୁଃଖ ଦୂର ହେଇଯାଉଥାଏ ।

ତିନି ଜଣ ମିଶି ବିଗତ ଦିନର ସ୍ମୃତି ସବୁ ମନେ ପକାଉଥାନ୍ତି ହଠାତ୍ ନିର୍ମଳର କାଶ ଆରମ୍ଭ ହେଲା, କାଶରୁ ରକ୍ତ ବାନ୍ତି, ନିସ୍ତେଜ୍ ହେଇଗଲା ନିର୍ମଳ । ସ୍ମୃତି ତା କୋଳକୁ ଆଉଜି ନେଲା । ଆକାଶ ଧାଇଁଗଲା ଡାକ୍ତରଙ୍କ ପାଖକୁ । ଜଣାହିଁ ପଡିଲାନି କେତେବେଳେ ନିର୍ମଳ ସ୍ମୃତିର କୋଳରେ ମୁଣ୍ଡ ରଖି ସବୁଦିନ ପାଇଁ ଶାନ୍ତିର ନିଦ୍ରାରେ ଶୋଇଗଲା ।

ଏହାକୁ ହିଁ ତ କୁହନ୍ତି ପ୍ରକୃତ ପ୍ରେମ । ପ୍ରେମ ଯଦି ନିର୍ମଳ ଶାଶ୍ୱତ ଥିବ ଦୂରତା କେବେବି ପ୍ରତିବନ୍ଧକ ସାଜିବନି । ପ୍ରେମ  ଖାଲି ଟୋପାଏ ସିନ୍ଦୂରରେ ସୀମିତ ହୋଇ ରହେ ନାହିଁ । ପ୍ରେମ ସ୍ୱର୍ଗୀୟ ,ଚିରନ୍ତନ ସତ୍ୟ । ନ ହେଲେ ଆକାଶ କଣ ନିର୍ମଳର ଶେଷ ଇଛା ପୂରା କରିପାରିଥାନ୍ତା । ଏହା ତ କେବଳ ଶାଶ୍ୱତ ପ୍ରେମରେ ସମ୍ଭବ ।

ଅଢେଇ ଅକ୍ଷର ସେ ପ୍ରେମ ବୋଲି
ଅଧାରେ ରହିଲେ ରାଧା,
ଆତ୍ମା ସହ ଆତ୍ମକୁ ମିଶେଇ ଦେଇ
ସହିଗଲେ ସବୁ ବାଧା  ।

ସାହାନିୟାଜ ପୁର, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲଜ୍ଜା



ଲକ୍ଷ୍ମଣ କୁମାର ବେହେରା

ଅନୀତା ସକାଳୁ ସକାଳୁ ଗାଆଁ ପୋଖରୀରେ ଗାଧୋଇ ସାରି ଘରକୁ ଫେରି ଦେଖିଲା ତା'ର ସ୍ୱାମୀ କନ୍ଦର୍ପ ଖଟ ଉପରେ ଶୋଇ ରହି ଚଳଚ୍ଚିତ୍ର ଦେଖିବାରେ ବ୍ୟସ୍ତ ଅଛି । ଏହା ଦେଖି ସେ ନିଜର କ୍ରୋଧ ସମ୍ଭାଳି ନପାରି  ହାତରେ ଧରିଥିବା ଲୁଗା ବାଲ୍ଟିଟିକୁ ଦୁଆର ସାମ୍ନାରେ ଫୋପାଡି ଦେଇ କହିଲା, ମୁଁ ତୁମକୁ ଯେତେବେଳେ ତ ଦେଖୁଛି ତୁମେ ସେଇ ଫୋନଟାକୁ ଜାବୁଡି ଧରି ବସିଛ । ଖାଇବା, ଶୋଇବା ସବୁ ଭୁଲିଯାଇ ଚବିଶ୍ ଘଣ୍ଟା ଘସି ହେଉଛ । କ'ଣ ମିଳୁଛି ସେଇଠୁ ?

ବୋଧେ କେଉଁ ଝିଅ କି ମାଇପି ତା' ଜାଲରେ ତମକୁ ପକାଇ ସାରିଲାଣି । ମୋତେ ତ ସନ୍ଦେହ ହେଲାଣି ତୁମ ଚରିତ୍ର ଉପରେ ।

- ( କନ୍ଦର୍ପ କହିଲା ) ଛି ! ଛି ! ମୁଁ ସେମିତି ନୁହେଁ । ମୋତେ ଆଶ୍ଚର୍ଯ୍ୟ ଲାଗୁଛି, ତୁମେ ମୋ ଚରିତ୍ରକୁ କେମିତି ସନ୍ଦେହ କରି ପାରୁଛ ?

- ( ଅନିତା କହିଲା ) ସନ୍ଦେହ କାହିଁକି କରିବିନି ? ତୁମେତ ସବୁବେଳେ ନଗ୍ନ ଛବି ଦେଖୁଛ, ଅଶ୍ଳୀଳ କଥା କହୁଛ, କଥା କଥାରେ ମୋତେ ରାଗୁଛ, ପିଟୁଛ, ମୋ ଭଉଣୀକୁ ରଖିବି ବୋଲି କହୁଛ ।

ଫେସବୁକରେ ମୁଁ ତୁମକୁ ଅନେକ ଥର ତ ଦେଖିଛି ତୁମେ ସେଇଠି ଲାଇକ୍ ଆଉ କମେଂଟ୍ କରିଥାଅ ଯେଉଁଠାରେ ତରୁଣୀଟିଏ ସ୍ନୋ, ପାଉଡର ମୁହଁରେ ବୋଳି ନଗ୍ନ - ଅଶ୍ଳୀଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛବିଟିଏ ଛାଡିଥାଏ । କୌଣସି ଭଲ ଲେଖା କି ନୀତିବାଣୀ ଉପରେ ନିଜର ମତ କେବେ ତ ବ୍ୟକ୍ତ କରିନ କି ଲାଇକଟିଏ କରିନ ଆଜି ଯାଏଁ? ଝିଅ ମାନଙ୍କ ଛବି ପଛରେ ପଡି ଫୋନ୍ ନମ୍ବର ମାଗି କଥା ହୁଅ । କେତେ ଦୁଷ୍ଟ ପ୍ରକୃତିର ତୁମେ ? ବାହାଘର ଛଅ ବର୍ଷ ହେଇଗଲା ପରେ ବି ତୁମେ ଜମା ବଦଳୁନ । ତୁମର ବାହାରଟା ଚିକ୍କଣ, ହେଲେ; ଭିତରଟା ପାପ-ପଙ୍କରେ ଭର୍ତ୍ତି । ମୁଁ କ'ଣ ତୁମକୁ ଚିହ୍ନିନି ?

ଚଳଚ୍ଚିତ୍ର ଅଭିନେତ୍ରୀ ହେଉ କି ସୁନ୍ଦରୀ ତରୁଣୀ, ସେମାନଙ୍କ ନଗ୍ନ ଛବି ଦେଖିଲେ ତୁମେ ପରା ନାଚି ଉଠ । ସେସବୁରୁ ତୁମେ କ'ଣ ପାଅ, କେଜାଣି ? ବିଧାତା ଜାଣୁଥିବେ ।

ମୋ ସହ ପଦେ କଥା ହେଲେ ତୁମକୁ ରାଗ ଲାଗେ । ଆଉ କେଉଁ ଝିଅପିଲା ଯଦି ତୁମକୁ ରାତି ଅଧରେ ଫୋନ୍ କଲା, ତା' ସହ ଘଣ୍ଟା ଘଣ୍ଟା ଧରି - ହସି ହସି କଥା ହୁଅ । ତୁମେ କେତେ ରସିକିଆ ମୁଁ କ'ଣ ଜାଣିନି ?

ଯେତେବେଳେ ତ ଦେଖୁଛି ରାଘବର ଭେଣେଇ ମଦନ ସାଙ୍ଗରେ ସାହି ମଣ୍ଡପରେ ବସି ମଦ ପିଉଛ, ତାସ୍ - କାଠ୍ ପତି ଖେଳୁଛ । ମଦନ ତ ଗୋଟେ ବାଜେ ଚରିତ୍ରର ଲୋକ । ପର ଝିଅ ବୋହୂ ଉପରେ ସବୁବେଳେ ତା'ର ଖରାପ ନଜର । ସେମିତି କୁତ୍ସିତ ଚରିତ୍ର ଲୋକ ସହିତ ତୁମେ କେମିତି ସାଙ୍ଗ ହେଉଛ ? ତା' ସାଙ୍ଗରେ ମିଶି ତୁମେ ପୁରା ବର୍ବାଦ ହେଇ ସାରିଲଣି । ଜାଣି ପାରୁନ କି ?

ପୋଖରୀରେ ଆଜି ଗାଧେଇଲା ବେଳେ ତମର ସେ ସାଙ୍ଗ ମଦନ ଆମ୍ବ ଗଛ ମୂଳେ ଲୁଚି ରହି ରତନାର ମାଆ, ମଧୁ ମାଉସୀ, ମମତା ଅପାଙ୍କୁ ଦେଖୁଥିଲା । ଯେତେବେଳେ ମୋତେ ଦେଖିଲା ସେ ଦୌଡିକି ପଳେଇଲା । ମମତା ଅପା କହିଲେ ତୋ ବର ବି ଗତ ମଙ୍ଗଳବାର ଯା' ସାଙ୍ଗରେ ମିଶି ଆମକୁ ଲୁଚି ଲୁଚି ଦେଖୁଥିଲା । ନିଜ ବରକୁ ଆଗ ସମ୍ଭାଳ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନହେଲେ ଦିନେ ପସ୍ତେଇବୁ ବୋଲି ସେମାନେ ମୋତେ କହିଲେ ।

ଏକଥା ଶୁଣି ଲଜ୍ଜ୍ୟାରେ ମୋ ମୁଣ୍ଡ ତଳକୁ ନଇଁଗଲା । ତୁମେ ଜାଣିନ କି ସେମାନେ ସମସ୍ତେ ବିଧବା ବୋଲି ? ସବୁ ଜାଣିଶୁଣି ତୁମ ଇଜ୍ଜତରେ କଳଙ୍କ କାହିଁକି ଲଗାଉଛ । ତୁମକୁ ନିଜର ବର ବୋଲି କହିବାକୁ ମୋତେ ଘୃଣା ଲାଗୁଛି । ସେଦିନ କନ୍ଦର୍ପ ସହିତ ଏମିତି କଳି ଝଗଡା ହୋଇ କାନ୍ଦୁଥାଏ ଅନୀତା ।

ଛଅ ବର୍ଷ ହେଇଗଲା ଛୁଆଟିଏ ଦେଇ ପାରୁନି ବୋଲି ତୁମ ଘର ଲୋକେ ଏଣୁ ତେଣୁ କଥା ମୋତେ ଶୁଣାଉଛନ୍ତି । ତୁମ ମାଆ ମୋତେ ଶୁଣେଇ କରି ଗତ କାଲି କହିଲେ ବାପ ଘରେ ଭଙ୍ଗେଇ ଥିବ, ହେତିଲାଗି ଛୁଆ ହେଉନି । ମାମୁଁ ଘର, ମାଉସୀ ଘର, ଅପା ଘର ବୁଲି ବୁଲି ନୂଆ ନୂଆ ତୁଣ ସବୁ ଖାଇଥିବ । ଯାହାକୁ ପାରି ତାହାକୁ ଖୁଆଇ ଥିବ, ନହେଲେ; ଛୁଆ ନାଇଁ ହେଇତା ।

ଶାଶୁ ମାଆଙ୍କ ଠାରୁ ଏମିତି ଅସଭ୍ୟ କଥା ଶୁଣି ମୋ ମୁହଁ ତଳକୁ ହେଇଗଲା । ଜଣେ ନାରୀ ଆଉଜଣେ ନାରୀକୁ ଏମିତି ବାଧିଲା ଭଳି କଥା କହିପାରେ ? ମୁଁ କେବେବି ଏମିତି ଶୁଣିବି ବୋଲି ଜୀବନରେ ଭାବି ନଥିଲି । ଆଜି ମୁଁ ବହୁତ ପୀଡା ଅନୁଭବ କରୁଛି ।

ଗାଆଁ  ଲୋକଙ୍କ ଠାରୁ ଆଉ ଶାଶୁ ମାଆଙ୍କ ଠାରୁ ଏଭଳି କଥା ଶୁଣି ମୋତେ ଆଉ ଜମା ଭଲ ଲାଗୁନି । ଏ ପରିବାର ପ୍ରତି ମୋର ଯେଉଁ ଭଲପାଇବା ଅଛି, ସମ୍ମାନ ଅଛି ମୁଁ ତା'କୁ କେବେ ମଧ୍ୟ କ୍ଷୁର୍ଣ୍ଣ ହେବାକୁ ଦେଇନି କି ଦେବିନି । ମୁଁ ସରଳ ବିଶ୍ୱାସୀ ବୋଲି ତୁମ ମାୟାଜାଲରେ ପଡି ତୁମକୁ ବିବାହ କଲି । ମୋ ସଂସ୍କାର ଏତେ ନିଚ ନୁହେଁ । ତୁମେ ଏତେ ତଳକୁ ଖସିଯିବ ମୁଁ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ତୁମ ପାଇଁ ଆଜି ମୁଁ ଲଜ୍ଜିତ ।

ତୁମେ ତ ଏତେ ପାଠଶାଠ ପଢିଛ, ତୁମ ବନ୍ଧୁ ରାଘବ ସହ ମିଶି ଚାକିରିଟିଏ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେଷ୍ଟା କରୁନ । ତୁମେ ଚାକିରି କଲେ ଘରଟା ହେଲେ ଟିକିଏ ଭଲରେ ଚଳନ୍ତା ।

ଲଜ୍ଜ୍ୟାରେ ଆଉ ପଦେ ବି କଥା କନ୍ଦର୍ପ କହି ନପାରି ଏକ ମୁହାଁ ହୋଇ ରାଘବ ପାଖକୁ ଗଲା । କଥାବାର୍ତ୍ତା ହୋଇ ଦୁହେଁ ଚାକିରି ପାଇଁ ବାଙ୍ଗାଲୋର ଚାଲିଗଲେ ।

ବାଙ୍ଗାଲୋରରେ ରାଘବ ଓ କନ୍ଦର୍ପ ଏକ ନାମିଦାମୀ କମ୍ପାନୀରେ ଉଚ୍ଚ ପଦବୀରେ ଚାକିରି ପାଇଲେ ।

ମାତ୍ର ପନ୍ଦର ଦିନ କମ୍ପାନୀରେ କାମ କରି ନିଜ ଘରକୁ ଫେରି ଆସିଲା କନ୍ଦର୍ପ । ଘରକୁ ଫେରିଲା ବେଳେ ନିଜ ଫେସବୁକ୍ ବାନ୍ଧବୀ ଏଲୀନା ସାହୁକୁ ଧରି ପଳାଇ ଆସିଲା । ଗାଆଁରେ ସମସ୍ତେ କନ୍ଦର୍ପ, ଅନୀତା ଆଉ ଏଲୀନାର ହୀନ ଚର୍ଚ୍ଚା କଲେ, ନିନ୍ଦା ପାଞ୍ଚିଲେ, ଛଅକୁ ନଅ - ନଅକୁ ଛଅ କରି ମୁହଁରେ କହିଲେ ।

ଲୋକ ଲଜ୍ଜ୍ୟା ସହି ନପାରି ଅନୀତା ଶେଷରେ ଆତ୍ମହତ୍ୟା କଲା ।

ପ୍ରେମ ସମ୍ରାଟ ଲକ୍ଷ୍ମଣ କୁମାର ବେହେରା ( ଯତି )

କବି କୁଟୀର

ଦଣ୍ଡାସିଂହା, ବାରକୋଟ

ଦେବଗଡ ( ଓଡିଶା )

ପିନ୍- ୭୬୮୧୦୮

ଭ୍ରାମ୍ୟଭାଷ- ୦୯୭୬୮୨୪୨୭୭୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶଙ୍କରର ପ୍ରିୟା



ଦୀପକ ଷଡ଼ଙ୍ଗୀ

ପଞ୍ଜାବୀ ଢାବାକୁ ଶଙ୍କର ସେଦିନ ଖାଇବାକୁ ଯାଇଥାଏ । ସବୁଦିନ ଭିତରେ ବସିଥିବା ପ୍ରିୟାକୁ ଆଜି ତା ଟେବଲ ଉପରେ ବସିଥିବାର ଦେଖି ସେ ବହୁତ ଖୁସି ହୋଇଗଲା । ଅବଶ୍ୟ ପ୍ରିୟାକୁ ରାତିରେ ଦେଖିବା ତା ପାଇଁ କିଛି ନୂଆ କଥା ନଥିଲା । କାରଣ ଢାବା ହୋଟେଲ, ରେଷ୍ଟୁରାଣ୍ଟ ଆଦି ଜାଗା ହିଁ ପ୍ରିୟାର ବାସସ୍ଥାନ । ଏତେ ଦିନର ଯିବା ଆସିବା ଭିତରେ ଶଙ୍କର ତା ପ୍ରେମରେ ପଡି ଯାଇଥିଲା । ଥରେ ଦୁଇଥର ଭାବର ଆଦାନପ୍ରଦାନ ଭିତରେ ତାଙ୍କ ଭିତରେ ସୃଷ୍ଟି ହୋଇ ସାରିଥିଲା ଅନାବିଳ ପ୍ରେମ । ପ୍ରତିଦିନ ରାତିରେ ତା ସହ ଘଣ୍ଟେ ଦୁଇଘଣ୍ଟା ନ ବିତାଇଲେ ଶଙ୍କରର ମନ ପୁରା ପାଣିଚିଆ ହୋଇଯାଏ । ସେଦିନ ଶଙ୍କରର ପ୍ରିୟା ଲାଗୁଥିଲା ଏକଦମ୍ ନୂଆ ନୂଆ । ସେଥିପାଇଁ ପ୍ରିୟା ସହ ଟିକେ ବେଶି ସମୟ ବିତେଇବା ପାଇଁ ତା'କୁ ଶଙ୍କର ଲୁଚେଇ କି ଢାବା ବାହାରକୁ ଖୋଲା ପଡିଆ ଆଡକୁ ନେଇ ଆସିଲା । ଭାବିଥିଲା ତା ସହିତ ଖୋଲା ପଡିଆରେ ଟିକେ ମନ ଖୋଲି ତାକୁ ଭଲ ପାଇବ ; କିନ୍ତୁ ତା ଭଳିଆ ଅନେକ ପ୍ରେମୀ ଯୁଗଳଙ୍କୁ ଦେଖି ସେ ସେଠି ଆଉ ବେଶି ସମୟ ରହି ପାରିଲା ନାହିଁ । ତା'ପରେ ସେଠୁ ଶଙ୍କର ତା ପ୍ରିୟାକୁ ଧରି ଚାଲିଲା ନଈ କୁଳକୁ ପୂର୍ଣ୍ଣମୀ ଜହ୍ନର କିରଣରେ ନଈ ପାଣି ସହିତ ପ୍ରିୟା ଦେହ ମଧ୍ୟ ଚକଚକ କରୁଥାଏ । ଏତେ ରାତିରେ ପ୍ରିୟା ସହିତ ନଦୀ କୂଳରେ ବସି କିଛି ମୁହୂର୍ତ୍ତ ବିତାଇବା ଶଙ୍କର ପାଇଁ ଥିଲା ଗୋଟେ ନିଆରା ଅନୁଭୂତି । ତା'ର ପ୍ରିୟତମାର ଦେହକୁ ଛୁଇଁ ଆସୁଥିବା ପ୍ରତ୍ୟେକଟି ସୁଲସୁଲିଆ ପବନ ଶଙ୍କରକୁ ବସନ୍ତ ମଳୟର ଛୁଆଁ ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗୁଥାଏ । ରାତି ଯେତେ ବଢୁଥାଏ ଶଙ୍କର ଓ ପ୍ରିୟା ମଧ୍ୟରେ ଦୂରତା ସେତେ କମିକମି ଯାଉଥାଏ । ଧୀରେ ଧୀରେ ଶଙ୍କର ପ୍ରିୟାର ଓଠ ପାଖକୁ ଗଲା ଆଃ ! କି ମିଠା ତା ଅଧରର ସ୍ୱାଦ । ରାତିର ଗଭୀରତା ଯେତେ ବେଶି ହେଉଥାଏ ପ୍ରିୟା ଶଙ୍କରକୁ ସେତେ ତା ଓଠର ସ୍ୱର୍ଶ ଦେଇ ପାଗଳ କରୁଥାଏ ଆଉ ଭିଜାଉଥାଏ ପ୍ରେମର ବର୍ଷାରେ । ଶଙ୍କରର ଦୁଷ୍ଟାମି ଯେତେବେଳେ ସୀମାପାର ହୋଇଗଲା ଅବଶ ହୋଇ ସେ ଲୋଟି ପଡିଲା ନଦୀର ବାଲିପଠାରେ । ସେଦିନର ରାତି ସିନା ସରି ଯାଇ ଥିଲା ହେଲେ ଶଙ୍କରର ପ୍ରିୟା ସହିତ ନିଇତି ଦୁଷ୍ଟାମି କରିବାର ନିଶା ତା'କୁ ପାଗଳପ୍ରାୟ କରି ଦେଇଥିଲା ।

ଦିନ ଥିଲା ପ୍ରିୟା ବିନା ଶଙ୍କରକୁ ରାତିରେ ନିଦ ହେଉନଥିଲା । ହେଲେ ଆଜି ଦୀର୍ଘ ଦଶବର୍ଷ ପରେ ଶଙ୍କର ତା ପ୍ରିୟାକୁ ତା ଠାରୁ ଖୁବ୍ ଦୂର କୁ ଠେଲି ଦେଇଛି । ଏହା ଜାଣି କି ମଧ୍ୟ ଯେ ପ୍ରିୟା ବିନା ସେ ବଞ୍ଚି ପାରିବ ନାହିଁ । ତା ପାଇଁ ଶଙ୍କର ବରବାଦ୍ ହୋଇ ଯାଇଛି । କେତେ ମିଛ କହିଛି ନିଜ ଲୋକଙ୍କ ଆଗରେ ପ୍ରିୟାକୁ ଟିକେ ପାଇବା ପାଇଁ । ଆଜି ଦଶବର୍ଷ ତଳର କଥାକୁ ମନେ ପକେଇ ଶଙ୍କର ଲୁହ ଗଡେଇଚାଲିଛି । ସେ ପ୍ରିୟା ସହିତ ମିଶି କେତେ କଣ ହଜାଇ ଦେଇଛି ତା'ର ହିସାବ ମଧ୍ୟ ନାହିଁ । ନଷ୍ଟ ହୋଇଯାଇଛି ତା'ର ସର୍ବାଙ୍ଗ ଶରୀର । ଏଇ ଧରାରେ ଆଉ ମାତ୍ର କିଛିଦିନ ନଷ୍ଟ ହୋଇ ଯାଇଛି ତା'ର ସର୍ବାଙ୍ଗ ଶରୀର ର ଅତିଥି ସେ । ପ୍ରିୟା କଥା ସିନା ସରିଗଲା ହେଲେ ଶଙ୍କରର ପ୍ରିୟା କିଏ ଥିଲା ? ଆପଣ ମାନେ ଜାଣିବାକୁ ନିଶ୍ଚିତ ଉତ୍ସୁକ ଥିବେ । ଶଙ୍କରର ପ୍ରିୟା ଥିଲା ଦେଶୀ ମଦ ବୋତଲ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡ଼ାସିଙ୍ଗି, ବ୍ରହ୍ମପୁର ୭୬୦୦୧୦, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ ଅଗଣା



ସସ୍ମିତା ସାହୁ

ଆଜି ସକାଳୁ ମୋର ଖୁବ୍ ଶୀଘ୍ର ନିଦ ଭାଙ୍ଗିଗଲା । କେମିତି ଭାଙ୍ଗିବନି କହିଲେ ? ଆଜି ମୋର ଜନ୍ମଦିନ ପରା । ଆଖି ଖୋଲିକି ସାମ୍ନାରେ ଦେଖିଲି ମୋର ପ୍ରିୟ ରୋଜା ଦିଦି ଓ ଘରର ପ୍ରାୟ ସମସ୍ତେ ଖଟ ଚାରିପାଖେ ଘେରିକି ଠିଆ ହୋଇଛନ୍ତି । ମୁଁ ଉଠିବା ଦେଖି ସମସ୍ତେ ଏକା ସଙ୍ଗରେ "ହ୍ୟାପି ବାର୍ଥ୍ ଡେ ଟୁ ୟୁ" ଗାଇ ଉଠିଲେ ଓ ଏକା ସାଙ୍ଗରେ ଚାରି ପାଞ୍ଚଟି ବେଲୁନ୍ ଫୁଟେଇ ଦେଲେ ।

ଏହାପରେ ରୋଜା ଦିଦି କହିଲେ ଏ ଚାଲ ସମସ୍ତେ ପ୍ରସ୍ତୁତ ହୋଇ ପାର୍କକୁ ଯିବା । ମୋ ମନରେ ଏକା ସାଙ୍ଗେ ପାଞ୍ଚଟି ପ୍ରଜାପତି ଉଡ଼ିବୁଲିଲେ । ମତେ ବହୁତ ଖୁସି ଲାଗିଲା । ଏତେ ଖୁସି ଯେ ମୋର ବ୍ରସ ହୋଇନଥିବା ହଳଦିଆ ଦାନ୍ତ ଗୁଡ଼ିକ ବି ବାହାରକୁ ଆସି ଝଲମଲ କରୁଥିଲେ । ଛୋଟବେଳ କଥା ମନେ ପଡୁଥିଲା । ବାପାମାଆ ମୋର ସବୁ ଜନ୍ମଦିନରେ ସେଇ ପାର୍କକୁ ନେଇକି ଯାଉଥିଲେ । ସେଇ ପାର୍କରେ ମୟୁର ଓ ହରିଣ ଅଛନ୍ତି । ମୟୁର ପୁରା ପୁଚ୍ଛ ଖୋଲି ନାଚିଥାଏ । କେତେ ସୁନ୍ଦର ଦିଶେ ନା ! ମାଆ କୁହେ ବର୍ଷା ଆସିଲେ ମୟୁର ନାଚେ । ଯେତେବେଳେ ମୁଁ ଦେଖେ ମୟୁର ନାଚୁଥାଏ । ମାଆକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ କହେ, "ତୁ ବର୍ଷା ପରା ! ସେଥିପାଇଁ ସେ ନାଚୁଛି ।" ମୁଁ ଖୁସି ହୋଇଯାଏ । ମତେ ବି ଇଚ୍ଛା ହୁଏ ତା ସହ ନାଚିବାକୁ, ହରିଣପରି ଦଉଡ଼ିବାକୁ । ମନ ଅଗଣାରେ ଖୁବ୍ ନାଚେ ।

ରୋଜା ଦିଦି ମତେ ଟିକେ ହଲେଇ ଦେଇ କହିଲେ, "ଚାଲ୍ ବର୍ଷା, ଜଲଦି ପ୍ରସ୍ତୁତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଯିବା ।" ଏହା କହି ମୋତେ ସାହାରା ଦେଇ ହ୍ୱିଲ୍ ଚେୟାରରେ ବସେଇ ଦେଲେ । ମୁଁ ଟିକେ ହସିଦେଲି । ଦିଦି ମୋ ମୁଣ୍ଡକୁ ଆଉଁସି ଦେଲେ । ଏଇଠି ରୋଜା ଦିଦି ତ ମୋର ମାଆ । ଆରେ ମୋ ହ୍ୱିଲ ଚେୟାର୍ ବିଷୟରେ ତ କିଛି କହିଲିନି । ସେ ହେଲା ମୋର ସବୁଠାରୁ ଭଲ ସାଙ୍ଗ । ମୁଁ ଜନ୍ମରୁ ଏମିତି । କିଛି ଜିନ୍‌ଗତ ତ୍ରୁଟି ପାଇଁ ମୋର ଚାଲିବା ଶୁଣିବାରେ ଦୁର୍ବଳ । ଏଥିପାଇଁ ମୁଁ କେବେ ବି ମନ ଖରାପ କରେନି । କୁହନ୍ତୁ ନା ମୋର କି ବାପା ମାଆଙ୍କର ଏଥିରେ କିଛି ବି ଦୋଷ ଅଛି କି ? ମୁଁ କଣପାଇଁ ମନ ଖରାପ କରିବି ? କଣ ପାଇଁ ମୋ ଚାରିପାଖରେ ଥିବା ସୁନ୍ଦର ଜିନିଷକୁ ଉପଭୋଗ କାହିଁକି କରିବି ନାହିଁ ? ମୋତେ ମିଳୁଥିବା ସ୍ନେହକୁ ଉପେକ୍ଷା କରିବି କାହିଁକି ? ବାପାମାଆ ଯେତେଦିନ ଥିଲେ ମୋତେ ଖୁବ୍ ସ୍ନେହରେ ଭଲରେ ରଖିଥିଲେ । କେବେ ବି ମୋ ପାଇଁ ମନ ଖରାପ କରିବା ଦେଖିନି । ଶେଷ ସମୟରେ ମୋତେ ଏଇ ଆଶ୍ରମରେ ଛାଡ଼ିଦେଲେ । କାରଣ ସେମାନେ ଚାହୁଁନଥିଲେ ମୁଁ ଭାଇ ଉପରେ ବୋଝ ହୋଇ ରୁହେ ଓ କଷ୍ଟ ପାଏ । ଏଇଠି ମୋର କିଛି ଅସୁବିଧା ନାହିଁ । ବହୁତ ଖୁସିରେ ଅଛି । ବାପାଙ୍କର ଇଚ୍ଛା ଅନୁସାରେ ମୋ ଜନ୍ମଦିନରେ ଆମେ ଏଇ ପାର୍କକୁ ଆସୁ । କଥା କହିଲା ଭିତରେ ଆମେ ପାର୍କରେ ପହଞ୍ଚି ସାରିଲୁଣି ।

ବାଃ ଦିଦି କେତେ ସୁନ୍ଦର କେକ୍‌ଟେ ଧରିଛନ୍ତି । ସେଥିରେ ଚାଳିଶି ଲେଖାଅଛି । ମୁଁ ଆଉ ଦିଦି ଗୋଟେ ବର୍ଷ ବଡ଼ ହୋଇଗଲି । ମୁଁ ଯାଉଛି କେକ୍ କାଟିବି । ଆପଣ ବି ଆସିବେ । ଅପେକ୍ଷାରେ ରହିଲି ।

ଥେନ୍ତେଇପୁର, ବିରନରସିଂହପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଃସ୍ୱାର୍ଥପର



ତ୍ରିଲୋଚନ ଦାସ

ବହୁ ଦିନ ପରେ ଗୁରୁଦେବଙ୍କ ଆଗମନର ଖବର ପାଇ ଶିଷ୍ୟ ଜଣକ ଖୁସିରେ ଉତ୍‌ଫୁଲ୍ଲିତ ହେଲେ । ଗୁରୁଦେବଙ୍କର ରହିବାପାଇଁ ଉତ୍ତମ ବନ୍ଦୋବସ୍ତ ତଥା ଉତ୍କୃଷ୍ଟ ଭୋଜନର ବ୍ୟବସ୍ଥା କରି ସେ ଗୁରୁଦେବଙ୍କ ଶୁଭ ଆଗମନକୁ ଅପେକ୍ଷା କରି ରହିଲେ । ନିର୍ଦ୍ଦିଷ୍ଟ ଦିନ ଗୁରୁଦେବ ଆସି ପହଞ୍ଚିବା ମାତ୍ରେ ସେ ତାଙ୍କର ପାଦବନ୍ଦନା ପୂର୍ବକ ଯଥାବିଧି ସତ୍କାର କଲେ । କାଳେ ଗୁରୁଦେବଙ୍କ ଚର୍ଚ୍ଚାରେ କିଛି ତ୍ରୁଟି ହେବ, ସେଥିପାଇଁ ଶିଷ୍ୟ ଜଣକ ଖୁବ୍ ସଜାଗ ରହିବା ସହିତ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୁରୁଦେବଙ୍କ ପାଖେ ପାଖେ ଛାଇ ଭଳି ଲାଗି ରହିଥାନ୍ତି । ଏହା ଭିତରେ ଦୁଇ ଚାରିଦିନ ବିତିଗଲା । କିନ୍ତୁ ଏହିସବୁ ଭିତରେ ମଧ୍ୟ ଶିଷ୍ୟ ମହାଶୟ ନିଜର କୌଳିକ କୃଷି କର୍ମ ଯଥାବିଧି ଚାଲୁ ରଖି ଥାଆନ୍ତି । ଗୁରୁଦେବ ମଧ୍ୟ ଶିଷ୍ୟଙ୍କ ଆତିଥ୍ୟରେ ଅତ୍ୟନ୍ତ ପ୍ରୀତ ଥାଆନ୍ତି ଏବଂ ମଝିରେ ମଝିରେ ବିଭିନ୍ନ ପ୍ରସଙ୍ଗଉପରେ ଶିଷ୍ୟଙ୍କୁ ଯଥୋଚିତ ପରାମର୍ଶ ଦେଉଥାନ୍ତି ।

ଏହା ଭିତରେ ଗୋଟିଏ ସପ୍ତାହ ବିତିଗଲା । ଗୁରୁଦେବ ଲକ୍ଷ୍ୟ କଲେ ଯେ ପ୍ରତିଦିନ କିଛି କିଛି ଲୋକ ଶିଷ୍ୟଙ୍କୁ ଦେଖା କରିବାକୁ ଆସୁଥାନ୍ତି ଏବଂ ଛୋଟ ଛୋଟ ପୁଡିଆରେ ଗୁଡା ହୋଇଥିବା କିଛି ଜିନିଷ ଖୁବ୍ ଖୁସି ମନରେ ତାଙ୍କଠାରୁ ନେଇ ଯାଉଥାଆନ୍ତି । ଆହୁରି ମଧ୍ୟ ସେ ଲକ୍ଷ୍ୟ କଲେ ଯେ ସେମାନେ ଏହି ଜିନିଷ ବିନିମୟରେ କୌଣସି ଅର୍ଥ ପ୍ରଦାନ କରୁ ନଥାଆନ୍ତି । ଗୁରୁଦେବ, ଶିଷ୍ୟ ଜଣକର ବାଲ୍ୟାବସ୍ଥାରୁ ତା'ର ଆଚାର, ବିଚାର ଓ ସ୍ୱଭାବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପର୍କରେ ଖୁବ୍ ଭଲ ଭାବରେ ଅବଗତ ଥିଲେ । ବିନା କୌଣସି ପ୍ରତିଦାନରେ କାହାକୁ କିଛି ଦାନ କରିବା ତା'ର ସ୍ୱଭାବ ବିରୁଦ୍ଧ ଥିଲା । ଗୁରୁଦେବ ଭାବିଲେ ଯେ ବୋଧହୁଏ ଇତିମଧ୍ୟରେ ଶିଷ୍ୟ ଜଣକର ବିଚାରରେ ନିଶ୍ଚୟ କିଛି ପରିବର୍ତ୍ତନ ଘଟିଛି । ଯେଉଁ ଶିଷ୍ୟଟିର କୃପଣ ପଣିଆ ତଥା ଅତ୍ୟନ୍ତ ଆତ୍ମକୈନ୍ଦ୍ରିକ ବିଚାରର ପରିବର୍ତ୍ତନ ପାଇଁ ସେ ଶତବାର ଚେଷ୍ଟା କରି ମଧ୍ୟ କୌଣସି ପରିବର୍ତ୍ତନ ଆଣି ପାରି ନଥିଲେ, ସେ କେମିତି ନିଜେ ମୁକ୍ତ ହସ୍ତରେ ଦାନ କରି ପାରୁଛି ? ଏଣୁ ଗୁରୁଦେବ ନିଜର ସନ୍ଦେହ ମୋଚନ ପାଇଁ ଶିଷ୍ୟଜଣକୁ ଦିନେ ଏ ବିଷୟରେ ପଚାରିଲେ । ଗୁରୁଦେବଙ୍କ ଠାରୁ କ୍ଷମା ପ୍ରାର୍ଥନା କରି ଶିଷ୍ୟ ଜଣକ ଯାହା ବର୍ଣ୍ଣନା କଲେ, ତାହା ଏହି ପରି:-

"ବହୁ ପରୀକ୍ଷା ନିରୀକ୍ଷାପରେ ମୁଁଏକ ଉନ୍ନତ କିସମର ଅଧିକ ଅମଳକ୍ଷମ ଶସ୍ୟ ଉତ୍ପାଦନ କରିବାକୁ ସକ୍ଷମ ହୋଇ ପାରିଛି । ଗତବର୍ଷ ଏହି ଶସ୍ୟ ରୋପଣ କରି ମୁଁ ମଧ୍ୟ ଖୁବ୍ ଲାଭବାନ ହୋଇଛି । ଏଣୁ ମୋ ଶସ୍ୟ କ୍ଷେତ୍ରକୁ ଲାଗିଥିବା ଅନ୍ୟ ଶସ୍ୟ କ୍ଷେତ୍ରରେ ଖୁବ୍ କମ ଅମଳ କରିଥିବା ଚାଷୀମାନେ ଏଥିପାଇଁ ଈର୍ଷା ପରାୟଣ ହେବା ସ୍ୱାଭାବିକ । ଏହାପରେ ସେମାନେ ମୋ ସହିତ ପ୍ରତିଯୋଗିତା କରି ଆସନ୍ତା ବର୍ଷ ନିଶ୍ଚୟ ସେମାନଙ୍କ ଜମିରେ ଅଧିକ ଅମଳ ପାଇଁ କୌଣସି ନା କୌଣସି ପନ୍ଥା ଆପଣାଇବେ । ଚିରାଚରିତ ପ୍ରଥାରେ ଆମେ ସବୁ ଗ୍ରାମବାସୀ କେବଳ ଜୈବିକ ପ୍ରକ୍ରିୟାରେ ଖତସାର ଦେଇ ଫସଲ କରୁଥିବା ହେତୁ ପ୍ରାୟତଃ ଆମ ଶସ୍ୟ କ୍ଷେତ୍ର କିଟଦ୍ରଂଷ୍ଟ ହୁଏ ନାହିଁ । କିନ୍ତୁ ଏବେ ଏହି ଯେଉଁ ପ୍ରତିଯୋଗିତା ଆରମ୍ଭ ହେବ, ସେଥିରେ ସେମାନେ ରାସାୟନିକ ସାର ଓ ଔଷଧ ପ୍ରୟୋଗର ପରିଣାମ ସମ୍ପର୍କରେ ଆଦୌ ଚିନ୍ତା ନକରି କେବଳ ନିଜର ଉତ୍ପାଦନ ବୃଦ୍ଧି ପାଇଁ ତାହା ନିଶ୍ଚୟ ନିଜ କ୍ଷେତ୍ରରେ ପ୍ରୟୋଗ କରିବେ ।ଏହାଫଳରେ ରାସାୟନିକ ସାର ଓ କୀଟନାଶକ ପ୍ରଭାବରେ ସେମାନଙ୍କ

ଆହ୍ୱାନ ଇ-ପତ୍ରିକା

ଜମିକୁ ଆସୁଥିବା କୀଟମାନେ ସେଠାରୁ ତଡି ହୋଇ ଆସି ମୋ ଜମିର ଶସ୍ୟକୁ ନଷ୍ଟ କରିବେ ଓ ମୁଁ ଭୀଷଣ ଭାବେ କ୍ଷତିଗ୍ରସ୍ତ ହେବି ।ଏଣୁ ମୁଁ ସିଦ୍ଧାନ୍ତ କରିଛି ଯେ ମୋ ବିହନର ନମୁନା ଗ୍ରାମବାସୀମାନଙ୍କୁ କିଛି କିଛି ପରିମାଣରେ ଦେବି ଏବଂ ସେମାନଙ୍କୁ ଏହି ଶସ୍ୟ ଉତ୍ପାଦନ କରିବାକୁ ଉତ୍ସାହିତ କରିବି । ଏହା ଫଳରେ ମୋ ଜମିର ଚତୁଃପାର୍ଶ୍ୱରେ ଗୋଟିଏ ପ୍ରକାର ଚାଷ ହେବାଯୋଗୁଁ ମୋର କୃଷିକ୍ଷେତ୍ର ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ । ଗୁରୁଦେବ ! ଏହା ପୂର୍ବରୁ ମୁଁ ପାଖ ପଡୋଶୀରେ ଅତ୍ୟନ୍ତ ଅପାଂକ୍ତେୟ ଓ ଗୁରୁତ୍ୱହୀନ ମଣିଷଟିଏ ଥିଲି । ମାତ୍ର ଏବେ ମୋର ଏହି ନିଃସ୍ୱାର୍ଥପର କାର୍ଯ୍ୟ ପାଇଁ ମୁଁ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ପାଲଟି ଯାଇଛି ।”

ଗୁରୁଦେବ ମନଯୋଗ ସହକାରେ ଶିଷ୍ୟଟିର କଥା ଶୁଣୁଥାନ୍ତି ଓ ମନେ ମନେ ତାର ବିଚାର ବୁଦ୍ଧିର ବିଶ୍ଳେଷଣ କରି ଆଚମ୍ବିତ ହେଉଥାନ୍ତି । ନିଜର ସ୍ୱାର୍ଥ ରକ୍ଷା ପାଇଁ ସେ ଅନ୍ୟ ଆଗରେ କିପରି ନିଃସ୍ୱାର୍ଥପର ହେବାର ଅଭିନୟ କରୁଛି, ତାହା ଦେଖି ଚମତ୍କୃତ ହେଉଥାନ୍ତି ମଧ୍ୟ ।

୨୯-ଏ, କଳ୍ପନାଏରିଆ, ବି.ଜେ.ବି ନଗର, ଭୁବନେଶ୍ୱର-୭୫୧୦୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି ଲୁହ କଥାକୁହେ



ରାଜୀବ ଲୋଚନ ସାହୁ

ଏଇ କିଛିଦିନ ତଳେ ଚାକିରିରୁ ଅବସର ନେଲି । ଆଜି ନାତୁଣୀକୁ ଧରି ୩୦ବର୍ଷ ପରେ ମୋର ଜନ୍ମମାଟି ତଥା ଗାଁ ଘରକୁ ଆସି ପହଞ୍ଚିଛି । ମନର ଖୁସିକୁ ପ୍ରକାଶ କରିବା ପାଇଁ ଭାଷା ନାହିଁ । ପିଲାଦିନର ସାଙ୍ଗ ନରୁ, ଜଟିଆ, ଚଗଲା, ଗଗନ ଯେତେ ସବୁ ଗାଁରେ ଅଛନ୍ତି ସମସ୍ତଙ୍କ ସହିତ ଭେଟଭାଟ ହବ ଆଉ ଆସରଟା ବି ବେଶ ଜମିବ । ଗାଁକୁ ଆସିଲା ବେଳେ ସବୁ ସାଙ୍ଗମାନଙ୍କ ପାଇଁ କିଛି ନା କିଛି ଲୁଗାପଟା, ଡ୍ରେସ୍, ଚପଲ ଆଉ ମିଠାମିଠି ନେଇକି ଆସିଥିଲି ।

ସବୁଠୁ ବଡ଼ କଥା ହେଲା ଯେ ମୋ ପିଲା ଦିନର ଅନ୍ତରଙ୍ଗ ସାଙ୍ଗ ଜଗନ୍ନାଥ ମାନେ ଜଗାକୁ  ଯାଇ ଆଗ ଦେଖା କରିବି । ଗ୍ରାଜୁଏସନ ସରିଲା ପରଠୁ ତା ସହ କେବେ ବି ଦେଖା ହେଇନି । ମୁଁ ଚାଲି ଆସିଲି ଭୁବନେଶ୍ୱର, ଆଉ ସେ ରହିଗଲା ସୁଦୂର କୋରାପୁଟର ଅଖ୍ୟାତ ମଫସଲ ଆମ ଗାଁରେ । ସାଙ୍ଗ ମୋର କେମିତି ଅଛି, କଣ କରୁଛି, ତାର ପିଲାପିଲି ସବୁ କଣ କରୁଛନ୍ତି ଇତ୍ୟାଦି ଇତ୍ୟାଦି ଜାଣିବାକୁ ମନରେ ଅନେକ ଉତ୍କଣ୍ଠା ।

ମୋବାଇଲ୍ ଆଉ ଇଂଟରନେଟ ଭଲତ ମୋ ନାତୁଣୀ ଭଲ । ଗାଁ ପାଣି ପବନ ତା ଦେହରେ ବାଜିନି । ଘର ଭିତରେ ମୋବାଇଲଟି ଧରି ସେମିତି ପଡି ରହିଲା ସେ । ମୁଁ ବାହାରିଲି ମୋ ଗାଁ ବୁଲିବାକୁ ।

କିଛି ବଦଳିନି ମୋ ଗାଁ । ସେଇ ଆମ୍ବ ତୋଟା, ସେଇ ବରଗଛ, ସେଇ ନାଳ ଆଉ ସେଇ ବିଲବଣ । ଖାଲି ଗାଁର ମୂଖ୍ୟ ରାସ୍ତାଟି ଯାହା ଦିନେ ମାଟି ଥିଲା ଏବେ ପିଚୁର ପତଳା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସ୍ତରଣରେ ତାଙ୍କ ନିଜକୁ ସହରିଆ ହେବାପାଇଁ ଶତତ ଚେଷ୍ଟା କରୁଥିଲା ।

ଗାଁ ଦାଣ୍ଡକୁ ବାହାରିଛି କି ନାହିଁ, କିଏ ଜଣେ ଡାକ ଛାଡିଲା, "ଆରେ ରାଜୁ ! ହଇରେ ଚିହ୍ନି ପାରୁଚୁ ଟି ? ସାଙ୍ଗ ଇଆଡ଼େ ଅନା ।"

ସାମ୍ନାରେ ଦେଖିଲି ମୋ ସାଙ୍ଗ ଜଟିଆ ଆସୁଛି । କେମିତି ନଚିହ୍ନିବି ଯେ ତାକୁ ! ଜଟିଆର ଦେହର ଲୋମଠୁ ମୁଣ୍ଡର ଚୁଟି ସବୁକିଛି ପିଲା ବେଳୁ ପାଚିଲା, ମାନେ ଧଳା ଦେଖା ଯାଏ । ଏତେ ବର୍ଷ ପରେ ହଜିଲା ଦିନର ସାଙ୍ଗ ଜଣକୁ ପାଇକି ସତରେ ବହୁତ ଶାନ୍ତି ପାଉଥିଲି । ଦୁହେଁ ଦୁହିଁଙ୍କୁ ଖୁସିରେ ଜାବୁଡି ଧରିଲୁ । ଦୁଇ ଜଣ ବୁଢା ହେଇ ସାରିଥିଲୁ ହେଲେ ପିଲା ଦିନର ପୋଖରୀ ଗାଧୁଆ, ମାଛ ଧରା, ବିଲରୁ ଆଖୁ ଚୋରି ଆଦି ସବୁ ଯେତେବେଳେ ଆଖି ଆଗେ ଜଳ ଜଳ ହେଇ ନାଚି ଉଠିଲା ସେତେବେଳେ ନିଜକୁ ଚାଟଶାଳୀର ପିଲା ବୋଲି ଭାବି ନେଇଥିଲୁ ।

ସାଙ୍ଗ ମାନଙ୍କୁ ଏକାଠି କରିବା ପାଇଁ ଆମେ ଦୁହେଁ ସମସ୍ତଙ୍କ ଘରେ ବାଜିବା ପାଇଁ ଆଗକୁ ବଢି ଚାଲିଲୁ । ଜଟିଆ କହି ଚାଲିଥାଏ, ନବମ ଶ୍ରେଣୀରେ ପାଠରେ ଡୋରି ବନ୍ଧା ହେଲା ପରେ କେମିତି ଚାଷ କାମରେ ମନଦେଲା, କିଛି ବର୍ଷ ପରେ ବାପା ତାର ଚାଲିଗଲେ, ଏବେ ଘରେ ତାର ବୁଢ଼ୀ ମାଆ ଆଉ ସ୍ତ୍ରୀ ସହ ସାନ ଝିଅ ଅଛି, ବଡ଼କୁ ବାହା ଦେଇ ସାରିଲାଣି..ଇତ୍ୟାଦି ଇତ୍ୟାଦି ।

କିଛି ବାଟ ଆସିଲା ପରେ ଗାଁ ନଳକୂଅ ପାଖେ ଥିବା ଖପର ଘର ସାମ୍ନାରେ ୮୦ ବର୍ଷ ପାଖାପାଖି ହବ ଜଣେ ବୁଢ଼ୀ ବସି ଥିବାର ଦେଖିଲି । କାହିଁକି କେଜାଣି ବୁଢ଼ୀର ମୁହଁଟା ବହୁତ ଚିହ୍ନା ଚିହ୍ନା ଲାଗୁଥିଲା, ହେଲେ ତା ଦେହର ଶୁଷ୍କତା ଆଉ ମୁହଁର ମଳିନତା ଆଗରେ ମୋ ସ୍ମରଣା ଶକ୍ତି କାମ ଦେଲାନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କଣ ମ ସାଙ୍ଗ ! ଚିହ୍ନି ପାରୁନୁ ଯେ କିଏ ? ଆରେ ଯେ ପରା ଆମ ଜଗନ୍ନାଥର ବୋଉ ! ମାନେ ସୁନିତା ମାଉସୀ ! ! ତୋର ସବୁଠୁ ଭଲ ସାଙ୍ଗର ମାଆ ! ! ପିଲା ବେଳେ ତୁ' ତ ସବୁବେଳେ ନିଜ ଘର ଛାଡି ଏଇ ଜଗା ଘରେ ପଡି ରହୁଥିଲୁ । ଏ ବୁଢ଼ୀ ତତେ କେତେ ସ୍ନେହ ଆଦର କରୁ ନଥିଲା ? ? ଜଗାକୁ ନଡାକି ତତେ ଆଗ ଖାଇବାକୁ ଦଉଥିଲା । କିଛି ମନେ ପଡିଲା ?" ଜଟିଆ ମୋ ମୁହଁକୁ ଅନେଇ ପଚାରିଲା । ମୁଁ ଖାଲି ବଲବଲ କରି ତା ମୁହଁକୁ ଅନେଇଥିଲି ।

ଜଟିଆ କହି ଚାଲିଲା... "ସବୁ ସମୟର ଖେଳରେ ସାଙ୍ଗ ! ତୁ ଗାଁ ଛାଡିବାର ଦୁଇ ବର୍ଷ ପରେ ପରେ ଜାଗନାଥ ରେଳବାଇ ବିଭାଗରେ କଣ ଗୋଟେ ଚାକିରୀ ପାଇଗଲା । ବାପ ଛେଉଣ୍ଡ ପିଲାଟା ନିଜ ଗୋଡ଼ରେ ଛିଡା ହେଇଚି ଯେତେବେଳେ ସୁନିତା ମାଉସୀର ଗୋଡ ଖୁସିରେ ତଳେ ଲାଗିଲାନି । ଘରେ ଜଗାର ବଢ଼ିଲା ଭଉଣୀଟିଏ ଥିବା ସତ୍ତ୍ୱେବି ସୁନିତା ମାଉସୀ ନିଜ ମନ ପସନ୍ଦର ଝିଅଟିଏ ବାଛି ସାରିଥିଲେ ଜଗାକୁ ବାହା କରିବା ପାଇଁ । ହେଲେ କିଛି ମାସ ଗଲା ପରେ ନିଜେ ଜଗା ଦିନେ ମାଉସୀକୁ କହିଲା ଯେ ତାଙ୍କ ଅଫିସରେ ଗୋଟେ ଝିଅ ଅଛି ଆଉ ଦୁଇ ଜଣ ପରସ୍ପରକୁ ପସନ୍ଦ କରନ୍ତି । ପୁଅର ପସନ୍ଦ ନିଶ୍ଚୟ ଭଲ ହେଇଥିବ ଭାବି ସୁନିତା ମାଉସୀ ବି ତା'ର ପ୍ରସ୍ତାବରେ ହଁ ମାରି ବାହାଘରଟା ଶୀଘ୍ର ସାରିଦେଲେ । ତା ପରେ ଯାହା ହେଲା କହନିରେ ସାଙ୍ଗ ! ସ୍ୱର୍ଗ ଭଳି ଘରଟା ନର୍କ ହେଇଗଲା । ବାହାଘରର କିଛି ମାସ ପରେ ଜଗା ସ୍ତ୍ରୀ ସହ ତା ସରକାରୀ କ୍ୱାଟରରେ ଯାଇ ରହିଲା । ଆଉ କହିଲା "ବୋଉ ଯେବେ ତୋ ଇଛା ହବ ଫୋନ କରିଦେବୁ, ମୁଁ ଆସି ତୋତେ ନେଇଯିବି ।" ଛୁଟି ନେଇକି ମଝିରେ ମଝିରେ ମୁଁ ଏଠିକି ଆସିବି । ଦିଦିର ବାହାଘରଟା ହେଇଗଲେ ତୁ ଗାଁ ଛାଡି ଆମ ସହ ରହିବୁ ।" ଏମିତି କହି ସେ ଘର ଛାଡି ସ୍ତ୍ରୀକୁ ଧରି ପଳେଇଲା । ମଝିରେ ମଝିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଗା ଥରେ ଅଧେ ଆସିକି ମାଆ, ଭଉଣୀକୁ ଦେଖା କରିକି ଯାଉଥିଲା । ଏମିତି ବର୍ଷେ ଖଣ୍ଡେ ଗଡ଼ିଗଲା । ତା ପରେ ଜାଗା କେବେ ଗାଁ ସୀମା ମାଡ଼ିନି । ଆମେ ଶୁଣିଲୁ ସେ କୁଆଡେ ଚାକିରୀରେ ବଦଳି ହେଇକି ଓଡିଶା ବାହାରେ କୋଉଠି ସ୍ତ୍ରୀ ପିଲା ଛୁଆ ନେଇକି ରହୁଛି । ମାଆ ତା'ର ବଞ୍ଚିଛି କି ମଲାଣି ଥରେ ବି ଆସିକି ବୁଝିକି ଯାଇନି । ଭଉଣୀଟି ବୁଢ଼ୀ ହେଇଗଲା ପଛକେ ସଂସାର ଗଢି ପାରିଲାନି । ଏବେ ତା ଭଉଣୀ ପରର ମୂଲ ଲାଗି ନିଜେ ବଞ୍ଚିଛି ଆଉ ମାଉସୀକୁ ବି ବଞ୍ଚେଇଛି । ବହୁତ ଦୁଃଖରେ ସାଙ୍ଗ ! ଛାଡ଼ ସେ ହୃଦୟ କାନ୍ଦଣା କଥା । ତୁ ଯାଇକି ମାଉସୀକୁ ଟିକେ ଦେଖା କରିଦେ । ତାକୁ ଭଲରେ ଶୁଣାଯାଉନି କି ଦେଖା ବି ଯାଉନି । ସବୁଦିନ ଏଇ ଅଗଣାରେ ବସିକି ଆଖିରୁ ଲୁହ ଗଡେଇ ନିଜ ପୁଅକୁ ବାହୁନୁଛି ।"

ସତେ କି ମୁଁ ଗୋଟେ ଶୁଖିଲା କାଠ ହେଇ ଯାଇଥିଲି ସେତେବେଳେ ! ଏ ସବୁ ଶୁଣିଲା ପରେ ମୋ ଦେହରେ ବୋଧେ ଜୀବନ ନଥିଲା । ଗୋଡ ତଳୁ ସତେ ପୃଥିବୀଟା ଖସି ଖସି ଯାଉଛି କି ? ଆଖିରେ କେତେବେଳେ ପାଣି ଆସି ଯାଇଥିଲା ମଁ ଜାଣି ନଥିଲି । ସୁନିତା ମାଉସୀର ସାମ୍ନାକୁ ଯିବାକୁ ମୋର ସତ୍‌ସାହସ ନଥିଲା କି ତାଙ୍କୁ ଦୟା ଦେଖେଇ ପିଲାବେଳର ତାଙ୍କ ସ୍ନେହ ମମତାରେ କଳଙ୍କ ବୋଳିବାକୁ ମୋର ଆତ୍ମା ଡ଼ାକିଲାନି ।

"ଏ ରାଜୁ ! !" ଜଟିଆ ମୋତେ ବଡ ପାଟିରେ ଡାକିଲା । ମୁଁ ମୋ ନିଜ ଚେତନାକୁ ଆସିଲି । "ନାଇଁରେ ଜଟ, ମୁଁ ମାଉସୀ ପାଖକୁ ଯାଇ ପାରିବିନି । ମୋ ଦେହଟା କିଛି ଭଲ ଲାଗୁନି । ଆଜି ମୁଁ ଭୁବନେଶ୍ୱର ପଳେଇ ଯାଉଛି । ପୁଣି କେବେ ଆସିବି । ଚାଲ ମୋତେ ଛାଡିଦବୁ ।"

ଜଟିଆ କିଛି ନବୁଝିଲା ପରି ମୋତେ ଅନେଇ ରହିଲା । ମୁଁ ଶେଷ ଥର ପାଇଁ ସୁନିତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଉସୀର ମୁହଁକୁ ଦେଖୁଥିଲି । ନିତି ଲୁହ ଢାଳି ଢାଳି ତା ଦୁଇ ଆଖି କୋଣରୁ ଗାଲ ପର୍ଯ୍ୟନ୍ତ ଲମ୍ବିଥିବା କଳା ଦାଗକୁ ଦେଖି ସ୍ପଷ୍ଟ ବୁଝି ପାରୁଥିଲି ତାର ଛାତି ତଳର ସାଇତା ଅକୁହା କଥା ଆଉ ଯାତନାକୁ । ରାସ୍ତା ଉପରେ ଥାଇ ତାକୁ ନଜଣେଇ ଭୂମିଷ୍ଠ ପ୍ରଣାମଟିଏ କରି ମୁଁ ପଛକୁ ଫେରିଲି । ତା ଆଖି ଲୁହର ଅକୁହା କଥା ସବୁ ବୁଝିବା ପାଇଁ ମୋର ଧୈର୍ଯ୍ୟ ନଥିଲା । ଫେରିଲା ବେଳେ ଠାକୁରଙ୍କୁ ଡାକୁଥିଲି, "ହେ ଜଗନ୍ନାଥ ! ! ଜୀବନରେ କେବେବି ମୋତେ ସେ ଜଗନ୍ନାଥ ସହ ଭେଟ କରେଇବନି । ଏତିକି ମିନତୀ.."

ରାଜୀବ ଲୋଚନ ସାହୁ

ଗ୍ରାମ- ସାନଗାଁ

ପୋ- ଜିଲିଣ୍ଡା

ନରସିଂହପୁର, କଟକ- ୭୫୪୦୩୨

ମୋ- ୯୯୩୭୪୨୧୯୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ପଟ୍ ଲାଇଟ୍



ଦୀପକ ଷଡ଼ଙ୍ଗୀ

ମୂଳ ବଙ୍ଗଳା : ସତ୍ୟଜିତ୍ ରାୟ

ଓଡିଆ ଭାବାନୁବାଦ : ଦୀପକ ଷଡଙ୍ଗୀ

[ ଲେଖକ ପରିଚୟ : ସତ୍ୟଜିତ୍ ରାୟ (୧୯୨୧ - ୧୯୯୨) ବଙ୍ଗଳା ସାହିତ୍ୟ ଓ ସିନେମା ଦୁନିଆରେ ଜଣେ ବିରାଟ ବ୍ୟକ୍ତିତ୍ୱ । ସେ ଥିଲେ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ,ଚଳଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ଚିତ୍ରକର ଓ କବି । ସେ ଭେଟି ଦେଇଥିଲେ ଫେଲୁ ଦା, ପ୍ରଫେସର ଶଙ୍କୁଙ୍କ ପରି ବଙ୍ଗଳା ଉପନ୍ୟାସର ଚିର ସବୁଜ ଅନୁସନ୍ଧାନ ମୂଳକ ଚରିତ୍ର । ଯାହାକୁ ନେଇ ଆଜି ମଧ୍ୟ ବହୁ ଚଳଚ୍ଚିତ୍ର ଓ ନାଟକ ମାନ ପ୍ରସ୍ତୁତ କରାଯାଇ ପାରୁଛି । ବଙ୍ଗଳା ସାହିତ୍ୟର ତାଙ୍କର ଅବଦାନ ପାଇଁ ସେ ପାଇଛନ୍ତି ଅଜସ୍ର ସମ୍ମାନ ଓ ପୁରସ୍କାର ସେଥିମଧ୍ୟରୁ ବିଦ୍ୟାସାଗର ପୁରସ୍କାର ଓ ଆନନ୍ଦ ପୁରସ୍କାର ଅନ୍ୟତମ । ତାଙ୍କ ଦ୍ୱାରା ପ୍ରଯୋଜିତ ଓ ନିର୍ଦ୍ଦେଶିତ ୧୯୫୫ ର ବଙ୍ଗଳା ସିନେମା ‘ପୋଥେର ପାଞ୍ଚାଲି’ ୧୧ଟି ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଥିଲା ଏବଂ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ମଧ୍ୟ ପ୍ରଦର୍ଶିତ କରାଯାଇ ବହୁ ପ୍ରଶଂସାଭାଜନ ହୋଇ ପାରିଥିଲା । ଏହି ଗଳ୍ପ ‘ସ୍ପଟଲାଇଟ୍’ ଆନନ୍ଦ ପବ୍ଲିଶର ଦ୍ୱାରା ୧୯୮୧ ମସିହାରେ ପ୍ରକାଶିତ ‘ଗଳ୍ପ ୧୦୧’ ପୁସ୍ତକର ଏକ କ୍ଷୁଦ୍ରଗଳ୍ପ ।

ଛୋଟନାଗପୁର ଅଞ୍ଚଳର ନେତରହାଟ୍ ହେଉଛି ଗୋଟିଏ ଛୋଟିଆ ସହର । ଆମେମାନେ ସାଧାରଣତଃ ଦୁର୍ଗାପୂଜାର ଛୁଟି କାଟିବା ପାଇଁ ଏଠିକି ପ୍ରାୟ ପ୍ରତିବର୍ଷ ଆସିଥାଉ । ଏ ଜାଗାର ପ୍ରକୃତିକ ଶୋଭା ହିଁ ଆମକୁ ଏଠିକି ଆସିବାକୁ ବାଧ୍ୟ କରିଥାଏ ।

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ବାପା ନେତରହାଟ୍‌ରେ ଗୋଟେ ଫାର୍ମ ହାଉସ୍ କିଣି ରଖିଥିଲେ ଯାହାର କି ଦେଖାଶୁଣା କରିବାର ଦାୟିତ୍ୱ ସେଠିକାର ଜଣେ ଲୋକକୁ ଦେଇଥିଲେ । ସବୁବର୍ଷର ଛୁଟିଠାରୁ ଏ ବର୍ଷର ଛୁଟିଥିଲା ଟିକେ ନିଆରା । କାରଣ ଏଥର ପୂଜାଛୁଟି କାଟିବା ପାଇଁ ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ଅଂଶୁମାନ ଚାଟାର୍ଜୀ ଆସିଥିଲେ ନେତରହାଟ୍‌କୁ । ମୋ ସାନ ଭଉଣୀ ମୀରା ଥିଲା ଅଂଶୁମାନ ବାବୁଙ୍କର ଜଣେ ବହୁତ ବଡ ଫ୍ୟାନ୍ । ସମ୍ବାଦପତ୍ର, ସିନେମା ପତ୍ରିକା ଓ ବିଭିନ୍ନ ମାଗାଜିନ୍ ଗୁଡିକରୁ ସେ ଅଂଶୁମାନର ଫୋଟୋ କାଟି କି ରଖିରଖି ସେ ପ୍ରାୟ ୨/୩ ଟା ଡାଏରୀ ଭର୍ତ୍ତି କରି ସାରିଥିଲା । ମୋତେ ଯଦିଓ ଅଂଶୁମାନ ଏତେ ଭଲ ଲାଗୁ ନ ଥିଲା କିନ୍ତୁ ଆମ କଲେଜର ମୋର ବହୁତ ବନ୍ଧୁ ତା ଭଳିଆ ଚୁଟିକୁ ଷ୍ଟାଇଲରେ ସଜାଉଥିଲେ, ତା'ରି ଭଳି ଟି ସାର୍ଟ ଓ ପ୍ୟାଣ୍ଟ ପିନ୍ଧୁଥିଲେ । ଏମିତିକି ତା'କୁ ନକଲ କରିବାକୁ ଯାଇ ତା'ରି ଭଳି ଭାରୀ ସ୍ୱରରେ ତା'ର ମିମିକ୍ରୀ ମଧ୍ୟ କରୁଥିଲେ । ଅଂଶୁମାନ, ଆମେ ଯେଉଁଠି ରହୁଥିଲୁ ସେଇ ପାଖାପାଖି ଗୋଟେ ହୋଟେଲରେ ନିଜର ୩ ଜଣ ଚେଲାଙ୍କ ସହ ଆସି ରହୁଥିଲା । ହୋଟେଲର ବାହାରେ ତା'ର ନାମୀ ମର୍ସିଡିଜ୍ କାର୍ ରଖା ହୋଇଥିଲା । ଯାହାକୁ କି ଖାଲି ଦେଖିବାକୁ ହୋଟେଲ ବାହାରେ ଲୋକମାନଙ୍କର ଭିଡ ଜମୁଥିଲା । ଏ ସବୁ ଦେଖି ବାପା ମୋର କହିଲେ, "ଏତେ ବଡ ଷ୍ଟାର୍ ଆମ ପାଖରେ ଅଛନ୍ତି ମୁଁ ଥରେ ଯାଇ ତାଙ୍କୁ ଦେଖା କରି ଆସନ୍ତି କାରଣ ଏ ସବୁ କଲିକତା ସହରରେ ତ କେବେବି ସମ୍ଭବ ହବନି ।" ମୋ ମା'ର ଇଚ୍ଛା କିନ୍ତୁ ଏକଦମ ଅଲଗା ଥିଲା । ସେ ମୀରାକୁ ଚାହିଁ କହିଲା, "ଆଲୋ ତୁ ତ ଅଂଶୁମାନ ବିଷୟରେ ସବୁବେଳେ ସିନେମା ପତ୍ରିକାରେ ପଢାପଢି କରୁ ତୁ କି ଜାଣୁ ସେ କଣ ସବୁ ଖାଇବାକୁ ଭଲ ପାଏ ?" ମୀରା ମା' ଠାରୁ ଏ କଥା ଶୁଣି ପଣିକିଆ ମୁଖସ୍ଥ କଲା ଭଳିଆ ମା ଆଗରେ ଗାଇ ଗଲା, "ମାଛ ବେସର, ଆଳୁ ପୋସ୍ତ, ଇଲିଶି ମାଛର ଝୋଳ, ମସୁର ଡାଲି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦହିଭାତ କିନ୍ତୁ ଅଂଶୁମାନଙ୍କୁ ସବୁଠାରୁ ବେଶୀ ଭଲ ଲାଗେ ଚାଇନିଜ୍ ।" ମା' ମୀରା କଥା ଶୁଣି ଗୋଟେ ଦୀର୍ଘଶ୍ୱାସ ପକେଇଲା । ବାପା ସବୁ ବସି କି ଶୁଣୁ ଥାଆନ୍ତି ଟିକେ ରହିଯାଇ କହିଲେ, "ହଁ ଡାକିଲେ ବୋଧେ ଖାଇବାକୁ ଆସିବ ଅଂଶୁମାନ; କିନ୍ତୁ ତା ସାଙ୍ଗରେ ଯୋଉ ତିନିଟା ମୁସ୍ତଣ୍ଡା ଅଛନ୍ତି ସେମାନେ ଆସିଲେ ତ ମୁସ୍କିଲ ।" ପାଖରେ ବସିଥିଲେ ମୋ ଶଙ୍କର ମାମୁଁ ଯିଏ କି କଲିକତାର ଗୋଟେ ନାମୀ ସମ୍ବାଦପତ୍ରରେ ରିପୋର୍ଟର ଭାବେ କାମ କରନ୍ତି ତାଙ୍କର ବି ଇଚ୍ଛା ଥିଲା ଅଂଶୁମାନ ଆମ ଘରକୁ ଆସୁ ବୋଲି ଏଇ ବାହାନାରେ ସେ ତା'ର ଗୋଟେ ଇଣ୍ଟରଭିଉ ବି ନେଇ ଯାଆନ୍ତେ ଯୋଉଟାକି ରବିବାର ସଂଖ୍ୟା ପାଇଁ ଗୋଟେ ଭଲ ମସଲା ହୋଇ ଯାଆନ୍ତା । ସେ କହି ଉଠିଲେ, "ଲୋକଟା ବର୍ଷକୁ ୩୬୫ ଦିନ ସିନେମା ସୁଟିଙ୍ଗ୍ କରିବାରେ ବ୍ୟସ୍ତ ରହୁଛି ପୁଣି ଏଇ ଛୁଟି ମନେଇବା ପାଇଁ ତା ପାଖରେ ସମୟ ଆସୁଛି କୋଉଠୁ ? ଯୋଉଟାକି ଗୋଟେ ମୋ ପାଇଁ ବଡ ଷ୍ଟୋରି ।" ଶଙ୍କର ମାମୁଁ ବଙ୍ଗଳା ଫିଲ୍ମ ଜମା ଦେଖନ୍ତିନି । ତାଙ୍କର ପସନ୍ଦ ହଲିଉଡ୍, ଇଟାଲିୟାନ୍ ଜାପାନୀଜ୍ ଆଦି ସିନେମା । ଅଂଶୁମାନର ଗୋଟେ ସୁପରହିଟ୍ ଫିଲ୍ମ "ବିନିଦ୍ର ରଜନୀ"କୁ ସେ ମାତ୍ର ୧୦ ମିନିଟ୍ ରେ ଦେଖି ଦେଇ କହିଥିଲେ "ହେ ଏ ବଙ୍ଗାଳୀ ଗୁଡା ଜମା ସିନେମା କରି ଜାଣି ନାହାଁନ୍ତି ।" ତାଙ୍କ ଭଳି ଲୋକ ଯେ ବଙ୍ଗଳା ସିନେମା ଷ୍ଟାର୍ ଅଂଶୁମାନର ଇଣ୍ଟରଭିଉ ନେବେ ଶୁଣି ମୋତେ ଟିକେ ଅଡୁଆ ଲାଗୁଥିଲା ।

ଆମ ଘର ପାଖରେ ଆଉ ଦୁଇ ତିନି ଜଣ ବଙ୍ଗାଳୀ ପରିବାର ରହୁଥିଲେ । ସେଥି ମଧ୍ୟରୁ ଗୋପେନ ବାବୁ ଥିଲେ ଏକଦମ ନିଆରା ମଣିଷ । ଭାରି ରସିକିଆ ଲୋକ । ଆମେ ନେତରହାଟ୍ ପହଞ୍ଚିବାର କିଛି ଦିନ ପରେ ସେ ଆମ ଘରକୁ ଆସିଲେ । ବାପା ତାଙ୍କୁ ଡାକି ଆଣି ଘରେ ବସେଇଲେ ମା'କୁ କହିଲେ ଚା' କରି ନେଇ ଆସିବାକୁ । ଚା' ପିଉ ପିଉ ଶଙ୍କର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାମୁଁ ଗୋପେନ ବାବୁଙ୍କୁ ପଚାରିଲେ, "ଆଉ ଗୋପେନ ବାବୁ ଆପଣ ଜାଣିଛନ୍ତି ନା ନାହିଁ ଆପଣଙ୍କ ଏରିଆରେ ବର୍ତ୍ତମାନ ଷ୍ଟାର ଆସି ଛୁଟି କଟାଉଛନ୍ତି । ବଙ୍ଗଳା ସିନେ ଜଗତର ଲୋକ ପ୍ରିୟ ହିରୋ ଅଂଶୁମାନ ଚାଟାର୍ଜୀ ।" ଏ କଥା ଶୁଣି ଗୋପେନ ବାବୁ ଟିକେ ନାକ ଟେକି କହିଲେ, "ହେ ଛାଡ ହୋ ସେ କି ହିରୋ ସେ ଯାହା କରୁଛି ସବୁ ପରଦା ଉପରେ ଆଉ କ୍ୟାମେରା ଆଗରେ ଅସଲି ଜୀବନରେ ସେ ତ ଆମ ଭଳି ଗୋଟେ ସାଧାରଣ ମଣିଷ ମାତ୍ର ହିଁ ନା, ମୁଁ କିନ୍ତୁ ଜଣେ ଅସଲି ଷ୍ଟାରଙ୍କୁ ଆପଣ ମାନଙ୍କ ସହ ଦେଖା କରେଇ ଦେବି ।" ବାପା ମୋର ଖୁବ ଆଶ୍ଚର୍ଯ୍ୟ ସହକାରେ ଗୋପେନ ବାବୁଙ୍କୁ ଅନେଇ କି କହିଲେ, "କଣ ଅସଲି ଷ୍ଟାର ? ବାପାଙ୍କ ସହ ଆମେ ସମସ୍ତେ ଗୋପେନ ବାବୁଙ୍କୁ ଅନେଇ ଥାଉ ଯେ ସେ କାହା କଥା କହିବେ ବୋଲି ଗୋପେନ ବାବୁ ଚା' ପିଉ ପିଉ କହିଲେ, "ହଁ ଅସଲ ଷ୍ଟାର ଆଗ ଛକରେ ଯୋଉ ଗୀର୍ଜା ଘର ଅଛି ତା'ରି ପଛ ପଟେ ଜଣେ ଲୋକ ରୁହନ୍ତି ତାଙ୍କ ନା ହଉଛି କାଳୀ କିଂକର ଘୋଷାଲ ବୟସ କେତେ ଜାଣନ୍ତି ସେଞ୍ଚୁରି ଆଉ ଟ୍ୱେନ୍‌ଟିସିକ୍ସ ମାନେ ୧୨୬ ବର୍ଷ । କିନ୍ତୁ ଦେଖିଲେ ଆପଣ କହିବେ ଯେ ମାତ୍ର ୭୫/୮୦ ବର୍ଷ ବୋଲି ଏକଦମ ଯୁବ ସୁଲଭ ଚେହରା ।" ଶଙ୍କର ମାମୁଁ ଛେପ ଢୋକି କି ଆଖି ତରାଟି ପଚାରିଲେ "କଣ ୧୨୬ ବର୍ଷ ?" ଗୋପେନ ବାବୁ କହିଲେ "କାଳୀ ବାବୁଙ୍କ ଜନ୍ମ ୧୮୫୬ ଆଉ ରବୀନ୍ଦ୍ର ନାଥଙ୍କ ଜନ୍ମ ୧୮୬୧ ମାନେ ରବୀନ୍ଦ୍ର ନାଥଙ୍କ ଠାରୁ କାଳୀ ବାବୁ ୫ ବର୍ଷ ବଡ ।" ଏଥର ଆମ ସମସ୍ତଙ୍କ ମୁହଁ ଏକବାର ଚୁପ ଆଉ ଚା ପିଆ ବି ବନ୍ଦ । ପ୍ରାୟ ଦୁଇ ମିନିଟର ନୀରବତା ପରେ ବାପା ଗୋପେନ ବାବୁଙ୍କୁ ପଚାରିଲେ, "ତାଙ୍କ ବୟସ ୧୨୬ ବର୍ଷ ବୋଲି ଆପଣ କେମିତି ଜାଣିଲେ ସେ କଣ ଆପଣଙ୍କୁ କେବେ ତାଙ୍କ ବୟସ ବିଷୟରେ କହିଛନ୍ତି ?" ଗୋପେନ ବାବୁ ପୁଣି କହିଲେ, "ନା ନା ଏମିତି ଥରେ କଥା ଛଳରେ ସେ କହୁ କହୁ କହିଦେଲେ ଯେ ମୋର ବୟସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୨୬ ବୋଲି ।"

ଆମେ ସମସ୍ତେ ଜାଣିକି ଅବାକ ହେଇ ଗଲୁ ଯେ ଏମିତି ଜଣେ ଦୀର୍ଘାୟୁ ପୁରୁଷ ଆମ ଅଞ୍ଚଳରେ ଅଛନ୍ତି ବୋଲି । ଶଙ୍କର ମାମୁଁ କହିଲେ, "ଆରେ ବାଃ ଏମିତିଆ ଲୋକଙ୍କ ଇଣ୍ଟରଭିଉ ତ ନବାକୁ ହିଁ ପଡିବ ଏପରି ଲୋକଙ୍କ ସୁସ୍ଥ ରହିବାର ରହସ୍ୟ ସମସ୍ତଙ୍କ ପାଇଁ ଗୋଟେ ଜାଣିବାର ଖୋରାକ ଯୋଗାଇବ ।" ସେ ଯାହା ହେଉ ଦିନେ ଗୋପେନ ବାବୁ ଆମ ସମସ୍ତଙ୍କୁ ନେଇ କାଳୀ ଘୋଷାଲଙ୍କ ଘରକୁ ଗଲେ । ଘୋଷାଲ ବାବୁ ଘରୁ ବାହାରକୁ ଆସି ଆମକୁ ସ୍ୱାଗତ ଜଣେଇଲେ ପ୍ରକୃତରେ ସେ ୧୨୬ ବର୍ଷ ବୟସର ବୋଲି କେହି ବି କହି ପାରିବେନି । ପ୍ରାୟ ୬ ଫୁଟ୍ ଉଚ୍ଚର ମଣିଷ । ଗୋରା ରଙ୍ଗ ଚୁଟି ଗୁଡିକ ଅଧା ପାଚିଲା ଅଧା କଳା । ଶରୀରର ଚମ ଗୁଡିକ ବି ବେଶୀ ଧୁଡଧୁଡ ହୋଇନି । ଦୁଇ ପଟ କାନରେ କିଛି ପାଚିଲା ଚୁଟି । ଦାନ୍ତ ଗୁଡିକ ସଫା ଧଳା । ଆମକୁ ଦେଖି ହସିହସି କହିଲେ, "ଆସନ୍ତୁ ଘର ଭିତରକୁ ।" ସମସ୍ତେ ଆମେ ଯାଇ ବସିଲୁ । ତା ପରେ ବାପା ଶଙ୍କର ମାମୁଁଙ୍କ ଆଡକୁ ହାତ ଦେଖାଇ କହିଲେ, "ଏ ହେଉଛି ମୋ ଶାଳକ ଶଙ୍କର କଲିକତାର ଗୋଟେ ବଡ ସମ୍ବାଦପତ୍ରରେ ସାମ୍ବାଦିକ ଅଛି । ସେ ଚାହୁଁଛି ଆପଣଙ୍କର ଗୋଟେ ଇଣ୍ଟରଭିଉ ନେବା ପାଇଁ ଆପଣଙ୍କର ଏଥିରେ କିଛି ଆପତ୍ତି ନାହିଁ ତ ?" ଘୋଷାଲ ବାବୁ ହସି ହସି କହିଲେ, "ଏଥିରେ ଆପତ୍ତି ନବାର କଣ ଅଛି । ମୋ ଭଳି ଜଣେ ଶତାୟୁ ଲୋକ ଯଦି ମୃତ୍ୟୁ ବେଳକୁ ଟିକେ ଲୋକଲୋଚନକୁ ଆସି ପାରୁଛି ଏ ତ ବଡ ଆନନ୍ଦର ବିଷୟ ।" ଏ କଥା ଶୁଣି ଶଙ୍କର ମାମୁଁ ତାଙ୍କ ବ୍ୟାଗରୁ ଖାତା କଲମ ବାହର କରି ଲେଖିବାକୁ ଉଦ୍ୟତ ହେଲେ । ଘୋଷାଲ ବାବୁ କହି ଚାଲିଲେ, "ମୋ ଘର ମୁର୍ଶିଦାବାଦରେ ସେତେବେଳେ ଯିବାଆସିବା ପାଇଁ କିଛି ସୁବିଧା ନଥିଲା । ଡଙ୍ଗା ସାହାଯ୍ୟରେ ଯାହା ଆତଯାତ କରୁଥିଲୁ । ଆମର ସେତେବେଳେ ଜମିଦାରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା । ସ୍କୁଲକୁ ଯିବା ପାଇଁ ୧୨ କିଲୋମିଟର ଚାଲିଚାଲି ଯିବାକୁ ପଡୁଥିଲା । ମୋ ବାହାଘର ହୋଇଥିଲା ୧୫ ବର୍ଷ ବୟସରେ ଆଉ ମୋ ସ୍ତ୍ରୀକୁ ହୋଇଥିଲା ୧୨ ବର୍ଷ । ସ୍ତ୍ରୀ ମରିବା ପ୍ରାୟ ୪୦ ବର୍ଷ ହୋଇଗଲାଣି । ଦୁଇପୁଅ ଥିଲେ ସେମାନେ ବି ସମସ୍ତେ ଚାଲିଗଲେଣି ଖାଲି ଗୋଟିଏ ନାତି ଅଛି କଲିକତାରେ ଡାକ୍ତରୀ ପଢୁଛି ।" ଶଙ୍କର ମାମୁଁ ସବୁ କଥା ଖାତାରେ ଲେଖି ଚାଲିଛନ୍ତି । ମାମୁଁ ପୁଣି ପଚାରିଲେ, "ଆପଣ କେବେ କଲିକତା ସହର ଯାଇଛନ୍ତି ?" ଘୋଷାଲ ବାବୁ ହସିହସି କହିଲେ, "କଲିକତା ୟୁନିଭର୍ସିଟିରେ ପଢିବା ବେଳେ ମୁଁ ପାର୍କଷ୍ଟ୍ରୀଟ୍ରେ ରହୁଥିଲି । ଚାଲିଚାଲି ଯିବାକୁ ପଡୁଥିଲା ନ ହେଲେ ହାତଟଣା ରିକ୍ସାରେ । ସେତେବେଳେ ଭଡା ମାତ୍ର ଦୁଇ ଅଣା ।" ମାମୁଁ ପୁଣି ପଚରିଲେ, "ଆପଣଙ୍କର କୌଣସି ପ୍ରସିଦ୍ଧ ଲୋକଙ୍କ ସହ ସେତେବେଳେ ଦେଖା ହେଇଛି କି ?" ଘୋଷାଲ ବାବୁ କହି ଉଠିଲେ ହଁ ଆମେ ପଢିବା ବେଳେ ରବୀନ୍ଦ୍ର ନାଥ, ବିଦ୍ୟାସାଗର ପ୍ରାୟ ସମସ୍ତେ ଇଉନିଭର୍ସିଟିକୁ ଆସିଛନ୍ତି । ମୁଁ ତ ବିଦ୍ୟାସାଗରଙ୍କ ହାତ ଧରି ତାଙ୍କୁ ଷ୍ଟେଜ୍ ଉପରକୁ ନେଇଥିଲି ।" ମାମୁଁ ସବୁ ଲେଖି ନେଇଥିଲେ ତାଙ୍କର ଖାତାରେ ଆହୁରି ବହୁତ କିଛି ରୋମାଞ୍ଚଙ୍କର କଥା ଯାହା ସବୁ ଘଟି ଥିଲା ଘୋଷାଲ ବାବୁଙ୍କ ଜୀବନରେ ।

ନେତରହାଟ୍ ରୁ ଛୁଟି କାଟି ଆସିବାର କିଛି ଦିନପରେ ହିଁ ଫୋଟୋ ସହିତ ପ୍ରକାଶିତ ହେଲା ଶତାୟୁଙ୍କ ଇଣ୍ଟରଭିଉ ଶଙ୍କର ମାମୁଁଙ୍କ ସହ ପଶ୍ଚିମବଙ୍ଗର ଏକ ବିଖ୍ୟାତ ଖବର କାଗଜରେ । ଯାହାକୁ ପଢି ବହୁତ ଖୁସି ହେଇକି ଘୋଷାଲ ବାବୁ ଆମ ସମସ୍ତଙ୍କୁ ଖୁବ ଧନ୍ୟବାଦ ଦେଲେ ଖାସ୍ କରି ଶଙ୍କର ମାମୁଁଙ୍କୁ । କିଛିଦିନ ପରେ ଥରେ ମୁଁ ଲାଇବ୍ରେରୀରେ ଏମିତି କିଛି ପୁରୁଣା ମଗାଜିନ୍ ଦେଖୁ ଦେଖୁ ମୋ ହାତରେ ପଡେ ଗୋଟେ ୧୯୭୧ ମସିହାର ନବରଙ୍ଗ ମଗାଜିନ୍ । ପୃଷ୍ଠା ଓଲଟାଇ ଦେଖୁ ଦେଖୁ ମୋ ନଜର ପଡେ ଗୋଟେ କଳା ଧଳା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋଟୋ ଉପରେ । ଫୋଟୋ ଉପରେ ଲେଖା ଅଛି ନାଟକ "ଶବରୀ" । ଆଉ ମୁଖ୍ୟ ଭୂମିକା ରାମରେ ଅଭିନୟ କରିଛନ୍ତି କାଳୀ କିଂକର ଘୋଷାଲ ଆଉ ଶବରୀ ଭୂମିକାରେ ଅଛନ୍ତି ଅରୁଣିମା ଘୋଷାଲ । ମୁଁ ଫୋଟୋଟାକୁ ଟିକେ ଭଲ କରି ନିରିଖେଇ ଦେଖିଲି । ଆରେ ଏ କଣ ଏ ତ ସେଇ ନେତରହାଟ୍ ର ଘୋଷାଲ ବାବୁ । ମୁଁ ମଗାଜିନଟି ଧରି ସିଧାଗଲି ମାମୁଁଙ୍କ ପାଖକୁ । ତାଙ୍କୁ ଦେଖେଇ କହିଲି, "ଦେଖିଲେ ତ ମାମୁଁ ସେ କାଳୀ ଘୋଷାଲ କେମିତି ଆମ ସମସ୍ତଙ୍କୁ ବୋକା ବନେଇ ସ୍ପଟଲାଇଟଟା ଅଂଶୁମାନ ଠାରୁ ଦୂରେଇ ନେଇ ନିଜ ଉପରେ ପକେଇ କେମିତି ରାତାରାତି ଷ୍ଟାର୍ ବନିଗଲା ।" ଶଙ୍କର ମାମୁଁ ଖୁବ ଜୋରରେ ରାଗି ଯାଇ କହିଲେ, "ମୁଁ ତାର ପର୍ଦାଫାଶ ଆମ ସମ୍ବାଦ ପତ୍ର ଜରିଆରେ କରେଇବି ।" ମୁଁ କିନ୍ତୁ ମାମୁଁଙ୍କୁ ମନା କଲି କାରଣ ତା'ର ବୁଦ୍ଧି ଓ କଥାଚାତୁରୀକୁ ମୁଁ ବି ମନେମନେ ସଲାମ କରୁଥିଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୁନରାବୃତ୍ତି



ପାରମିତା ମିଶ୍ର

ଖବରଦାର ଯଦି ବାହାରକୁ ଗୋଡ କାଢିଚ ତ, ଚିହ୍ନିବ ମତେ । ହାରେ କିଛି ନକହିଲେ ତ ଏ ବେଶି ହେଉଛନ୍ତି, ମୁଁ ଠିକ୍ ଚାରିଟାରେ ଘରକୁ ଆସିବି ସେତେ ପର୍ଯ୍ୟନ୍ତ ମୁଁ ଯାହା ଯାହା କାମ ଦେଇଛି ସେସବୁ ହେଇ ଯାଇଥିବା ଦରକାର । ବୁଝିଲ ।

କୁନାଲ ନିଜ କଥା ଶୁଣେଇ ଦେଇଗଲା, ବାପା ନିରଞ୍ଜନ ମୁଣ୍ଡ ତଳକୁ ପୋତି ପୁଅର ପ୍ରତ୍ୟେକଟି କଥା ଶୁଣି ଚାଲିଥିଲେ, ବିନା ପ୍ରତିବାଦରେ । କବାଟର ଢପ କରି ଆବାଜରୁ କୁନାଲର ଅଫିସ ଚାଲିଯିବା ସୁନିଶ୍ଚିତ ହେଲା । ହାତରେ ଧରିଥିବା ମେଡିସିନଟିକୁ ପାଟିରେ ପକେଇ ପାଣି ଢୋକେ ପିଇ ପକେଇଲେ ନିରଞ୍ଜନ । ଆଖିରେ କେମିତି ଏକ ମଇଳା ପଡିଯାଇଥିବ ନିଶ୍ଚୟ, ଅଶ୍ରୁ ସହ ଖସି ଆସିଲା କେତେ ସେହି ପୁରୁଣା ଦିନ......

ଦିନ ସାରା ଖଟି କେତେ ବି ହାଲିଆ ଲାଗୁ ବା କେତେ ବିଳମ୍ବ ହେଉ କିନ୍ତୁ ଅଫିସରୁ ଫେରୁ ଫେରୁ କୁନା ସହ ଘଣ୍ଟାଏ ଖେଳେ ନିଶ୍ଚୟ କୁନାକୁ ବ୍ୟାଟିଙ୍ଗ କରିବାକୁ ଭାରି ପସନ୍ଦ । ସାହିରେ କ୍ରିକେଟ ଖେଳରେ ତାକୁ ସବୁବେଳେ ବ୍ୟାଟିଙ୍ଗ ଦିଅନ୍ତିନି । ବଡ ଭୋଳା ପୁଅଟା, ପିଲା ଦିନେ ଆଖିକୁ ଟିକେ କମ୍ ଦିଶେ ବୋଲି ଗୋଲଗୋଲ କାଚର ଚଷମା ଖଣ୍ଡେ ପିନ୍ଧେ । ସାମ୍ନାରେ ଆସୁଥିବା ବଲଟିକୁ ଠିକରେ ଦେଖିପାରେନି ପୁଣି ସାହି ପିଲାମାନେ ତାର ଚଷମା ନେଇ ବହୁତ ହଇରାଣ କରନ୍ତି । କାନ୍ଦି କାନ୍ଦି ପୁଅ ମୋର ମୋରି ଆସିବା ବାଟକୁ ଅନେଇ ବସିଥାଏ । ମୁଁ ଅଫିସ ପରେ ଅନ୍ୟ ବାବୁମାନଙ୍କ ସହ ଖଟି ନକରି ସ୍କୁଟର ପେଲି ସିଧା ଘରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାଜର ସେଥିପାଇଁ ଅଫିସର ସାଥି ମାନେ ବହୁ ଅସନ୍ତୁଷ୍ଟ ଥିଲେ କିନ୍ତୁ ମୁଁ ବା କଣ କରନ୍ତି ଅଫିସ ନସରୁଣୁ ମୋ ପୁଅର ମୁହଁ ମୋ ଆଗରେ ନାଚି ଉଠୁଥିଲା । ମା ଛେଉଣ୍ଡ ଛୁଆ ଟା ନା ତେଣୁ ମନ ଖାଲି ଗୋଳେଇ ଘାଣ୍ଟି ହୁଏ । କୁନାକୁ ବ୍ୟାଟିଂରେ ବଡ ସଉକ କହେ ବାପା ଦେଖିବ ମୁ କେମିତି ଛକା ମାରିବି । ତେଣିକି ବଲ୍ ରେ ହିଟ ହେଉ କି ନହେଉ, ସଂନ୍ଧ୍ୟାଯାଏ ବାପା ପୁଅ ଖୁବ୍ ଖେଳୁ ତାପରେ ସେଠୁ ଫେରି ଢାବାରୁ ପୁଅ ପସନ୍ଦର ପନିର ଆଉ ରୁଟି ଧରି ଘରକୁ ଫେରୁ । ହଁ କୁନା ମାଆ ମାନେ ମୋ ସ୍ତ୍ରୀ ବହୁତ ଭଲ ପନିର ବନାଉଥିଲା ମତେ ତ ଚୁଲି ବି ଜାଳିବା ଆସୁ ନଥିଲା । ସେ ଗଲା ପରେ ଧୀରେ ଧୀରେ କିଛି ରନ୍ଧା ଶିଖିଲି କେତେ ସବୁବେଳେ ବାହାରୁ ଆଣିବୁ । ଘରକୁ ଆସି ପଢ଼ା ସାରି ଖଟ ଉପରେ ପଡିଯାଉ ହଁ ଆଉ ତାପରେ ଆରମ୍ଭ ହୁଏ କୁନାର ଦିନ ଯାକର ରାମାୟଣ, ମୁଁ ହୁଁ ମାରୁମାରୁ କେତେବେଳେ ଆମ ଆଖି ଲାଗିଯାଏ ଆଉ ପୁଣି ଆରମ୍ଭ ହୋଇଯାଏ ନୁଆଁ ଦିନ । ମୋର ମନେ ଅଛି ସେଦିନ ମୋ ଅଫିସ ଫୋନକୁ ଫୋନ ଆସିଲା ମୋ କୁନାର କିଛି ହୋଇ ଯାଇଛି । ହାତ ଗୋଡ ମୋର ଗୋଟାପଣେ ଥରି ଉଠିଲା ମୁଁ ଜାଣିନି ମୁଁ କେମିତି ସେଦିନ ଆଖି ପିଛୁଳାକେ ଘରେ ପହଞ୍ଚିଛି । ସାହିର ପିଲାମାନେ କୁନା ଦେହରେ ବିଛୁଆତି ପତ୍ର ଲଗାଇ ଦେଇଥିଲେ । ମୋ ପୁଅର ଅବସ୍ଥା ଦେଖି ସେଦିନ ମତେ ଏତେ ଅସହାୟ ଲାଗିଥିଲା ଯେ ମୁଁ ସେଦିନ ଆଜିଯାକେ ଭୁଲି ପାରୁନି । ରାଗିକି ତାକୁ କହିଥିଲି "ଖବରଦାର ଯଦି ବାହାରକୁ ଗୋଡ କାଢିଚୁ ତ, ଚିହ୍ନିବୁ ମତେ । ହାରେ କିଛି ନକହିଲେ ଇଏ ବେଶି ହେଉଛି, ମୁଁ ଠିକ୍ ଚାରିଟାରେ ଘରକୁ ଆସିବି ସେତେ ପର୍ଯ୍ୟନ୍ତ ସ୍କୁଲର ସବୁ କାମ ସାରି ଖାଇ ଘରେ ଧିରେ ବସିଥିବୁ ।"

ମୁଣ୍ଡ ପୋତି ସେମତି ମୋର ସବୁ କଥା ଶୁଣେ ସେ ବିନା ପ୍ରତିବାଦରେ । ଅଫିସ୍ ଅଧାରୁ ଚାଲିଆସିଥିଲି ତେଣୁ ପୁଣି ଦୌଡିଗଲି ଫେରି । ଚାରିଟା ପରେ ହୋଇଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରକୁ ଫେରିଲା ବେଳକୁ ସେମିତି ସେହି ଚେୟାର ଉପରେ ଅପେକ୍ଷା କରିକରି ଶୋଇଯାଇଥିଲା ମୋ ପୁଅ । ସେଦିନ ମୁଁ ବୁଝିଯାଇଥିଲି କୁନାକୁ ଏମିତି ଘରେ ବାନ୍ଧି ରଖିବା ଦ୍ୱାରା ସେ ଆଗକୁ ବଢି ପାରିବନି । କିଛି ସମୟ ମୋ ସହ ରାଗିକି କଥା ହେଲାନି । ତାପରେ ଯେତେବେଳେ ମୁଁ ତାକୁ ତା ସାଙ୍ଗ ମାନଙ୍କ ସହ ଖେଳିବାକୁ ହଁ କରିଦେଲି ତା ଖୁସି କହିଲେ ନସରେ ।

ଏତେ ଭାବନାରେ କେତେ ସମୟ ଚାଲିଗଲାଣି । କୁନାଲ ଘରକୁ ଫେରିଆସିଲା । ଚାରିଟା ବାଜି କିଛି ଅଧିକା ସମୟ ହୋଇଗଲାଣି । କୁନାଲ ଦୁଆର ମୁହଁରୁ ଡାକ ଛାଡିଲା ବାପା ବାପା । ଯାହା ଯାହା କହିଥିଲି ସବୁ କରିଛ ତ । ନିରଞ୍ଜନ ରାଗିବା ଅଭିନୟ କରୁଥିଲେ । ଖାଇବା ଥାଳି, ଔଷଧ ବାକ୍ସ ସବୁ ଦେଖି ସାରିଲା ପରେ କୁନାଲ କହିଲା ଗୁଡ୍ ସବୁ ଖାଇଛ ଆଉ ବ୍ୟାୟାମ ଦଶ ଥର ସେଇଟା କରିଛ ତ ? ନିରଞ୍ଜନ ସବୁ ଶୁଣି ନିଶୁଣିଲା ପରି ରହିଥିଲେ । କୁନାଲ କହିଲି ଆଚ୍ଛା ରାଗିଛ ତାହାଲେ ଠିକ୍ ଅଛି ବାବା ଚାଲ ଏବେ ଯିବା ଖେଳିବାକୁ । ହାତରେ ବଲ୍ ବ୍ୟାଟ ଧରି ବାପା ପୁଅ ପାର୍କରେ ଖେଳିବାକୁ ଗଲେ । ନିରଞ୍ଜନ ଅଭିମାନ କରି କହିଲେ ମୁଁ ଖେଳିବିନି । କୁନାଲ ବାବାକୁ ବୁଝାଇ କହିଲା ବାବା ତୁମେ ସିଢିରୁ ପଡି ଯାଇଥିଲେ କଣ ହେଇଥାନ୍ତା । ବିଲ୍ଡିଂର ପିଲାମାନେ ତୁମ ସହ କିଛି କରିଥିଲେ । ମୁଁ ତ କହିଲି ନା ମୁଁ ତୁମ ସହ ସବୁଦିନ ଖେଳିବି । ନିରଞ୍ଜନ କହିଲେ ସେ କଥା ନୁହେଁ । ଆଉ ତାହାଲେ କୁନାଲ ପ୍ରଶ୍ନିଲ ଆଖିରେ ପଚାରିଲା । ନିରଞ୍ଜନ ଅନ୍ୟ ଆଡେ ମୁହଁ ବୁଲାଇ କହିଲେ ସେ ଝିଅ ତତେ ବାହା ହେବାକୁ ଏତେ ଥର କହିଲାଣି ତୁ ତାକୁ ହଁ କଲେ ଯାଇ ମୁଁ ଖେଳିବି । କୁନାଲ ପିଲାଳିଆମୀ କରି କହିଲା ବାବା ତମେ ମୋ ଲାପଟପରୁ ମୋ ମେସେଜ ପଢୁଛ ! କେତେ ଖରାପ କଥା କହିଲ ! ହଁ ତ ? ବାପା ମୁଁ, ଚାଲ ଚାଲ ବଲ୍ ମାର୍ ତୁ, ଦେଖ ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ଛକା ମାରିବି, କୁହନ୍ତି ନିରଞ୍ଜନ । ବାପାଙ୍କ ଆନନ୍ଦ ଅଶ୍ରୁ ପୋଛି ପକେଇଲା କୁନାଲ ।

କୁହନ୍ତି ଇତିହାସର ସବୁବେଳେ ପୁନରାବୃତ୍ତି ହୁଏ । ଏବେ ନିରଞ୍ଜନ ବାବୁଙ୍କ ଆଖିକୁ ଆଉ ଠିକ୍ ରେ ଆସୁଥିବା ବଲ୍ ଟି ଦିଶେନି କିନ୍ତୁ କ୍ରିକେଟର ଭାରି ସଉକ । କୁନାଲ ବଲିଂ କରେ । ହ୍ୱିଲ ଚେୟାର ଉପରେ ବସି ନିରଞ୍ଜନ ଖାଲି ବ୍ୟାଟିଂ କରନ୍ତି । ବଲ୍ କୁ ହିଟ ହେଉ କି ନହେଉ........

ଭ୍ରାମ୍ୟଭାଷ : ୯୩୩୭୫୭୩୮୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେଇଟି... ଶୁଣୁଛ...



ରୋଜାଲିନ ମିଶ୍ର

ରୋଷେଇ ଘରୁ ଡାକ ପକେଇଲେ ମମତା । ହଁ ହଁ ଯାଉଛି କହି ଭିତରକୁ ପଶି ଆସିଲେ ସନାତନ ବାବୁ । ସ୍ୱାମୀଙ୍କ ହାତ ରେ ଲଞ୍ଚ ବକ୍ସ ଟା ଧରେଇ ଦେଇ ମମତା କହିଲେ ନିଅ ତୁମ ଲଞ୍ଚ ରେଡି । କିନ୍ତୁ ଆଜି ତୁମର ପ୍ରିୟ ବାଇଗଣ ଭର୍ତ୍ତା ଟା କରିନି ମୁଁ । ଘରେ ବାଇଗଣ ନ ଥିଲା ତ ସେଥିପାଇଁ କରି ପାରିଲିନି । ଚଳେଇ ଦବ ଆଜି ଗୋଟେ ଦିନ । ହଉ କହି ଲଞ୍ଚ ବକ୍ସଟା ଧରି ଅଫିସ ବାହାରି ଗଲେ ସନାତନ ବାବୁ ।

ସନାତନ ବାବୁଙ୍କର ବାଇଗଣ ଭର୍ତ୍ତାଟା ଭାରି ପ୍ରିୟ । ଲଞ୍ଚରେ ଯେମିତି ହେଲେ ଅତି ଯତ୍ନରେ ବାଇଗଣ ଭର୍ତ୍ତା ତିଆରି କରି ଦେଇଥାନ୍ତି ମମତା । ବାଇଗଣ ଭର୍ତ୍ତା ସହ ସନାତନ ବାବୁଙ୍କର ସମ୍ପର୍କଟା ଅଫିସରେ ବି ସମସ୍ତେ ଜାଣିଛନ୍ତି ।

ସବୁଦିନ ଅଫିସରୁ ଫେରି ସନାତନ ବାବୁ ବସି ପଡନ୍ତି ଡ୍ରଇଂ ରୁମରେ । ଅପେକ୍ଷା କରନ୍ତି ଚା କପ୍ କୁ । ତା ପରେ ମମତା ଚା କପ୍ ଟିଏ ଧରେଇ ଦେଇ ପାଖରେ ବସି ପଡନ୍ତି ସରାଗରେ । ଆଉ ଦିନଯାକ ର ହାଲଚାଲ ପଚାରି ବୁଝନ୍ତି । ଅଫିସରେ ସନାତନ ବାବୁ ଦୁଇ ଜଣ ସହକର୍ମୀଙ୍କ ସହ ମିଶିକି ଲଞ୍ଚ କରନ୍ତି । ସମସ୍ତେ ମମତାଙ୍କ ହାତରନ୍ଧାର ବହୁତ ପ୍ରଶଂସା କରନ୍ତି । ସେତିକି ଶୁଣିବା ପାଇଁ ମମତା ଅପେକ୍ଷା କରି ରହିଥାନ୍ତି ସନ୍ଧ୍ୟାପର୍ଯ୍ୟନ୍ତ । ଆଉ ସ୍ୱାମୀ ଘରକୁ ଆସିବା ମାତ୍ରେ ପାଖରେ ବସି ପଡ଼ି ଭଲମନ୍ଦ ପଚାରି ବୁଝନ୍ତି । ଭଲମନ୍ଦ ପଚାରିବାଟା ଖାଲି ଗୋଟେ ବାହାନା ମାତ୍ର, ମନଟା କିନ୍ତୁ ଥାଏ ପ୍ରଶଂସା ଶୁଣିବାରେ । ସନାତନ ବାବୁ ବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ଜାଣି ବହୁତ ପ୍ରଶଂସା କରନ୍ତି । ବେଳେବେଳେ ଟିକେ ଟିକେ ମିଛ ବି କହି ପକାନ୍ତି । ସେ ଜାଣିଛନ୍ତି ପତ୍ନୀଙ୍କୁ ଖୁସିରେ ରଖିବା ପାଇଁ ଏ ମିଛ ପ୍ରଶଂସାଟା ହେଉଛି ଏକ ବଢିଆ ଅସ୍ତ୍ର । ଅସ୍ତ୍ର ତ ନୁହେଁ ବ୍ରହ୍ମାସ୍ତ୍ର କହିଲେ ବି ଚଳିବ । ଅତି ଆନନ୍ଦରେ କାନ ଡେରି ପ୍ରଶଂସା ଗୁଡାକ ପିଇ ଯାଆନ୍ତି ମମତା ଆଉ ତା ପରେ ରୋଷେଇ ଘରକୁ ଯାଆନ୍ତି ରାତ୍ରିଭୋଜନ ତିଆରି କରିବା ପାଇଁ  । ଏଇଟା ଗୋଟାଏ ନିତିଦିନିଆ ଘଟଣା ।

ଆଜି କିନ୍ତୁ ସେଇ ଚିରାଚରିତ ଘଟଣାରେ ଟିକେ ବିଘ୍ନ ଘଟି ଯାଇଛି । ଅନ୍ୟମନସ୍କରେ କିଛି ଭୁଲ କହିଦେଇଛନ୍ତି ସନାତନ ବାବୁ । ଆଉ ଏଇ ଅନିଚ୍ଛାକୃତ ତ୍ରୁଟିକୁ କେମିତି ସୁଧାରିବେ ବାଟ ପାଉ ନାହାଁନ୍ତି ସିଏ ।

ଅଫିସରୁ ଆସି ଡ୍ରଇଂରୁମରେ ବସି ପଡିଲେ ସନାତନ ବାବୁ । ସବୁଦିନ ପରି ମମତା ଆସି ଭଲମନ୍ଦ ପଚାରି ବୁଝିଲେ । କଥା ହଉହଉ ସନାତନ ବାବୁ କହି ପକାଇଲେ, ଜାଣିଲ ମମତା ଆଜି ପଣ୍ଡା ବାବୁଙ୍କ ସ୍ତ୍ରୀ ବଢିଆ ଜହ୍ନି ତରକାରୀ ବନେଇକି ଦେଇଥିଲେ ମ । ତାକୁ ଖାଇ ମୋତେ ମୋ ବୋଉ ହାତରନ୍ଧା ମନେ ପଡିଗଲା । ଏ କଥା ଶୁଣି ମମତାଙ୍କ ମୁହଁଟି ଶୁଖିଗଲାଣି କିନ୍ତୁ ସେଥିକୁ ଆଉ ନଜର ନାହିଁ ସନାତନ ବାବୁଙ୍କର । ସେ ପୁଣି ଆରମ୍ଭ କଲେ, ଆଜି ଦାସ ବାବୁଙ୍କ ସ୍ତ୍ରୀ ବି ବଢିଆ ବିରିୟାନି ବନେଇକି ଦେଇଥିଲେ । ଆଚ୍ଛା ତୁମେ ତ ତାଙ୍କ ସହ ଫୋନରେ ମଝିରେ ମଝିରେ କଥା ହଉଛ, ପଚାରିକି ବୁଝୁନ ସେ କେମିତି ବିରିୟାନିଟା ବନଉଛନ୍ତି । ମମତା ସେତେବେଳକୁ କ୍ରୋଧରେ ଜଳିଲେଣି ପୁରା । କିଛି କହି ପାରୁନାହାନ୍ତି ଆଉ । ସନାତନ ବାବୁ ପୁଣି ଆରମ୍ଭ କଲେ ଆଜି ତୁମ ବାଇଗଣ ଭର୍ତ୍ତାର....... ବାସ୍ ଏତିକି କହିଛନ୍ତି ବିସ୍ଫୋରଣ ଘଟିଲା ମମତାଙ୍କ ଭିତରେ । ଆରମ୍ଭ ହୋଇଗଲା.... କାହିଁ ଗୋଟେ ବାଇଗଣ ବାଇଗଣ ହଉଛ ହୋ ସକାଳୁ । ସବୁଦିନ ବାଇଗଣ ଭର୍ତ୍ତା ଖାଇବ ବୋଲି କଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଉଠି ଲେଖା ହେଇଛି । ବାଇଗଣ କେଜି ଶହେ ଟଙ୍କା ଟପିଲାଣି ତୁମେ ନ ଖାଇଲେ କଣ ବେଦ ଅଶୁଦ୍ଧ ହେଇଯିବ । କାଲିଠାରୁ ପଣ୍ଡା ବାବୁଙ୍କ ସ୍ତ୍ରୀକୁ କହିବ ତୁମକୁ ବାଇଗଣ ଭର୍ତ୍ତା କରିକି ଦବ । ଏତିକି ଶୁଣେଇଦେଇ ଦୁମ୍ ଦୁମ୍ ହୋଇ ରୋଷେଇ ଘରକୁ ଚାଲିଗଲେ ମମତା ।

ତା ପରେ ହୋସ ଆସିଲା ସନାତନ ବାବୁଙ୍କର । ସେ କହି ଆସୁଥିଲେ ଯେ ଆଜି ତୁମ ବାଇଗଣ ଭର୍ତ୍ତାର କିଛି ଆବଶ୍ୟକ ପଡିଲାନି । ବିନା ବାଇଗଣ ଭର୍ତ୍ତାରେ ବି ଆଜି ବଢ଼ିଆ ମଧ୍ୟାହ୍ନ ଭୋଜନଟେ ହେଇଛି । କିନ୍ତୁ ଅଧାବାକ୍ୟକୁ ଅଧାରେ ରଖି ଚୁପ ରହିଗଲେ ସନାତନ ବାବୁ । ମନେ ମନେ ଭାବିଲେ ଏବେ ଏ ପରିସ୍ଥିତିକୁ ସୁଧାରିବେ କେମିତି । କଣ କରିବେ ଭାବୁଛନ୍ତି ବସିକି ରୋଷେଇ ଘରୁ ଶୁଭିଲା ଦୁମ୍ ଦାମ୍ ଧଡ ଧାଡ଼ ବାସନକୁସନର ଶବ୍ଦ । କିଛି ସମୟ ପରେ ପୁଣି ଶୁଣାଗଲା ମମତାଙ୍କ ପାଟି, “ସକାଳୁ ମଣିଷ ମରିପଡି କେତେ ଯତ୍ନରେ ରାନ୍ଧି ବାଢି ଖାଇବାକୁ ଦଉଛି । ଆଉ ବାବୁ ଆମର ସନ୍ଧ୍ୟା ବେଳକୁ ଘରକୁ ଫେରି ପର ହାତରନ୍ଧାର ପ୍ରଶଂସା ଗାନ କରୁଛନ୍ତି । ମୋର ତ ଭାଗ୍ୟ ଖରାପ କହିବି କାହାକୁ । ମୋ ଭାଗ୍ୟରେ ତ ପ୍ରଶଂସା ନାହିଁ ।”

ସନାତନ ବାବୁ ବିଚରା କିଂକର୍ତ୍ତବ୍ୟମୁଢ ହେଇ ବସିଛନ୍ତି । ମମତା ପୁଣି ଆଉଥରେ ବଡ ପାଟିରେ ସ୍ୱାମୀଙ୍କୁ ଶୁଭିଲା ପରି କହିଲେ, ବୁଝିଲ ମାଗି ଆଣିଲା ତିଅଣ ହାପୁଡ଼ାଏ । ଏମିତି ସବୁ ବାକ୍ୟବାଣୀ ମାନ ଶୁଣେଇଶୁଣେଇ ପର୍ସଟିଏ ହାତରେ ଧରି ଡ୍ରଇଂ ରୁମକୁ ଆସିଲେ ମମତା । ସନାତନ ବାବୁଙ୍କୁ କହିଲେ ମୁଁ ଯାଉଛି ମୋ ଭଉଣୀ ଘରକୁ । ଦୁଇ ତିନିଦିନ ରହିକି ଫେରିବି । ସକାଳର ତରକାରୀ ଅଛି ଗରମକରି ଖାଇଦବ । କାଲି ହାତରେ ରାନ୍ଧିକି ଅଫିସ ନେଇଯିବ । ଫୋନ କରି ଚିହ୍ନା ଅଟୋଵାଲାକୁ ଡାକି ଘରୁ ବାହାରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲେ ମମତା । କିଛି ମନେ ପଡିଗଲା ପରି ପୁଣି ଦୁଆରମୁହଁରୁ ଫେରିଆସି ସନାତନ ବାବୁଙ୍କୁ କହିଲେ କାଲି ଯଦି ହାତରେ ରାନ୍ଧି ନପାରିବ ତାହେଲେ ଦାସ ବାବୁଙ୍କ ସ୍ତ୍ରୀଙ୍କୁ ଫୋନ କରିଦିଅ । ସେ ତୁମପାଇଁ ବିରିୟାନି ପଠେଇଦେବେ । ତା ପରେ ମମତା ବାହାରି ଗଲେ ମାତ୍ର ଦୁଇ କିଲୋମିଟର ଦୂରରେ ରହୁଥିବା ନିଜ ଭଉଣୀ ଘରକୁ ।

ସନାତନ ବାବୁ ଏକା ଏକା ବସି ଟିଭି ଦେଖିଲେ । ତା ପରେ ତରକାରୀ ଗରମ କରି ବ୍ରେଡ଼ ସହ ଖାଇ ଶୋଇବାକୁ ଗଲେ । ସେପଟେ ମମତାଙ୍କ ମନଟା ବି ଗୋଳେଇଘାଣ୍ଟି ହଉଛି । ରାଗରେ ତ ବାହାରି ଆସିଛନ୍ତି । ସ୍ୱାମୀ କଣ ଖାଇଲେ କେମିତି ଖାଇଲେ ଜାଣିବା ପାଇଁ ମନ ହଉଛି କିନ୍ତୁ ଫୋନ କରି ପାରୁନାହାନ୍ତି ।

ଏପଟେ ସନାତନ ବାବୁ କଣ କରିବେ ଭାବିଭାବି ରାତି ପ୍ରାୟ ୧୧ ଟା ବେଳକୁ ଫୋନ କଲେ ମମତାଙ୍କ ପାଖକୁ । ସେପଟୁ ବିନା ଉପକ୍ରମରେ ଗମ୍ଭୀର ସ୍ୱରରେ ମମତା କହିଲେ, କଣ ହେଲା ? ସନାତନ ବାବୁ ଉତ୍ତର ଦେଲେ ନା କିଛି ହେଇନି ଯେ ତୁମେ ମୋର କଥାଟା ଅଧା ଶୁଣିକି ରାଗିକି ପଳେଇଛ ତ ପୁରା କହିବା ପାଇଁ ଫୋନ କରିଛି । ମୁଁ ସେତେବେଳେ କହୁଥିଲି ଯେ ପଣ୍ଡାବାବୁଙ୍କ ସ୍ତ୍ରୀ ଆଜି ବଢିଆ ଜହ୍ନି ତରକାରୀ ଆଉ ଦାସବାବୁଙ୍କ ସ୍ତ୍ରୀ ବଢିଆ ବିରିୟାନି ବନେଇକି ଦେଇଥିଲେ । କିନ୍ତୁ ସମସ୍ତେ ଆଜି ଆମେ ତୁମ ବାଇଗଣ ଭର୍ତ୍ତାକୁ ଝୁରୁଥିଲୁ । କେହି ଶାନ୍ତିରେ ଖାଇନୁ ଆଜି । ଅଫିସରୁ ଫେରିଲା ବେଳେ ଦାସବାବୁ ମୋତେ କହିଲେ, ବୁଝିଲ ସନାତନ ବାବୁ ମାଡାମଙ୍କୁ କହିବେ ଆଉ ଯାହା ଦିଅନ୍ତୁ ନଦିଅନ୍ତୁ ସବୁଦିନ ବାଇଗଣ ଭର୍ତ୍ତାଟା ନିହାତି ଭାବରେ ଦେବେ । ନହେଲେ ଖାଇବାରେ ମଜା ଆସୁନି । ଏକା ନିଃଶ୍ୱାସରେ ଏତିକ କଞ୍ଚାମିଛ କହିଗଲେ ସନାତନ ବାବୁ ମମତାଙ୍କୁ ।

ମମତାଙ୍କ କ୍ରୋଧାଗ୍ନି ଉପରେ ଯେମିତି ପାଣି ବାଲ୍ଟିଏ କିଏ ଢାଳିଦେଲା । କଣ କହିବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ କହିବେ ହଉହଉ ସନାତନ ବାବୁ କହିଲେ ହଉ ମୁଁ ରହୁଛି । ଯାଉଛି ଶୋଇବି । ସକାଳୁ ଜଲଦି ଉଠି ପୁଣି ହାତରେ ରାନ୍ଧିବାର ଅଛି । ତୁମେ ଦୁଇ ତିନିଦିନ ରହି ଜଲଦି ପଳେଇ ଆସିବ ।

ସକାଳୁ କଲିଂବେଲର ଶବ୍ଦରେ ନିଦ ଭାଙ୍ଗିଲା ସନାତନ ବାବୁଙ୍କର । ଘଣ୍ଟାକୁ ଚାହିଁ ଦେଖିଲେ ୬:୩୦ ବାଜିଛି । ଏତେ ସକାଳୁ କିଏ ହୋଇଥିବ ଭାବିଭାବି କବାଟ ଖୋଲିଲା ବେଳକୁ ଆଗରେ ମମତା । ଗୋଟାଏ ହାତରେ ପର୍ସ ଆଉ ଗୋଟାଏ ହାତରେ ଦୁଇତିନି କିଲୋ ବାଇଗଣ ପଲିଥିନରେ ଧରି ଠିଆ ହେଇଛନ୍ତି ସାମ୍ନାରେ । ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ସନାତନ ବାବୁ । ମମତା କହିଲେ ସକାଳୁ ସକାଳୁ ଭୁତ ଦେଖିଲା ପରି ଚାହିଁଛ କଣ । ଯାଅ ଅଫିସ ପାଇଁ ରେଡି ହୁଅ । ମୁଁ ଯାଉଛି ରୋଷେଇ କରିବି । ମୋତେ ପୁଣି ବାଇଗଣ ଭର୍ତ୍ତା ବନେଇବାର ଅଛି । ମମତା ପଶିଗଲେ ରୋଷେଇ ଘରକୁ । ବ୍ରହ୍ମାସ୍ତ୍ର ଠିକ ଜାଗାରେ ବାଜିଛି ଜାଣି ଆଶ୍ୱସ୍ତ ହେଲେ ସନାତନ ବାବୁ ଆଉ ନିଜ ହସକୁ ନିୟନ୍ତ୍ରଣ କରିବା ପାଇଁ ପଶିଗଲେ ବାଥରୁମ ରେ ।

ଭି ଏସ ଏସ ନଗର, ଭୁବନେଶ୍ୱର , ଓଡିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଞ୍ଚାୟତ ଇଲେକ୍ସନ



ଇଂ ଭାଗିରଥୀ ସେଠୀ

ସଞ୍ଜ ନଇଁ ଆସୁଥାଏ । ନରୋତ୍ତମ ଘର ମୁହଁ ହୋଇ ବାଇକିରେ ଘରକୁ ଫେରୁଥାଏ । ଆଉ ପାଞ୍ଚ-ଛଅ କି.ମି ପରେ ଗାଁ ଆସିଯିବ । ହଠାତ୍ ଦେଖିଲା ରାସ୍ତା କଡ଼ରେ କିଛି ଲୋକ ରୁଣ୍ଡ ହୋଇଛନ୍ତି । ସେ ରାସ୍ତା କଡ଼ରେ ବାଇକି ରଖି କ'ଣ ହୋଇଛି ଦେଖିବାକୁ ଗଲା । ସେ ଏ କ'ଣ ଦେଖୁଛି – ଇଏତ ତାଙ୍କ ଗାଁ ଟୁକୁନା । କୌଣସି ଗାଡ଼ି ଆକ୍ସିଡ଼େଣ୍ଟ କରିଦେଇଛି । ଚେତା ହରାଇ ପଡ଼ିଛି, ମୁଣ୍ଡରୁ ରକ୍ତ ଝରୁଛି । ଭିଡ଼ ଠେଲି ଭିତରକୁ ଗଲା । କହିଲା – ଇଏ ଆମ ଗାଁ ଟୁକୁନା । ଲୋକମାନେ ତା' ମୁହଁରେ ପାଣି ଛାଟୁଥାନ୍ତି । କିନ୍ତୁ କିଛି ଲାଭ ହେଉନଥାଏ । ନରୋତ୍ତମ ପାଟି କରି କହିଲା - ଡ଼େରି କାଲେ ହେବନି, ତାକୁ ହସ୍ପିଟାଲ୍ ନେବାକୁ ହେବ । ଶୀଘ୍ର ଆମ୍ବୁଲାନ୍ସ ଡ଼ାକିବା ପାଇଁ କହିଲା । ଆମ୍ବୁଲାନ୍ସ ଆସିବା ପରେ ଡ଼ାକ୍ତରଖାନା ନେଇଗଲା । ହସ୍ପିଟାଲ୍‌ରେ ଆଡ଼ିମିସନ କରି ଡ଼ାକ୍ତର ସହିତ ପରାମର୍ଶ କଲା । କିଛି ସମୟ ପରେ ଟୁକୁନାର ଚେତା ଫେରିଲା । ଟୁକୁନା ଦେଖିଲା ପାଖରେ ନରୋତ୍ତମ ବସିଛି । ନିଜ ଗୋଡ଼ ଭାଙ୍ଗି ଯାଇଛି ଓ ମୁଣ୍ଡରେ ବ୍ୟାଣ୍ଡେଜ ବନ୍ଧା ହୋଇଛି । ଟୁକୁନା ନରୋତ୍ତମ ମୁହଁକୁ କରୁଣ ଦୃଷ୍ଟିରେ ଅନାଇଲା । ନରୋତ୍ତମ କହିଲା କିଛି ବ୍ୟସ୍ତ ହୁଅନି । ବିଶେଷ କିଛି ହୋଇନି । ମୁଁ ଡ଼ାକ୍ତର ସହିତ ପରାମର୍ଶ କରିଛି ଖାଲି ତୁମର ଗୋଡ଼ି ଟିକେ ଅସୁବିଧା ହୋଇଛି । ଅପରେସନ୍ କଲେ ଠିକ୍ ହୋଇଯିବ । ମୁଁ ତୁମ ଘରକୁ ଖବର ପଠେଇଛି । ତୁମ ଘରୁ କିଏ ଆସୁଥିବେ । ତୁମ ସାଙ୍ଗମାନେ, ବାପି, ସଞ୍ଜୟ, ଅକ୍ଷୟ ଏମାନେ ବି ଆସୁଥିବେ । ଠିକ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତିକିବେଳେ ଟୁକୁନାର ବଡ଼ ଭାଇ ଆସି ପହଞ୍ଚିଗଲେ । ଟୁକୁନାର ବଡ଼ଭାଇ ସୁବୋଧ ମହାନ୍ତି । ବେଶ ଭଦ୍ର ବ୍ୟକ୍ତି ସାଧାସିଧା ଚଳଣି । ଜିଲ୍ଲାପାଳଙ୍କ ଅଫିସରେ କିରାଣୀ ଚାକିରୀ କରନ୍ତି । ବହୁତ ମେଳାପି ଓ ଅମାୟିକ ବ୍ୟକ୍ତି । ସେ ନରୋତ୍ତମକୁ ଟୁକୁନା ବେଡ଼ ପାଖରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଓ ତାକୁ କୁଣ୍ଢେଇ ପକେଇଲେ କହିଲେ - ନରୋତ୍ତମ, ତୁମେ ଆଜି ନଥିଲେ ଟୁକୁନା ବଞ୍ଚିନଥାନ୍ତା । ମୁଁ ଶୁଣିଲି ତୁମକୁ ଟୁକୁନା ପାଇଁ ରକ୍ତ ଦେବାକୁ ପଡ଼ିଲା । ନରୋତ୍ତମ କହିଲା – ହଁ, ବଡ଼ ଭାଇ । ଡ଼ାକ୍ତର କହିଲେ – ଟୁକୁନାର ଅତ୍ୟଧିକ ରକ୍ତସ୍ରାବ ହୋଇଛି, ତେଣୁ ରକ୍ତ ଜରୁରୀ । କେବଳ ମୁଁ ଟିକେ ରକ୍ତ ଦେଇଛି ଓ ଟୁକୁନାକୁ ଏଠାରେ ପହଞ୍ଚାଇଛି । ନରୋତ୍ତମର କଥା ଟୁକୁନା ବି ଶୁଣୁଥିଲା । ଟୁକୁନା ଆଖିରୁ ଯେ କେତେବେଳେ ଲୁହ ଝରି ଆସିଥିଲା ସେ ଜାଣିପାରି ନଥିଲା । ଏତିକିବେଳେ ଟୁକୁନା ଉପରେ ନରୋତ୍ତମର ଆଖି ପଡ଼ିଲା । ନରୋତ୍ତମ କହିଲା – ଟୁକୁନା ତୁମେ କାନ୍ଦୁଚ କାହିଁକି ? ତୁମର କିଛି ହୋଇନି । ସବୁ ଠିକ୍ ହୋଇଯିବ ତୁମେ ଭଲ ହୋଇ ଘରକୁ ଫେରିବ । ଟୁକୁନାର ବଡ଼ଭାଇ ଉଦ୍ଦେଶ୍ୟରେ ନରୋତ୍ତମ କହିଲା – "ଭାଇ ମୁଁ ଏବେ ଗାଁକୁ ଯାଉଛି । ଆପଣତ ଆସିଲେଣି, ଯଦି କିଛି ଅସୁବିଧା ହେବ ମୋତେ ଖବର ଦେବେ । ଏହା କହି ନରୋତ୍ତମ ସେମାନଙ୍କଠାରୁ ବିଦାୟ ନେଇ ଚାଲିଆସିଲା ।

ନରୋତ୍ତମ ଆଉ କେହି ନୁହେଁ, ସେ ହେଉଛି ମଧୁପୁର ପଞ୍ଚାୟତ ସରପଞ୍ଚ । ଲୋକମାନଙ୍କ ଭଲ-ମନ୍ଦ ସୁଖ ଦୁଃଖରେ ଅଣ୍ଟାଭିଡ଼ି ଆଗ ଠିଆହୁଏ । ସିଏ ତା' ଗାଁ ପଞ୍ଚାୟତର ଛୋଟ ଦେବତାଟିଏ କହିଲେ ଅତ୍ୟୁକ୍ତି ହେବନାହିଁ । ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ତାକୁ ନିଜର ନିଜର ଲାଗନ୍ତି । ଛୋଟପିଲାମାନେ ନରିଭାଇ ନରିଭାଇ ବୋଲି ପାଟି କଲାବେଳେ ତା ସମ ବୟସ୍କ ଯୁବକମାନେ ତାକୁ ଆରେ ! ନରି ତୁ କୁଆଡ଼େ ଯାଉଛୁ ତୋ ସହିତ ବହୁତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ହେଲା ଦେଖା ହୋଇନି ବୋଲି କୁହନ୍ତି । ବଡ଼ମାନେ ଆରେ ! ପୁଅ ନରିଆ ! ଭଗବାନ ତୋତେ କୋଟି ପରମାୟୁ ଦିଅନ୍ତୁ ବୋଲି କହି ଆଶୀର୍ବାଦ ଢ଼ାଳି ଦିଅନ୍ତି । କିନ୍ତୁ ଏ ସବୁ ଭିତରେ ବି ଏମିତି ମଣିଷମାନଙ୍କର କିଛି ଶତ୍ରୁଥାନ୍ତି । ସେମାନଙ୍କର ଶିରୀ ଦେଖିପାରନ୍ତି ନାହିଁ କି ସହି ପାରନ୍ତି ନାହିଁ ।

ଗତ ପଞ୍ଚାୟତ ଇଲେକ୍ସନ ସମୟର ଘଟଣା । ଗାଁ ପଞ୍ଚାୟତ ଇଲେକ୍ସନ ଆଉ କମ ଦିନଥାଏ । ତା ଗାଁର କିଛି ବୟସ୍କ ଲୋକ ଓ ମଧୁପୁର ଗାଁର ଆଉ କିଛି ଯୁବକମାନେ ନରିକୁ ସରପଞ୍ଚ କରିବା ପାଇଁ ସ୍ଥିର କଲେ । ତାକୁ ଇଲେକ୍ସନ ଲଢ଼ିବାକୁ କହିଲେ । କିନ୍ତୁ ପ୍ରଥମେ ସେ ଲଢ଼ିବାକୁ ମନାକଲା ଓ ପରେ ବୟସ୍କମାନଙ୍କର କଥା କାଟିନପାରି ସରପଞ୍ଚ ପାଇଁ ଇଲେକ୍ସନରେ ଠିଆହେଲା । ଟୁକୁନା ଜଣେ ଅର୍ଦ୍ଧଶିକ୍ଷିତ ଯୁବକ କହିଲେ ଅତ୍ୟୁକ୍ତି ହେବନାହିଁ । ଡ଼ାକ ନାଁ ଟୁକୁନା । ହେଲେବି କାଗଜ କଲମରେ ନାଁ ତାର ପ୍ରବୋଧ ମହାନ୍ତି । ତିନିଥର ମାଟ୍ରିକ୍ ପରୀକ୍ଷା ଦେବା ପରେ ତୃତୀୟଶ୍ରେଣୀରେ ମାଟ୍ରିକ୍ ଖଣ୍ଡିକ ପାସ କରି କଲେଜରେ ନାଁ ଲେଖାଇଲା । କଲେଜରେ ଯୁକ୍ତ ଦୁଇ ଦି' ଦି' ଥର ଫେଲ ହେବା ପରେ ଠିକ୍ କଲା ଗାଁରେ ରାଜନୀତି କରିବ । ତେଣୁ ପଞ୍ଚାୟତର କିଛି ବେକାର ଅର୍ଦ୍ଧ ଶିକ୍ଷିତ ଯୁବକଙ୍କୁ ଏକାଠି କରି, ସରପଞ୍ଚ ହେବା ପାଇଁ ଠିକ୍ କଲା । ଗାଁ ଗାଁ ବୁଲି ଲୋକମାନଙ୍କୁ ମତାଇଲା । ସେ ତାର ସାଙ୍ଗମାନଙ୍କୁ ଶିଖାଇ ଦେଇଥିଲା ଯେ, ସରପଞ୍ଚ ପ୍ରାର୍ଥୀ ପାଇଁ ଆଉ କାହାକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଦେବେ ନାହିଁ । ଯିଏ ସରପଞ୍ଚ ପ୍ରାର୍ଥୀ ହେବ ତାକୁ ଜୀବନରେ ମାରିଦେବାକୁ ଧମକ ଚମକ ଦେଲେ । କିନ୍ତୁ ମଧୁପୁର ପଞ୍ଚାୟତ ଲୋକମାନେ ଚାହୁଁଥିଲେ ତାଙ୍କ ଅଞ୍ଚଳର ବିକାଶ । ଆଧିକାଂଶ ଲୋକେ ନରୋତ୍ତମକୁ ସରପଞ୍ଚ ପ୍ରାର୍ଥୀ ପାଇଁ ଅନୁରୋଧ କଲେ । କହିଲେ ଟୁକୁନା ସରପଞ୍ଚ ହେଲେ ତାଙ୍କ ଅଞ୍ଚଳର କିଛି ବିକାଶ ହେଇପାରିବନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ବର୍ଷ ଆମ ଗାଁ ନୂଆ ପଞ୍ଚାୟତ ରୂପେ ସ୍ୱୀକୃତି ପାଇଛି । ନୂଆ ପଞ୍ଚାୟତ ପାଇଁ ଜଣେ ଦକ୍ଷ ସମାଜସେବୀ ସରପଞ୍ଚ ଦରକାର । କିନ୍ତୁ ଟୁକୁନା ଚାହୁଁଥିଲା ନିଦ୍ୱର୍ନ୍ଦରେ ନିର୍ବାଚିତ ହେବା ପାଇଁ । କାରଣ ସେ ଜାଣେ ତାକୁ କେହି ଭୋଟ ଦେବେନାହିଁ । ତେଣୁ ନରୋତ୍ତମକୁ ଚେତାବନୀ ଦେଲା ପ୍ରାର୍ଥୀ ନହେବା ପାଇଁ । ନରୋତ୍ତମ ଟୁକୁନାକୁ ବୁଝାଇଲା କି, ସେ ସରପଞ୍ଚ ହେବାକୁ ଚାହୁଁନାହିଁ । କିନ୍ତୁ ଗାଁର ବୟସ୍କ ଲୋକେ ତାକୁ ବାଧ୍ୟ କରିଛନ୍ତି । ତୁମେ ଯଦି ଲୋକମାନଙ୍କୁ ବୁଝେଇ ପାରିବ, ତୁମେ ପ୍ରାର୍ଥୀ ହେଲେ, ଲୋକମାନଙ୍କ ପାଇଁ ଭଲ କାମ କରିବ । ମୁଁ ପ୍ରାର୍ଥୀ ହେବାକୁ ଚାହୁଁନି ବୋଲି ସମସ୍ତଙ୍କୁ ବୁଝାଅ । ଟୁକୁନା ଏ କଥାଶୁଣି ନରୋତ୍ତମ ସହିତ ଯୁକ୍ତି କଲା ଓ କହିଲା ତୁମେ ପ୍ରାର୍ଥୀପତ୍ର ଦାଖଲ କରିବ ନାହିଁ । ଆଉ ଯାହା ସବୁ ମୁଁ ବୁଝିବି । ଏତିକି ଚେତାବନୀ ଦେଇ ଚାଲିଗଲା । ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଦିନ, ଗାଁ ଲୋକଙ୍କ କଥା କାଟି ନପାରି, ନରୋତ୍ତମ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଦେଲା । ଟୁକୁନା ଯେତେବେଳେ ଏ ଖବର ପାଇଲା ପ୍ରତିଶୋଧ ପରାୟଣ ହୋଇଉଠିଲା । ସେ ଭାବିଲା ନରୋତ୍ତମକୁ ପାନେ ଦେଲେ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବ ।

ମୁହଁ ସଞ୍ଜ ବେଳ ............. । ନରୋତ୍ତମ ଗାଁ ମୁଣ୍ଡ ଆମ୍ବ ତୋଟାରାସ୍ତାରେ ଫେରୁଥାଏ । କଚ୍ଚା ମୋରମ ଧୂଳିଧୂସର ରାସ୍ତାରେ ସାଇକେଲ ଚଲେଇ । ହଠାତ୍ ତା ସାଇକେଲଟି ଧକ୍କା ଖାଇ ତଳେ ପଡ଼ିଗଲା । ଏତିକିବେଳେ ବାପି, ସଞ୍ଜୟ ଓ ଅକ୍ଷୟ ସହିତ ଟୁକୁନା ଆସି ତାକୁ ପକେଇ ଦେଲେ । ଦି ଚାରି ଚାପୁଡ଼ା ତା ଗାଲରେ ମଧ୍ୟ କଷି ଦେଲେ । କହିଲେ - ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବୁ, ନଚେତ୍ ଜୀବନରେ ମାରିଦେବୁ । ନରୋତ୍ତମ ସେହି ଧୂଳି ରାସ୍ତାରେ ମୁହଁମାଡ଼ି ତଳେ ପଡ଼ିଯାଇଥିଲା । ମୁହଁରେ ଲାଗିଥିବା ଧୂଳି ପୋଛି ପାଛି ବଡ଼ କଷ୍ଟରେ ଠିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା ନରୋତ୍ତମ । ହସିଲା ଦାନ୍ତ ଦେଖେଇ । ଧୁଳି ଆଉ ଲାଲ ମିଶା ମୁହଁରେ ତା' ଧଳା ଦାନ୍ତ ଗୁଡ଼ାକ ଚକଚକ ଦେଖାଦେଲା । ସେ ଭାରି କଷ୍ଟରେ ସ୍ପଷ୍ଟ କରିଦେଲା – ହଁ, ତୁମେ ମୋତେ ମାରିପାରିବ, ହେଲେ କେବେ ଜିତି ପାରିବନି ..... । ..... କେବେ ନୁହେଁ । କହିିବା ସହିତ ଦାନ୍ତ ଦେଖେଇ ହସିଲା । ଟୁକୁନା ଓ ତା ସାଙ୍ଗମାନେ ପୁଣି ଠେଲା ପେଲା କରି ମାଡ଼ ଦେବାକୁ ଉଦ୍ୟମ ହେବା ସମୟରେ ଗୋଟିଏ ଜିପ ଲାଇଟ ସେଇ ଆଡ଼କୁ ଆସିବାର ଦେଖିଲେ । ସେମାନେ ହଠାତ୍ ଯିଏ ଯୁଆଡ଼େ ଦୌଡ଼ା ଦୌଡ଼ି କରି ପଳେଇଗଲେ । ଜିପ୍‌ଟି ନରୋତ୍ତମ ପାଖରେ ଆସି ଅଟକି ଗଲା । ଜିପ୍‌ରେ ଥିଲେ ସେହି ଗାଁର ଜଣେ ମୁଖ୍ୟବ୍ୟକ୍ତି । ସହରକୁ ଯାଇଥିଲେ କୌଣସି କାମରେ । ନରୋତ୍ତମର ଏଭଳି ଅବସ୍ଥା ଦେଖି ପଚାରିଲେ - ଏମାନେ କିଏ ସବୁ ତୁମ ସହିତ ଗଣ୍ଡଗୋଳ କରୁଥିଲେ କି ? ନରୋତ୍ତମ କହିଲା - ନା ! ସେମିତି କିଛି ନାହିଁ । ଟିକିଏ କଥା ହେଉଥିଲୁ । ସେ ବୁଝି ଯାଇଥିଲେ, ନରୋତ୍ତମ ଏମିତି ପିଲା ଯିଏକି କାହାର ଅମଙ୍ଗଳ ଓ ଅନିଷ୍ଟ ଚିନ୍ତା କରେନି । ସବୁ ଲୁଚେଇ କହିବାକୁ ଚାହୁଁନି । ସେ ନରୋତ୍ତମ ସାଇକେଲକୁ ଜିପରେ ଉଠେଇ ନରୋତ୍ତମକୁ ପାଖ ସିଟରେ ବସେଇ ଗାଁକୁ ଫେରିଲେ । ତା ପର ଦିନ ଗାଁ ମୁଖିଆ ଏକ ସଭା ଡ଼ାକିଲେ । ମୁଖିଆ କହିଲେ ଆମ ନୂଆ ପଞ୍ଚାୟତ ପାଇଁ ନରୋତ୍ତମ ହିଁ ଏକମାତ୍ର ଯୋଗ୍ୟ ବ୍ୟକ୍ତି । ଯଦି କେହି ତାଙ୍କ ବିରୁଦ୍ଧରେ ପ୍ରାର୍ଥୀ ହୁଅନ୍ତି କିଛି ଆପତ୍ତି ନାହିଁ । କିନ୍ତୁ ଆପଣମାନେ, ନରୋତ୍ତମକୁ ହିଁ ଭୋଟଦେବେ । କାଲି ମୁଁ ମୋ ନିଜ ଆଖିରେ ଦେଖିଛି - ନରୋତ୍ତମ ପ୍ରାର୍ଥୀ ନ ହେବା ପାଇଁ ତା' ସହିତ କିଛି ବଦମାସ ଲଫଙ୍ଗା ଟୋକା ଗଣ୍ଡଗୋଳ କରିଛନ୍ତି । ଏ କଥା ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ମାଡ଼ିଗଲା । ପଞ୍ଚାୟତର ସବୁ ଗାଁର ଲୋକେ ଠିକ୍ କଲେ, ନରୋତ୍ତମ ହିଁ ଉପଯୁକ୍ତ ପ୍ରାର୍ଥୀ । ତଥାପି ସବୁ ନେତାଙ୍କ ବଡ଼ ବଡ଼ ଆଖି ସେମାନଙ୍କ ଦଳ ହିଁ ବିଜୟୀ ହେଉ । ବଡ଼ ବଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେତାମାନେ ଗାଁ ଗାଁରେ ଡ଼େରା ପକେଇଲେଣି । ପଞ୍ଚାୟତ ଭୋଟ । ସବୁଆଡ଼େ ଉଠୁଛି ପଡୁଛି । ସରକାରୀ ଦଳ ହେଉ କିମ୍ବା ବିରୋଧୀ ଦଳ ହେଉ, ଗାଁ ପବନରେ ସେମାନେ ପଇସା ଉଡ଼େଇ ଦେବାକୁ ପଛଉ ନାହାନ୍ତି । ମାଗଣାରେ ମାଗଣାରେ ଖାଇବା ପିଇବା ମିଳିଯାଉଛି । ଲୋକମାନଙ୍କ ପାଖରେ ନେତାମାନେ ଭିଡ଼ ଜମାଉଛନ୍ତି । ଗୋଡ଼ ଭାଙ୍ଗି ଛିଡ଼ା ହେଉଛନ୍ତି । ଭୋଟ ପାଇଁ ନେହୁରା ହେଉଛନ୍ତି । ଯେଉଁ ନେତାମାନେ ପାଞ୍ଚବର୍ଷ ତଳେ ଆସିଥିଲେ, ସେହିମାନଙ୍କ ମୁହଁ ଆଜି ଗାଁ ଦାଣ୍ଡରେ ଦେଖିବାକୁ ମିଳୁଛି । ବଡ଼ ବଡ଼ ଗାଡ଼ି ଧରି ଗାଁକୁ ଆସୁଛନ୍ତି । ସବୁଦୁଃଖ ଦୂର କରି ଦେବ ବୋଲି କହୁଛନ୍ତି । ନେତାମାନେ ଲୋକଙ୍କ ଆଗରେ କୁମ୍ଭୀର କାନ୍ଦଣା କରୁଛନ୍ତି । କିନ୍ତୁ ଗାଁ ଲୋକେ ବହୁତ ଚାଲାକ ହେଇଗଲେଣି । ସେମାନେ ଭଲ ଭାବେ ଜାଣନ୍ତି, ଭୋଟ ପରଦିନ ଠାରୁ କାଶିଆ କପିଳା ଭେଟ ମିଳେନା । ନେତାମାନଙ୍କ ଠାରୁ ଗାଁ ଲୋକମାନେ ଭରଷା ତୁଟେଇ ଦେଇଛନ୍ତି । କାହାର ମିଥ୍ୟା ପ୍ରତିଶ୍ରୁତିରେ ସେମାନେ ପ୍ରଭାବିତ ହେବାକୁ ପସନ୍ଦ କରୁନାହାନ୍ତି । ସେମାନେ ନେତାଙ୍କୁ ଭଲ ଭାବେ ବୁଝିଗଲେଣି । ଏପରି ଘଡ଼ି ସନ୍ଧି ମୁହୁର୍ତ୍ତରେ ନରୋତ୍ତମ କୌଣସି ଜାତୀୟ ଦଳରୁ ଟିକେଟଟିଏ ପାଇଲାନାହିଁ । ଟୁକୁନା ସରକାରୀ ଦଳରୁ ଟିକେଟ ପାଇଲା । କିଛି ଲୋକମାନଙ୍କର ଧାରଣା ସରକାରୀ ଦଳୀୟ ପ୍ରାର୍ଥୀ ଜିତିଲେ ଉନ୍ନୟନ ମୂଳକ କାର୍ଯ୍ୟ କରିବ । ନଚେତ୍ ଅନ୍ୟ ଦଳମାନଙ୍କୁ ପଚାରେ କିଏ ? କିନ୍ତୁ ମଧୁପୁର ଗାଁ ଲୋକେ ବୁଝିପାରିଥିଲେ, ଟୁକୁନା ସରକାରୀ ଦଳର ପ୍ରାର୍ଥୀ ହୋଇଥିଲେ ବି ସେ ଜଣେ ଅମାନୁଷିକ । ଗୁଣ୍ଡା ବଦମାସି କରିଆସୁଛି । ସେ ଗାଁ ପାଇଁ କୌଣସି କାମ କରିପାରିବ ନାହିଁ । ତେଣୁ ନରୋତ୍ତମକୁ ସ୍ୱାଧୀନ ପ୍ରାର୍ଥୀଭାବେ ଠିଆ କରେଇ ଜୟଯୁକ୍ତ କରେଇବେ । ଦରକାର ପଡ଼ିଲେ ଗାଁ ପଞ୍ଚାୟତର ଉନ୍ନତି ପାଇଁ ସମସ୍ତେ ଯାଇ ସରକାରଙ୍କ ପାଖରେ ଧାରଣାରେ ବସିବ । ଅନଶନ କରିବେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ସେମାନଙ୍କର ଉପଯୁକ୍ତ ନେତା ହିଁ ନରୋତ୍ତମ । ଚାହୁଁ ଚାହୁଁ ଭୋଟ ଦିନ ଆସିଗଲା । ଭୋଟ ଦିଆ ସରିଗଲା । ଭୋଟ ଗଣତି ବେଳ ମଧୁପୁର ଗାଁର ଲୋକେ ଚାତକ ପରି ଚାହିଁ ବସିଛନ୍ତି ଭୋଟର ଫଳାଫଳକୁ । ନରୋତ୍ତମ ବିପୁଳ ପରିମାଣ ଭୋଟରେ ବିଜୟୀ ହେଲା । ଗାଁ ଲୋକମାନଙ୍କ ଖୁସି କହିଲେ ନ ସରେ । ବିରାଟ ପଟୁଆର କରି ନରୋତ୍ତମକୁ ଗାଁରୁ ଗାଁ ବୁଲେଇ ପରିଚିତ କରେଇ ଦେଲେ । ନରୋତ୍ତମ ପ୍ରତିଶ୍ରୁତି ଦେଇ କହିଲା – ତା ଜୀବନର ଶେଷ ରକ୍ତ ବୁନ୍ଦା ଗାଁର ଉନ୍ନତି ପାଇଁ ତ୍ୟାଗ କରିବ ଓ ଗରିବମାନଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ । ତେଣୁ ସମସ୍ତଙ୍କ ଆଶୀର୍ବାଦ ଭିକ୍ଷା କରୁଛି ।

ଆଜି କିନ୍ତୁ ତାର ପ୍ରତିଦ୍ୱନ୍ଦୀ ଟୁକୁନା ହସ୍ପିଟାଲ୍‌ରେ, ନରୋତ୍ତମ ନଥିଲେ ହୁଏତ ଟୁକୁନାର ଜୀବନ ପ୍ରଦୀପ ଲିଭି ଯାଇଥାନ୍ତା । ଟୁକୁନା ଫେରି ଆସିଛି ଗାଁକୁ । ସୁସ୍ଥ ହୋଇ ଯାଇଛି । ସେଦିନ ସନ୍ଧ୍ୟାବେଳେ ନରୋତ୍ତମ ଘରେ ଥାଏ । ଘର କବାଟ ଠକ ଠକ ଶୁଭିଲା । ଭିତରୁ ଥାଇ ନରୋତ୍ତମ କହିଲା – ଭିତରକୁ  ଆସ, ଘର ଖୋଲା ଅଛି । ଟୁକୁନା କବାଟ ଠେଲି ଭିରକୁ ପଶିଲା । ନରୋତ୍ତମ ପାଦତଳେ ସାଷ୍ଟାଙ୍ଗ ହୋଇ ପଡ଼ିଗଲା । କହିଲା – ଭାଇ ! ତୁମେ ମହାନ । ତୁମ ମହନୀୟତାର ମହାନତାକୁ ଆଜି ମର୍ମେ ଅନୁଭବ କରୁଛି । ତୁମେ ମୋର ଜୀବନଦାତ୍ତା । କିନ୍ତୁ ମୁଁ ପାମର ତୁମକୁ ଜୀବନରେ ମାରିଦେବାର ଦୁର୍ବାର ପ୍ରୟାସ କରିଥିଲି । ତୁମେ କ'ଣ, ଏ କୃତଘ୍ନ ସାନ ଭାଇଟା ପ୍ରତି ସଦୟ ହେବନି । ଦେବନି ତୁମ ବିଶାଳ ହୃଦୟରେ ଟିକିଏ ଜାଗା । ଯେଉଁ ଜାଗାଟିରେ ଚିରସ୍ରୋତା କ୍ଷମାର ନିର୍ଝରିଣୀ ବହୁଥିବ । ଆଉ ସେଇ ନିର୍ଝନୀ ଜଳରେ ସ୍ନାନସାତା ହୋଇ ମୁଁ ପରିବର୍ତ୍ତିତ ହେଉଥିବି ତୁମ ଆଦର୍ଶକୁ ମଥାରେ ଲଗେଇ ଗୋଟିଏ ସମାଜସେବୀ । ମୋତେ କ୍ଷମା କରିଦିଅ । ଯେମିତି ଲାଗୁଥିଲା ଅବିରତ ବହୁଥିବା ଅନୁତାର ଅଶ୍ରୁରେ ଧୋଇ ହେଉଥିବା ନରୋତ୍ତମର ପାଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦି'ଟା । ତାକୁ ଉଠେଇ ଆଣି, ପ୍ରବୋଧନା ଦେଲା । କହିଲା ଉଠ – ଉଠ । ଆଜି ତୁମର ପରିବର୍ତ୍ତନ ଆସିଛି । ତୁମେ ଅନୁତାପ କରିଛ ତା' ଠାରୁ ବଡ଼ ଦଣ୍ଡ କ'ଣ ହୋଇପାରେ ? ମୁଁ ଜାଣେ ତୁମେ ଦିନେ ସେଇ ପଥ ଅନୁସରଣ କରିବ ଯାହାକୁ ନିସ୍ୱାର୍ଥ ଓ ତ୍ୟାଗୀମାନେ ମାନବ କଲ୍ୟାଣ ପାଇଁ ଅନୁସରଣ କରିଥିଲେ । ନରୋତ୍ତମ ଆଖିରେ ଅନୁତପ୍ତ ଅଶ୍ରୁ ଗୁଡ଼ାକ ବୋହି ଯାଉଥିଲା । ନଇଁ ଆସୁଥିଲା ସଞ୍ଜ ....... ସେଇ ସଞ୍ଜର ମିଞ୍ଜି ମିଞ୍ଜି ଆଲୋକ ବର୍ତ୍ତିକାରେ ଝଲସି ଉଠୁଥିଲା ସତ୍‌ଗାମୀ ଓ ସତ୍ୟବାଦୀ, କର୍ମବୀର ନରୋତ୍ତମର ମୁଖ ମଣ୍ଡଳ ।

ବିଡ଼ିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬

ମୋ.ନଂ -୯୪୩୭୦୭୦୮୦୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଇଟି ଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ନିଜ ଭୁଲ

ବିକାଶ ଅଫିସରୁ ଫେରି ଦେଖେତ ତା' ଛଅ ବର୍ଷର ପୁଅ ରାଜୁ ମୋବାଇଲରେ ଆଖି ପୁରେଇ କଣ ସବୁ ଦେଖୁଛି, କେତେ ଗମ୍ଭୀର ହୋଇଯାଉଛି ତ ପୁଣି କେବେ ହସି ହସି ବେଦମ ହେଉଛି । ସେ ମୋବାଇଲରେ ଏମିତି ମଜ୍ଜି ରହିଥାଏ ଯେ ନିଜ ବାପାକୁ ବି ମୁହଁଉଠେଇ ଦେଖୁନଥାଏ ।

ବିକାଶ ମୁଣ୍ଡରେ ପିତ ଚଢ଼ିଗଲା । ପୁଅ ହାତରୁ ମୋବାଇଲ୍ ଛଡ଼େଇ ଆଣି ଚଢ଼ାଗଳାରେ କହିଲା, "କଣ ହେଉଛି ଇୟେ? ଯେତେବେଳେ ଦେଖ ମୋବାଇଲ୍ ଧରି ବସି ଯାଉଛୁ ? ଏମିତି ମୋବାଇଲ୍ ଦେଖିଲେ ତୋ ଆଖି ଖରାପ ହୋଇଯିବ । ଯା - ଟିଉସନ୍ ପାଠ, ସ୍କୁଲ୍ ପାଠ କରିବୁ ।"

ପୁଅଠାରୁ ଓହରି ଆସି ସ୍ତ୍ରୀକୁ ଡାକମାରି କହିଲା, "ବୁଝିଲ ତୁମେ କେବେ ବି ତା ପ୍ରତି ଧ୍ୟାନ ଦେଉନ । ରାଜୁ ଯେତେବେଳେ ମୋବାଇଲ୍ ନେଉଛି ତାକୁ ମନା କରୁନ କାହିଁକି ?"

ସ୍ୱାମୀର ଗରମମିଜାଜ ଓ ନାଲି ଆଖିକୁ ଦେଖି ସ୍ତ୍ରୀ ଚୁପ୍ ହୋଇଗଲା । ପୁଅ ପାଠପଢ଼ାରେ ବସିଗଲା । ତା ପରେ ବିକାଶ ପେଣ୍ଟସାର୍ଟ୍ ବଦଳାଇ ସୋଫା ଉପରେ ବସି ମୋବାଇଲ୍‌ରେ ନୋଟିଫିକେସନ୍ ଚେକ୍ କରିବାକୁ ଲାଗିପଡ଼ିଲା, ସେତିକିବେଳେ ରାଜୁ ଦୌଡ଼ି ଆସି କହିଲା, "ଡାଡି, ପ୍ଲିଜ୍ ଡୋଣ୍ଟ ସି ମୋବାଇଲ୍ ! ତମ ଆଖି ଖରାପ ହେଇଯିବ ।"

ପୁଅର କଥା ଶୁଣି ବିକାଶ ଥରେ ପୁଅକୁ ପୁଣି ଥରେ ମୋବାଇଲକୁ ଦେଖୁଥାଏ । ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିନ୍ତା କରି ପାରୁନଥାଏ ରାଜୁକୁ କିଭଳି ଉତ୍ତର ଦେଇ ସନ୍ତୁଷ୍ଟ କରିବ । ଅଗତ୍ୟା ସେ ମୋବାଇଲକୁ ଟେବୁଲ୍ ଉପରେ ରଖି ବୁକ୍ ସେଲ୍ଫରୁ ଗୋଟେ ବହି ଆଣି ଓଲଟେଇଲା ।

ନିଶା

ଦେହରେ ସଫାସୁତରା ଆଇରନ ଦିଆ ପେଣ୍ଟସାର୍ଟ୍, ଆଖିରେ କଳା ଚଷମା, ପକେଟରେ ପାନିଆ, ରୁମାଲ୍ ପୁଣି ନିଶାରେ ଟଳମଳ ପାଦ, ବୋଧହୁଏ କାହା ଭୋଜିଭାତ ଖାଇବାକୁ ଯାଉଛି ମକରା, ରାସ୍ତାଧାରରେ ପାଦ ଦୁଇଟା ତା'ର ପଡ଼ିଉଠି ଆଗକୁ ଆଗଉଥଏ ।

ହଠାତ୍ ତା ସିନ୍ଦୁର ଆଖି ରାସ୍ତା ଧାରରେ ବସିଥିବା ମୋଚି ଉପରେ ପଡ଼ିଗଲା, ପିନ୍ଧିଥିବା ବୁଟ ଜୋତା ଉପରେ ଆଖି ଘୁରେଇଲା ସେ, ଲମ୍ବା ପାହୁଣ୍ଡ ପକେଇ ପହଞ୍ଚିଗଲା ରାସ୍ତା ଧାରରେ ବସିଥିବା ମୋଚି ନିକଟରେ । ବାଦଶାହ ପରି ହୁକୁମ୍ ଦେବା ଶବ୍ଦରେ ମୋଚିକୁ କହିଲା, "ଆବେ ନେ । ମୋ ଜୋତାଟା ଜଲ୍‌ଦି ପଲିସ୍ କରିଦେ । ଦେଖ ଭଲଭାବରେ କରିବୁ । ଯେମିତି ମୁହଁ ଦେଖାଯିବ । ମୁଁ ଗୋଟେ ମେରେଜ୍ ପାର୍ଟି ଏଟେଣ୍ଡ କରିବାକୁ ଯିବି ।"

ମକରା ହୁକୁମ୍ ମାନି ମୋଚି ତା ଜୋତା ପଲିସ କରିଦେଲା । ଜୋତାରେ ଚମକ ଆସିବା ପରେ ପୁଣିଥରେ ତା ଟଳମଳ ପାଦ ଆଗକୁ ବଢ଼ିଲା ।

ତା ପରଦିନ ସକାଳେ ସେଇ ରାସ୍ତାକଡ଼ ମୋଚିଙ୍କ ଗହଣରେ ପଲିସ୍ ବାକ୍ସଧରି ଗ୍ରାହକଙ୍କୁ ଅପେକ୍ଷାରତ ମକରା ଖଇନି ମଳୁଥିଲା ।

ବି.ସି. - ୭୪, ସେକ୍ଟର - ୧, ସଲ୍‌ଟଲେକ୍, କୋଲକାତା - ୬୪, ଭ୍ରାମ୍ୟଭାଷ : ୯୬୮୧୬୭୩୫୧୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେହେର



ଡଃ ପ୍ରଶାନ୍ତ ନାୟକ

ପଣ୍ଡିଚେରୀ ସହରଟି ଭାରତ ଦେଶରେ ଖୁବ ପ୍ରସିଦ୍ଧ । ବଙ୍ଗୋପସାଗର କୂଳରେ ଅବସ୍ଥିତ ଏହି କେନ୍ଦ୍ରଶାସିତ ପ୍ରଦେଶଟି ଖୁବ ସଙ୍ଖୁଳିତ, ସଫା ସୁତୁରା, ପୂର୍ଣ୍ଣରୂପରେ ବିକଶିତ ଏବଂ ବିଗତ ସମୟରେ ଫ୍ରାନ୍ସ ଦେଶର ଅଧୀନରେ ଥିବାରୁ, ସେଠିକାର ଅଧିକାଂଶ ପୁରୁଣା ଇମାରତ ଗୁଡିକ ସେହି ଦେଶର ନିର୍ମାଣ ଶୈଳୀକୁ ଏବେବି ପ୍ରଦର୍ଶନ କରିଥାଏ । ସହରର ପ୍ରସିଦ୍ଧ ହସ୍ପିଟାଲ ଏବଂ ମେଡିକାଲ କଲେଜ 'ଜିପମେର'ରେ ନିଯୁକ୍ତ ଥିଲେ ଜଣାଶୁଣା ଡାକ୍ତର ଜେ-ଭାଣ୍ଡୁଲା ଏବଂ ତାଙ୍କର ପତ୍ନୀ ଡାକ୍ତର ଏସ-ଭାଣ୍ଡୁଲା ।

ଭାଣ୍ଡୁଲା ପରିବାରଟି ଗୋଟିଏ ଛୋଟ ଓ ସୁନ୍ଦର ପରିବାରର ଉଦାହରଣ । ସେହି ପରିବାରର ଏକମାତ୍ର କନ୍ୟା ଥିଲେ 'ଲେହେର' । ସେ ଥିଲେ ମାତାପିତାଙ୍କର ଜୀବନଜ୍ୟୋତି । ବାଲ୍ୟକାଳରୁ ଅତି ଆଦର, ସ୍ନେହ ଓ ମମତା ଦ୍ୱାରା ସିଞ୍ଚିତହୋଇ ବଢିଆସିଥିଲେ । ସହରର ପ୍ରସିଦ୍ଧ 'କାରମେଲ କନଭେଣ୍ଟ ସ୍କୁଲ'ରେ ପାଠ ପଢୁଥିବା ଲେହେର ଏକ ଆଧୁନିକ ସହରର ପ୍ରତିଭାବାନ କନ୍ୟା । ବିଦ୍ୟାଳୟରେ ଲେହେର କେବଳ ନିଜର ସୌନ୍ଦର୍ଯ୍ୟ ହେତୁ ପ୍ରସିଦ୍ଧ ନଥିଲେ, ଶିକ୍ଷାରେ ମଧ୍ୟ ସେ ସର୍ବୋତ୍ତମ ଓ ଖେଳକୁଦରେ ସବୁସମୟରେ ଭାଗ ନେଉଥିଲେ । ଲେହେର ଏକ ସର୍ବଗୁଣ ସମ୍ପନ୍ନ ଛାତ୍ରୀ ହିସାବରେ ନିଜର ଚରିତ୍ର ଓ ଶିକ୍ଷାକୁ ଗଠନ କରିଥିଲେ । ଡାକ୍ତର ମାତାପିତା ସାର୍ବଜନିକ ସ୍ତରରେ ଲେହେର୍ ବିଷୟରେ ଖୁବ ପ୍ରଶଂସା ଶୁଣୁଥିଲେ ଏବଂ ନିଜର କନ୍ୟାଉପରେ ବହୁତ ଗର୍ବ ଅନୁଭବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲେ । ବାଲ୍ୟକାଳରୁ ଲେହେରଙ୍କୁ କୌଣସି ସୀମାମଧ୍ୟରେ ବାନ୍ଧି ରଖି ନଥିବାରୁ ସେ ନିଜର ବିଚାରଧାରାକୁ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ପରିଚାଳନା କରୁଥିଲେ ।

କାରମେଲ ସ୍କୁଲରୁ ବାହାରି ଲେହେର ଆସି ପହଞ୍ଚିଥିଲେ ଦେଶର ରାଜଧାନୀ ଦିଲ୍ଲୀ ସହରରେ । ପ୍ରସିଦ୍ଧ ଦିଲ୍ଲୀ ୟୁନିଭରସିଟିର ହନ୍‌ସରାଜ କଲେଜରେ 'ରାଜନୈତିକ ବିଜ୍ଞାନ' ବିଭାଗରେ ପ୍ରବେଶ କରିଥିଲେ । ଛାତ୍ରାବାସରେ ରହିବାର ସବୁପ୍ରକାର ସୁବିଧା ଥିଲା । ଦିଲ୍ଲୀ ସହରଯେ ଖୁବ ବିସ୍ତୃତ, ଜନସଂଖ୍ୟା ଯେ ପଣ୍ଡିଚେରୀ ସହର ତୁଳନାରେ କେତେ ଗୁଣରେ ଅଧିକ, ତାହା ଗୁଗୁଲ ପରି ସର୍ଚ୍ଚଇଞ୍ଜିନ ମଧ୍ୟ ସଠିକ ରୂପରେ କହିପାରିବ ନାହିଁ । ନୂଆ ଜାଗା, ନୂତନ ବନ୍ଧୁବାନ୍ଧବୀ ଏବଂ ନୂତନ ପରିବେଶ ଲେହେରର ଜୀବନକୁ ଏକ ନୂଆ ଦିଗରେ ପ୍ରେରିତ କରିଥିଲେ । ଲେହେର ଏହିପ୍ରକାର ପରିବର୍ତ୍ତନକୁ ନେଇ ଖୁବ ଖୁସିଥିଲେ । ମାତାପିତା ମଝିରେ ମଝିରେ ଦିଲ୍ଲୀ ଆସି ଲେହେର ସହିତ ଭେଟ କରୁଥିଲେ ଏବଂ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେଉଥିଲେ । ତା'ଛଡା ପଞ୍ଜାବ ରାଜ୍ୟର ଅମ୍ରିତସର ସହରର 'ସୁପରିନଟେଣ୍ଡେଣ୍ଟ ଅଫ ପୋଲିସ' ଶ୍ରୀଯୁକ୍ତ କେ-ଭାଣ୍ଡୁଲା ଯେ ଲେହେର'ଙ୍କର କକା, ତେଣୁ ସେ ମଧ୍ୟ ଦିଲ୍ଲୀ ଆସିଲେ ଲେହେରକୁ ଦେଖାକରିବା ସହିତ ଆବଶ୍ୟକୀୟ ସବୁ ସାମଗ୍ରୀ ଯୋଗାଇ ଦେବାକୁ ଭୁଲୁନଥିଲେ ।

ଲେହେର ନାମଟିର ଅର୍ଥ ହେଲା ଉର୍ମି, ସମୁଦ୍ରରେ ଉଠୁଥିବା ଲହଡି । ନାମର ସାର୍ଥକତା ହିସାବରେ ଲେହେର ମଧ୍ୟ ଖୁବ ଚଞ୍ଚଳ, ଜିନ୍ଦାଦିଲ, ପ୍ରଫୁଲ୍ଲିତ ଓ ତେଜମାନ ଚରିତ୍ରଧାରୀ । ଯେଉଁ ସ୍ଥାନରେ ଯେଉଁବି ସମୟରେ ଲେହେର'ର ଆବିର୍ଭାବ ହୁଏ, ସେହି ସ୍ଥାନରେ ସେହି ସମୟରେ ଖୁସିର ଲହଡି ଖେଳିଯାଏ । ନିଜ ବିଭାଗର ସହପାଠୀମାନଙ୍କୁ ଛାଡି ଲେହେର କଲେଜରେ ଅନ୍ୟ ବିଭାଗଗୁଡିକରେ ମଧ୍ୟ ବହୁତ ଛାତ୍ରଛାତ୍ରୀମାନଙ୍କ

ଆହ୍ୱାନ ଇ-ପତ୍ରିକା

ସହିତ ବନ୍ଧୁତ୍ୱ ଯୋଡ଼ିପାରିଥିଲେ । ଲେହେର ଭାଣ୍ଡୁଲା ହନ୍‌ସରାଜ କଲେଜରେ ଜଣେ ଅତି ପ୍ରସିଦ୍ଧ ଛାତ୍ରୀ । କଲେଜର କେଉଁବି କାର୍ଯ୍ୟକ୍ରମ ହେଉ, ଯେପରିକି ବାର୍ଷିକ ଉତ୍ସବ, ରକ୍ତଦାନ ଶିବିର, ବାର୍ଷିକ କ୍ରୀଡା ପ୍ରତିଯୋଗିତା ଇତ୍ୟାଦି, ପ୍ରତ୍ୟେକ ସ୍ଥାନରେ ନିଜର ବନ୍ଧୁମଣ୍ଡଳୀ ସହିତ ଲେହେର ସଦା ବିଦ୍ୟମାନ । ସବୁପ୍ରକାର କାର୍ଯ୍ୟକ୍ରମରେ ଭାଗନେଇ ମଧ୍ୟ ଲେହେର ନିଜର ବିଭାଗୀୟ ଶିକ୍ଷାରେ ଖୁବ ଦୃଢ଼ ପ୍ରଦର୍ଶନ କରୁଥିଲେ । ତେଣୁ ମାତାପିତା କନ୍ୟାର ସାର୍ବସ୍ତରିକ ବିକାଶକୁ ନେଇ ଖୁସି ପ୍ରକାଶ କରିଥିଲେ ।

ଆଧୁନିକ ଯୁଗ ଓ ଆଧୁନିକ ସହର ଦିଲ୍ଲୀ, ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ବିଭିନ୍ନ ଦିଗରେ ଆକର୍ଷଣ କରିଥାଏ । ସେଥିମଧ୍ୟରୁ କିଛି ଆକର୍ଷଣକାରୀ ସ୍ଥଳ ଥିଲା ପ୍ରସିଦ୍ଧ ରେସ୍ତୋରାଁ, ବାର ଏବଂ କ୍ଲବ । ଆର୍ଥିକ ସ୍ତରରେ ମଜବୁତ ଥିବା ଛାତ୍ରଛାତ୍ରୀମାନେ ଏପ୍ରକାର ସ୍ଥାନରେ ସମୟ ବିତାଇବାକୁ ପହଞ୍ଚିଥାନ୍ତି । ଲେହେରତ ଆର୍ଥିକଦୃଷ୍ଟିରୁ ବହୁତ ଉପର ସ୍ତରରେ ଥିଲେ । ସେ ମଧ୍ୟ ନିଜର ବନ୍ଧୁମଣ୍ଡଳୀ ସହିତ କେବେ କେମିତି ପାର୍ଟି କରିବାପାଇଁ ଏହିପ୍ରକାର ସ୍ଥାନକୁ ଆସୁଥିଲେ । ଏହିପ୍ରକାର ସ୍ଥାନରେ ବହୁତ ହାଇକ୍ଲାସ ସୋସାଇଟିର ଯୋଗ୍ୟ ଓ ଅଯୋଗ୍ୟ ସନ୍ତାନମାନେ ସର୍ବଦା ବିଦ୍ୟମାନ ଥାଆନ୍ତି । ତେଣୁ ସୁନ୍ଦର କନ୍ୟାଟି ଦେଖିବାମାତ୍ରେ ଏମାନଙ୍କର ଆଚରଣରେ ଖୁବ ପରିବର୍ତ୍ତନ ହୋଇଯାଏ ଏବଂ ଏମାନେ କୌଣସି ବି ପ୍ରକାରର ମାଧ୍ୟମରେ ସେ କନ୍ୟା ନିକଟରେ ପହଞ୍ଚିବାର ବାଟ ଖୋଜିଚାଲିଥାନ୍ତି ।

କଲେଜରେ ଶିକ୍ଷାର ଚାପ, ଦିଲ୍ଲୀ ସହରର ଜନଗହଳୀ ଏବଂ ଟ୍ରାଫିକ ଲେହେର ପରି ଜିନ୍ଦାଦିଲ ପିଲାଙ୍କୁ ମଧ୍ୟ ବେଳେବେଳେ କଲେଜର ପରିସର ମଧ୍ୟରେ ସୀମିତ ରଖିଥିଲା । ଦେଖୁ ଦେଖୁ ଲେହେର ଯେ ଶିକ୍ଷାର ଶେଷବର୍ଷରେ ପହଞ୍ଚିଲେଣି, ତେଣୁକରି ପଢାପଢ଼ିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁବ ବ୍ୟସ୍ତ, ଅନ୍ୟଦିଗରେ ସମୟ ବିତାଇ ପାରୁନଥିଲେ । ଶେଷ ପରୀକ୍ଷା ସମାପ୍ତ ହେବାପରେ ଲେହେର ସମସ୍ତ ବନ୍ଧୁବାନ୍ଧବୀମାନଙ୍କୁ ବିଦାୟ ଦେଇ ପଣ୍ଡିଚେରୀ ଚାଲିଗଲେ । ଦିଲ୍ଲୀ ସହରରେ ବିଗତ ୩ବର୍ଷ ରହିବା ପରେ ଲେହେର'ଙ୍କର ବ୍ୟକ୍ତିତ୍ୱରେ ଖୁବ ପରିବର୍ତ୍ତନ ଆସିଥିଲା । ମାତାପିତାଙ୍କ ସହିତ ସେ ଆଲୋଚନା କରିଚାଲିଥିଲେ କି ଆଗକୁ ରାଜନୈତକ ବିଜ୍ଞାନରେ ସ୍ନାତକୋତ୍ତର ବିଭାଗରେ ପଢିବେ ନା ସେ ଏମବିଏ କରିବେ । ଲେହେର'ର 'ମାନବସମ୍ବଳ ବିଭାଗ'ରେ ଏମବିଏ କରିବାର ଇଚ୍ଛା ଦେଖି ମାତାପିତା କିଛି ଆପତ୍ତି କରିନଥିଲେ । ଦିଲ୍ଲୀ ସହରରେ ଏକ ପ୍ରସିଦ୍ଧ ବେସରକାରୀ ଏମବିଏ ଶିକ୍ଷାନୁଷ୍ଠାନରେ ଲେହର ନାମ ଲେଖାଇଲେ । ଖୁସିଖୁସି ଲେହେର ପୁନର୍ବାର ଆସି ପହଁଚିଲେ ସେହି ଦିଲ୍ଲୀ ସହରରେ । ୨୦ ବର୍ଷର ଲେହେର ଦିଲ୍ଲୀ ଆସିବାର କିଛିଦିନ ପୂର୍ବରୁ ନିଜର ଜନ୍ମଦିନ ପାଳନ କରିଥିଲେ ।

ଲେହେର ଭାଣ୍ଡୁଲା,  ମାନବସମ୍ବଳ ବିଭାଗରେ ପ୍ରଥମଦିନରୁ ପ୍ରସିଦ୍ଧ । ବଡ଼ବଡ଼ ଆଖି, ଲମ୍ବା ବାଳ, ପତଳା ଶରୀର, ୫ଫୁଟ ୮ଇଞ୍ଚ ଉଚ୍ଚତା, ସୁପର ଶୁଭ୍ର ରଙ୍ଗ, ଲେହେରର ଭବ୍ୟ ଉପସ୍ଥିତି ଦେଖି କଲେଜର କୌଣସିବି ମହାଋଷି ନିଜର ତପସ୍ୟା ଭଙ୍ଗକରିବାକୁ ପଛେଇବେ ନାହିଁ । ଲେହେର ବାହାର ଦୃଷ୍ଟିରୁ ଖାଲି ସୁନ୍ଦର ନଥିଲେ, ଆନ୍ତରିକ ଦୃଷ୍ଟିକୋଣରୁ ମଧ୍ୟ ଖୁବ ପରୋପକାରୀ ଏବଂ ଶୁଦ୍ଧ ଚରିତ୍ରଯୁକ୍ତ ଥିଲେ । ସେ ଖୁବ ଭଲଭାବରେ ନିଜର ସୀମାକୁ ସର୍ବଦା ନିୟନ୍ତ୍ରଣରେ ରଖିଥିଲେ । ଲେହେର ସୋସିଆଲ ମେଡିଆ ଦ୍ୱାରା ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି କରିପାରୁଥିଲେ । ଫେସବୁକ ଲେହେର'ର ଏକ ଜୀବନର ଧାରା ଥିଲା । ସେ ମଧ୍ୟ ଜୀବନପ୍ରତି ଉତ୍ସାହ ଭରପୁର ବ୍ୟକ୍ତିତ୍ୱ ଥିବାରୁ ବିଭିନ୍ନ ପ୍ରକାର ସ୍ଥାନ ପରିଭ୍ରମଣ କରିବାରେ ଖୁବ ସଉକିନ ଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମବିଏ ପାଠପଢ଼ାର ଚାପ ଆଉ ଲେହେରକୁ କୌଣସି ଦିଗରେ ସମୟ ବିତାଇବାକୁ ଦେଉନଥିଲା । ଦେଖୁଦେଖୁ ୨ବର୍ଷର ଏମବିଏ'ର ଶେଷ ସେମିଷ୍ଟର ହୋଇଗଲା ଏବଂ ଲେହେର ଖୁବ ଚିନ୍ତାଯୁକ୍ତ । କଠିନ ପରିଶ୍ରମ, ଡର ଓ ଘବରାହଟର ସମୟ, ଦିନରାତି ପାଠ ହିଁ ପାଠ । ସବୁଦିନ ଯେ ଖୁବ ବ୍ୟସ୍ତ । ଦିନେ କଲେଜରେ ୫ଟି ବ୍ୟାଖାନରେ ଭାଗନେଇ ଲେହେର ପୂର୍ଣ୍ଣରୂପେ ଥକିଯାଇ ନିଜର ଛାତ୍ରାବାସକୁ ଫେରିଲେ । ନିଜ କକ୍ଷରେ ପହଞ୍ଚି ସ୍ନାନକରି ଫ୍ରେସ ହେବାପରେ ନିଜର ବିଛଣାରେ ହାଲିଆ ହୋଇ ପଡିଗଲେ । ଦେଖୁଦେଖୁ ସେ ଯେ କେତେବେଳେ ନିଦ୍ରାଶକ୍ତ । କିଛି ସମୟପରେ ଉଠିବାରୁ ଦେଖିଲେଯେ ରାତିର ୯ଟା ବାଜିଲାଣି । ଦୌଡ଼ିଯାଇ ଛାତ୍ରାବାସର କ୍ୟାଣ୍ଟିନରେ ରାତ୍ରିଭୋଜନ ପାଇଁ ବସିପଡ଼ିଲେ । ତାଙ୍କର ଶ୍ରେଷ୍ଠବନ୍ଧୁ ଶ୍ରୁତି ମଧ୍ୟ ତାଙ୍କରି ଅପେକ୍ଷାରେ ବସିଥିଲେ । ଦୁଇବନ୍ଧୁ ଯେ ଏକାସଙ୍ଗେ ଭୋଜନ କରୁଥିଲେ । ପରୀକ୍ଷାର ସମୟ ଆସୁଥିବାରୁ ରାତ୍ରୀର ଅନ୍ଧକାର ମଧ୍ୟରେ ଛାତ୍ରୀମାନେ କଠିନ ପରିଶ୍ରମ କରି ପଢିଚାଲିଥିଲେ । ଲେହେର ଏବଂ ଶ୍ରୁତି ମଧ୍ୟ ନିଜ ନିଜ କକ୍ଷକୁ ଚାଲିଗଲେ ଏବଂ ପଢିବାରେ ବ୍ୟସ୍ତ ହୋଇଗଲେ । କିଛିସମୟ ବିତିଗଲାପରେ ଲେହେର ନିଜର ଆଇ-ପ୍ୟାଡ଼ରେ ଫେସବୁକ, ଜିମେଲ, ଟ୍ୱିଟର, ଇତ୍ୟାଦି ସବୁକିଛି ଦେଖିଚାଲିଲେ । ଫେସବୁକ ପେଜରେ ତାଙ୍କର କିଛି ନୋଟିଫିକେସନ ଥିଲା, କିଛି ମେସେଜ ତ ଆଉ କିଛି ଫ୍ରେଣ୍ଡ ରିକୁଏଷ୍ଟ । ଲେହେର ଆଗ୍ରହର ସହିତ ଫେସବୁକର ଫ୍ରେଣ୍ଡ ରିକୁଏଷ୍ଟ ଦେଖିଲେ । ସେମାନଙ୍କ ମଧ୍ୟରୁ ଜଣେ ଥିଲେ 'ସୌମିତ୍ର ମେହେରା', ଏକ ଲମ୍ବା ଶୁଦ୍ଧ ରଙ୍ଗଧାରୀ ଖୁବ ହ୍ୟାଣ୍ଡସମ ଯୁବକ । ଯୁବକଟି ନାଇକେ ଟି-ସାର୍ଟ ପିନ୍ଧିଥିଲେ, ହାତରେ ଗୀଟାର ଧରି ସଂଗୀତ ସାଧନାର ରୂପରେ ନିଜର ପ୍ରୋଫାଇଲ ପିକ୍ଚର ରଖିଥିଲେ । ଫେସବୁକ ପେଜ ଦେଖିବାପରେ ଜଣାପଡିଲା କି ସୌମିତ୍ର, ଦିଲ୍ଲୀ ୟୁନିଭରସିଟିରୁ ଶିକ୍ଷା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାପ୍ତକରି ଦିଲ୍ଲୀ ସ୍ଥିତ ସଫ୍ଟୱେୟାର କମ୍ପାନୀ 'ଏଡିଏମକେ'ରେ ଇଂଜିନିଅର ଭାବେ କାର୍ଯ୍ୟରତ ଥିଲେ । କିଛି ନଭାବି ଲେହେର ଫ୍ରେଣ୍ଡ ରିକୁଏଷ୍ଟଟିକୁ ଗ୍ରହଣ କରିନେଲେ । ୫ଟି ମିନିଟ ସମୟ ବ୍ୟବଧାନରେ ସୌମିତ୍ର ତରଫରୁ ମେସେଜ ଆସିଗଲା । କିଛି ସମୟ ପାଠପଢ଼ାର ଚାପରୁ ମୁକୁଳିଯାଇ ଲେହେର ଉତ୍ତର ମଧ୍ୟ ଦେଇଥିଲେ ଏବଂ ସାମାନ୍ୟ ଚିଟଚାଟ ଆରମ୍ଭ ହୋଇଥିଲା । ଏହାମଧ୍ୟରେ ଯେ ଅଧଘଣ୍ଟା ବିତିଗଲାଣି । ଲେହେର ଘଡି ଦେଖିବାପରେ ବନ୍ଦ କରି ପାଠପଢ଼ିବାରେ ଲାଗିଗଲେ । ଛାତ୍ରାବାସରେ ଦୃଶ୍ୟଟି ଖୁବ ଦର୍ଶନୀୟ ଥିଲା । ପ୍ରତ୍ୟେକ ସ୍ଥାନରେ ଛାତ୍ରୀମାନେ ବସିଯାଇ ପଢିବାରେ ବ୍ୟସ୍ତ, କିଏ ବହି ଧରି ତ କିଏ ଲାପ୍ଟପ ଧରି ତ ଆଉକିଏ ଆଇ-ପ୍ୟାଡ଼ ଧରି ଖୁବ ମଗ୍ନ । ଲେହେର ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ । ଏହାମଧ୍ୟରେ ଚାରିଘଣ୍ଟା ସମୟ ବିତିଗଲାଣି । ଗୋଟେ ଛୋଟ ବିରତି ନେଇ ଲେହେର ପୁନର୍ବାର ଫେସବୁକରେ ଲଗଇନ କରିଥିଲେ । ବହୁତ ଜଣାଶୁଣା ଲୋକମାନେ ଅନଲାଇନ ଥିଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ଥିଲେ ସେହି ସୌମିତ୍ର । ଲେହେର'ଙ୍କୁ ଅନଲାଇନ ଦେଖି ସୌମିତ୍ର ସମୟ ନଷ୍ଟନକରି ମେସେଜ କରିଥିଲେ 'ହାଇ, ଏପର୍ଯ୍ୟନ୍ତ ନିଦ୍ରାଶକ୍ତ ନହେବାର କାରଣ କଣ ?' ଲେହେର ମଧ୍ୟ ତୁରନ୍ତ ଜବାବ ଦେଇ ଲେଖିଥିଲେକି 'ପରୀକ୍ଷା ଯେ ଏହି ମାସର ଶେଷରେ, ତେଣୁ ପଢିବାରେ ବ୍ୟସ୍ତ । କିନ୍ତୁ ତୁମେ ଯେ ଏତେ ରାତିଯାଏ କଣପାଇଁ ଅନିଦ୍ରା ?' ସମୟର ପୂର୍ଣ୍ଣ ଉପଯୋଗ କରି ସୌମିତ୍ର ତୁରନ୍ତ ଉତ୍ତର ଦେଇଥିଲେ 'ବିଛଣାରେ ପଡି ପଡି... ଅଫିସରେ ଯେ ଖୁବ ବ୍ୟସ୍ତ ଦିନ ଥିଲା.... ମୁଁ ଯେ ମୋର ଚାକିରୀକୁ ନେଇ ସନ୍ତୁଷ୍ଟ ନୁହେଁ.... କିଛି ଭଲ ଚାକିରୀ ପାଇଁ ଚେଷ୍ଟା କରୁଛି......' ଏହିପରି ଭାବରେ ଏକ ଦୋସ୍ତାନା କଥାବାର୍ତ୍ତାର ସିଲସିଲା ଆରମ୍ଭ ହୋଇଥିଲା । ନିଜ ନିଜର ସଉକ, ପସନ୍ଦ, ନାପସନ୍ଦ, ପ୍ରିୟ ଚଳଚିତ୍ର, ସଂଗୀତ ଇତ୍ୟାଦି ବିଷୟରେ ବାର୍ତ୍ତାଳାପ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲା । ଏହି ବାର୍ତ୍ତାଳାପ ଦ୍ୱାରା ସେମାନେ ପରସ୍ପରକୁ ସ୍ୱଷ୍ଟତାର ସହିତ ଜାଣିପାରିଥିଲେ । ସେ ଦୁହିଁଙ୍କ ମଧ୍ୟରେ କିଛି ସମାନତା ଥିଲା ଏବଂ କିଛି ଅସମାନତା ମଧ୍ୟ; ଯେପରିକି ସେମାନେ ନାଚ ଓ ଗୀତ ପ୍ରତି ଆକର୍ଷିତ ଥିଲେ, ସଙ୍ଗୀତର ସଉକିନ ଥିଲେ, ଚଳଚିତ୍ର ଦେଖିବାକୁ ଦୁହେଁ ବହୁତ ଭଲ ପାଆନ୍ତି, ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ଭଲ ପାଆନ୍ତି । ପ୍ରିୟ ଖାଦ୍ୟ ହିସାବରେ ଲେହେର ଚାଇନିଜ ଖାଦ୍ୟକୁ ଭଲ ପାଉଥିଲେ ଏବଂ ସୌମିତ୍ର ଇଟାଲିଆନ ଖାଦ୍ୟକୁ ଭଲ ପାଉଥିଲେ । ସୌମିତ୍ର ଏକ ରଚନାତ୍ମକ ବ୍ୟକ୍ତି ଥିଲେ ଏବଂ ଚିତ୍ରକଳାକୁ ଖୁବ ପସନ୍ଦ କରୁଥିଲେ କିନ୍ତୁ ପାରିବାରିକ ଖ୍ୟାତିକୁ ବଜାୟ ରଖିବା ଉଦ୍ଦେଶ୍ୟ ହେତୁ ସେ ଚାକିରୀ କରିବାକୁ ବାଧ୍ୟ ହୋଇଥିଲେ । କିଛିଦିନ ମଧ୍ୟରେ ସେ ଦୁହେଁ ପରସ୍ପର ସହିତ ଖୁବ ଖୋଲା ଏବଂ ସ୍ୱଷ୍ଟତାର ସହିତ ବାର୍ତ୍ତାଳାପ କରିପାରିଥିଲେ; ଯେପରିକି ଗାର୍ଲଫ୍ରେଣ୍ଡ, ବୟଫ୍ରେଣ୍ଡ, ଡେଟିଂ, ଡ୍ରେସିଂ, ଚେହେରା ଓ ଶାରୀରିକ ସୌନ୍ଦର୍ଯ୍ୟ ଇତ୍ୟାଦି ଇତ୍ୟାଦି । ଫେସବୁକ ପେଜରେ ଏପ୍ରକାର ବାର୍ତ୍ତାଳାପ ସାଧାରଣତଃ ଦେଖିବାକୁ ମିଳେ କାରଣ ଦୁହେଁ ଆଭାସୀ ଦୁନିଆରେ ବାସ କରିଥାନ୍ତି, ତେଣୁ ପ୍ରତ୍ୟକ୍ଷ ପ୍ରଶ୍ନ କରିବାକୁ ଲଜ୍ଜା ଆସିନଥାଏ । ଧୀରେ ଧୀରେ ଏପ୍ରକାର ଭଦ୍ର ଚିଡ଼େଇବା ଲେହେର'ଙ୍କୁ ଭଲ ମଧ୍ୟ ଲାଗିଥିଲା ଓ ସେ ମଧ୍ୟ ଏକ ମୁକ୍ତ ବିହଙ୍ଗ ରୂପରେ ସୌମିତ୍ର'ର ପଞ୍ଜୁରୀ ମଧ୍ୟକୁ ଉଡିଯାଇଥିଲେ । ସବୁ ରାତ୍ରୀରେ ଡେରି ପର୍ଯ୍ୟନ୍ତ ଚିଟଚାଟ ଚାଲିଥିଲା । ଏହାମଧ୍ୟରେ ପରସ୍ପରକୁ ସେମାନେ ମୋବାଇଲ ନମ୍ବର ବିନିମୟ କରିଥିଲେ । ପ୍ରେମର ଆଭାସ ହେଉଥାଏ । ଏକଥା ଭାବି ଲେହେର ଏକା ଏକା ମନମଧ୍ୟରେ ଲାଜକୁଳୀ ଲତା ପରି ଲାଜେଇ ହୋଇ ଯାଉଥିଲେ । ପ୍ରେମର ପ୍ରଥମ ଅଧ୍ୟାୟରେ ସମସ୍ତେ ପରିବର୍ତ୍ତନର ଅନୁଭବ କରିଥାନ୍ତି । ହଠାତ ଦୁନିଆରେ ସବୁ ଜିନିଷ ଗୁଡିକ ସୁନ୍ଦର ଦେଖାଯାଏ, ମନ ସର୍ବଦା ପ୍ରଫୁଲ୍ଲିତ ରୁହେ, ଅଜଣା ଲୋକ ନିଜର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରି ଲାଗେ, ମନ ମଧ୍ୟରୁ କ୍ରୋଧ ଦୁରେଇ ଯାଇଥାଏ, ବ୍ୟବହାରରେ ଶାଳୀନତା ଓ ସୁନ୍ଦରତା ଦୃଶ୍ୟମାନ ହୋଇଥାଏ, ଏହିପ୍ରକାର ବର୍ଣ୍ଣନା ଯେ ବହୁତ ରୋମାଣ୍ଟିକ ଉପନ୍ୟାସରେ ଦେଖିବାକୁ ମିଳିଥାଏ । ଲେହେର'ର ଅନୁଭୂତି ମଧ୍ୟ ଠିକ ଏହିପରି ଥିଲା । ମନେ ମନେ ଲେହେର ଗାଇ ଯାଉଥିଲେ;

'ପ୍ରଥମ ପ୍ରେମର ପ୍ରଥମ ଚିଠି, ଲେଖୁଛି ଅଳପ ଭାବୁଛି ବେଶି...'

ଅପରପକ୍ଷରେ ସୌମିତ୍ର ବାବୁଙ୍କର ଅବସ୍ଥା ମଧ୍ୟ କିଛି ଭଲ ନଥିଲା । ସେ ହୁଏତ ପ୍ରଥମଥର ପ୍ରେମାଶକ୍ତ ନହୋଇ ପାରନ୍ତି, କିନ୍ତୁ ନିଶ୍ଚିତ ଭାବରେ ଦ୍ୱିତୀୟ କି ତୃତୀୟବାର ଲେହେର ଭଳି ସୁନ୍ଦର ଯୁବତୀ ସହିତ ପ୍ରେମର ଆଭାସରେ ବାନ୍ଧିହୋଇ ଚାଲିଥିଲେ । ତାଙ୍କର ମନମଧ୍ୟରେ ଝୁମି ଉଠିଥିଲା;

'ଏହି ଝୁମା ଝୁମା ଗୋଲାପୀ ବେଳାରେ...

ସାଥି ଆମ ସ୍ମୃତି ନେଇ ଆହୁରି ନିଜର ହୋଇ ହଜିଯିବା ଆପଣା ଭିତରେ..'

ବାସ୍ତବିକ ଜୀବନରେ ସତ୍ୟ ପ୍ରେମର ଆଭାସ ଏକ ଅମଣିଷକୁ ମଧ୍ୟ ଠିକରାସ୍ତାକୁ ଆଣିଦେଇଥାଏ । ପ୍ରେମ ହିଁ ସତ୍ୟ, ପ୍ରେମ ହିଁ ସୁନ୍ଦର ଏବଂ ସତ୍ୟମ ଶିବମ ସୁନ୍ଦରମ । ପ୍ରେମରେ ଛଳନା ଓ ପ୍ରତାରଣାର କୌଣସି ସ୍ଥାନ ନଥାଏ; ସେ କେବଳ ନିଜର ପ୍ରେମିକ କିମ୍ବା ପ୍ରେମିକାକୁ ସଦା ଖୁସିରେ ରହିବାକୁ ହିଁ ଚାହିଁଥାଏ । ଏକ ୨୨ବର୍ଷର ସୁନ୍ଦର କନ୍ୟାର ମନମଧ୍ୟରେ ପ୍ରେମର ତରଙ୍ଗ ଫୁଟିବା ଯେ ସ୍ୱାଭାବିକ । ତେଣୁ ଲେହେର'ର ମନମଧ୍ୟରେ ପ୍ରେମର ପ୍ରଥମ ଲହଡି ଆସିଥିଲା ଓ ସେ ମଧ୍ୟ ତାଙ୍କର ନାମକୁ ସାର୍ଥକ କରିଥିଲେ । ସେମାନେ ଦୁହେଁ ପରସ୍ପରକୁ ଭେଟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଦିଲ୍ଲୀ ସହରର କନ୍ନଟ ପ୍ଲେସ ସ୍ଥିତ କାଫେ-କଫି-ଡେ'ରେ ଭେଟକରିବା ପାଇଁ ୧୫ ଅପ୍ରେଲ ୨୦୧୬ର ସନ୍ଧ୍ୟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୫ଟା ସମୟ ନିର୍ଦ୍ଧାରିତ ହେଲା । ଏହାଥିଲା ଲେହେର'ଙ୍କର ପ୍ରଥମ ଡେଟିଂ । ସେ ବହୁତ ଉତ୍ସାହିତ ଏବଂ ଖୁସି ଥିଲେ । ମନମଧ୍ୟରେ ବହୁତ ପ୍ରକାରର ପ୍ରଶ୍ନ ଉଠିଚାଲିଥିଲା, ଲେହେର ଆଇନା ସମ୍ମୁଖରେ ବସି ୨ଘଣ୍ଟା ସମୟ ବିତାଇ ଦେଇଥିଲେ । ଶେଷରେ କେଉଁ ବସ୍ତ୍ର ପରିଧାନ କରିବାର ପ୍ରୟୋଗ ମଧ୍ୟରୁ ବାହାରି ଲେହେର ନିଜ ମନପସନ୍ଦର ବସ୍ତ୍ର ଧାରଣକରି ନିଜକୁ ପୂର୍ଣ୍ଣରୂପରେ ଆଭୂଷଣ ସହିତ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତିରେ ପରିବର୍ତ୍ତନ କରି 'ଉବେର ଟାକ୍ସି'ରେ ବସି କନ୍ନଟପ୍ଲେସ ସ୍ଥିତ 'କାଫେ-କଫି-ଡେ'ରେ ପହଞ୍ଚିଥିଲେ । ବିଚାରା ସୌମିତ୍ର, ସେହି ସ୍ଥାନରେ ୨ଘଣ୍ଟା ପୂର୍ବରୁ ପହଞ୍ଚି କଫି ପରେ କଫି ପିଇବାକୁ ଲାଗିଥିଲେ । ସୌମିତ୍ର'ଙ୍କ ହାତରେ ଗୋଟେ ଲାଲରଙ୍ଗର ଗୋଲାପତୋଡ଼ା; ଲାଲ ଗୋଲାପ ଲେହେର'ର ବହୁତ ପସନ୍ଦ । ସେ ବହୁତ ଆନନ୍ଦିତ ଅବସ୍ଥାରେ ପରସ୍ପରକୁ ସ୍ୱାଗତ କରିଥିଲେ । ଲେହେର, ସୌମିତ୍ର'ଙ୍କର ରୋମାଣ୍ଟିକ ଇସାରାକୁ ଦେଖି ବହୁତ ସୁନ୍ଦର ଅନୁଭୂତିକୁ ମନମଧ୍ୟରେ ଦବାଇ ରଖିଥିଲେ । ପରସ୍ପରର ପ୍ରଶଂସା କରିବା ସହିତ ସେମାନେ ନିଜ ମଧ୍ୟରେ ଥିବା ଅସୁବିଧାଜନକ ଓ ଲଜ୍ଜାଜନକ ଧାରଣାରୁ ବାହାରକୁ ଆସିବାର ଚେଷ୍ଟା କରିଥିଲେ । ଏହି ସମୟରେ ୱେଟର ଆସି ପଚାରିଲେ 'ମାଡାମ ଏବଂ ସାର, ସେ ସେମାନଙ୍କୁ ସାହାଯ୍ୟ କରିପାରିବେ କି ?' ସଠିକ ସମୟରେ ସଠିକ ଉତ୍ତର ଦେବାକୁ ଯାଇ ଲେହେର ଗୋଟେ 'ଫ୍ରାପୁଚିନୋ ଓ ଚକୋଲେଟ ଚିପ କୁକି' ଏବଂ ସୌମିତ୍ର ଗୋଟେ 'କୋଲ୍ଡ କଫି ଓ ବାନାନା ମଫିନ'ର ଅର୍ଡର ଦେଇଥିଲେ । କିଛିସମୟ ମଧ୍ୟରେ ସେମାନେ ପରସ୍ପର ସହିତ ଖୁବ ଆରାମରେ ବାର୍ତ୍ତାଳାପ କରିଚାଲିଥିଲେ । ସେଠାରୁ ବାହାରି ସେ ଦୁହେଁ କନ୍ନଟ ପ୍ଲେସର ସପିଙ୍ଗମଲ ମଧ୍ୟରେ ଚାଲିବାକୁ ଲାଗିଲେ ଏବଂ ନିଜର ଅସରନ୍ତି ଭଣ୍ଡାରରୁ ସବୁପ୍ରକାର ଗଳ୍ପର ଆବାହନ କରି ଚାଲିଥିଲେ । ସମୟର ସୁଯୋଗ ନେଇ ସୌମିତ୍ର ଯେ ଲେହେର'ଙ୍କର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତକୁ ନିଜ ହାତରେ ଧରିଥିଲେ । ଏହାଥିଲା ଲେହେର'ଙ୍କର ଜୀବନରେ ପ୍ରେମର ପ୍ରଥମ ସ୍ପର୍ଶ । ଲେହେର ନିଜର ଶରୀରରେ ଖେଳିଯାଇଥିବା ଅନୁଭୂତିକୁ ଲୁଚାଇ ପାରିନଥିଲେ । ସେ ଦ୍ୱିଧା ମଧ୍ୟରେ ହସିଥିଲେ ଏବଂ ଲାଜେଇ ଯାଇଥିଲେ । ସମୟକୁ ହାତମୁଠାରେ ଚାପିରଖି ଧୀରେ ଧୀରେ କନ୍ନଟପ୍ଲେସରୁ ବାହାରି ଲେହେର ଛାତ୍ରାବାସ ଆଡକୁ ଚାଲିବା ଆରମ୍ଭ କରିଥିଲେ । ଦିଲ୍ଲୀ ସହରର ଧୂଳି ଓ ପ୍ରଦୁଷଣ ଲେହେରକୁ ଦୂଷିତକରିବା ପୂର୍ବରୁ ଲେହେର ଉବେରଟାକ୍ସି ଡାକିଥିଲେ ଏବଂ ସେ ଠିକ ଟାକ୍ସି ଭିତରକୁ ଯିବା ପୂର୍ବରୁ ସୌମିତ୍ର ଏକ ଚୁମ୍ବନ ପାଇଁ ଆଜ୍ଞା ମାଗିଥିଲେ । ଲେହେର ନିଜକୁ ସମ୍ଭାଳି ନପାରି ଏକମତ ହୋଇ ଯାଇଥିଲେ ଏବଂ ଏହା ଥିଲା ତାଙ୍କର ଜୀବନରେ ପ୍ରେମର ଦ୍ୱିତୀୟ ସ୍ପର୍ଶ । ତାହାସହିତ ପ୍ରଥମ ଡେଟିଂର ଅଭିଜ୍ଞତା ନେଇ ଲେହେର ଫେରିଆସିଥିଲେ ଛାତ୍ରାବାସକୁ । ରାତ୍ରୀର ଅନ୍ଧକାର ମଧ୍ୟ ଲେହେର'ଙ୍କୁ ଶୋଇବାକୁ ଦେଇନଥିଲା । ସେହି ସଂଧ୍ୟାର ଅନୁଭୂତିକୁ ମନ ମଧ୍ୟରେ ଏବେବି ଅନୁଭବ କରି ଚାଲିଥିଲେ ଏବଂ ସେପରି ଅବସ୍ଥା ମଧ୍ୟ ସୌମିତ୍ର'ଙ୍କର ହୋଇଥିଲା । ମନମଧ୍ୟରେ ଖାଲି ଭାସିଯାଉଥିଲା;

'ଉନସେ ଲାଗି ମୋହେ କୈସି ଲଗନରେ, ସମଝ ନା ପାଉଁ କରୁଁ କ୍ୟା ଯତନ ରେ...'

ଦିନ ପରେ ଦିନ ବିତି ଚାଲିଥିଲା । ବାର୍ଷିକ 'ଜବ ପ୍ଲେସମେଣ୍ଟ'ର ସମୟ ପାଖେଇ ଆସିଲା । ସବୁ ଛାତ୍ରଛାତ୍ରୀ ମାନଙ୍କ ମନରେ ଚିନ୍ତା ଓ ଆଶଂକା । କଲେଜରୁ ଚାକିରୀ ପାଇଗଲେ ଚିନ୍ତାଯାଏ; ନହେଲେ ଥରେ କଲେଜରୁ ବାହାରକୁ ଗଲେ ଚାକିରୀ ପାଇବାପାଇଁ ଭାରତ ଦେଶରେ ବହୁତ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡିଥାଏ । ତେଣୁ ସମସ୍ତେ ଚେଷ୍ଟା କରିଥାନ୍ତିକି କଲେଜର ବାର୍ଷିକ ପ୍ଲେସମେଣ୍ଟ ପାଇଁ ଆସୁଥିବା କମ୍ପାନୀ ଗୁଡିକରେ ଚାକିରୀ ପାଇବାକୁ । ଏବର୍ଷ ମଧ୍ୟ ବହୁତ ସଫ୍ଟୱେୟାର କମ୍ପାନୀଗୁଡ଼ିକ ଆସିଥାନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେହେର ତାଙ୍କର ପ୍ରଥମ ଚାକିରୀ ଇଣ୍ଟରଭିଉ ପାଇଁ ପୂର୍ଣରୂପରେ ପ୍ରସ୍ତୁତ । ପିଙ୍କ ଟମିହିଲଫିଗର ଶାର୍ଟ ଏବଂ ବ୍ଲାକ ଟ୍ରାଉଜର ପିନ୍ଧି ଆଇନା ସମ୍ମୁଖରେ ଭଲଭାବରେ ପ୍ରସ୍ତୁତ ହେବା ସମୟରେ ଘନିଷ୍ଠବନ୍ଧୁ ଶ୍ରୁତି ଆସି ପହଞ୍ଚିଲେ ଏବଂ ଦୁହେଁ କଲେଜର ପ୍ଲେସମେଣ୍ଟ ବିଭାଗକୁ ଚାଲିଗଲେ । ଲେହେର'ର ପ୍ରଥମ ଇଣ୍ଟରଭିଉ ଥିଲା 'ଟିଡିପି ସଫ୍ଟୱେୟାର କମ୍ପାନୀ'ରେ । ଲେହେର ଇଣ୍ଟରଭିଉ କକ୍ଷମଧ୍ୟକୁ ପ୍ରବେଶକଲା ମାତ୍ରକେ ସାମ୍ନାରେ ବସିଥିବା ବ୍ୟକ୍ତିବିଶେଷଙ୍କୁ 'ଗୁଡ଼ମର୍ନିଙ୍ଗ' କହି ସମ୍ବୋଧିତ କରିଥିଲେ । ଲେହେର ଏକ ସ୍ମାର୍ଟ, ଶିକ୍ଷିତା ଏବଂ ଉଚ୍ଚକୋଟିର ଚିନ୍ତାଧାରାଯୁକ୍ତ ଛାତ୍ରୀ ଥିଲେ । ୨୦ମିନିଟ ଧରି ଇଣ୍ଟରଭିଉ ଚାଲିଲା । ଲେହେର ବାହାରକୁ ଆସିବାପରେ ଭଲ ପ୍ରଦର୍ଶନ କରିଥିବାରୁ ଖୁବ ଖୁସିଥିଲେ । ଏହି ସମୟରେ 'ଆଇଏନସି ସଫ୍ଟୱେୟାର' ସହିତ ଇଣ୍ଟରଭିଉ ଶେଷକରି ଶ୍ରୁତି ବାହାରକୁ ଆସିଲେ । ସେ ମଧ୍ୟ ନିଜର ପ୍ରଦର୍ଶନକୁ ନେଇ ଖୁବ ଖୁସିଥିଲେ । ଧୈର୍ଯ୍ୟ ଓ ଅଧୈର୍ଯ୍ୟ ମଧ୍ୟରେ ସେହି ରାତ୍ରିଟି ବିତିଗଲା । ତାର ପରଦିନ ସକାଳରେ ଇଣ୍ଟରଭିଉର ଫଳାଫଳ ଘୋଷଣା ହୋଇଥିଲା । ଯେପରି ଆଶା ଥିଲା, ସେହିପରି ଫଳାଫଳ ଆସିଥିଲା । ଲେହେର ତାଙ୍କ ଜୀବନର ପ୍ରଥମ ଚାକିରୀ କରିବାପାଇଁ 'ଟିଡିପି ସଫ୍ଟୱେୟାର'ର ପୁନେ ଅଫିସରେ ପୋଷ୍ଟିଙ୍ଗ ପାଇଥିଲେ, ସେହିପରି ଶୃତି ମଧ୍ୟ 'ଆଇଏନସି ସଫ୍ଟୱେୟାର'ର ପୁନେ ସ୍ଥିତ ଅଫିସରେ ନିଯୁକ୍ତି ପାଇଥିଲେ । ଅନ୍ୟ ବନ୍ଧୁବାନ୍ଧବୀମାନେ ବହୁତ ପରିମାଣରେ ସଫଳ ହୋଇଥିଲେ, ତେଣୁ ଛାତ୍ରାବାସରେ ଆନନ୍ଦର ମହଲ । ସମସ୍ତେ ନିଜର ପରିବାର ଓ ବନ୍ଧୁମାନଙ୍କ ସହିତ ମୋବାଇଲ ଫୋନରେ ଗପିବାରେ ବ୍ୟସ୍ତ । ଲେହେର ନିଜର ମାତାପିତାଙ୍କୁ ଫୋନକରି ଖୁସିର ଖବର ଜଣାଇଥିଲେ ଏବଂ ସେମାନେ ମଧ୍ୟ ଲେହେରର ଏହିପ୍ରକାର ପ୍ରଦର୍ଶନ ହେତୁ ବହୁତ ଖୁସି ହୋଇଥିଲେ । ଲେହେର ଓ ଶ୍ରୁତି ନିଜନିଜର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଧୁମାନଙ୍କ ସହିତ ସନ୍ଧ୍ୟା ସମୟରେ ନିକଟସ୍ଥ ବଡ ହୋଟେଲରେ ଏକ ସୁନ୍ଦର ପାର୍ଟି ଦେଇଥିଲେ । ଲେହେର ମଧ୍ୟ ସୌମିତ୍ର'ଙ୍କୁ ନିମନ୍ତ୍ରଣ କରିଥିଲେ । ସେହି ସଂଧ୍ୟାଟି ବହୁତ ହସ ଖୁସିର ସହିତ ବିତିଯାଇଥିଲା ଏବଂ ପାଠପଢ଼ାର ଚାପଠୁ ଦୁରେଇ ଚାକିରୀ ଜୀବନର ଚାପ ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ କରିଚାଲିଥିଲେ ।

କଲେଜରେ ଶେଷ ଦିନ, ବିଦାୟର ସମୟ, ପୁରା କଲେଜଟି ଖୁସି ଓ ଦୁଃଖ ମଧ୍ୟରେ ଝୁଲୁଥିଲା । ବନ୍ଧୁବାନ୍ଧବୀମାନେ ପରସ୍ପର ସହିତ ସମ୍ପର୍କ ରଖିବେ ବୋଲି ପ୍ରତିଜ୍ଞା କରୁଥିଲେ । ସମସ୍ତଙ୍କ ମୁଖମଣ୍ଡଳରେ ଏକ ଦୁଃଖର ପ୍ରତିଛବି ଥିଲା । ଶିକ୍ଷକ, ଛାତ୍ରଛାତ୍ରୀ ସମସ୍ତେ ସମସ୍ତଙ୍କଠାରୁ ବିଦାୟ ନେଉଥିଲେ । ମନମଧ୍ୟରେ ଚାକିରୀ ଜୀବନ ଆରମ୍ଭ କରିବାର ସ୍ୱପ୍ନଟି ଥିଲା, ତେଣୁକରି ଅନ୍ତର ମଧ୍ୟରେ ସେମାନେ ସେଥିଲାଗି ଖୁସିଥିଲେ । ଛାତ୍ରାବାସରେ ରହୁଥିବା ସମୟରେ ଖୁବ ଅଧିକ ଜିନିଷପତ୍ର ଜମା ହୋଇ ଯାଇଥିଲା; ତେଣୁ ସେଗୁଡିକୁ ପଣ୍ଡିଚେରୀ ନେଇଯିବାକୁ ପଡିବ; ତାହା ଭାବି ଲେହେର ଫ୍ଲାଇଟରେ ନଯାଇ ଟ୍ରେନରେ ଯିବାପାଇଁ ଚିନ୍ତା କରିଥିଲେ ଏବଂ 'ନିୟୁଦିଲ୍ଲୀ-ପଣ୍ଡିଚେରୀ ଏକ୍ସପ୍ରେସ'ରେ ରିଜର୍ଭେସନ କରିଥିଲେ । ଟ୍ରେନଟି ନିୟୁଦିଲ୍ଲୀ ଷ୍ଟେସନରୁ ସନ୍ଧ୍ୟା ୧୧ଟା ୫୦ମିନିଟ ସମୟରେ ପଣ୍ଡିଚେରୀ ଅଭିମୁଖେ ଯାତ୍ରା ଆରମ୍ଭ କରିବାରଥିଲା । ସୌମିତ୍ର'ଙ୍କୁ ଭେଟ କରିବା ପାଇଁ ଲେହେର ପ୍ରାୟ ୮ଟା ସୁଧା ଷ୍ଟେସନରେ ପହଞ୍ଚିଥିଲେ । ସେମାନେ ନିଜମଧ୍ୟରେ ସମ୍ପର୍କକୁ ଆଗେଇ ନେବାକୁ ପ୍ରତିଜ୍ଞା କରିଥିଲେ । ଦୁହେଁ ପୂର୍ଣମାତ୍ରାରେ ଫେସବୁକ ଉପରେ ଭରଷା କରି ଦୁରେଇଯିବା ପୂର୍ବରୁ ସୌମିତ୍ର ସମୟର ସୁଯୋଗ ନେଇ ଲେହେର'ଙ୍କୁ ପ୍ରପୋଜ କରିଥିଲେ ଓ ଲେହେର ମଧ୍ୟ କିଛି ନଭାବି ଉତ୍ତରରେ ସୌମିତ୍ର'ଙ୍କୁ ଏକ ପ୍ରେମଭରା ଚୁମ୍ବନ ଦେଇ 'ଦିଲୱାଲେ ଦୁଲହନୀୟା ଲେ ଯାଏଁଗେ'ର ଚରିତ୍ର ପରି ଟ୍ରେନ ଭିତରକୁ ଚାଲିଯାଇଥିଲେ । ଏହାଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେହେର'ଙ୍କର ପ୍ରଥମ ପ୍ରେମର ତୃତୀୟ ସ୍ପର୍ଶ । ନିୟୁଦିଲ୍ଲୀ-ପଣ୍ଡିଚେରୀ ଏକ୍ସପ୍ରେସ ଖୁବ ଦ୍ରୁତ ଗତିରେ ଗର୍ଜନକରି ନିୟୁଦିଲ୍ଲୀ ଷ୍ଟେସନ ଛାଡିଥିଲା ।

ପଣ୍ଡିଚେରୀ ସହର, ଦିଲ୍ଲୀ ସହରଠୁ ୨୪୦୦ କିଲୋମିଟର ଦୂରତା, ଦ୍ରୁତଗାମୀ ଟ୍ରେନଟି ପରଦିନ ସନ୍ଧ୍ୟା ୭ଟା ସମୟରେ ପଣ୍ଡିଚେରୀ ଷ୍ଟେସନରେ ପହଞ୍ଚିଲା । ମାତାପିତା ସେମାନଙ୍କ ନୟନପିତୁଳାଙ୍କୁ ଦେଖିବାକୁ ଷ୍ଟେସନରେ ଅପେକ୍ଷାରତ ଥିଲେ । ଟ୍ରେନଟି ରହିବାକ୍ଷଣି ଲେହେର ବାହାରିଆସି ମାତାପିତାଙ୍କୁ କୁଣ୍ଢାଇ ପକାଇଥିଲେ । ପରସ୍ପରଠୁ ଦୂରରେ ରହି ସେମାନେ ନିଜ ଝିଅର ଅନୁପସ୍ଥିତିକୁ ବହୁତ କଷ୍ଟର ସହିତ ସହ୍ୟ କରିଥିଲେ, ସେହିପରି ଲେହେର ମଧ୍ୟ । ଝିଅର ଶିକ୍ଷା ଶେଷ ହେଲା ଏବଂ ଚାକିରୀ ଜୀବନ ଆରମ୍ଭ ହେବ । ଲେହେର ହାତରେ ମାତ୍ର ଗୋଟିଏ ମାସ ସମୟ, ତାପରେ ସେ ପୁନେ ସହରକୁ ଚାଲିଯିବେ । ମାତାପିତା ଲେହେର ପାଇଁ ସବୁପ୍ରକାର ସପିଙ୍ଗ କରିଚାଲିଥିଲେ । ଲେହେର ନିଜକୁ ପ୍ରଫେସନାଲ ରୂପରେଖ ଦେବାକୁ ଯାଇ ଡିଜାଇନର କପଡା କିଣି ଚାଲିଥିଲେ; ଅନ୍ୟପଟରେ ମା'ତାଙ୍କର ଲେହେର ପାଇଁ ଡିଜାଇନର ଜୋତା, ବ୍ରାଣ୍ଡେଡ ପରଫ୍ୟୁମ ଇତ୍ୟାଦି କିଣି ଚାଲିଥିଲେ । ପିତା ଯେ ପୁନେ ସହରର ମାରୁତି ଡିଲରକୁ ଫୋନକରି ଲେହେର ପାଇଁ ଏକ 'ସ୍ୱିଫ୍ଟ' କାର ବୁକିଙ୍ଗ କରିସାରିଥିଲେ ଏବଂ ଲେହେର ପୁନେ ସହର ପହଞ୍ଚିବା ଦିନହିଁ ତାଙ୍କୁ ତାଙ୍କର ନୂତନ କାରଟି ଉପହାର ସ୍ୱରୂପ ମିଳିବାରଥିଲା । ସମ୍ପର୍କୀୟ ଓ ସାଙ୍ଗମାନଙ୍କ ମଧ୍ୟରେ ରହି ଲେହେର'ର ଏକମାସ ସମୟ ବହୁତ ଖୁସିରେ ବିତିଗଲା । ସେଥିମଧ୍ୟରେ, ସୌମିତ୍ର ସହିତ ଫୋନ ଓ ଫେସବୁକ ମାଧ୍ୟମରେ ବାର୍ତ୍ତାଳାପ ସର୍ବଦା ଚାଲିଥିଲା । ନାରୀହିଁ ନାରୀ ମନକୁ ଖୁବ ଭଲରେ ବୁଝିପାରେ । ମା' ଲେହେର'ର ବ୍ୟବହାରରେ ପରିବର୍ତ୍ତନକୁ ଲକ୍ଷ୍ୟ କରିଥିଲେ । ମାତାପିତା ଲେହେର'ର ବନ୍ଧୁ ଭଳି । ତେଣୁ ସେମାନେ ଲେହେର'କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହରର ସବୁଠୁ ବଡ ରେଷ୍ଟୋରାଁକୁ ଡିନର ପାଇଁ ନେଇଥିଲେ ଏବଂ କଥାପ୍ରସଙ୍ଗରେ ସବୁ ଜାଣିପାରିଥିଲେ । ଲେହେର ଯଦି ତାର ସଠିକ ଜୀବନସାଥୀ ପାଇପାରିଛି, ସେଥିରେ ସେମାନେ ବହୁତ ଖୁସି । ଏହି ଖୁସିର ସମୟକୁ ସଦା ବାନ୍ଧିରଖିବା ପାଇଁ ମାତାପିତା ଲେହେର'ଙ୍କୁ ଏକ ଅତିସୁନ୍ଦର 'ହୀରା ମୁଦ୍ରିକା' ଉପହାର ଦେଇଥିଲେ । ଲେହେର'ର ଖୁସିର ସୀମା ନଥିଲା । ସେ ଏପ୍ରକାର ମାତାପିତା ପାଇ ନିଜକୁ ଧନ୍ୟ ମନେକରୁଥିଲେ । ମା କହି ଚାଲିଥିଲେ 'ମା, ସବୁବେଳେ ନିଜର ଯତ୍ନ ନେବୁ, ଠିକ ଭାବରେ ଖାଇବା ପିଇବା କରିବୁ ।" ଝିଅଠୁ ପୁଣିଥରେ ଦୂରେଇବାର କାରଣ ଯୋଗୁ ଆଖି ଦୁଇଟି ଅଶ୍ରୁ ବୁହାଇବାକୁ ଆରମ୍ଭ କରିଦେଲେ । ଲେହେର କହି ଉଠିଲେ କି ଉପସ୍ଥିତ ଜନମଣ୍ଡଳୀ ଦେଖନ୍ତୁ, ଜିପମେର'ର ପ୍ରସିଦ୍ଧ ଡାକ୍ତର ଏସ-ଭାଣ୍ଡୁଲା କିପରି ଛୋଟପିଲାଙ୍କ ପରି କାନ୍ଦୁଛନ୍ତି । ଏହାଶୁଣି ମା, ବାପା ଓ ଲେହେର ସମସ୍ତେ ହସିବାକୁ ଲାଗିଲେ ।

ମାତାପିତା ଲେହେରକୁ ପୁନେ ସହରକୁ ନେଇଗଲେ । ପୁନେ ପହଞ୍ଚିବା ପୂର୍ବରୁ ମା ତାଙ୍କର ପୁନେ ସ୍ଥିତ ବନ୍ଧୁଙ୍କର ସହାୟତାରେ ଲେହେର ପାଇଁ ଅଫିସର ପାଖାପାଖି ଅଞ୍ଚଳରେ ଏକ ସୁନ୍ଦର ହାଇ ପ୍ରୋଫାଇଲ ହାଉସିଂ କମ୍ପ୍ଲେକ୍ସରେ ଏକ ଡୁପ୍ଲେକ୍ସ ଘର ଭଡା ନେଇଥିଲେ । ଏୟାରପୋର୍ଟରୁ ସିଧା ସେମାନେ ଲେହେରଙ୍କୁ ତାଙ୍କର ନୂଆ ଘରକୁ ନେଇଗଲେ । ଗୃହପ୍ରବେଶ କରିବା କ୍ଷଣି ଲେହେର ଦେଖିଲେ ଯେ ଘରଟି ଫୁଲି ଫର୍ଣ୍ଣିସ ଏବଂ ଘର ଭିତରଟି ଖୁବ ସୁନ୍ଦର ଦିଶୁଥିଲା, ରଙ୍ଗର ସମ୍ମେଳନ ବହୁତ ମନଲାଖି ଥିଲା । ସେ ଖୁବ ଖୁସି ହୋଇଗଲେ; ମାତାପିତା ତାଙ୍କର ଖୁସିକୁ ଦେଖି ନିଜେ ମଧ୍ୟ ବହୁତ ଖୁସି ହୋଇଗଲେ । ବାସ, ଠିକ ୩୦ମିନିଟ ପରେ ଘରର କଲିଙ୍ଗବେଲ ବାଜିବାକୁ ଲାଗିଲା । ଲେହେର ଦୌଡ଼ିଯାଇ କବାଟ ଖୋଲିଦେଲେ ଏବଂ ସମ୍ମୁଖରେ ଛିଡାହୋଇଥିବା ମାରୁତି କମ୍ପାନୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡ୍ରାଇଭର ତାଙ୍କୁ ସ୍ୱିଫ୍ଟ କାରର ଚାବିଟି ଧରେଇଦେଲେ । ଲେହେର କିଛି ବୁଝିନପାରି ମାତାପିତାଙ୍କ ଆଡକୁ ଦେଖିଲେ । ମା କହିଲେ 'ନେ ମା' ଲେହେର ପଚାରିଲେ ଏଇଟା ତାଙ୍କପାଇଁ, ବାପା କହିଲେ ତୁ ହିଁ ସର୍ବସ୍ୱ; ତାହେଲେ ଏଇଟା ଆଉ କାହାପାଇଁ । ଲେହେର ଚାବିଟି ଧରି ମାତାପିତାଙ୍କ ସହିତ ଘର ବାହାରକୁ ଆସିଲେ ଏବଂ ନାଲି ରଙ୍ଗର ସ୍ୱିଫ୍ଟ ଗାଡିଟି ସୌମିତ୍ରା'ଙ୍କର ଲାଲ ଗୋଲାପ ତୋଡ଼ା ପରି ସୁନ୍ଦର ଦିଶୁଥିଲା । ଗାଡିର ସବୁ କାଗଜପତ୍ର ସଂଗ୍ରହ କଲାପରେ ଲେହେର ମାତାପିତାଙ୍କୁ ପୁନେ ସହର ଭ୍ରମଣ କରାଇବାକୁ ନେଇଚାଲିଲେ, ସମସ୍ତେ ମିଶି ଗାଇ ଚାଲିଥିଲେ;

'ଜିଂଦେଗୀ ଏକ ସଫର ହେ ସୁହାନା, ୟହାଁ କାଲ କ୍ୟା ହୋଗା କିସନେ ଜାନା...... '

ଲେହେର'ର ରହିବାର ସବୁ ବ୍ୟବସ୍ଥା କରି ମାତାପିତା ପଣ୍ଡିଚେରୀ ଫେରିଆସିଲେ । ଲେହେର ନିଜର ଚାକିରୀ ଜୀବନକୁ ନେଇ ଖୁବ ଉତ୍ସାହିତ ଥିଲେ । ଲେହେର'ର ଘନିଷ୍ଠ ବନ୍ଧୁ ଶ୍ରୁତି ମଧ୍ୟ ପୁନେ ସହରରେ ଚାକିରୀ ଆରମ୍ଭ କଲେ କିନ୍ତୁ ଅଫିସଟି ସହରର ଭିନ୍ନକୋଣରେ ଥିବାରୁ ସେ ଲେହେର ଠାରୁ ଦୂରରେ ରହୁଥିଲେ । ସପ୍ତାହର ଶେଷରେ ଦୁଇବନ୍ଧୁ ପ୍ରାୟ ଭେଟ ହେଉଥିଲେ ।

ଲେହେର ଖୁବ ସ୍ମାର୍ଟ ଏବଂ ବୁଦ୍ଧିଶାଳୀ । ପ୍ରଥମ ଗୋଟିଏ ମାସରେ ସେ କମ୍ପାନୀର ମାନବସମ୍ବଳ ବିଭାଗର ଚାହିଦା ବନିପାରିଥିଲେ । ତାଙ୍କର ବୁଦ୍ଧିମାନ ପ୍ରସ୍ତାବ ଗୁଡିକ ମାନବସମ୍ବଳ ବିଭାଗଟିକୁ ଆହୁରି କର୍ମଚାରୀମାନଙ୍କର ନିକଟତମ କରିପାରିବ, ବିଭାଗୀୟ ମୂଖ୍ୟ ଲେହେର'ଙ୍କର ଖୁବ ପ୍ରଶଂସା କରିଥିଲେ । ୨୦୧୭ ନବବର୍ଷଟି ପାଖେଇ ଆସୁଥିଲା । ଟିଡିପି ସଫ୍ଟୱେୟାର କମ୍ପାନୀର କାମ୍ପସରେ ବହୁତ ବଡ ଉତ୍ସବର ଆୟୋଜନ ହେବାକୁ ସ୍ଥିର କରାଯାଇଥିଲା ଏବଂ ଲେହେର ସେ ସବୁ ବ୍ୟବସ୍ଥାର ଦାୟିତ୍ୱ ଗ୍ରହଣ କରିଥିଲେ । ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋନକରି ମାତାପିତାଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ ଏବଂ ସୌମିତ୍ର'ଙ୍କୁ ମଧ୍ୟ । ଲେହେର ଯେତେବି ବ୍ୟସ୍ତଥିଲେ ମଧ୍ୟ ନିଜର ଦାୟିତ୍ୱକୁ କେବେ ଭୁଲୁନଥିଲେ ଏବଂ ନିଜର ବନ୍ଧୁ ଓ ସୌଜନ୍ୟମାନଙ୍କୁ ଯଥୋଚିତ ସମୟ ଦେଉଥିଲେ । କମ୍ପାନୀ କାମ୍ପସରେ ହେଉଥିବା ଉତ୍ସବର ସବୁ ଆୟୋଜନ କରିଥିବାରୁ, ଲେହେର ଯେ ସେହି ରାତ୍ରୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲେ । ୧ଜାନୁୟାରୀ ୨୦୧୭ ଛୁଟିଦିନ ଥିଲା, ତେଣୁ ଲେହେର' ସୌମିତ୍ର'ଙ୍କ ସହିତ ଖୁବ ଲମ୍ବା ବାର୍ତ୍ତାଳାପ କରିଥିଲେ । ଶ୍ରୁତି ଆସିବାରୁ ଦୁଇବନ୍ଧୁ କିଛି ପ୍ରିୟ ଭୋଜନ ତିଆରି କରିବାର ଯୋଜନା କରିଥିଲେ ।

ସମୟ ବହି ଚାଲିଥିଲା, ତାକୁ ବା କିଏ ଅଟକାଇ ପାରିବ । ଦେଖୁଦେଖୁ ୨୦୧୭ ମସିହାର ମାର୍ଚ୍ଚମାସ ୧ ତାରିଖ ଆସି ପହଞ୍ଚିଲା । ମାତାପିତା, ବନ୍ଧୁବାନ୍ଧବୀ ଓ ସମ୍ପର୍କୀୟମାନେ ସମସ୍ତେ ଲେହେରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣେଇ ଚାଲିଥିଲେ । ଅଫିସରେ ପହଞ୍ଚିବାପରେ ହଠାତ ତାଙ୍କର ପୁରା ମାନବସମ୍ବଳ ବିଭାଗଟି ଏକାସ୍ୱରରେ ଗାଇ ଉଠିଲେ 'ହାପି ବ୍ୟାର୍ଥଡ୍ରେ ଲେହେର' । ଲେହେର ଖୁସିରେ ଗଦଗଦ ହୋଇଗଲେ । ଦିନଟି ବିତିଚାଲିଥିଲା । ଲେହେର ଅପେକ୍ଷା କରିଥିଲେ କି ସୌମିତ୍ର କେବେ ଫୋନ କରିବେ ବୋଲି । ସନ୍ଧ୍ୟା ହେଲା । ଲେହେର ଘରେ ପହଞ୍ଚି ଫ୍ରେସ ହେବାପରେ ସୋଫାରେ ବସି ଟିଭି ରିମୋଟରେ ଚ୍ୟାନେଲଗୁଡିକୁ ଦବାଇ ଚାଲିଥିଲେ ଏବଂ ସୌମିତ୍ର ଫୋନ ନ କରିଥିବାରୁ ମନରେ କ୍ରୋଧ ବଢିବାକୁ ଲାଗିଥିଲା । ହଠାତ କଲିଙ୍ଗବେଲଟି ବାଜିବାକୁ ଲାଗିଲା ଏବଂ ବାଧ୍ୟତାର ସହିତ ଲେହେର ଆସି କବାଟ ଖୋଲିଲେ । ସମ୍ମୁଖରେ ଛିଡା ହୋଇଥିଲେ ସୌମିତ୍ର ମେହେରା ଏବଂ ହାତରେ ଏକ ଲାଲଗୋଲାପ ତୋଡ଼ା, ଗୋଟେ ବଟଲ ସଂପେନ ଏବଂ ଗୋଟେ ଗିଫ୍ଟପ୍ୟାକ । ଲେହେର କିଛି କହିବା ପୂର୍ବରୁ ସୌମିତ୍ର କହିଉଠିଲେ 'ହାପି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାର୍ଥଡେ ବେବି' । ଲେହେର ଆଜି ଖୁସିର ଚରମସୀମାକୁ ଅନୁଭବ କରିଥିଲେ । ଜନ୍ମଦିନଟି ଠିକଭାବରେ ପାଳନ ହେବାପାଇଁ ସୌମିତ୍ର ଯଥାଶୀଘ୍ର ସବୁପ୍ରକାରର ବ୍ୟବସ୍ଥାରେ ଲାଗିଗଲେ । ଖୁବ କମସମୟ ଅନ୍ତରାଳରେ ଚାଇନିଜ ଫୁଡ, ବ୍ୟାର୍ଥଡେ କେକ ସବୁ ଆସି ପହଞ୍ଚିଗଲେ । କେକଟି କାଟି ଲେହେର ଆଜି ଖୁସିର ଲହଡି ପରି ନାଚିଚାଲିଥିଲେ । ଲାଇଟ୍ସ ଡିମ; ସୌମିତ୍ର ସଂପେନ ବଟଲରୁ ୨ଗ୍ଲାସ ଡ୍ରିଂକ୍ସ ରଖି ନିଜର ମୋବାଇଲ ଫୋନରେ ଥିବା ସର୍ବୋତ୍ତମ ରୋମାଣ୍ଟିକ ଇଂଲିଶଗୀତଟି 'ଲଭ ମି ଲାଇକ ୟୁ ଡୁ' ଯାହାକି 'ଏଲି ଗୋଲଡିଙ୍ଗ' ଦ୍ୱାରା କଣ୍ଠଦାନ ହୋଇଥିଲା, ଚାଲୁ କରିଦେଇଥିଲେ । ସନ୍ଧ୍ୟାକାଳଟି ଏକ ରୋମାଣ୍ଟିକ ରାତ୍ରୀର ରୂପଧାରଣ କରିଚାଲିଥିଲା । ଲେହେର ସେହି ଗିଫ୍ଟପ୍ୟାକଟି ଖୋଲି ଦେଖିଲେ କି ସୌମିତ୍ର ତାଙ୍କ ପାଇଁ ଗୋଟେ 'ଅଫ ସୋଲଡର ବ୍ଲାକ କଲର ୱାନ ପିସ ଡ୍ରେସ' ଆଣିଥିଲେ । ରାତ୍ରିଟି ସବୁଦିଗରୁ ରୋମାଣ୍ଟିକ ହୋଇଚାଲିଲା । ଜନ୍ମଦିନ ଭଳି ଶୁଭ ଦିବସର ସନ୍ଧ୍ୟା, ଏକ ସୁନ୍ଦର ଯୁବତୀ, ଏକ ହ୍ୟାଣ୍ଡସମ ଯୁବକ, ଲାଲ ଗୋଲାପ, ପ୍ରିୟ ଖାଦ୍ୟ, ସଂପେନ ଏବଂ ପୃଷ୍ଠଭୂମିରେ ବାଜୁଥିବା ରୋମାଣ୍ଟିକ ଗୀତ; ସହଜରେ କଳ୍ପନା କରାଯାଇପାରେ ପରବର୍ତ୍ତୀ ସମୟର ଘଟଣାବଳୀକୁ । ପୁରୁଷ କି ସ୍ତ୍ରୀ, ଶିକ୍ଷିତ କି ଅଶିକ୍ଷିତ, ଧନୀ କି ଗରୀବ, କିଏବି ହୋଇଥାଉ, ସମୟର ଗତି ତାର ପ୍ରଖର ସ୍ରୋତରେ ପରିସ୍ଥିତି ହିସାବରେ ସମସ୍ତଙ୍କୁ ବହିନେଇ ଚାଲିଯାଏ । ଏହାଥିଲା ଲେହେର ଓ ସୌମିତ୍ରର ଚତୁର୍ଥ ଏବଂ ଅନ୍ତିମରୂପର ସ୍ପର୍ଶ । ରାତ୍ରୀର ଅନ୍ଧକାର ସାକ୍ଷୀ ହୋଇ ରହିଗଲା ।

୨ମାର୍ଚ୍ଚର ସକାଳ ଏକ ନୂଆ ସୂର୍ଯ୍ୟ ନେଇ ଆସିଥିଲେ । ସୌମିତ୍ରକୁ ଦେଖି ଲାଜେଇ ଲାଜେଇ ଲେହେର ଉଠିଯାଇ ଅଫିସ ଯିବାକୁ ତୟାର ହୋଇଥିଲେ । ସେହି ସମୟରେ ସୌମିତ୍ର କହିଥିଲେକି ସେ 'ଏଡିଏମକେ ସଫ୍ଟୱେୟାର' କମ୍ପାନୀରୁ ଚାକିରୀ ଛାଡି ପୁନେ ଆସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଛନ୍ତି ଏବଂ ସେ ଲେହେର ସହିତ ରହି ଆଉ ଏକ ଭଲ ଚାକିରୀ ଖୋଜିବାର ପ୍ରୟୋଜନ କରୁଛନ୍ତି । ଲେହେର ଏକଥା ଶୁଣି ଯେ ବହୁତ ଆନନ୍ଦିତ ।

୨ମାସ ସମୟ ବିତିଗଲାଣି । ସୌମିତ୍ର ଏପର୍ଯ୍ୟନ୍ତ କୌଣସି ଚାକିରୀ ଯୋଗାଡ଼ କରିପାରି ନଥିଲେ । ଧୀରେ ଧୀରେ ସୌମିତ୍ର ମେହେରା'ଙ୍କର ବ୍ୟାଙ୍କ ବାଲାନ୍ସ ଶେଷ ହୋଇ ଆସୁଥିଲା । କିନ୍ତୁ ଲେହେର ଭଳି ଝିଅ ଯେ ସବୁ ଘଟଣାକୁ ବୁଝିବାର ଶକ୍ତି ରଖିଥିଲେ । ସୌମିତ୍ର କହିବା ପୂର୍ବରୁ ସେ ତାଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପଇସା ପଠାଇ ଦେଉଥିଲେ । କିଛି ସମୟ ବ୍ୟତୀତ ହେବାପରେ ଲେହେର ନିଜର ସର୍ବଶ୍ରେଷ୍ଠ ବନ୍ଧୁ ଶ୍ରୁତିର ସାହାଯ୍ୟ ନେବାକୁ ସ୍ଥିର କଲେ । ଶ୍ରୁତି 'ଆଇଏନସି ସଫ୍ଟୱେୟାର'ରେ ଥିବାରୁ ଚେଷ୍ଟାକରି ସୌମିତ୍ରର ଇଣ୍ଟରଭିଉ ଯୋଗାଡ଼ କରିପାରିଲେ । ଯାହାଦ୍ୱାରା କି ସୌମିତ୍ର ଏକ ଖୁବ ଭଲ ଚାକିରୀ ପାଇପାରିଲେ । ନୂତନ ଚାକିରୀର ପାର୍ଟି ଦେବାକୁ ସେ ଲେହେର ଓ ଶ୍ରୁତିକୁ ସହରରେ ଥିବା 'ତାଜ ହୋଟେଲ ସ୍ଥିତ ଲାଟିଚୁଡ଼ ବାଇ ତାଜ ଭିଭାନ୍ତା ର଼େସ୍ତୁରାନ୍ତ'କୁ ନିମନ୍ତ୍ରଣ କରିଥିଲେ । ପାର୍ଟିଟି ଖୁବ ସୁନ୍ଦର ଥିଲା ଏବଂ ସେ ଲେହେର ଓ ଶ୍ରୁତିର ସାହାଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ ।

ନୂଆ ଚାକିରୀ ସହିତ ଦାୟିତ୍ୱ ବଢିଗଲା । କିଛିମାସ ବିତିଗଲା ପରେ ସୌମିତ୍ର ଏତେ ବ୍ୟସ୍ତ ରହିବାକୁ ଲାଗିଲେ ଯେ ସେ ଆଉ ଲେହେର ପ୍ରତି ଧ୍ୟାନ ଦେଇପାରୁ ନଥିଲେ ଏବଂ ସେ ଲେହେରକୁ ଅଣଦେଖା କରିବାକୁ ଆରମ୍ଭ କଲେ । ଲେହେର ନିଜପକ୍ଷରୁ ସର୍ବଦା ଚେଷ୍ଟା କରୁଥିଲେକି ସୌମିତ୍ର ସହିତ ହସଖୁସିରେ ସମୟ ବିତାଇବାପାଇଁ, ତାଙ୍କର ସାହାଯ୍ୟ କରିବାପାଇଁ ଏବଂ ଯଦି କିଛି ଅସୁବିଧା କିମ୍ବା ଚାକିରୀ ସମ୍ବନ୍ଧିତ ଚିନ୍ତା ଇତ୍ୟାଦି ଥାଏ, ଲେହେର ସେହି ସବୁକୁ ଦୂର କରିବାର ରାସ୍ତା ମଧ୍ୟ ଦେଖାଇପାରିବେ । କିନ୍ତୁ ସୌମିତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେହେରକୁ ଅଣଦେଖା କରିଚାଲିଥିଲେ ଏବଂ ଶେଷରେ ସେ ଲେହେର ସହିତ ଲଢ଼ିବାକୁ ମଧ୍ୟ ଆରମ୍ଭ କରିଦେଲେ । ସମୟର ବିଡମ୍ବନା । ପରିସ୍ଥିତି ଏତେ ଖରାପ ହୋଇଗଲାକି ସୌମିତ୍ର, ଲେହେର'ଙ୍କୁ ଶାରୀରିକ ବ୍ୟଥା ଏବଂ ମାନସିକ ବ୍ୟଥା ଦେଇଚାଲିଲେ । ଦିନେ ଅଫିସରୁ ଫେରିବାପରେ ଲେହେର ଦେଖିଲେକି ଘରମଧ୍ୟରେ କିଛି ପରିବର୍ତ୍ତନ ହୋଇଥିଲା । ସୌମିତ୍ର ବ୍ୟବହାର କରୁଥିବା ଆଲମାରୀଟି ଖାଲି ପଡିଥିଲା । ଫ୍ରିଜର ଡୋରରେ ଗୋଟିଏ ହଳଦୀ ରଙ୍ଗର କାଗଜରେ ଲେଖାହୋଇଥିଲା 'ଲେହେର, ସବୁକିଛି ପାଇଁ ତୁମକୁ ଅଶେଷ ଧନ୍ୟବାଦ ଏବଂ ଏଥିସହିତ ମୁଁ ସୌମିତ୍ର ମେହେରା ଏହି ସମ୍ପର୍କରୁ ଓହରିଯାଉଛି ।' ଏହି ଦୃଶ୍ୟ ଦେଖି ଲେହେର ଆଚମ୍ବିତ ହୋଇଯାଇଥିଲେ ଏବଂ ଥକିପଡ଼ିଥିବା ପଥିକ ଭଳି ସୋଫା ଉପରେ ବସିପଡ଼ିଲେ । ଏହା ତାଙ୍କ ଜୀବନର ସବୁଠୁ କଷ୍ଟଦାୟକ ଆଘାତ ଥିଲା । ଯେଉଁ ଲେହେର ଦିନେ ଏହି ସମ୍ପର୍କକୁ ନେଇ ଲହଡିପରି ନାଚି ଉଠୁଥିଲେ, ଆଜି ସେହି ଲେହେର ସମୁଦ୍ରକୂଳର ଲହଡିପରି  କୂଳକୁହିଁ ପିଟିଚାଲିଛନ୍ତି । କ୍ରୋଧର ଅଗ୍ନି, ମନରେ ସନ୍ତାପ ଓ ଆଖିର ଅଶ୍ରୁ ଛଡା ଲେହେର ପାଖରେ ଆଜି କିଛି ବି ସମ୍ପତ୍ତି ନଥିଲା । ସେ ତାଙ୍କର ହୃଦୟ ଏବଂ ଲଜ୍ଜାକୁ ସୌମିତ୍ର ପାଇଁ ଜଳାଞ୍ଜଳି ଦେଇଥିଲେ । ଏହି ସମୟରେ ସେ ଦୁନିଆର ସବୁଠୁ ଶକ୍ତିହୀନ ଏବଂ ବିବଶ ସ୍ତ୍ରୀ, ଯାହାର ସବୁପ୍ରକାରର ସାମର୍ଥ୍ୟ ଥାଇ ମଧ୍ୟ ଅସହାୟ ଅବସ୍ଥାରେ ଘରକୋଣର ଅନ୍ଧକାର ମଧ୍ୟରେ ହଜିଯାଇଥିଲେ ।

ଲେହେର'ଙ୍କର ଚରିତ୍ର ଖୁବ ପରିବର୍ତ୍ତନ ହୋଇଗଲାଣି । ତାଙ୍କର ମୁଖମଣ୍ଡଳରେ ହସ କେବେ ବି ଦିଶୁନଥିଲା । ଅଫିସର ସାଥିମାନେ କିଛି ବୁଝିପାରୁ ନଥିଲେ, ସେ ଯେ ମାନସିକ ଦୁଶ୍ଚିନ୍ତାଜନିତ ରୋଗର ଶୀକାର ହେବାକୁ ଲାଗିଲେଣି । ସପ୍ତାହରେ ଥରେ ମଧ୍ୟ ସେ ନିଜର ମାତାପିତାଙ୍କ ଫୋନ କରୁନଥିଲେ । ଶ୍ରୁତି ସେହି ପୁନେ ସହରରେ ରହୁଥିବାରୁ ସେହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲେହେର'ର ଏକମାତ୍ର ସାହାରା । ଆଶାବାଦୀ ଲେହେର ତଥାପି ସୌମିତ୍ରକୁ ବୁଝାଇ ଫେରାଇ ଆଣିବାକୁ ଚେଷ୍ଟାକରୁଥିଲେ, ଫୋନ କରୁଥିଲେ କିନ୍ତୁ ସୌମିତ୍ର ଲେହେର'ର ଫୋନ ନମ୍ବରକୁ ବ୍ଲକ କରିଦେଇଥିଲେ । ତାଙ୍କଠୁ ଦୂରେଇ ଯିବାହିଁ ଲେହେର ପାଇଁ ଉଚିତ ବୋଲି ବାରମ୍ବାର ଜଣାଇଥିଲେ । ଲେହେର ହାତରୁ ତାଙ୍କର ସ୍ୱପ୍ନର ଦୁନିଆ ଓ ସ୍ୱପ୍ନର ରାଜକୁମାର ଦୁଇଜଣ ସବୁଦିନ ପାଇଁ ଦୂରେଇ ଯାଇଥିଲେ । କୁହନ୍ତିନା, ପ୍ରକୃତ ବନ୍ଧୁ ଅସମୟରେ ହିଁ ସାହାଯ୍ୟ ହୋଇଥାଏ । ଅଫିସ ଯିବା ଆସିବାରେ କଷ୍ଟ ହେଲେ ମଧ୍ୟ ନିଜର ଘର ଛାଡି ଶ୍ରୁତି କିଛିଦିନ ପାଇଁ ଲେହେର ପାଖରେ ରହିଲେ । ଶ୍ରୁତିର ପରାମର୍ଶ ହିସାବରେ ଲେହେର'ର ମାତାପିତା ୨ସପ୍ତାହ ପାଇଁ ପୁନେ ଆସିଲେ । ଲେହେର ସନ୍ଧ୍ୟା ସମୟରେ ଅଫିସରୁ ଫେରି ମାତାପିତାଙ୍କୁ ଦେଖି ଭୋଭୋ ରଡିପକାଇ କାନ୍ଦିଚାଲିଲେ, ମାତାପିତା ମଧ୍ୟ ଅସହାୟତା ଅନୁଭବ କରୁଥିଲେ । ସେମାନେ କୌଣସି ପ୍ରକାର ଲେହେର'ଙ୍କୁ ସାଧାରଣ ଜୀବନଧାରାକୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିଲେ ।

ପରିସ୍ଥିତିର ଆମୂଳଚୂଳ ବିଶ୍ଳେଷଣ କରିଚାଲିଥିଲେ ଡାକ୍ତର ଜେ-ଭାଣ୍ଟୁଲା ଓ ଡାକ୍ତର ଏସ-ଭାଣ୍ଟୁଲା; ଅର୍ଥାତ ପିତା ଜନକ ଭାଣ୍ଟୁଲା ଏବଂ ମାତା ସୁନେଇନା ଭାଣ୍ଟୁଲା । ସମୟକୁ ହଜାର ହଜାର ବର୍ଷର ପୂର୍ବକୁ ନେଇଚାଲନ୍ତୁ । ରାମାୟଣ ସମୟରେ ରାଜା ଜନକ ଓ ପତ୍ନୀ ସୁନେଇନାଙ୍କର ଦ୍ୱିତୀୟ କନ୍ୟା ଥିଲେ ଉର୍ମିଳା । ଆଜିର ସମୟରେ ସେହି ଭୂମିକାରେ ଅଛନ୍ତି ଲେହେର, ଯାହାର ଅର୍ଥ ମଧ୍ୟ ଉର୍ମି ବା ଉର୍ମିଳା । ଘନିଷ୍ଠ ବାନ୍ଧବୀ ରୂପରେ ଅଛନ୍ତି ଶ୍ରୁତି, ଯେକି ରାମାୟଣ ସମୟରେ ଉର୍ମିଳା'ଙ୍କର କକାଝିଅ ଭଉଣୀ ଶ୍ରୁତିକିର୍ତ୍ତୀ । ସେହି ସମୟର ଓ ବର୍ତ୍ତମାନର ସାମାଜିକ ପରିସ୍ଥିତିର ସମାନତାକୁ ଖୁବ ସୁକ୍ଷ୍ମ ଦୃଷ୍ଟିରେ ଦେଖିବାକୁ ଚେଷ୍ଟା କରନ୍ତୁ । ଦେବୀ ସୀତା ଯେକି ଉର୍ମିଳା'ର ବଡ ଭଉଣୀ ଥିଲେ, ରାଜା ରାମଙ୍କ ସହିତ ୧୪ବର୍ଷ

ଆହ୍ୱାନ ଇ-ପତ୍ରିକା

ବନବାସରେ ଅଯୋଧ୍ୟା ଛାଡି ଯାଇଥିଲେ । ସେହି ସମୟରେ ସୌମିତ୍ର ଯାହାର ଅର୍ଥ ସୁମିତ୍ରା ପୁତ୍ର, ଲକ୍ଷ୍ମଣ ଭାତୃ ସେବାକୁ ଜୀବନର ପରମ ଧର୍ମ ମାନି ଉର୍ମିଳାଙ୍କୁ ରାଜପ୍ରାସାଦରେ ଛାଡି ରାମ ଓ ସୀତାଙ୍କ ସହିତ ବନବାସ କାଟିଥିଲେ । ଅସହାୟ ଅବସ୍ଥାରେ ରାଜପ୍ରାସାଦରେ ସେହି ସମୟରେ ଉର୍ମିଳା ଅପେକ୍ଷିତ ହୋଇ ଜୀବନର ୧୪ବର୍ଷ ବିତାଇଥିଲେ ଏବଂ ଆଜିର ସମୟରେ ଲେହେର ନିଜର ଡୁପ୍ଲେକ୍ସ ଆପାର୍ଟମେଣ୍ଟ ମଧ୍ୟରେ ସୌମିତ୍ରାଙ୍କର ଚିର ବନବାସକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । କୁହାଯାଏ କି 'ଇତିହାସ ନିଜକୁ ପୁନରୁଦ୍ଧାର କରିଥାଏ', ପରିସ୍ଥିତି ଅଲଗା, ପରିବେଶ ଅଲଗା ଏବଂ ଅଭିନୟରେ ମଧ୍ୟ ଅଲଗା ବ୍ୟକ୍ତିତ୍ୱ, ବ୍ୟକ୍ତିତ୍ୱରେ ମଧ୍ୟ ଆକାଶ ପାତାଳ ପାର୍ଥକ୍ୟ । କିନ୍ତୁ ଅତି ସାଧାରଣ ଦୃଷ୍ଟିରୁ ସମାନତା ଦେଖିଲେ ଜଣାପଡୁଥିଲା ଯେ ସେହି ପୁରାଣ ସମୟର ରାମାୟଣ ଯେପରିକି ଭାଣ୍ଡୁଲା ପରିବାରର ରାମାୟଣ ହୋଇ ଫେରିଆସିଥିଲା । ରାମାୟଣରେ ଉର୍ମିଳାଙ୍କର ତ୍ୟାଗ ଓ ସହନଶୀଳତା ଜ୍ୟୋତିର୍ମୟ ଥିଲା, ସେହି ମହାନ ଚରିତ୍ରରୁ ଆଜିର ଲେହେର କିଛି ଶିକ୍ଷା ଗ୍ରହଣ କରିବା ଖୁବ ଜରୁରୀ, ତାହା ଅନୁକୂଳ ହେଉ ବା ପ୍ରତିକୂଳ ହେଉ ।

ମା, ବାପା ଓ ଶ୍ରୁତିର ଉପସ୍ଥିତି ଧୀରେ ଧୀରେ ଲେହେରଙ୍କୁ ଜୀବନଧାରାର ରାସ୍ତାକୁ ଫେରାଇ ଆଣିବାରେ ସାହାଯ୍ୟ କରିଥିଲା । ଲେହେର ବଞ୍ଚିବାକୁ ଚାହୁଁଥିଲେ, ସେ ଆଗପରି ଖୋଲା ଆକାଶରେ ଉଡିବାକୁ ଚାହୁଁଥିଲେ । ସେ ସ୍ୱପ୍ନ ଦେଖିବାକୁ ଚାହୁଁଥିଲେ ଏବଂ ସେହି ସ୍ୱପ୍ନକୁ ପରିପୂର୍ଣ୍ଣ କରିବାକୁ ଚାହୁଁଥିଲେ । ଡାକ୍ତର ଜନକ, ସୁନେଇନା, ଶ୍ରୁତି ଏବଂ ଲେହେର ଯେ ଅନ୍ୟାୟକୁ ସହିବେ ନାହିଁ ବୋଲି ନିଜର ରଣନୀତି ତିଆରି କଲେ । ପ୍ରଥମ ପଦକ୍ଷେପ ଥିଲାକି ଶ୍ରୁତି କିଛି ବି ଉପାୟରେ ସୌମିତ୍ରାଙ୍କୁ 'ଆଇଏନସି ସଫ୍ଟୱେୟାର' କମ୍ପାନୀରୁ ବାହାର କରନ୍ତୁ । କିନ୍ତୁ ଆଜିର ଲେହେର ମଧ୍ୟ ହୃଦୟରେ ସ୍ୱଚ୍ଛ ଏବଂ ସରଳ । ତେଣୁ ସେ କାହାରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପେଟରେ ଲାତ ମାରିବେ ନାହିଁ ବୋଲି ଶ୍ରୁତିଙ୍କୁ କହିଥିଲେ । କିନ୍ତୁ ସୌମିତ୍ର'ଙ୍କୁ ଶିକ୍ଷାତ ଦେବାକୁ ହେବ । ଆଲୋଚନାର ମଧ୍ୟାଗତରେ ହଠାତ ମା ସୁନେଇନା, ଡାକ୍ତର ଜନକ'ଙ୍କର ସାନଭାଇ ଶ୍ରୀଯୁକ୍ତ କୁଷଧ୍ୱଜ ଭାଣ୍ଡୁଲା ବିଷୟରେ ବିଚାର କରିଥିଲେ । ସେ ପଞ୍ଜାବ ପୋଲିସ ବିଭାଗର 'ସୁପରିନଟେଣ୍ଡେଣ୍ଟ ଅଫ ପୋଲିସ' ହିସାବରେ ଅମ୍ରିତସର'ରେ କାର୍ଯ୍ୟରତ ଥିଲେ । ସେ ୧୯୯୫ମସିହା ବ୍ୟାଚର 'ଆଇ.ପି.ଏସ' ଅଫିସର ଥିଲେ । ତାଙ୍କର ବୈବାହିକ ଜୀବନରୁ ଦୁଇଟି ପୁତ୍ର ଥିବାରୁ ସେ ଲେହେର'ଙ୍କୁ ନିଜର ଝିଅପରି ଭଲପାଉଥିଲେ । ଅଙ୍କଲ କୁଷଧ୍ୱଜ ପ୍ରାୟ୍ତ ପ୍ରତିଦିନ ଲେହେର ସହିତ ପଦେ ହେଉ ବରଂ, ଫୋନରେ କଥାହେଉଥିଲେ । ଲେହେର ମଧ୍ୟ ଅଙ୍କଲ'ଙ୍କୁ ଖୁବ ଭଲପାଉଥିଲେ । ଗତ କିଛିଦିନ ହେଲାଣି, ସେ ଲେହେର ସହିତ କଥା ହୋଇନାହାନ୍ତି । ତାଛଡା ଲେହେର'ର ମାତାପିତା ପୁନେ ସହରକୁ ଯାଇଥିବାର ଶୁଣି ସେ ବ୍ୟସ୍ତ ହୋଇଥିଲେ ଏବଂ ଲେହେର'ର ଦେହ-ପା-ଭଲ-ମନ୍ଦ ବୁଝିବାପାଇଁ ବାରମ୍ବାର ଫୋନ କରୁଥିଲେ, କିନ୍ତୁ ଲେହେର ଫୋନ ଉଠାଉନଥିଲେ । ଶେଷକୁ ଥରେ ଲେହେର ଫୋନ ଉଠାଇଲେ, କିଛି ନକହି ଯେ ଖାଲି କାନ୍ଦିଚାଲିଲେ, ଫୋନଟି ବାପାଙ୍କ ହାତକୁ ବଢାଇଦେଇ ସେ ଉପରମହଲା କକ୍ଷକୁ ଚାଲିଗଲେ । ବଡ଼ଭାଇଙ୍କ ଠାରୁ ସବୁକିଛି ଖବର ଜାଣିବାପରେ କୁଷଧ୍ୱଜ କହିଥିଲେକି 'ସୌମିତ୍ରଙ୍କୁ ଶିକ୍ଷାଦେବାର ରାସ୍ତା ଏବଂ ଉପାୟ୍ତ ସେ ଖୁବ ଜଲ୍‌ଦି ନିର୍ଦ୍ଧାର କରିଦେବେ, ସେଥିଲାଗି ଚିନ୍ତା କରିବା ଦରକାର ନାହିଁ, ବାସ ଆପଣ ଲେହେରର ଧ୍ୟାନ ରଖନ୍ତୁ ।'

ସୌମିତ୍ର ମେହେରା ରାଜସ୍ଥାନର ଏକ ଜଣାଶୁଣା ପରିବାରର ପୁତ୍ର । ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଦେଖିଲେ ସେ ଏକ ରାଜନୈତକ ପରିବାରକୁ ସମ୍ବନ୍ଧିତ ଥିଲେ । ପିତା 'ଦଶରଥ ମେହେରା' ଜୟ୍ତପୁର ସ୍ଥିତ 'ୟୁନିଭରସିଟି ଅଫ ରାଜସ୍ଥାନରେ ପ୍ରଫେସର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲେ । ମାତା ଗୃହଲକ୍ଷ୍ମୀ । ଦଶରଥ ମେହେରା'ଙ୍କର ପିତା ଜୟପୁର ସଂସଦୀୟ ଅଞ୍ଚଳରୁ ଦୁଇଥର ଲୋକସଭାକୁ ଜୟଯୁକ୍ତ ହୋଇଥିଲେ । ବୟସର ଚାପ ତାଙ୍କୁ ଅଟକାଇ ଦେଇଥିଲା । ପୁତ୍ର ଦଶରଥ ଯେ ରାଜନୀତିରେ ଇଚ୍ଛୁକ ନଥିଲେ । କଥାରେ ଅଛି ଯେ କର୍ପୁର ଉଡ଼ିଯାଏ ଆଉ କପଡା ପଡିରହିଥାଏ । ଜେଜେବାପା ରାଜନୀତିରୁ ଦୂରେଇଗଲେବି ନାତି ସୌମିତ୍ର ହୁକୁମ ଚଳାଇବା ବନ୍ଦ କରିନଥିଲେ । ନିଜର କନଭେଣ୍ଟ ସ୍କୁଲ ଶିକ୍ଷା ଓ ହ୍ୟାଣ୍ଡସମ୍ ଚେହେରାକୁ ଅସ୍ତ୍ର ଭାବରେ ବ୍ୟବହାର କରି ସେ ସୁନ୍ଦର ଯୁବତୀମାନଙ୍କ ସହିତ ଖେଳ କରିବାର ଚେଷ୍ଟା କରୁଥିଲେ । ଏବଂ ଲେହେର ତାଙ୍କର ଦ୍ୱିତୀୟ ଶୀକାର ଥିଲେ ।

ସବୁ ଖବର ଏକାଠି କରିବାପରେ କୁଷଧ୍ୱଜ ଅଙ୍କଲ ପୁନେ ଆସି ପହଞ୍ଚିଥିଲେ । ଲେହେର'ର ସ୍ଥିତି ଦେଖି ଖୁବ ଦୁଃଖୀ ହୋଇଥିଲେ ଏବଂ ଝିଅକୁ ସାଧାରଣ ଜୀବନକୁ ଫେରାଇ ଆଣିବା ପାଇଁ ବହୁତ ଚେଷ୍ଟା କରିଥିଲେ | ସେ ପୁନେ ସହରର ପୋଲିସ ମୁଖ୍ୟ ଅଧିକାରୀଙ୍କୁ ବହୁତ ଭଲଭାବରେ ଜାଣିଥିଲେ, ତେଣୁ ସେ ତାଙ୍କର ସାହାଯ୍ୟ ଆଶା କରିଥିଲେ । ଏହିପରି ଭାବରେ ଆରମ୍ଭ ହୋଇଥିଲା 'ଲକ୍ଷ୍ମଣ ଓ ଇନ୍ଦ୍ରଜିତ' ମଧ୍ୟରେ ଘମାଘୋଟ ସଂଘର୍ଷ । ରାମାୟଣ ସମୟରେ ଉର୍ମିଳା'ଙ୍କ ସହାୟତା ହେତୁ ଲକ୍ଷ୍ମଣ ଇନ୍ଦ୍ରଜିତଙ୍କ ଉପରେ ବିଜୟ ପ୍ରାପ୍ତ କରିଥିଲେ । କିନ୍ତୁ ଆଜିର ଲେହେର'ତ ସୌମିତ୍ର'ଙ୍କର ସହାୟତା କରିପାରିବେ ନାହିଁ । ତେଣୁ ଇନ୍ଦ୍ରଜିତର ଶକ୍ତିବାଣ କୌଣସି ଉପାୟରେ ସୌମିତ୍ରଙ୍କ ହୃଦୟକୁ ଅଗ୍ନିର ଜ୍ୱାଳାରେ ବଶୀଭୂତ କରିବ ହିଁ କରିବ ।

ସୌମିତ୍ର ନିଜର ଭଲ ଚାକିରୀ ଓ ଜୀବନକୁ ଖୁବ ସୁନ୍ଦର ଭାବରେ ଉପଭୋଗ କରି ଚାଲିଥିଲେ । ଜୀବନରେ କର୍ମର ଫଳ ପୂର୍ଣରୂପରେ ପ୍ରତ୍ୟେକ ମନୁଷ୍ୟକୁ ମିଳିଥାଏ । ମନୁଷ୍ୟ ଯଦି ଭଲ କର୍ମ କରେ, ତାକୁ ପୂଣ୍ୟରୂପୀ ଫଳ ମିଳିଥାଏ ଅଥବା ପାପରୂପୀ । ହଠାତ ଦିନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜର 'ରୟାଲ ଏନ୍‌ଫିଲଡ କ୍ଲାସିକ ୩୫୦' ମଡେଲ ମୋଟର ସାଇକେଲରେ ଯାଉଥିଲା ବେଳେ, ପୁନେ ସହରର ଟ୍ରାଫିକ ପୋଲିସ ସୌମିତ୍ର'ଙ୍କୁ ଅତ୍ୟଧିକ ବେଗରେ ଗାଡି ଚଳାଉଥିବା ଅଭିଯୋଗରେ ଅଟକାଇଥିଲେ । ଭାଗ୍ୟର ବିଡମ୍ବନା । ପୋଲିସ ଡ୍ରାଇଭିଂ ଲାଇସେନ୍‌ସ ମାଗିଲାରୁ ସୌମିତ୍ର ନିଜର ୱାଲେଟ ଖୋଜି ଚାଲିଥିଲେ । ସେ ଭୁଲି ଯାଇଥିଲେ କି ତାଙ୍କର ଡ୍ରାଇଭିଂ ଲାଇସେନ୍‌ସଟି କୌଣସି କାରଣ ହେତୁ ଲେହେର'ର ଆଲମାରୀ ମଧ୍ୟରେ ରହି ଯାଇଥିଲା । ବିନା ଲାଇସେନ୍‌ସରେ ଗାଡି ଚଳାଇବା ଯୋଗୁଁ ପୋଲିସ ଗାଡ଼ିଟିକୁ ନିକଟତମ ଫାଣ୍ଡିକୁ ଉଠାଇ ନେଇଥିଲେ ଏବଂ ଚାଲାଣ ଭରିବାକୁ ସେଠିକୁ ଯିବାକୁ ଆଦେଶ ଦେଇଥିଲେ । ଅଫିସ ଠିକ ସମୟରେ ପହଞ୍ଚି ନପାରିବାରୁ ମ୍ୟାନେଜର ସୌମିତ୍ର'ଙ୍କୁ ବାରମ୍ବାର ଫୋନ କରୁଥିଲେ । କ୍ଲାଏଣ୍ଟ ମିଟିଙ୍ଗରେ ସୌମିତ୍ରଙ୍କୁ ପ୍ରେଜେଣ୍ଟେସନ ଦେବାର ଥିଲା । କିନ୍ତୁ ସେ ଅଫିସ ନପହଞ୍ଚିବାରୁ ମିଟିଙ୍ଗକୁ ସ୍ଥଗିତ କରାଗଲା । ସୌମିତ୍ରଙ୍କୁ ପ୍ରାୟ ୩ଘଣ୍ଟା ସମୟ ଲାଗିଗଲା, ସେହି ଫାଣ୍ଡିରୁ ବାହାରିବାରେ । ଅଫିସରେ ପହଞ୍ଚି ସବୁ ଘଟଣା ବର୍ଣ୍ଣନା କରିଲା ପରେ, ମ୍ୟାନେଜର ପରବର୍ତ୍ତୀ ଗୁରୁବାର ଦିନ ୨ଟା ସମୟରେ ମିଟିଙ୍ଗର ସମୟ ସ୍ଥିର କଲେ । ଏହାଥିଲା ସୌମିତ୍ର'ଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ । ଯଦି କ୍ଲାଏଣ୍ଟ ତାଙ୍କର ପ୍ରେଜେଣ୍ଟେସନ ଦ୍ୱାରା ଖୁସିହୋଇଯାଏ, ତାହେଲେ ସୌମିତ୍ର କ୍ଲାଏଣ୍ଟ'ର ଲଣ୍ଡନ ଅଫିସରେ କାମ କରିବାକୁ ଯାଇପାରିବେ । ଶ୍ରୁତି କିପରି ଭାବରେ ଏହା ଜାଣିବାକୁ ପାଇଥିଲେ ଏବଂ କୁଷଧ୍ୱଜ ଅଙ୍କଲଙ୍କୁ ଜଣାଇଥିଲେ; ଖବରଟି ଫେରିଆସି ପହଞ୍ଚିଥିଲା ପୁନେ ପୋଲିସ ମୂଖ୍ୟ ଅଧିକାରୀଙ୍କ ନିକଟରେ । ଡ୍ରାଇଭିଂ ଲାଇସେନ୍‌ସ ନଥିବାରୁ, ଏଥର ସାହାସ ନକରି, ସୌମିତ୍ର ଗୁରୁବାରଦିନ ସକାଳ ୮ଟାରେ ଉବେରଟାକ୍ସିରେ ଅଫିସ ଯିବାର ଖବର ମିଳିଗଲା । ଉବେର ଟାକ୍ସିଟି ସୌମିତ୍ର'ଙ୍କୁ ନେଇ 'ଆଇଏନସି ସଫ୍ଟୱେୟାର' କମ୍ପାନୀ ଅଭିମୁଖେ ଯାତ୍ରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରମ୍ଭକଲା, ନିକଟତମ ଟ୍ରାଫିକ ଜଙ୍କ୍ସନରେ ପହଞ୍ଚି ଦେଖେ କି ହଠାତ ଟ୍ରାଫିକ ସିଗ୍ନାଲ କାମ କରୁ ନଥିଲା; ବଡ ଆଶ୍ଚର୍ଯ୍ୟ କଥା । ପାଞ୍ଚଟି ମିନିଟ ମଧ୍ୟରେ ସିଗ୍ନାଲ କାମକରିବା ବନ୍ଦ କରିଦେଲା । ତେଣୁ ବାଧ୍ୟହୋଇ ଡ୍ରାଇଭର ସେହି ଜଙ୍କ୍ସନରେ ଗାଡିଟି ରୋକିଦେଲେ, ପଛରୁ ଆସୁଥିବା ପୋଲିସ ଗାଡି ଖୁବଜୋରରେ ଧକ୍କା ଦେଲା । ସୌମିତ୍ର ଟାକ୍ସିରୁ ବାହାରି ଡ୍ରାଇଭରକୁ ପଇସା ଦେଇ ଯିବାବେଳେ ପୋଲିସ ତାଙ୍କୁ ଅଟକାଇ ଦେଲେ ଏବଂ ସାକ୍ଷୀ ପଡ଼ିବାକୁ ବାଧ୍ୟକଲେ । ବହୁତ ନେହୁରା ହେବାପରେ ପ୍ରାୟ ୩ଘଣ୍ଟା ସମୟପରେ ପୋଲିସ ତାଙ୍କୁ ଯିବାକୁ ଦେଇଥିଲେ ଏବଂ ଧଇଁସଇଁ ହୋଇ ସେ ଆସି ପହଞ୍ଚିଥିଲେ ନିଜ ଅଫିସରେ । ଯାହାବି ହେଉ, ମିଟିଙ୍ଗଟି ହୋଇଥିଲା ଏବଂ ସୌମିତ୍ର ଯେ ଭଲ ପ୍ରେଜେଣ୍ଟେସନ ଦେଇପାରିଥିଲେ । କ୍ଲାଏଣ୍ଟ ଖୁସିଥିଲେ ଏବଂ ତାଙ୍କୁ ଲଣ୍ଡନ ଅଫିସ ଆସିବାକୁ ପ୍ରସ୍ତାବ ଦେଇଥିଲେ । ଖୁସିରେ ସୌମିତ୍ର ପାଗଳ ହୋଇଯାଉଥିଲେ ଏବଂ ମ୍ୟାନେଜର ସହିତ ସନ୍ଧ୍ୟା ସମୟରେ ଖୁବ ପାର୍ଟି କରିଥିଲେ ।

ଲଣ୍ଡନ ଯିବାପାଇଁ ସୌମିତ୍ରାଙ୍କର ଭିସା ହୋଇଗଲା । ଏହି ଖବର ମଧ୍ୟ ଶ୍ରୁତିକୁ ଜଣାପଡିଥିଲା ଏବଂ ତାଙ୍କଦ୍ୱାରା ଲେହେରଙ୍କୁ । ଲେହେର କିନ୍ତୁ ସେଥିରେ ମନ ନଦେଇ ନିଜ ଜୀବନକୁ ସୁଧାରିବାକୁ ଚେଷ୍ଟା କରୁଥିଲେ । ହଠାତକରି ଲେହେର'ଙ୍କର ମୋବାଇଲ ଫୋନଟି ବାଜିବାକୁ ଲାଗିଲା । ରାତ୍ରୀର ୯ଟା ସମୟ, ଅନ୍ୟ ପକ୍ଷରେ ସୌମିତ୍ର । ସେ ଲେହେରଙ୍କୁ ଧନ୍ୟବାଦ ଜଣାଇଥିଲେ କାରଣ ତାଙ୍କୁ ଚାକିରୀଟି ଲେହେର'ଙ୍କ ସହାୟତାରେ ହିଁ ମିଳିଥିଲା । ଦ୍ୱିତୀୟତଃ ତାଙ୍କର ଲଣ୍ଡନ ଯିବା ସୁନିଶ୍ଚିତ ହୋଇଗଲା ବୋଲି କହିଥିଲେ । କିନ୍ତୁ ତାଙ୍କର ସ୍ୱରରେ ଲେହେର ପ୍ରତି କରିଥିବା ଅନ୍ୟାୟର ପ୍ରାୟଶ୍ଚିତ ପାଇଁ କିଛି ବି ଝଲକ ନଥିଲା । ଫୋନଟି ଶାନ୍ତ ହେବାପରେ ଲେହେର ନିଜକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଷଧ୍ୱଜ ଅଙ୍କଲ ଯେତେ ଚେଷ୍ଟାକଲେ ମଧ୍ୟ ସୌମିତ୍ରଙ୍କୁ ଶିକ୍ଷା ଦେଇପାରିନଥିଲେ ।

ଲଣ୍ଡନ ଯିବାର ଦିନ ଆସିଗଲା । ଏହାଥିଲା ୧ମାର୍ଚ୍ଚ ୨୦୧୮, ଲେହେର'ର ଜନ୍ମଦିନ । ଲେହେର ଯେ ନିଜର ଜନ୍ମଦିନ ବି ଭୁଲିଯାଇଥିଲେ । ୧ମାର୍ଚ୍ଚ ୨୦୧୭ ରାତ୍ରୀରେ ଭଲମନ୍ଦ ବିଚାର ନକରି ପାରି ଅତିଶୀଘ୍ର ପ୍ରେମରେ ବିଶ୍ୱାସକରି ସେ ତାଙ୍କ ଜୀବନର ସମସ୍ତ ପୁଞ୍ଜି ହରାଇଥିଲେ । ଏହାମଧ୍ୟରେ ଏକବର୍ଷ ବିତିଗଲା । ସେ ଲାଲଗୋଲାପ, ସଂପେନ ବଟଲ ସବୁ ଯେପରି ଲେହେରକୁ ଭୁତପରି ଗୋଡ଼ାଇ ଚାଲିଥିଲେ ଏବଂ ସେ ଏହି ପୃଥିବୀର କୌଣସି ସ୍ଥାନରେ ନିଜର ଆଘାତ ଶରୀରକୁ ଲୁଚାଇ ପାରୁନଥିଲେ । ଅପରପକ୍ଷରେ ୧ମାର୍ଚ୍ଚ ୨୦୧୮ ଯେ ସୌମିତ୍ରଙ୍କ ଜୀବନରେ ସଫଳତାର ଦିବସ, କିନ୍ତୁ ସେ ପୂର୍ଣ୍ଣରୂପରେ ଭୁଲିଯାଇଥିଲେ କି ଠିକ ୧ବର୍ଷ ତଳେ ସେ କାହାର ସର୍ବସ୍ୱ ଲୁଟିନେଇଥିଲେ । ଲେହେର ହୃଦୟରୁ ବହୁତ ସୁନ୍ଦର ହୋଇଥିବାରୁ ସେ କେବେ ସୌମିତ୍ରଙ୍କୁ ଦୁଃଖ ଦେଇପାରିବେ ନାହିଁ, ଏହା ସୌମିତ୍ର ଭଲଭାବରେ ଜାଣିଥିଲେ ଏବଂ ତାହାର ଫାଇଦା ଉଠାଉଥିଲେ ।

ସବୁଦିନ ପରି ୧ମାର୍ଚ୍ଚ ୨୦୧୮ ଦିନ ଲେହେର ଠିକ ସମୟରେ ଅଫିସ ପହଞ୍ଚିଥିଲେ । କିଛି ତ ପରିବର୍ତ୍ତନ ହୋଇଥିଲା । ବୋଧହୁଏ ରାହୁ, କେତୁ ଏବଂ ଶନିଗ୍ରହ ସ୍ଥାନ ବଦଳାଇଥିଲେ । ୧୨ମାସର ନିଦ୍ରାକୁ ଭଙ୍ଗକଲେ ଲେହେର । ଶ୍ରୁତିକୁ ଫୋନକଲେ । ଅସୁସ୍ଥତାର ବାହାନାକରି ଦୁଇବନ୍ଧୁ ନିଜ ନିଜର ଅଫିସରୁ ବାହାରିଗଲେ । ସେ ଦୁହିଁଙ୍କର ଗନ୍ତବ୍ୟସ୍ଥଳ ଥିଲା ପୁନେ ସହରର ପୋଲିସ ମୂଖ୍ୟ ଅଧିକାରୀ ଅଫିସ । ସେଠାରେ ପହଞ୍ଚି କୁଷଧ୍ୱଜ ଅଙ୍କଲଙ୍କର ଫୋନର ସହାୟତାରେ ମୂଖ୍ୟ ଅଧିକାରୀଙ୍କୁ ତୁରନ୍ତ ଭେଟକରିବାର ସୁଯୋଗ ପାଇପାରିଥିଲେ । ଲେହେର ଆଜି ନିଜ ହୃଦୟରେ ଲୁଚାଇ ରଖିଥିବା ଦୁଃଖକୁ ନଦୀପରି ବହିବାକୁ ଦେଇଥିଲେ; ସମ୍ପୂର୍ଣ୍ଣ ଘଟଣାବଳୀ ଶୁଣାଇଥିଲେ ମୂଖ୍ୟଅଧିକାରୀଙ୍କୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁକିଛି ଶୁଣିବାପରେ ମୂଖ୍ୟ ଅଧିକାରୀ ଏକମାତ୍ର ପ୍ରଶ୍ନ କରିଥିଲେ । ତାହାଥିଲା 'ଲେହେର, ତୁମେ ଏପର୍ଯ୍ୟନ୍ତ ନିଜକୁ ଘୃଣା କରୁଛ କି?' ସ୍ତବ୍ଧ ହୋଇ ସମସ୍ତେ ରହିଗଲେ ଏବଂ ନିରବତାକୁ ଭଙ୍ଗକରି ଲେହେର ଉତ୍ତର ଦେଇଥିଲେ 'ହଁ' ।

ମୁଖ୍ୟ ଅଧିକାରୀ ଆଦେଶ ଦେଇଥିଲେ କି ତତକ୍ଷଣାତ ଶ୍ରୀଯୁକ୍ତ ସୌମିତ୍ର ମେହେରା'ଙ୍କ ନାମରେ ନାରୀ ନିର୍ଯ୍ୟାତନାର 'ଅନବେଲେବୁଲ ଆରେଷ୍ଟ ୱାରେଂଟ' ଜାରି କରାଯାଉ ଏବଂ ଏହି ନିର୍ଯ୍ୟାତନାର ଭୁକ୍ତଭୋଗୀ ନାରୀ ଥିଲେ ଲେହେର ଏବଂ ସାକ୍ଷୀ ଥିଲେ ଶ୍ରୁତି । ନିର୍ଦ୍ଦେଶାନୁଯାୟୀ ୧୫ମିନିଟ ମଧ୍ୟରେ ନୋଟିସଟି ଜାରୀ କରାଯାଇଥିଲା ଏବଂ ତୁରନ୍ତ ଦେଶର ପ୍ରତ୍ୟେକ ଅନ୍ତର୍ଦ୍ଦେଶୀୟ ଏୟାରପୋର୍ଟକୁ ଫାକ୍ସ କରାଯାଇଥିଲା ଏବଂ ଏହି ଖବରଟି ଗୋପନୀୟ ରଖାଯାଇଥିଲା କାରଣ ଏହା ଏକ ନାରୀର ସମ୍ମାନ ଓ ଜୀବନ ସହିତ ଜଡିତ ଥିଲା ।

ମୁମ୍ବାଇ ଅନ୍ତର୍ଦ୍ଦେଶୀୟ ଏୟାରପୋର୍ଟରେ ପହଞ୍ଚି ସୌମିତ୍ର ଇମିଗ୍ରେସନ ପାର କରିବାପାଇଁ ଲାଇନରେ ଛିଡାହୋଇଥିଲେ । ଖୁବ ଖୁସିର ସହିତ ଗୀତ ଗାଇ ଚାଲିଥିଲେ । ତାଙ୍କର ନମ୍ବର ଆସିବାରୁ ସେ ନିଜର ପାସପୋର୍ଟ, ଟିକେଟ, ଭିସା ଇତ୍ୟାଦି ଇମିଗ୍ରେସନ ଅଫିସରଙ୍କୁ ଦେଇଥିଲେ । ପାସପୋର୍ଟଟି ସ୍କାନ କରିବା କ୍ଷଣି ହଠାତ ଅଫିସର'ଙ୍କର କମ୍ପ୍ୟୁଟର ସ୍କ୍ରୀନରେ ଦେଖାଦେଲା 'ଅନବେଲେବୁଲ ଆରେଷ୍ଟ ୱାରେଂଟ' ଏବଂ ତୁରନ୍ତ ଗୋପନୀୟ ଭାବରେ ସେହି ଅଫିସର ଏୟାରପୋର୍ଟ ପୋଲିସକୁ ସୂଚନା ଦେଇଥିଲେ । ଦେଖୁଦେଖୁ ୨ଟି ମିନିଟ ସମୟ ମଧ୍ୟରେ ସୌମିତ୍ର'ଙ୍କୁ ପୋଲିସ ଗାୟବ କରିନେଇଥିଲା । ଘଟଣାକ୍ରମ ଏତେ ଶୀଘ୍ର ଘଟିଗଲା ଯେ ସୌମିତ୍ର କିଛି ବୁଝିପାରୁ ନଥିଲେ । ବାରମ୍ବାର ପ୍ରଶ୍ନକରିବାରୁ ପୋଲିସ ଉତ୍ତର ଦେଇଥିଲେ 'ଗୋପନୀୟ ବିଷୟ' । ରାତ୍ରିଟି ପୋଲିସ ଷ୍ଟେସନରେ ବିତାଇବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ଆଖିଆଗରେ ନିଜର ସ୍ୱପ୍ନଗୁଡିକ ଧୂଳିସାତ ହେବାର ଦୃଶ୍ୟ ନାଚିଯାଉଥିଲା । ଏଥିରେ ଦୋଷ କାହାର, ସେ ନିଜେ ବି ଠିକଭାବରେ ବୁଝିବା ପରିସ୍ଥିତିରେ ନଥିଲେ ।

ପରବର୍ତ୍ତୀ ଦିନ ମୁମ୍ବାଇ ପୋଲିସ 'ଆଇଏନସି ସଫ୍ଟୱେୟାର' କମ୍ପାନୀକୁ ଫୋନକରି ଘଟଣାର ବୃତ୍ତାନ୍ତ ଶୁଣାଇଥିଲେ ଏବଂ ସୌମିତ୍ର'ଙ୍କର ଜୟପୁର ସ୍ଥିତ ପରିବାରକୁ ମଧ୍ୟ । ପରିବାରବର୍ଗ ମୁମ୍ବାଇରେ ପହଞ୍ଚି ସୌମିତ୍ର'ଙ୍କର ବେଲ ପାଇଁ ଚେଷ୍ଟାକଲେ ମଧ୍ୟ ବେଲ ମିଳୁନଥିଲା କାରଣ ମାମଲାଟି ନାରୀ ନିର୍ଯାତନା ପରି ଦୁଷ୍କର୍ମ ଥିଲା । ତା'ଛଡା ରାଜସ୍ଥାନର ରାଜନୈତିକ ଚାପ ମୁମ୍ବାଇ ସହରରେ କାମ କରୁନଥିଲା । କେସଟି ମୁମ୍ବାଇ ଉଚ୍ଚ ନ୍ୟାୟାଳୟକୁ ପଠାଗଲା, ପ୍ରାୟ ୬ମାସ ଧରି ବିଚାରଧୀନ ରହିଥିଲା । ଶେଷରେ ଉଚ୍ଚ ନ୍ୟାୟାଳୟର ବିଚାରପତି ନାରୀର ସମ୍ମାନକୁ ରକ୍ଷାକରି ଫୈସଲା ଶୁଣାଇଥିଲେ । ଫୈସଲାଟି ସୌମିତ୍ର'ଙ୍କୁ ରାବଣପୁତ୍ର ଇନ୍ଦ୍ରଜିତର ଶକ୍ତିଘାତ ପରି ଲାଗିଥିଲା । ୧୪ବର୍ଷ ପର୍ଯ୍ୟନ୍ତ କାରାଗାରରେ ସୀମିତ ରହିବାକୁ ଆଦେଶ ମିଳିଥିଲା । ଆଜିର ସୌମିତ୍ର 'ଆକା ଲକ୍ଷ୍ମଣ' ଆଜି ପୁନେ ସହରର ବିଖ୍ୟାତ 'ୟେରୱାଡା ଜେଲ'ରେ ଅଛନ୍ତି । ମୁନାଭାଇ'ଠୁ ଶିକ୍ଷା ଗ୍ରହଣକରି ସେ ମଧ୍ୟ ରେଡ଼ିଓ ଜକ୍କୀ ବନି ଇଂଲିଶ ଗୀତ ବଜାଇଚାଲିଛନ୍ତି 'ଲଭ ମି ଆଜ ୟୁ ଡୁ... '।

ଡା. ପ୍ରଶାନ୍ତ କୁମାର ନାୟକ

ବ୍ରୁନେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାଲିସୂତା ଓ କଳାସୂତା ରହସ୍ୟ



ବାଲ୍ମୀକି ନାୟକ

ମୁଁ ପ୍ରାୟ ପ୍ରତିଦିନ ପ୍ରାତଃ ଭ୍ରମଣରେ ଯାଏ । ନିକଟସ୍ଥ ପୋଖରୀ ଚାରି ପାଖରେ ଦୁଇ ଘେରା ବୁଲି ସାରି ଗୋଟିଏ ସ୍ଥାନରେ ଶାରୀରିକ ବ୍ୟାୟାମ କରେ । ମୁଁ ପାଦରୁ ମୁଣ୍ଡ ଯାଏଁ ପର୍ଯ୍ୟାୟକ୍ରମେ ସମସ୍ତ ଅବୟବର ବ୍ୟାୟାମ କରେ ।

ଦିନେ ମୁଁ ବ୍ୟାୟାମ କରୁଥିବା ବେଳେ ଦେଖିଲି ଜଣେ ଆଧୁନିକା ଯୁବତୀ ଚୁସ୍ତ ଟ୍ରାକିଙ୍ଗ ସୁଟ ପିନ୍ଧି ନିକଟସ୍ଥ ବେଞ୍ଚରେ ବସି ମୋବାଇଲରେ ଚାଟିଙ୍ଗ କରୁଥିଲା । ମୋର ବ୍ୟାୟାମ କରୁଥିବା ଶୈଳୀ ହୁଏତ ତାଙ୍କୁ ପସନ୍ଦ ହୋଇଥିଲା । ମୋର ବ୍ୟାୟାମ ଶେଷ ହେବା ପରେ ସେ ଉଠିପଡ଼ି ମୋତେ 'ନମସ୍ତେ ଅଙ୍କଲ' କହିଲା । ମୁଁ ପ୍ରତି ନମସ୍କାର କଲି । ସେ କହିଲା– 'ଅଙ୍କଲ ଆପଣଙ୍କର ବ୍ୟାୟାମ ଶୈଳୀ ବହୁତ ଭଲ ।'

ମୁଁ କହିଲି - ଧନ୍ୟବାଦ । ତୁମେ ମଧ୍ୟ ଏଠାରେ ବସିବା ଅପେକ୍ଷା କିଛି ବ୍ୟାୟାମ କର । ସେ କହିଲା - ଆପଣ ମୋତେ ଦୟାକରି ଏହି ସବୁ ବ୍ୟାୟାମ ଶିଖାଇ ଦେବେକି ? ମୁଁ ତାଙ୍କୁ ସେ ଦିନ ପୁଣି ଥରେ ସବୁ ବ୍ୟାୟାମ କରି ଦେଖାଇ ଦେଲି ।

ଆମର ବାର୍ତ୍ତାଳାପ ସହଜ ହେବା ପରେ, ମୁଁ ତାଙ୍କର ପରିଚୟ ଜାଣିବାକୁ ଚାହିଁଲି । ସେ କହିଲା - ଆମେ ଉତ୍ତରଭାରତରୁ ଆସି ବାଙ୍ଗାଲୋରରେ ଗତ ଦୁଇ ବର୍ଷ ହେଲା ଅଛୁ । ମୋ ସ୍ୱାମୀ ଚାକିରି କରୁଛନ୍ତି । ମୁଁ ମଧ୍ୟ ଏମ.ବି.ଏ କରିଛି । ଚାକିରି ଖୋଜୁଛି । ମୋ ନାଁ ସରସ୍ୱତୀ..... (ଛଦ୍ମ ନାମ) ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ତାଙ୍କ ଦେହରେ ହିନ୍ଦୁ ବିବାହିତା ସ୍ତ୍ରୀର କୌଣସି ଚିହ୍ନ ଦେଖିଲି ନାହିଁ । ତେଣୁ ପଚାରିଦେଲି - ତୁମକୁ ଦେଖି ଜାଣି ହେଲାନି ଯେ ତୁମେ ବିବାହିତା ସ୍ତ୍ରୀ । ସେ ଖୁବ ଦୃଢତାର ସହ କହିଲା– "ଆଜିକାଲି ଆଉ ସେହି ରୂଢିବାଦୀ ପରମ୍ପରାକୁ ମାନିଲେ ଚଳି ହେବକି ଅଙ୍କଲ ? ଯୁଗ ସହିତ ପାଦ ମିଳାଇ ନ ଚାଲିଲେ ତ ଆମେ ପଛରେ ରହିଯିବା ।"

ମୁଁ କହିଲି - ଠିକ କହୁଛ ! ହେଲେ ଯଦି ଖରାପ ଭାବିବ ନାହିଁ ଗୋଟିଏ କଥା ପଚାରିବି ? ସେ କହିଲା- ହଁ ପଚାରନ୍ତୁ । ମୁଁ ତାଙ୍କର ଡାହାଣ ହାତରେ ବାନ୍ଧିଥିବା ନାଲି ସୂତା ଓ ଡାହାଣ ପାଦର ଗୋଇଠି ଉପରେ ବାନ୍ଧିଥିବା କଳା ସୂତା ପ୍ରତି ଲକ୍ଷ୍ୟ କରି ପଚାରିଲି - ଏଗୁଡିକ କେବେ ଠାରୁ ବାନ୍ଧିଛ ? ଏହାଦ୍ୱାରା ତୁମର କ'ଣ ସବୁ ଫାଇଦା ହେଉଛି ?

ସେ ବହୁତ ସହଜ ଗଳାରେ କହିଲା–"ବେଳେ ବେଳେ ମନ୍ଦିରକୁ ଗଲେ ପୂଜାରୀ ହାତରେ ନାଲି ସୂତା ବାନ୍ଧି ଦିଅନ୍ତି । କିନ୍ତୁ ବହୁତ ଚେଷ୍ଟା କରି ମଧ୍ୟ ଚାକିରିଟିଏ ମିଳୁ ନଥିବାରୁ, ଜଣେ ଜ୍ୟୋତିଷଙ୍କ ନିର୍ଦ୍ଦେଶରେ, ସେ ଦେଇଥିବା ଏହି କଳା ସୂତାଟି ଗତ ବର୍ଷେ ହେବ ବାନ୍ଧିଛି । ଫାଇଦା କ'ଣ ହେଉଛି ଜାଣେନି କିନ୍ତୁ ବିଶ୍ୱାସ ଅଛି ।"

ମୋର ହେତୁବାଦୀ ମନରେ ଦୁଷ୍ଟାମୀ ବୁଦ୍ଧି ପଶିଲା । ତାଙ୍କୁ କହିଲି –"ଠିକ କହିଛ । ହେଲେ ମୁଁ ମଧ୍ୟ ଜ୍ୟୋତିଷ ଶାସ୍ତ୍ର ପଢିଛି । ସେଥିରେ ସ୍ତ୍ରୀମାନଙ୍କର ବାମ ହାତରେ ଓ ବାମ ଗୋଡ଼ରେ ଏସବୁ ବାନ୍ଧିଲେ ବେଶୀ ଭଲ ଫଳ ମିଳେ ବୋଲି ଲେଖାଅଛି । ସ୍ତ୍ରୀକୁ 'ବାମାଙ୍ଗୀ' ବୋଲି କୁହାଯାଏ । ଜ୍ୟୋତିଷମାନେ ସ୍ତ୍ରୀଙ୍କ ବାମ ହସ୍ତ ଦେଖି ଭୂତ ଭବିଷ୍ୟତ କଥା କହିଥାନ୍ତି। ହଉ ଆଜି ମୁଁ ଯାଉଛି । ମୁଁ ତୁମର ମଙ୍ଗଳ କାମନା କରୁଛି ଶୀଘ୍ର ଚାକିରି ମିଳିଯାଉ ।

ତା'ପରେ ମୁଁ ପ୍ରାୟ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ କିଛି କାର୍ଯ୍ୟବ୍ୟସ୍ତ ଯୋଗୁଁ ପ୍ରାତଃ ଭ୍ରମଣରେ ଯାଇ ପାରିଲି ନାହିଁ । ଦିନେ ଯାଇ ଦେଖିଲି ସେହି ଝିଅଟି ସେଇଠି ମୁଁ ଶିଖାଇ ଥିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟାୟାମ ଗୁଡିକ କରୁଛି । ମୋତେ ଦେଖି ଭାରି ଖୁସି ହୋଇ ନମସ୍ତେ କଲା । ପଚାରିଲା – "ଆପଣଙ୍କ ଦେହ ସୁସ୍ଥ ଅଛି ତ ଅଙ୍କଲ ? ଆପଣ ବହୁତ ଦିନ ହେଲା ଆସୁ ନଥିବାରୁ ମୁଁ ଚିନ୍ତାରେ ଥିଲି ।" ମୁଁ କହିଲି –"ହଁ ଝିଅ, ମୁଁ ଠିକ ଅଛି କିନ୍ତୁ କିଛି କାମ ପଡିଯିବାରୁ ଆସି ପାରୁନଥିଲି ।"

ସେ କହିଲା –"ମୁଁ ଆପଣଙ୍କୁ ଧନ୍ୟବାଦ ଦେବାପାଇଁ ଗତ ତିନି ଦିନ ହେଲା ଏଠାକୁ ଆସି ଅପେକ୍ଷା କରି କରି ଫେରୁଛି ।"

ମୁଁ ଟିକିଏ ଆଶ୍ଚର୍ଯ୍ୟ ହୋଇ ପଚାରିଲି –"କ'ଣ ପାଇଁ ଧନ୍ୟବାଦ ଦେବ ?"

ସେ କହିଲା –"ମୁଁ ଆପଣଙ୍କର କଥା ମାନି ଏହି ସୂତାଗୁଡିକ ମୋର ବାମ ହାତ ଓ ପାଦରେ ବାନ୍ଧି ଦେଲି । ସେଥିପାଇଁ ଗତ ଚାରି ଦିନ ତଳେ ମୋତେ ଗୋଟିଏ ଭଲ ଚାକିରିଟିଏ ମିଳିଗଲା । ଆପଣ ସତରେ ଜଣେ ଜ୍ଞାନୀ ବ୍ୟକ୍ତି । ଆପଣଙ୍କୁ ପ୍ରଣାମ କରୁଛି ।"

ମୁଁ ସେତେବେଳେ ଖୁସି ହେବି ନା ତା'ର ଭୋଳାପଣ ଦେଖି ଦୁଃଖ କରିବି ବୁଝି ପାରୁନଥିଲି ? ନିଜକୁ ସଂଯତ କରି କହିଲି –"ବହୁତ ଖୁସିର କଥା । ଏବେ ଟିକିଏ ଧୈର୍ଯ୍ୟର ସହ ମୋ କଥା ଶୁଣ ।

ମୁଁ ଜଣେ ନିରୀଶ୍ୱରବାଦୀ ଓ ମାନବବାଦୀ ବ୍ୟକ୍ତି । ଭିତ୍ତିହୀନ ବିଶ୍ୱାସ ଓ ଅହେତୁକ ଭୟରୁ ମୁଁ ବହୁତ ଦୂରରେ ରହୁଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ତର୍କସଙ୍ଗତ ଭାବେ ପ୍ରତ୍ୟେକ କଥାକୁ ବିବେଚନା କରି, ପରେ ତାକୁ ବିଶ୍ୱାସ କରେ ।

ଏଇଠି ତୁମର ବିଶ୍ୱାସ ଓ ଜୀବନ ଶୈଳୀ ଉପରେ ଆମେ ଆଲୋଚନା କରିବା । ଦେଖ ! ତୁମେ ଉଚ୍ଚଶିକ୍ଷା ଲାଭ କରିଥିବାରୁ, ତୁମ ପରିବାର ଓ ସମାଜର କିଛି କିଛି ରୂଢ଼ିବାଦୀ ପରମ୍ପରାକୁ ଛାଡି, ଆଧୁନିକ ଜୀବନଶୈଳୀକୁ ଆପଣେଇ ନେଇଛ । ଏହା ହେଉଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମର ବୈଜ୍ଞାନିକ ଚିନ୍ତନ । କିନ୍ତୁ ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନ ସିଦ୍ଧ ବିଦ୍ୟା ନୁହେଁ, ତଥାପି ତୁମେ ତାକୁ ବିଶ୍ୱାସ କରି ହାତରେ,ପାଦରେ ମନ୍ତ୍ରସିଦ୍ଧ ନାଲି ଓ କଳା ସୂତା ବାନ୍ଧିଲେ ନିଜର ମଙ୍ଗଳ ହେବ ବୋଲି ଭାବୁଛ । ଯେଉଁ ହାତରେ ନାରୀର ଆଭୂଷଣ ସୁନା ଚୁଡ଼ି ଶୋଭା ପାଉଥାନ୍ତା, ସେ ହାତରେ ମଇଳା ନାଲି ସୂତା ଖଣ୍ଡେ ବାନ୍ଧି ବୁଲୁଛ । ଯେଉଁ ପାଦରେ ରୂପା ପାଉଁଜି ଶୋଭା ପାଉଥାନ୍ତା, ସେଥିରେ କଳା ସୂତାଟିଏ ବାନ୍ଧିଛ । ନିଜେ କୁହ - ତୁମର ଆଧୁନିକ ମ୍ୟାଚିଙ୍ଗ ଡ୍ରେସ ସହ ଏଗୁଡିକ କ'ଣ ମ୍ୟାଚ କରୁଛି ?

ତୁମର ବିଶ୍ୱାସକୁ ତୁମେ ନିଜେ ହିଁ ପରୀକ୍ଷା କର । ଗତ ବର୍ଷେ ହେଲା ତୁମେ ସେହି ଜ୍ୟୋତିଷଙ୍କ କଥାକୁ ବିଶ୍ୱାସ କରୁଥିଲ । ମୋର ଦୁଇ ପଦ କଥାରେ ତୁମର ବିଶ୍ୱାସ ବଦଳି ଗଲା । କାରଣ ତୁମର ବିଶ୍ୱାସ ଏକ ଭିତ୍ତିହୀନ ବିଶ୍ୱାସ ଥିଲା । ତା'ସହିତ ସଂଯୋଗ ବଶତଃ ତୁମକୁ ଚାକିରି ମିଳିଯିବାରୁ, ମୋ କଥା ହିଁ ଠିକ ଭାବି ବାମ ହାତ ଓ ଗୋଡ଼ରେ ସୂତା ବାନ୍ଧି ରଖିବ । ପରେ ଅନେକ ଥର ଅସଫଳ ହେଲେ ମଧ୍ୟ ଏହି ଘଟଣାକୁ ଉଦାହରଣ ରୂପେ କହି ବୁଲିବ ।

ବର୍ତ୍ତମାନ ତୁମର ଚାକିରି ପାଇବା କଥା ଭାବିବା । ତୁମେ ବହୁତ ଦିନରୁ ବିଭିନ୍ନ କମ୍ପାନୀରେ ନିଜର ଯୋଗ୍ୟତା ଓ ଶିକ୍ଷା ସାର୍ଟିଫିକେଟ ସହିତ ଆବେଦନକରିଥିଲ । ତୁମର ଯୋଗ୍ୟତାକୁ ଏହିକମ୍ପାନୀ ଗ୍ରହଣ କରିଥିବାରୁ, ଚାରି ଦିନ ତଳେ ତୁମକୁ ଚାକିରି ମିଳିଗଲା । ସେଥିପାଇଁ ମୋର ଉପଦେଶ ବା ଏହି ସୂତାମାନଙ୍କର କୌଣସି ଭୂମିକା ନାହିଁ । ଏହା ଏକ ସଂଯୋଗ ମାତ୍ର ।

ଝିଅଟି ହଠାତ ଉଠିପଡ଼ି ମୋର ପାଦ ଛୁଇଁ ପ୍ରଣାମ କରି କହିଲା –"ଅଙ୍କଲ ଆଜି ମୋର ଯେମିତି ଏକ ନୂଆ ଜନ୍ମ ହେଲା । ମୁଁ ଆଜିଠାରୁ ଆପଣଙ୍କରବୈଜ୍ଞାନିକ ବିଚାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧାରାକୁ ମାନିବି ।"ଏତିକି କହି ସେ ନିଜ ହାତ ଓ ପାଦରୁ ସୂତାଗୁଡିକ ଛିଣ୍ଡାଇ ଫିଙ୍ଗି ଦେଲା ।

ମୁଁ ତା'ର ମୁଣ୍ଡ ଉପରେ ସ୍ନେହରେ ହାତ ରଖି କେବଳ ଏତିକି କହିଲି –"ତୁମେ ସତରେ ଜୀବନରେ ବହୁତ ଉନ୍ନତି କରିବ ଝିଅ ।"

ବାଙ୍ଗାଲୋର, କର୍ଣ୍ଣାଟକ

ଭ୍ରାମ୍ୟଭାଷ : ୯୪୮୨୦୧୬୨୬୦

ଆହ୍ୱାନ ଇ-ପତ୍ରିକା

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁଡ଼ି ଓ ବିହଙ୍ଗ



ସତ୍ୟପ୍ରକାଶ୍ ସେଠୀ

ଗୁଡି ଉଡ଼ିଲେ ବି ସୁଉଚ୍ଚ ଆକାଶେ
ଡୋର ଥାଏ କାହା ହାତେ
ପକ୍ଷୀ କିନ୍ତୁ ଉଡେ ଡେଣା ଟେକି ତା'ର
ଘୂରେ ନିଜ ଇଚ୍ଛାମତେ । । ୦
ବେକାରୀ ଜୀବନ ବଡ଼ ଦୁର୍ବିସହ
ଜୀବନ ନଇ କି ଶୁଖେ
ସ୍ୱ ନିର୍ଭରଶୀଳ ମଣିଷଟି କିନ୍ତୁ
ରହିଥାଏ ସଦା ସୁଖେ । ।

ଉପ ସହକାରୀ ନିବନ୍ଧକ, ଭଦ୍ରକ
ଦୂରଭାଷା-୯୯୩୭୨୧୮୧୮୪୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛୋଟ ଆମ ଘର



ଧିରେନ୍ଦ୍ର ମଲ୍ଲିକ

ମଧ୍ୟବିତ୍ତ ପରିବାର
ଛୋଟ ଆମ ଘର,
ସେଇ ଘରେ ରୁହନ୍ତ ମୋ
ଜୀବନ୍ତ ଠାକୁର,,
ସଞ୍ଜ ସକାଳେ ତାଙ୍କୁ ମୁଁ
ପୂଜାକରେ ନୀତି,
ତାଙ୍କ ଆଶୀର୍ବାଦ ପାଇ
ସଦାରୁହେ ଖୁସି,,
ଭାରି ସ୍ନେହ ଶ୍ରଦ୍ଧା ମତେ
ଗେହ୍ଲା ତ କରନ୍ତି,

ରାଗିରୁଷି ଗଲେ ସିଏ
କୋଳେଇ ନିଅନ୍ତି,,
ଯୁଆଡକୁ ଗଲେ ମନ
ଥାଏ ମୋ ପାଖରେ,
ସର୍ବଦା ଚାହାନ୍ତି ପୁଅ
ଥାଉ ମୋ ସୁଖରେ,,
ଏମିତିକା ବାପା ମାଆ
ମିଳିଛନ୍ତି ମତେ,
ନିଜଚିନ୍ତା ନାହିଁ ଜମା
ମୋ ଚିନ୍ତା ଯେତେ,,

ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭାତ



ଅନିରୁଦ୍ଧ ସେନାପତି

ପକ୍ଷୀର ପଞ୍ଚମ ତାନ ପ୍ରଭାତେ ସଂଗୀତ ସମ
ମମ ହୃଦ ଦେଶ କରେ ସୁନ୍ଦର ମଙ୍ଗଳମୟ
ନିଦ୍ରା ତେଜି ଅବଧୂତ ମନ ଧ୍ୟାନେ ଅବସ୍ଥିତ
ସଂସାର ମାୟା ଟି କାହିଁ ହୁଏ ଅପସାରିତ
ଦିଗବଳୟେ ପ୍ରସ୍ଫୁଟିତ ଲୋହିତାଂଶୁ ଅରୁଣିମା
ନିଭୃତ ମନ ମନ୍ଦିରେ ଜଳେ ଏକ ଦୀପଶୀଖା
ଅନ୍ଧକାର ଅରଣ୍ୟରେ ଜ୍ଞାନ ର ମଶାଲ ଜାଳି
ସ୍ୱପ୍ନହୀନ ଆକାଶରେ ଅସୁମାରୀ ଆଷାଢିଏ
ଈଶ୍ୱରର ଆଶୀର୍ବାଦ ଫୁଲ ହୋଇ ଗୁଳ୍ମ ଡାଳେ
ଅସ୍ମିତା ର ମୃଦୁହାସ୍ୟଏ ଲାସ୍ୟମୟି ହୋଇଉଠେ
କର୍ମର ଆହ୍ୱାନରେ ମନୁଷ୍ୟର ଚେତନା ଯେ
କଳ କଳ ନାଦ କରି ଲକ୍ଷପଥେ ବହିଯାଏ ........

ଆଇବିଏମ୍ କ୍ଲାଏଣ୍ଟ ଇନ୍ନୋଭେସନ୍ ସେଣ୍ଟର୍, ବେଙ୍ଗାଲୁରୁ
ଇମେଲ୍ : senapati123anirudha@gmail.com
ଭ୍ରାମ୍ୟଭାଷ : ୮୯୧୭୯୪୪୭୯୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାଷା



ସୁଦର୍ଶନ ସାହୁ

ତୋ ପୂର୍ବ ପୁରୁଷ କରିଥିଲେ କେତେ ଯେ ସଂଗ୍ରାମ
ରଖିବାକୁ ପରା ଓଡିଆର ମାନ
ସ୍ୱାଧୀନ ହୋଇଛୁ ଆଜି ଆମେରେ
କିନ୍ତୁ ପରାଧୀନ ଅଟୁତ ଭାଷାରେ
ପୂର୍ବେ ଥିଲା ଏହାର ମାନ ଉଚ୍ଚରେ
ତୁ ଆଜି ରଖିଛୁ ତାହାକୁ ପଛରେ
ଭୋଇ ଲେଖିଲେ ଏ ଭାଷାରେ
ଏହାକୁ ପ୍ରଚାର କରିଲେ ବିଶ୍ୱରେ
ତୁ ଯେବେ ହେବୁ ଦେଶାନ୍ତର
ଜାତ ହେବ ହୃଦେ ଭାଷାର ଆଦର
ଜନ୍ମ କାଳୁ ତୁହି ଏହାକୁ କହିଲୁ
ଯୁବାକାଳେ ତୁହି କିମ୍ପା ତ୍ୟାଗକଲୁ
ଏହାକୁ କହିଲେ ହେବୁକି ନିଊନ
ତୁ ପରା ଅଟୁରେ ତାହାରି ସନ୍ତାନ
କହୁ ପରା ତୁହି ନାନାଜାତି ଭାଷା
ଏହା ଅଟେ ପରା ତୋର ମାତୃଭାଷା
ଜିହ୍ୱା ଅଟେ ପରା ତୋର ଏହି
ଜିହ୍ୱାକୁ ଛେଦନ କଲେ କି ବାରତା ହୁଅଇ ?
ସ୍ୱଭାଷା ସାଧନେ ଲଗାଅ ମତି କି
କିମ୍ପା ପଛଘୁଞ୍ଚା ଦିଅ ତାହାରି କତିକି ?
ତୋ ପୂର୍ବ ପୁରୁଷଙ୍କ ରଖ ତୁହିମାନ
ଆଦର କରରେ ମାତୃଭାଷାକୁ ପୁଣ ।

ଗ୍ରାମ- କାଳିଆହତା, ଡାକ- ଗାଙ୍ଗିଯୋଡି
ଜିଲ୍ଲା- ଢେଙ୍କାନାଳ , ପିନ୍- ୭୫୯୦୨୭
ଫୋନ୍-୯୦୭୮୪୭୪୯୨୬, ୭୦୦୮୫୯୯୮୨୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୂନ୍ୟତାରେ ପୂର୍ଣ୍ଣତା



ନିଲମ୍

ଆବେଗ ସହରରେ ବୁଲୁବୁଲୁ ଖୋଜିବାର ପ୍ରୟାସର ଗଳିରେ କେବେ ମୁଁ

ପାଇଗଲି ତା'ର ପାଦ ଚିହ୍ନ...

ପଥ ହରା ନୁହେଁ ମୁ ତଥାପି କାହିଁକି କେଜାଣି କରୁଥିଲି ଭିନ୍ନ ଏକ ପଥର ଅନୁଶରଣ...

ତର୍ଜମାର ତରାଜୁରେ ତଉଲିବାର ଥିଲା ପ୍ରଚେଷ୍ଟା

ବାସ୍ତବତାର ଆଇନରେ ଝାଙ୍କିଥରେ ଦେଖିଥିଲି ମୁଁ ସେ ପୃଷ୍ଠା...

ଝାପ୍ସା ତାର ପ୍ରତିଟି ଅକ୍ଷର

ବୁଝିବାରେ ହେଲି ବିଫଳ

ଧାଇଁ ଯାଇଥିଲି ଯେଉଁ ଚିହ୍ନ ପଛେ ସେ କି ଥିଲା ମିଛ ଜଞ୍ଜାଳ ?...

ଏବେବି ଉଙ୍କି ମାରେ ପ୍ରଶ୍ନଟିଏ ମନରେ

ଏବେ ବି ଝଡ ଉଠେ ନୀତି ଦୁଇ ପ୍ରହରେ

ଏବେବି ଅଜାଡ଼ି ହୋଇ ଯାଏ ସ୍ନେହର ପସରା

ଏବେ ବି ଗଢି ଉଠେ ଉଆସ ସେ ନିଆରା...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ଜନ ନୀରବତାର ନିହାଣ ମୁନରେ ଖୋଦି ଚାଲେ ମୁଁ ସ୍ମୃତିର ମୂର୍ତ୍ତି
ଆତୁର ଆବେଗ ଖିଅରେ ବାନ୍ଧିଚାଲେ ଅଦୃଶ୍ୟ ତୃପ୍ତି...

କାହାର ଥିଲା ସେ ଚିହ୍ନ ପାଦର
କିଏ ସେ ଥିଲା ଅତି ଆପଣାର
କାହିଁକି ସାଜିଲା ସ୍ୱପ୍ନର ସହର
କେଉଁ କାରଣରୁ କରୁଥିଲି ମୁଁ ଅନ୍ୱେଷଣ
କାହିଁକି ସାଜିଲି ପ୍ରତୀକ୍ଷାର ଜାଗ୍ରତ ପ୍ରହରୀ ପ୍ରତିକ୍ଷଣ...

ଦେବ କି କେହି ଉତ୍ତର
ଶୁଣିବାକୁ ମନ ଆତୁର
ଅଡୁଆ ସୁତାର ଖିଅଟିଏକୁ କରି କେ ପାରିବ ନଜର...

ପରିହାସ କରେ ସମାଲୋଚନା ର ନଗ୍ନତା
ତଥାପି ମୁଁ କାହିଁକି ଉପଲବ୍ଧି କରେ ଶୂନ୍ୟତାରେ ପୂର୍ଣ୍ଣତା...

ହାଇଦ୍ରାବାଦ, ତେଲେଙ୍ଗାନା

ଆହ୍ୱାନ ଇ-ପତ୍ରିକା

# ରୁପି



ଦିପ୍ତୀଲେଖା ମିଶ୍ର

ସତ୍ୟ ଯୁଗରେ ଯେ ବଡ

ଥିଲା କେବଳ ତପି

ଦ୍ୱାପର ଯୁଗରେ ଯେ ବଡ

ଥିଲେ କେବଳ ଗୋପୀ

ତ୍ରେତୟା ଯୁଗରେ ଯେ ବଡ

ଥିଲେ ଆମ ରାମଙ୍କ କପି

ହେଲେ ଆଜ ଏ କଳିଯୁଗେ

ବଡ ଖାଲି ରୁପି..ରୁପି..ରୁପି ॥

ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝଡ଼



ନୀଳକଣ୍ଠ ସ୍ୱାଇଁ

ଭୁଲିଯିବା ପାଇଁ
ଯେତେ ଅନୁରୋଧ
କରିଥିଲ ସଖୀ ମନେ ରହିଛି
ସେହି ଦିନଠାରୁ
ଆଜିଯାଏ ପ୍ରିୟା
ଜିଅନ୍ତା ଶବଟେ ହେଇ ସାରିଛି ।

ଲକ୍ଷ୍ମଣରେଖାର
ବାରଣର ଗାର
ଯେବେଠୁଁ ଟାଣିଲ ମୋ ଚଲାପଥେ
ସେବେଠାରୁ ମୁହିଁ
କଣ୍ଟାର ଦଂଶନ
ନିରବରେ ଖାଲି ସହୁଛି କେତେ ।

ନିଜେ ହେଇଗଲି
ଆଈ ମା କାହାଣୀ
ଯାଦୁକର ମିଛ କୁହୁକ ପେଡ଼ି
ତୁମେ ତ ସାଜିଲ
ମୃଗତୃଷ୍ଣା ପଥେ
କୁହୁକିନୀ ଝଡ଼ ମାୟା କୁହୁଡ଼ି ।

ଭୁବନେଶ୍ୱର
ମୋ.୯୭୭୮୩୭୬୩୧୩

ଆହ୍ୱାନ ଇ-ପତ୍ରିକା

# ମୁକ୍ତିର ପଥ



ଶୁଭଲକ୍ଷ୍ମୀ ଦାସ

ଏ କି ଅଲୌକିକ ଅଦ୍ଭୁତ ଶିହରଣ,
ମନ ପକ୍ଷୀ ହୁଏ ଆଶାୟୀ,
କରିବାକୁ ତାଙ୍କର ଭାବମୟ ଦର୍ଶନ ।

ଲୀଳାମୟ ଅନ୍ତର୍ଯ୍ୟାମୀ ସିଏ,
ଭକ୍ତ ଭାବ ଜାଣି, ଛାଡ଼ି ରତ୍ନସିଂହାସନ,
ରଥାରୂଢ଼ ବାମନାବତାରେ ଦେଉଛନ୍ତି ଦର୍ଶନ ।

କୋଟି ବ୍ରହ୍ମାଣ୍ଡ ଶିରୋମଣି,
ଜ୍ୟେଷ୍ଠ ଭ୍ରାତା ସଙ୍ଗେ ଘେନି ଅଲିଅଳ ଭଉଣୀ,
ଆଗମନେ ଉତ୍-ଫୁଲ୍ଲିତା ମାଉସୀମା' ଶ୍ରୀଗୁଣ୍ଡିଚା ରାଣୀ ।

ମାତା ଲକ୍ଷ୍ମୀ ବିହ୍ୱଳିତ ବିରହ ଅଗ୍ନିରେ,
କେଉଁ ଦୋଷେ ଦଣ୍ଡ ଦିଅ ତାଙ୍କୁ ଛାଡ଼ି ଏକାନ୍ତରେ,
ବାହୁଡ଼ିବା ପଥ ଚାହିଁ ବସିଛନ୍ତି ସିଂହଦ୍ୱାରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣବଲ୍ଲଭ ମାଧବ ମଧୁସୂଦନ,

ବାହୁଡ଼ି ଆସୁଛନ୍ତି ଶେଷ କରି ଯାତ୍ରା ନବଦିନ,

ରସଗୋଲା ଭେଟି ଦେଇ କରିବେ ପ୍ରାଣପ୍ରିୟାଙ୍କ ମାନଭଞ୍ଜନ ।

ହେ ଜଗତର ନାଥ ଶ୍ରୀ ଜଗନ୍ନାଥ,

ଲୀଳାମୟ ପୁରୁଷୋତ୍ତମ ବିରାଜ ବିଶଥ,

ତୁମ ପାଦେ ଭକ୍ତି କଳିଯୁଗେ ଏକମାତ୍ର

ମୁକ୍ତିର ପଥ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୋ ପାଇଁ



ସିଦ୍ଧେଶ୍ୱର ତ୍ରିପାଠୀ

ସପନ ରାଇଜେ ଫୁଲେଇ ଫୁଲତୁ
ଖୋଜୁଛି ଖୋଜିବି କେବଳ ତତେ ମୁଁ
ମନର ମନ୍ଦିରେ  ଦେବୀ ତୁ ସାଜିଚୁ
ଏଇମୋ ହୃଦୟେ କେବେଠୁ ହଜିଛୁ

ସବୁଠୁ ନିଆରା ଝିଅଟେ ତୁ ବୋଲି
ହଜିଲା ମୋମନ ତୋ ପ୍ରେମେ ପଡିଲି
ତୋପାଇଁ ପାଗଳ ହେଲିଣି ଯେବେଠୁ
ହଜେଇ ଦେଇଛି ଏଇମୋ ମନକୁ

ସପନ ରାଇଜେ ଫୁଲେଇ ଫୁଲତୁ
ଖୋଜୁଛି ଖୋଜିବି କେବଳ ତତେ ମୁଁ - - - - - -
- -

ଏଇତୋ ଆଖିରେ ଯାଇଛି ଲାଖିରେ
ଯେବେଠୁତୋଓନାଁ ଲେଖିଛି ଛାତିରେ
ତୋକଥା ତୋ ଗୀତ ଭୁଲିମୁଁ ପାରୁନି
ସମୟ ସରୁଛି ଭାବନା ସରୁନି  ।

ଯୋଗ୍ୟକି ଅଯୋଗ୍ୟ
ତୋପାଇଁ ସତେମୁଁ
ଧରିତୁ ମାପିଦେ ପ୍ରେମର ତରାଜୁ
ସପନ ରାଇଜେ ଫୁଲେଇ ଫୁଲ ତୁ
ଖୋଜୁଛି ଖୋଜିବି କେବଳ ତତେ ମୁଁ

ଖୋର୍ଦ୍ଧା
୮୦୯୮୬୪୬୭୦୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଥା ନୁଆଇନି କଦା



ବି. ନିରୁପମା

ଏଇ ଦେଶ ମୋର ସୁନାଠାରୁ ବଳି
କିଏ ହେବ ତା'ର ସରି ,
ଧୂଳି-ମାଟିରେ ଯା'କୋଣେ ଅନୁକୋଣେ
ମମତା ରହିଛି ଭରି ।୧

ଗଙ୍ଗା,ଗୋଦାବରୀ,ନର୍ମଦା,କାବେରୀ
ଅଟନ୍ତି ଯା' ଗଳାହାର ,
ଗିରିରାଜ ତା'ର ମଥାର ମୁକୁଟ
ଚରଣ ଧୁଏ ସାଗର ।୨

ସବୁଜ ବନାନୀ ବସନ ତାହାର
ଗରଭରେ ହୀରା-ମୋତି ,
ବାରବାର ଆସି ଲୁଣ୍ଠନକାରୀଏ
ନେଇଛନ୍ତି କେତେ ଲୁଟି ।୩

ଭୀରୁ କାପୁରୁଷ ଦଳ ଯେତେବାର
କୁଚକ୍ରାନ୍ତ କରିଛନ୍ତି ,
ଏ ମାଟି ମାଆର ବୀର-ବୀରାଙ୍ଗନା
ତା' ସମ୍ମାନ ରଖିଛନ୍ତି ।୪

ଧର୍ମ,ରୀତି,ନୀତି,ସଭ୍ୟତା,ସଂସ୍କୃତି
ଉତ୍କର୍ଷ ତାହାର ସଦା ,
ଡରିଯାଇ କେବେ ବଇରୀ ଆଗେ ସେ
ମଥା ନୁଆଇନି କଦା ।୫

ଯୁଗେ ଯୁଗେ ସେ ତ ବିଶ୍ୱର ଆଦର୍ଶ
ଶକ୍ତିଦାୟୀ-ଶାନ୍ତିମୟୀ ,
କୋଟିଏ ପ୍ରଣାମ ଜଣାଉଛୁ-ଯେତେ
ତା' ସନ୍ତାନ ପଦ ଧ୍ୟାୟୀ ।୬

ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ହିଁ ତ ସେଇ !



ଚିନ୍ମୟ ବାରିକ

କାହାପାଇଁ ସଜେଇ ବସିବି ଆକାଶର ବ୍ୟାପ୍ତ
ନୀଳିମାକୁ ଅସଜଡ଼ା ଅଜଣା କୋହକୁ ଧରି
ମୋ ଛଳନାର ବଳୟ ଭିତରେ,
ଭାଗ୍ୟକୁ ମୁକ୍ତ ମଣି ପ୍ରେମରେ ଜଳି ଜଳି ସରିଯିବା ପାଇଁ । ।

ମନର କାଦୁଅ ଝର୍କାକୁ କେମିତି ମୁଁ ବୁଝେଇବି
ନିଷ୍ଫଳା ଭୂମି ଉପରେ ପ୍ରେମର ଅବ୍ୟକ୍ତକୁ ଗୁହାରି କରି,
ସ୍ୱପ୍ନ ର ସୁଡୁକ ଭିତରେ ଲୀନ ହୋଇଯିବା ପାଇଁ
ମୋ ପ୍ରେମର ଗୁହାରି କରି
ମହଣ ମହଣ ଅନିଚ୍ଛାକୁ ମହମରେ ଧରି । ।

ଭାଗ୍ୟ ବୋଲି ଯାହାଥିଲା !
ତାହା ଏବେ ବୁଢ଼ିଆଣି ଜାଲ ପରି ଗୁଡ଼େଇ
ହୋଇ ପଡିଛି ଚାଳରୁ ଚଟାଣ ପର୍ଯ୍ୟନ୍ତ ଅପବାଦର
ସିକୁଳି ଭିତରେ ମୁଣ୍ଡ ମାଡି ଆକାଶର ଫଟା ବାଦଲକୁ ଚାହିଁ,
ଅସମୟରେ ନିରୁଦ୍ଦିଷ୍ଟ ବ୍ୟଥାକୁ ସହି ସିନ୍ଦୁରର ସିନ୍ଦୁକ ଭିତରେ । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେମିତି ବୁଝେଇବି ନୟନର ନିରୁତା ଇଚ୍ଛା ମାନଙ୍କୁ

ତଳି ପାଦରେ ଛବିଆଙ୍କି ତୁନି ହୋଇ ଅହଂକାରି ଜୁଆର ର

ଅସହ୍ୟ ଯନ୍ତ୍ରଣା ସହି,

ଆଖି ତଳର କ୍ରମଶଃ ଅନ୍ଧାରକୁ ଛୁଇଁବା ପାଇଁ

ଧୂଆଁର ନିଃଶ୍ୱାସ ଭିତରୁ ବାହାରି

ଛାତିରେ ତୋଳି ଧରି ତୁମ ମୁଁହର ଛବି କୁ । ।

ଛାଇର ଲେଉଟାଣି ବେଳରେ କେମିତି ମୁଁ

ଗୋଧୂଳି ସମୟକୁ ଚାହିଁ ବସେ ପାଣିରେ ଗାର ଟାଣି

ଶୋଷର ଶେଷ ପ୍ରହରରେ ମୋହ ହୋଇ

ଅଣନିଃଶ୍ୱାସୀ ପଣରେ ଝାଉଁବନ ଆଡ଼କୁ ଅନିଶାକରି

ମହତିର ପୂର୍ଣ୍ଣ ତାକୁ ପାଇବା ପାଇଁ

ଯୋଜନ ତାର ଦୂରରେ ଫୁଟି ଥିବା ଫୁଲକୁ କଢି ସଜେଇ । ।

ଅବେଳରେ କେତେଥର ଆଖି ମିଟି ମିଟି କରି

ଅନ୍ଧାର ରାତ୍ରିର ଆଲୁଅ ସାଜି ଗୁରୁଣ୍ଡି ବୁଲିବି,

ତୁମ ନାଭି ସ୍ଥଳର କସ୍ତୁରୀ ସୁରଭି କୁ

ପାଇବା ପାଇଁ, ନାବିକର ନୌକା ସାଜି ନଈରେ

ପାହୁଲାଏ ମାରି ଦକ୍ଷିଣ ମୁଁହା ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଢେଉର ଢଳ ଢଳ ନୃତ୍ୟ ରାଜିରେ ଥେଇ ଥେଇ ନାଚି ନାଚି

ତୁମ ପ୍ରେମର ବ୍ୟସାର୍ଦ୍ଧ କୁ ମୋ ଛାତି ଭିତରେ ପାଇବା ପାଇଁ

ପାପୁଲିକୁ ଯୋଡ଼ି ସନ୍ତର୍ପଣରେ ।।

ଏମିତି କେତେଦିନ ଅ ସଜଡା ହୋଇ

ସଜାଡି ବସିବି ଭାଗ୍ୟ ରେଖାର ଭବି ତବ୍ୟକୁ,

ଖିଆଲି ପଣରେ,ସାରାଜୀବନ ତୁମକୁ ପାଇବା ପାଇଁ

ମୋ ନିଜ ଭିତରେ ।।

ବ୍ରାହ୍ମଣଡ଼ିହି,ବାଲିକୁଦା,ଜଗତସିଂହପୁର ।

ଦୂରଭାଷା-୬୩୭୦୩୫୨୦୮୪ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମ୍ପର୍କ ଏ ଜନମ ଜନମର



ଶୟନ ନାୟକ

ପ୍ରେମ ଏକ ଅନୁଭୂତି
ହସର ଲୁହର,
ବା ପ୍ରେମ ଏକ ପ୍ରତିଶୃତି
ନିଷ୍ଠାର...ତ୍ୟାଗର !
ପ୍ରେମ ଏକ ଅନୁଭବ
ସ୍ୱର୍ଗର ନର୍କର,
ବା ପ୍ରେମ ଏକ ଭିତ୍ତିଭୂମି
ଆଶା ଭରଷାର !
ପ୍ରେମ ଏକ ବଳିଦାନ
ମନର... ପ୍ରାଣର !
ପ୍ରେମ ଏକ ଯଜ୍ଞଆହୂତି
ରକ୍ତର... ଲୁହର !

ପ୍ରେମ ନୁହେଁ କାମନା,
ପ୍ରେମ ନୁହେଁ ବାସନା
ସେ ପବିତ୍ର ବନ୍ଧନ
ହୃଦୟ ସାଥେ ହୃଦୟର
କେବେ ହସର ଫଗୁଣ,
କେବେ ଲୁହର ଶ୍ରାବଣ !
କେବେ ହାରିଯାଏ ମନ
କେବେହାରିଯାଏପ୍ରାଣ !
ପ୍ରେମ ନୁହେଁ ବିଜୟ
ପ୍ରେମ ନୁହେଁ ପରାଜୟ
ସମ୍ପର୍କ ଏ ଜନମ ଜନମର

ଭଞ୍ଜନଗର, ଗଞ୍ଜାମ
ଭ୍ରାମ୍ୟଭାଷ : ୯୯୩୮୮୦୨୭୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ରାଜେନ୍ଦ୍ର ଗିରି

ବାପା ! ବେଳେ ବେଳେ ଇଚ୍ଛା ହୁଏ
ହାତ ବୁଲେଇ ପରଖିବାକୁ
ଅୟୁତ ଓଜନକୁ ଆୟତ କରୁଥିବା
ତୁମର ସେଇ ଟାଣ ଛାତିକୁ ।।୧

ସଂସାର ଯାକର ଦୁଃଖ-ଯନ୍ତ୍ରଣାକୁ
କେମିତି ଲୁଚେଇ ରଖ ଯେ !
ବୁଢ଼ୀ ଅସୁରୁଣୀର ଖୋଳପା ପରି ,
ଏକ ପ୍ରବୀଣ ଅଭିନେତା ପରି
ତୁମେ-ବି ବେଳେବେଳେ ମେକପ ନିଅ
ସେତା ମୁହଁଟି ଉପରେ
ପରସ୍ତେ ହସର ରଙ୍ଗ ଲେପି ।।୨

ବାପା ! ବେଳେବେଳେ ଇଚ୍ଛା ହୁଏ
ମନଭରି ଶୁଙ୍ଘି ଚାଲିବାକୁ
ଲୁହ ଲହୁକୁ ପୋଛିଥିବା
ତୁମର ସେଇ ଲାଲି ଗାମୁଛାକୁ ।।୩

ମୋ ଅଳି ଟିକକ ପୂରଣ ପାଇଁ
ମୋ ଭବିଷ୍ୟତର ସ୍ୱପ୍ନ ଦେଖି
ନିଜ ସୁଖସବୁକୁ ଫାଶି ଟଙ୍ଗେଇ ଦିଅ
ଆଲମାରିର କଣ୍ଟା ଦେହରେ
ଠିକ୍ , ତୁମ ଧଳା ପାଇଜାମା ପରି ।।୪

ବାପା ! ବେଳେ ବେଳେ ଇଚ୍ଛା ହୁଏ
କାନ ଡେରି ଶୁଣିବାକୁ
କଷଣମାନଂକୁ ହଜମ କରିଥିବା
ତୁମ ପେଟ ଭିତରର ଶବ୍ଦ ଗୁଡ଼ିକୁ ।।୫

ଭୋଗରାଇ,ବାଲେଶ୍ୱର, ୭୮୭୩୫୭୦୯୩୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଓଡ଼ିଶା



ଶିଶୁପାଳ ସାମ୍ରଥ

ଏହି ମୋ ଓଡିଶା
ସୁନ୍ଦର ଓଡିଶା
ଫୁଲଫଳ ପୂର୍ଣ୍ଣ
ପ୍ରକୃତିର ବସା ।
ବିଶାଳ ସମୁଦ୍ର
ସବୁଜ ବନାନୀ
ଉଚ୍ଚ ପରବତ
ତୁ ହିଁ ମା ଜନନୀ ।
ତୋ ବକ୍ଷେ ଭରିଛି
ଅପାର ସଂପଦ
ଲକ୍ଷ ଲକ୍ଷ ପ୍ରାଣୀ
ଚିତ୍ତରେ ଆନନ୍ଦ ।
ଏହି ତୋ ମାଟି
ଏହି ତୋ ପବନ
ଭରିଛି ପରାଣେ
ପାଇଛି ଜୀବନ ।
ନୀଳ ଆକାଶର
ସୂର୍ଯ୍ୟ ଚନ୍ଦ୍ର ତାରା
ଅବିରାମେ ଢାଳେ
ରଜତ ଶୁଭ୍ର ଧାରା ।
ତୋ ଦେହେ ଆଜି
ଖେଳି ଖେଳି ମୁହିଁ
ଜୀବନେ ଭରି
ପରାଣ ଦେବି ଥୋଇ ।
ନାହିଁ ତୋ ପରି
ଆଉ ସରସ ଭୂମି
ଶ୍ରେଷ୍ଠ ଅଟୁ ତୁ
ମୋ ଜନମ ଭୂମି ।
କୋଳରେ ରହି
ଫୁଲଫଳ ଖାଇ
ଗାଇବି ଏ ଗୀତ
ତୋର ମରଣ ନାହିଁ ।

ଗ୍ରାମ/ପୋଷ୍ଟ-କୁମ୍ଭୋ, ଭାୟା-ଭୁକ୍ତା
ଜିଲ୍ଲା-ବରଗଡ଼, ପିନ୍-୭୬୮୦୪୫
ଇମେଲ:sishupalsamrath5@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଓ ମୁଁ



ଦେବବ୍ରତ ଜେନା

ତୁମେ ଓ ମୁଁ

ତୁମେ ସୀମାହୀନ ଭାବ

ମୁଁ କ୍ଷୁଦ୍ର ପଂକ୍ତିଟିଏ

ତୁମେ ଅସୀମ ସାଗର

ମୁଁ କ୍ଷୁଦ୍ର ଝରଟିଏ ।।

ତୁମେ କଳ୍ପନାର ଶୌ÷ାଧ

ମୁଁ ସ୍ମୃତିରେଣୁବାଲି

ତୁମେ ସ୍ୱର୍ଗ ପାରିଜାତ

ମୁଁ ଯେ ଛାର ବଣମଲ୍ଲୀ ।।

ତୁମେ ମୁକ୍ତ ପୁସ୍ତକଟେ

ମୁଁ ଯେ ତାର ଫର୍ଦ୍ଦ

ତୁମେ ସ୍ମୃତିର ଆଗାର

ମୁଁ ଯେ ଅସଂପୂର୍ଣ୍ଣ ଶବ୍ଦ ।।

ତୁମେ ମୋ ଜୀବନ ତରୀ

ମୁଁ ଯେ ସ୍ୱୀକୃତ ନାବିକ

ତୁମ ଅସ୍ତିତ୍ୱର ବିନା

ମୁଁ ଯେ ନିସ୍ୱ ଭାବୁକ ।।

ଶିକ୍ଷକ, ରଣସିଂହପୁର ଆଶ୍ରମ ବିଦ୍ୟାଳୟ

କମର୍ଦ୍ଦା, ଭୋଗରାଇ, ବାଲେଶ୍ୱର,

ଦୂରଭାଷ :୯୪୮୩୧୦୩୮୫୩୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହେ ପରଂବ୍ରହ୍ମ



ରୀତା ସାମନ୍ତରାୟ ମଲ୍ଲିକ

କିଏ କହେ ପ୍ରଭୁ ନିରାକାର ବୋଲି, ସବୁ ଆକାରର ସମାହାର,

କିଏ କହେ ତୁମେ କଳା ଶ୍ରୀମୁଖ ହେ, ତୁମେ ଯେ ରଙ୍ଗର ସ୍ରଷ୍ଟାକାର ।

ତୁମେ ଯେ ରଥରେ, ତୁମେ ଯେ ପଥରେ, ତୁମେ ହୃଦୟରେ, ତୁମେ ଜଗତରେ ।

ତୁମେ ସୂକ୍ଷ୍ମ ,ତୁମେ ସ୍ଥୁଳ, ତୁମେ ସ୍ୱଚ୍ଛ ତୁମେ ଶୁଭ୍ର । ତୁମେ ସକାଳର କଅଁଳିଆ ଖରା

ତୁମେ ଯେ ପ୍ରଚଣ୍ଡ ରୌଦ୍ର ।

ତୁମେ ଯେ ସଂଧ୍ୟାର ଡାହାଣୀଆ ଖରା,

ତୁମେ ତ ରାତ୍ରିର ଅନ୍ଧକାର ।

ତୁମେ ସୁନ୍ଦର ପୁଣି କଦାକାର,

ସବୁ ଆକାରରେ ତୁମେ ସାକାର ।

ତୁମେ ସତ୍ୟ ତୁମେ ଶିବ,

ତୁମେ ବ୍ରହ୍ମ, ତୁମେ ଚିରନ୍ତନ ।

ତୁମେ ଯେ ସୃଷ୍ଟିର ପ୍ରତି ଅନୁକୋଣେ,

ତୁମେ ମୋ ଅନ୍ତରେ ପୁଣି ସମ୍ମୁଖରେ ।

ତୁମେ ସର୍ବବ୍ୟାପୀ ତୁମେ ଅବିନାଶୀ,

ତୁମେ ମୋ ମୁଖର ଓଁକାର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଭାବନାରେ ତୁମେ ଚେତନାରେ,

ତୁମେ ମୋ ଓଠର,ହସଧାର ।

ତୁମେ ମୋ କୋହରେ, ତୁମେ ମୋ ଲୁହରେ

ତୁମେ ଆନନ୍ଦରେ, ତୁମେ ବିଷାଦରେ

ତୁମେ ଜାଗ୍ରତରେ ପୁଣି ନିଦ୍ରାରେ ।

ତୁମରି ଇଙ୍ଗିତେ ସୃଷ୍ଟିର ଆରମ୍ଭ

ତୁମରି ଆଦେଶେ ବିଲୟ ।

ତୁମେ ଈଶ୍ୱର,ସାରା ବିଶ୍ୱର,

ତୁମେ ପର୍ଯ୍ୟାପ୍ତ ସାରା ସୃଷ୍ଟିର

ନୁହଁ ନିରାକାର,ଆହେ ପରଂବ୍ରହ୍ମ,

ତୁମେ ସାକାର, ସାରା ଚରାଚର ।

ସକଳ ଘଟରେ ତୁମେ ପ୍ରତ୍ୟକ୍ଷରେ

ତୁମେ ରୂପରେ ରଙ୍ଗର ରୂପାନ୍ତର ।

ତୁମେ ଭକ୍ତିରେ, ତୁମେ ଶକ୍ତିରେ ତୁମେ ଶାନ୍ତିରେ ପୁଣି ମୁକ୍ତିରେ

ତୁମେ ଜ୍ୟୋସ୍ନାରେ ତୁମେ ଆକାଶରେ,

ତୁମେ ଗନ୍ଧରେ ତୁମେ ପବନରେ

ପୁଣି ମଧୁର ସ୍ୱରର ସୁରକାର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଯେ ମୁଢମତି, ଖୋଜିବୁଲେ ନିତି

ଜାଣେନା ପ୍ରଭୁହେ ତୁମେ ମୋ ଅନ୍ତରେ ।

ଏ ଦୁଇ ନୟନ ଯାହା ସବୁ ଦେଖେ

ସବୁତ ତୁମରି ସମାହାର ।

ତୁମେ ପାଷାଣରେ, ତୁମେ ଶୂନ୍ୟତାରେ

ତୁମେ ଜୀବନ୍ତରେ ପୁଣି ମୃତ୍ୟୁରେ

ତୁମେ ସକଳ ଘଟରେ ନାରାୟଣ, ନାହିଁ ପ୍ରଭୁହେ ତୁମରି ପଟାନ୍ତର ।

ରୀତା ସାମନ୍ତରାୟ ମଲ୍ଲିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂସ୍କୃତି ଆମର ନ ହେଉ ଉଜ



ସନ୍ତୋଷ ପଟ୍ଟନାୟକ

ବନସ୍ତ ଅଛି ଯେ' ଡାକନ୍ତା ଗଜ
ମୋବାଇଲ ଆଜି କରେ ସେ କାର୍ଯ୍ୟ
ଆଗଭଳି ଆଉ ନାହିଁ ମାଧୁର୍ଯ୍ୟ
ଚୁଲି ପୋଡା ପିଠା ହେଲା ଅକାର୍ଯ୍ୟ ।।
ପାଟଶାଢୀ ଏବେ ପୁରୁଣା ଚିଜ
ଝିନ ବସନରେ ଦିଶେ ଉରଜ ।।

ପାଦପ ବିହୀନେ ସୂରୁଯ ତେଜ
ବିଗାଡି ଦେଉଛି କୁଆଁରୀ ସଜ
ବିଦେଶରୁ ଭାଇ ଫେରୁନି ଆଜ
ଛୁଟି ମିଳିବାଟା ନୁହେଁ ସହଜ ।।
ଗାଆଁଟା ହେଉଛି ସହରୀ ସଜ
କୁଜିନେତା ବୁଣେ ସ୍ୱାର୍ଥର ବୀଜ
ମାଧିଆ ନିଧିଆ ରସିକ ରାଜ
ନାତି ଖୋଜୁନାହିଁ ଜେଜକୁ ଆଜ ।।

ନଣନ୍ଦ ଭାଉଜ ପଡୁନି ଆଜ
ସାଙ୍ଗମେଳ ହେଲା ସ୍ୱାର୍ଥର ବୀଜ
ସଂସ୍କାର ସଂସ୍କୃତି ପରବ ରଜ
ଅପସଂସ୍କୃତିରେ ହୁଏ ମଉଜ
ବେଳହୁଁ ବିବେକି ଏକଥା ହେଜ
ସଂସ୍କୃତି ଆମର ନହେଉ ଉଜ ।।

ବେଗୁନିଆପଡା ବ୍ଲକ୍, ତିରିଡା, ଗଞ୍ଜାମ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଈଶ୍ୱର



ଲୋରୀ ସ୍ୱାଇଁ

ସଭିଏଁ କୁହନ୍ତି ଈଶ୍ୱର ମହାନ
ରଚିଛନ୍ତି ସୃଷ୍ଟିଟାକୁ
ହେଲେ ସେ ଈଶ୍ୱର କେଉଁ କାରିଗର
ବାକି ଅଛି ବୁଝିବାକୁ ।।

ପ୍ରକୃତ ଈଶ୍ୱର ଆଜି ହତାଦାର
ବୈକୁଣ୍ଠ ସୃଷ୍ଟି ରେ ତା'ର
ଧନ୍ୟ ସେ ସନ୍ତାନ ମାୟା ପଛେ ଧାଇଁ
ପାଲଟନ୍ତି ଯାଯାବର ।।

କେଉଁ ଈଶ୍ୱର ଙ୍କ ସନ୍ଧାନ କରୁଛ
ଦ୍ୱିତୀୟ ଈଶ୍ୱର ନାସ୍ତି
ନିଜ ଘରେ ରଖି ଚଉଦବ୍ରହ୍ମାଣ୍ଡ
ବୁଲ କାଶୀ-ବାରଣାସୀ ।।

ଈଶ୍ୱର -ଫିଶ୍ୱର କେହିତ ନାହାନ୍ତି
ପ୍ରଥମ ଈଶ୍ୱର ବାପା
ସେଇହିଁ ଅଟନ୍ତି ଆମ ପ୍ରଥମ ପୁରୁଷ
ଆମ ଛୋଟ ସୃଷ୍ଟି ରଚୟିତା ।।

ପୁରୀ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୀଳସ୍ୱପ୍ନର ତୃଷ୍ଣା



କଣ୍ଟୁରୀ ଚରଣ ରାଉତ

ସ୍ୱପ୍ନ ସଙ୍ଗେ ଯେବେ ହୁଏ କୋଳାକୋଳି

ମନେ ପଡେ ତୁମ କଥା

ମନ ସରସୀରେ ତୁମ ପ୍ରୀତି ପଦ୍ମ

ଫୁଟି ଦେଇଥାଏ ବ୍ୟଥା ।

ଦେହ ସାରା ମୋର ଛନ୍ଦି ହେଇଯାଏ

ଦୁର୍ବଳତା ନିରିମୁଳି

ସ୍ମୃତି ର ଶବଙ୍କୁ କାନ୍ଧରେ ବୋହି ମୁଁ

ଯାଉଥାଏ ପୋଡି ଜଳି ।

ଝାଉଁଳା ମନଟା ସ୍ମୃତି ର ଜଳରେ

ତିନ୍ତୁଥାଏ ସାରା ରାତି

କୋହର କାକର ଝରି ଝରି ଆସି

ଭିଜାଇ ଦିଏ ମୋ ଛାତି ।

ତୁମ ନୀଳ ଆଖି ମୋ ଆଖି ସପନ

ତୃଷ୍ଣା ମରୁ ମରୀଚିକା

ତୁମ ନୀଳ ବିଷ ଦଂଶନକୁ ଆଜି

ସହୁଛି ମୁଁ ଏକା ଏକା ।

ଆହ୍ୱାନ ଇ-ପତ୍ରିକା

# ଭାଗ୍ୟ



ରାମକୃଷ୍ଣ ପାଣିଗ୍ରାହୀ

ଚାହିଁଥିଲି ମୁଁ ଦିନେ ବଡଲୋକ ହେବି,
ସଂସାର ଦୁଃଖକୁ ମୁଁହି ଦୁରକରି ଦେବି ।

ଭାଗ୍ୟ ଯେ ଖେଳିଲା ଖେଳ...
ହେଲି ମୁଁହି ହତ ଭାଗା....

କାହାକୁ କହିବି କହ କାଳିଆରେ କାଳିଆ ?

ଏ ସଂସାରେ ବଞ୍ଚି ମୁଁହି କିସ ବା କରିବି,
ସଂସାର ତ୍ୟାଗ କରି କି ତପସ୍ୱୀ ହୋଇବି ।

ଏ ତ ଯୁଗ ମାୟା ଘାରିଲାରେ ମୋତେ,
ଉଦ୍ଧାର କରରେ ତୁହି ଚାହିଁ ଅଛି ତୋତେ ।

ଚାହିଁଥିଲି ବଡ ହେଲେ ଡାକ୍ତର ମୁଁ ହେବି,
ଦୁଃଖିଙ୍କୁ ସେବା କରିଣ ତୋ ଚରଣ ପାଇବି ।

ଏ ସଂସାରକୁ ମୁଁହି ଏକ ସୁତ୍ରେ ଯେ ବାନ୍ଧିବି,
ସଂସାର ଯାକର ଦୁଃଖ ଦୂର କରି ଦେବି ।

ଚାହିଁଲୁନି ତୁହି ତାହା, କଲୁ ଏତେ ବଡ ମାୟା,
କାହାକୁ କହିବି କହ ତୁହି ରେ ଭରସା ।

ବୁଦ୍ଧି ଜାଣିବା ଠାରୁ ଦୁଃଖ ଯେ ଭୋଗିଲି,
ଦୁଃଖକୁ ଆଦରି ମୁଁହି ବିଦ୍ୟା ଆରମ୍ଭିଲି ।

ଏକ ଷଷ୍ଠ ବର୍ଷ ପରେ ସୁଖ ଦେଲୁ ମୋତେ,
ପୁଣି ତାହା ଘେନିଗଲୁ ଆଉ ଷଷ୍ଠ ବରଷେ ।

ସମସ୍ତ ଆଶାକୁ ମୋର ଦଳି ତୁରେ ଚାଲିଗଲୁ,
ଅସହାୟ କରିଗଲୁ ମୋତେ ଏକା ଏକା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହିଁ ରହିଲି କାଳିଆ ତୁହିରେ ଭରସା ।

ଲେଖିନାହିଁ ଜୀବନର ଏକ ଅଂଶରେ,
ଆଉ ଏକ ଅଂଶ ଲେଖିବାକୁ ଶକ୍ତି ନାହିଁ ମୋରେ ।

ଭାବୁଅଛି ଜାଣିଥିବୁ ମନରେ ଯେ ତୁହି,
ଆଉ ବର୍ଣ୍ଣନା କରିବା ଉଚିତ ନୁହଇ ।

ଆଶ୍ରା କଲି ମୁହଁ ତୋତେ, ତାର ଅବା ମାର ମୋତେ,
ତାହା ଯେ ତୋହର ଦୟା, ତୋର ଇଚ୍ଛାରେ କର ତାହା ।

ଦୋଷ ଥିଲେ କ୍ଷମାକର ବାରେ ଯେ ମୋତେ ଉଦ୍ଧାର,
ଏତିକି କହିବି ମୁଁହି ଅଧମ ବଳକରେ,
ଦୋଷ ନ ଧରିବୁ ଚିତ୍ତେ ତୁହି କାଳିଆରେ !

ରାମକୃଷ୍ଣ ପାଣିଗ୍ରାହୀ
ଅଧ୍ୟାପକ, ଗୀତମ୍ ବିଶ୍ୱବିଦ୍ୟାଳୟ
ବିଶାଖପାଟଣା, ଆନ୍ଧ୍ରପ୍ରଦେଶ, ପିନ୍ - ୫୩୦୦୪୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଜ ଫୁଟାଫୁଲ



ଅଜୟ କୁମାର ବେହେରା

ସଜ ଫୁଟା ଫୁଲ ପରି
ମୋ ପ୍ରିୟାର ମୁହଁ
କୋଟିଏରେ ବି ଗୋଟିଏ
ତା ପରି କେ ନୁହଁ....୧

ଝିଲି ମିଲି ଶାଢ଼ୀ ପିନ୍ଧି
ଆସେ ଯେବେ ସିଏ
ଟିପା ଟିପା ଚନ୍ଦନରେ
ମହକୁ ସେ ଥାଏ....୨

ଖିଲି ଖିଲି ହସରେ ସେ
ମନ ମହି ନିଏ
ମିଠା ମିଠା କଥାରେ ସେ
ଆପଣାର ହୁଏ....୩

ଚୁପି ଚୁପି ଆସି ସିଏ
କେତେ କଥା କହେ
ନିଜର ସେ ଦୁଃଖ ଭୁଲି
ସୁଖ ବାଣ୍ଟୁ ଥାଏ....୪

ପରକୁ ଆପଣା କରି
ବାନ୍ଧି ପାରେ ସିଏ
ଆଖି ଲୁହ ନିଜେ ପିଇ
ସେଯେ ହସୁ ଥାଏ....୫

ଅନ୍ୟର ଦୁଃଖରେ ସିଏ
ଭାରି ଦୁଃଖୀ ହୁଏ
ଯାହାକୁ ଯେମିତି ଲୋଡ଼ା
ନିତି ଯାଚି ଦିଏ....୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୂପ,ଗୁଣ ସବୁଥିରେ

ଭରପୁର ସିଏ

ଏମିତିକା କେହି ନାହିଁ

ବାଛି ଦେବ ଯିଏ....୭

ତାକୁ ମୁଁ ଯେ ଭଲ ପାଏ

ମୋ ଜୀବନ ପଥେ

ଯେତେ ସୁଖେ ଅବା ଦୁଃଖେ

ଥିବ ମୋର ସାଥେ....୮

ଅଜୟ କୁମାର ବେହେରା

ମୋରଡ଼ା, ମୟୂରଭଞ୍ଜ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିତିଥିବା ମୁହୂର୍ତ୍ତ



ଶୁଭସ୍ମିତା ବେହେରା

ତୁମ ସହ ମିଳାମିଶା ଅଳ୍ପଦିନର

ଭରି ରହିଥିଲା କେତେ ରାଗ ରୁଷା

ପୁଣି ମୁହଁ ଫଟାଫଟି

ଦୁହେଁ ଦୁହିଁଙ୍କୁ ନେଇ ଦ୍ୱନ୍ଦ

ଆଉ ଭୁଲ୍ ବୁଝାବଣା...

ତୁମେ ଏଠୁ ଗଲାପରେ

କେଜାଣି ଏ ଆଖି କେବେ ଭେଟିବ

ସେ ଭାବନା ଦିବା ସ୍ୱପ୍ନ...

ତଥାପି ସଖୀ,

ରହିଲା ଶୁଭ କାମନା

ତୁମ ଜୀବନକୁ ନେଇ,

ପୁଣି, ତୁମ ଖୁସିର ମୁହୂର୍ତ୍ତକୁ ନେଇ

ଆଉ, ଭବିଷ୍ୟତକୁ ନେଇ...

ଚାହୁଁ ଚାହୁଁ ସରିଗଲା ଦିନ

ଚାହୁଁ ଚାହୁଁ ପାହିଗଲା ରାତି,

ତଥାପି ରହିଲା ସପନ ବାକି....

ତୁମେ ଧାଇଁ ଆସିଥିଲ

ଚିଲିକା ହ୍ରଦରୁ

ଆଉ, ମୁଁ ବିରଜା କ୍ଷେତ୍ରରୁ,

ଦୁହେଁ ମିଶି ଏକାଠିହେଲେ ଅଭିଶପ୍ତ

ମାଟିରେ....

ଜାଣିନି ତୁମେ କ'ଣ ହରେଇଲ ସଖୀ,

ମୁଁ କିନ୍ତୁ ହରେଇଦେଲି ହୀରା, ଲୀଳା,

ମାଣିକଠୁ ଢେର୍ ମୂଲ୍ୟର ଜଣେ ଆପଣାର

ମଣିଷକୁ..

ଶୁଭସ୍ମିତା ବେହେରା

ଜେନାପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରୂପସୀ ପ୍ରିୟା



ପ୍ରଶାନ୍ତ କୁମାର ପଧାନ

ଆଷାଢ଼ ମେଘରୁ ଝରି ପଡୁଥିବ
ଟୋପା ଟୋପା ବର୍ଷାବିନ୍ଦୁ
ଭିଜୁଥିବା ଆମେ ଯୁଗଳ ବନ୍ଦୀରେ
ସତେକିବା ନଦୀସିନ୍ଧୁ ।।
ମୁକ୍ତା ସାଜୁଥିବ ବରଷାର ଛିଟା
ତୁମ ଦେହ ପରଶରେ
ଇନ୍ଦ୍ରଦେବଙ୍କର ଇର୍ଷା ହେଉଥିବ
ତୁମ ରୂପ ଲାବଣ୍ୟରେ ।।
ଇନ୍ଦ୍ରଧନୁ ଆସି ଲୁଚି ଯାଉଥିବ
ଦେଖି ତୁମ ସୌନ୍ଦର୍ଯ୍ୟକୁ
ଅଭିଯୋଗ ସିଏ କରୁଥିବ ଯାଇ
ସରଗର ଦେବତାଙ୍କୁ ।।

ଭିଜାମାଟି ବାସ୍ନା ଫିକା ପଡୁଥିବ
ତୁମ ଦେହ ସୁଗନ୍ଧରେ
ମଳିନ ପଡିବ ବିଜୁଳି ଚମକ
ତୁମର ସେ ଔଜ୍ଜ୍ୱଲ୍ୟରେ ।।
ସ୍ୱର୍ଗରୁ ଓହ୍ଲେଇ ଆସିବ ଉର୍ବଶୀ
ରୂପ ତୁମ ଦେଖିବାକୁ
ଅସହାୟ ହୋଇ ଫେରିଯିବ ସିଏ
ଇନ୍ଦ୍ରଙ୍କର ମହଲକୁ ।।
କେଉଁ ତପସ୍ୟାର ପୁଣ୍ୟଫଳ ଯୋଗୁଁ
ପାଇଅଛି ଗୋ ତୁମକୁ
ଲାଗୁଛି ଯେମିତି ଧରି ରଖିଅଛି
ପାପୁଲିରେ ମୁଁ ଜହ୍ନକୁ ।।

ଗ୍ରାମ - ବୁରୋମୁଣ୍ଡା, ଜିଲ୍ଲା -ବରଗଡ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଗନ୍ନାଥ ଓ ରଥଯାତ



ହାସ୍ୟମୟୀ ରାଜ୍

କିଏ କହେ

ବିଶ୍ୱର ବନ୍ଧୁ ତୁମେ

ପୁରୁଷଉତ୍ତମ,

କିଏ କହେ ଚକାଡ଼ୋଳା

ଜଗତର ନାଥ

ତୁମେ ପରମ୍ ବ୍ରହ୍ମ ।

ତୁମକୁ ନେଇ କ'ଣ

ଲେଖିହୁଏ କବିତା ???

ଏ ସାଧାରଣ ଅକ୍ଷର କେଇଟା

କେମିତି ବର୍ଣନା କରିବ

ସୀମାହୀନ ବ୍ୟାପ୍ତି ତୁମ

ରୂପ ଅନୁପମ ।

ଯିଏ ନିରାକାର

ତାଙ୍କୁ କେମିତି

ଦେବି ଯେ ଆକାର ???

ଏହା ନିଷ୍ଫେ ଅପଚେଷ୍ଟା

ଭାଷା ଅସମର୍ଥ

କରିବାକୁ ବ୍ୟକ୍ତ

ହୃଦୟର ଅନୁଭବ

ତୁମେ ଯେ ଅବ୍ୟକ୍ତ ଅସୀମ ।

ତୁମ ଚକାଡ଼ୋଳା ଭିତରେ ଯେ

କେତେ ଆକର୍ଷଣ

କେତେ ଯେ କୁହୁକ ପଣ

ଚାହିଁଦେଲେ ଧୋଇଯାଏ

ସବୁ ଦୁଃଖ ଅବସାଦ ଦ୍ୱନ୍ଦ

ଅଶାନ୍ତି ଅପ୍ରେମ ।

ତମକୁ କିଛିବି ମାଗିବାକୁ

ଲେଉଟେନା ଜିଭ

ଭାବେ............

କ'ଣ ବା ଅଜଣା ତୁମକୁ ???

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ୍ ଥର ଯାଇଚି ଦୁଆର
ହେଲେ କିଛି ମାଗିବାକୁ
ବଳେ ନାହିଁ ମନ,
କହେ............
ତୁମ ଇଚ୍ଛା ପୂର୍ଣ୍ଣ ହେଉ
ମୁଁ ଯେ ନିମିତ୍ତ ମାତର
ସ୍ଥୂଳ ଦେହେ ତୁମେ ସୂକ୍ଷ୍ମତମ ।
ବିଶ୍ୱରେ ମହାନ୍
ତୁମ ରଥ ଯାତ
ଦେଖି ଯାଏ ସତ
ଏହା ତ ଲୌକିକ
ହେଲେ -
ଏ ହୃଦୟ ରଥରେ ତ
ତୁମେ ସବୁବେଳେ ଅଛ
ଅହରହ ଦେଖୁଛି ମୋ
ତୃତୀୟ ନୟନ
ତା ଭିତରେ ଭରୁଥାଏ ଜୀବନର
ଧର୍ମ ଅର୍ଥ କାମ ମୋକ୍ଷ ପ୍ରେମ ।

ମୂଢ଼ ଏ ମାନବ
ସଉଦା ଯେ କରେ ତୁମ ନାମେ
ନିଷ୍ଠୁର ନିର୍ମମ
ଶ୍ରୀମନ୍ଦିରେ ଘଟାଉଛି
କେତେ ଅଘଟଣ
ହେ ବିଶ୍ୱ ମୋହନ !!!
ଅବୁଝା ସନ୍ତାନ ଭାବି
ନିଜ ଗୁଣେ କ୍ଷମ ।
କବିତା ଏ ନୁହେଁ,
ହୃଦୟର ସ୍ୱର
ଅନୁଭବ ସାଗରରୁ
ବିନ୍ଦୁଏ ମାତର
ତୁମ ଘୋଷଯାତ୍ରା ଆସୁଥାଉ
ବାର ବାର
ନୀଳଚକ୍ରେ ବାନା ତୁମ
ଉଡୁ ନିରନ୍ତର ।।

ହାସ୍ୟମୟୀ ରାଜ୍ (ଶିକ୍ଷୟିତ୍ରୀ)
ଓରାଳି, ହାଟଡିହି, କେନ୍ଦୁଝର ।।

ଆହ୍ୱାନ

# କବିଟିଏ



କୃଷ୍ଣଚନ୍ଦ୍ର ଡାକୁଆ

କବି ଟିଏ ହେବା
ନୁହେଁ ତ ସହଜ
କବିର ଭାବନା
ବହୁତ କିଛି... ୧
କାହାଣୀ
ଆରମ୍ଭରୁ ଶେଷ
କେମିତି ସାରିବ
ମନେ ଭାଳୁଥାଏ
ଦୁନିଆ କଥା
ଏକେଲା ବସି... ୨
କବିଟିଏ ସଦା
ଅନୁତାପେ ମରେ
ଯନ୍ତ୍ରଣାକୁ ନିଜର କରି... ୩

କବିର ଭାବନା
ବୁଝିବା ଲୋକ ତ
ସହଜେ ଜାଣେ
କବିର ଭାବନା
ବହୁତ ବଢିଆ ବୋଲି... ୪
କବି ଟିଏ ଜାଣେ
କେମିତି
ଅନୁତାପେ ମରେ
ତା ଠାରୁ ଦରଦୀ
କେହି ନୁହେଁ ବୋଲି... ୫
କବିର ମନଟା
ସଦା ଘୁରି ବୁଲେ
ମନ ରାଇଜରେ
ସ୍ୱର୍ଗ ରାଇଜ
ଠାରୁ ବୃହତ ବୋଲି !! ...୬

କରଚୁଲି(ବୁଗୁଡ଼ା), ଗଞ୍ଜାମ, ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତ୍ୟର କବିତା



ଆଶୁତୋଷ ମେହେର

ଦୀପର ଆଲୁଏ ଅଂଧକାର ହଟେ
ବାଟ ଫିଟିଯାଏ ସଫା
କବିତା ସେମିତି ସତ୍ୟର ସନ୍ଧାନେ
କେବେ ପଡେ ନାହିଁ ଫିକା ।।
କବି କଲମରୁ ବିପ୍ଳବର ସୁର
ସମାଜେ ବାରତା ଯାଏ
କଳଂକିତ ସବୁ ଅଂନ୍ଧାର ଅଧ୍ୟାୟ
ମିଟାଇ ଯେ ସିଏ ଧାଏଁ ।।
ନିଆଁରେ ଆଉଟା ସୁନା ଦଉ ଦାଉ
କବିତା ସତ୍ୟକୁ ଭାଳେ
କବିର ବାରତା ସମାଜ ପଖାଳେ
ସତ୍ୟର ସଂଧାନ ମିଳେ ।।
କବିତା ଶକତି ଛୁରିକା ଠୁଁ ବଳି
ବିପ୍ଳବ ର ମୂଳାଧାରେ
ଅସତ୍ୟ କୁ କାଟି ସମୂଳେ ବିନାଶେ
ବଂନ୍ଦୀ କରେ କାରାଗାରେ ।।
କବିତା ସତ୍ୟର ଜୟ ଗାନ କରେ
କାଳଜୟୀ ଯୁଗେ ଯୁଗେ
ସତ୍ୟ ବି ଝଟକେ ଅବିରତ ରହେ
କବିତା ର ଆଗ ଭାଗେ ।।

୫୪, ଆର୍ଯ୍ୟପଲ୍ଲୀ, କିଟ୍ ଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସ ଗଛ ଲଗାଇବା


ଅକ୍ଷୟ କୁମାର ବେହେରା

ଅକ୍ଷୟ କୁମାର ବେହେରା

ବୈଶାଖେ ବରଷା ଆଷାଢରେ ଖରା
ପୌଷ ମାସେ ବହେ ଝାଳ,
କେବେ କେଉଁ ଋତୁ ଜଣାପଡେ ନାହିଁ
ଏମିତି ଆସୁଛି ବେଳ ।୧ ।

ବେଳୁ ସାବଧାନ ନହେଲେ ସଭିଏଁ
ଆସିବ ଦୁଃଖର ଦିନ,
ମନୁଷ୍ୟର କଲା କର୍ମ ଫଳ ପାଇଁ
ହେବଦିନେ ହୀନିମାନ ।୨ ।

ବୃକ୍ଷ କାଟି ସଫା କରିଲେ ଜଙ୍ଗଲ
ତୋଳି ଗଲେ କୋଠା ବାଡି,
ରାସ୍ତାଘାଟ ପୁଣି ତିଆରି କରିଲେ
ଜନ ସଂଖ୍ୟା ଗଲା ବଢି ।୩ ।

ମିଳିବନି ବୃକ୍ଷେ ଫୁଲ ଫଳ କିଛି
ଖାଦ୍ୟର ଅଭାବ ହେବ,
ରୋଗୀର ଔଷଧ ପ୍ରସ୍ତୁତି ପାଇଁ ବି
ଚେର ମୂଳ ନ ମିଳିବ ।୪ ।

ଅଙ୍ଗାରକାମ୍ଳର ପ୍ରସାର ହୋଇବ
ଅମ୍ଳଜାନ ହ୍ରାସ ହେବ,
ଜୀବ ଜଗତର ଚାରି ଦିଗପଟୁ
ତ୍ରାହି ତ୍ରାହି ଶୁଭୁଥିବ ।୫ ।

ସୂରୁଜ ତେଜରେ କାନ୍ଦିବ ଧରଣୀ
ଯାତନା ଅନେକ ପାଇ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୃଷ୍ଟିବିନା ଜଳାଶୟ ଶୁଖିଯିବ
ଶୁଖିବ ଝରଣା ନଈ ।୬ ।

ଶିକ୍ଷା ଉନ୍ନତିର ଗର୍ବରେ ମାନବ
ଅନେକ କରଇ ନାଟ,
କେତେ କ୍ଷେପଣାସ୍ତ୍ର ପରିକ୍ଷା କରୁଛି
ସାଗରକୁ ଦେଇ କଷ୍ଟ ।୭ ।

କଷ୍ଟ ପୁଣି ଦିଏ କଳକାରଖାନା
ବିଷାକ୍ତ ଧୂଆଁ ଓ ଜଳ,
ବିଷଧୋନ କରି ଛାଡିଥିଲେ ସିନା
ନହେବ ପ୍ରକୃତି କାଳ ।୮ ।

ଧରଣୀ ରାଣୀ ପାରେନାହିଁ ସହି
ନୟନୁ ଝରେ ଲୋତକ,
ରୌଦ୍ର ଓ ବାତ୍ୟାରେ ମାନବକୁ ଦିଏ
ସୁରକ୍ଷା ପାଇଁ ସଂକେତ ।୯ ।

ଏଇ ସମସ୍ୟାର ସମାଧାନ ପାଇଁ
ସଭିଏଁ ସଜାଗ ହେବା,
ବୃକ୍ଷଟି ଆମର ଜୀବକୁ ଜୀବନ
କଥାଟି ମନେ ରଖିବା ।୧୦ ।

ସବୁଜ ସୁନ୍ଦର ଆମ ପରିବେଶ
ଜଙ୍ଗଲ ରକ୍ଷା କରିବା,
ମନ ହୃଦୟରେ ଶପଥ କରିଣ
ଆସ ଗଛ ଲଗାଇବା ।୧୧ ।

କେନ୍ଦୁଡିହା ବଡସାହି ମୟୂରଭଂଜ
ଭ୍ରାମ୍ୟଭାଷ:-୯୩୪୮୮୧୯୯୧୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସିନ୍ଦୁର



ସୁନିତା ବାରିକ

ଲଜ୍ଜା ନାରୀର ଗହଣା
ହେଲେ ଟୋପାଏ ସିନ୍ଦୂର
ତାକୁ କରିଦିଏ ଆହୁରି ଲଜ୍ଜାବତୀ
ଥରେ ସୀମନ୍ତରେ ସିନ୍ଦୁର ଲାଗିଗଲା ପରେ
ସେ ଝିଅରୁ ପାଲଟିଯାଏ କାହାର ସୀମନ୍ତିନି
ପ୍ରସାଧନ ସାମଗ୍ରୀ ଠୁ ଆରମ୍ଭ କରି
ଭାରୀ ଗହଣାରେ
ନାରୀ ନିଜକୁ ଯେତେ ସଜେଇଲେବି
ଟୋପାଏ ସିନ୍ଦୂର ବିନା
ସେ ସଜ ଲାଗେ ଅସଂପୂର୍ଣ୍ଣ
ବିନା ଗହଣାରେ ହୁଏତ
ନାରୀଟିଏ ଚଳିଯାଇପାରେ
କିନ୍ତୁ ସିନ୍ଦୁର ବିନା ନୁହେଁ
ସିନ୍ଦୂର ନାଇ ନାରୀ ଲାଗେ ଅନନ୍ୟା ରୂପସୀ
ଦାମୀ ଗହଣା ସବୁ ଫିକାପଡିଯାଏ
ଟୋପାଏ ସିନ୍ଦୂର ଆଗରେ
ସୁନା, ରୂପା, ହୀରା ଗହଣାର ଦାମ୍
ବଢିଯାଇପାରେ ହେଲେ
ଆଜିବି ବଜାରରେ ଟଙ୍କାକର ସିନ୍ଦୂର
ମାଗିଲେ ସହଜରେ ମିଳିଯାଇପାରେ
ଯାହାର ଦାମ୍ କେହି କେବେ
ତଉଲି ପାରିବେନି
ସଭିଙ୍କ ଭାଗ୍ୟରେ ଦାମୀ ଗହଣା
କିଣିବାର କ୍ଷମତା ନଥାଇ ପାରେ
କିନ୍ତୁ ସ୍ୱାମୀ ସୋହାଗିନୀ ହୋଇ
ମଥାରେ ସିନ୍ଦୂର ଜଳୁଥାଉ
ଦାଉ ଦାଉ ହୋଇ
ପ୍ରତିଟି ସୋହାଗିନୀର ଅନ୍ତିମ ଇଚ୍ଛା
ଅହ୍ୟ ରାଣୀ ସାଜି ସେ
କରିବ ତା ଜୀବନର ଶେଷ ଯାତ୍ରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଲି ଶଙ୍ଖା ଆଉ ନାଲି ସିନ୍ଦୂର ରେ

ଶେଷ ସମୟରେ ବି ସେ ଦିଶୁଥିବ

ରୂପବତୀ ଆଉ  ଅନିନ୍ଦ୍ୟ ସୁନ୍ଦରୀ

ଆଃ ! କି ଭାଗ୍ୟ ସତେ ସେ ସିନ୍ଦୂରର

ଯାହାର ଟୋପାଏ ସ୍ପର୍ଶରେ

ନାରୀଟିଏ ହୋଇ ଯାଏ ସ୍ୱୟଂ ସଂମ୍ପୂର୍ଣ୍ଣା

ଆଉ ଜୀବନବ୍ୟାପି କରୁଥାଏ

ସିନ୍ଦୂରର ମଙ୍ଗଳକାମନା । ।

ଦକ୍ଷିଣ କାଳୀ ରୋଡ଼

ଢେଙ୍କାନାଳ,୭୫୯୦୦୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଘେନ ଆଳତୀକୁ



ଡିଙ୍ଗର ନାଏକ

ସରସ୍ୱତୀ ଦେବୀ ମାଗେ ତୁମେ ବୀଣାପାଣି
ସଙ୍କଟ ମୋ ଦୂରକର ଆହେ ନାରାୟଣୀ ।
ସନ୍ତକ ମୁଁ ନୁହେଁ ମାଗୋ ତୁମେ କୃପାମୟୀ
ସଂଯମିତ ବୃଦ୍ଧି ଦିଅ ଆହେ ବିଦ୍ୟାମୟୀ ।
ସଞ୍ଚରଣ କରି ମାଗୋ ପଶେ ଶରଣରେ
ସତ୍ତମ ବିଦ୍ୟାଦିଆ ସରଳ ଭାଷାରେ ।
ସ୍ଖଳନ କର ଦେବୀ ମୋର କୁଟବୁଦ୍ଧି
ସ୍ଥିର ମନେ ପାଞ୍ଚେ ସବୁ କର୍ମେ ହୁଏ ବାନ୍ଧି ।
ଶୁକ୍ଳବସ୍ତ୍ରେ ଶୋଭାୟିତ କର୍ଣ୍ଣରେ କୁଣ୍ଡଳ
ସକଳ ଶାସ୍ତ୍ରେ ବିଦ୍ୟାଦାତ୍ରୀ କରନ୍ତି ମଙ୍ଗଳ ।
ସୁଧିଜନ ନୁହେଁ ମାଗୋ ଅଟଇ ଯେ ମୂଢ
ସୁଧାକରି ବର୍ଷି ଦିଅ ଜ୍ଞାନର ମୋ କୁଣ୍ଡ ।

ସନ୍ତପ ପରିସୀମା ମଧ୍ୟେ ବିଶାଳ ସାଗର
ସରସ୍ୱତୀ ଦେବୀ ମା କୃପା ଯେ ଅପାର ।
ସୌଭାଗ୍ୟରେ ନାହିଁ କିଛି କରୁଛି ବନ୍ଦନା
ସୌମ୍ୟ ହେଲେ ହୁଅ ଦେବୀ ଏହା ମୋ ଭାବନା ।
ସ୍ତୋତ୍ର ଜପି ଜପି ଖାଲି କରୁଛି ମୁଁ ପୂଜା
ସଂଶୋଧନ କର ଦେବୀ ହୋଇ ତୁମେ ଉଭା ।
ସ୍ନେହ ମନେ ଜାଳୁଛି ଧୂପ,ଦୀପ ଝୁଣା
ଶ୍ରଦ୍ଧାରେ କରୁଅଛି ତୁମ ଆରାଧନା ।
ସ୍ୱସ୍ତି ମୋତେ ଦିଅ ମାଗୋ ପଶୁଛି ଶରଣ
ସ୍ୱର୍ଣ୍ଣ ମୋତେ ଲୋଡା ନାହିଁ ମୁଁ ନୁହେଁ କୃପଣ ।
ସଂସାରରେ ବିଦ୍ୟାଥିଲେ ସମ୍ଭବ ଯେ ସବୁ
ସରଣି ମୋ ପୂର୍ଣ୍ଣକର ଘେନ ଆଳତୀକୁ ।

କନାଗାଁ, ଧର୍ମଗଡ, କଳାହାଣ୍ଡି
+୩ ଦ୍ୱିତୀୟ ବର୍ଷ (ଓଡିଆ ବିଭାଗ) ସରକାରୀ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଭବାନୀପାଟଣା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପାଙ୍କର ମନ



ଲତା ତେଜେସ୍ୱର

ସୂର୍ଯ୍ୟାସ୍ତର ପୂର୍ବ,

ସନ୍ଧ୍ୟାର ଛାୟା ତଳେ

ସାମାନ୍ୟ ମଣିଷ

ଢ଼ିଲା ପଡିଲା ଶରୀରରେ

ବୃଦ୍ଧ କାୟା ନେଇ

ହାଥରେ କାଠର ସାହାରା,

ବୁଝି ଯାଉଥିଲା ଜୀବନର

ଦୀପକ ତଳର ଅନ୍ଧକାରରେ,

ଆଲୋକର ଏକ ଅଶାର କିରଣ

ନେଇ ଚାଲି ଆସୁଛି ।

ହାଡ଼ ଦେହରେ ମାଂସର

କିଛି ଚିହ୍ନ ନାହିଁ,

ଅଣ୍ଟାରେ ଗୋଟାଏ ମାତ୍ର ଗାମୁଛା

ରାସ୍ତା ଉପରେ ଠିଆ ହୋଇ

ନିସ୍ତେଜ ଆଖିରେ

ପୁଅର ରାସ୍ତା ଦେଖୁଛି

ଭାବୁଛି ପୁଅ ଆସିବ,

ମାଆଟି ଖଟିଆ ଉପରେ ପଡିଛି

ଆଖିରେ ତାର ଆଶା ବାନ୍ଧିଛି

ଆଖି ମୁଦିଲା ପୂର୍ବରୁ ପୁଅଟି ଆସିଯାଏ

ତାର ହାତର ପାଣି ପିଇକରି ତରିଯିବି ।

ସୁଖା କଙ୍କର ରାସ୍ତା ରେ ଅଚାନକ

ବସଟିଏ ଆସିବାର ଶବ୍ଦ ହେଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସତି ଆସିଲା ଆଉ ଚାଲିଗଲା,

କିନ୍ତୁ ପୁଅର ଛାୟା ନାହିଁ,

ଅନ୍ଧାର ଗାଢ଼ ହେଉଛି

ଅମାବାସ୍ୟା ଘେରୁଅଛି

ଆସନ୍ତା ଦିନର ଏକ ନୂତନ

ସୂର୍ଯ୍ୟ ଉଦୟ ପାଇଁ କିନ୍ତୁ

ମାଆଟିର ସୂର୍ଯ୍ୟ ଉଦୟ କେବେ ହେବ

ଏଇ ଚିନ୍ତାରେ ଗୋଡ଼ ତାର

ଘର ଆଡେ ମୁଡ଼ିଗଲା ।

©ଲତା ତେଜେଶ୍ୱର 'ରେଣୁକା'

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂପର୍କର ସଂଜ୍ଞା



ପ୍ରୀତିରେଖା ପରିଡ଼ା

ସମ୍ପର୍କ କେବେବନ୍ଧା ରେଶମୀ ଡୋରିରେ

ତ କେବେ ବନ୍ଦୀ ଅବିଶ୍ୱାସର କାରାଗାରେ,

ସମ୍ପର୍କ

ଆଦି ଅନ୍ତ ନ ଥାଏ ତ ତା'ର

ହୃଦୟର କିଆରିରେ

ମନର ମଞ୍ଜି ବୁଣି

ସ୍ନେହର ପିଡ଼ିଆ ଦେଇ

ବିଶ୍ୱାସର ଜଳ ଢାଳି

ସମ୍ପର୍କ ବଢ଼ି ଚାଲେ ।

ତଥାପି

ଅବଶୋଷ ରହିଯାଏ

ଯେବେ ଫିକା ପଡେ ଏ ସବୁର

ସେତେବେଳେ ତୁମ ବିନା

ଏ ସବୁର ମାନେ କିଛି ହୁଏନା

ମୋତେ ଲାଗେ ତୁମେ ମୋର

ମାତା ପିତା ସଖା ସହୋଦର

ଯଦି ଭାବେ ସମର୍ପଣର

ସମ୍ପର୍କ

ରୁପନିଏ ସ୍ୱର୍ଗୀୟ ପ୍ରେମର ।।

ଜରଡା, ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

# ସୂରୁଜ ଓ କୁନା



ରଂଜୁଲତା ବେହେରା

ସୂରଜ ଭାଇ ରେ ସୂରୁଜ ଭାଇ
ଏତେ ରାଗ ରୁଷା କରୁଛୁ କାହିଁ ।
କହୁଥିଲୁ ଦିନେ ରହିଛୁ ତୁହି
ଜୀବଜଗତର କଲ୍ୟାଣ ପାଇଁ ।
ଗ୍ରୀଷମ ଋତୁ ତୋର ଭାରି ପ୍ରିୟ
ସେପାଇଁକି ଦେଖାଉ ଏତେ ଭୟ ।
କାହିଁକି ତୋଅର ଏତେ ପ୍ରକୋପ
ସତେ ଲାଗେ ମୋତେ ପକାଉ ତୋପ ।
ତୋର ସିନା ବଳ ଖରା ଦିନରେ
ବର୍ଷା ଆସିଲାଣି ଧରାଧାମରେ ।
ରହିଛୁ କାହିଁ ତୁ ଏଇଠି ଆଉ
ଜଳ ପାଇଁ ସବୁଠି ହାଉଯାଉ ।
ନରମି ଯାଆ ଶୁଣି ମୋ ଗୁହାରି
ଆଶ୍ୱସ୍ତି ଲଭିଲେ ନର ଓ ନାରୀ ।

ଫାଟି ଫାଟି ଭୂଇଁ ଆଁ କରିଲାଣି
ଚାଷୀ ଭାଇନା ହତାଶ ହେଲାଣି ।
ପଦାକୁ ଜମା ହଉନି ବାହାରି
ଘରେ ରହି ମନ ଲାଗୁଛି ଭାରି ।
ପଢା ସାଥୀ ସାଙ୍ଗ ହୋଇନି ଭେଟ
ସ୍କୁଲ୍ ବିନା ଆଉ ନାହିଁରେ ବାଟ ।
ତୋରି ଲାଗି ପରା ଛୁଟି ବଢୁଛି
ପଢା ହେବ କେବେ କହ ତୁ ବୁଝି ।
ବୁଝୁ ନାହୁଁ ଜମା କରୁଛୁ ଜିଦି
ଜଗତ ମରିବା କରୁଛୁ ଫନ୍ଦି ।
ଆସିବ ମୌସୁମୀ ଛାଡିଦେ ବାଟ
ଦୂରେଇ ଯିବ ଯେତେ ସବୁ ଘାଟ ।
ସୂରୁଜ ଏଥର ଉଠି କହିଲା
କି ଦୋଷ ମୋହର କହିଲୁ ଭଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଗରୁଷା ମୋର ନାହିଁରେ କିଛି
ଯେମିତି ଥିଲି ମୁଁ ସେମିତି ଅଛି ।
ଭୂଲ୍ କରି ତୁମେ ଦୋଷ ଦେଉଛ
ମାନବ ଜାତି କଷଣ ଭୋଗୁଛ ।
ଏତେ ସରି ବି ଫିଟୁ ନାହିଁ ଆଖି
ସାଧନ ଜିନିଷେ ଯାଇଛ ଲାଖି ।
ଶୁଣିବୁ ଯଦି ମୋ ଛୋଟ କଥାଟି
ସବୁ କଷଣ ଦୂର ହୋଇବଟି ।
ଗୋଟିଏ ଗୋଟିଏ କୋଟିଏ ପିଲା
ଲଗାଇ ଗଛ ଯତ୍ନ ନିଅ ଭଲା ।
ଏତିକି କରିଲେ ଜାଣିବୁ ତୁହି
କାହାର କି ଦୋଷ କେଉଁଠି ଥାଇ ।
ଲାଜେ କୁନା ମୁହଁ ଫିକା ପଡିଲା
ନିଶ୍ଚୟ କଥା ରଖିବି କହିଲା ।

ରଂଜୁଲତା ବେହେରା

ଭଂଜନଗର

ଆହ୍ୱାନ ଇ-ପତ୍ରିକା

# ଆଁଶ



ସୁଚିତ୍ରା ରଥ

କେବେ କେମିତି ଲତାକୁ
ରଞ୍ଜା ଦେଲାବେଳେ
ଅରମାକୁ ଓପାଡିଲା ବେଳେ
ଆଦରରେ ଧୂଳି ଧୂସ
ପୋଛି ନେଲାବେଳେ
ଟପ୍ କରି ଗଳିଯାଏ ଆଁଶଟାଏ ।

ଅଯଥାକୁ ଯଥାର୍ଥ କରି
ଚମ ତଳେ ଲୁଚି ଯାଇ
ବଡ ବାଗରେ
ତାର ତୀକ୍ଷ୍ଣତାର ବାହାଦୁରୀରେ
ସେ ଦେଇ ଚାଲେ ପୀଡା
ଚାଇଁ ଚାଇଁ ବିକଳ ଯନ୍ତ୍ରଣା ।

ଠିକ୍ ସେମିତି
ସମ୍ପର୍କର ଡାଳପତ୍ରଙ୍କୁ
ସଜାଡୁ ସଜାଡୁ, ମୋର
ଛାତିରେ ବି ଗଳିଯାଏ ଆଁଶ ।

କାହିଁ ଜାଣି ଜାଣି ତ
ଭାଙ୍ଗି ଦେଇନି ଡାଳଖଣ୍ଡେ
ଅଲୋଡ଼ା କରି ଫିଙ୍ଗି ଦେଇନି
ଡଷ୍ଟବିନରେ ଭାବ-ନାବର ମୂଲକୁ
ଏଡିଯାଇନି ଆସ୍ଥାର ଗୀତିକୁ
ଅବିଶ୍ୱାସରେ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବରଂ ଆବେଗର ଘେରା ଦେଇ

ଆଦରର ସଞ୍ଜିବନୀରେ

ସ୍ନେହ ସୋହାଗ

ଭଲପାଇବାର ପୁଷ୍ଟିରେ

ବଢେଇଛି  ଗଜାରୁ ଗଣ୍ଡି ହେବାଯାଏଁ

ସମ୍ପର୍କକୁ   ! !

ତଥାପି କାହିଁକି ଛାତି ଭୋଗେ

ଏ ଆଂଶର ପୀଡନ

ଯେଉଁଥିରେ କ୍ଷତାକ୍ତ ମୋର

ସବୁ ପ୍ରତ୍ୟୟ, ପ୍ରତ୍ୟାଶା,

ଆଶା, ଆକାଂକ୍ଷା ଆଉ ଅଭିଳାଷା  !

ଓଃ ! ହଟେଇଦିଅ ତ

ସେହି ରକ୍ତକ୍ଷରା ଆଂଶଟା

ମୁଁ ପୁଣି ଥରେ ଆଉଁଶି ଦେବି

ମୋ ପ୍ରିୟ ଡାଳ ପତ୍ର ଫୁଲଙ୍କୁ

ଭିଜେଇ ଦେବି ପ୍ରୀତିର ମୌସୁମୀରେ

ଦେଖିବ, ତା'ର ସୁନ୍ଦରତା ,ତା'ର ମହକ

କେମିତି ବ୍ୟାପିଯିବ ଦିଗ୍-ବଳୟକୁ  ।

© ସୁଚିତ୍ରା ରଥ, ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଚିତ୍ର ଦୁନିଆ



ପ୍ରଭାସ ଚନ୍ଦ୍ର ଟୋଲଟିଆ

ଜୀବନର ଏଇ ରଙ୍ଗମଞ୍ଚରେ
ଅଭିନେତା ଆମେ ସାଜିଛେ
କେତେବେଳେ କେଉଁ ଚରିତ୍ରରେ
ଅଭିନୟ କରି ଚାଲିଛେ ।
ସମ୍ପର୍କ କୁ ଆଜି ଭୁଲିଯାଇ
ଗର୍ବଗୌରବରେ ବଞ୍ଚୁଛେ
ବେଳକାଳ ସରିଗଲେ
ଦିନେ ମଶାଣିକୁ ସବୁ ଯାଉଛେ ।
ବୁଦ୍ଧି ହଜେଇ ମଣିଷ ଏଠି
ନିଜକୁ ସର୍ବଜ୍ଞ ମଣୁଛି
ମାଆ ବାପାଙ୍କୁ ହତାଦର କରି
ପଶୁଟିକୁ ଘରେ ପାଳୁଛି ।
ବାଃ ତୋ ମଣିଷ ପଣିଆ
ଯାହା ପାଇଁ ତୁ ଦୁନିଆ ଦେଖିଛୁ
ତାକୁ କରିଦେଉ ଅଚିହ୍ନା ।
ସତରେ ବଡ଼ ବିଚିତ୍ର ଏ ଦୁନିଆ.....

ଚଞ୍ଚରାମୁଣ୍ଡା, ଗୋଲାମୁଣ୍ଡା, କଳାହାଣ୍ଡି
+୩ ଶେଷ ବର୍ଷ  କଳା (ଓଡ଼ିଆ ବିଭାଗ)
ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ,
ରାୟଗଡ଼ା ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଏକତା ହିଁ ବଳ



ପ୍ରେମଲତା ସାହୁ

ହନୁ ଅଜାଟି ବଡ ଚତୁର
ଭାରି ଗରବ ତା'ର ,
ହୀନ ଦୃଷ୍ଟିରେ ଦେଖେ ସଭିଙ୍କୁ
ଭାବେ ମୁହିଁ ଇଶ୍ୱର ।
ଥିଲା ଗୋଟିଏ କପୋତୀଟିଏ
ବାନ୍ଧଇ ବସା ଡାଳେ,
ସେ ବସା ପରେ ଅଣ୍ଡା ସେ ଦିଏ
ହନୁ ଜାଣିଲା ବଳେ ।
କପଟ ପାଞ୍ଚ ପାଞ୍ଚିଲା କପି
ସବୁ ଭାଙ୍ଗିଲା ଯାଇ,
କପୋତୀ କାନ୍ଦେ ଅତି ବିକଳେ
ଦେଖିଲା ଶୁଆ ଭାଇ ।
କପୋତୀ ଅତି କାତର ହୋଇ
ସବୁ ବଖାଣି ଦେଲା,
ହନୁକୁ ପାନେ ଚଖାଇବାକୁ
ଶୁଆ ପ୍ରତିଜ୍ଞା କଲା ।

ଡାକରା ହେଲା ସବୁ ପକ୍ଷୀଙ୍କୁ
ଏକତା ବାଣି ଦେଇ ,
ଉଚିତ ଶିକ୍ଷା ଦେବେ ପାପୀକୁ
ଆଉ ଛାଡିବେ ନାହିଁ ।
ଆଗେଇ ଗଲେ ହନୁ ପାଖକୁ
ସବୁ ବିହଗେ ମିଳି ,
ଖୁମ୍ପିଲେ ତା'ର ସାରା ଦେହକୁ
ପରାଣ ଗଲା ଚାଲି ।
"ଏକତା ସିନା ଅଟଇ ବଳ
ଗରବ କରେ ଯିଏ,
ହନୁ ପରିକା ଦଶା ଲଭିବ
ନ ଥିବେ ସଖା କିଏ ।

ପ୍ରେମଲତା ସାହୁ(ମିତା)
ବୌଦ୍ଧ,କନ୍ଧମାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନ୍ତର୍ଯ୍ୟାମୀ



ଡା ଗାୟତ୍ରୀ ସାହୁ

ଅନ୍ତରର କଥା ବୁଝିପାରୁ ବୋଲି
ତୁ ହେଲୁ ଅନ୍ତର୍ଯ୍ୟାମୀ ।
ଦୁଃଖକୁ ହରଣ କରିପାରୁ ବୋଲି,
ତୁ ହେଲୁ ଦୁଃଖହାରୀ ।
କେତେ ଗାଳି ମୁଁ ଦେଉଛି ତୋତେ
ସବୁ ତ ସହିଛୁ  ତୁହିଁ
ପାଟି ଖୋଲି କେବେ କହୁ ନାହୁଁ କିଛି
ତୋ ପାଖେ କି ଉତ୍ତର ନାହିଁ ?
ମନ ତ  ମୋହର କାଚର ଅାଇନା ପରି
ଭାଙ୍ଗି ଦେଲୁ ସବୁ ସ୍ୱପ୍ନ
ଯୋ ଡାଳ ଧରିଲି ସେ ଡାଳ ଭଙ୍ଗିଲୁ
ଚଲା ପାଦେ ମୋର କଣ୍ଟା ବିଛାଇଲୁ
ମୋ ଆଖିରେ ଲୋତକ ଝରାଇ
କି ଅବା ସୁଖ ପାଇଲୁ ?
ସବୁ ଥାଇ ମୋତେ ହିନିମାନ କଲୁ
କହବାରେ ତୁ କି କୀର୍ତ୍ତି ଅରଜିଲୁ ?

ଅନ୍ଧାର ଭିତରେ ଯାଇଛି ମୁଁ ହଜି
ପାଉନି ଆଲୋକ କେତେ ଖୋଜିଖୋଜି
ମନ୍ଦିର ଭିତରେ ବସିଅଛୁ ତୁହିଁ
ବଡପଣ କିଆଁ ଦେଖାଇ ଆଜି
ତୋ ନାମେ ନିତି ପ୍ରଦୀପ ଜାଳୁଛି
ତୋ ପାଦେ ମଥାକୁ ପାତି
ଡେରି କଲେ ସବୁ ସରିଯିବ ମୋର
ନିନ୍ଦା ନ ହେବ କାଳିଆହାତୀ
ତୋ ଠାରୁ ବଡ ଅଛି ଆଉ କା ଶକତି
ତୁ ପରା ଅଟୁ ସ୍ୱୟଂ ଜ୍ୟୋତି
ଚଲା ପଥ ମୋର କୁସୁମିତ କରି
ଜଳାଅ ନିର୍ବାଣ ଜ୍ୟୋତି ।

ଭ୍ରାମ୍ୟଭାଷ : ୯୯୩୭୬୦୮୭୭୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯୋଗର ମହତ୍ତ୍ୱ



ବୈଜୟନ୍ତୀ ସାହୁ

ସ୍ୱାସ୍ଥହିଁ ବ୍ୟକ୍ତିର ଅମୂଲ୍ୟ ସମ୍ପଦ
ସ୍ୱାସ୍ଥର ସୁରକ୍ଷା ପାଇଁ
ଯୋଗ, ପ୍ରାଣାୟମ କରିଲେ ଜୀବନେ
ନୀରୋଗ ରହିବ ହୋଇ ।

ଅଷ୍ଟାଙ୍ଗଯୋଗ ଅନୁସରଣରେ
ସୁସ୍ଥ, ନୀରାମୟ ରହି
ରୁଗଣ ସ୍ୱାସ୍ଥର ନରକ ଯନ୍ତ୍ରଣା
ଜୀବନେ ଭୋଗିବ ନାହିଁ ।

ଯମ, ନିୟମ, ଆସନ, ପ୍ରାଣାୟାମ
ପ୍ରତ୍ୟାହାର ଧାରଣାଟି
ଧ୍ୟାନ ଓ ସମାଧି ଯୋଗଶିକ୍ଷାକ୍ରମ
ନୀରୋଗର ସାଧନାଟି ।

ଶାରୀରିକ, ମାନସିକ, ଆଧ୍ୟାତ୍ମିକ
ସ୍ତରର ବିକାଶ ହୋଇ
ପ୍ରାଣୀକ, ଆତ୍ମୀକ, ସେବନାତ୍ମକର
ମାର୍ଗଟି ଦିଏ ଚେତାଇ ।

ଶରୀର ଓ ମନ ମଧ୍ୟେ ସମନ୍ୱୟ
ଭାବରଖି କାର୍ଯ୍ୟକରେ
ସୁସ୍ଥ ଶରୀର ସୁସ୍ଥମନ ଗଢି
ସ୍ୱାସ୍ଥର ସମ୍ପଦ ଭରେ ।

ମାଂସପେଶୀ ଦୃଢ ହୋଇଥାଏ ପୁଣି
ଭଲରକ୍ତ ସଞ୍ଚାଳନ
ଆନନ୍ଦ, ଶାନ୍ତି, ସନ୍ତୋଷ ମିଳଇ
ଖୁସିଥାଏ ସଦାମନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୌର୍ଯ୍ୟ, ବୀର୍ଯ୍ୟ, ପ୍ରତିଭାର ଅଧିକାରୀ
ହୋଇଥାଏ ସ୍ୱାସ୍ଥବାନ
ଦେଶ, ଜାତି ମୁଖ ଉଜ୍ୱଳ କରନ୍ତି
ଦେଶଟି ହୁଏ ମହାନ ।

ସର୍ବେଆସ ଆମେ କରିବାଟି ଯୋଗ
ସ୍ୱାସ୍ଥବାନ ହେବାପାଇଁ
ଦେଶର ସପନ ସାକାର କରିବା
ବିଶ୍ୱେ ସୁସ୍ଥଦେଶ ହୋଇ ।

ନରସିଂହପୁର, ଶ୍ରୀରାମନଗର,
ପିପିଲି,ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ମନର ମଣିଷ



ମୋନାଲିସା ସ୍ୱାଇଁ

ଯେଉଁଠି ଘେରିଥିବ ମୋ ଉପରେ
ସଭିଙ୍କର ସନ୍ଦେହର ଆତଙ୍କ
ସେଇଠି କେବଳ ଥିବ
ଗୋଟିଏ ବିଶ୍ୱାସ
ସିଏ ମୋ ମନର ମଣିଷ ।

ଯେଉଁଠି ଘୃଣାର ଅଙ୍ଗୁଳି ନିର୍ଦ୍ଦେଶରେ
ମୁଁ ହୋଇପଡିଥିବି ଅଲୋଡିତ
ସେଇଠି କେବଳ ଥିବ
ଭଲ ପାଇବାର ଗୋଟିଏ ପରସ
ସିଏ ମୋ ମନର ମଣିଷ ।

ମରୀଚିକାର ଉତ୍ତପ୍ତ ମରୁ ବାଲିରେ
ମୁଁ ଧାଉଁଥିବା ବେଳେ
ସେଇଠି କେବଳ ଦିଶୁଥିବ
ଗୋଟିଏ ନବ ଦିଗନ୍ତ
ସିଏ ମୋ ମନର ମଣିଷ ।

ଅସତ୍ୟର ପଙ୍କିଳ ମାନସିକତାରେ ମୁଁ ସଢୁ
ଥିବାବେଳେ
ସେଇଠି ପ୍ରକଟିତ ହୋଇଥିବ
ସତ୍ୟର ଅପୂର୍ବ ଆଲୋକ
ସିଏ ମୋ ମନ ର ମଣିଷ ।

ଯେତେବେଳେ ମଉଳି ଯାଇଥିବ
ମୋର ଏଇ ସଜ ଫୁଟା ଚାନ୍ଦ ମୁହଁ

ଆହ୍ୱାନ ଇ-ପତ୍ରିକା

ସେଇଠି ଜଣେ ହିଁ କେବଳ

ଭରିଦେବ

ମୋ ଓଠରେ ମିଠା ହସ

ସିଏ ମୋ ମନର ମଣିଷ ।

ତା ପାଇଁ ସାଜି ପାରେ

ମଳୟ ଘେରା ବସନ୍ତ

ଆଉ ସୁରଭିତ ଗୋଲାପ

ହସି ହସି ଲିଭାଇ ପାରେ ଏ ଜୀବନ

ଦୀପ

ସିଏ ମୋ ମନର ମଣିଷ ।

ମୋନାଲିସା ସ୍ୱାଇଁ

କେନ୍ଦ୍ରାପଡା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଦକତା



ବୈଷ୍ଣବ ମେହେର

ଭଅଁର ଜାଣିଛି ଫୁଲର ମାଦକତା,
କଇଁ ଜାଣିଛି ଜ୍ୟୋତ୍ସ୍ନାର ମାଦକତା,
ପ୍ରେମି ଜାଣିଛି ପ୍ରିୟାର ମାଦକତା,
କବି ଜାଣିଛି କବିତାର ମାଦକତା ।

ସତେ ଯେମିତି....
ପ୍ରତୀକ୍ଷାର ଅନ୍ତ ହୁଏ ମିଳନରେ,
ସେମିତି...
ମାଦକତା ଚରମେ ମଧୁ ପାନରେ ।

କେତେବେଳୁ ଅପେକ୍ଷିତ ପ୍ରେୟସୀ,
କେବେ ଆସିବ ଗୋ ସାଥି,
ଥରେ ଦିଅ ତୁମେ କହି....
ଅପେକ୍ଷାର ଅନ୍ତ ନାହିଁ,
ଏଠି ପ୍ରେମର ମାଦକତାରେ,
ବିରହେ ଅଶ୍ରୁ ଯାଏ ବହି ।

ଗଣ୍ଡାବାହାଲି
ନୂଆପଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ କୋଉ ବୁଝେ



କୌଶଲ୍ୟା ପାଲିଆ

ଶୂନ୍ୟତା ଭିତରେ ଖୋଜେ
        ସେ ପରିପୂର୍ଣ୍ଣତାକୁ
ସେ ମୁକାବିଲା କରିବ ତ
        ଏ ବିପର୍ଯ୍ୟୟକୁ !
ସ୍ୱପ୍ନ ଦେଖିଥିଲା
        କିନ୍ତୁ, ଉଭେଇ ଯାଇଛି ତା ଜୀବନରୁ
ସକାଳର କୁହୁଡିପରି
        ଏବେ ସାମ୍ନା କରୁଛି ନିଷ୍ଠୁର ସତ୍ୟକୁ ।
ସତ୍ୟ ନିଷ୍ଠୁର ହେଲେ ବି ସତ
        ସ୍ୱପ୍ନ ପରି ମିଛ ନୁହଁ
ସ୍ୱପ୍ନ ମିଛ ହେଲେ ବି
        ମନ ବୁଝେନା ?
ଖୋଜି ବୁଲେ ବାପାଙ୍କ ଆଶୀର୍ବାଦ
        ଦେହରୁ ଧୂଳି ଝାଡିଦେଉଥିବା
ମା'ର ପଣତକାନି
        କୋଉ ପଛରେ ରହିଗଲାଣି

ଫୁଲଫୁଟା ଶୈଶବ ଓ ତାରଣ୍ୟ
        ଜହ୍ନ ଆଉ ବସନ୍ତ
ଏବେ ଠିଆହୋଇଛି ସିଏ
        ହାହାକାର ମଝି
ପୃଥିବୀ ପୃଷ୍ଠରେ
        ମନକୁ ବୁଝେଇବାକୁ ଚେଷ୍ଟା କରେ
ଜୀବନ ଏମିତି
        କେତେବେଳେ ଫୁଲଫୁଟା
ଅଶିଣର ସକାଳ ତ
        କେତେବେଳ ବୈଶାଖର
ଦଗ୍ଧ ଖରାବେଳେ.... ।

ବୌଦ୍ଧ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିଯିବି ଅତୀତକୁ



ପ୍ରଣତି ମହାପାତ୍ର

ମତେ ଭାରି କଷ୍ଟଦିଏ ମୋର
ସେଇ ଅତୀତ,
ଦେଉଥିଲା କେତେ ଆନନ୍ଦ
ଥିଲା ଖୁସିର ମୂହୁର୍ତ୍ତ ।
ପ୍ରଜାପତି ଠାରୁ ଥିଲି ଆହୁରି
ମୁଁ ସ୍ୱାଧୀନ ଓ ରଙ୍ଗୀନ,
ନୀଳ ଆକାଶରେ ଡେଣା ଝାଡି
ଉଡି ବୁଲୁଥିଲି ଲକ୍ଷ୍ୟହୀନ ।
ଭୁଲୁଥିଲି ମାୟା ମୃଗର
ସୁନ୍ଦର ରୂପରେ,
ଭାସିଯାଇ ଥିଲି ମିଛ
ମରୀଚିକା ପଛରେ ।

ଭାବିବିନି ଆଉ ଅତୀତକୁ ମୋର
ଭାବୁଛି ମୁଁ ଭୁଲିଯିବି,
ଅତୀତର ସେହି କ୍ଷତାକ୍ତ ମୂହୁର୍ତ୍ତ
ସମ୍ପର୍କରୁ ସନ୍ୟାସ ନେବି ।
ନୂଆ କରି ଉଡିବି ମୁଁ ନୂଆକରି
ଗଢିବି ମୋ ଦୁନିଆଁ,
ନ ଥିବ ସେଠାରେ ଛଳ କପଟ
କି ଇନ୍ଦ୍ର ଜାଲର ମାୟା ।
ଦୂରେଇ ଯିବି ଆଜି ଠୁ ଅତୀତର
ଅଭୁଲା ସ୍ମୃତିର ପଥ,
ନୂଆ ରାଇଜ ନୂଆ ସମ୍ପର୍କରେ
ବଞ୍ଚିବି ମୁଁ
ବାହିନେବି ମୋ ଜୀବନ ରଥ ।

ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ଆମ ଦାରୁଗୋସାଇଁ



ଜୟନ୍ତ କୁମାର

ଅମାନିଆ ହୋଇ ଶହେ ଆଠ ଗରା
ପାଣିରେ ପଡ଼ିଲୁ ଗାଧୋଇ ।
ତୋତେ ହେଲା ଜ୍ୱର ଭକତ ଅସ୍ଥିର
ତୋର ଦରଶନ ପାଇଁ ।
ଅଣସରରେ ରହିଲୁ ଯାଇ ।
ତୋ ବିନା ତୋ ଭକ୍ତ ଦଣ୍ଡେ କି ମୁହୂର୍ତ୍ତେ
ନଦେଖି ପାରେନା ରହି ।।

କେତେ ଚଗଲା ତୁ କଳା କହ୍ନେଇ ରେ
କାହା କଥା ତୁ ଶୁଣିଲୁ ନାହିଁ ।
ବଡ଼ ଭାଇର ଆକଟ ଭଉଣୀର ଅଳି
ଦେଲୁ ପାଦରେ ଆଡେଇ ।
ଅସୁସ୍ଥ ତୁ ଗଲୁ ହୋଇ ।
ରତ୍ନସିଂହାସନ ହୋଇଗଲା ଶୂନ୍ୟ
କେବଳ ତୋହରି ପାଇଁ ।।

ତୋ ଭକତ ଯେତେ କରନ୍ତି ରୋଦନ
କର୍ଣ୍ଣେ ତୋର ପଡେ ନାହିଁ ।
କର୍ଣ୍ଣେ ପଡିଲେ ବି ଶୁଣିବା ଅବସ୍ଥା
ଏବେ ଜମା ତୋର ନାହିଁ ।
ହେ ଆମ ଦାରୁ ଗୋସାଇଁ ।
ଦାରୁବ୍ରହ୍ମ ହୋଇ ଏ ଜଗତେ ସିନା
ଲୀଳା କରୁଛୁ ରେ ତୁହି ।।

ଜୟ ପ୍ରଭୁ ଶ୍ରୀ ଜଗନ୍ନାଥ ।

ଚରମ୍ପା । ଭଦ୍ରକ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମରି ହାତଧରି



ବାସନ୍ତୀ ପରିଡ଼ା

ମୋ ଲାଜକୁ ତୁମର ରୋଷ

ମୋ ରୂପକୁ ତୁମର ବେଶ

କିଏ କାହାକୁ ସରି...

ଜୀବନ ପଥେ ଚାଲିବି ଏବେ

ତୁମରି ହାତ ଧରି......(୧)

କାଗଜ ଡଙ୍ଗା ଭସାଇ ଦେଲି

ବର୍ଷା ପାଣିର ସୁଅରେ

ଝିପିଝିପିକା ବର୍ଷା .. ପୁଣି

ପବନ ବହେ ଧୀରେ......(୨)

ଅଜଣା ଜଣା..ଅଚିହ୍ନା ଚିହ୍ନା

କେହି କାହାର ନୁହେଁ

ତୁମେ ମୋହର ମୁଁ ତୁମର

ହାତ ଧରିଲେ ଦୁହେଁ......(୩)

ତୁମକୁ ଲାଜ କରିଲି ବୋଲି

ମୋଠି ତୁମ ରୋଷ

ରୂପକୁ ମୋର ଜାଳି ଜାଳିକି

କରିବି ତୁମକୁ ବେଶ

କିଏ କାହାକୁ ସରି....

ଜୀବନ ପଥେ ଚାଲିବି ଏବେ

ତୁମରି ହାତ ଧରି.............(୪)

ନବୀ ମୁମ୍ବାଇ, ମହାରାଷ୍ଟ୍ର

ଆହ୍ୱାନ ଇ-ପତ୍ରିକା

# ଇଚ୍ଛା ହୁଏ



ରସ୍ମିତା ନାଥ

କେବେ କେମିତି ଇଚ୍ଛା ହୁଏ
ସକାଳର କଅଁଳ ଖରାରେ
        ଖେଳେଇଦିଅନ୍ତି,,,,,
ତୁମ ସହ ବିତିଥିବା
        ଭିଜା ମୁହୂର୍ତ୍ତମାନଙ୍କୁ
କାଳେ ସେମାନେ ଆପଣାର
        ପୁନରାବୃତ୍ତି କରିବେ,,,
ଆଉ କେବେ ଇଚ୍ଛା ହୁଏ
ମୋ ଅବଶିଷ୍ଟ ଆୟୁଷର
କେନ୍ଦ୍ରବିନ୍ଦୁ ତୁମେ ହୁଅନ୍ତ

        ତୁମ ବିକିରଣ ରେ
ବାକି ବସନ୍ତ ସବୁ ରଙ୍ଗ ବୋଳିଦେବେ
ଇଚ୍ଛା ହୁଏ ତୁମେ ଆସନ୍ତ
        ସଞ୍ଜ ସାଥିରେ,,,,
ଇର୍ଷାରେ ରାତି ଦୀର୍ଘଶ୍ୱାସ ପକେଇବ
        ସ୍ୱପ୍ନ ସତେ ପାଗଳ ହେବ
        ତୁମେ ରହିଯାଆନ୍ତ,,,
ଆଷାଢ଼ର ଆଦ୍ୟ ବିନ୍ଦୁ ହୋଇ
ଶ୍ରାବଣ ଶେଷରେ ତୁମେ ବରଷିବ
        ପ୍ରୀତିର ପଥ ଦେଇ
ମନ ମୟୂରୀ ଯେ ଆନମନା ହୋଇ
        ଛନ୍ଦ ଭୁଲିବ,,,,,

ପିରାହାଟ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

# ବୋଉ



ଧ୍ରୁବ ଚରଣ
ମହାନ୍ତି

ବାଟ ଚାଲୁ ଚାଲୁ ଝୁଣ୍ଟି ପଡ଼ି ଗଲେ
ମୁଣ୍ଡ ଦେଲେ ଟିକେ ଘୁରେଇ
ବୋଉ ବୋଉ ବୋଲି ଡାକି ଦେଉ ଆମେ
ଦୁଃଖ ଯାଏ ଆମ ଦୂରେଇ  ! ! !

ବିପଦେ ଆପଦେ ଛାଇ ପରି ଥାଉ
ପାଖେ ପାଖେ ରହୁ ଜଗିକି
ତୋ ଆୟୁଷ ଦେଇ , ଆମ ପାଇଁ ପରା
ଠାକୁର ଠୁଁ ଆଣୁ ମାଗିକି  ! ! !

ନିସ୍ୱାର୍ଥ ସେବାରେ ବିଶ୍ୱାସ କରି ତୁ
ଆପଣେଇ ନେଉ ଦୁଃଖକୁ
ଜଣା ଅଜଣାରେ  ଦୁଃଖ ସବୁ ଭୁଲୁ
ଚାହିଁ ଦେଇ ଆମ ମୁଖକୁ  ! ! !

ବାର ମାସେ ତେର ପରବ ପାଳୁ ତୁ
ଖରା ବର୍ଷା ଶୀତ ସହିକି
ଭୋକ ଉପାସରେ କାଟି ଦେଉ ଦିନ
ପାଣି  ଢ଼ୋକେ ଖାଲି ପିଇକି  ! ! !

ସଂସାର ଜଂଜାଳ ସମ୍ଭାଳି ନେଉଛୁ
ପଥର ପଡ଼ିଲେ ସହୁଛୁ
ମନ ଦୁଃଖ ଥିଲେ ପଚାରିଲେ ତୋତେ
କିଛି ହୋଇ ନାହିଁ କହୁଛୁ  ! ! !

ନିଜେ କଷ୍ଟ ସହି ପାଳି ପୋଷି ଆଜି
ଆକାଶେ ଦେଲୁ ତୁ ଉଡେଇ
ତୋ ଭଲ ପାଇବା ଆଗରେ ଦୁନିଆ
ପାରିବନି କହି ବଢେଇ  ! ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆ ବୁକୁରେ ମାଆର ମମତା

ସୀମାହୀନ ନୀଳ ସାଗର

ମାଆ ଆଶୀର୍ବାଦେ ହସୁଅଛୁ ଆଜି

ହସୁଛି ଆମରି ସଂସାର !!!

ବାପା ବୋଉ ଭାଇ ଭଉଣୀର ସ୍ନେହ

ସବୁ ତ ଦେଉଛୁ ଅଜାଡି

ତୋ ଭକ୍ତି ଆଗରେ ଆମ ଏ ସଂସାର

ପାରି ନାହିଁ କେହି ଉଜାଡ଼ି !!!

ଜନ୍ମ ଜନ୍ମ ପାଇଁ ଆମେ ତୋ କୋଳରେ

ଜନମି ଜନମି ଆସିବୁ

ଏତିକି କରୁଣା କରିବୁ ମାଆ ଲୋ

କୋଳରେ ତୋହର ହସିବୁ !!!

ଗ୍ରା: ଚକର ପୁର , ପୋ : ଗୌଡ଼ ଗୋପ

ଥାନା : ମାହାଙ୍ଗା , ଜି : କଟକ

ମୋ : ୯୭୧୧୨୦୦୫୩୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭୁଲା ସ୍ମୃତି



ବିଶାଖା ଦେବୀ

ଭାରି ମନେପଡେ ମୋ ପିଲା ଦିନର
ହଜିଲା ଅଭୁଲା ସ୍ମୃତି
ମୋ ଗାଆଁ ମାଟିର ସବୁଜିମା ଶୋଭା
ମନେପଡେ ନିତି ନିତି ମନେପଡେ ଆଜି ପିଲା ଦିନକଥା
ସଢେଇର ଧୂଳି ଖେଳ
ଅତୀତ ଗୌରବ ସାଙ୍ଗ ସାଥୀ ମେଳ
ବୋହୂ ଚୋରି ଡୁଡୁ ଖେଳ
ସାଙ୍ଗ ହୋଇ ଦିନେ କରୁଥିଲୁ ମଜା
କଣ୍ଢେଇର ବାହାଘର
ଖେଳଣା ପାଲିଙ୍କି ସବାରୀକୁ ନେଇ
ଭୋଜି ଭାତର ଆସର
ଖୁଦୁରକୁଣି ଓ ଜହ୍ନି ଓଷା ବ୍ରତ
ଶାରଦୀୟ ଦୁର୍ଗାପୂଜା
କୁମାର ପୂର୍ଣ୍ଣିମା ଜୋଛନାରେ ଭିଜି
ନେଉଥିଲୁ କେତେ ମଜା
ଫୁଲ ବଉଳ ବେଣୀ ଗୀତ ସାଥେ
ଜହ୍ନକୁ ଆଞ୍ଜୁଳି ଦେଇ
କବାଟ କଣରେ ଚାନ୍ଦ ଦିଆନିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ କଥା କୁହାକୁହି
ଦୋଳ ଉତ୍ସବରେ ହୋଲି ପରବରେ
ରଙ୍ଗ ବୋଳା ବୋଳି ହୋଇ
ବେଶି ମଜା ଦିଏ ରଜ ଦୋଳି ଖେଳ
ରଜ ଦୋଳି ଗୀତ ଗାଇ
ସାଙ୍ଗ ହୋଇ ଯେବେ ପାଠ ପଢି ଯାଉ
ଭଲ ଲାଗେ ବିଦ୍ୟାଳୟ
ଭାରି ଭଲ ଲାଗେ ମୋର ପିତ୍ରାଳୟ
ସତେ ପରା ଦେବାଳୟ
ପିତା ମାତା ସ୍ନେହ ଭାଇ ଭଉଣୀଙ୍କ
ମମତା ଆଦର ପ୍ରୀତି
ସବୁରି ପରାଣ ହୁଏ ପୁଲକିତ
ସୁଖେ କଟେ ଦିନ ରାତି
ଯାଇଛି ସୁଦିନ ଆସିଛି ଦୁର୍ଦ୍ଦିନ
ଚିନ୍ତା ଭାବନାରେ ମନ
ଉଜାଣି ସୁଅରେ ଭାସିଯାଇଅଛି
ଅତୀତ ର ସେହି ଦିନ
କର୍ମକ୍ଷେତ୍ର ମୋର ଅଟେ ବିଦ୍ୟାଳୟ
ଦିନ ବିତେ ଶିଶୁ ମେଳେ
ଶିଶୁ ଓଠେ ଦେଖେଅନେକ କଳ୍ପନା
ଅଭୁଲା ସ୍ମୃତି କୁ ଭୁଲେ ।          ସାକ୍ଷୀଗୋପାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରେଷ୍ଠ ଯୋଗଦାନ



ସୁକୃତୀ ମହାପାତ୍ର

ଅରି ତାଙ୍କର ନାହାନ୍ତି ବୋଲି ନାମ ଅଟଇ ତାଙ୍କର ନାରୀ
ଜ୍ଞାନ ଓ ବିଜ୍ଞାନ ପ୍ରତିଟି କ୍ଷେତ୍ରରେ ଅଟେ ସେ ଭାରି ଚାତୁରୀ
ଇତିହାସ,ଶାସ୍ତ୍ର ପ୍ରତିମୁହୂର୍ତ୍ତରେ ଗୁଣ ଗାଉଥାଏ ତାରି
ତା ସ୍ପର୍ଶୀପାଇଲେ ନରକ କ୍ଷଣକେ ପାଲଟେ ସରଗପୁରୀ
ସେନେହସରଧା ଦୟାକ୍ଷମା ଭାବ ରହିଚି ତା ହୃଦେଭରି
ତାର ନିଦାକଲେ ଲକ୍ଷ୍ମୀଛଡା ହୋଇ ରହିବ ଭାଗ୍ୟଆଦରି
ବିଶ୍ୱେ ଏମିତି କିଛି କାମନାହିଁ ଯାହା ନ କରି ପାରିବ ନାରୀ
ତଥାପି ସାମାଜେ ଅବଳା ଦୁର୍ବଳା ବୋଲି କିଆଁ ପଡେହୁରି
କୁରାଢ଼ି ନୁହେ କାଠ ନିଜେ ନିଜକୁ କାଟିବାର ନ୍ୟାୟପରି
ନାରୀର ଶତ୍ରୁ ପୁରୁଷ ନୁହେ ନିଜେ ହୋଇଥାଏ ପରା ନାରୀ
କେଉଁଠାରେ ଶାଶୁ ଯୌତୁକ ପାଇଁ ବୋହୂକୁ ଦିଅଇ ମାରି
ବୋହୂ କେଉଁଠି ଶାଶୁ ଶ୍ୱଶୁରଙ୍କୁ ଦିଏ ଘରୁବାହାର କରି
ଶାଢ଼ି ପିନ୍ଧାଶୈଳୀ ଆଜିର ନାରୀ ମନରୁ ଗଲାଣିପାସୋରି
ପୋଷାକକାଟି ହାତ, ପେଟ ଦେଖାଇ ବୁଲିବାକୁ ମନତାରି
ପାଶ୍ଚାତ୍ୟ ପଛେ ଧାଇଁଧାଇଁକା ଭାସିଗଲେଣି ସେ ପୁରାପୁରି
ଆମ ସଭ୍ୟତା ସଂସ୍କୃତି ମାହାତ୍ମ୍ୟ ବୋଧେ ମନେନାହିଁ ତାଙ୍କରି
ଯେବେ ନାରୀ ସଚେତନହେବ ସବୁ ଘଟଣାକୁ ବୁଝିପାରି
ସୁନ୍ଦରସମାଜ ଗଠନରେ ହେବ ଶ୍ରେଷ୍ଠ ଯୋଗଦାନ ତାରି

ବାଙ୍କୀ, ପାଟପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଛି ସ୍ମୃତି, ଶେଷଚିଠି



ସ୍ନିଗ୍ଧା ସାମନ୍ତରାୟ

ଶେଷ ପାହାଚେ ବସି ଭାବେ ମୁଁ କିଛି
ଲେଖା ମୋର ଶେଷ ଚିଠି
ଶ୍ରଦ୍ଧା, ପ୍ରେମ, ବିଶ୍ୱାସେ ଖୋଲିବ ପ୍ରଭୁ
ଅଛି ଦୁଃଖ କିଛି ସ୍ମୃତି ।

ଅଭୁଲା ଅନୁଭୁତି କ୍ଷତ ଯନ୍ତ୍ରଣା
ଭଲ, ମନ୍ଦ ,ପ୍ରତାରଣା
ବଞ୍ଚିବାର ରଙ୍ଗଲାଗେ ଫିକା ଫିକା
ଏ ମନ ଭଙ୍ଗା ଆଇନା ।

ହାରି ମୁଁ ଯାଇଛି ଜୀବନ ସଂଗ୍ରାମେ
ତ୍ରିଗୁଣ ରଜ୍ଜୁରେ ବନ୍ଧା
ଆଶା ନିରାଶାର ଭାବ ସରୋବରେ
ଶତଦଳ ପଦ୍ମେ ଛନ୍ଦା ।

ନିଦ୍ରା ଯାଏ ଯେବେ ଅସୁମାରୀ ସ୍ୱପ୍ନ
ସ୍ୱାଭିମାନ ତୁମ ପାଇଁ
ଜୀବନ ଉଦ୍ୟାନେ ବସନ୍ତ ନଥିଲା
ନିଦାଘ ଦିନ ମୋ ସାଇଁ ।

ଶୟନେ, ସପନେ ବିଶ୍ୱାସର ମନେ
ରଖିଥିଲି ଭାବ ପ୍ରେମ
ଚପଳ ସମୟେ କରିଥିଲି ଦୋଷ
କଷ୍ଟ ଭୋଗେ ପ୍ରତିଦିନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରଦ୍ଧା ହଜି ଯାଏ ବିଶ୍ୱାସ କୋଳରେ
ଆପଣାର କେହି ନାହିଁ
ମୋ ଜୀବନ ଗାଥା ହୃଦୟର କଥା
ଲେଖାରେ ଦେଲି ଜଣାଇ ।

କିଛି ସ୍ମୃତିନେଇ ଲେଖେ ଶେଷଚିଠି
ଗୁହାରି କରିଣ ମୁହିଁ
ଆତ୍ମ ବିଶ୍ୱାସେ ପ୍ରଭୁ ଖୋଲିବ ଚିଠି
ଶେଷ ମାଗୁଣି ତୁମ ପାଇଁ ।

ଚୁନଭାଟି, ଗୋପାଳ ଗାଁ, ବାଲେଶ୍ୱର ।
ଭ୍ରାମ୍ୟଭାଷ : ୭୯୭୮୭୦୯୩୬୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପହଞ୍ଚ



ଧିରେନ ବାଗ

କିବା ଲେଖିବି ତମ ପାଇଁ

ଥରିଉଠେ କଲମ ମୁନ

ଝରଝର ଝରି ଯାଏ କାଳି

ତିନ୍ତିଯାଏ ସାଦା କାଗଜ

ଶବ୍ଦ ସବୁ ଏପଟ ସେପଟ

କାହାକୁ ଗୋଟାଇବି

ଶବ୍ଦକୁ ନା ତମକୁ ?

ଇଚ୍ଛା ହୁଏ ତମକୁ ଗୋଟାଇ

ଗଢିବି ଏକ ନୂଆ ଶବ୍ଦ

କିନ୍ତୁ ତମେ

ଛାଇ ଆଲୁଅରେ ଖେଳ

ପଛେ ଧାଏଁ ଧରିବାକୁ

ପାରେନା,

ତମେ ଚାଲିଯାଅ ଖୁବ୍ ଦୂରକୁ

ଶହ ଶହ ଲକ୍ଷ ଲକ୍ଷ ଯୋଜନ

ଯୋଉଠି କେବେ ମୁଁ

ଇଚ୍ଛା ଥାଇ ପହଞ୍ଚି ପାରେନା ।।।

ଗୌଡରମା, କୁଳିଅଣା, ମୟୂରଭଞ୍ଜ

ମୋ-୮୯୧୭୨୭୨୫୨୫,୯୬୯୨୧୮୮୦୮୧

ଆହ୍ୱାନ ଇ-ପତ୍ରିକା

# ସ୍ମୃତି



ସରିତା ମହାନ୍ତି

ବିଗତ ସ୍ମୃତିଟି ଫେରି ତ ଆସେନା
ପାଖେ ସଦା ରହିଥାଏ
ଗୋଟି ଗୋଟି କରି ମନେ ପକାଇ ସେ
ସୁଖ ଶାନ୍ତି ଦେଉ ଥାଏ ।

ସୁଖରେ ଦୁଃଖରେ ସାଥୀ ସେ ଆମର
କେବେ ଲୁହ ହୋଇ ଝରେ
ଚେନାଏ ହସ କୁ ଓଠରେ ଦେଇ ସେ
ଉପକାର ଆମ କରେ ।

ସାଇତା ସ୍ମୃତି କୁ ରତନ ପରିକା
ହୃଦୟରେ ସାଇତିବା
ଜୀବନ ଯନ୍ତ୍ରଣା କମି କମି ଯିବ
ସଭିଙ୍କୁ ଦୃଷ୍ଟାନ୍ତ ଦେବା ।

ଏମିତି ଘଟଣା ଘଟଇ ଜୀବନେ
ଭୁଲି କେବେ ହୁଏ ନାହିଁ
ତଥାପି ଆମକୁ ବଞ୍ଚିବାକୁ ହୁଏ
ସ୍ମୃତିଟିକୁ ସାଥେ ନେଇ ।

ନିଃସଙ୍ଗ ଜୀବନେ ସାଥୀ ଆମ ସିଏ
ଛାଇ ପରି ରହି ଥାଏ
ଫଗୁଣେ ଅବିର ଦେହେ ବୋଳି ଦେଇ
ଆନନ୍ଦ ଆମକୁ ଦିଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣରେ ପୁଣି ବରଷା ସାଜି ସେ
ଦେହକୁ ଭିଜାଉ ଥାଏ
ସାଥୀ ଜୀବନର ଅକୁହା କଥାକୁ
କାନେ କାନେ କହୁଥାଏ ।

ସକାଳରୁ ସଂଜ ସମସ୍ତ ଘଟଣା
ତା ପାଖରେ ଠୁଳ ଥାଏ
ସ୍ମରଣ ଶକ୍ତି ଟି ପ୍ରଖର ତାହାର
କେବେ ସେ ଭୁଲି ନ ଯାଏ ।

ପ୍ରେମର ଆଳାପ ବିରହ ବେଦନା
ସବୁ ଆମକୁ ଦେଖାଏ
ମାନ ଅଭିମାନ ରାଗ ରୋଷ ସବୁ
ଡାଇରୀ ରେ ଲେଖିଥାଏ ।

ଆଗକୁ ଆଗକୁ ବଢିବା ପାଇଁ ସେ
ପ୍ରେରଣା ଆମକୁ ଦିଏ
ଅତୀତ ସ୍ମୃତି ଟି ହରାଇବା ଯଦି
ବଞ୍ଚିବା ସହଜ ନୁହେଁ ।

ଯାନି ଯାତ୍ରା ଅବା ମେଳା ମହୋତ୍ସବ
ବାର ମାସେ ତେର ପର୍ବ
ସବୁକୁ ନେଇ ସେ ମାଳ ଗୁନ୍ଥି ଥାଏ
ତଥାପି ନ ଥାଏ ଗର୍ବ ।

ଜୀବନ ଦୀପଟି ଯେ ଦିନ ଲିଭିବ
ଅଭିନୟ ତା ସରିବ
ଛାଇ ସିନା ଆମ ପାଖ ଛାଡି ଦେବ
ଜୁଇ ସହ ସେ ଜଳିବ ।

ଶିକ୍ଷୟିତ୍ରୀ, ବାଲିଆପାଳ
ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

# ଉଡ଼ା ଚଢ଼େଇ



ସସ୍ମିତା ମହାପାତ୍ର

ଚଢେଇ ଗାଏ ନୋହୁଲି ଗୀତ ବସାରେ ଝୁଲି ଝୁଲି ।
ବାଇଆ ବସା ବା' ଭରସା ଆଗକୁ ନିଏ ଠେଲି ।।
ଶକ୍ତ ଚଂଚୁ ଆହତ କରେ ଡେଣା ତା' ଝାଡି ଝାଡି ।
ଦ୍ରୁତ ପବନ ଶାନ୍ତ ହେଲେ ଆକାଶେ ଯିବ ଉଡି ।।
ଆସୁଛି ଯେବେ ବସାକୁ ଫେରି ହସ ହସ ମନ ନେଇ ।
ସରିଲେ ତା'ର ସବୁ ଆଧାର ବାଟ ଖୋଜି ଚାଲିଯାଇ ।।
ଗହନ ବନ ଜାଲକୁ କାଟି କେତେ ନାଟ କେତେ ଛଇ ।
ଦେଖାଏ ଉଡି ଡେଣାକୁ ମେଲି ସଭିଙ୍କୁ କରଇ ବାଇ ।।
ଯିବା ଆସିବା ଉଡିବା ବେଳେ କେତେ ପର ଦିଏ ଝାଡି ।
ଛିଣ୍ଡିଲେ ପର କରେନା ଦକ ନୂଆ ଯାଏ କଅଁଳି ।।
ଏମିତି ଖେଳ ଖେଳରେ କାଳ ଜାଲ ବୁଣି ହୁଏ ଠିଆ ।
ଥକ୍କା ଚଢେ ବୋକା ହୁଏ ଦେଖି ଖାଦ୍ୟର ମାଠିଆ ।।
ସେକାଳେ କାଳ ବସାଇ ଫାସ ଫସାଇ ନିଏ ଦୁରେ ।
ଫେରି ଆସିବ ବସାକୁ ତା'ର ପଖୀ ଭାବେ ମନରେ ।।
ଏମିତି ଭାବ ଅଭାବ ଖେଳ ଚାଲିଚି ଯୁଗରୁ ଯୁଗ ।
ରହିନି ପଖୀ ରହିନି ବସା ରହିନି ତା'ର ରଙ୍ଗ ।।

୨୪୫, ଲିଙ୍ଗରାଜ ନଗର, ପୁରୁଣା ଭୂବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋଣାର୍କ



ରୀତା ଅପରାଜିତା
ମହାନ୍ତି

କୋଣାର୍କ ଦେଖିଲେ ତୁମେ ଦେଖ ଅପୂର୍ବ ହାତର ସ୍ପର୍ଶ ରେ ଗଢ଼ା ସୁନ୍ଦର
କାରୁକାର୍ଯ୍ୟ ଭରା ସୂର୍ଯ୍ୟ ମନ୍ଦିର
ତାର ପ୍ରତି ଟି କଳା କୃତୀ ରେ ତୁମେ ହଜିଯାଅ
ତୁମେ ଆତ୍ମ -ବିଭୋର ହୁଅ
ହେଲେ ଏ ସୂର୍ଯ୍ୟ ମନ୍ଦିର ଦେଖିଲେ ମତେ ମହାରାଜା ଲାଙ୍ଗୁଳା ନରସିଂହ
ଦେବ ନୁହେଁ ବରଂ ବାର ଶହ ବଢ଼େଇ ମନେପଡ଼ନ୍ତି
ନିଜ ସ୍ତ୍ରୀ, ପିଲା ଘର ଦ୍ୱାର ଛାଡି
ମନରେ ଅନେକ ଯଂତ୍ରଣା, ଛାତିରେ ଅନେକ ଦୀର୍ଘ ଶ୍ୱାସ ନେଇ
ପାଷାଣ ଦେହରେ ଜୀବନ ଦେଇଛନ୍ତି ସେମାନେ
ରାଜାଙ୍କ ଆଦେଶରେ ଲାଗିପଡିଛନ୍ତି ପ୍ରାଣପଣେ
ହାତରେ ଧରି ନିହାଣ ହାତୁଡି ଧରି ମୈତ୍ର୍ୟୟ ବନରେ
ମନ୍ଦିର ନିର୍ମାଣ କରିଥିଲେ ଅବିକଳ ରଥ ପରି
କୋଣାର୍କ ମନ୍ଦିର ର ସୁନ୍ଦରତା ଦେଖି ଏ ସାରା ଜଗତ ହତଚକିତ ହୁଏ
ଜଗତ ଦେଖେ ଗୋଟିଏ ରାଜାର ଜୟ
ମିସ୍ତ୍ରୀ-କାରିଗରର ଲୁହ ର ବିନ୍ଦୁ
ପିଇଯାଏ ଲୁଣିଆ ମହାସିନ୍ଧୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ୍ଦିର ଚୂଡ଼ା ନିର୍ମାଣ କରି

ନିଜ ଜାତିର ମାନ ରଖିବା ପାଇଁ

ଓଡ଼ିଆ ପୁଅ ଧରମା ଜୀବନ ଦିଏ

ବାର ଶହ ବଢ଼େଇ ପାଇଁ ତ୍ୟାଗ କରିଥିବା ବାପା ହୃଦୟ ର ହାହାକାର

ଶୁଣିଛ କେବେ କାନ ପାତି ? ? ?

ମା ଅନ୍ତର ର ଆକୁଳ ବେଦନା

ଥରାଇନି କାହାର ଛାତି

କୋଣାର୍କ ଆମ ଜାତିର ମୁକ ସାକ୍ଷୀ

ତାର ପ୍ରତିଟି ପଥର କଥା କୁହେ

ଜୀବନ ଯଂତ୍ରଣା କଥା, ବିରହ ବେଦନା ର କଥା ।

କୋଣାର୍କ ଦେଖିଲେ ସେଇ ମହାନ ତ୍ୟାଗୀମାନଙ୍କ ପାଇଁ ମୋ ଆଖିରୁ ଲୁହ ଝରିଯାଏ ।

ପ୍ଲଟ ନ- (୮୩ -ସି), ଆମ୍ରପଲ୍ଲୀ, ଭୁବନେଶ୍ୱର -୨୧

ମୋ -୯୩୩୮୫୮୪୮୫୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ ନୁହେଁ ତୁ ନାରାୟଣୀ



ଶକ୍ତିଦା ବିଷୋୟୀ

ନାରୀ ନୁହେଁ ମାଟି ମାଆଟି ଗରିମା
ପୃଥିବୀ ଠାରୁ ଗଭୀର
କେତେ ଅଳି କେତେ ଅରଦଳି ସହି
ଙ୍କୋହିଛି ଗୃହର ଭାର ।
ସେହି ଅନୁପାତେ ସମ୍ମାନ ମିଳୀଲେ
ପ୍ରାଣ ହେବ ପଲ୍ଲବିତ
ଲତା ପାଇ ଆଶ୍ରା ଅଜାଚିତ
ଯୋଗାଇବ ଫୁଲ ଫଳ ।
ନାରୀ ଜୀବନଟା ଲତାର ସଦୃଶ୍ୟ
ଚାହିଁ ରହି ଥାଇ ଆଶ୍ରା
ଆଶ୍ରା ଯେବେ ତାକୁ ମିଳିବ ସର୍ବଦା
ସୃଷ୍ଟିର କରିବ ରକ୍ଷା ।
ନାରୀ ନୁହେଁ ସେତ ସ୍ୱୟଂ ନାରାୟଣୀ
ସଦା ମଙ୍ଗଳ କାରିଣୀ
ତାର ବିନା କେବେ ଆଶ୍ରା ନ ମିଳଇ
ତାହୃଦ କୋଳଧରଣୀ ।

ପିତା କୂଳ ପତି କୂଳର ଗୌରବ
ସୌନ୍ଦର୍ଯ୍ୟ ଶିକ୍ଷା ସୁରକ୍ଷା
ଗରିୟସୀ ନାରୀ ନୁହଁଇ ଅଇରି
ଦୁଇ କୂଳକୁ ସେ ହିତା ।
ଆଧୂନିକା ନୋହି ତପସ୍ୱିନୀ ହୋଇ
ସତ୍ୟ ଧର୍ମ ରକ୍ଷା କରି
ଶିକ୍ଷାଲାଭ କରି ବେଦ ଅଧ୍ୟାୟରେ
ହେବା ମଦାଳସା ପରି ।
ଗାର୍ଗି, ସୀତା ଭଦ୍ରା ଅନୁସୟା ଶଚି
ଅହଲ୍ୟା ଶବ୍ୟା ଶାଶ୍ୱତୀ
ଦମୟନ୍ତୀ କୁନ୍ତୀ ସୁଲଭା ସାବିତ୍ରୀ
ପରି ହେବା ବେଦ ସତୀ ।

ଆହ୍ୱାନ ଇ-ପତ୍ରିକା

# ଝରା ଶେଫାଳୀ



ସାଧନା ପଣ୍ଡା

ଭୂପତିତ ଝରା ଫୁଲ,
	ହେ ପ୍ରିୟ ଶେଫାଳି,,,,,, ! !
କିଆଁ ଏତେ ତରତର,,

ସକାଳର ଆଗମନି
	ଏଯାଏଁ ହୋଇନି,
ବାକି ଅଛି କିଛି
	ରାତ୍ରି ତ ସରିନି,,,, !

ପ୍ରଭାତ ଅଛି ବହୁ ଦୂରେ
	କିମ୍ବା ହୁଅ ଭୁ-ପତିତ
ସମୟର ସ୍ରୋତେ ଭାସି,,
	ହୋଇ ଅବଲୁଣ୍ଠିତ,,

ନ ଯାଅ --ନ ଯାଅ--
	ଟିକେ ରହିଯାଅ--
ବିଦାୟଟା ଆସିନାହିଁ ପରା,, !

ଆରମ୍ଭ ତ ହୋଇନାହିଁ କିଛି
	ରାତ୍ରି ଯାଇ ନାହିଁ ସରି,,
ସଙ୍ଗ ହୋଇଯିବା ବହୂ ପଥ--
	ରହିଛି ଆହୁରି,,

ହେ ମୋ ପ୍ରିୟା,, !
	ଯାଅ ନାହିଁ ଫେରି ,
ରାତ୍ରିର କାମନା-
	ହୋଇନାହିଁ ପୁରି,,,,,,
କୁହ ତୁମେ, କୁହ,,,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଦିନ ଅବା ଅଛି
ଆୟୁଷ ଆମରି,,, ! !
ଜୀବନଟା ଆନନ୍ଦମୟ ଏକ
କୋକିଳର କୁହୁ,,
ମାଟିର ମହକ ଏ ପାର୍ଥିବ ଜଗତ,,,
ଲୋଭ ନେଇ ଧାଉଁ ଆମେ,
ମୃତ୍ୟୁ ନିକଟକୁ,,,
ଧରି ଅବଶିଷ୍ଟ ଆୟୁ,
ଚରିତାର୍ଥ କରିବା ଆମ
ସୁପ୍ତ କାମନାକୁ,,
ହେ,, ଜଡ  ନିର୍ଜୀବ ଶେଫାଳି... ! !
କିଛି ନୁହେଁ ଚିରସ୍ଥାୟୀ,
କ୍ଷଣସ୍ଥାୟୀ ଏଇ ଧରା ବୁକୁ,,

ଆସ କରିବା ପୁରଣ,
ନିଃଶେଷ ହେବା ଆଗୁ
ଆମ ଶେଷ ଇଛାକୁ,,

ଜୀବନର ଛନ୍ଦ ହଜିଯାଏ
ସମୟ ନଦୀ ତୀରେ,,
ନେଇ ନୂତନ ଆଶା- ଜଳବିନ୍ଦୁ,
ଆସେ ଗ୍ରୀଷ୍ମର ଆକାଶ,
ସକାଳ ଶିଶିର ପରି ଲିଭିଯାଏ,
ଜୀବନର ପୂର୍ଣ୍ଣତାର ଇନ୍ଦୁ,,,, !

ସବୁ କିଛି ଲିଭି ଯାଏ,ହଜିଯାଏ
ସମୟ ସ୍ରୋତରେ,
ଆସ ,,,,,ଆସ  ଆଜି ହଜିଯିବା
ପ୍ରୀତିର ଢେଉରେ,,, ! !

ଭୁବନେଶ୍ୱର*

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟିର ମଣିଷ



କୁମୁଦିନୀ ବେହେରା

ମାଟିରେ ଗଢା ମୁଁ ମାଟିର ମଣିଷ
ମାଟିରେ ହୋଇବି ଲୀନ
ଅଳିକ ଜୀବନେ ଗର୍ବ ଦମ୍ଭ ମୋର
କିବା ଅଛି ପ୍ରୟୋଜନ ।

ଘାସ ଫୁଲର ଏ କ୍ଷଣିକ ସୁଖରେ
ଖୋଜେ ତୁମ ଅନୁଗ୍ରହ
ଅରଚନା ଘେନ ଅରପେ ଚରଣେ
ଆହେ ପ୍ରଭୁ ଦୟାମୟ ।

ମୋ ମନର ସୁପ୍ତ ବୀଣାରେ ହେ ପ୍ରଭୁ
ତୁମେ ମୋ ମଧୁ ଝଙ୍କାର
ହଜିବାକୁ ଚାହେଁ ତୁମ ପ୍ରେମ ଗୁଣେ
ଝରାଅ ପ୍ରେମ ନିର୍ଝର ।

ଏ ଘନ ଅନ୍ଧାରେ ପାପ ସାଗରରେ
ଭାସୁ ଅଛି ମନ ଘର
ଅନ୍ୟାୟ, ଅନୀତି, ଦୁର୍ନୀତିକୁ ଦେଖି
ଅଣାୟତ ନେତ୍ର ମୋର ।

ବିରହ ବିଶାଦେ ନୟନରୁ ମୋର
ଝରି ଯାଏ ଲୁହ ଧାର
ହେ ପରାଣ ବନ୍ଧୁ ମୋ ଲୋତକ ବିନ୍ଦୁ
ହେଉ ସୁଗ୍ରାହ୍ୟ ତୁମର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ ଭରା ସେହି  ମଧୁର ଗୁଞ୍ଜନ

ଶୁଣାଅ କର୍ଣ୍ଣ ରେ ମୋର

ଶୂନ୍ୟ ହୃଦୟକୁ   ପୂର୍ଣ୍ଣ କର ଆସି

ଏହି ନିବେଦନ ମୋର ।

ଫଳବତୀ ବୃକ୍ଷ    କରିଦିଅ ପ୍ରଭୁ

ଉଦ୍ଦୀପନା ମନେ ଦେଇ

ପ୍ରାଣୀ ମଙ୍ଗଳାର୍ଥେ ଲାଗି ଯିବି ମୁହିଁ

ଶେଷ ରକ୍ତ ବିନ୍ଦୁ ଦେଇ ।

ଛେଣ୍ଡିପଦା,ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

# ନିତି ଶେଯପାରେ ତୁମ ନାଁରେ



ପ୍ରଦୀପ ବନ୍ଧ

ହେ ମମତା !!!!!!!!!!!,

ପୃଥିବୀ କେଡେ ଭୟଙ୍କର ନା ?

ମୁଁ ବି ତା ଠାରୁ ଅଧିକ

ତୁମେ ଅଖ ଆଉ ଚକ ପରି

ଅହରହ ଘୁରି ବୁଲୁଛ

ମୋ ଚାରିପଟେ

ମୁଁ କିନ୍ତୁ ଓଲଟା ।

ଆକାଶ ଛାତିରେ କଳା ବାଦଲ

ଖଣ୍ଡେ ଲଟକେଇଲା ପରି

ମୁଁ  ତୁମ ମନ ଆକାଶରେ ସିନା କୁଆଁ ତାରା ଟିଏ ସାଜି ବସା ବାନ୍ଧିଛି

ହେଲେ ଉଲ୍କା ପିଣ୍ଡ ପରି

ମୁଁ ଖଣ୍ଡେ ଦଉ ଅଙ୍ଗାର ନିଆଁ

ଯାହାକୁ ଛୁଇଁଲେ ଫୋଟକା ହେଇଯିବ ନଚେତ

ପାଣି ଢାଳି ଲିଭେଇବାକୁ ଇଚ୍ଛା କଲେ

କଳା ଦଉ ପୋଡା ପାଉଁଶ ଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଉଁ ଏକ ପାଖରେ ପଡି ରହିଥିବ ।

ସତ କହିଲ ମମତା ....

ସମୟ ବ୍ୟବଧାନରେ ତୁମେ

ମୋତେ ଓ ମୋ ହୃଦୟ ପୃଷ୍ଠାକୁ

କେତେ ଥର ପଢିଛ ?

ହଁ ନିଶ୍ଚିତ ପଢିଥିବ

କିନ୍ତୁ ପଢିବା ଟା ତୁମ ପାଇଁ ବୋକାମୀ ।

କାରଣ ତୁମ ହଳଦୀ ରଙ୍ଗର

ବଦମାସ ଚେହେରା ମୋତେ କେବେ ସ୍ୱାଗତ ଯୋଗ୍ୟ କରି ଟାଣି ନେଇନି

କି ?

କୋମଳ କିରଣ ଭାବି ନିଜକୁ କେବେ ତେଜିୟାନ ମନେ କରିନି ।

ଆଇନା ଆଗରେ ତୁମ ସିନ୍ଦୁର

ଟୋପାଟା ତୁମକୁ ସିନା

ଠକି ଦେଇଛି

କିନ୍ତୁ ମୁଁ କେବେ

ତୁମ ମିଛ ମାୟା ଜାଲରେ

ଛନ୍ଦିହୋଇନି କି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭୋର ହୋଇ ତୁମ ଆଡକୁ

ଆକୃଷ୍ଟ ହୋଇନି ।

ତଥାପି ମମତା

ତୁମେ ସକାଳ ହେଲେ କୁହ

ନିତି ଶେଯ ପରେ ତୁମ ନାଁରେ ।

ମୁଁ ତୁମର ସେ ଆତ୍ମୀୟତାରେ ପ୍ରେମକୁ

ସାକାର ରୂପ ଦେବା ବଦଳରେ

କହେ ଛାଡ଼....

ସେ ଫାଜିଲାମି ଡାଇଲଗ ବାଜି ।

ଏତକ କହୁ କହୁ

ତୁମ ଆଖିର ଆଖିଏ ଅସୁମାରୀ ସ୍ୱପ୍ନର ଲହରୀ

ଆଖି ଛଳ ଛଳ କରି କୁହ

ମୁଁ ସିନା ପଢିପାରେନି

ସବୁ ପରେବି ସେହି ଗୋଟିଏ କଥା

କହିଦେଇ ଚାଲିଯାଅ

ନିତି ଶେଯ ପାରେ ତୁମ ନାଁରେ ।।

ଭଦ୍ରକ, ବାସୁଦେବପୁର, ରାଜଘରପୋଖରୀ, ସାନମଛୁଆଘାଇ

ଭ୍ରାମ୍ୟଭାଷା-୮୦୭୨୭୮୩୨୨୦ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିରହର ଜ୍ୱଳନ



ଅର୍ପିତା ରାଣା

ବିରହ ଜ୍ୱଳନ କେତେ ଯେ ଅସହ୍ୟ
କେମିତି ଜାଣିବ ତୁମେ ?
ବିରହ ବହ୍ନିରେ ଜଳୁଥିବା ଜଣ
ଜାଣୁଥିବ ପ୍ରତିକ୍ଷଣେ ।
ଅସହାୟ ମନ ଚିତ୍କାର କରୁଛି
ନିଃଶବ୍ଦ ସଂଗୀତ ରଚି,
ତନୁ ମନ ସବୁ ଏକାକାର ହେଇ
ପ୍ରାଣ ଛାଡ଼ିବି ଛାଡ଼ିବି ହେଉଛି ।
ଆଖି ଥାଇ ଅନ୍ଧ ହୋଇଛି ମୁହିଁ ଗୋ
ତୁମେ ଛାଡ଼ି ଗଲା ଦିନୁ,
ଶ୍ରୀକୃଷ୍ଣ ବିରହେ ଅନ୍ଧୁଣୀ ହୋଇଛି
ରାଇର ଆଖି ଯେଣୁ ।

ଶ୍ୱାସ ଛାଡ଼ି ଗଲେ ପରାଣ ଯେପରି
ଛଟପଟ ହୁଏ ଖାଲି
ବାରିକୁ ଛାଡ଼ିକି ମୀନ ଯେ ବଞ୍ଚୁଛି
ଖାଲି ଯେ କଳ୍ପନା ଭଳି ।
ଯେତେ ଦୂରେ ତୁମେ ରହିଥିଲେ ଆଗୋ
ପାଶେ ପାଶେ ମୋର ଥାଅ,
ପତର ଯେଭଳି ଯେଉଁଠି ଥିଲେ ବି
ଠିକଣା ଗୋଟେ ପାଦପ ।
ଯୌବନର ମୋର ତୁମେ ହିଁ ଭୂଷଣ
ତୁମେ ମୋର ପରିଚୟ,
ଠିକଣା ବିନା କି ରହିଥାଏ କେବେ
ଗଢ଼ା ହୋଇଥିବା ନଅର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଗରୁ ଆଉ ଏବେ



ନୂତନ କୁମାର ବେହେରା

ଯୁଗ ବଦଳେ ନା ଆପେ ଆପେ
ଆମେ ବଦଳାଇ ଥାଉଁ
ଆମ ଆବଶ୍ୟକତା ରୂପେ ।
ସମାଜର ଗତାନୁଗତିକ ପରମ୍ପରା
ରୁଚି ନୀତିରେ ଫରକ୍ ହେଲେ
ସଭିଏଁ କହୁ ନିଜ ନିଜ ଅଭିମତେ,
ଯୁଗ ବଦଳି ଗଲା
ରକ୍ଷଣଶୀଳତାକୁ ଜାବୁଡି ଧରିବା କେତେ ।
ଯାହା ଆଜି ଅଛି ତା'ଯେ କାଲିକୁ ରହିବ
ଏ କଥା ସବୁବେଳେ ନୁହଁଇ ସମ୍ଭବ ।
ପରିବେଶ ପରିସ୍ଥିତି ବଦଳାଏ କିଛି
ଆଉ ଶିକ୍ଷା ଦୀକ୍ଷା ସଂସ୍କାର,
ଅଜ୍ଞାନତା ଆତ୍ମସ୍ୱାର୍ଥ ବଦଳାଇ
ପାରେନା କେବେ କିଛି
ଯା' ସମାଜ ପାଇଁ ଅଟେ ଅବାନ୍ତର ।
ଆଗରୁ ଥିଲା ଏକକ ପରିବାର
ଏବେ ତ ଛୋଟ ଛୋଟ ନିଜ ଆପଣାର,
ଆଗରୁ ଥିଲା ଘର ସବୁ ନଡ଼ା ଛପର
ଏବେ ସବୁ ପକ୍କାକୋଠା ଘର ।
ଗାଆଁରେ ଥିଲା ଯାହା ଯାହା ସୁବିଧା
ଏବେ ଉପୁଜେ ଖାଲି ବାଧା,
ସହରରେ ମିଳେ ସବୁ ଯା' ହୁଏ ଖୋଜା
କିଛିର ନାହିଁ ଅସୁବିଧା ।
ମନରେ ରଖି ଏଇ ମାନସିକତା
ମଣିଷ ଦେଖାଏ ତାର ପାରଦର୍ଶିତା,
ପାର୍ଶ୍ୱ ପ୍ରତିକ୍ରିୟାରେ ଆସୁ ବରଂ
ସମାଜରେ ଶତ ଶତ ବିଘ୍ନତା ।
କଂକ୍ରିଟ ଚଟାଣ ଗଢାହୁଏ ଯେତିକ ମଜଭୁତ
ହୃଦୟର ଭାବ ହୁଗୁଳା ହୁଏ ସେତିକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଆସେ ଅଦ୍ଭୁତ ।

ରକ୍ତର ସଂମ୍ପର୍କରେ ବି ସ୍ୱାର୍ଥ ବାନ୍ଧେ ବସା

ନିଜ ଲୋକ ଉପରେ ରହେନା ଭରସା ।

ତାଙ୍କ ପ୍ରତି ନ ହୋଇ ଉଦାର

ଅନ୍ୟମାନଙ୍କ ପରି ହୁଏ ନିଷ୍ଠୁର ।

ଏ କି ଯୁଗ ପରିବର୍ତ୍ତନର ଧାରା

ଯାହା ନିରିହ ସରଳ ମଣିଷଙ୍କ

ଜୀବନର ସ୍ୱପ୍ନକୁ ରଖିଦିଏ ଅଧୁରା ?

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମାର ହତ୍ୟା



ଆର୍ଯ୍ୟନ୍ ପ୍ରଧାନ

ଭଗ୍ନ ସେହି ପାନ୍ଥଶାଳା ମୋ ଆତ୍ମାର ମୁଖ ସାକ୍ଷୀ
ଅପଲକ ନୟନର ଲୋତକର ଧାର ଆଜି ପଞ୍ଚଭୂତରେ ଲୀନ
ସବୁ ପ୍ରତୀକ୍ଷାର ଅନ୍ତ ପରେ
ସେ ନିଦାଘ ରାତିର ଆକୁଳ ଚିତ୍କାର
ସେ ଅସଜଡ଼ା ଶବ୍ଦ ସବୁ ମୋ ଜୀବନ ବହି ପୃଷ୍ଠାରେ
ଅଦେଖା ପୃଷ୍ଠା ହୋଇ ରହିଗଲା ଚିରଦିନ ପାଇଁ !
ମୁଁ ସିନା ଚିର ନିଦ୍ରାରେ ସୋଇଯାଇଛି ସତ
ତଥାପି ମୋ ଆତ୍ମାକୁ ହତ୍ୟା କରିଚାଲିଛନ୍ତି
ଏ ନରରୂପୀ ପୀପାସୁ ମାନେ. ।
ଆଜି ମୁଁ ବହୁତ ଖୁସି, ଏ ସମାଜଠୁ ବହୁଦୂରେ
କିନ୍ତୁ ଅନ୍ତରର ଅଗ୍ନେୟଗିରିଟା ଟକ ମକ୍ ହୋଇଫୁଟେ !
ଦୁନିଆକୁ ଦେଖିବା ପୂର୍ବରୁ ମୁଁ ଆଜି ସ୍ୱର୍ଗଧାମୀ
ମତେ ଆଉଥରେ ବଞ୍ଚିବାକୁ ଦିଅ ମୋ ଦୁନିଆରେ।।
ମୁଁ କଣ ଏ' ମାତୃଭୂମିର ଝିଅ ନଥିଲି
ମୁଁ କଣ ଆପଣଙ୍କ ଭଉଣୀ ନୁହେଁ
କିନ୍ତୁ ସମାଜ ପିପାସୁମାନଙ୍କ ଆଖିରେ
ମୁଁ ପାଲଟି ଗଲି ସେମାନଙ୍କ କ୍ଷୁଧାର ଭୋକ ।।
ଆଜି ମୁଁ ନାହିଁ ଦୁନିଆରେ ସତ କିନ୍ତୁ
ମୋ ଆତ୍ମା ଆଜି କାନ୍ଦୁଚି ଅହ ରହ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଦ୍ୟାଳୟ ଖୋଲିଗଲା



ଅଙ୍କିତା ପାଢ଼ୀ

ଭାଇ ଭଉଣୀଏ, ଛାଡ଼ିଣ ଅଳସ,
ବହି ବସ୍ତାନୀକୁ ଧରି ।
ଚାଲ ବିଦ୍ୟାଳୟ, ନହୋଇଣ ଦୁଷ୍ଟ,
ଗ୍ରୀଷମ ଯାଇଛି ସରି ।।
ରଜ ଗଲା ଚାଲି, ଗଲା ସଙ୍କରାନ୍ତି,
ଲିଭିଛି ଝାଞ୍ଜିର ନିଆଁ ।
କାଳ ବୈଶାଖୀର, ଭୀମ ଭୟଙ୍କର,
ବିଜୁଳି ତୋଫାନି ବାଆ ।।
ଆସିଗଲା ଏବେ, ନୂତନ ଶ୍ରେଣୀର,
ନୂତନ ପୁସ୍ତକ ମାଳା ।
ବୁଝି ନ ପାରିଲେ, ଗୁରୁଙ୍କୁ ପଚାର,
ନ କର ପାଠରେ ହେଳା ।।

ଭୟ ନ କରିଣ, ଯୁକ୍ତି ତର୍କ ମଧ୍ୟେ,
କରିବା ଜ୍ଞାନ ଅର୍ଜନ ।
ଗଣିତ ସାହିତ୍ୟ, କିବା ସାମାଜିକ,
ହେଉ ଅବା ସେ ବିଜ୍ଞାନ ।।
କୌଣସି ବିଷୟ, ସହଜ ନ ଭାବି,
ସବୁଥିରେ ଦେବା ଲୟ ।
ଲୟ ରଖିଥିଲେ, ନ ଆସଇ କଦା,
ପାଠରେ ନିଜକୁ ଭୟ ।।
ବିଦ୍ୟା ଅରଜନ, ଛାତ୍ରର ଜୀବନ,
ଛାତ୍ର ଛାତ୍ରୀ ଭବିଷ୍ୟତ ।
ଶୁଭକୁ ବିଚାରି, ଅଶୁଭକୁ ତ୍ୟାଗୀ,
କରିବା ସମାଜ ହିତ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିଭାବକଙ୍କ, ଅର୍ଥ ଅପଚୟ,

ଜ୍ଞାନୀ ନକରଇ କଦା ।

ଯେତେ କଷ୍ଟ ଆସୁ,ପିତା ମାତା ପାଇଁ,

ମଙ୍ଗଳ କରନ୍ତି ସଦା ।।

ବହି ଖାତା ସାଥେ, କଲମ ପୋଷାକ,

ସର୍ବ ସଉକିନ ଦର୍ବ ।

ବାପାମାଆ ପରା କେତେ ପରିଶ୍ରମେ,

ଯୋଗାଇ ଦିଅନ୍ତି ସର୍ବ ।।

ନିଜେ ଛିଣ୍ଡା ଗୁଣ୍ଡା, ପିନ୍ଧି ପକେଇଣ,

ସନ୍ତାନେ ଦିଅନ୍ତି ନୂଆ ।

ନିଜ ପେଟ ଭୋକ,ନିଜ ପେଟେମାରି,

ସରବ ରଖନ୍ତି ଥୁଆ ।।

ହୋଇ ଆଗଭର, ଭାଇ ଭଉଣୀଏ,

ନିଜକୁ କର ପ୍ରସ୍ତୁତ ।

ନୂଆ ଶ୍ରେଣୀ ପାଇଁ, ହୋଇବ ସଜାଗ,

ପଢିବା ହୋଇଣ ମିତ ।।

ବାପା: ରଞ୍ଜନ କୁମାର ପାଢ଼ୀ

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଗଗନ ବାବୁ ଛକ, ଏଡ଼ତାଳ,ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନ ଆସୁ କୌଣସି ଫନି



ମହେଶ୍ୱର ସାହୁ

ଉତ୍ତପ୍ତ ସମୀର, ହାଲୁକା ହୋଇଣ,
ହୋଇଥାଏ ଊର୍ଦ୍ଧ୍ୱ ମୁଖୀ ।
ସ୍ଥାନ ପୂରଣକୁ, ବୋହି ଆସିଥାଏ,
ଦେଖାଇ ସମୀର ଆଖି ।।
ଧରି ଉଗ୍ର ବେଶ, ମାଡି ମାଡି ଆସ,
ନେଇ ଏକ ନବ ନାମ ।
ବାଂଲାଦେଶ ଦେଲା, ଫୋନି ନାମ ତୁମ,
ପ୍ରବେଶୀଲ ପୁରୀ ଧାମ ।।
କ୍ୟାଣ୍ଟ, ହୁଡୁ ହୁଡୁ, ତିତଲି ବି ଗଲେ,
ପ୍ରଳୟ ରଚାଇ କେତେ ।
ଆମ ଓଡିଶାକୁ, ତୁମରି ପ୍ରକୋପେ,
ଧ୍ୱଂସ କରି ଯାଅ ଯେତେ ।।
ଫୋନି ଅର୍ଥ ଫେଣା, ଅତି ଭୟଙ୍କର,
ଗ୍ରାସ କରି ଜଳ ସ୍ଥଳ ।
ଅଶାନ୍ତ କରାଅ, ବାୟୁ ମଣ୍ଡଳକୁ,
ଜୀବ ମଣ୍ଡଳର କାଳ ।।

ବୃହତ ଉଦ୍ଭିଦ, ହୁଏ ଧରା ସାୟୀ,
ଉଡି ଯାଏ କେତେ ଚାଳ ।।
ଧନୀ ରୁହେ ସିନା, କୋଠା ପକ୍କା ଘରେ,
ହନ୍ତ ସନ୍ତରେ ଗରିବ ।
ଝାଟି ମାଟି ଘର, ଭୁଶୁଡି ପଡ଼ଇ,
ମୃତ୍ୟୁ ସଙ୍ଗେ ଲଢୁ ଥିବ ।।
ତଵ ବିଭୀଷିକା, ଶ୍ରୀକ୍ଷେତ୍ର ପୁରୀରୁ,
ଆରମ୍ଭ କରିଲ ଫୋନି ।
ତଵ ଅଭିମାନେ, ବିପର୍ଯ୍ୟୟ ସ୍ଥିତି,
କରିଦିୟ ହିନୀ ମାନି ।।
ଆସ କିଆଁ ତୁମେ, ଉଗ୍ର, ହିଂଶ୍ର ହୋଇ,
ଲଜ୍ୟା ନାହିଁ ତଵ ମୁଖେ ।
ସତ ଧିକ୍କାର ମୁଁ, କରୁ ଅଛି ତଵ,
ରଖ ଜଗତକୁ ଦୁଃଖେ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମରି ଓଡିଶା, ତୁମ ପାଇଁ କାଳ,
ବାତ୍ୟାରେ ଆମେ ଗରିବ ।
ଦେଶ ବାସୀ ସଦା, ଗରୀବର ଦର୍ଯ୍ୟା,
ତୁମ ପାଇଁ ଦେଉଥିବ ।।
ବାତ୍ୟା ଅଟେ କାଳ, ଓଡ଼ିଶାର ପାଇଁ,
ଉଠିବାକୁ ଦିଏ ନାଇଁ ।
ଟିକିଏ ଉଠିଲେ, ଭାଙ୍ଗି ଦିଏ ବାସ,
ଆସ କିଆଁ ଆମ ପାଇଁ ।।
ଲୋଡ଼ା ନାହିଁ ଆମ, ତୁମ ନିମନ୍ତ୍ରଣ,
ଆସ ନାହିଁ ତୁମେ କଦା ।
ହିଂସ୍ର ଅତ୍ୟାଚାରୀ, ପାଏନା ଆଦର,
କଣ୍ଟା ହୋଇଥାଏ ସଦା ।।
ତମ ମୁଖ ଶିରି, ଚାହିଁବାକୁ ଆମେ,
ହୃଦୟରୁ ଘୃଣା କରୁ ।
ବାତ୍ୟା ଫୋନି ତୁମେ, ଅଶାନ୍ତିର ଗ୍ରହ,
ବିଦା ହୁଅ ମୋ ମାଟିରୁ ।।

ମହେଶ୍ୱର ସାହୁ(ଗୋପୀବିନ୍ଧା)
ବ୍ରାହ୍ମଣ ଗାଁ, ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋକ ଦିବସ



ପ୍ରିୟଦର୍ଶିନୀ ମହାନ୍ତି

ବ୍ୟକ୍ତି ବିଶେଷଙ୍କ ମରିବା ପରେ
କାନ୍ଦନ୍ତି ସଭିଏଁ..
ହେଲେ କେହି ଜଣେ ମରିବା ପରେ
କାନ୍ଦନ୍ତିନି କିଏ..
କିଏ ସିଏ... ? ?
ପେଟରେ ଯେବେ ନିଆଁ ଲାଗେ ତାକୁ
ଭୋକ ନାଁ ଦିଆଯାଏ...

ଅପଣାନ୍ତି ଅନେକ ପନ୍ଥା ପେଟର
ଭୋକକୁ ମାରିବା ପାଇଁ..
ଅତ୍ୟଧିକ ଭୋକ ଆଖି ଦରଜା
ଦେଇ ଲୁହ ହୋଇ ଆସେ ବହି...
ହାତ ଦୁଇଟି ଆପେ ଆପେ ବଢିଯାଏ
ଆଗକୁ କିଛି ଖାଦ୍ୟ ଆଶାରେ...
ନଚେତ ଖୋଜୁଥାଏ ଡଷ୍ଟବିନ ଥିବା
କୁଢ଼ କୁଢ଼ ଅଳିଆ ଗଦାରେ...

ମିଳିଗଲେ କିଛି ଅଇଁଠା ,ପୋକ
ସାଲୁସାଲୁ ଖାଦ୍ୟ ମିଳିଯାଏ ଆତ୍ମତୃପ୍ତି....
ଅବଶ ଦେହ ଆଉ ନିସ୍ତେଜ ଆଖିକୁ ମିଳିଯାଏ
କିଛି କ୍ଷଣ ପାଇଁ ଶକ୍ତି.....
ମରିଯାଏ ପେଟର ଭୋକ ଓଠେ ଖେଳେ
ଚିମୁଟାଏ ହସ...
ପୁଣି ଜୀବନ ସହ ଯୁଝିବାକୁ ହୁଏ
ଅପେକ୍ଷାରେ ଥାଏ ଆଉ ଏକ ଭୋକ ଦିବସ...

ଭୁବନେଶ୍ୱର, ଭ୍ରାମ୍ୟଭାଷ: ୯୩୩୭୫୧୫୮୫୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଜକୁ ନିଜେ ହିଁ ଠକିବ



ଶିଶିର କୁମାର ପଣ୍ଡା

ବାପା କି ମାଆର ଆଖିରୁ ଦୁଃଖରେ
ଲୁହ ଯଦି ଟୋପେ ଝରିବ
ଯେତେ ପୂଜାପାଠ ଧରମ କଲେବି
ଅପରାଧ କିନ୍ତୁ ବରିବ ।
ସବୁ ଦିଅଁ ଆଉ ଦେବତାଙ୍କୁ ପଛେ
ପୂଜାକର ବୁଲି ବୁଲିକି
ବାପା ମାଆ ଆଖି ଲୁହରେ ତୁମର
ପୂଣ୍ୟ ସବୁ ଯିବ ଚୁଲୀକି ।
ଏକଥା ମନରେ ରଖିବ
ଚଳନ୍ତି ଠାକୁର ହତାଦର ହେଲେ
ନିଜକୁ ନିଜେହିଁ ଠକିବ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ-୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଗାଁ



ସୀତାରାମ୍ ଦାସ

ଅଛି ସେଇ ଗାଁ ଅଛି ସେ ଗୋଧୂଳି ଅଛି ସେ ଗାଧୁଆ ତୁଠ
ଭୁଆସୁଣି ଆଉ ନଦୀକୁ ଆସୁନି, ଫେରୁନାହିଁ ଗାଈ ଗୋଠ ।
ଅଛି ସେ ଗହୀର ଅଛି ସେଇ ବିଲ ଅଛି ସେଇ ବରଗଛ
ଚାଷୀଭାଇ ଆଜି ଦାଦନ ଖଟୁଛି, ହେଉନାହିଁ ଚାଷବାସ ।
ଅଛି ସେଇ ବଣ ଅଛି ସେଇ ବୁଦା ଅଛି ସେ ବରକୋଳି
ଗାଁ ଝିଅ ଏବେ ଅଳତା ପିନ୍ଧୁନି, ଝୁଲୁ ନାହିଁ ରଜ ଦୋଳି ।
ଅଛି ସେ ବସନ୍ତ, ଅଛି ସେ ମଳୟ ଅଛି ସେଇ ମୁହଁ ସଞ୍ଜ
କୋକିଳର କୁହୁ ଶୁଭୁ ନାହିଁ ଆଉ, ନାହିଁ ଆଉ ଆମ୍ରକୁଞ୍ଜ ।
ଅଛି ସେ ଦୋଳ ଅଛି ସେ ମେଳଣ ଅଛି ସେଇ ଭୋଗଡାଲା
ହରିବଂଶ ଆଉ ପଢା ହେଉନାହିଁ, ହେଉ ନାହିଁ ବାଦିପାଲା ।
ଅଛି ସେଇ ଅଜା ଅଛି ସେ ଆଇ ଅଛି ସେ ବଂକୁଲି ବାଡ଼ି
ନାତି ଟୋକା ଏବେ ସହରେ ରହୁଛି, ଫିଟୁ ନାହିଁ ଗପପେଡି ।
ଅଛି ସେ କଦମ୍ବ ଅଛି ସେ ଯମୁନା ଅଛି ତାର ନୀଳ ଜଳ
ଗାଁ ପୋଖରୀଟା ଦଳରେ ଭରିଛି, ଫୁଟୁ ନାହିଁ ଶତଦଳ ।
ଅଛି ଅଛି ବୋଲି ସବୁ ଭରି ଅଛି, ନାହିଁ ଖାଲି ଆତ୍ମୀୟତା
ସମସ୍ତେ ଆଜି ଆତ୍ମସ୍ୱାର୍ଥେ ବ୍ୟସ୍ତ, ଚାରିଆଡେ ନୀରବତା ।
ଆସ ହେ ଭାଇ ଆସ ହେ ବନ୍ଧୁ, କାନ୍ଦୁଛି ତୋ ମାଟି ମା
ତାହାରି ଛାତିରେ ଚାଲି ଶିଖିଥିଲୁ, ଥରେ ଦେଖି ଦେଇ ଯା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନାହାର ସତ ମହାଭାରତ



ଏମ୍ ବିଜୟ କୁମାର

କୁପୋଷଣ ଆଜି ବିଶ୍ୱେ ଚର୍ଚ୍ଚିତ

ଅନାହାର ସତ ମହାଭାରତ

ଝିଣ୍ଟୁ ପରିବାର ଅନାହାରରେ

ଅକାଳ ମରଣ କାନଭାସରେ

ନଗଡା ପୃଷ୍ଟିହୀନ କଥା କହ

କି ମାଁ ଓ ଶିଶୁର ଭୋକିଲା ଦେହ

ଖାଇବା ନ ପାଇ ଆମ୍ବ କୋଇଲି

ଚହଳ ପଡ଼େ ଭୋକ ହୁଳା ହୁଳି

ସର୍ବେ ଆହାର ଦିଏ ହସି ହସି

ପେଟରେ ଭୋକ ବିଷ ପିଏ ଚାଷି

ଭୋକ କାନଭାସ ଚିତ୍ର ବିଚିତ୍ର

କଥା କହିଲେ ଗାଥା  କାଳ ରାତ୍ର

ଦାନ ମାଝୀ କାନ୍ଧେ  ବୁହିଲା ଶବ

ଆଉ କି ପ୍ରମାଣ ଦେବାକୁ ହେବ

ଛୁଆ ବିକ୍ରୀ, ପୁଞ୍ଜି କେବିକେ ଜିଲ୍ଲା

ବିଶ୍ୱ ଚର୍ଚ୍ଚିତ ତେଦେହେଲିକା କଲା

ଅନାହାର ତେଆଶି କୋଟି ଲୋକ

ଷାଠିଏ ଲକ୍ଷ ଗରିବଙ୍କ ଭୋକ

ଲେଖି କି ହେବ ସକଳ ବୃତ୍ତାନ୍ତ ?

କେବେ ହେବ ଭୁକମରୀର ଅନ୍ତ

ନାମରୁପରେ ହିଁ ପରିବର୍ତ୍ତନ

ଭୁକମରୀ, ଅନାହାର, କୁପୋଷଣ

ଅନାହାର ସତ ମହାଭାରତ

ଦଶାର ଦିଶା ରଚ ମୁକ୍ତି ପଥ

କୁପୋଷଣ ଆଜି ବିଶ୍ୱ ଚର୍ଚ୍ଚିତ

ଅନାହାର ସତ ମହାଭାରତ

ଉତ୍ତରା ,ଶ୍ରୀରାମ କଲୋନୀ
ରାମ ମନ୍ଦିର ପାଖେ
ପୁବା ଶାସନ ଭୁବନେଶ୍ୱର-୦୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝିଅନୁହେଁ ଜମା ବୋଝ



ଜୟଶ୍ରୀ ମହାରଣା

ହଟାଇ ଦିଅ ମନରୁ ଶଙ୍କା
ଝିଅ ନୁହେଁ ଜମା ବୋଝ
କୋଳେଇ ନିଅ ସେନେହେ ତାକୁ
ଅନ୍ତରରୁ ତାକୁ ପୂଜ ।୧

ପୁଅଙ୍କ ପରି ଝିଅ ଆମରି
ସର୍ବଗୁଣେ ପରିପୂର୍ଣ୍ଣ
ଘାସ କଟାରୁ ଘୋଡା ଚଢ଼ିବା
ଦକ୍ଷତାକୁ ତାଙ୍କ ଚିହ୍ନ ।୨

ଲକ୍ଷ୍ମୀଙ୍କ ରୂପ ପ୍ରତିଟି ଝିଅ
ହସଖୁସି ଭରିଦିଏ
ମାଆକୁ ତା'ର ଘର କାମରେ
ସହଯୋଗ କରିଥାଏ ।୩

ଟିକି ଝିଅଟି ହୁଅଇ ବଡ଼
ସାଜିଥାଏ କୁଳବଧୂ
ପରିବାରକୁ ବାନ୍ଧି ରଖଇ
ଢାଳି ସ୍ନେହ ପ୍ରୀତି ମଧୁ ।୪

ପତ୍ନୀ ରୂପରେ କର୍ତ୍ତବ୍ୟ କରେ
ସୁଖେ ଦୁଃଖେ ହୋଇ ଭାଗୀ
ନୀତି,ସଂସ୍କାର ପଥରେ ଚାଲେ
ସମାଜକୁ ସିଏ ଜଗି ।୫

ନାରୀ ଜନମ ସାର୍ଥକ ତା'ର
ମାଆ ରୂପେ ହେଲେ ଉଭା
ଅମୂଲ୍ୟ ସତେ ମମତା ତା'ର
ସନ୍ତାନର କରେ ସେବା ।୬

ଜନ୍ମରୁ ମୃତ୍ୟୁ ତାହାରି ତ୍ୟାଗ
ଅକଳନ ଅସରନ୍ତି
ସମର୍ପି ଦିଏ ହୃଦୟ ପ୍ରାଣ
ଅନ୍ୟ ଖୁସି ପାଇଁ ନିତି ।୭

ବାଣପୁର, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋର କିଛି ଦୋଷନାହିଁ



ଟୁକୁନା ସାହୁ

କିଛି ଲୋକ ଭୁଲି ଗଲେ
ପାଖେ ଧନ ନାହିଁ କହି
କିଛି ଲୋକ ଭୁଲି ଗଲେ
ମୋ ଶରୀର ରଙ୍ଗ ପାଇଁ ।

କିଛି ଲୋକ ଗାଳି ଦେଲେ
ଅଳସୁଆ ବୋଲି କହି
ଆଉ କିଛି ଛାଡ଼ି ଗଲେ
ମୋର ଦୁଃଖ ଦେଖି ନେଇ ।

ଦେଖାଇଲେ କିଛି ଲୋକ
ଅନେକ ସପନ ମୋତେ
ବୁଝିଲେନି କେହି ହେଲେ
ରହିଛି କଷଣେ କେତେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହି କେହି ଭୁଲି ଗଲେ
ସମୟକୁ ଦେଇ ଦୋଷ
ଆଉ କିଛି ଚାଲି ଗଲେ
କହି ମୋତେ କେତେ ମିଛ ।

ଦୁଃଖ ମୋର ଦେଇ ନାହିଁ
କାହାକୁ କେବେ ଉଧାର
କାହିଁକି ଦୁନିଆଁ ମୋତେ
ଭାବେ ଆଜି ସ୍ୱାର୍ଥପର ।

ଟୁକୁନା ସାହୁ
ସାନ୍ତରା ପଲ୍ଲୀ
ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଉକିଛି ଲୋଡ଼ା ନାହିଁ



ରୋହିତ ସେଠୀ

ଜୀବନ ସଳିତା ସରି ସରି ଆସେ
ପ୍ରତୀକ୍ଷାର ଅନ୍ତ ନାହିଁ
ଦେଖିବାକୁ ଭାରି ଇଚ୍ଛା ହୁଏ ତୋତେ
ଆସୁ ନାହଁ ବାରେ କାହିଁ... ?

ତୋର ଚକାଆଖି ନାଲିଆ ଅଧର
ହେ ଜଗନ୍ନାଥ ଚିତ୍ତ ମୋ ଅଧିର ।
ଶଙ୍ଖ ଚକ୍ର ଗଦା ପଦ୍ମ ହସ୍ତେ ଧରି
ଦରଶନ ଦିଅ ଗୋଲକ ବିହାରୀ
ଅପେକ୍ଷାରେ ଅଛି ରହି......(୧)

ତୁମେ ପରା ପ୍ରଭୁ ଜଗତ ପାଳକ
ନୀଳାଚଳ ବାସୀ ବ୍ରହ୍ମାଣ୍ଡ ନାୟକ ।
ତୁମ ଶ୍ରୀପୟରେ କୁସୁମ-ଅଞ୍ଜଳି
ନୟନୁ ଲୋତକ ଦେଉଅଛି ଢାଳି
ସିଂହ ଦୁଆରରେ ଥାଇ......(୨)

କେତେ ଆଶା ନେଇ ଆସିଛି ଠାକୁରେ
ଦେଖିବି ବୋଲି ମୁଁ ଏ ଦୁଇ ଆଖିରେ ।
ବାଇଶି ପାହାଚ ଚଢ଼ି ଚଢ଼ି ଯିବି
କଳପ ବଟରେ ଡୋରୀକୁ ବାନ୍ଧିବି
ଶ୍ରୀମନ୍ଦିର ନେତ ଚାହିଁ......(୩)

ଭୋକ ଯଦି ଲାଗେ ଆନନ୍ଦ ବଜାରେ
ଅବଢ଼ା ଖାଇବି ମହା ଆନନ୍ଦରେ ।
ଟଙ୍କ ତୋରାଣିରେ ତୃଷ୍ଣା ମେଣ୍ଟାଇବି
ନାମ ଗାଇ ତୋର ବେଢ଼ାରେ ବୁଲିବି
ସବୁ ଦୁଃଖ ଭୁଲିଯାଇ.......(୪)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶେଷ ଇଚ୍ଛା ମୋର ଏତିକି କାଳିଆ

ଡାକ ଶୁଣି ଥରେ ପାଖକୁ ଚାଲିଆ ।

ଜୀବନର ଦୀପ ଲିଭିବା ଆଗରୁ

କରୁଣାରୁ ତୋର ବିନ୍ଦୁଟିଏ ଝରୁ

ଆଉ କିଛି ଲୋଡ଼ା ନାହିଁ......(୫)

ରୋହିତ ସେଠୀ

ଦୁତିମେଣ୍ଡି, ଖଜୁରୀପଡା, କନ୍ଧମାଳ

ଦୂରଭାଷ-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୀକ୍ଷା



ଓଜସ୍ୱିନୀ ଶତପଥୀ

ଅହଂକାର, ସ୍ୱାଭିମାନ, ମର୍ଯ୍ୟାଦା ଅସ୍ତିତ୍ୱ
ଆଜି ବି ବୁଝି ପାରିନାହିଁ ଏ ସବୁ ଶବ୍ଦ ର ଶବ୍ଦାର୍ଥ
ବୁଝିଛି ବା କେମିତି, ସ୍ଥାନ କାଳ ପାତ୍ର ଦେଖି
ଶବ୍ଦ ର ଚକ୍ରବ୍ୟୂହ ଭିତରେ ଛନ୍ଦାଛନ୍ଦି ହେଇ
ଏ ଶବ୍ଦ ର ଅର୍ଥ ବଦଳିଥାଏ ମୁହୂର୍ତ୍ତ ମୂହୁର୍ତ୍ତ

ଗୁଲୁଗୁଲିଆ ଛୋଟ ପିଲା ଟିଏ ଥିଲି
ପ୍ରାୟ ସଭିଙ୍କ ର ଅଲିଅଳି
ସରଗର ପରୀ ଅଥବା ରାଜକୁମାରୀ
ପାକୁଆ ପାଟିରେ ହସ ହସ ମୁହଁରେ
ମୋ ଜେଜି କହେ " ଇଏ ଆମ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ'

ନୀରିହ, ନିଷ୍ପାପ ଛୋଟ ଶିଶୁ ଟିଏ ଥିଲି
କିନ୍ତୁ ମୋ ଅସ୍ତିତ୍ୱ ନିଃସନ୍ଦେହ ଖୁବ୍ ବଡ଼ ଥିଲ ।
ସମୟ କ୍ରମେ କିଶୋରୀ ହେଲି
ଜୀବନର  ଲକ୍ଷ୍ୟ ପାଇଲି
ମନରେ ଅସୀମ ବିଶ୍ୱାସ ଥିଲା
ବଞ୍ଚିବା ର ଲାଳସା ଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଢିବା ର ଇଛା, ଜିତିବା ର ଜିଦ୍ ଥିଲା
ମୋ ଅସ୍ତିତ୍ୱ ରେ ପ୍ରଶ୍ନବାଚୀ ନ ଥିଲା
ସାରା ଆକାଶ ମୋ ହାତ ମୁଠାରେ ଥିଲା

ମୋ ସାଙ୍ଗ ସାଥି ପ୍ରିୟ ପରିଜନ
ପିତା ମାତା ଗୁରୁଜନ
ସଭିଏଁ ମୋ ପ୍ରତିଭାକୁ ପ୍ରୋତ୍ସାହନ ଦେଲେ
ମୋ ବ୍ୟକ୍ତିତ୍ଵ ର ବିକାଶ ରେ ସହଭାଗୀ ହେଲେ
ମୋ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ ମନାସିଲେ

ଧୀରେ ଧୀରେ ସମୟ ଗଡି ଚାଲିଲା
ଅଳସ  କଅଳ, ସପନ ଭାଂଗିବା କୁ ଲାଗିଲା
ପ୍ରଣୟ ର ପ୍ରଥମ ସ୍ୱର୍ଶ ରେ
କୋଇଲି ର କୁହୁତାନ ରେ
ଫୁଲ ର ସୁଗନ୍ଧ ରେ
ଚନ୍ଦ୍ରମା ରାତିର ଶୀତଳତା ରେ
ନଦୀ ର କୁଳୁକୁଳୁ ନାଦରେ
ପୁଲକିତ, କୁସୁମିତ ହେଲା ମୋ ଜୀବନ
ବିଧି ର ବିଧାନ ରେ ହେଲି ମୁଁ ପରିଣୀତା
ଏକ ନୂତନ ଅଧ୍ୟାୟ ର ଶୁଭାରମ୍ଭ ହେଲା ।
ଝିଅ ରୁ ସ୍ତ୍ରୀ ହେବାର ସମୟ ଆସିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାନେ କାନେ ସଭିଏଁ କହିଲେ " ବାସ୍ ବହୁତ ହେଲା'

ଗେଲବସର ର ସମୟ ସରିଲା

ଏଥର ନିଜକୁ ହରେଇବା ଶିଖ

ଭୁଲ ନ କରି ଭୁଲ ମାଗିବା ଶିଖ

ନିଜକୁ ଭୁଲି ବାକି ସମସ୍ତ  କୁ ମନେରଖ

ନିଜକୁ ଜାଳି ଅନ୍ୟ ମାନଙ୍କୁ ଆଲୋକିତ କରିବା ଶିଖ

ସମସ୍ତଙ୍କ ସହାୟତା କରି ନିଜକୁ ଅସହାୟ ଭାବ

ସମସ୍ତଙ୍କୁ ସଶକ୍ତ ସବଳ  କରି ସାରିବା ପରେ

ନିଜକୁ ଦୁର୍ବଳ  ମନେକର, ସର୍ବସହା,ସମର୍ପିତା ହୁଅ ।

ଯୋଉ ଦିନ ମା ହେଲି

ସେଦିନ ପୁଣି ଥରେ ନିଜ କୁ ଫେରି ପାଇଲି

ତା'ର ଗୁଲୁଗୁଲୁ କଥା ମୋ ମନ କିଣିନେଲା

ମୋ ଅସ୍ତିତ୍ୱ କୁ ପୁନଃ ଜାଗ୍ରତ କଲା

ମନେ ହେଲା ସାରା ସଂସାର ର ଚାବିକାଠି ଅଛି ମୋ ହାତରେ

ପୁରା ଦୁନିଆ ଚାଲୁଛି ମୋ ଇଂଗିତ ରେ, ଅନୁମତି ରେ

ବିନା ଦ୍ୱିଧାରେ ରେ ତା'ର ସବୁ ସର୍ତ ମାନିନେଲି

ଅଖଣ୍ଡ ମାତୃତ୍ଵ ର ଦାୟିତ୍ଵ ତୁଲାଇ

ଖୁବ୍ ଗର୍ବାନ୍ୱୀତ ମନେ କରୁଥିଲି

ସତେ ଅବା ଏକ ଅଖଣ୍ଡ ସାମ୍ରାଜ୍ୟ ର ଏକାକୀ ଅଧିକାରୀ ଥିଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଧନ ପ୍ରତି ଟି କଥା ରେ ମତେ ଖୋଜୁଥିଲା, ମତେ ଲୋଡୁଥିଲା
ବିନା ପରାମର୍ଶରେ, ବିନା ଅନୁମତିରେ ପାଦେ ଘୁଞ୍ଚୁ ନ ଥିଲା

ସେଦିନ, ମାଆ ର ଅସ୍ତିତ୍ୱ, ଅହଂକାର, ମର୍ଯ୍ୟାଦା ବୁଝି ପାରିଥିଲି
ଏକ ବିଶାଳ ହୃଦୟ , ଅତୁଲ୍ୟ ମମତା ର ବୋଝ ମୁଣ୍ଡାଇ ଥଲି

ବୟସ ଓ ସମୟ ସମାନ୍ତରାଳ ଗତି ରେ  ତ ମାଡ଼ି ଚାଲିଲେ
ସମୟ ପୁଣି ଚକ୍ରାନ୍ତ କଲା
" ଉଡିଗଲା ପକ୍ଷୀ ସେ ଯେ ଆଉ ନ ଫେରିଲା
ସାତ ସମୁଦ୍ର ପାର ହୋଇ ନିଜ ବସା ବାନ୍ଧିଲା"
ଆଜି ଜୀବନ ର ଶେଷ ପର୍ଯ୍ୟାୟରେ
ବାର୍ଦ୍ଧକ୍ୟ ର ଆଲିଙ୍ଗନ ରେ
ମୁଁ ଆତ୍ମସମୀକ୍ଷା କରୁଛି
ଏକ ଦୀର୍ଘ ନିଶ୍ୱାସ ନେଇ
ମୁଁ ଆଇନାରେ ନିଜ କୁ ଦେଖୁଚି
ମୁଁ  ଦିଇ ଧାଡ଼ି ଗୀତ ଗାଉଚି
"ଆସିଛି ଏକା ଯିବି ମୁଁ ଏକା ଏକା ହୋଇ"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରିୟା ଓ ପ୍ରିୟତମା



ଡଃ ସୁବାସ ମିଶ୍ର

ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ
ଆଜି ଆସିଅଛ ତୁମେ ଗୋ ପ୍ରିୟ, ସନ୍ତାପିତ ପ୍ରାଣେ
ପ୍ରୀତିଧାରା ସିଞ୍ଚି ବଞ୍ଚିବାର ରାହା ଦେଖାଇ ଦିଅ ।

ବାରମ୍ବାର କିଆଁ ତୁମେ କଷ୍ଟ ଦେଇ
ଠିକଣା ସମୟେ ଆସୁନ କୁହ,
ଜାଣିବାକୁ ତୁମେ ଚାହୁଁଚ କି ପ୍ରିୟେ,
ସହିପାରେ କି ନାଁ ତୁମ ବିରହ ?

ତୁମ ବିରହର ଜ୍ୱାଳା ଯେ ଅସହ୍ୟ
ସେ ହୃଦେ ବହୁତ ଯାତନା ଦିଏ,
ତୁମ ମିଳନର ମଧୁକୁଞ୍ଜେ ଆଜି
ଆନମନା ଦେଖ କେମିତି ହୁଏ ।

ବିରହର ଜ୍ୱାଳା ସହେ ବୋଲି ସିନା
ମିଳନ ପର୍ବଟି ଏଡ଼େ ମଧୁର,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଦା ପାଶେଥିଲେ ଜାଣି କି ପାରନ୍ତି

ମଧୁରର ସ୍ୱାଦ ଏଇ ବିଧୂର !

ତୁମେ ଆସିଅଛ ବୋଲି ସିନା ହୃଦେ ବାଜିଉଠେ ଆଜି ପ୍ରେମର ବୀଣା,

ପ୍ରତିଟି ତନ୍ତ୍ରୀରେ କମ୍ପନ ଜଗାଇ

କି ଶ୍ରୁତିମଧୁର ତାର ମୂର୍ଚ୍ଛନା !

ସେଇ ମୂର୍ଚ୍ଛନାରେ ହଜିବୁଲେ ଆଜି

ଖୋଜେ ପ୍ରିୟତମା ମୋ କାହିଁଗଲା,

ଅଟ୍ଟହାସ୍ୟ କରି ଭୁବନ କମ୍ପାଇ

ଦୁଃଖ ମୋତେ ଏତେ ଦିଅନା ଭଲ ।

ଶିମିଳିପଡା, ଅନୁଗୁଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାବ ବିନୋଦିଆ



ଦୁଷ୍ମନ୍ତ କୁମାର
ମିଶ୍ର (ଟୁକୁ)

ରସା-ସୁତ -ପତି ସାରସପଦ ଚିନ୍ତି ମାନସ

ଚିନ୍ତନ୍ତି ସତତ ଯାହାରେ ଶିବ ଶାରଦା ଶେଷ ।୧ ।

କଳି ଅଘ ଛାଗ ବିନାଶେ ବର ବ୍ୟାଘ୍ର ଯା ଓଜ

ସୁଜ୍ଞାନୀ ରଞ୍ଜନ ଅଜ୍ଞତା କରି ଧ୍ୱଂସୀ ପାରୀନ୍ଦ୍ର ।୨ ।

ଘଟେ ଘଟେ ରମେ ଉଚ୍ଚାଟେ ଚାଟ ଦଶରଥର

କଟି ତଟେ ସୁପୀତପଟ ଜଟା ମୁକୁଟ ଶିର ।୩ ।

ଅପ୍ରକଟ ଲୀଳା ପ୍ରକଟ ଧର୍ମ ରାଜ୍ୟ ସ୍ଥାପନ

ଦୁଷ୍କୃତ ଜନଙ୍କ ବିନାଶ ସନ୍ଥ ପରି ପାଳନ ।୪ ।

ମୁମୂକ୍ଷୁ ଇଷ୍ଟ କାମି କାମ ରାଶି ପରିପୂରଣ

ଅର୍ଥେ ନିର୍ଗୁଣ ବ୍ରହ୍ମ ଧରା ଧାମେ ହେଲେ ଉତ୍ପନ୍ନ ।୫ ।

ଚରଣ ରେଣୁ ଯା ପରଶେ ନାରୀ ରାଣ ପାଷାଣ

ବିଭୀଷଣ ଶରଣ ରଖି କରିଲେ ଲଙ୍କ ରାଣ ।୬ ।

ଯୋଗମାୟା ଜନକା-ତ୍ମଜା ସେବେ ପଦ ସରୋଜ

ସୃଜି ମାୟା ବପୁ ମୋହିତ କଲେ ବିଶ୍ରବା ତ୍ମଜ ।୭ ।

ସୃଷ୍ଟି ସ୍ଥିତି ପ୍ରଳୟ କର୍ତ୍ତ୍ରୀ ସ୍ୱରୂପା ମହାଶକ୍ତି

ଦୁର୍ବାର କର୍ବୁର ଦଳନେ ପ୍ରକାଶି ନାରୀମୂର୍ତ୍ତି ।୮ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବିତ୍ର ପତିବ୍ରତା ଧର୍ମ ଭବେ କରି ପ୍ରକାଶ

ସଧର୍ମୀଣ ଗଣ ଉଦ୍ଦେଶ୍ୟ ସ୍ଥାପିଗଲେ ଆଦର୍ଶ ।୯ ।

ସକଳ ବଳଧାମା ନବଲୀଳା ଅର୍ଥେ ଅବଳା

ଅଚଳା ଦୁଲାଳୀ ରୂପରେ ପ୍ରକଟିତ ମିଥିଳା ।୧୦ ।

ଛାୟାମୂର୍ତ୍ତୀ ରୂପେ ବହ୍ନିରେ ଯାର ପତଙ୍ଗ ବତ

ଝାସ ଦେଇ ବଇ ଶ୍ରବଣ ହୋଇଲା ଦଗଧିଭୁତ ।୧୧ ।

ଲୀଳା ସହଚରୀ ଅଶେଷ ଜନ୍ମେ ଲୀଳାମୟର

ଅହ ର୍ନିଶ ଚିନ୍ତେ ମାନସେ କଞ୍ଜପଦ୍ମରେ ତାର ।୧୨ ।

ଭାବ ବିନୋଦିଆ ଭକତ ବନ୍ଧୁ ଭକ୍ତ ଜୀବନ

ରାମ ପଦ ଚିନ୍ତି କରଇ ଟୁକୁ ପଦ ରଚନ ।୧୩ ।

ପ୍ରଧାନ ଶିକ୍ଷକ

ଓରିଙ୍ଗା, ବାଲିସାହି, ମଠକରଗୋଳା

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ କବିତା



ବିଦ୍ୟୁତଲତା ତ୍ରିପାଠୀ

ସ୍କୁଲ ମାଗାଜିନ୍ ରେ କବିତା ଲେଖିଲି,
ଦେଖି ମାଆ ମୋର ବହୁତ ଖୁସି ।
ଭାବିଲି ମନେ ମୁଁ ଲେଖିବି କବିତା,
ହେଉ ଦିନ ଅବା ରାତିରେ ବସି ।।

ଭାଇ ମୋ କହିଲା କିଛି ଆସେନି ତୋତେ,
କପି କରି ତୁ ଲେଖିଛୁ ।
ମାଆ କିନ୍ତୁ କହେ ସୁନା ଝିଅ ତୁ ମୋ,
କାହିଁ ତା କଥା ଶୁଣୁଛୁ ।।

ବାପା କହିଥିଲେ ପଢି ମୋ ଲେଖା,
ମାଆରେ ଆଜି ମୁଁ ବହୁତ ଖୁସି ।
ମୋ ଝିଅର ଏତେ ଭଲ ଗୁଣ ଅଛି,
କବିତା ଏମିତି ଲେଖ ତୁ ବସି ।।

ଖୁସି ମୁଁ ବହୁତ ହେଇଛି ସତ,
କିନ୍ତୁ ଭାଇ କଥା ସତ ।
ଅନ୍ୟର ଲେଖାକୁ କପି କରି କାହିଁ,
ଖୁସି ଲାଗୁନାହିଁ ମୋତେ ତ ।।

ନନା ଲେଖା ଦେଖି ମୁଁହେ ହାତ ଦେଲା,
କହିଲା ମୁଁ ବେଶୀ ଖୁସି ।
ସିଏ ବି କିଛି କବିତା ଲେଖିଥିଲା,
ଶୁଣେଇଲା ମୋତେ ବସି ।।

ମୋ ସାନ ଭଉଣୀ ଅଭିନୟ କରେ,
ଟିଭିରୁ ଡ୍ରାମା ଦେଖି ।
ଆମ ଘରେ ସବୁ ଖୁସି ହେଉଥିଲେ,
ପ୍ରତିଭା ଆମର ଦେଖି ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ବଢିଲା ଆମେ ବଡ ହେଲୁ,
ସମସ୍ତେ ବ୍ୟସ୍ତ ଆଜି ।
ବର୍ଷକେ ଥରୁଟେ ଯଦି ଦେଖା ହୁଏ,
ସବୁ ନିଜ ଫୋନ୍ ରେ ବିଜି ।।

ଭାଇ ଭଉଣୀର ସେନେହ ବନ୍ଧନ,
ରାକ୍ଷୀରେ ବି ସେଲ୍ଫି ଖାଲି ।
ଦୁନିଆ ଆଗରେ ଦେଖାଇ ହେବାତ,
ସତେ ସାର ଆଜି କାଲି ।।

ବହୁତ ଦିନ ପରେ ଲେଖିଲି କବିତା,
ନିଜ ଅନୁଭୂତି ଭାବି ।
ଭାଇ ମୁଁ ଏଇଟା କପି କରିନାହିଁ,
ରାଣ ଖାଇ କହିଦେବି ।।

ପୁରୁଣା ଦିନ ପୁରୁଣା ସ୍ମୃତି,
ଫେରିବନି କେବେ ସେ' ତ ।
ବାପା ଜାଣି ତୁମେ ଖୁସି ହେବ ଆଜି,
ତୁମ କଥା ହେଲା ସତ ।।

ଇଚ୍ଛାପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନ



ତୁଷାରକାନ୍ତ ପ୍ରସାଦ

କେ କୁହେ ଆଖିରେ ଜନ୍ମ,
ସେ ରାତିକ ପାଇଁ ।
ଜୀବନର ଲକ୍ଷ୍ୟପଥ,
ପାରେ ବଦଳାଇ ।।୧

ଶୟନ ଶେଯରେ ତୁମ,
ଆଖି ଦେଖେ ଯାହା ।
ବାସ୍ତବରେ ସପନର,
ରୂପ ନୁହେଁ ତାହା ।।୨

ବିନା ଶେଯେ ସ୍ୱପ୍ନ ଯାର,
ସାଇତା ଆଖିରେ ।
ନିଦ କେବେ ଆସେ ନାହିଁ,
ରାତିର ଶେଯରେ ।।୩

କାହା ପାଇଁ ସପନ ତ,
ରାହା ବଞ୍ଚିବାର ।
ସପନ ଯାହାର ନାହିଁ,
ନିର୍ଜୀବ ଶରୀର ।।୪

ସ୍ୱପ୍ନ ପାଇଁ ସଂସାରରେ,
ହୁଏ ଆବିଷ୍କାର ।
ପୂରଣ ଯାହାର ସ୍ୱପ୍ନ,
ପାଏ ପୁରସ୍କାର ।।୫

ବିଫଳତା ପଥ ରୋଧେ,
ସଫଳତା ମାର୍ଗ ।
ପ୍ରୟାସ ନୀଶୁଣୀ ଯାର,
ସ୍ୱପ୍ନ ଚଢେ ସ୍ୱର୍ଗ ।।୬

ବରୀ, ଯାଜପୁର, ମୋ - ୯୮୫୩୦୯୨୭୩୦

ଆହ୍ୱାନ ଇ-ପତ୍ରିକା

# ଖାଲି ମୋ ପାଇଁ



ଲିପିନ୍ ରାଉତ

ଆଖି ପାଏ ନାହିଁ ଦୂରକୁ
ଫେରିବାର ବାଟ ମନେ ନାହିଁ
ଲକ୍ଷେ ଯୋଜନ ପର୍ଯ୍ୟନ୍ତ
ସବୁ କିଛି ଶୁନ୍ ଶାନ୍

ଶକ୍ତିନାହିଁ ମୋ ଦେହ ରେ
ଧୀରେ ଧୀରେ ତରଳୁଛି ମହମ ର ଡେଣା ଟି
ଆଉ କିଛି କ୍ଷଣ ର ଅପେକ୍ଷା
ଘୋଟି ଆସିବ ଅନ୍ଧକାର
ଖସିପଡିବ ଅର୍ଦ୍ଧେକ ଶରୀର ଟି ମୋର
ମୁହଁ ମାଡ଼ି ଭୂଇଁ ଉପରେ

ଶୁଭିଲାଣି ଘଣ୍ଟୁଆର ଘଣ୍ଟ ନାଦ
ଗଗନର ଶୂନ୍ୟତାରେ
କେଉଁ ଦିଗରୁ
ଭାସିଆସେ ସୁଗନ୍ଧିତ
ପୁଷ୍ପର ବାସ୍ନା ସବୁ

ଏବେ ତ ଫେରିଆସ
ବିଳମ୍ବ ହୋଇନାହିଁ କିଛି

ତୁମ ଆସିବା ନେଇ
ଦେଖ ସଜେଇଛି ଅଗଣାକୁ
ଦୀପର ଜ୍ୱାଳାରେ
ବିଞ୍ଛିଦେଇଛି  ସାତରଙ୍ଗକୁ
ମୋ ସର୍ବାଙ୍ଗରେ

ଆସ,
ଆସ ଏବେ ତ ଆସ
ସବୁ ଅଭିମାନକୁ ଅତୀତରେ ଫିଙ୍ଗିଦେଇ
ରହିଯାଅ କିଛି କ୍ଷଣ ଖାଲି ମୋ ପାଇଁ ,
ମୋ ପାଇଁ  । ।

ମଦନପୁର, କେନ୍ଦୁଝର, ମୋ: ୭୦୦୮୯୮୦୧୯୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜନସଂଖ୍ୟା



ନାରାୟଣ ଚନ୍ଦ୍ର ସେନାପତି

ମନରେ ଯେବେ ଉଙ୍କିମାରେ ଏକ ପ୍ରଶ୍ନ

ମାନବ ଜନ୍ମଟା ସତରେ କଣ ହିତକର ?

ବିଶ୍ଳେଷଣ ଓ ସଂଶ୍ଳେଷଣ ଖେଳନ୍ତି ଲୁଚକାଳି ଖେଳ

ଦ୍ୱନ୍ଦ୍ୱ ଓ କୌତୁହଳ କଇଁଛ ବେକ ସମ କରନ୍ତି ଯାଆସ

କେହି ଜଣେ ସହାସ୍ୟ ବଦନରେ

ଜ୍ଞାନ ଭଣ୍ଡାରର ଟିପାଖାତାକୁ ତନ୍ନ ତନ୍ନ କରି ଖୋଜେ

ଭାବ ବିହ୍ୱଳରେ କହେ...

ଏ ମଣିଷ ପରା ସ୍ରଷ୍ଟାଙ୍କ ଶ୍ରେଷ୍ଠ ସୃଷ୍ଟି

ସେ ପରା ବିଜ୍ଞାନୀ ବିଶ୍ୱକର୍ମା

ସେ ପରା ମାୟାପୁରୀର ବିଶୁ ମହାରଣା

ଯାହାର ହାତର ଅନୁପମ ସ୍ୱର୍ଶ ସୃଷ୍ଟି କରେ ଐଶ୍ୱର୍ଯ୍ୟର ହିମାଳୟ

ଯାହାର ବୁଦ୍ଧିର ଛୁଆଁ ନିର୍ମାଣ କରେ ଅତ୍ୟାଧୁନିକତାର ଅଟ୍ଟାଳିକା

ତା ବିନା ସୃଷ୍ଟି ପରା ଅସମ୍ଭବ

ସ୍ୱର୍ଣ୍ଣ ପରା ଚୂର୍ଣ୍ଣ

ତାହା କଣ ସତରେ ପ୍ରକାଶ୍ୟ ? ? ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କେବେ ହୃଦୟାଟା କହେ
ସତରେ ଏ ମାନବଟା କି ଅହିତକାରୀ !!!
କେବେ ବା ସାଜେ କୂଳାଙ୍ଗାର ତ
କେବେ ଅସାମାଜିକ ଅସଭ୍ୟ
ବାଛି ବାଛି ଆଦରିନିଏ ଚାକଚକ୍ୟ ବିଳାସର ମନ୍ତ୍ର
ଭୁଲିଯାଏ ଅବୋଲକରାର କାହାଣୀ
"ବସି ଖାଇଲେ ପରା ନଇବାଲି ସରେ"
ସାଜେ ଉସମାବିନ
କରେ ଧ୍ୱସ୍ତ ବିଧ୍ୱସ୍ତ ଏ ପୃଥିବୀକୁ
ପ୍ରକମ୍ପିତ କରେ ମାନବର ପ୍ରାଣ
ସ୍ପଂଦାଏ ନିରୀହଙ୍କ ହୃତପିଣ୍ଡ
ଶୁଷ୍କ କରେ ଆଶାର ଆମାଜାନ
ଆଙ୍କିଦିଏ ଶ୍ମସାନର ମାନଚିତ୍ର
ସଭିଙ୍କ ଅନ୍ତରାତ୍ମାରେ ଉଦ୍ଦୀପନାରେ !!!

ଅଜ୍ଞାନର ଜନସଂଖ୍ୟା ବୃଦ୍ଧି
କରେ ରୁଗ୍ଣ ଆଉ ଜରାଜୀର୍ଣ୍ଣ
ଜନସଂଖ୍ୟାର ବଳ ବି ନିରାଶ କରେ ଶତ୍ରୁର ମାନସିକତା
ମୌଳିକ ଆବଶ୍ୟକତା ହରାଇଥାଏ ମୌଳିକତ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନେହ ମମତା ଗୁଡାକ ସାଜନ୍ତି ଅଲୋଡା ଆଖୋଜା

ଆତ୍ମୀୟତା ମାନେ ଲୁଚି କାନ୍ଦନ୍ତି ଧକେଇ ଧକେଇ

ଖୋଜି ସମାଧାନର ସିଦ୍ଧାନ୍ତ...

ଜନବିରଳବି ପିନ୍ଧାଏ ଭିକ୍ଷୁକର ଗଣାବେଶ

ନିଃସନ୍ତାନ ମଆଟା ଅଶ୍ରୁଧାରରେ ଗାଧୋଇଦିଏ ସ୍ୱପ୍ନର ସନ୍ତାନକୁ

କିଂକର୍ତ୍ତବ୍ୟବିମୁଢର ପାଦଦେଶେ ସଭିଙ୍କ ସଂକଳ୍ପ

ବିଜ୍ଞାନର ଉଚ୍ଚଚିନ୍ତାଧାରା ଘଉଡାଏ ଅଜ୍ଞାନର ନିଶା

ଧୀରେ କହେ ଜନସଂଖ୍ୟା ସମାଧାନ ମାନେ ନୁହଁ ଭ୍ରୁଣହତ୍ୟା

କେବଳ ପରା ସଂଯମ ଓ ସଚେତନତାର କଅଁଳ ଛୁଆଁ ।

ଜମ୍ପରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉତ୍କଳର ମଣି



ସସ୍ମିତା ସାହୁ

ବିରଳ ବିସ୍ମୟ ତୁମେ ବିଶିଷ୍ଟ ବରିଷ୍ଠ ,
ଓଡ଼ିଶାର ମଣି ତୁମେ ଅଟ ଯେ ଉତ୍କୃଷ୍ଟ ।।
ନାମ ଗୋପବନ୍ଧୁ ଯେଣୁ ଦୀନ ଦୁଖୀ ବନ୍ଧୁ,
କୃପାରୁ କରି ନ ଊଣା ଆହେ କୃପାସିନ୍ଧୁ ।।
ଓଡ଼ିଶାର ଗଉରବ ଓଡ଼ିଶାର କିର୍ତ୍ତୀ ,
ତୁମେ କବି ଦାର୍ଶନିକ ହେ ସମାଜସେଵୀ ।।
ସୁଆଣ୍ଡୋର ହୀରା ତୁମେ ଓଡ଼ିଶାର ରତ୍ନ,
ତୁମ ପାଇଁ ଜାତି ଆମ ପାଉଛି ସମ୍ମାନ ।।
ସ୍ଵର୍ଣ୍ଣମୟୀ ଦୈତାରୀଙ୍କ ସୁଯୋଗ୍ୟ ସନ୍ତାନ,
ତୁମ ପାଇଁ ଏ ଓଡିଶା ହୁଏ ଧନ୍ୟ ଧନ୍ୟ ।।
ତୁମେ ଏକ ଅବଦାନ ତୁମେ ଆଶୀର୍ବାଦ,
ତୁମକୁ ପାଇ ଏଇ ମାଟି ହୁଏ ଗଦଗଦ ।।

ସମାଜର ପ୍ରତିଷ୍ଠାତା ଆହେ ରାଜନେତା ,
ତୁମ ନାମ ଶୁଣି ଆମ ନଇଁ ଯାଏ ମଥା ।।
ସମାଜ ମଙ୍ଗଳ ତୁମ କର୍ମ ଆଉ ଧର୍ମ ,
ତୁମକୁ ନେଇ ଏ ରାଜ୍ୟ ଅଟଇ ମହାନ ।।
ବିଶ୍ୱରେ ପ୍ରସିଦ୍ଧ ତୁମେ ଆହେ ପ୍ରାବନ୍ଧିକ,
ତୁମେ ଅଟ ଅନୁପମ ଶ୍ରେଷ୍ଠ ଆଲୌକିକ ।।
ସର୍ବଗୁଣକାରୀ ତୁମେ ପୂଜ୍ୟ ବୀରବର,
ତୁମେ ତ ଉଜ୍ଜ୍ୱଳ ତାରା ଆମ ଓଡ଼ିଶାର ।।
ହେ ପଣ୍ଡିତ ତୁମେ ଆମ ପରିଚୟ ଅଟ
ତୁମ ତ୍ୟାଗ ବଳେ ତୁମେ ଅଟ ହେ ବିରାଟ ।।
ଆଶିଷ ଦିଅ ହେ ଜ୍ଞାନୀ ଚାଲୁ ସୁପଥରେ,
ଦିନ କଟି ଯାଉ ଆମ ସମାଜ ସେବାରେ ।।

ନାଶିକ, ମହାରାଷ୍ଟ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିଲାଦିନ ସ୍ମୃତି ଝୁରିହୁଏ ନିତି



ଜଗବନ୍ଧୁ ସାହୁ

ମନେ ପଡେ ଆଜି ସେଇ ପିଲା ବେଳ
ନଈ ତଡ ବିଲ କଥା
ସାଙ୍ଗ ସାଥୀ ହୋଇ ଯାଉଥାଉ ଧାଇଁ
ଡେଇଁ କେତେ କଣ୍ଟା ଲତା

କାଦୁଅ ଜମିରେ ଧାନ ବିଲେ ପଶି
କଙ୍କଡା ଧରିବା ମଜା
ଡାବା ଟିଣ ସାଥେ ସାଙ୍ଗ ସାଥୀ ହୋଇ
ବାଜାଉ ତେଲୁଗୁ ବାଜା

ବରଷା ଆସିଲେ ଓଲି ତଲେ ବସି
ଭସାଉ କାଗଜ ଡଙ୍ଗା
ମନେ ପଡିଗଲେ ସେଇ ପିଲା ବେଳ
ଆଖି ପଡି ଯାଏ ରଙ୍ଗା

ଫେରିବନି ଆଉ ସେଇ ପିଲା ବେଳ
ଯାହାତ ଯାଇଛି ଚାଲି
ଶୁଭ ସକାଳର ଘେନ ମୋ ଶୁଭେଚ୍ଛା
କହୁଛି ହୃଦୟ ଖୋଲି

ପ୍ରେମ୍ କବି ଜଗବନ୍ଧୁ ସାହୁ
ଛଞ୍ଚାଣିଆ ପଲ୍ଲୀ ( ଗଞ୍ଜାମ )

ଆହ୍ୱାନ ଇ-ପତ୍ରିକା

# ଜଗାପାଇଁ ପଦେ



ପ୍ରଦ୍ୟୁତ କୁମାର ମହାକୁଡ଼

ଭକତ ଭାବରେ ବନ୍ଧା ତୁ ଜଗାରେ
କରୁଣାରେ ଭରା ସିନ୍ଧୁ
ଜଗତର ଦୁଃଖ ଫେଡୁ ନିରନ୍ତର
ନାମ ତୋର ଜଗବନ୍ଧୁ ।।
ସଂସ୍କୃତି ନିଆରା ତୋର ପରମ୍ପରା
ଦେଖି ଲାଗେ ଆଚମ୍ବିତ
ସିନ୍ଧୁ ହୋଇ ମିଶୁ ବିନ୍ଦୁ ସହିତରେ
ଅପୂର୍ବ ଗୁଣ୍ଡିଚା ଯାତ ।।
ଭଦ୍ରା ଭଦ୍ର ସହ ମାଉସୀ ଘରକୁ
ଯାତ୍ରା କରୁତୁ ହରଷେ
ମହାଲକ୍ଷ୍ମୀଙ୍କର ନନ୍ଦିଘୋଷ ଭଙ୍ଗା
ହେରା ପଞ୍ଚମୀ ଦିବସେ ।।
ନୀଳାଦ୍ରି ବିଜେରେ ଲକ୍ଷ୍ମୀ ଠାକୁରାଣୀ
ପୁଣି ଓଗାଳିବେ ବାଟେ
ମାନ ଭଞ୍ଜନ ତୁ କରୁରେ କାଳିଆ
ରସଗୋଲା ଦେଇ ହାତେ ।।
ବାସ୍ତବ ଦୁନିଆଁ ପରି ଆଚମ୍ବିତ
ଲାଗେ ତୋର କାରବାର
ଭାଇ ଭଉଣୀଙ୍କ ସ୍ନେହ ଦେଖିଦେଲେ
ଭଉଣୀଙ୍କୁ ଆସେ ଜ୍ୱର ।।
ଅଷ୍ଟ ପାଟବଂଶୀ ଦେବତା ଦାନବ
ଗୋପୀ ଗୋପାଳଙ୍କ ଦୁଃଖ
କେମିତି ବୁଝୁଛୁ କାଳିଆ ସୁନାରେ
ଛପନ କୋଟିଙ୍କ ଡାକ ।।
ନିଜ ଲୋକବାଣୀ ହୃଦ ଦିଏ ହାଣି
ମନେ ଲାଗେ ଭାରି ବ୍ୟଥା
କେମିତି ବୁଝୁଛୁ ଜଗାକାଳିଆରେ
ବିଶ୍ୱବ୍ରହ୍ମାଣ୍ଡର କଥା ।।
ମାନବୀୟ ଲୀଳା କରୁଥା ଜଗାରେ
ତୁ ପରା ଜଗତ ନାଥ
ଦୁରେ ଥାଇ ଡାକେ ଅଧମ ଭକତ
କରେ କୋଟି ଦଣ୍ଡବତ ।।

ପ୍ରଦ୍ୟୁତ କୁମାର ମହାଖୁଡ଼
କଣ୍ଟାପାଳ, ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବର୍ଷାର ଇତିକଥା



ସସ୍ମିତା ମିଶ୍ର

ପହିଲି ବର୍ଷାରେ, ପଚାରିଲ
ବର୍ଷା କେବେ ଭିଜିଛ ବର୍ଷାରେ
ଅନୁଭବିଛ ତାକୁ
ହଁ ଭିଜିଛି
ବାହାରେ ଆଉ  ଭିତରେ
ଝରା ବର୍ଷାରେ, ଭରା ଅନ୍ତରେ
ଅସରା ଅସରା କରି
ଢାଳି ଚାଲେ
ଛୁଏଁ ମୋର ତାଳୁରୁ ତଳିପା
ମଇଲମ ସତେ ଯେନହେ
ଜଳା ପୋଡା ମୋର କ୍ଷତ ପରେ
ଉପୁଜାଇ ଥିଲା ଯା ସୂରୁଜ
ଚରମ କୋପରେ
ଋତୁ ଟିଏ ଲୋଡ଼ା
ପାଇବାକୁ ଶାନ୍ତି
ଓଃ ଶାନ୍ତି

ଭରି ଭରି ଅନ୍ତରାକାଶଟା
ଅସରା ଅସରା କରି
ବହେ ଧାର ଧାର
ନିଗିଡାଇ ଦୁଃଖ ଯେତେ
ସଫା ଦୁଶେ ଆଖି
ଭିତରଟା ପୁରା ଓଦା
ବର୍ଷା ଏଠି ବର୍ଷ ସାରା
ଭିଜିଛି
ସେ ପାଇଁ ଜୀଇଁଛି
ମୁଁ ନୁହେଁ ଏ ତ
ପ୍ରତ୍ୟେକ ବର୍ଷାର ଇତି କଥା

ଅଧ୍ୟାପିକା ସସ୍ମିତା ମିଶ୍ର
ମହାନଦୀ ବିହାର ମହିଳା ମହା ବିଦ୍ୟାଳୟ
ଦୂରଭାଷ: ୯୦୭୮୫୭୯୭୧୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୀଳାଚଳ ନାଥ



ପଙ୍କଜ ମାହାନା

ନୀଳାଦ୍ରିବିହାରୀ ନିଳାଚଳେ ନାଥ,
ଉଡଇ ପତିତ ବାନା ।
ଭକ୍ତ ମନ ଆଜି ଟାଣି ହେଇଯାଏ,
ଦେଖିବେ କାଳିଆ ସୁନା ।।
ରତ୍ନ ସିଂହାସନୁ ବାହାରିଣ ତୁମେ,
ଦେଖାଦେଇଅଛ ଆଜି ।
ପତିତ ଜନଙ୍କୁ ଉଦ୍ଧାରିବା ପାଇଁ,
ବଡ ଦାଣ୍ଡେ ଠିଆ ହୋଇ ।।
ଭାଇ ଭଉଣୀକୁ ସାଙ୍ଗରେ ଧରୀଣ,
ବୁଲି ବାହାରଛ ତୁମେ ।
ମାଉସୀ ତୁମର ଅପେକ୍ଷାରେ ଆଜି,
ସାଦରେ ସ୍ୱାଗତ କରେ ।।

ନନ୍ଦିଘୋଷେ ବିଜେ ଜଗତରନାଥ,
ତାଳଧ୍ୱଜେ ବଳରାମ ।
ସୁଭଦ୍ରାଙ୍କ ପାଇଁ ଦେବଦୋଳନରେ,
ଯାଆନ୍ତି ମାଉସୀ ଘର ।।
ଦେଖି ତିନି ରୂପ ଭକତ ଜନର,
ମାତଙ୍ଗିନୀ ସତ ପ୍ରାୟେ ।
ଅଧିର ହୁଅନ୍ତି କୋଳାଗ୍ରତ ପାଇଁ,
ବାହାକୁ ନିଜର ମେଲି ।।
ଉଦ୍ଧାର କରହେ ଜନ ମାନସକୁ,
ଭରିଦିଅ ମନେ ଖୁସି ।
ଭକତ ମନରେ ଦିଅନାହିଁ ଦୁଃଖ,
ହସ ଭରିଦିଅ ଆସି ।।

ପଙ୍କଜ କୁମାର ମାହାନା
ମୟୁରଭଞ୍ଜ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଗତର ନାଥ



ବିକାଶ୍ ଚନ୍ଦ୍ର ଧୁଙ୍ଗିଆ

ଅଧମ ମନର ପ୍ରଣାମ ଘେନିବ,
        କରେ ଜଗନ୍ନାଥ ନମ ।
ଜଗତରନାଥ ହେ ବିଶ୍ୱ ବିଧାତା,
        ଏତିକି ମାଗୁଣି ମୋର ।।
ଭାଇ ଭଉଣୀକୁ ସାଙ୍ଗରେ ଧରୀଣ,
        ବୁଲି ବାହାରିଛ ତୁମେ ।
ଦେଖିବା ପାଇଁ ତ ଏ ଭକତ,
        କୃତ୍ତାର୍ଥ ହୁଅଇ ମନେ ।
ତୁମ ଅଙ୍ଗଲାଗି କରିବାକୁ ସ୍ୱର୍ଶ,
        ଅଧିର ହୁଅଇ ସତେ ।।
ପତିତ ପାବନ ହେ ଚକା ନୟନ,
        ପତିତ ଜନଙ୍କୁ ସଦା ।
ଉଦ୍ଧାରିବା ପାଇଁ ଜଗତବାସୀଙ୍କୁ,
        ମେଲେଇଛ ଚଉବାହା ।।
ଭାବର ଠାକୁର ଭାବେ ତୁମେ ବନ୍ଧା,
        ଭକ୍ତ ପାଇଁ ସଦା ମନ ।
ବଳରାମ ଦାସ ସାଲବେଗ ପାଇଁ,
        ଅଟକିଲା ନନ୍ଦିଘୋଷ ।।

କେତେ ଆଶା ନେଇ ଛୁଟିଆସି ଅଛି,
        ଦେଖିବାକୁ କଳେବର ।
ପାମର ବିକାଶ କରେ ଅଜି ନମ,
        ଦିଅ ପ୍ରଭୁ ଦରଶନ ।।
ମୋ କଳୁଷ ରାଜି ଯେତେଅଛି ମୋର,
        ଆଜି ସବୁ ଧୋଇଯିବ ।
ତୋ ଚକା ନୟନ ଦେଖିଦେଲେ ଥରେ,
        ପୂଣ୍ୟ ହେବ ମୋର ପ୍ରାଣ ।।
ଅଧମ ଦୀନର ଦୁଃଖ ବୁଝବୋଲି,
        ଦୀନବନ୍ଧୁ ବୋଲାଉଛ ।
ଦୁଃଖୀ ଜୀବନକୁ ଦୂର କରିଦେଇ,
        ପଦାଶ୍ରେୟ ମୋତେ ଦିଅ ।।

ବିକାଶ ଚନ୍ଦ୍ର ଧୁଙ୍ଗିଆ
ଶୁଳିଆପଦା,ମୟୁରଭଞ୍ଜ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦାରୁଦିଅଁ



ହିରାବତୀ ପାତ୍ର

ସୁ-ସୁ କରେ ବିଶାଳ ସମୁଦ୍ର,

ଘିରି ଘିରି କରେ ଚକ ।

ଝିପି ଝିପି ଧାରା ବରଷା ବରଷେ,

ଭକ୍ତ ପାଶେ ଜଗନ୍ନାଥ ।।

ବାହାରିଛ ପ୍ରଭୁ ମାଉସୀ ଘରକୁ,

ସାଥିରେ ଭଉଣୀ ଭାଇ ।

ଅପେକ୍ଷାରେ ରତ ମାଉସୀ ତୁମର,

ତୁମକୁ ଦେଖିବା ପାଇଁ ।।

ହଲି ହଲି ଯାଅ ଭକତ ମେଳରେ,

ରଥାରୁଢ ଜଗନ୍ନାଥ ।

କିଏ ଡାକେ ଜଗା କାଳିଆ ହେ,

କିଏ ଡାକେ ଦାରୁଦିଅଁ ।।

ତୁମ ବଡଦାଣ୍ଡେ ନାହିଁ ଭେଦଭାବ,

ଜାତି ବର୍ଣ୍ଣ ଧର୍ମ ଏକ ।

କାହାକୁ ତୁମେ ହେ ନ ଭାବ ପର,

ସଭିଙ୍କୁ ଦେଖୁଛ ଏକ ।।

ତୁମ ନନ୍ଦିଘୋଷ ଟାଣିବା ପାଇଁ କି,

ସୁଦୂରୁ ଯାଇଛି ମାଡି ।

ସେଇ ସୁଯୋଗରୁ ବଞ୍ଚିତ କରନି,

ଦିଅ ହାତେ ମୋ ଦଉଡି ।।

ଦାସିଆ ବାଉରୀ ନଡିଆ ଧରିଲ,

ଦେଖାଇଲ ପ୍ରଭୁ ପଣ ।

ତୁମ ପ୍ରଭୁ ପଣ ଦେଖାଅ ଆଜି ହେ,

ଅଧମକୁ ଦେଖାଦିଅ ।।

ନାଲି ଅଧରରେ ଖିଲି ଖିଲି ହସ,

ଦେଖିବି ତୁମକୁ ଆଜି ।

ଚଉବାହା ମେଲି ଭକ୍ତ ଗହଣରେ,

ଡାକୁଅଛ ହାତଠାରି ।।

ନଳଗଜା, ମୟୁରଭଞ୍ଜ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱାସ



ରଶ୍ମିତା ମହାନ୍ତ

ବିଶ୍ୱାସ ଝରାଏ ଅମୃତର ଝର
ଜାଣେ ନାହିଁ ମୁଁ ଠିକଣା ତାହାର
ଏମିତିକା ବନ୍ଧୁ ଅଟେ ସେ ବିଶ୍ୱାସ
ଦୂରେଥିଲେ ବି ଆସିଥାଏ ପାଶ ।
କ୍ଷଣିକରେ ହୁଏ ସେ ଅତି ନିଜର
ନ ବୁଝିଲେ ତାକୁ ହୁଏ ସାତ ପର
ବିଶ୍ୱାସ ଜନ୍ମାଏ ସାତ ଜନମର ମିତ୍ର
ହାରିଲେ ବିଶ୍ୱାସ ଶତ୍ରୁ ମିଳନ୍ତି ସର୍ବତ୍ର ।
ବିଶ୍ୱାସରେ ଦିଅ ନାହିଁ କଦାଚନ ବିଷ
କର ନାହିଁ ଦୁନିଆକୁ ଏମିତିକା ନାଶ ।
ହୁଏ ନାହିଁ କିଣା ବିକା ବିଶ୍ୱାସର ଭାବ
ଏ ଭାବକୁ ଦଳେ ନାହିଁ କାପୁର ପ୍ରଭାବ ।

ବିଶ୍ୱାସ ଗଢ଼ିଦିଏ ସ୍ୱପ୍ନର ନଅର
ପୁଣି କେବେ ତୋଳିଦିଏ ବେଦନାର ଘର ।
ବିଶ୍ୱାସ ଆଣଇ ବଞ୍ଚିବାର ମାଦକତା
ଆସିଗଲେ ଅବିଶ୍ୱାସ ଜନ୍ମେ ନିଷ୍ଠୁରତା ।
ଆକାଶ ବିନା ଯେମିତି ଜହ୍ନ ଅଟେ ହୀନ
ବିଶ୍ୱାସ ସେମିତି ଅଟଇ ଜୀବନ ।
ସୂର୍ଯ୍ୟଥିଲେ ନିଶ୍ଚେ ପଦ୍ମ ପ୍ରସ୍ଫୁଟିତ ହେବ ।
ଭରଷା ଥିଲେ ବିଶ୍ୱାସ ନିଶ୍ଚୟ ଜନ୍ମିବ ।
ଦିନ ଥିଲେ ତାର ସାଥି ହେଉଛି ଯେ ରାତି
ଜୀବନର ବିଶ୍ୱାସ ସେମିତି ପୀରତି ।
ବିଶ୍ୱାସକୁ ନେଇ ଖେଳନାହିଁ ଖେଳ
ଜୀବନଟାକୁ କରନାହିଁ ବିଶ୍ୱାସ କାଙ୍ଗାଳ ।

ବେତନଟୀ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମରି ଶ୍ରୀଚରଣେ



ରାମପ୍ରସାଦ ସିଂହ

କେମିତି ଡାକିବି ତୁମକୁ ତୁଣ୍ଡରେ

ମାୟା ବାନ୍ଧୁଛି ସଂସାରେ,

ଦୁଃଖର ସାଗର ଖେଳୁଛି ଜୀବନେ

ଲୁହ ଲୁଚୁଛି ଆଖିରେ ।।

ଅଜଣା ଏଇ ଜୀବନ ରହସ୍ୟ

ରହିଯାଏ ସେ ଗୋପନ,

ସ୍ନେହର ଆଦର ତୁମେ ମହାପ୍ରଭୁ

ତୁମକୁ ଖୋଜେ ଏ ମନ ।।

ଯାଉଛି ତୁମରି ପୁଣ୍ୟ ଶ୍ରୀଚରଣେ

ଲୋଭ ଆଶା ହେଲା ଦୂର,

ଏଇ ଜନ୍ମର ପାଉଣା ହେଲା ଉଣା

ଶୁଣିବେ କଳାଠାକୁର ।।

ସୁକରପଡ଼ା, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମ୍ପୂର୍ଣ୍ଣା



ଦୀପକ କୁମାର ଦାସ

ମୌସୁମୀର ପ୍ରଥମ ବର୍ଷା ବର୍ତ୍ତମାନ ସ୍ୱାଗତ ରାଗରେ ତଲ୍ଲୀନ
ଆକାଶରୁ ପଡୁଥିବା ଜଳ ରେଣୁଗୁଡ଼ିକ ପୁଷ୍ପଭଳି ସଜ୍ଜିତ ହୋଇ ହାତଠାରି ଡାକୁଛନ୍ତି
କେଉଁ ଏକ ନୁତନ ନଗରୀକୁ....
ପବନ ବି ପୁରା ମସଗୁଲ ମଙ୍ଗଳ ଗୀତରେ ଆପଣ ଦୁହିଙ୍କୁ ଦେଖିବା ପାଇଁ ସେହି ଦିବ୍ୟ ବେଶରେ !

ବହୁ ସୁଦୀର୍ଘ ମୁର୍ହୁର୍ତ୍ତ ଅତିକ୍ରମ କଲାପରେ
ପ୍ରକୃତି- ପୁରୁଷ ମିଳନର ଦିବ୍ୟ ଆନନ୍ଦରେ ସମସ୍ତେ ଆଜି ବିଭୋର ।

ହୋମ ନିଆଁର ପବିତ୍ର ଅଗ୍ନିକୁ ସାଖି ରଖି
ନାୟକ, ନାୟିକା ଜୀବନର ପରିପୂର୍ଣ୍ଣତା ପାଇଁ ସଙ୍କଳ୍ପବଦ୍ଧ ।

ବହୁ ଅଛିଣ୍ଡା ଗଣିତର ଜଟିଳ ସମାଧାନର ପୃଷ୍ଠାକୁ ନେଇ
ଜୀବନ ପୁସ୍ତିକାର ଏକ ନୁତନ ଅଧ୍ୟାୟ ଆରମ୍ଭ ।
ଚିମୁଟାଏ ସିନ୍ଦୂରର ପବିତ୍ର ବିଶ୍ୱାସରେ ସାରା ଜୀବନ ସର୍ମପଣ କରିବା ପାଇଁ ନାୟିକା ଆଜି ପୂର୍ଣ୍ଣ ପ୍ରସ୍ତୁତ
ପ୍ରେମ ନଗରୀର ପ୍ରୀତି ନଅଁର ସବୁ ଆଶୀଷ ସାଉଁଟି ଆପଣ ଦୁହିଁଙ୍କୁ ସ୍ୱାଗତ କରୁଛି
ଗଢିବାକୁ ନୁଆଁ ସଂସାର ।
ଆଉ ଇସାରା ଦେଉଛି ହଜିଯିବାକୁ ପ୍ରେମ ନଗରୀରେ ଚିର ଦିନ ପାଇଁ
ଲଭିବାକୁ ପୁର୍ଣ୍ଣନତାର ଦିବ୍ୟାନନ୍ଦ ।

ଦୂରଭାଷ- ୯୭୭୬୩୬୭୦୭୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଦିନ ବର୍ଷା



ସୁମିତ୍ରା ପୃଷ୍ଟି

ବର୍ଷା ତୁ ଅଦିନରେ କାଇଁ ଆସୁଛୁ
ଦିନ ନାହିଁ ରାତି ନାହିଁ ଅବେଳରେ ଖାଲି ବର୍ଷୁଛୁ ।

ବୁଝିକି ପାରୁନୁ ଛୋଟ ଚଢେଇ ମନର କଥା
ତୋରି ପାଇଁକି ପାଉଛି ସେ ବହୁ ବ୍ୟଥା ।

ଗତ ଝଡତୋଫାନରେ ବସା ତାର ଭାଙ୍ଗିଯାଇଛି
ଜଳରେ ତୋର ଓଦାହୋଇ ସିଏ ଡେଣା ଖାଲି ତାର ଝାଡୁଛି ।

କୁଆଡେ ଯିବସେ କେଉଁଠି ରହିବ ଜାଣି ପାରୁନାହିଁ ଜମା
ବର୍ଷାଲୋ ତତେ ସେ କରିବନି କେବେ କ୍ଷମା ।

ଭିଜା ଦେହ ତାର ତିଷ୍ଠିକି ପାରୁଛି
ସେ ଖାଲି କିଚିରି ମିଚିରି ରାବୁଛି ।

ବର୍ଷା ତୁ ଯା ବେଗେ ଭଲେ ଛାଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଠିକୁଟା ସଂଗ୍ରହ କରି ସେ ନୂଆ ବସା ଦେଉ ଗଢି ।

ନିରୀହ ପକ୍ଷୀଟେ ତତେ ପାରୁନାହିଁ କିଛି କହି
ଟିକିଦେହ ତାର ଥରୁଛି ଖାଲି ସେ ପାରୁନାହିଁ ଆଉ ସହି ।

ଯେତେକଷ୍ଟ ଦେଲେତାକୁ ତୋ ମନ କିବା ବୁଝୁଛି
ତୋ ସାଥେ ସେ ଏକା ଲଢେଇ କରିବ ବୋଲି ଭାବିଛି ।

ତାର ଦୁଃଖ ତୁ କେବେ ବୁଝିତ ପାରିବୁ ନାହିଁ
ଏ ସବୁ ଘଟିଛି ତୋ ଅଦିନିଆ ବର୍ଷାପାଇଁ ।

ସୁମିତ୍ରା ପୃଷ୍ଟି,ପ୍ରାକଗବେଷିକା
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।
ଠିକଣା-ଗ୍ରାମ-ମାଣପୁର,ପୋଷ୍ଟ-ଚଟୁଆ,
ଥାନା-କୁଜଙ୍ଗ,ଜିଲ୍ଲା-ଜଗତସିଂହପୁର
ପିନ୍-୭୫୪୧୪୧,ଫୋନ୍-୯୫୮୩୭୫୭୮୬୮

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଇ ମୁଁ ପାଇନି କିଛି



ବନ୍ଦନା ନାୟକ

ଏ କେଉଁ ରାଇଜ ଏଠି
ହସିବାକୁ ମନା ମୋତେ
କାନ୍ଦିବାକୁ ମନା
ଏଠି ମନ ଖୋଲି
ପଦେ କଥା କହିବାକୁ ମନା
ଏଠି ନିତି ବସନ୍ତ ଆସେ
ମଳୟ ପବନ ନେଇ ହେଲେ
କୋଇଲିର କୁହୁତାନ ମୋତେ ଶୁଣିବାକୁ ମନା
ଏଠି ଫୁଲର ହାଟ ବସେ
ହେଲେ ଫୁଲର ବାସ୍ନା କୁ
ମୋତେ
କଳନା କରିବା ମନା
ଶୋଇ ଯାଏ ନିତି ଏଠି
ହଂସୁଲି ଶେଯରେ ହେଲେ
ରଙ୍ଗୀନ୍ ସପନ ଯେତେ
ମୋତେ ଦେଖିବାକୁ ମନା

ଏ କେଉଁ ରାଇଜ ଏଠି ......
ନିତି ନିତି ଚାଲେ ଏଠି
ଚୋରି , ନାରୀ,ବ୍ୟଭିଚାର
ହେଲେ ମୋତେ ପ୍ରତିବାଦ
କରିବାକୁ ମନା
ଏଠି ନିତି ସତ୍ୟର
ଅପଳାପ ହୁଏ
ହେଲେ ସତ କେବେ
ପ୍ରକାଶ ପାଏନା
ଏଠାକୁ ବି ତୁମେ ଆସ
ଅଜସ୍ର ଅଜସ୍ର କାମନା ନେଇ
ହେଲେ ତୁମ ସ୍ୱର୍ଶ ଅନୁଭବ
କରିବା ମୋତେ ମନା
ଏକେଉଁ ରାଇଜ ଏଠି ......

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତ୍ୟେହ ଜାଗର ଜାଳେ
ସିନା ଏଠି ହେଲେ ମୋତେ
ମହାଦୀପ ଦେଖିବାକୁ ମନା
ଏଠି ନିତି ଶରତ ଆସେ
ମଥାରେ କାଶତଣ୍ଡି ର
ଓଢଣୀ ଦେଇ ହେଲେ
କୁଆଁର ପୁନେଇଁର ଜହ୍ନ
ମୋତେ ଦେଖିବାକୁ ମନା
ପରୀକ୍ଷା ର ସାମ୍ନା ସିନା
କରେ ନିତି ଏଠି
ହେଲେ ମୋତେ ଫଳାଫଳ
ଜାଣିବାକୁ ମନା
ଏ କେଉଁ ରାଇଜ ଏଠି......
ନିତି ଏଠି ନିଦ ଭାଙ୍ଗେ
ପାହାନ୍ତି ପ୍ରହରେ
ହେଲେ ମୋତେ
କୁଆଁ ତାରା ଦେଖିବାକୁ ମନା
ଅନ୍ତତଃ ଅନେକଙ୍କ ପାଇଁ
ଏଠି ମୁଁ ଏକ ଅଭିଶପ୍ତ ଏବଂ
ଅପାଂକ୍ତେୟ ଆଲୋଚନା
କହିବାକୁ ଅନେକ ଥିଲେବି
ଶୁଣିବାକୁ ଜଣେ ନାହିଁ
ସେ କଥା କହି ହୁଏନା ...
ଏ କେଉଁ ରାଇଜ ଏଠି
ହସିବାକୁ ମନା ମୋତେ
କାନ୍ଦିବାକୁ ମନା
ଏଠି ମନଖୋଲି ପଦେ କଥା
କହିବାକୁ ମନା ............

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଞ୍ଜୁଳାଏ ଚାଉଳ



ଡଃ ସୁଜାତା
ପ୍ରିୟମ୍ବଦା ପରିଡ଼ା

ବାପାଙ୍କ ନାଲି ଗାମୁଛା

ମୁଣ୍ଡରେ ଦେଇ

ତୁ ଖେଳୁଥିଲୁ ବୋହୁ ବୋହୁକା

ତିନିଟେଲା ଅସଜଡ଼ା ମାଟିର

ଚୁଲିକରି...

ନଡ଼ିଆ ସଢ଼େଇରେ ରାନ୍ଧି,

ଦାଣ୍ଡ ଅଗଣା ମନ୍ଦାର ଗଛର

ପତରରେ

ପରଶି ଦେଉଥିଲୁ ମିଛି ମିଛିକା

ଧୂଳି ମାଟିର ଭାତ ତିଅଣ

ତୋ କଅଁଳ ଛନଛନ ଶୈଶବର

ଅବୁଝା ଅଦେଖା

ସପନର ଲୋକମାନଙ୍କ ପାଇଁ

ତୋ ନାଲି ଗୁଲୁଗୁଲୁ

ଓଠରେ ଝରି ପଡୁଥିଲା

କେତେ ଅବୁଝା ଫିସ୍ ଫିସ୍ କଥା

କେଉଁ ଅଜ୍ଞାତ ଅଦୃଷ୍ଟ ମାନଙ୍କ ପାଇଁ ।

ବୋଉର କୁହୁକ ମୁଣି

ଟିଣବାକ୍ସ ଖୋଲିଲା ବେଳକୁ

ତୁ କାନ୍ଦି ଗଡ଼ି ଯାଉଥିଲୁ

ବୋଉର କୁଆଁର ପୁନେଇ

ପାଟ ପିନ୍ଧି ବୋହୁ ହେବାପାଇଁ

ଆଜି ପରସ୍ତ ପରସ୍ତ

ମମତାରେ ଭିଜାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଉ ତୋତେ ପିନ୍ଧାଇଛି
ସତ ସତିକା ମଖମଲ୍ଲି ପାଟ
ସୁନାଜରି ଲଗା ପାଟ ଓଢ଼ଣୀରେ
ବାପା ଥାପି ଦେଇଛନ୍ତି
ଆକାଶେ ଉଦାରତା;
ନିଖୁଣ କରି ସଜାଡୁଛନ୍ତି
ତାଙ୍କ ରକ୍ତମାଂସର
ସଯତ୍ନ ପିତୁଳାକୁ
ହୃଦୟରୁ ରକ୍ତ ନିଗାଡ଼ି
ତୋ ଆଂଜୁଳାରେ ଭରି ଦେଇଛନ୍ତି
ଏ ଘରର...ଏ ମାଟିର...
ଆଂଜୁଳାଏ ଚାଉଳ -
ଅସରନ୍ତି ସେନେହ ସରାଗେ ।

ତୋର ଛଳ ଛଳ ଆଖି
କୋହ ଆଉ ସପନର
ଭୀତି ଆଉ ପ୍ରୀତିର
ମିଶ୍ରିତ ବେଦନା ଭିତରେ
ଅସ୍ପଷ୍ଟ ଅସ୍ଫୁଟ -
ତୋ ମିଛି ମିଛିକା ବୋହୁଖେଳ
ଧୂଳି ମାଟିର ଭାତ ତିଅଣ
ରଂଗୀନ ପ୍ରଜାପତିର
ଫଡ଼ ଫଡ଼ ଡେଣା
ବୈଶାଖୀର ଗୋଧୂଳିରେ
ସ୍ତବ୍ଧ ହେଲାପରି ।

ଉପ-ନିର୍ଦ୍ଦେଶିକା, ପରିସଂଖ୍ୟାନ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜ୍ଞାନରାଣୀ



ଦେବାଶିଷ ସାଗର

ତୁମେ ହିଁ ମୋର ସେ ଜ୍ଞାନରାଣୀ ,
ଦେଇଛ ହୃଦେ ଅମୃତ ବାଣୀ ।୧

ତୁମ ଦର୍ଶନେ ମୋର ହୃଦୟ ,
ଖଣ୍ଡିଲା ପାପ – ଜ୍ଞାନ ଉଦୟ ।୨

ମସ୍ତକେ ତୁମ ଜ୍ଞାନର ଗଭା ,
ଓଠରେ ଝରେ ଗଂଗାର ଧାରା ।୩

ହସ୍ତ ଆଦେଶେ ଗଢ଼ା ଜୀବନ ,
ସିଦ୍ଧ ହୁଅନ୍ତି ବିଦ୍ୟାର୍ଥୀ ଗଣ ।୪

କି ଭାଗ୍ୟ ମୋର ଥିଲା ଯେ ସତେ ,
ପାଇଲି ଜ୍ଞାନ ତୁମ ଆଦେଶେ ।୫

ହେ ଜ୍ଞାନମୟୀ ବିଦ୍ୟା ଦାୟିନୀ ,
ତୁମେ ମୋ ହୃଦୟ ଜ୍ଞାନରାଣୀ ।୬

ଶାନ୍ତିର ଢେଉ ତୁମ ମନରେ ,
କୃପା ରହିଥାଉ ମୋ ଉପରେ ।୭

ଅଷ୍ଟମ – ନବମ – ଦଶମରେ ,
ଜ୍ଞାନ ପାଇଅଛି ତୁମ ଠାରେ ।୮

ଜ୍ଞାନ ନୁହେଁ ବନ୍ଧା ସୀମା ମଧ୍ୟେ ,
ତୁମ ଜ୍ଞାନ ବୋଲେ ଜୟ ମିଳେ ।୯

ନାମ ଗୌରବ କର୍ମରେ ସିନା ,
ଗୌରବ ତୁମ ନାମରେ ଦେଖା ।୧୦

ଆବିର୍ଭାବ ହେତୁ ପୂନ୍ୟ ଗଢ଼ା ,
ଜନ୍ମରୁ ପବିତ୍ର ନାମ ଆଭା ।୧୧

ଅଧମ – ପାମିର – ମୁର୍ଖ ମୁହଁ ,
ନ ଜାଣି କିଛି ଦେଉଛି କହି ।୧୨

କ୍ଷମାଦାୟିନୀ ଗୋ ପୂନ୍ୟାବତୀ ,
କ୍ଷମା ଦେବ ଥିଲେ ପଦେ ତ୍ରୁଟି ।୧୩

ବଡ଼ନୂଆଁପାଲି (ଡୁଙ୍ଗୁରିପାଲି) ,
ସୁବର୍ଣ୍ଣପୁର
ମୋ.ନଂ- ୯୯୩୮୮୪୪୯୫୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବେକାର



ରାଜେଶ କୁମାର ବାରିକ

୫ ଟଙ୍କାର ଡାଲମା ଭାତ

୧ ଟଙ୍କାର ଚାଉଳ

ବାପା କରିଛନ୍ତି ଇନ୍ଦିରା ଆବାସ

ରେସନ କାର୍ଡ ବୋଉର ।

ଉଜ୍ଜ୍ୱଳା ଯୋଜନା ଗ୍ୟାସ୍ ମିଳିଛି

୫୦୦ ଟଙ୍କା ଜେଜେର

କାଳିଆରେ ମୁଁ ଫର୍ମ ଭରିଛି

ଏଇଠୁ କରୁଛି ଜୁହାର ।

ସବୁ ସରକାର ବେକାର

କରେ ନାହିଁ କାମ କାହାର

ସପ୍ତାହକୁ ଥରେ ଚିକେନ୍ ହେଲେ

ଜମିଯାଆନ୍ତା ଆହାର ।।

ରାଜେଶ କୁମାର ବାରିକ
ଦେବେନ୍ଦ୍ର ପୁର, ଅଭଣା ,ବାଲେଶ୍ୱର
୭୫୬୦୫୧, ମୋ: ୯୯୯୮୬୨୨୩୩୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହିଁକି କେଜାଣେ



ସତ୍ୟବ୍ରତ ସାହୁ

ବେଳେବେଳେ ତମ କଥା ଭାରି ମନେପଡେ
କାହିଁକି କେଜାଣେ..କାହିଁକି କେଜାଣେ...(୦)

ଅଳି ଯେବେ କଳି କାନେ ଗୁଣୁ ଗୁଣୁ ଗାଏ
ମୋ' ମନରେ ତମ ପାଇଁ କିଛି କିଛି ହୁଏ
ତମର ସେ ଟଣା ଆଖି ବଦନ ପୂର୍ଣ୍ଣିମା ଶଶୀ ନାଚେ ଆଖି କୋଣେ...
କାହିଁକି କେଜାଣେ...(୧)

ବର୍ଷା ଯେବେ ଧରଣୀକୁ ଦିଏ ପ୍ରୀତି ଛୁଆଁ
ମନେପଡେ ତମର ସେ ଲାଜ ହସ ଛାଆଁ
ତମର ଆପଣାପଣ ମିଠା ମିଠା ଅଭିମାନ ହୃଦୟକୁ ଟାଣେ...
କାହିଁକି କେଜାଣେ...(୨)

ବେଳେବେଳେ ତମକଥା ଭାରି ମନେପଡେ
କାହିଁକି କେଜାଣେ..କାହିଁକି କେଜାଣେ...(୦)

ଶ୍ରୀ ସତ୍ୟବ୍ରତ ସାହୁ
ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ-୯୩୩୮୧୬୫୬୧୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ସୁନାଭଉଣୀ



ନରସିଂହ
ପ୍ରସାଦ ଚରତି

ନଥିଲା ଜୀବନେ କ୍ଷଣିକ ମୁହୂର୍ତ୍ତ
ଦୁଃଖ ଭରେ କାଟିବାକୁ ,
ବିଭୂ କୃପାରୁ ମୁଁ ଲଭିଲି ଆନନ୍ଦ
ଶାନ୍ତି ସୁଖେ ବଞ୍ଚିବାକୁ ।

ଏହି ସଂସାରରେ ଖଦ୍ୟୋତ ପରାଏ
ବୁଲୁଥିଲି କାହିଁ ମୁହିଁ ,
କି ପୁଣ୍ୟ ଫଳରୁ ପାଇଛି ଆଜି ମୁଁ
ସୁନା ଭଉଣୀ ମୋ ପାଇଁ !

ସୁଖରେ ସୁଖୀ ସେ ମୋ ଦୁଃଖରେ ଦୁଃଖୀ
ଚାଲୁଥାଇ ମୋର ସାଥେ ,
ଆନନ୍ଦ କୁସୁମ ବିଛାଇ ଦିଏ ସେ
ମୋ ଚଲା କଣ୍ଟକ ପଥେ ।

ନାମେ ତାର ପ୍ରେମ କି ବର୍ଣ୍ଣିବି ମୁହିଁ
ସୁନ୍ଦରତା ପରିପୂର୍ଣ୍ଣ ,
ରୂପ ମଧ୍ୟ ତାର ଅଟଇ ଯେସନ
ସ୍ୱର୍ଗୀୟ ଦେବତୀ ସମ ।

ମୋ ସୁନା ଭଉଣୀ ଆନନ୍ଦରେ ରହୁ
ଉଜ୍ଜ୍ୱଳ ହେଉ ଜୀବନ,
ମୋ ଆୟୁଷ ଘେନି ଶତାୟୁ ହେଉ ସେ
କଷ୍ଟ ନ ଲଭୁ କେ କ୍ଷଣ ।

କେ ସୀତାପୁର, ପାରଳାଖେମୁଣ୍ଡି
ଗଜପତି , ଓଡ଼ିଶା
୮୧୧୪୯୦୭୫୯୧

ଆହ୍ୱାନ ଇ-ପତ୍ରିକା

# କୀର୍ତ୍ତିମୁଖ



ପ୍ରଭାତ କୁମାର ଆଚାର୍ଯ୍ୟ

ସାଆନ୍ତେ   !

ନିଜକୁ ଇ ନିଜେ ଗିଳିବା ଛଡା

ଆଉ କେଉଁ ପନ୍ଥା ବାଛିଥାନ୍ତି ;କୁହ  ?

"ଅନ୍ନ ବିହୁନେ ହଂସା ହାନି"ବୋଲି

ଗିଳିଚାଲିଛି ନିଜକୁ,

ତମ ହାତଟେକା ଜନ ଆହାରକୁ,

ଆଖିରେ ଛପାଇ ଆଖିଏ ଲୁହ  ।।

ପଞ୍ଜରା ପେଡିରେ ଲୁଚେଇ ଲୁଚେଇ

ଯାବତୀୟ ସାଂସାରିକ କୋହ

ମିଛରେ ସିନା ,ତମ ସାମ୍ନାରେ

କରୁଥାଏ ସୁଖର ଅଭିନୟ  ।।

ସାଆନ୍ତେ   !

କେଉଁ ଭାନୁମତୀର ମୋହରେ ଧାଡିରେ

ଏ ମୋ ଠିଆବେଶ ଜାଣେନା

ସବୁରି ଅଲକ୍ଷ୍ୟରେ ପୋଛି ଚାଲିଥାଏ

ମୋ ଝାଳମୁହଁ ।  ।।

ମହ ମହ ସୋରିଷ ଫୁଲର କ୍ଷେତ

ଗହ ଗହ ସୁନାର ଭବିଷ୍ୟତ

ଉଜୁଡାଇଛି ତମ ପାଇଁ

ମୋର ବୋଲି ଥିବା...

ମତ ଅଭିମତ ଟିପ ଦସ୍ତଖତ

ପୋଷ ପୋଷ ଝାଳ, ରକ୍ତ, ରେତ

ଖଣି ପାଣି ମାଟିମଣି ତତ୍ତ୍ୱ, ସବୁତ

ଆହ୍ୱାନ ଇ-ପତ୍ରିକା

ଲୁଟିବାକୁ ଦେଇଛି ବିଶ୍ୱାସରେ ।
ଭାବୁଛି;
ତୁଚ୍ଛା ଗୋଟେ କାଚକାଞ୍ଚନ ମାୟାରେ
ବଶୀଭୂତ,ବିକା ଭଙ୍ଗା କଲି ମୋର
ଦେହ -ରସ -ମୋହ -ଲୟ !!

ଏବେ,
ଟଙ୍କାକରେ ଦିଅ କି ପାଞ୍ଚ ଟଙ୍କା ନିଅ
ଆନ କାହିଁ ବା ଶରଣ,
ତୁମ ଛତ୍ର ବିନା !

ଲାଗି ଖାଇବାର ଭାଗ୍ୟନେଇଜନ୍ମିଥିଲି
ନିଜେ ନିଜର ବିଧାତା ହେବାକୁ ,
ହେଲେ,ସରଳତାର ସୁଯୋଗ ରେ
ମାଖିଦେଲ ମୋ ଆଖିପଲକରେ
ପ୍ରଭଞ୍ଜନାର ଅଞ୍ଜନ ଯେ'-
ମାଗି ଖାଇବା ଇ ଅନନ୍ୟ :ଯୋଉଠୁ,
ପାଉନାହିଁ ଫେରିବାର ବିକଳ୍ପ ଉପାୟ ।।

ଜାଣେ ;ଭୋକରୁ ଇ ଜନ୍ମ ମୋର
ଭୋକରେ ମରଣ
ତମକୁ" ମହାଦେବ "କରିବାକୁ
ବୋଧହୁଏ,ମୋ ପରି ଭୂତଗଣ ଜନ୍ମ
ଆବାହନ,ସଂସ୍ଥାପନ,ଆସନ ପାଦାସନ,
ସନ୍ନିଧାନ,ସନ୍ନିରୋଧନ ,ସକଳୀକରଣ ପରେ
ଭୂମିଷ୍ଠ ପ୍ରଣାମ ଇ ଶେଷତମ କର୍ମ
ତମ କଲ୍ୟାଣ ଯଜ୍ଞରେ ସର୍ବତତ୍ତ୍ୱ ସ୍ୱାହା
ଶିର ଶିଖା ଦେହ ପ୍ରାଣ-ସଂଜୀବନ
ତମ ଛାମୁରେସଂପୂର୍ଣ୍ଣ ଅବଗୁଣ୍ଠନ ବିନା
କିଛି ଅଛି କି ଅନ୍ୟ ଉପାୟ ??

ହଁ,ଦୁଃଖ କିଛି ନାହିଁ ।
କଥା ଏତକି ଯେ-
ଜନ୍ମ ହେଲି କିଛି କାରଣ ନ ଥାଇ
ଫେରିବି ବି ବାଜଣା ନ ଦେଇ ।
ସବୁ ସ୍ୱାଧୀନତା ସତ୍ତ୍ୱେ
ଖୋଲି ପାରୁନି ପାଟି
ଦାବୀ ଜହରେଇ ପାରୁନି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ଆବଶ୍ୟକ ଅନାବଶ୍ୟକ କୁ

ଲକ୍ଷ୍ୟ ସାକ୍ଷ୍ୟ ପ୍ରତକ୍ଷ୍ୟକୁ

ଜୀବନକୁ ଡୀବନ ପରି ଜୀଇଁବାର ଉପକ୍ରମକୁ

।।

ସାଆନ୍ତେ !

କହିବ କି,ଆଉ କେତେ କାଳ

ସାଧିବାକୁ ହେବ

ନିଜକୁ ନିଜେ ଗିଳିବାର ହଠଯୋଗ,

ତମ ସ୍ୱର୍ଗଦ୍ୱାରେ ବସିବାକୁ ହେବ

କୀର୍ତ୍ତିମୂଖ ପରି କରି କରି ଆତ୍ମଦାହ !!

ଏଲ୍.ଆଇ. ସି.କଲୋନୀ

ପ୍ରଥମ ଗଳି

ଭଞ୍ଜନଗର

ଜି:ଗଞ୍ଜାମ, ୭୬୧୧୨୬

ମୋ : ୯୪୩୭୨୯୫୬୨୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୌସୁମୀ ତୁମକୁ ସ୍ୱାଗତ



ଡଃ ଆଲୋକ କୁମାର ରାୟ

ଗ୍ରୀଷ୍ମଅନ୍ତେ ତୁମେ ଆସିବା ନିଶ୍ଚିନ୍ତ
ସେଥିପାଇଁ ଆମେ ନୋହୁଁ ଚିନ୍ତିତ । ୧
ଲୋକଚାର ଦୃଷ୍ଟିରୁ କରୁଛୁ ସ୍ୱାଗତ
ଆସ ତୁମ ପାଇଁ ଶୁଭାବେଳା ଆଗତ । ୨
ଗ୍ରୀଷ୍ମର ବିଧବା ମାଟି ଚାହିଁଛି ତୁମକୁ
ତା ସଂତପ୍ତ ପ୍ରାଣେ ରୋପିବ ଇଚ୍ଛାକୁ । ୩
ନବ କିଶୋରୀ ପରି ଆଉ ଛଳନା ନକର
ଗଛବୃକ୍ଷ ପ୍ରାଣୀଙ୍କ ଆଶା ହେଉ ସାକାର । ୪
ଷୋଡ଼ଶୀ ରୂପେ ପ୍ରକୃତି ଶୋଭା ପାଉ
ଜନମନୁ ବୈଶାଖ ତିକ୍ତ ସ୍ମୃତି ଲିଭିଯାଉ । ୫
ଆକାଶେ କଳା ବାଦଲ ଖେଳ ଖେଳେ
ଚାପଳା ତହିଁରେ ରୋଷକରିନିଜେ ଜଳେ । ୬
ନବ କିଶଳୟେ ସଜ୍ଜିତ ତରୁଲତା ସମୂହ
ତୁମକୁ କରନ୍ତି ସ୍ୱାଗତ ଆନମନା ନହୁଅ । ୭
ପଚର ପଚର ଦାଣ୍ଡ ରାସ୍ତା ଘାଟ ଗୋହିରୀ
ବିଲରେ ଦିଶିଲାଣି ଶାଗୁଆ ଧାନର ଶିରୀ । ୮
ମୌସୁମୀ ତୁମ ସାନିଧ୍ୟ ପାଇଁ ତୋଟା ଭୂଇଁ
କେବେଠୁଁ ଚାହିଁଛି ଶୁଷ୍କ ଦେହେ ବଳନାହିଁ । ୯
ଶୁଖିଲା ନଈର ଆଖିରେ ଆଶାର ରୋଷଣୀ
ଖାସ ତୁମପାଇଁ ସଜେଇଛି ବାଲୁକା ବେଣୀ । ୧୦
ଗାଁ ମୁଣ୍ଡ ପୋଖରିହୁଡ଼ାରେ ଯୋଡ଼ି ବଣି
ତୁମପାଇଁ କ୍ରୀଡ଼ାରତ ଆସୁଛ ବୋଲି ଜାଣି । ୧୧
ଆସ ଝିପିଝିପି ବରଷାର ପହୁଡ ପକାଇ
ମୌସୁମୀ ତୁମେ ଆମ ଭରଷା ଜଗାଇ ୧୨

କେନ୍ଦ୍ରାପଡା । ୯୪୩୭୦୬୮୦୦୭

ଆହ୍ୱାନ ଇ-ପତ୍ରିକା

# ଫେସ୍ ଆପ୍



ଜ୍ୟୋତିରଞ୍ଜନ ମହାରଣା

ବୁଢ଼ାବୁଢ଼ୀ ହେଲେ କେମିତି ଦିଶିବ
ଚାଲିଛି କମ୍ପିଟିସନ ।
ପ୍ଲେଏ ଷ୍ଟୋଅର ର ଫେଏସ ଆଆପ୍
ଦେଖାଏ ବୃଦ୍ଧ ବଦନ ।
ଖୁସି ରେ ଉଛୁଳେ ମନ,
ଫେଏସ ବୁଉକୁ ଇନିଷ୍ଟ୍ରା ଗ୍ରାଆମ
ସେଇ ଇମେଜ ରେ ପୂର୍ଣ୍ଣ ।
ମଜା ଦେଖିବାକୁ ଦୀପିକା ଫଟ କୁ
ସେଥିରେ କରିଲି ବୁଢ଼ୀ ।
ତଥାପି ତ ସିଏ ସୁନ୍ଦରୀ ଦିଶିଲା
ଦାନ୍ତ, ଚୁଟି ନାଇଁ ଝଡ଼ି ।
ଯେମିତି ଫୁଟନ୍ତା କଢ଼ି,
ଆଖି ପଡିଗଲେ ଫଟ ଟା ଉପରେ
ଅନେଇବ ଦୁଇ ଘଡି ।
ଏପରି ଫଟ ର ପ୍ରିଇଣ୍ଟି ନିକାଲି
ଡାଇରୀ ରେ ଦେଲି ରଖି ।

କେମିତି କେଜାଣି ଘରଣୀ ଆମର
ସେଇଟା କୁ ଦେଲେ ଦେଖି ।
ପଛ ଆଡୁ ଚିପି ଶଙ୍କି,
ପଚାରିଲେ କହ ଏ ମାଇପି କିଏ
ନୋହିଲେ ଉଡ଼ିବ ଥୋପି ।
ଭୟରେ ପାଟିରୁ ବାହରି ପଡିଲା
ସିଏ ଥିଲା ଗାର୍ଲ ଫ୍ରେଣ୍ଡ ।
ଏବେ ଆଉ ମୋର ରିଲେସନ ନାହିଁ
ବାହାଘର ପରେ ଏଣ୍ଡ ।
ବେକ କରି ମୋର ବେଣ୍ଡ,
ହ୍ୱାଟସ୍ ଆପ୍ ରେ ବାପ ପାଖୁ ତାର
ମେସେଜ୍ କରିଲା ସେଣ୍ଡ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନ କହୁଣୁ ଉଠି ହନୁମନ୍ତ ପରି
ଆସିଲେ ତା ବାପା ଭାଇ ।
ନ ବୁଝି ନ ସୁଝି ପିଠିରେ ମୋଅର
ଦୁଲୁଦୁଲୁ ଦେଲେ ଥୋଇ ।
ଲୁଙ୍ଗି ରେ କରିଲି ଦୁଇ,
ଚତୁଃର୍ମୁଖୀ ମାଡ ଖାଇ ମୋର ଦିହ
ଡାକ ଦେଲା ତ୍ରାହି ତ୍ରାହି ।
ଇଲୋବୋଉ କିଲୋ ମରି ମୁଁ ଗଲି ଲୋ
ବିକଳେ ଛାଡ଼ିଲି ରଡି ।
ପଡ଼ିଶା ଘର ରୁ ଦଉଡି ଆସିଲେ
ଦାମ ନନା ବୋଉ ଖୁଡୀ ।
ତାଙ୍କ ଠାରୁ ନେଲେ ଭିଡି,
ଏକ୍ସଟ୍ରା ମାରିଟାଲ୍ ଆଫେୟାର୍ ଦୋଷେ
ସ୍ତିରୀ ରୁଷିଗଲା ଛାଡି ।

ସିଠାଳ, ନିଆଳି, କଟକ, ୭୫୪୨୯୪
ଯୋଗାଯୋଗ : ୯୯୩୮୮୫୭୪୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସକାଳର କଢ଼ି



ସୁଧାଂଶୁ ଶେଖର ଜେନା

କଢ଼ି ଟିଏ ମୁଁ ମୋତେ ସେମିତି  ଛୁଅଁନା
ଫୁଟିବା ଆଗରୁ ମୋତେ ଏମିତି ଦେଖନା
ମୋ ଦେବଙ୍କ ପାଦ ଥରେ ଛୁଇଁବାକୁ ଦିଅ ନା
କଢ଼ି ଟିଏ ମୁଁ ମୋ ଦେହେ ହାତ ଲଗାନା. । ।

ଇଚ୍ଛା ଅଛି ମହକିବି ଏ ସାରା ଦୁନିଆ
ଜଗତକୁ ଜିଣି ଯିବି ରଖି ଦେଶ ନାଁ...
ଇଶ୍ୱରଙ୍କ ପାଦ ଧରି କରୁଛି ମୁଁ ପାର୍ଥନା
କଢ଼ିଟିଏ ମୁଁ, ନ ଦିଅ ଏତେ ଯାତନା..  । ।

ସୁଧାଂଶୁ ଶେଖର ଜେନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆନ୍ତରିକ ଏକ ପତ୍ର



ସୋନମ୍ ରାଉତ

ମୌସୁମୀ ଗୋ,
ବହୁ ଦୂରୁ ଧାଇଁ ଆସିଛି ,
ମୁଁ ଯେ,
ଧରା ରାଇଜ ର ଦୂତ,
ଘେନ ମୋର ପ୍ରଣାମ ଆନ୍ତରିକ,
ଓ ଆନ୍ତରିକ ଏକ ପତ୍ର । ।
ତୁମେ ଅନୁରାଗେ ଅଭିନନ୍ଦିନ୍ତ ।
ପ୍ରବେଶିବ ମୋ ରାଇଜେ,
ନେଇ ଅପୂର୍ବ ସମ୍ଭାର,
ନେଇ ଜଳ ରେଣୁ ଶତ ଶତ ।
ତୁମ ପାଇଁ ଆନ୍ତରିକ ଏକ ପତ୍ର,
ସର୍ବେ ବିକଳ ଅପେକ୍ଷାରତ ।
ମେଦିନୀ, ତଟିନୀ, ବିଟପ,
ନିରନ୍ତର କଳ୍ପନାସମ୍ଭୂତ ।
କେବେ ଆସିବ ସେ ଶୁଭ ମୁହୂର୍ତ୍ତ,
ତୁମ ପ୍ରଣୟେ ଜଳଦ ଉଚ୍ଛ୍ୱାସିତ,
ଅବତରିବ ଧରା ପରେ,
ନେଇ ବିନ୍ଦୁ ବିନ୍ଦୁ ଜଳ ଶୁଭ୍ର ।

ନିଶି ଦିବସେ ନ ସୀମିତ,
ଅକ୍ଳେଶେ ବରଷିବ ଅବିରତ ।
ସର୍ବାଗ୍ରେ ମେଦିନୀ ଉତ୍କଣ୍ଠିତ,
ବର୍ଣ୍ଣ ଶ୍ୟାମଳେ ଅଭିଷିକ୍ତ ।
ଗୁରୁନାଦ ନଭେ ଉଚ୍ଚାରିତ,
ଧରାକାଶ , ଦିଗ ପ୍ରକମ୍ପିତ ।
ମୌସୁମୀ ! !
ତୁମ  ସମ୍ଭାବିତ ଆଗମନେ,
ଆଶା କଳ୍ପନା ପ୍ରସୂତ ମାତ୍ର,
କିନ୍ତୁ ଆଶ୍ୱାସନା ଏକ ସତ ।

ମେଦିନୀ ଶ୍ୟାମଳି ଶୋଭିବ,
ତଟିନୀ ଉଚ୍ଛୁଳି ଲଙ୍ଘିବ,
କଅଁଳି ନରମ ପତରେ
ଶାଖା ପ୍ରଶାଖା ବିଟପ ମେଲିବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୃଷିତ ତରୁ ପଲ୍ଲବ ମାଳ,
ଗହଳ କାନନ ଧୂଷରିତ,
ସତେ ଅବ ବୁଢ଼ୀ ମା ପାଚିଲା କେଶ ।
ଅତି ସନ୍ତର୍ପଣେ ,
ମନେ ଚାପି ରଖିଛି ତା' ଦୁଃଖ ।

ରବି ରୋଷେ ମେଦିନୀ ଉତ୍ତପ୍ତ,
ତଥାପି ପାଳୁଛି ଆମକୁ
ସହି ଗ୍ରୀଷ୍ମ ଦହନ ।
ଦାରୁଣ ନିଦାଘେ ପୀଡିତ ମେଦିନୀ,
ତୁମ ପରଶ ମୋହେ ଅପେକ୍ଷାରତ ।
ପଖାଳିବ ତାର ଧୂଳି ଧୂଷରିତ କେଶ,
ସେ ସାଜିବ ତରୁଣୀ,
ପୂରି ଉଠିବ ତା ରୁଗ୍ଣ ଯୌବନ,
ଅଙ୍ଗେ ନାଇବ ସେ ଭିଜାମାଟି ବାସ ।
ସେ କ୍ଷଣେ କ୍ଷଣେ ରୋମାଂଚିତ,
କରି ରୋମନ୍ଥନ,
ତାର ପୂର୍ବ ବେଶ ପୁରାତନ ।
ଆହା ! କି ଦୃଶ୍ୟ ସମ୍ଭାର ! !
ଘନ ବରଷିବ ଘନଘନ । {ଘନ-ମେଘ}

କେବେ ତୁମେ ଟପ ଟପ ଜଳ ଟୋପା,
କେବେ ନଭ ରାଇଜୁ ଧରବକ୍ଷେ ଝରୁଥିବା,
ରିମ୍ ଝିମ୍ ସୁର ବାରିଧାରା,
କେବେ ଝର ଝର ନାଦ ଗିରି ଉହାଡୁ,
କେବେ କଚଡା କଚଡା ବର୍ଷା ।
ମୌସୁମୀ ,ତୁମେ ମଧୁରଭାଷୀନୀ,
ରୂପେ ତୁମ ବିଭୋର ମେଦିନୀ,
ଏକା ତୁମେ ହିଁ ତାର ଆଶ୍ରା । । ।
ଏକ ତୁମେ ହିଁ ତାର ଆଶ୍ରା । । ।
ଇତି
ଧରା ରାଇଜର ଦୂତ

ଫେରି ଆସି ଦେଖିଲି,
ମୋ ଧରା ମାଟି ଭିଜା ଭିଜା,
ପତ୍ର ନାଇଛି ଜଳ ଛିଟା ଛିଟା,
ଚାରିଆଡେ ମୌସୁମୀ ମହକ,
ଧନ୍ୟ ତୁମେ ଗୋ ମୌସୁମୀ ! !
ରଖିଲ ଏ ଛାର ଦୂତ କଥା ।

ସୋନମ ରାଉତ, ଢେଙ୍କାନାଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଲଭ ସ୍ୱପ୍ନ



ଚିତ୍ତରଞ୍ଜନ ସାହୁ

ପ୍ରତିଶ୍ରୁତି ଦେଇ ଆଖି ମୁଦିଥିଲ
ଶ୍ରାବଣରେ ବର୍ଷା ହେଇ ଫେରିବାକୁ
ଫଗୁଣର ଫଗୁ ରଙ୍ଗେ ଝରିବାକୁ
ଶେଷଥର ଓଠ ଖୋଲି କହିଥିଲ ।।

ମୋ ଯନ୍ତ୍ରଣା ମୋ ଦୁଃଖରେ ତୁମେ ଥିଲ
ତୁମେହିଁତ ବାଣ୍ଟୁଥିଲ ନିଜ ସହ
ଆଜି ଏକା ଏକା ସବୁ ସହେ ମୁହିଁ
ତୁମେ ଯେବେ ଆଖିମୁଦି ଚାଲିଗଲ ।।

ନିଶୀଥରେ ପଡିରୁହେ ଆଖି ମେଲି
ତାରା ଗଣେ ତୁମ ଛବି ଆଙ୍କି ଆଙ୍କି
କାଳେ ତୁମେ ଦେଖା ହେବ ପୁଣିଥରେ
ଏ କଥା ମୁଁ ଦିନ ରାତି ଭାବେ ଖାଲି ।।

ମୁଁ ପଥିକ ସେ ପଥର ହେଇଗଲି
ଯେ ସ୍ଥାନରୁ ଲକ୍ଷ ସ୍ଥଳ ଦିଶେ ନାହିଁ
ଅଗ୍ରସର ଆଜି କାହା ପିଛା କରି
ଅପଥରେ ଅସମୟେ ଫସିଗଲି ।।

ମାତ୍ର ଜାଣେ କେହି ଜଣେ ବାହୁ ମେଲି
ଡାକେ ମୋତେ କରିବାକୁ ଆଲିଙ୍ଗନ
ଜାଣେନା ମୁଁ ନିଶୀଥେ କି ଦ୍ୱିପହରେ
ଦୁର୍ଲଭ ସ୍ୱପ୍ନ ଦେଖୁଛି ଆଖି ଖୋଲି ।।

ସିଙ୍ଗିରି, ଆଲି, କେନ୍ଦ୍ରାପଡା
୭୩୭୭୬୭୮୭୩୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଳୁତ ବୀର



ନିବେଦିତା ମହାପାତ୍ର

ବୀରଭୋଗ୍ୟା ମୋର ବସୁନ୍ଧରା କୋଳେ
କେତେ ଯେ ବୀରପୁତ୍ର ଜନମି ଥିଲେ
ଦେଇଦେଲେ ନିଜ ପ୍ରାଣ ବଳିଦାନ
କରିବାକୁ ଏହି ଦେଶକୁ ସ୍ୱାଧିନ ॥ ୧

ବାର ବରଷର ସେ ବାଳୁତ ବୀର
ବାଜି ରାଉତ ନାମ ଅଟେ ତାହାର
ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠ ପୁର
ବ୍ରାହ୍ମଣୀ ନଦୀ କୂଳେ ତାହାରି ଘର ॥ ୨

ସିପାହୀ ସାଜି ସେ ପ୍ରଜାମଣ୍ଡଳର
ବିଦ୍ରୋହୀ ପ୍ରଜାଙ୍କୁ କରୁଥିଲେ ପାର
ଆଶଙ୍କା କରିଣ ଗୋରା ସରକାର
ଆସିଲେ କରିବାକୁ ଦମନ ତାହାର ॥ ୩

ଦେଲେ ସେ ଆଦେଶ କରିଦିଅ ପାର
ଯିବାକୁ ଅଛି ତ ଗଡଜାତ ପୁର
ମାନିଲାନି ସେତ ଆଦେଶ ଶତ୍ରୁର
ନ ଡରିଲା ଶୁଣି ଧମକ ତାଙ୍କର ॥ ୪

ଦୃଢ ଭାବେ ରହି ବଚନରେ ସ୍ଥିର
ବୀରଦର୍ପେ ଦେଲା ତାଙ୍କୁ ଯେ ଉତ୍ତର
ଫିଟାଇବି ନାହିଁ ନଉକା ଘାଟର
ଦେବିନି ମଉକା ଗ୍ରାମେ ପଶିବାର ॥ ୫

ଉତ୍ୟକ୍ତ ହୋଇ ଇଂରେଜ ସରକାର
ଗୁଳି ବର୍ଷଣ କରିଲେ ତା ଉପର
ରକ୍ଷା କରିବାକୁ ସାଥି ସହଚର
ଢାଳି ଦେଇଥିଲା ନିଜର ରୁଧିର । ୬

ଟଳି ପଡିଲା ସେ ପାର୍ଥିବ ଶରୀର
ଲିଭିଗଲା ସଳିତା ତା ଜୀବନର
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇଗଲା
ଅମର ଶହିଦ ସେ ମାଟି ମାଆର ॥ ୭

ମୁକୁନ୍ଦ ମିଶ୍ର ନଗର,ପୁରୀ ॥

ଆହ୍ୱାନ-ପତ୍ରିକା

# ଭାଗ୍ୟ ଓ କର୍ମ



ସସ୍ମିତା ସାହୁ

ଭାଗ୍ୟ ଓ କର୍ମ ମଧ୍ୟରେ ବଡ଼ କିଏ ?
ଲୋକ ମତେ ଯେମନ୍ତ କର୍ମ
ସେମନ୍ତ ଫଳ....
ଭାଗ୍ୟ ରେ ଏଥିରେ ହାତ ନାହିଁ..... !

କିନ୍ତୁ ମୁଁ ପଚାରୁଛି ....
ବେଳେବେଳେ
ହାତ ଭଙ୍ଗା ପରିଶ୍ରମୀ କିଆଁ ଧନୀ ହୁଏନା ?
ଯୋଗ୍ୟତା ଥାଇ କିଆଁ ଜଣେ ସଫଳ ହୁଏନା ?
କର୍ମଠ କୃଷକ ର କିଆଁ ଭଲ ଫସଲ ହୁଏନା ?
ଧନ ଧାନ୍ୟ ପ୍ରତିପତ୍ୟ ସ୍ଥାନେ କିଆଁ ସନ୍ତାନର ସୁଖ ମିଳେନା ?
ଚାକଚକ୍ୟ ସହର ମଧ୍ୟେ କିଆଁ
ମାନସିକ ଶାନ୍ତି ମିଳେନା ?

ଭାଗ୍ୟ କୁ କର୍ମ ସହ ତଉଲା ଚାଲିଛି,
କର୍ମ ଯେବେ ତାର ବାହୁବଳ ଦେଖାଉଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ପଲକେ ଭାଗ୍ୟ ସବୁ ଉଜୁଡାଇ ଦେଉଛି.....

ଆତ୍ମବିଶ୍ୱାସ ର ଦ୍ୱାହି ଦେଇ କର୍ମ ନିଜର ଗତି ବଢାଇବା ବେଳେ,

ଭାଗ୍ୟ ନିଜର ଅଟ୍ଟହାସ୍ୟ ଛଳେ କର୍ମ ର ବାଟ ଓଗାଳୁଛି.......

ଆଜି କର୍ମ କ୍ଷତାକ୍ତ..

ଅଭିଶପ୍ତ....

ରକ୍ତାକ୍ତ......

ଶୋଷିତ.......

ମୁମୂର୍ଷ ଅବସ୍ଥାରେ ଚିତ୍କାରୁଛି ଆଜି

ହକ ପାଇଁ ଖୋଜେ ବାଟ,

ହକ ପାଇଁ ଖୋଜେ ବାଟ ।

-ସସ୍ମିତା ସାହୁ, ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲଟେରୀ



ସରୋଜିନୀ ମିଶ୍ର

ଲଟେରୀ ଫୁଟିଲା ଦଶ କୋଟି ଟଙ୍କା
କୁଣ୍ଠେ ମୋଟ ସ୍ୱାମୀ ମନ
ପତ୍ନୀଙ୍କୁ କହିଲେ ଚିଠା କରିଦିଅ
ଯାହା ଇଚ୍ଛା ତୁମ ମନ ।
ବହୁତ ଚିନ୍ତିଣ ପତ୍ନୀ ଲେଖିଦେଲେ
ମାତ୍ର ଦଶଟି ଜିନିଷ
ଦଶଟିରୁ ମାତ୍ର ଗୋଟେ ମିଳିଗଲେ
ହୋଇଯିବି ମୁହିଁ ତୋଷ ।
ଭୁବନେଶ୍ୱରକୁ ଗଲେ ସ୍ୱାମୀଦେବ
ନେଇ ପତ୍ନୀଙ୍କର ଚିଠା
ଦଶଟିରୁ ତହିଁ ଗୋଟେ ନ ପାଇଲେ
ମନ ପଡିଗଲା ଫିକା ।
ରାଜଧାନୀ ଛାଡି ଗଲେ କୋଲକାତା
ତହିଁ ବି ପାଇଲେ ନାହିଁ
କୋଲକାତାରୁ ସେ ଚାଲିଲେ ଚେନ୍ନାଇ
ଜିନିଷ ଖୋଜିବା ପାଇଁ ।

ଚେନ୍ନେଇ ମୁମ୍ବାଇ ଶେଷେ ନୂଆଦିଲ୍ଲୀ
ଖୋଜି ନିରାଶ ହୋଇଲେ
ପତ୍ନୀଙ୍କର ଇଚ୍ଛା ପୂରଣ କରିବା
ପାଇଁକି ବିଦେଶ ଗଲେ ।
ଆମେରିକା ଠାରୁ ଅଷ୍ଟ୍ରେଲିଆ ଯାଏଁ
ବୁଲି ବୁଲି ଖୋଜି ଖୋଜି
ନିରାଶହୋଇଲେ ଚିଠା ଚିରିଦେଲେ
ବସିଗଲେ ଆଖିବୁଜି ।
ଦୁଃଖଭରା ମନେ ବିଷାଦ ବଦନେ
ପହଞ୍ଚିଲେ ପତ୍ନୀପାଶ
କ୍ଷମା କରିଦିଅ ଗୋଟିଏ ଜିନିଷେ
କରି ପାରିଲିନି ତୋଷ ।
ଦଶ କୋଟି ଟଙ୍କା ପାଇ ମଧ୍ୟ ତୁମେ
ମାତ୍ର ଗୋଟିଏ ଜିନିଷ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଣି ପାରିଲନି କ୍ଷମା ମାଗୁଅଛ

 ଆସି ତୁମେ ମୋର ପାଶ ।

ସ୍ନେହ, ଶାନ୍ତି, ଖୁସି, ଘଣ୍ଟାଏ ସମୟ

 ବୁଦ୍ଧି, ଜ୍ଞାନ, ଭୋକ, ନିଦ

ନ୍ୟାୟ ଓ ଚରିତ୍ର ବିନା ଆଉ କିଛି

 ମାଗି ନ ଥିଲି ମୁହିଁ ତ !

ଗୋଟିଏ ଜିନିଷ ନ ମିଳିଲା ଯଦି

 ଦଶ କୋଟି ମୂଲ୍ୟ ହୀନ

ଟଙ୍କା ଠାରୁ ଶାନ୍ତି ଖୁସି ଓ ଆନନ୍ଦ

 ଅଟେ ବହୁ ମୂଲ୍ୟବାନ ।

ସୃଷ୍ଟିର କରତା ଜଗତ ପାଳକ

 ନିଶ୍ଚେ ତାଙ୍କ ଭଣ୍ଡାରରେ

ରଖିଥିବେ ଦେବେ ଡାକିବାଟି ଯଦି

 ତାଙ୍କୁ ପୂର୍ଣ୍ଣ ବିଶ୍ୱାସରେ ।

ଶିକ୍ଷୟିତ୍ରୀ, ଗୋପୀନାଥ ପୁର ନୂଆସାହି

ବାଲୁଗାଁ, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବରଷା ଗୋ !



ହରେରାମ ପଣ୍ଡା

ବରଷା ଗୋ ! ତୁମେ କେଉଁ ଅଭିମାନେ -
ଦୂରେ ରହିଅଛ ଅବା କାହିଁ ?
ଶ୍ରାବଣୀ ମାୟାରେ ନୂପୁରର ଧ୍ୱନି -
କିବା ଆଜି ଜମା ଶୁଭୁନାହିଁ ?
ସେଦିନ କେମିତି କଥା ଦେଇଥିଲ -
ହାତ ପରେ ହାତ ଥୋଇ ,
ଆସିବାକୁ ମେଘରାଇଜୁ ଓହ୍ଲାଇ -
ଇନ୍ଦ୍ରଧନୁ ସାଥେ ନେଇ ॥
ତୁମରି ସାନିଧ୍ୟ ପାଇବା ଆଶାରେ -
ଖୋଜେ କାହିଁ ବନେ ଉପବନେ ,
ପ୍ରେମବାରି ସିଞ୍ଚି ଶୀତଳ କରିବ -
ସନ୍ତପ୍ତ ମୋର ଏ ଶୁଷ୍କପ୍ରାଣେ ॥

ଦେଖିଯାଅ ଥରେ ତୁମ ହାତଗଢ଼ା -
ଉପବନ ଆଜି ମରୁଭୂମି ,
ତପ୍ତ ହୃଦୟ ପ୍ରାଣବନ୍ତ କର
ନୃତ୍ୟ ଛନ୍ଦେ ଆସ ଝୁମିଝୁମି ॥
ମେଘ ପାଲିଙ୍କିରେ ସରଗ ରାଇଜୁ -
ଆସ ଥରେ ମୋର ଉପବନେ !
ବଧୂଲି ଓଠର ନରମ ପରଶେ -
ମଧୁ ସିଞ୍ଚିଦିଅ ମୋର ପ୍ରାଣେ !

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ,
କୁଆଁସ , ମେର୍ଦ୍ଧା କାଟିଆ ଛକ,
ଯାଜପୁର ।
ଦୂରଭାଷ - ୯୪୩୮୦୭୫୧୯୫

ଆହ୍ୱାନ ଇ-ପତ୍ରିକା

# କବିତା



ପ୍ରିୟଙ୍କା ନାୟକ

ମୋର ଲେଖା ମାନସୀର ଜନନୀ

ତୁମେ

ଆଦ୍ୟା ସ୍ରୋତା ଚିରନ୍ତନୀ

ତୁମେ ହିଁ ସର୍ବସଂହା ଦୁଃଖ ଲାଘବକାରିଣୀ ।

ତୁମରି ପ୍ରେମର ଶବ୍ଦ

ମହୁଲି ମଦଠାରୁ ଆହୁରି ଗମ୍ଭୀର

ସାନ୍ନିଧ୍ୟ ପାଇବା ନିମନ୍ତେ କବିମନ

ହୁଏ ସଦା ଆତୁର ।

ତୁମେ ମୋ ପ୍ରେମର ପ୍ରେମିକପ୍ରବର

ପ୍ରେମ ଚୁମ୍ବନରେ ଚୁମ୍ବିତ ହେବାପାଇଁ

ରହିଛି କେତେ ରାତି ଉଜାଗର ।

ତୁମେ ଆସ ସାଥୀ ଗଭୀର ରାତ୍ରୀର ଶବ୍ଦ

ଗୁଞ୍ଜରଣେ

କେବେ ଆସ ବର୍ଷାର ରିମଝିମ୍ ଶବ୍ଦ

ପରିସରେ ।

ମତୁଆଲା ପ୍ରେମିକ ସାଜି

ଶବ୍ଦ, ଅକ୍ଷର, ମାତ୍ରାର ବର୍ଣ୍ଣର ମିଶ୍ରଣେ

ଆସ ସାଥୀ ସକାଳର ପହିଲି କିରଣେ

ଶୀତୁଆ ଜ୍ୟୋତ୍ସ୍ନାର ସ୍ପର୍ଶରେ ଆସି ତୁମେ

ଛବି ଆଙ୍କି ଚାଲିଯାଅ ମୋ ମନର ସାଦା

କାଗଜରେ ।

ତୁମେ ମୋର କବିତା

ସୌନ୍ଦର୍ଯ୍ୟମରୀ ନାରୀ

ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ

ହୋଇଚି ତୁମ ପ୍ରେମର ପୂଜାରିଣୀ ।

ଗ୍ରାମ : ଆବଲପୁର, ତେଇଡିପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇ ପବନରେ



ସୂର୍ଯ୍ୟକାନ୍ତ ବେହେରା

ପବନରେ କ'ଣ ସ୍ୱର ଥାଏ ?
ବୋକିଟା କିରେ !
ପବନ ପରା ଗୀତ ଗାଏ ।
ଛାତ ଉପରେ ଏକୁଟିଆ ବସିଲାବେଳେ ତୁମ ସ୍ୱର ଶୁଭେ
ଛାଇ ନିଦରେ ତୁମ ଶବ୍ଦରେ ଚାଉଁକିନା ନିଦ ଭାଙ୍ଗେ
ଅନ୍ଧାର ରାତିରେ ଏକା ଚାଲୁଥିବା ବେଳେ
ତୁମ ସ୍ୱର କ'ଣ, ତୁମେ ଥାଅ ପାଖରେ ପାଖରେ ।

ପବନରେ କ'ଣ ବାସ୍ନା ଥାଏ ?
କି ଦୁଷ୍ଟ ପିଲା !
ପବନ ପରା ମହକୁ ଥାଏ ।
ଗାଧୁଆ ପରର ତୁମ ଦେହ ବାସ୍ନାରେ ମୋ ନିଦ ଭାଙ୍ଗେ
ତୁମେ ସଞ୍ଜବତୀ ଦେଲେ ତାର ମହକ ମୁଁ ଏଠି ପାଏ
ତୁମ ରୋଷେଇର ଛୁଙ୍କରେ ମୋ ପେଟ ଅଧା ପୁରିଯାଏ ।

ପବନ କ'ଣ ଛୁଇଁପାରେ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ବାଜେ ପିଲା !

ପବନରେ ପରା ଜୀବନ ଥାଏ ।

ଅନ୍ୟମନସ୍କତା ଭାଙ୍ଗିଯାଏ ତୁମ ଛୁଆଁରେ

ମୋହାବିଷ୍ଟ ହୁଏ ମୁଁ ତୁମ ଚୁମାରେ

ଶୀଥିଳ ପଡ଼ିଥିବା ଜୀବନରେ ତୁମ ପରଶରେ ପୁଣି ଜୀଇଁ ଉଠେ

କି ରାତି କି ଦିନ

ସବୁବେଳେ ତୁମ ଛୁଆଁକୁ, ମୁଁ ଅନୁଭବ କରୁଥାଏ ।

ଥରେ ଭାବିଛ ଦେଖି;

ଏ ପବନ ନଥିଲେ କ'ଣ ହୁଅନ୍ତା ?

ପବନ ଅଛି ବୋଲି ତ ଦୁଇ ହଜାର କିଲୋମିଟର

ଦୂରରେ ଥାଇ ମଧ୍ୟ ତୁମ ସ୍ୱର, ତୁମ ବାସ୍ନା

ତୁମ ଛୁଆଁ ପାଇପାରେ ।

ନଚେତ୍, ମୁଁ କେମିତି ବଞ୍ଚିବି କହିଲ;

କୁହନା ।

ଦେଉଳିଗ୍ରାମେଶ୍ୱର, ଜଗତସିଂହପୁର

ଭ୍ରାମ୍ୟଭାଷ : ୦୮୧୦୧୨୧୦୯୮୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନର ଚଲାପଥେ



ଫାଲ୍‌ଗୁନୀ ଦାସ

ସ୍ୱପ୍ନର ଏଇ ଚଲାପଥେ
କେତେ ଯେ କଷ୍ଟ, କେତେ ଯେ ଦୁଃଖ
ତଥାପି ତା'ର ପୂର୍ଣ୍ଣତା ପାଇଁ
ମନରେ କେତେ ଅଜଣା ସୁଖ ।

ସ୍ୱପ୍ନର ଏଇ ଚୋରାବାଲିରେ
ଚାଲି ଚାଲି ମୁଁ ଗଲିଣି ଥକି
ତଥାପି ସୁଖ ମରୀଚିକାଟି
କହେ କିଛି ବାଟ ରହିଛି ବାକି ।

ବଞ୍ଚିତ ସୁଖ ପାଇବା ପାଇଁ
ମନର ଘୋଡ଼ା ଦୌଡୁଥାଇ
ଦୌଡୁ ଦୌଡୁ ଥକି ସେ ଯାଇ
ଭାବେ ଏ ବାଟର ଶେଷ କି ନାହିଁ ।

ମନର ଘୋଡ଼ା ନିଶ୍ଚଳ ହୋଇ
ଚାତକପରି ରହିଛି ଚାହିଁ
ଭାବୁଛି ସ୍ୱପ୍ନର ବାରିଧାରାଟି
ବରଷିବ କି କ୍ଷଣିକପାଇଁ ।

କ୍ଷଣିକ ସେଇ ବରଷାଧାରେ
ଭିଜି ମୁଁ ଯିବି କ୍ଷଣିକ ପାଇଁ
ବର୍ଷ ବର୍ଷର ତୃଷାର୍ତ୍ତ ମନ
ସାର୍ଥକ ହେବ ତା' ସ୍ୱର୍ଶ ପାଇ ।

ଅତିକ୍ରାନ୍ତ ହୁଏ ସମୟ ନଇ
ସ୍ୱପ୍ନର ବାରି ବରଷେ ନାହିଁ
ସୁଖର ସ୍ୱର୍ଶ ପାଇବା ପାଇଁ
ମନର ଆଶା ଆଜି ଯାଇଛି ନଇଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନର କଥା ମନରେ ଚାପି

ଥକାମନ ଆଜି ଯାଇଛି ଶୋଇ

ଭାବୁଛି ସ୍ୱପ୍ନ ବାରିଧାରାଟି

ସ୍ୱପ୍ନରେ ଆସି ଦବକି ଛୁଇଁ ।

ବିଜ୍ଞାନ ଶିକ୍ଷୟିତ୍ରୀ,

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗଜପତି ନଗର

ବ୍ରହ୍ମପୁର, ଓଡ଼ିଶା, ୭୬୦୦୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୌସୁମୀ ଓ ଧରଣୀ



ଭାଗିରଥୀ ଯାନୀ

ମୌସୁମୀ ଗୋ ତୁମେ କେତେ ଦୂରେ ଅଛ
ଆସ ମୋ ପାଶକୁ ଫେରି
କାହିଁ କେତେକାଲୁ ଅପେକ୍ଷାରେ ଅଛି
ବାଟ ଚାହିଁ ଧୈର୍ଯ୍ୟ ଧରି ।

ନିଦାଘ ତାତିକୁ ନ କରି ଖାତର
ବାନ୍ଧି ମନରେ ସହସା
ବାଦଲକୁ ଫାଡ଼ି ଆସ ହସି ହସି
ଢାଳି ଅମୃତ ବରଷା ।

ତମେ ଯେବେ ଆସି ମୋତେ ସ୍ପର୍ଶକର
ସିକ୍ତ ହୁଏ ମୋ ଶରୀର
ମୋର ଏ ବକ୍ଷରୁ ସୁଗନ୍ଧ ମହକେ
ଚତୁଃର୍ଦ୍ଦିଗ ଗାଁ ସହର ।

ତମକୁ ମୁଁ କେତେ ଭଲ ପାଏ ବୋଲି
ଜାଣିଛି ସାରା ଜଗତ
ଆହୁରି ଜାଣିଛି ତମେ ମୋ ଜୀବନ
କର ଗୋ ସଭିଙ୍କୁ ପ୍ରୀତ ।

ମୌସୁମୀ ଗୋ ତମ ଅମୃତ ବରଷା
ଶୁଷ୍କହୃଦେ ଦେଲା ପ୍ରାଣ
ନବ ପଲ୍ଲବିତ ଶୁଷ୍କ ତରୁତୃଣ
ପାଇଲେ ନୂଆ ଜୀବନ ।

ଆସିଥିଲି ଥିଲେ ଆସୁଅଛି ଏବେ
ଆସୁଥିବି ତବ ପାଶ
ପ୍ରୀତିର ବରଷା ପାଇ ମୋ ପରଶ
ମନଖୋଲି ଟିକେ ହସ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମରି ପରଶେ ସୁଶୋଭିତ ଆଜି
ଏ ବକ୍ଷର ପୃଷ୍ଠ ଦେଶ
ଚାଷୀ ପୁଅ ଆଜି ମହା ଆନନ୍ଦିତ
ପାଇ ତମରି ସନ୍ଦେଶ ।

ମନ ଧ୍ୟାନ ଦେଇ କୃଷିକାର୍ଯ୍ୟକରି
ପାଇଥାଏ ଉପହାର
ସଂସାରର ଚକ ଗଡ଼ାଇ ନେବ ସେ
ସଭିଙ୍କୁ ଦେଇ ଆହାର ।

ବେଳକାଳ ଦେଖି ନିଶ୍ଚୟ ଆସିବ
ଏ କଥା ତ ଜଣାଥିବ
କିନ୍ତୁ ତୁମ ପାଶେ ଏତିକି ମିନତି
ତମେ ଶୀଘ୍ର ଆସୁଥିବ ।

ଏଇ ମୋ ଜୀବନେ ତମେ ଆସୁଥାଅ
ଜୀବନର ପଥେ ପଥେ
ପ୍ରକୃତିର ସୃଷ୍ଟି ତବ ନାମ ଗାଇ
ବଞ୍ଚିଥାଉ ଉଲ୍ଲସିତେ ।

ପାଇ ତବ ପ୍ରୀତି ନିଦାଘର ତାତି
ପୃଷ୍ଠ ଦେଶୁ ହେଲା ଶୂନ୍ୟ
ମନକଥା ଜାଣି ଢାଳିଦେଲ ପ୍ରୀତି
ଲଭିଲ ଅନେକ ପୂଣ୍ୟ ।

ତବ ଉପସ୍ଥିତି ମୋତେ ଦିଏ ଶାନ୍ତି
ଏ କଥା ତ ତୁମେ ଜାଣ
ବିଳମ୍ବ ନ କରି ଶୀଘ୍ର ଆସୁଥିବ
ତୁମକୁ ରହିଲା ରାଣ ।

ମନକଥା ଜାଣି ଫେରି ଆସ ବୋଲି
ତୁମକୁ ପାଇଛି ଭଲ
ତମେ ତ ଆସିଲେ ଜାଣୁଛି ଜଗତ
ତମେ ହିଁ ଜଣେ ଅସଲ ।

ରାମଚନ୍ଦ୍ର ପ୍ରାଣବନ୍ଧୁ ନୋଡ଼ାଲ ବିଦ୍ୟାପୀଠ
ରାସଙ୍ଗ, ଗଣିଆ, ନୟାଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୮୦୭୬୮୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏମିତି ବିତେ ରାତି



ଶିବଶଙ୍କର ସାହୁ

ଲାଗୁଛି, କିଏ ଗୋଟେ ଘୁରିବୁଲୁଛି

ସାରା କୋଠରୀ !

କୋଉ ଗୋଟେ ଅସ୍ପଷ୍ଟ ଶବ୍ଦ, ଧୀର ପଦପାତ

ଏଇଠି ସେଇଠି ।

ଭାଙ୍ଗିଯିବ ଅଧାଗଢ଼ା ନିଦ

ସାରା ଶରୀରରେ ପୁଲକ - କାହା ଗୋଟେ ହାତ ଛୁଆଁର

ଆଲୁଅ ଜାଣି ଦେଖେ ତ, ଲୋଚାକୋଚା

ଆଉ ଅବ୍ୟବସ୍ଥିତ ପାଖ ପଲଙ୍କ

କିଏ ଗୋଟେ ଅଶରୀରି

ସତେ ଅବା ଡେଇଁ ଯାଉଛି - ଝର୍କା ଫାଙ୍କରେ ! !

କେମିତି ଗୋଟେ ଆନମନା ଭାବ

ଉଚ୍ଚାଟିତ ରାତି ବଢୁଥିବା ବେଳେ

ଖୋଲି ହୋଇଯାଏ ସ୍ମୃତିର ଗୁମର ।

ସ୍କୁଲ ବେଳର ଅପାକଳ ପ୍ରେମ, ଜେଜେଙ୍କ ପାନଖିଆ ହସ

ବାପାଙ୍କ ଅସହାୟତା

ଅବା ବୋଉର ପୁରୁଣା କାଶ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ କୋଉଠି ପଞ୍ଝୁରୀ ଫିଟେଇ

ଉଡ଼ିଗଲେ ତ

ଶୁଖିଲା କିଆରି ପରି ମନ -

ନୂଆଁ ଅଙ୍ଗବାସ ନେଇ କିଏ ସଜେଇ ହେଲା ତ'

ଡେଣା ଝାଡୁଛି କିଆଁ ଇର୍ଷ୍ୟାପଣ ?

ଏମିତି ବିତେ ରାତି -

ଗାଁ ସଞ୍ଜର ମାଛ ଅନ୍ଧାର ପରି

କିଛି ଅଲୋଡ଼ାପଣ, କିଛି ଷଡ଼ଯନ୍ତ୍ର

ଆଉ ମୋ ଦେହର ବୟସ ବି ଖୁନ୍ଦବୁନ୍ଦ

କୋଉ ଏକ ଭିନ୍ନ ଇଲାକାରେ ।

ଆଉ ବେଶୀ ପଚାରନା -

ହୁଏତ ପେଢ଼ି ଖୋଲି ବାହାରି ଆସିବ ଗୁମର ।

ସହକାରୀ ଯନ୍ତ୍ରୀ (ରେଳପଥ)

ପ୍ରଧାନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ନର୍ଥବ୍ଲକ, ରେଳସଦନ

ପୂର୍ବତଟ ରେଳବାଇ, ଭୁବନେଶ୍ୱର - ୧୭

ଭ୍ରାମ୍ୟଭାଷ : ୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ



ତ୍ରିଲୋଚନ ମହାପାତ୍ର

ନିତିବୁଣେ ନିତି ହାଣେ
ମଜ୍ଜେ ଦାହ ଓ ଦହନେ
ନିତି କୁଟି ନିତି ଖାଏ
ନୀତି ପ୍ରୀତି ରଚୁଥାଏ
ଛଳନାସିକ୍ତ ପାର୍ବଣେ...

ନିଷ୍କପଟ ନିଷ୍କଳଙ୍କ
କୁଟ କପଟ କଳଙ୍କ
ଉତ୍ତାରି ଦେଇ ସେ ପିନ୍ଧେ
ବିମୋହିତ ହୁଏ ଗନ୍ଧେ
ପାପକୁ କରିଣ ବୋକ

ଚିଜ କିସ ନ୍ୟାୟ ପୂଣ୍ୟ
ନ ଜାଣଇ ଅନ୍ତ ଆଦ୍ୟ
ମାରେ ମରେ କରେ ନାଶ
ପରିସ୍ଥିତି କରେ ବଶ
ବିଚିତ୍ର ସତେ ରହସ୍ୟ...

ଜଗତସିଂହପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୂନ୍ୟତାର ଭାଷା



ରବୀନ୍ଦ୍ରନାଥ ମହାରଣା

ଅଭୂଲା ମୁହୂର୍ତ୍ତ
ସ୍ମୃତିଟିଏ ନେଇ
ମଣିଷଟିଏ ତ ବଞ୍ଚେ
ଶୂନ୍ୟତାର ଭାଷା
କାହିଁକି କେଜାଣି
ଏଇ ହୃଦୟରେ ଲୁଚେ ?

କିଏ ଜଣେ ଏଠି
କାହା ଅପେକ୍ଷାରେ
ନିଜ ହୃଦୟକୁ ଜାଳେ,
ହେଲେ ଜାଣେନାହିଁ
ପ୍ରତିଶ୍ରୁତି ଦେଇ
ହୃଦୟକୁ ନେଇ ଖେଳେ ।

ଚତୁର୍ଦ୍ଦିଗେ ଶୁଭେ
ଶୂନ୍ୟତାର ଭାଷା
ଭାଙ୍ଗିଦେଇ ନୀରବତା
ଆପଣାର ଲୋକ
ବୁଝିଲାନି ସିନା
ଏଇ ହୃଦୟର ବ୍ୟଥା ।

ନୀରବ ମନରେ
ଯେତିକି ଯାତନା
ଲୁଚାଇ ରଖିଛି ମୁହିଁ
ଭାବେ ଖୋଲିଦେବି
ସାଇତା ଗୁମାନ
ଯଦି ସିଏ ଦେବ ଚାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନ



ରିପୁନ୍ ଜୟନ୍ତ
ମହାପାତ୍ର

ହଠାତ୍ ନିଦ ଭାଙ୍ଗିଗଲା

ଚାରିଆଡ଼ୁ ଥରେ ନଜର ବୁଲାଇ ଦେଖିଲି

ଆରେ ଏ କି କଥା କୁଆଡ଼େ ଗଲା

ଏଇ ଟିକିଏ ତଳେ ତ ତାକୁ ଦେଖିଥିଲି

ଜାଣି ପାରୁନାହାନ୍ତି ଏ ମୋ ସପନ ଥିଲା

ଏଡ଼େ ମାୟାବୀ ହଠାତ୍ ଚାଲିଗଲୁ

କେବେ ଆସିଲା ଜାଣେନା କିନ୍ତୁ

ଗଲାପରେ ଏତେ ଶୂନ୍ୟତା ଭରିଦେଲୁ

ଆରେ ଏବେ ଜାଣିଲି ଏ ତ ସପନ

ସମସ୍ତେ କୁହନ୍ତି ଏ ସତ ହୁଏନା

ସତରେ କଣ ଏ ସତ ହୁଏ ନା

ଖାସ୍ ମୋ ପାଇଁ ସତ ହୁଅନ୍ତିନି

ସବୁଦିନ ତୁମକୁ ଦେଖନ୍ତି ହେ ମୋର ସ୍ୱପ୍ନ...

ବାମଦେଇପୁର, ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିମାନ



ଦେବେନ୍ଦ୍ରନାଥ
ଦୋର

ହେ କଳାଠାକୁର ଜଗତ ଈଶ୍ୱର
ଜାଣନ୍ତି ସଭିଏଁ ନର
କାହାକୁ ଦେଇଛ ପାଟ ପୀତାମ୍ବର
କାହା ପାଇଁ କୋଠାଘର
ମୋ ଝାଟି କୁଡ଼ିଆ ମାଟି ପଡ଼େ ଝଡ଼ି
ଆସିଲେ ଝଡ଼ବତାସ
ଗୁହାରି କଲେ ବି ମିଳେନାହିଁ ମୋତେ
ଗୋଟିଏ ଇନ୍ଦିରା ଆବାସ
ରାସନ କାଆଡ଼ କାଳିଆର ଟଙ୍କା
କି ଅବା ବାର୍ଦ୍ଧକ୍ୟଭତ୍ତା
ଝାମ୍ପି ନେଉଛନ୍ତି ଧନଶାଳୀ ଲୋକେ
ଦେଇ ନିରୀହଙ୍କୁ ଧୋକା
ଫାଇଲି ପଛରେ ପିଇସି ନ ଦେଲେ
ହୁଏନାହିଁ କିଛି କାମ
ଗରିବ ବାପୁଡ଼ା ମରି ପଡ଼ିଥିଲେ
ହୃଦେନାହିଁ ଦୟାଧର୍ମ
ଏହା କରିଦେବୁ ତାହା କରିଦେବୁ
ଗରୀବି ହଟାଇ ଦେବୁ
ଭୋଟ୍ ସରିଗଲେ ଦେଖା ନ ଦିଅନ୍ତି
ନେତା କି ହାକିମ ବାବୁ
ଏଣୁ କରି ପ୍ରଭୁ ଦିଅ ମୋତେ କିଛି
ତୁମ ପ୍ରତି ଅଭିମାନ
କେତେ ମୁଁ ଡାକୁଛି ତୁମ ସିଂହଦ୍ୱାରେ
ମଥାପିଟି ନିତିଦିନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ



ସ୍ୱାଗତିନୀ ମହାପାତ୍ର

ହେ ସାଥୀ !

ହୃଦୟର ବେଳାଭୂମି ଉପରେ

ତବ ସ୍ମୃତିର ପାଦ ଚିହ୍ନକୁ

ଏ ଅମାନିଆ ଅଶ୍ରୁର ଲହରିଟା

ଲିଭାଇ ପାରୁନି

କାହିଁକି ? ? ?

ଯେ ଭାଙ୍ଗିପାରୁଛି ଅନେକ ଦମ୍ଭକୁ

ସ୍ୱପ୍ନର ବାଲିଘରକୁ ।

କାହିଁକି ? ? ?

ଆତ୍ମାରେ ଅମର

ତବ ସ୍ମୃତି ।

ଭୁଲି ପାରେନା ତୁମକୁ ।

ପ୍ରାଣ କି ଆଜି ବି

ତୁମକୁ ପ୍ରେମକରେ ! ! !

ଅବିଧି, ଆନନ୍ଦପୁର (ପାକନପୁର)
ଜଗତସିଂହପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଷ୍ଟ୍ର, ମାଷ୍ଟ୍ରାଣୀ ଓ ମୋବାଇଲ୍



ରିଭୁ ଆଭୂଷଣ ପଣ୍ଡା

ଏସ୍-ଆଇ କୁହନ୍ତି ଏବେ
ହ୍ୱାଟସ୍ଆପରେ ପଠାଅ ପ୍ରମାଣ
ହ୍ୱାଟସ୍ଆପରେ ହିଁ ଛୁଟି, ସେଥିରେ ହିଁ ନୋଟିସ୍
ସକଳତୀର୍ଥ ଏବେ ମୋବାଇଲ୍ ଚରଣ ।

ବାପା, ରାସ୍ତାକଡ଼ ସ୍କୁଲ୍ ମାଷ୍ଟ୍ର
ଦିନରେ ଫେସବୁକ୍, ରାତିରେ ନିଦ
ପୁଅ ବାଙ୍ଗାଲୁରୁରେ ଇଂଜିନିୟର
ରାତିରେ ଫେସବୁକ୍, ଦିନରେ ମଦ ।

ପିଲା କୁହନ୍ତି ଏବେ 'ଅ' ମାନେ ଅନଲାଇନ୍
'ଇ' ମାନେ ଇଣ୍ଟରନେଟ୍
'ଆ' ମାନେ ଆଇ-ଫୋନ୍
ମାଷ୍ଟ୍ରାଣୀ ଭିଡ଼ିଓ କଲରେ କରନ୍ତି ସେୟାର୍
ଭାଉଜ ନଣନ୍ଦ ଟେନ୍‌ସନ୍ ।

ଅନ୍‌ଲାଇନ ଡାଟା ସବୁ ଭୁଲ୍
ସୀତା ପାଲଟିଛି ଗୀତା
ମାଲାମାଲ୍ ହେଲା ଡାଟା ଏନ୍‌ଟ୍ରି କିରାଣୀ
ଗୋଟିଏ ଫର୍ମକୁ ୫୦ ଟଙ୍କା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିଗଲି



ଡଃ ଜ୍ଞାନେଶ୍ୱର ମିଶ୍ର

ସେ ମୋ ପ୍ରେମିକା
ସେ ମୋ କବିତା
ସେ ମୋ ଉନ୍ମାଦ
ସେ ମୋ ସ୍ୱପ୍ନ
ତା ବିନା ମୁଁ ବିପନ୍ନ

କାଲି ରାତିରେ ଏକ ନିରୋଳା ବେଳାରେ
ଆସିଥିଲା କୋଠରୀକୁ ମୋର
ନିର୍ଭୟରେ ପୋଷାକ ଖୋଲିଲି ତାହାର
ଶରୀରଟା ଧୋବ ଫର୍ ଫର୍
ମୁଣ୍ଡରେ ଦାଉ ଦାଉ ଦିଶୁଥିଲା
ଟୋପିଟିଏ ହଳଦୀ ରଙ୍ଗର

ଆଲିଙ୍ଗନ କଲି
ଚୁମା ଦେଲି
ତା ଦେହରେ ନିଆଁ ବୁହାଇଲି

ଚୁମ୍ବନ ଓ ଆଲିଙ୍ଗନରେ
ନିଜେ ଉତ୍ତେଜିତ ହେଲି
କବିତା ଲେଖିଲି ମିଳନ ବିରହ
ଭାବାନ୍ତର, ମନ ଉଚ୍ଚାଟନ

କିଛି ସମୟ ପରେ ତା ଦେହରୁ ତାତି
ଚାଲିଗଲା
ମୋ ମନ ପୁରା ମାନିନଥାଏ
ରାଗ ବିରକ୍ତିରେ ପାଦରେ ଦଳିଚକଟି
ଆସ୍ ଟ୍ରେର ନର୍କକୁ ଫିଙ୍ଗିଦେଲି
କାଲି ସକାଳୁ ତା ମୁହଁ ଚାହିଁବିନି, ଛୁଇଁବିନି
ମନେ ମନେ ଶପଥ କରିଲି

ସକାଳୁ ଉଠି ଦେଖିଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ତକିଆ କଡ଼କୁ ଲାଇଟରକୁ କୁଣ୍ଢାଇ

ଶୋଇଛି ଉଇଲ୍‌ସ, ଚାରମିନାର ଚାଦର ଭିତରେ

କଅଁଳେଇ ଗେହ୍ଲରେ ଡାକିଲି 'ଫ୍ଲେକ୍' ଆ

ପୁଣି ତା ପ୍ରେମ ଫାଶରେ ବାନ୍ଧି ହୋଇଗଲି

ତା ପ୍ରେମର ଧୂଆଁ ଉଡ଼ାଇଲି

ବନ୍ଧୁବାନ୍ଧବଙ୍କ ଉପଦେଶ

ଅର୍ଦ୍ଧାଙ୍ଗିନୀଙ୍କର ରାଗ ରୁଷା ଅଭିମାନ

ଡାକ୍ତରଙ୍କ କ୍ୟାନ୍‌ସର୍ ଘୋଷଣା ସାବଧାନ

ସବୁ ଭୁଲି ଯାଇଥିଲି ।

କୋଲକାତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ଭଲ ଅଛି



ବିଦ୍ୟାଧର ମିଶ୍ର

ମୋ ବିରୁଦ୍ଧରେ ମୋ ସାହିପଡ଼ିଶା ବନ୍ଧୁବାନ୍ଧବ ଓ

ଚିହ୍ନା ପରିଚିତ ଲୋକମାନେ କରିଛନ୍ତି ବିଦ୍ରୋହ ଘୋଷଣା

ମୁଁ କାଳେ ଖିଆଲିଆ ମନ ନେଇ

ଭଦ୍ରାମୀର ଖୋଳପା ତଳୁ

ତାଙ୍କ ସମ୍ମାନର ଗେଣ୍ଡୁ ଉପାଡ଼ିଛି

ସେମାନେ ଭାବନ୍ତି ସମ୍ମାନଟା ଅଧିକାର

ଈଶ୍ୱରଙ୍କ ଦାନ, ବିନା କର୍ମରେ

ଆପେ ଆପେ ଅଜାଡ଼ି ହୋଇପଡ଼େ

ତାଙ୍କୁ ତ ଅଜଣା କର୍ମ ସମ୍ମାନକୁ ଓଟାରି ଆଣେ

ଏତିକି ହେଲେ ତୁମେ

କାଚ ଡାଙ୍କୁଣୀ ଦେଇ ଭାବୁଛନ୍ତି ଦିଶୁଛନ୍ତି

ଚାଲୁଣୀ ଛୁଞ୍ଚି କୁହା ନୀତି ଛାଡ଼

ତୁମେ ସବୁ ଫେରିଯାଅ

ମୁଁ ଭଲ ଅଛି ।

ଚଣ୍ଡେଶ୍ୱର, ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃତ୍ୟୁପରେ



ଦିଲ୍ଲୀପ ଚକ୍ରବର୍ତ୍ତୀ

ମୁଁ ମରିଗଲାପରେ ନିଜକୁ ଏକ
ସୁଦୀର୍ଘ କୃଷ୍ଣବର୍ଣ୍ଣ ତମସାଚ୍ଛାଦିତ ପଥ
ଦେଇ ଯିବା ସମୟରେ ସେପଟୁ ଆସୁଥିବା
ଏକ ଶୀତଳ ଉଜ୍ଜ୍ୱଳ ଆଲୋକ ଉଦ୍‌ଭାସିତ ହେଉଥିଲା
ନିଜର ପାର୍ଥିବ ଶରୀରକୁ ପୃଥିବୀଠାରୁ ସଂପୂର୍ଣ୍ଣ
ବିଚ୍ଛେଦ ସହିତ କଷ୍ଟ ଯନ୍ତ୍ରଣାରୁ ବିମୁକ୍ତ ହୋଇ
ନିଜକୁ ଖୁବ୍ ହାଲୁକା ଅନୁଭବ କଲି ନିଜର ଆତ୍ମୀୟ
ସ୍ୱଜନ, ବନ୍ଧୁବାନ୍ଧବମାନଙ୍କ ଆନ୍ତରିକତା
କେତେ ଗଭୀର ଓ ଗହନ, ତାହା ଜାଣିପାରିଲି ।

ଚିକିତ୍ସକ ଓ ଆତ୍ମୀୟମାନେ ପୁଣି ମତେ
ମୋ ଶରୀର ମଧ୍ୟକୁ ଫେରାଇ ଆଣିବାକୁ ଚେଷ୍ଟିତ
ମୁଁ ଆଉ ମୋ ବର୍ଜ୍ୟବସ୍ତୁ ଶରୀରକୁ
ଫେରିବାକୁ ଆଶା ପ୍ରକାଶ କଲିନାହିଁ ।
ମୋ ପୂର୍ବଜମାନେ ମୋତେ ସାଙ୍ଗରେ
ନେଇ ଯିବାକୁ ଚାହିଁଲେ ଓ ମୁଁ
ସ୍ୱଚ୍ଛ ଆତ୍ମା ପରମାତ୍ମାଙ୍କ ପାଖକୁ
ଲୀନ ହୋଇ ରହିଗଲି ଚିରଦିନପାଇଁ ।

ମାଣିଖମ୍ବ, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

# ଶାଶ୍ୱତ ପ୍ରେମ



ଉର୍ମିଳା ଦାସ

ତୁମରି ଜ୍ୟୋସ୍ନାରେ ଉଲ୍ଲସିତ ମୁଁ ଯେ
ଲୋଡ଼ା ନାହିଁ ତୁମ ଛୁଆଁ ।
ଦୁନିଆଁ ଦେଖିବ ଦୂରେ ଦୂରେ ଥାଇ
ଆମ ପ୍ରୀତି ଦିଆନିଆ ।
ମୁଁ ଭିଜୁଥିବି ତୁମ ଜୋଛନାରେ
ସର ଜଳେ ଝୁଲି ଝୁଲି ।
ତୁମେ ଦେଖୁଥିବ ବିଦଗ୍ଧ ନୟନେ
ବାଦଲ ଫାଙ୍କରେ ଡୋଲି ।
ତୁମରି ଜ୍ୟୋସ୍ନାରେ ଭିଜି ତନୁମୋର
ଏତେ ଯେ ପବିତ୍ର ହୁଏ ।

ଭାବନା କରେନି ମନ୍ଦିରକୁ ଅବା
ଶ୍ମଶାନକୁ ମୁଁ ଯେ ଯାଏ ।
ପଚାରିବିନି ମୁଁ ତୁମ ଦେହେ ଅଛି
କାହା କଳଙ୍କ ଠିକଣା ।
ଦୁନିଆର ମୋହ ନ ଛୁଏଁ ଆମକୁ
ଅନନ୍ୟ ଆମର ପ୍ରେମ ।
ଏଇ ଆମ ଭାଗ୍ୟ ଖୋଜିକି ପାଇଛେ
ପ୍ରେମ ସତ୍ୟ ଚିରନ୍ତନ ।

ଗୋକୁଳପୁର, କଟକ

ଆହ୍ୱାନ ଇ-ପତ୍ରିକା

# କବି ଓ କବିତା



ପ୍ରକାଶ ଚନ୍ଦ୍ର ପଣ୍ଡା

ଭାବନା ରାଇଜେ ବୁଡ଼ି ଯାଇଥିଲି

ଭୁଲିଯାଇଥିଲି କିଏ

ମନ ଆକାଶରେ ଉଙ୍କି ମାରୁଥିଲା

ମନଛୁଆଁ ଲେଖାଟିଏ

ଶବ୍ଦଗୁଡ଼ା ଆସି ଖଞ୍ଜି ହୋଇଗଲେ

ପାଖକୁ ପାଖ ସେ ନିଜେ

କଲମ ମୂନରେ ଆଉଁସି ଦେଇ ମୁଁ

ଲେଖିଲି କବିତାଟିଏ

କବିପ୍ରାଣ ମୋର ଚେଇଁ ଶୋଇଥିଲା

ନିଘୋଡ଼ ନିଦରେ ସତେ

ନିଦ ଭାଙ୍ଗିଗଲା ସେ ଜାଗ୍ରତ ହେଲା

ଲେଖନୀ ଧରିଲି ହାତେ

ସୁଦୂରପ୍ରସାରୀ ଭାବନା ରାଇଜେ

ବୁଡୁଥିଲି ଉଠୁଥିଲି

ସତେ କି ଫେନିଳ ସମୁଦ୍ର ଗର୍ଭରେ

ମନେ ମନେ ଭାସୁଥିଲି ।

ବିଜ୍ଞାନ ଶିକ୍ଷକ

କଲ୍ୟାଣପୁର, ଭୁଇଁପୁର, ଯାଜପୁର

ଭ୍ରାମ୍ୟଭାଷ : ୮୭୬୩୫୭୫୫୩୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶପଥ



ଯଶୋବନ୍ତ
ପଟ୍ଟନାୟକ

ନାହିଁ ମୋର ସେନା
ନୁହେଁ ସେନାପତି
ନୁହେଁ ମୁଁ ସବ୍ୟସାଚୀ ।
ଓଡ଼ିଆ ମାଟିର ଓଡ଼ିଆ ପୁଅ ମୁଁ
ନୁହେଁ ଧରମା କି ବାଜି । ୧

ଆଖିରେ ଅଛି ମୋ ଅସରନ୍ତି ସ୍ୱପ୍ନ
ହୃଦୟରେ ପ୍ରଶ୍ନ-ନିଆଁ
ସବୁକିଛି ଥାଇ ମାଟି ମା'ର ମୋ
ପଣତଟି ଫଟା କିଆଁ ? ୨

ଭୋଟ୍ ଅସ୍ତ୍ରେ କରି ଜନତା ଶୋଷଣ
ଭଣ୍ଡ ବୋଲାଏ ସତ୍ୟବାଦୀ
ବଣ ମୂଲକର ସରଳ ମଣିଷ
ସାଜିଛି କାହିଁକି ଆତଙ୍କବାଦୀ ? ୩

ରତ୍ନଗର୍ଭା ଏଇ ଜନନୀ ଗର୍ଭରୁ
ରତ୍ନ କି' ଗଲାଣି ସରି ?
ଦେଖିବାକୁ କାହିଁ ମିଳୁନି ମଣିଷ
ଗାନ୍ଧୀ ଗୋପବନ୍ଧୁ ପରି ? ୪

ଜାତି - ଧର୍ମ - ବର୍ଣ୍ଣ ନାମେ ହୁଏ ରଣ
ହୁଏ ରକ୍ତର ହୋରି ଖେଳା
କୁଆଡ଼େ ଗଲା ସେ ମଣିଷପଣିଆ
ଭାଇଚାରା ପୂର୍ଣ୍ଣମେଳା ? ୫

ଥରିଯାଏ ଦେହ ଦେଖୁଛି ଯେବେ ମୁଁ
ଅନ୍ୟାୟ -ଅନୀତି - ଖେଳ
ଧୋକାବାଜି - ଚୋରି - ଧର୍ଷଣ - ହରଣ
ତଣ୍ଟିକଟା ଯେତେ ଖଳ । ୬

ସେପାଇଁ ଲଢ଼ିବି କରିଛି ଶପଥ
କଲମ କାଳିକୁ ନେଇ
ଗୁଳି ପଛେ ବାଜୁ ଛାତିରେ ମୋହର
ମରଣକୁ ଭୟ ନାହିଁ । ୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ଜୟନ୍ତ କୁମାର ସାହୁ

କଳଙ୍କିନି ନୁହେଁ

କିନ୍ତୁ ଦୁନିଆ ତା ନାଁରେ ବୋଳେ କଳଙ୍କ

ମାୟାବିନୀ ନୁହଁ

କିନ୍ତୁ ଦୁନିଆ ତା ପ୍ରେମରେ କୁହେ ଛଳନା

ଅଶ୍ରୁଧାରୀ ନୁହେଁ

କିନ୍ତୁ ଦୁନିଆ ତା ଆଖିରେ କୁହେ ଲୁହ

ସେ ତ ବାଗ୍ ବିଜୟୀ

ସେ ତ ପ୍ରେମର ମାନେ

ସେ ତ ସମୁଦ୍ରରୂପୀ ହୃଦୟ

ସେ ତ ପଶ୍ଚାତାପର ଭୂମି

ସେ ତ ଅବଚେତନାର ବାରି

ସେ ହେଉଛି ନାରୀ ।

ବିବେକ ଶୂନ୍ୟା ନୁହେଁ

କିନ୍ତୁ ଦୁନିଆ ତାକୁ କହେ ବିବେକଶୂନ୍ୟ

ପାଦର ଧୂଳିପରି ନୁହେଁ

କିନ୍ତୁ ଦୁନିଆ ନିଜ ସ୍ୱାର୍ଥପାଇଁ କରେ ପାଦର ଧୂଳି ।

ସେ ତ ନରରୂପୀ ଦୂର୍ଗା

ସେ ତ ସତୀରୂପୀ ସୀତା

ସେ ତ ବିଶ୍ୱାସର ରେଖା

ସେ ତ ଆରମ୍ଭର ରାସ୍ତା

ସେ ତ ପ୍ରତ୍ୟୁଷ ରୂପୀ ଅଗ୍ନୀ

ସେ ତ ସାତରଙ୍ଗରେ ବର୍ଣ୍ଣିତ ସୁନ୍ଦରୀ

ସେ ହେଉଛି ନାରୀ ।

ଆହ୍ୱାନ ଇ-ପତ୍ରିକା

# ଯୋଗରେ ଜୀବନ



ଗୌରୀ ପଣ୍ଡା

ବହୁ ପୁରାତନ, ଆମେ ସନାତନ
ଅନାଦି ପ୍ରାଚୀନ, ଭାରତ ମହାନ
ଜପତପ ଏ ଭାରତ ଭୂଇଁ
କହେ ଭାରତ ଭୂଇଁ ।
ତପ ଆଚରଣ, ଆମ ଋଷିଗଣ
ତନ୍ତ୍ର ଯେ ସାଧନ, ମନ୍ତ୍ର ବିଚକ୍ଷଣ
ରୋଗବ୍ୟାଧି ଦୂରେଇବା ପାଇଁ
କହେ ଭାରତ ଭୂଇଁ ।
ଯୋଗ ପ୍ରତିଦିନ, ସୁସ୍ଥ ରହେ ମନ
ସୁଖ ଆଗମନ, ବଢ଼େ ବୁଦ୍ଧିଜ୍ଞାନ
ଯୋଗ କର ରୋଗ ଦୂରପାଇଁ
କହେ ଭାରତ ଭୂଇଁ ।
ବଜ୍ର, ସୁଖାସନ, ପଦ୍ମ ତାଡ଼ାସନ
ବୃକ୍ଷ, ଶବାସନ, ବୀରଭଦ୍ରାସନ
କେତେ ଯେ ଆସନ ଆମ ପାଇଁ
କହେ ଭାରତ ଭୂଇଁ ।
ବ୍ୟାୟାମ, ଆସନ, ଯୋଗର ମିଶ୍ରଣ
ହୁଏ ଆଗମନ, ସୁଖର ଜୀବନ
ଏ ବାରତା ଆଜି ଆମ ପାଇଁ
କହେ ଭାରତ ଭୂଇଁ ।
ଯୋଗର ଦର୍ଶନ କରଇ ଆହ୍ୱାନ
ଯୋଗ ଅବଦାନ, ସୁନ୍ଦର ଜୀବନ
ସୁଖ ଜୀବନଟି ଆସେ ନେଇ
କହେ ଭାରତ ଭୂଇଁ ।
କର ଅନୁଧ୍ୟାନ, ଯୋଗରେ ଜୀବନ
ନିର୍ମଳ ଚିନ୍ତନ, ହୁଏ ସ୍ୱଚ୍ଛ ମନ
ଯୋଗକୁ ନିଅରେ ଆପଣେଇ
କହେ ଭାରତ ଭୂଇଁ ।
କରି ମୂଲ୍ୟାୟନ, ବିଶ୍ୱବାସୀଗଣ
ଯୋଗରେ ମନନ, କଲେ ନିମଗନ
ସୁସ୍ଥ, ସ୍ୱଚ୍ଛ ଜୀବନଟି ପାଇଁ
କହେ ଭାରତ ଭୂଇଁ ।

ଜୟପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଫାଳୀ ! ତୁମ ଓଠରେ ମୋ କଥା



ଅମିତ ନାରାୟଣ
ଶତପଥୀ

ପେନ୍ଥାପେନ୍ଥା ସ୍ୱପ୍ନ ତୁମ ବୁକୁରେ ଥିଲା
ଫେଣ୍ଟା-ଫେଣ୍ଟି ଭିତରେ ସୀମାରେଖା ଭୁଲି ଯାଇଥିଲି
ସାହସ କରିଲି ତୁମକୁ ଅନ୍ତରଙ୍ଗ ସଜାଇବାକୁ
ତା ପାଇଁ ଲୋଡ଼ା ନଥିଲା ତୁମ ଛୁଆଁର ମାୟାଭରା ତୂଳୀ
ମୋ ଦେହର କୋମଳତାକୁ ତନ୍ନ -ତନ୍ନ କରି ଯାଞ୍ଚ କରିବାକୁ
ବଜାରର କିଛି କୋହକୁ ନିଜ ଭିତରେ ଭରି
ବିଷବୃକ୍ଷ ସାଜିବା ମଣିଷ ନଥିଲ ତୁମେ
ହଁ, ମୁଁ ପରା ଭୁଲି ଯାଇଥିଲି
ନିଜକୁ ତୁମ ଉପରେ ଆଶ୍ରିତା ଲତା ଭାବୁଥିଲି
ପ୍ରତିବଦ୍ଧତାର କୋଷ୍ଠ କରୁ ଭଲଲାଗିବାର ସମାପବର୍ତ୍ତକ କାଢ଼ି ନେବାକୁ ଚାହୁଁନଥିଲି ମୁଁ
ବଞ୍ଜାରା ମାଟି, ପରିବ୍ରାଜକ ରାତି ଚିହ୍ନା-ଚିହ୍ନା ଧୂଳି
ସବୁ ଭଲଲାଗେ ମୋତେ, ଠିକ୍ କାହାଭଳି ଗୋଟେ
ତୁମକୁ ଶବ୍ଦାନ୍ତରରେ ସେଥିପାଇଁ ତ ଖୋଜିବାକୁ ଚେଷ୍ଟାକରେ
ମୋ ଦେହର ତାତିକୁ ରାତିର ଭ୍ରମର ଆଦରି ନେବାକୁ ଆସେନି
ରାତିର ଚୁମ୍ବନ ପରି ମୁଁ ଖୁବ ପରିଚିତାନା ତୁମ ପାଖରେ
ତଥାପି କାହିଁକି କେଜାଣି ଦ୍ୱିଧା ଲାଗେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଓଠରେ ମୋ କଥା ଶୁଣିବାକୁ ?

ହଁ, ଶୀତର ଓଠ ଫଟାଠାରୁ ବି ସେ ଦାଉ ଅଧିକ

ମୁଁ ଜାଣିଛି

ବକ୍ଷ ଜଣଙ୍କୁ, ମୁଣ୍ଡ ଉପରର କେଶ ଉପଭୋଗ କରିବାକୁ ଜଣଙ୍କୁ

ହସ୍ତର ମୋହ-ସ୍ପର୍ଶ ଜଣଙ୍କୁ

ଛାତିର ନିଆଁ ଜଣଙ୍କୁ

ତା'ର ଦୂର ଧୂଆଁ ଜଣଙ୍କୁ

ଖଣ୍ଡ-ଖଣ୍ଡ କରି ବାଣ୍ଟିବାକୁ ଏ ଶରୀର ଭାରି କଷ୍ଟ

ବନ୍ଧ ଜୁଆର ରୋକିବା ଭାରି ଦୁଷ୍କର

ମୁଁ ଧନ୍ୟ ତେଣୁ

କ୍ଷୁଦ୍ର ଶରୀରରେ ଏଇ ଭାବୁଥିଲି

ଅନ୍ୟମନସ୍କ ଭାବରେ ମୋ ଦେହରେ ପଶି

ତୁମ ଓଠ ମୋ କଥା କହିଦେଲେ

ତୁମକୁ ଶାନ୍ତି ମିଳନ୍ତା କି.. ?

ଓଠ ମିଶାଇବା ଆଗକୁ ବି ବହୁତ କିଛି ଅଛି..

ମନୁଷ୍ୟ ତାର ଜଠରରୁ ଶୁଣିଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁଡ଼ି



ଜ୍ୟୋତିରଞ୍ଜନ ସାହୁ

ଜୀବନ ଛଳନା ମରଣ ଯନ୍ତ୍ରଣା
ମଝିରେ ନିଶ୍ୱାସ ବାନ୍ଧିଛି ଡୋରୀ
ସେ ଡୋରୀ ଭିଡୁଛି ସଂସାର ବିନ୍ଧାଣୀ
ସମୟ ଲଟେଇ ହାତରେ ଧରି ॥

କେବେ ଲଟେଇରୁ ସୂତା ଦି'ଖିଅ
ସୁଖରୁ ପେସିଏ ଦେଉଛି ଛାଡି
ସେହି ଦି'ଖିଅ ସୂତା ପାଇଗଲେ
ଜୀବନ ଗୁଡିଟା ଯାଉଛି ମାଡି ॥

ସଂସାର ଗଗନେ ଜୀବନର ଗୁଡି
ଉଡିବୁଲେ ସତେ ଯିବ ସେ ମାଡି
ଦୂର ଆକାଶର ମେଘମାଳା ଟପି
ମରଣ ଗୁଡିକୁ ପଛରେ ଛାଡି ॥

ଯେବେ ଲଟେଇର ସୂତା ଖିଅଟିକୁ
ଭିଡଇ ବିନ୍ଧାଣୀ ହାତରେ ତାର
ଜୀବନର ଗୁଡି ଖସଇ ତଳକୁ
ଉପରେ ଥାଏ ତା' ଦୁଃଖର ଭାର ॥

ଯେତେ ଯେତେ ଭିଡେ ନିଶ୍ୱାସ ଡୋରୀକୁ
ଫଡ ଫଡ ଡାକେ ଜୀବନ ଗୁଡି
ସମୟ ଲଟେଇ ହାତରେ ଯାହାର
ଜାଣେ ସେ କେତିକି ପାରିବ ଉଡି ॥

କେବେ ସୁଖ ପୁଣି କେତେବେଳେ ଦୁଃଖ
ଛାଡଇ ଟାଣଇ ସୂତା ଖିଅକୁ
ଉପରକୁ ଗଲେ ଦେଖିନ ପାରଇ
ଜୀବନ ଗୁଡିଟା ତା ବିନ୍ଧାଣୀକୁ ॥

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେଯେତେ ଖସେ ଜୀବନର ଗୁଡି

ତଳକୁ ତଳକୁ ପାରେ ସେ ଦେଖି

ନିଶ୍ୱାସର ଡୋରୀ କଟି ସାରିଲାଣି

କାଟିଛି ବିନ୍ଧାଣୀ ହାତେ କଇଁଛି ॥

ଖସି ପଡୁଥାଏ ଜୀବନର ଗୁଡି

ଅନୁତପ୍ତ ସିଏ ବିଚ୍ଛେଦ ଦେଖି

ମରଣ ଗୁଡିଟା ଧୀରେ ନଭେ ଉଡେ

ଦୁଃଖ ବାଦଲରୁ ଅଶ୍ରୁ ସାଉଁଟି ॥

jrs.2013rediffmail@gmail.com

୮୮୯୫୧୫୩୫୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହିଁକି



ମନୋଜ କୁମାର ବେହେରା

ଝଡ-ବର୍ଷା ତୋଫନର
ମଡ ମଡ ଶବ୍ଦ,
ବିଜୁଳିର ଥରିଉଠା
ପ୍ରକମ୍ପିତ ହୃଉଦୟର କକ୍ଷ
କାଇଁ ମୋତେ ଟିକିଏବି ହେଲେ
ଦେଇପାରୁନଥିଲା ଭୟର ଆଭସ ।

ସୁଲୁ ସୁଲୁ ରତ୍ରିଅଧର ପବନରେ
ଦୂର ଦିଗନ୍ତରେଭାସିବୁଲେ
ଅଦୃଶ୍ୟ ନରୀର ଆଧା ଅଙ୍କା ଛବି,
ମନଭିତରେ ସଞ୍ଚରଣ କରୁନଥିଲା
କାଇଁ ଭୟକୁତ ଆବାହନି ।

ତ କହିଁକି ଆଜି,
ଏତେ ଭୟ ?
ମନହୃଦୟର ମଞ୍ଚ ଉପରେ,
କିଏ ଜଣେ ଅଭିନୟ କରେ,
ରାତ୍ରିର ଅସଜ୍ଜିତ ସ୍ୱପ୍ନ ଇଲକରେ ।

କାହିଁକି ?
କାହିଁକି ମୋ ହୃଦୟର ମାଂସଳ ପିଣ୍ଡଟି
ଜାକି ଜୁକି ଥରି ଉଥେ
ରାତ୍ରି ଅଧରେ ଚିଲାମାରି ।

କାହିଁକି ?
ବ୍ୟସ୍ତ ବହୁଳତା ଅବସ୍ଥାରେ
ମସ୍ତିଷ୍କର ସିର ପ୍ରସିରା ଗୁଡିକ
ଫୁଲିଉଠନ୍ତି,
ଧଇଁ-ସଇଁ ହୋଇ, କାହିଁକି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମରି ସ୍ୱର ଯେବେ

ସୂକ୍ଷ୍ମ ପରଦ ଉପରେ ଗୁଣୁ ଗୁଣୁ ହୋଇ ବାଜେ,

କାହିଁକି ?

ହସିଉଠେ, ସେଇ ଭୟାଳୁ ମାଂସଳ ପିଣ୍ଡଟି,

ସ୍ୱର୍ଗ ପୁରୀରେ ଘୂରିବୁଲିଲା ପରି

ସେ କାହିଁକି ମନ୍ତ୍ରମୁଗ୍ଧ ହୋଇ

ମିଶିଯାଏ ସେଇ ସ୍ୱରର

ସପ୍ତ ବର୍ଣ୍ଣି ଓଢଣା ଭିତରେ ହଜିଯିବା ପାଇଁ ।

କାହିଁକି ?

ସିନ୍ଧୁ ଲଙ୍ଘିବାକୁ ଇଚ୍ଛା କରେ,

ସାତ ତାଳର ଶାମୁକାକୁ ପାଇବାକୁ ଇଚ୍ଛା ରଖେ ।

କାହିଁକି,

ଭୟ ସେଠି ହଜି ଯାଏ

ନିଜ ପାଦ ଚିହ୍ନକୁ ହଜାଇ ।

କାହିଁକି ?

ସେ ପଶ୍ଚିମରେ ବୁଡାଳି ମାରୁଥିବା ସୂର୍ଯ୍ୟକୁ ଦେଖି ହସୁଥାଏ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଧେ କିଛି ଅଶା, କିଛି ସ୍ୱପ୍ନ, କିଛି ପ୍ରତିସ୍ମୃତି ନେଇ
ଫେରିବାକୁ ବ୍ୟଗ୍ର, ଉଦ୍ଧାମତ୍ତା ମନେ ତା'ର
ସେ'ବି ହସି ଚାହିଁରହେ
ଆସନ୍ତା କାଲିର ସୁର୍ଯ୍ୟକୁ ।

କାହିଁକି ନା'
ନୂତନ ଆଶା ନୂତନ ଆକାଂକ୍ଷାର ସମ୍ଭାର
ଫୁଲ ମଂଦିରାର ସବାରୀ ଚଢ଼ି
ନୂତନ ସକାଳର ଆବହନ କରି
ଫେରିବ, ପୁଣି ହସେଇବ
ପୁଣି ପ୍ରତିସ୍ମୃତିବଦ୍ଧ ହୋଇ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ପି.ଏସ୍.ଏସ୍.ଜେ ଡିଗ୍ରୀ ମହାବିଦ୍ୟାଳୟ
ବଅଁରପାଳ, ଅନୁଗୋଳ
ମୋ-୭୩୭୭୪୯୬୫୪

ଆହ୍ୱାନ ଇ-ପତ୍ରିକା

# ଲେଖୁଛି ମୁଁ ତୁମପାଇଁ



ମନୋରଞ୍ଜନ ମୁଦୁଲି

ଲାଗୁଥିଲା ଭୟ କଲମକୁ ଧରି କିଛି ଗୋଟେ ଲେଖିବାକୁ,
ଥରୁଥିଲା ହାତ ଚିନ୍ତାକରି କିଛି ତୁମପାଇଁ ଲେଖିବାକୁ।
ଅଜଣା ମୋ ପାଇଁ ପରିଚୟ ତୁମ ଠିକଣାରେ ଲେଖିବାକୁ,
କେମିତି ଆସିଲ ପ୍ରଜାପତି ହୋଇ ଉପବନେ ଉଡ଼ିବାକୁ।
ରଙ୍ଗ ବୋଳିଦେଲ ସପ୍ତରଙ୍ଗ ଦେଇ ମନ ଉପବନେ ମୋର,
ଇନ୍ଦ୍ରଧନୁର ତୋରଣ ଆଙ୍କିଲ ମନ ଆକଶରେ ମୋର।
ବିଜୁଳି ଚପଳ ପରି ମୋ ମନରେ ଝଲସି ଆସିଲ ତୁମେ
ମୟୂରୀ ଠାଣିରେ ଚପଳ ଆଖିରେ କଥା କହିଥିଲ ତୁମେ।
ପୂର୍ଣ୍ଣିମା ଚାନ୍ଦରେ ଦାଗ ସିନା ଥିଲା ତୁମେ ଥିଲ ରୂପାଜହ୍ନ,
ରୂପରେ ତୁମର ତୁଳନା ନ ପାଇ ବାଛିନେଲା ଏଇ ମନ।
ସପନରେ ଆସି ମନମନ୍ଦିରରେ ବାଛିନେଲ ଯେଉଁସ୍ଥାନ,
ଲିଭିଲାନି ଦାଗ ଅଲିଭା ଅକ୍ଷରେ ରହିଥିବ ସବୁଦିନ।
ଚାନ୍ଦର ଶୀତଳ ଲାଗୁଥିଲା ମୋତେ ଅମାବାସ୍ୟା ଅନ୍ଧକାରେ,
ଚନ୍ଦନ ମହକ ବାସୁଥିଲା ମୋତେ ମଳୟ ବହିଲେ ଥରେ।
ତୁମ ରୂପ ମୋର ଭାଷା ସୃଷ୍ଟିକରେ ହୃଦୟ ଶୂନ୍ୟଗହ୍ୱରେ,
ତୁମ ମୃଦୁହସ ପ୍ରତିଧ୍ୱନି ହୁଏ ମୋ ମନ ବୀଣାର ସ୍ୱରେ।
ମୋର ପରିଚୟ ତୁମପାଖେ ନାହିଁ ଅଜ୍ଞାତ ମୁଁ ତୁମପାଇଁ,
ତଥାପି ଲେଖୁଛି ଜୀବନ କବିତା କେବଳ ତୁମରି ପାଇଁ।
ଝରିଯିବି ଦିନେ ଶୁଷ୍କ ଫୁଲ ହୋଇ ସୁଗନ୍ଧ ମହକ ଦେଇ,
ତଥାପି ଲେଖିବି ଜୀବନ କବିତା କେବଳ ତୁମକୁ ନେଇ ...।

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିରୁଦ୍ଦିଷ୍ଟ



ପ୍ରିୟଙ୍କା ସାହୁ

ହେଇ....

ତୁମେ କେଉଁଠି ନିରୁର୍ଦ୍ଦିଷ୍ଟ ହେଇଗଲ

ତୁମକୁ ଖୋଜୁଛି ଆଜି

ଗାଁର ଗଳିକନ୍ଦି ରାସ୍ତାରେ, ଆମ୍ବ ତୋଟାରେ,

ବୁଢାବରଗଛ ମଣ୍ଡପ ତଳେ,

ନଈକୂଳେ,ପାହାଡର ଆରପଟେ

କାହିଁ କେଉଁଠି ତ ଦିଶୁନ ତୁମେ ।

ଜଣାନାହିଁ କି ଶୁଣାନାହିଁ

ହଠାତ ଚାଲିଯାଇ କଣ ଠିକ୍ କରିଲ ତୁମେ ?

ଜାଣିଛ... ମୁଁ ବଂଚିଛି

ଜଳବିହୁନେ ମୀନ ପରି,

ଚାନ୍ଦବିନା କୁମୁଦିନି ପରି,

ବରଷାବିନା ଚାତକ ପରି

ଜାଣି ପାରୁନ ନା ଜାଣିକି ବିଳୁଚିଛ ତୁମେ ।

ସତରେ କଣ ତୁମ ପାଖରେ ପହଞ୍ଚି ପାରୁନି

ମୋ ବିରହୀ ପ୍ରାଣର ବ୍ୟାକୁଳବେଦନା

କାହିଁକି କରିଲ ମୋ ସାଥେ ଏମିତି ଛଳନା

ଆସ... ଫେରିଆସ ତୁମେ

ତୁମକୁ ପାଇଲେ ହିଁ ତ ଖେଳିଯିବ

ମୋ ମନରେ ଉନ୍ମାଦନା ।

ସାହାନିଆଜ ପୁର, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷକୁ ମୁନା ବୁଝିଲା



ପ୍ରମୋଦ କୁମାର ପ୍ରଧାନ

ମୁନା ବାହାରିଲା ମଉସା ଘରକୁ
ଛୁଟି ଅଛି ଟିକେ ବୁଲି ଆସିବ
ସକାଳୁ ସକାଳୁ ସଜବାଜ ହେଲା
ପହଞ୍ଚିବା କାଳେ ଡେରି ହୋଇବ । ୧

ମୋଟର ସାଇକେଲ୍ ଚଢ଼ିକରି ଯିବ
ମନରେ ଆନନ୍ଦ ଯେ ଅସୁମାରି
ବାପା କହିଛନ୍ତି ନୁଆ ଚଲଉଛୁ
ଧିରେ ଧିରେ ଯାଇ ଆସିବୁ ଫେରି । ୨

ବାହାରିଲା ବେଳେ ମା କହିଥିଲା
ହେଲମେଟ୍ ପିନ୍ଧି ଯା'ରେ ଧନ
ବିନା ହେଲ୍ମେଟ୍ ଚଳାନ୍ତିନି ବାପା
ଜାଣନ୍ତି ସେ ମୂଲ୍ୟବାନ ଜୀବନ । ୩

ହେଲ୍ମେଟ୍ ପିନ୍ଧି ଗାଡ଼ି ଚଳାଇଲେ
ଷ୍ଟାଇଲ୍ ତାହାର ରହିବ ନାହିଁ
ମୁନା ରାଗିକରି କହିଲା ମାଆକୁ
ସକାଳୁ ମୋ ମୁଣ୍ଡ ଖାଆ ତୁ ନାହିଁ । ୪

ଅମାନିଆ ହୋଇ ଚାଲିଗଲା ମୁନା
ଆଖିରେ ଆଖିଏ ଭରି ସପନ
ଅନ୍ୟମନସ୍କରେ ବାଟେ ଦୁର୍ଘଟଣା
ଭାଗ୍ୟଥିଲା ବଞ୍ଚିଗଲା ଜୀବନ । ୫

ଚେତାଶୂନ୍ୟ ହୋଇ ପଡ଼ିଥିଲା ସିଏ
ଡାକ୍ତରଖାନାର ଶଯ୍ୟା ଉପରେ
ବାପା ମା ସାଙ୍ଗେ ବନ୍ଧୁବାନ୍ଧବ ବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସି କାନ୍ଦୁଥିଲେ ମୁଣ୍ଡ ପାଖରେ । ୬

ଚେତା ଫେରିବାରୁ ମା'କୁ କୁଣ୍ଢେଇ
କାନ୍ଦି କାନ୍ଦି ଭୁଲ୍ କଲା ସ୍ୱୀକାର
ଅମାନିଆ ହୋଇ ପିନ୍ଧିନି ହେଲ୍‌ମେଟ୍
ଏଇଥର କ୍ଷମା ମୋତେ ତୁ କର । ୭

ଏଇଭଳି ଭୁଲ ହେବନାହିଁ କେବେ
ପାଇଅଛି ଶିକ୍ଷା ଅମାନିଆର
ଷ୍ଟାଇଲ୍ ଠାରୁ ଜୀବନ ମୂଲ୍ୟବାନ
ବୁଝିବାକୁ ବାକି ନାହିଁ ମୋହର । ୮

ସହକାରୀ ଶିକ୍ଷକ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବଡ଼ହୁଲା, ଅନୁଗୁଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯୋଗ୍ୟ ସନ୍ତାନ



ସସ୍ମିତା ପ୍ରଧାନ

ଶ୍ୟାମଳ ପଲ୍ଲୀ ଭୂଇଁରେ
ଜନମିଛି ମୁହିଁ
ଗାଁ ପଲ୍ଲୀ ସୌନ୍ଦର୍ଯ୍ୟକୁ
ଭୁଲି ଯିବିନାହିଁ । ୧

ନାନା ଜାତି ଶସ୍ୟ ମୁହିଁ
ଅମଳ କରଇ
ଦେଶ ଜନତାଙ୍କ ମୁଖେ
ଆନନ୍ଦ ଭରଇ । ୨

ହାତରେ ଲଙ୍ଗଳ ମୋର
ମୁଣ୍ଡରେ ଟୁପୁର
ଖରା ବରଷାକୁ ଜମା
କରେନି ଖାତର  । ୩

ଦେଶର କୃଷି ସମ୍ବଳ
ଲଙ୍ଗଳ ମୂନରେ
ନିରାଶ କରେନି କେବେ
କାହାକୁ ମନରେ । ୪

ଫସଲ ଅମଳ କାଳେ
ଖୁସିରେ ବିଭୋର,
ମହାଲକ୍ଷ୍ମୀ ଦେବୀଙ୍କର
ପୂଜଇ ପୟର । ୫

ଏଇ ଜନମଭୂଇଁର
ମୁଁ ଯୋଗ୍ୟ ସନ୍ତାନ
ଖାଦ୍ୟ ମୁଁ ଯୋଗାଇଥାଏ
ଦେଇ ଶ୍ରମଦାନ । ୬

ସହକାରୀ ଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବଡ଼ହୁଲା, ଅନୁଗୁଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁଧାଂଶୁର ଅପେକ୍ଷା



ସୁଧାଂଶୁ ମଣ୍ଡଳ

କାହାର ଅପେକ୍ଷା ଥିଲା
ଭେଟିବାର ଉନ୍ମାଦନା ଥିଲା
ମନଖୋଲି କାନ୍ଦିବାର
ଅନେକ ଇଚ୍ଛା ଥିଲା...
କାହାକୁ ଦେଖିଦେଇ
ହସିବାର ବହୁତ ଥିଲା
ତା'ର ପଦୁଟିଏ କଥାରେ
କେବଳ ସନ୍ତୋଷ ଥିଲା ।

ମୋତେ କାହାର ଅପେକ୍ଷା ଥିଲା
କହିବାକୁ ତ ଅନେକ କିଛି ଥିଲା
ଥରୁଟିଏ ମନଭରି ଦେଖିବାର ଥିଲା !

ହେଲେ ବୁଝିବାର ଭୁଲ କରିବନି
ମୋର ନା କିଛି ମାଗିବାର ଥିଲା
ନା ହସି କରିବାର ପାଗଳାମି ଥିଲା
ଏଇଟା ମୋର କେବଳ ଭଲ ପାଇବା ଥିଲା !

ମୋତେ କାହାର ଅପେକ୍ଷା ଥିଲା
ହେଲେ ଛୁଟି ସରିଗଲା
କେବଳ ଅପେକ୍ଷା ଅପେକ୍ଷାରେ ରହିଗଲା !

ତମର ସେଇ ଅପେକ୍ଷାର ସାଥୀ ସୁଧାଂଶୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁଖୀ ଦାମ୍ପତ୍ୟ



ରାକେଶ ସାହୁ

ବିରଳ ଏ ପୃଥିବୀ ବିରଳ ତା'ର ସୃଷ୍ଟି
ନାରୀ ପୁରୁଷରେ ଭେଦଭାଦ କରେନି ତା'ର ପୁଷ୍ଟି
ଜଣେ ଅଟଇ ଅନ୍ୟର ଅନୁରୂପ ଛବି
ପୂର୍ଣ୍ଣତାର ପରିପ୍ରକାଶ ଅଟେ ସେ ଭବେ ।
ନା ଧନ ନା ଘର ଅବା ବୈଭବରେ ପରିପୂର୍ଣ୍ଣ
କରାଇ ପାରିବନି କେବେ ଦୁହିଁଙ୍କୁ ସମ୍ପୂର୍ଣ୍ଣ ।
ପବିତ୍ର ବନ୍ଧନର ସେ ଅଟଇ ସେ ପ୍ରତୀକ
ପରିଭାଷା ବୁଝିବାକୁ ଦରକାର ବିବେକ ।
ଶରୀର ଅଲଗା କିନ୍ତୁ ମନ ତ ଅଭିନ୍ନ
ପ୍ରତିଟି କୋଷିକାରେ ଥାଏ ସେ ପରିପୂର୍ଣ୍ଣ ।
ବିନ୍ଦୁଏ ବିନ୍ଦୁଏ ଲୁହରେ ଥାଏ ତା'ର ସ୍ମୃତି
ନା ଥାଏ ତା'ର କେବେ ଆଦି ନା ଇତି ।
କେ କରି ପାରିବ ପ୍ରେମର ଆରମ୍ଭର ପରିକଳ୍ପନା
ସ୍ପନ୍ଦନ ବି କରିପାରେନି ତା'ର ତୁଳନା ।
ସୁଖି ଦାମ୍ପତ୍ୟର ଇଏ ହିଁ ଚାବିକାଠି
କରି ପାରିବ ସେ ସାରା ଦୁନିଆକୁ ଏକାଠି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି



କାଳିଚରଣ
ମହାରଣା

ସ୍ମୃତି... ଏକ ଅଭୁଲା ରାତିର ଶୀତଳ ଜ୍ୟୋତ୍ସ୍ନାଟିଏ

ସ୍ମୃତି... ସେ ଯେ, ପାହାନ୍ତି ସକାଳ କୁହୁଡ଼ି ଶୀତଟିଏ

ସ୍ମୃତି... ସେ ଯେ ଯୁଇର ନିଆଁର ପାଉଁଶ ଧୁଳିଟିଏ

ସ୍ମୃତି... ଏକ ପହିଲି ବସନ୍ତ ମଳୟ ସମୀରଟିଏ

ସ୍ମୃତିର ପାହାଚ ଡେଇଁ

ସ୍ମୃତିକୁ ଭୁଲାଇ ନେଇ

ବଞ୍ଚିବାଟା ଏକ ଅଭିଶପ୍ତ, ଅଭିଶପ୍ତ, ଅଭିଶପ୍ତରେ...

ସ୍ମୃତି... କେବେ ପଣତକାନିର ଛାଇ ଆଲୁଅର ସ୍ନେହ

ସ୍ମୃତି... କେବେ ମାଆର ଓଠର ଅମୃତ ଗୀତର ମୋହ

ସ୍ମୃତି... ସେ ଯେ, ଅନ୍ଧାରୀ ନିଶିର ଅଭୂଲା ସ୍ୱପ୍ନଟିଏ

ସ୍ମୃତି... ସେ ତ ଝଡ଼ ବତାସର ଉଡ଼ନ୍ତା ଚଢ଼େଇଟିଏ

ସ୍ମୃତିର ଦରଜା ଡେଇଁ

ସ୍ମୃତିକୁ ଧରିବା ପାଇଁ

ଭାବିବାଟା ଏକ ଅଭିଶପ୍ତ, ଅଭିଶପ୍ତ, ଅଭିଶପ୍ତରେ...

ସ୍ମୃତି... ସେ ତ ଅଲିଭା ଚିଠିର ଅକୁହା ଅକ୍ଷରଟିଏ

ସ୍ମୃତି... ସେ ତ ଅଦେଖା ଫଟୋର ଚିହ୍ନା ଚିହ୍ନା ରୂପଟିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ମୃତି... ସେ ଯେ ବହିଯାଇଥିବା ନଈର ସୁଅଟିଏ

ସ୍ମୃତି... ସେ ଯେ, ଥୁଣ୍ଟା ବରଗଛ ଛାଇର ସକାଳଟିଏ

ସ୍ମୃତିର ପାଖୁଡ଼ା ଧରି

ସ୍ମୃତିକୁ ଏକାଠି କରି

ଗାଇବାଟା ଏକ ଅଭିଶପ୍ତ, ଅଭିଶପ୍ତ, ଅଭିଶପ୍ତରେ....

ଶିକ୍ଷକ, ବର୍ତ୍ତିନୀ, ସୋଢ଼କ, ପୋଲସରା

ଗଞ୍ଜାମ ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୮୨୪୯୨୪୫୦୯୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନସ୍ରୋତ



ପବିତ୍ର ଦାସ

ସ୍ରୋତ ପରି ଏଇ ଜୀବନ

ଚଳଚଞ୍ଚଳ କୁଳୁକୁଳୁ ଧାରେ ନଇଟେ ପରି

କେଉଁ ଅନାଦି କାଳରୁ ଜୀବନସ୍ରୋତ

ଧାଉଁଛି ଅନବରତ ।

ସମୁଦ୍ରକୁ ଛୁଇଁବାର ନିଶାରେ

ବାଟେଘାଟେ ନଇକୁ ଭେଟିବାକୁ ହୁଏ

ମଝିରେ ମଝିରେ ପ୍ରତିବନ୍ଧକ ।

ସଦା ତତ୍ପର ନଈଟି ପରି

ଏଇ ମଣିଷ ସୁଖର ପଛେ ପଛେ

ଧାଇଁଛି ଦିନ ତମାମ ।

ରାତିର ସ୍ୱପ୍ନରେ ମସଗୁଲ ହୋଇ

ପାଦ ପରେ ପାଦ ବଢ଼ାଏ

ସେ ଆଗକୁ ପ୍ରତି ମୁହୂର୍ତ୍ତରେ ।

ଜୀବନକୁ ସରସମୟ କରିବାର ନିଶାରେ

ଭୁଲିଯାଏ ସେ ଭୋକ ଶୋଷ

ବାଧାବିଘ୍ନ ଭଳି କେତେ ଅବଶୋଷ ।

ତଥାପି ନାହିଁ ବିରୁକ୍ତି କି ବିରକ୍ତି

ଧାଉଁଛି ଜୀବନସ୍ରୋତ ଅବିରତ

ମହାନିର୍ବାଣ ଲକ୍ଷ୍ୟରେ ଆଗକୁ ଆଗକୁ ।

ଗବେଷକ

ରେଭେନ୍ସା ବିଶ୍ୱବିଦ୍ୟାଳୟ

କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାମ ରାମାୟଣ ଚଉତିଶା



ଦେବଦତ୍ତ ସୁନା

ଲୋ କବିତା ! ମତେ ସତ ତତେ ମିଥ୍ୟା

(ଘୋଷା)

କରମରେ ମରେ ରମ୍ୟ ବା ଅମରେ
ରାମ ରାମାୟଣ କଥା,
କବି କାମ୍ୟ କର୍ମେ ଉପଇନ୍ଦ୍ର ପ୍ରେମେ
ରହି ରଚିଳି ଏ ତଥା ।

ଖଗପତି ପତି ଗୋଲୋକ ଲୋକରେ
ଲୋକଙ୍କ ଜାଣୀ ବେଦନା,
ଖଳ ଦାନବଙ୍କ ତାରଣ ମରଣେ
ପୂରଣ ରଣ କାମନା ।

ଗଣକ ଗଣନା ଗଣିକା ଜରତା
ନଜର ତା ଋଷ୍ୟଶୃଙ୍ଗ,
ଗଗନ ଇଡିରେ ଇଡି ହୋମ ପରେ
ତପ ତାପରେ ଭଙ୍ଗ ଯେ ।

ଘେନି ଲୋମପାଦ ପାଦ ପାଦପରେ
ଜୀବନ ଜୀବନ ପରେ,
ଘନାଘନା ନଭେ ଲଭିଳେ ନୀରବେ
ଦୁଇ ଦୁହିତା ଦାନରେ ।

ଉଇଁ ଦଶରଥ ରଥେ ମନୋରଥ
ପୂରଣ ଋଷି ପୂଜାରେ,
ଉଆସ ଆଶରେ ଆଶିଷ ଶେଷରେ
ଚ୍ୟୁତ ଏ ଆହା ଆହାରେ ।

ଚକ୍ରାନ୍ତ ଅନ୍ତରେ ଭକ୍ଷିଲେ ତାପରେ
ତପ ଚତୁଃଷ୍ଫାଳ ହେଲା,
ଚକ୍ରପାଣି ଘେନି ପାଣିରେ ଯେ ରାଣୀ
କୋଶଳ ସୁତା କୌଶଲ୍ୟା ।

ଛାମୁଙ୍କ ଛାମୁରେ କୈକେୟୀ ମୌନରେ
ଲଭିଲେ ଭରତ ତଥା,
ଛଇଳ ଲକ୍ଷ୍ମଣ ସାଥିରେ ଶତ୍ରୁଘ୍ନ
ଲଭି ଆନନ୍ଦ ସୁମିତ୍ରା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣକି ଜାନକୀ ଜନକ ଜନକ
ଇଶ ଆଶିଷ ଇଷରେ,
ଜନମ ସିନ୍ଦୂକ ସିନ୍ଧୂର କୂଳରେ
କୁଳ ଉଜ୍ଜ୍ୱଳ ତାପରେ ।
ଝଷର ଶେଷରେ ଜୀବନ ବନରେ
ନବୀନ ଜୀବନ ଯଥା,
ଝଷ ଏ ଶେଷରେ ଜୀବନ ସେ ସରେ
ଲଭନ୍ତି ଲଭିଲେ ତଥା ।
ଜ୍ଞାନୀ ବିଶ୍ୱାମିତ୍ର ଜ୍ଞାତେ ଜ୍ଞାପନରେ
ନୃପତିଙ୍କ ବେନି ପୁତ୍ର,
ନେଇ ଯେ ତାଡ଼କୀ ସୁବାହୁ ବଇରୀ
ମାରି ଯେ ମାରିଚ ସୂତ୍ର ।
ଟଳିଥିଲେ ତଳେ ଅହଲ୍ୟା ଜୀଇଁଲେ
ପଥର ରୂପେ ପଥରେ,
ଟହଲି ଝିଙ୍କିଲେ ତାପରେ ଜୀଇଁଲେ
ରାମ ପୟର ସ୍ୱର୍ଶରେ ।
ଠଉରି ନାଉରୀ ପୟର ଚାତୁରୀ
କରି ଧୋଇଲେ ପିଇଲେ,
ଠଣରେ ତରଣି କାନ୍ତରେ ତରଣୀ
କନକ ରୂପେ ପାଇଲେ ।
ଡିଣ୍ଡିମେ ଜନକ ଜାନକୀ କନକ
ଚାହିଁ ବର ସ୍ୱୟମ୍ବରେ,
ଡାକରାରେ କରେ କୋଦଣ୍ଡ ଭଙ୍ଗରେ
ବିବାହ ରାମ ସଙ୍ଗରେ ।
ଢଣ ଭାଙ୍ଗି ଢମ ପର୍ଶୁ ତାମତମ
ଉମେ ପୁରୁଷମ,
ଢାଲୁକୁ ଅଇଲେ ଆଶିଷ ଲଭିଲେ
ମିଳନେ ବିଳୀନ ଢମ ।
ନୃପତି ନିୟୋଗ ଯୋଗର ଯୋଗରେ
ମନ୍ଥରା କୈକେୟୀ ଧ୍ୟାୟି,
ନରେଶ ପାଶରେ ଦୁଇ ବର ପରେ
ନିରଂଶ କରିଲେ ଯାଇ ।
ତାପିତ ପିତାର ତାରକ ତାଙ୍କର
ରାମ ଆଜି ବନ ଯିବେ,
ତୁଳେ ଦ୍ୱିତୀୟରେ ଭରତ ଯୋଗରେ
ନିୟୋଗ ନରେଶ ଥିବେ ।
ଥୟ ଥରକରେ ପିଅର ପୟରେ
ଢଳି କରିଲେ ପ୍ରଣାମ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥୋଇ ଦେଇ ସର୍ବ ସୁବସ୍ତ୍ର ଭୂଷଣ
ଯୋଗୀ ରୂପରେ ବିରାମ ।
ଦୁରାଶା ପାଶରେ ନରେଶ ଶେଷରେ
ହାରି ଚଉଦ ବରଷ,
ଦୂର କରି ପରେ କୁମର ଶୋକରେ
ଜୀବନ ତହିଁରେ ଶେଷ ।
ଧନୁଧରି ଅଙ୍ଗେ କାନ୍ତାନୁଜା ସଙ୍ଗେ
ଚିତ୍ରକୁଟ ଉଟଜରେ,
ଧନ୍ଧି ଭରତ ଯେ ମିଳିଲେ ଶୋକରେ
ଲଭିଲେ କଠଉ କରେ ।
ନାଶି ବିରାୟୁଧ ବୀର ଯୁଦ୍ଧ ସାଧ
ବ୍ରହ୍ମାସ୍ତ୍ର ଲଭିଲେ କରେ,
ନ ମଳିନ ଲଭି ଚଳିଲେ ମିଳିଲେ
ନାଶିଲେ ନାଶିକା ଶରେ ।
ପୀଡ଼ିତ ପୀଡ଼ାରେ ଲକ୍ଷ୍ମଣ କୋପରେ
ସୂର୍ପଣଖା ଉପସମ,
ପାତକୀ ରାବଣ ମରିଚ ପ୍ରେରଣ
ସୁବର୍ଣ୍ଣ ସାରଙ୍ଗ ଭ୍ରମ ।
ଫନ୍ଦରେ ମନ୍ଦରେ ଜାନକୀ ଅଙ୍ଗରେ
ଦଶାନନ କର ସ୍ୱର୍ଶ,
ଫଡ଼ଫଡ଼ କରି ଖଗ ଖଡ଼ଗରେ
ଆଘାତେ ଜୀବିତ ବଶ୍ୟ ।
ବିରହି ବିହାରୀ ଶ୍ରୀହାରି ଶ୍ରୀହରୀ
ଖଗ ରକ୍ଷ ସନ୍ଦେସରେ,
ବିହିର ବିହିତ ହିତରେ ବ୍ୟଥିତ
ରକ୍ଷ ଦେଶ ଭ୍ରମଣରେ ।
ଭୋଜନ ସୁଫଳେ ଭାଗ୍ୟଫଳ ଫଳେ
ଶବରୀ ଶ୍ରୀହରୀ ପାଦେ,
ଭୋଗୀଲେ ଶୋକରେ ଚକ୍ରବାକ ପରେ
ପାବନି ମୁଖ ଆହ୍ଲାଦେ ।
ମିହିର କୁମର ସଙ୍ଗେ କରି ମିତ୍ର
ଭେଦିଲେ ବିଶାଳ ଶାଳ,
ମର୍କଟକୁ ମାରି ଦେଲେ ମନ୍ଦୋଦରୀ
ମାଲ୍ୟବନ୍ତେ ବର୍ଷା କାଳ ।
ଯୋଥେ ହନୁମନ୍ତ ବଲ୍ଲଭ ଉଦନ୍ତ
ଶୋକେ ଅଶୋକ ବଣରେ,
ଯମଜ ମଜ୍ଜିଲେ ସେତୁ ସିନ୍ଧୁ ଝଳେ ।
ବାନର ସେନା ସଙ୍ଗରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଘୁନାଥ ଧ୍ୟାୟି   ପାବନି ଯେ ଯାଇ
ଅନଳେ ଲଙ୍କା ଦହନ,
ରାବଣକୁ ରଣ   ବାରଣରେ ଭାଇ
ତଡ଼ି ସମର ବରଣ  ।
ଲଜ୍ଜିତରେ ଯାଇ   ରାମ ନାମ ଧ୍ୟାୟି
ବିଭିଷଣ ହେଲେ ମିତ,
ଲଙ୍କାପତି ସୁତ   ସାଥେ କୁମ୍ଭକର୍ଣ୍ଣ
ସମରେ ସଶ୍ରମେ ମୃତ  ।
ବଳେ ଇନ୍ଦ୍ରଜିତ   ଜିତି ଦେଲେ କ୍ଷତ
ଆହତ ଏଣୁ ଲକ୍ଷ୍ମଣ,
ବାଇଲେ ଯାଇ   ପାବନି ଅନାଇ
ଗନ୍ଧମାର୍ଦ୍ଧନ ଗମନ  ।
ଶଙ୍କିଲେ ଶକଳେ  ପୁରୁଜିତ ବଳୀ
ବଳୀ ରାବଣ ମରଣ,
ଶଠ ବିଭିଷଣ   ବଢାଇ କଷଣ
ନାଭିରେ ଚଳାଇ ବାଣ  ।
ଷଡ଼ଜନ୍ତ୍ର କରି   ଭାତୃ ତ ବଇରୀ
ମନ୍ଦୋଦରୀ ସୁନ୍ଦରୀ,
ଶ୍ରୀଲଙ୍କା ଲଭିଲେ  ନୃପତି ସାଜିଲେ
ଆନନ୍ଦ ନାଦ ସବୁରି  ।
ସୀତାକାନ୍ତ ସୀତା  ଜାଳି କାନ୍ତା କାନ୍ତି
ପରଖି ରଖିଲେ ଯିଏ,
ସତୀଙ୍କୁ ଅନାଇ   ପୂନର୍ବାର କାହିଁ
ଦଣ୍ଡିଲେ ଦୂରାଇ ସିଏ  ।
ହବନରେ ଚାହିଁ   ସୁବର୍ଣ୍ଣ ରମଇ
ସତୀଙ୍କ ସ୍ମୃତିରେ କାହିଁ,
ହର୍ଷିତ ମୁଖରେ   ରଖିଲେ ପାଖରେ
ମୁରତିରେ ସତୀ ଚାହିଁ  ।
କ୍ଷମିବେ ହୋ ନାଥକବି ତା କବିତା
କ୍ଷଣ କାଳେ କ୍ଷିପ୍ର କଳେ,
କ୍ଷଣଜନ୍ମା ଚାହିଁ   ହିତରେ ଭିତରେ
ଭୀତରେ ଅଙ୍କ ଲେଖିଲେ  ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହିତବାଣୀ



ପ୍ରକାଶଚନ୍ଦ୍ର ମୁଦୁଲି

ନିର୍ମଳ ହୃଦୟ ଯାହାର
ବଢ଼ଇ ଆଦର ତାହାର
ଭିତରେ ହିଂସା ଦ୍ୱେଷ ନେଇ
ଉପରେ ମିଠା କଥା କହି
ଏପରି ମଣିଷକୁ କେହି
ତ୍ରୁଟିରେ ବିଶ୍ୱାସିବ ନାହିଁ
ଏପରି ମଣିଷ ପାଖରୁ
ତ୍ରାହିପାଇବ ଥାଇ ଦୂରୁ
ବଞ୍ଚିବା ପାଇଁ ଖାଦ୍ୟ ଖାଇ
ସେ ଖାଦ୍ୟେ ଶରୀର ବଞ୍ଚଇ
ଲୋଭରେ କରିଲେ ଭକ୍ଷଣ
ଲଭିବ ଅନେକ କଷଣ
ଲୋଭ ସ୍ୱାଦଠୁ ରହି ଦୂର
କରିବ ସାତ୍ତ୍ୱିକ ଆହାର
କାଳ କାଳକୁ ବଞ୍ଚିଥାଇ
ସେ ରକ୍ତମାଂସ ମଜ୍ଜା ହୋଇ

କର୍ମରେ ତାହା ଲାଗିଥାଏ
ପର ଜନ୍ମର ପୂଣ୍ୟ ପାଏ
ମଣିଷ ଏହା ଜାଣିଶୁଣି
ନମାନେ ପ୍ରକୃତିର ବାଣୀ
ଆସ ହେ କୁଟୁମ୍ବ ସୋଦର
ମଣିଷ ଜାତିଭାଇ ମୋର
ଈଶ୍ୱର ବିଶ୍ୱାସୀ ହୋଇବା
ଧର୍ମକୁ ଅନାଇ ବଞ୍ଚିବା
ସ୍ନେହ ମମତା ହସ ଖୁସି
ଦୁଃଖ ବିପଦ ନେବା ବାଣ୍ଟି
ଈଶ୍ୱର ଅଟନ୍ତି ତାହାର
ନିର୍ମଳ ହୃଦୟ ଯାହାର
ଭଣଇ ପ୍ରକାଶ ପାମର
ଏ ବାକ୍ୟ ନୋହିବ ଅସାର ।

ସହକାରୀ ଶିକ୍ଷକ, ରାୟଗଡ଼ା
ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

# ହେ ସଂଗ୍ରାମୀ



ଶଶାଙ୍କ ଶେଖର
ପଣ୍ଡା

ଆଜି କାହିଁ ମନେ ପଡେ, ତୁମର ସେ ବଦନ
ରାଗ ମିଶା କ୍ରୋଧ ମିଶା ଥିଲା କେତେ ଦହନ,
ଜଳୁଥିଲା ମୂଖ ତୁମ ଅଗ୍ନୀଶିଖା ପରି
ଅହିଂସାର ବାର୍ତ୍ତାବହ ଚଉଦିଗ ସରି,
କରିଛ ପୂରଣ ତୁମେ ନିଜ ସଂକଳ୍ପର
ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୧ ।
କହୁଥିଲ ପାଖେ ଡାକି ବୀରତ୍ୱର ଗାଥା
ନଇଁ ନାହୁଁ ମଥା ଆମେ ଯେତେ ହେଲେ ବ୍ୟଥା,
ଏକରୁ ଅନେକ ହୋଇ ସଭା କଲୁ ବସି
ଅନ୍ୟାୟର ବିଭିସିଖା ଦେବୁ ଆମେ ନାସି,
କରିଲୁ ନିଷ୍ପତି ଆମେ ବଜ୍ର ପ୍ରତିଜ୍ଞାର
ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୨ ।
ଲୁଚିଛପି ଦେଖା ହେଉ ନ ଜଣାଇ କାହାକୁ
ସଭିଙ୍କର ସ୍ୱର ଥିଲା ଝାସ ଦେବେ ନିଆଁକୁ,
ଡରିବାନି କାହାକୁ ଯେ ଫେରିବାନି ପଛକୁ
ପ୍ରତିଦ୍ୱନ୍ଦୀ ବାର୍ତ୍ତାବହ ଦେବା ଆମେ ସଭିଙ୍କୁ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫିରିଙ୍ଗି ଶାସନେ ଥିଲା ବହୁ ଅତ୍ୟାଚାର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୩ ।

ଶାସନର ଭାର ଥିଲା ସିପାହୀଙ୍କ ହାତରେ

ବିଦ୍ରୋହର ସ୍ୱର ଉଠେ ସବୁ ଗାଁ ଛକରେ,

ନିଶ୍ଚେ କିଛି କରିବାର ଯୋଜନା ଯେ କଲୁ

ଅଭିନବ ଉପାୟକୁ କାନେ କାନେ ଦେଲୁ,

ଗୋରା ସିପାହୀଙ୍କ କିଛି ଥିଲେ ଚାଟୁକାର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୪ ।

ଯାହା ହେବ ଦେଖା ହେବ ଭୁଲିବାନି ବଚନ

ଜଣା ନାହିଁ କିଏ କେବେ ପାଇବ କି ଜୀବନ,

ଫିରିଙ୍ଗୀଙ୍କ ସଭା ଚାଲେ ଥାନା ଘେରି ଭିତରେ

ଚାଳ ଘର ମାଟି କାନ୍ଥ ଦିଏ କେତେ ବାର୍ତ୍ତାରେ,

ବିନାଶ କରିବା ଆମେ ନ ହୋଇ ଅଧିର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୫ ।

ସେପଟେ କାଟିଲୁ ଆମେ ଯୋଗାଯୋଗ ତାର

ଆମ ବାର୍ତ୍ତା ନ ଜାଣନ୍ତୁ ଗୋରା ସରକାର,

ଏପଟେ ଭାଙ୍ଗିଲୁ ମିଶି କାଠ ପୋଲ ଗୋଟି

ଇଂରେଜଙ୍କ ଘୋଡ଼ା ଗାଡ଼ି ନ ପହଞ୍ଚୁ ଏଠି,

ଶେଷ ଥର ପାଇଁ ସବୁ ହେଲୁ ଏକାକାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୬ ।

ସେତେବେଳେ ଚାଲୁଥିଲା ବିଶ୍ୱଯୁଦ୍ଧ ବାହାରେ

ଆଲୁଅକୁ ମନା ଥିଲା ଜାଳିବାକୁ ପଦାରେ,

ତଥାପି ଧରିଲୁ ହାତେ ମଶାଲର ବହ୍ନୀ

ମୁଖେ ଥିଲା ସଭିଙ୍କର ସ୍ୱାଧିନତା ଧ୍ୱନୀ,

ଧୀରେ ଧୀରେ ବଢିଗଲା ଏକତାର ସ୍ୱର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୭ ।

ଇଚ୍ଛା ଥିଲା ଗାଁ ବୁଲି ବଜାରକୁ ଯିବୁ

ଥାନା ପରିକ୍ରମା ସାରି ଘର ବାହୁଡ଼ିବୁ,

ଥାନା ଫାଟକରେ ଥିଲେ ନାଲି ପଗଡ଼ିଆ

ଛାଡିଲେନି ଭିତରକୁ ଦେଖାଇଲେ ମୁଖିଆ,

ବେତ ବାଡ଼ି ସାହାଯ୍ୟରେ ପିଟିଗଲେ ପାହାର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୮ ।

ରକତର ଛିଟା ଦେଖି ରାଗି ଗଲେ ସବୁ

ତୀବ୍ର ହେଲା ବିରୋଧତା ନଷ୍ଟ କରି ଦେବୁ,

ଆଗେଇ ଚାଲିଲୁ ମିଶି ନ ଡରି କାହାକୁ

ଥାନା ଭିତରେ ପଶିଣ ଜାଳି ଦେଲୁ ଘରକୁ,

ଦଉଡ଼ିଲେ ସିପାହୀ ଯେ ଶୁଭୁଥିଲା ଚିତ୍କାର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୯ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଉଦିଗେ ଖେଳି ଗଲା ପୋଡ଼ି ଗଲା ଥାନା

ଭଣ୍ଡାରିପୋଖରୀ ଠାରେ ସଂଗ୍ରାମୀଙ୍କ ବାନା,

କ୍ଷିପ୍ର ବେଗେ ଭଦ୍ରକରୁ ଆସିଲେ ସିପାହୀ

ଲୁଚିଗଲୁ ଆମେ ସବୁ ନିଜ ଘରେ ଯାଇ,

କହିଦେଲେ ଚାଟୁକାର ନାଁ ସବୁ ଆମର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୧୦ ।

ଶିକୁଳିରେ ବନ୍ଧା ହୋଇ ଚାଲିଚାଲି ଗଲୁ

ଭିଟା ମାଟି ଛାଡ଼ିବାରୁ ନମସ୍କାର ହେଲୁ,

ସଭିଙ୍କ ଆଖିରେ ଥିଲା ଗୋଟିଏ ସପନ

କେବେ ହେବା ମୁକ୍ତି ଆଉ କେବେ ହେବା ସ୍ୱାଧିନ,

କାନ୍ଦୁଥିଲେ ପରିବାର ଶୁଭୁଥିଲା ସ୍ୱର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୧୧ ।

ରହିଗଲୁ ଆମେ ଯାଇ ଜେଲ କାନ୍ଥ ପଛରେ

ଅନ୍ଧାରିଆ କୋଠରିଟା ଖାଁଖାଁ ଲାଗେରେ,

ହାତରେଯା ଥିଲା ତାଙ୍କ ବେତ ଗଦା ବାଡ଼ି

ମନ ଇଚ୍ଛା ପିଟି ଗଲେ ଶୁଭିଲାନି ରଡ଼ି,

ଚାବୁକର ମାଡ଼ ଖାଇ ଦେହ ଆମ ପଥର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୧୨ ।

ଆଉ କି ପାରିବୁ ଶୁଣି କହରେ କହ୍ନାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତ ଥିଲା ତୋ ଜେଜେର କରୁଣ କାହାଣୀ

ଜାଣି ଥିଲି କାନ୍ଦିବୁତୁ ଶୁଣି ମୋର କଥା

ନ କହିଲେ ଖାଉଛୁ ତୁ ସବୁବେଳ ମଥା

ଆଜି ଆମେ ନାଗରିକ ସ୍ୱାଧିନ ଭାରତର

ହେ ସଂଗ୍ରାମୀ ତୁମକୁ କୋଟି ନମସ୍କାର ! ।୧୩ ।

ଶଶାଙ୍କ ଶେଖର ପଣ୍ଡା

ଉତ୍ତରବାଡ଼, ଭଣ୍ଡାରୀ ପୋଖରି, ଭଦ୍ରକ

ମୋ : ୯୯୩୭୨୨୬୮୦୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝାଡ଼



ସଂଘମିତ୍ରା ବେହେରା

ଅନ୍ଧାରରେ ଖୋଜି ବୁଲୁଥାଏ
ତାରା: ମେଘୁଆ ଆକାଶରେ
ପୁଣି ସୂରୁଜ, ନିଭୃତ କୋଠରୀରେ
ଖୋଜୁଥାଏ ଏ ମନ
ଅଭୁଲା ପ୍ରେମ । ୧

ଅପାଶୋରା ଅସଜଡ଼ା ମନ
ମଧ୍ୟେ ଚେଇଁଉଠେ ପ୍ରେମର
ତରଙ୍ଗ: ଛିନ୍ନ ହୁଏ ଶୀକର
ପ୍ରତିବିମ୍ବେ ଶୋଭାପାଏ
ଏକଇ ପୁରୁଷ । ୨

କୁହୁକ ରାଇଜେ ରାଜକୁମାରର
ପକ୍ଷୀରାଜ ଘୋଡ଼ା ଚଢ଼ା
ଶବ୍ଦହୀନ; ଉଡ଼ନ୍ତା ରୂପକାର
ଘେନିଯାଏ ଘନ ଜଙ୍ଗଲେ
ଅଳିକ ଏ ସଂସାର । ୩

ତଥାପି ଏ ସପନ ଦେଖି
ଥିବା ସଜିଲ ନୁହେଁ ଯେ
ବାସ୍ତବ; ଭୟଙ୍କର ଝିଙ୍କାରୀର
ଶବଦେ ପ୍ରତିକ୍ଷଣ
ହୁଏ ନିର୍ଯ୍ୟାତିତ । ୪

ଏଠି ନିରବରେ ଆସେ ଷଡ଼ଋତୁ
ଆସ୍ୱାଦ; ସ୍ୱାଦହୀନ କ୍ଷଣ-
ଭଙ୍ଗୁର ଦିବସ ରାତିର ଗତି
ଅପରିଚିତ ମନର ପୁରୁଷ
ଆଉ ନିଃସଙ୍ଗତାର ସ୍ୱର । ୫

ସହକାରୀ ଅଧ୍ୟାପିକା, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେଶପ୍ରେମ



ଡମ୍ବରୁଧର ପଟ୍ଟନାୟକ

ବାନାମ୍ବର !

କେବଳ ପତାକା ଉଡାଇବା ନୁହେଁ "ଅଗଷ୍ଟ ପନ୍ଦର" !

କଷ୍ଟ ଲବ୍ଧ ସ୍ୱାଧୀନତାର ସ୍ମୃତିରେ

ଗାନ୍ଧୀ, ଗୋପବନ୍ଧୁ, ଲାଲ୍-ବାଲ୍-ପାଲ୍,

ଖୁଦିରାମ, ବାଜିରାଉତ, ସୁରେନ୍ଦ୍ର ସାଏ,

ରଘୁ ଦିବାକର, ନେତାଜୀ ସୁଭାଷ,

ଭଗତ ସିଂହ, ବିର୍ସାମୁଣ୍ଡା, ଲକ୍ଷ୍ମଣ ନାୟକ,

ତାନ୍ତିଆ ଟୋପେ, ମଙ୍ଗଳ ପାଣ୍ଡେ,

ରାଣୀ ଲକ୍ଷ୍ମୀବାଇ, ସରୋଜିନୀ ନାଇଡୁ

ବୀର ସାବରକର,ଦାଦାଭାଇ ନାରୋଜୀ,

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ,

ମୌଲାନା ଅବଦୁଲ୍ କାଲାମ ଆଜାଦ, ରାଣା ପ୍ରତାପ,

ଟିପୁ ସୁଲତାନ୍, ଚନ୍ଦ୍ର ଶେଖର ଆଜାଦ୍,

ମହମ୍ମଦ ଇକ୍ବାଲ୍, ଉଦ୍ଧାମ ସିଂହ, ବିନୋବା ଭାବେ,

ଛତ୍ରପତି ଶିବାଜୀ, ସ୍ୱାମୀ ବିବେକାନନ୍ଦ, ଗୋପାଳକୃଷ୍ଣ

ଗୋଖଲେ, ଆଚାର୍ଯ୍ୟ କୃପାଳିନୀ, ଖାନ୍ ଅବଦୁଲ୍ ଗଫୁର ଖାନ୍, ବାବୁ କୁଅଁର ସିଂହ, ଚକ୍ରବର୍ତ୍ତୀ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ରାଜଗୋପାଲାଚାରୀ, ଭୀମରାଓ ଅମ୍ବେଦକର,

ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ମଦନଲାଲ ଧିଙ୍ଗରା,

ଜୟପ୍ରକାଶ ନାରାୟଣ ପ୍ରଭୃତିଙ୍କୁ

ମନେପକାଇବାର ଅବସର- "ଅଗଷ୍ଟ ପନ୍ଦର"।

ବାନାମ୍ବର !

କେତେ ଦେଶଭକ୍ତଙ୍କ ରକ୍ତ ଓ ବଳିଦାନରେ

ଆମେ ଯେଉଁ ସ୍ୱାଧୀନତା ପାଇଛୁ

ତାଙ୍କୁ ତ ମନେପକା, ହୃଦୟରେ ଧର୍,

କୃତଜ୍ଞତାର ଲୁହ ଟୋପେ ଢାଳି

ମୁଣ୍ଡନୋଇଁ ତାଙ୍କୁ ସଲାମ କର୍,

ତାଙ୍କ ଅବଦାନକୁ ସ୍ୱୀକାର କର୍,

ତାହେଲେ ହିଁ ମର୍ଯ୍ୟାଦା ରହିବ

"ଅଗଷ୍ଟ ପନ୍ଦର" ପାଳନର ।।

ସାହିତ୍ୟାୟନ, କୋପରେଟିଭ୍ କଲୋନୀ-୨ୟ ଗଳି,

ଡାକ/ଜିଲ୍ଲା-ରାୟଗଡ-୭୬୫୦୦୧

ଭ୍ରାମ୍ୟଭାଷ-୯୪୩୮୬୧୦୮୧୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ନାନମଣ୍ଡପେ ଜଗନ୍ନାଥ



ପ୍ରାଣବନ୍ଧୁ ପ୍ରଧାନ

ଜଗତର ନାଥ ପ୍ରଭୁ ଜଗନ୍ନାଥ
ଭକତ ଭାବରେ ବନ୍ଧା
ସେଥିପାଇଁ ପରା ଛପନ ପଉଟି
ନୀତି ହୋଇଥାଏ ରନ୍ଧା ।

ଭକ୍ତଭାବେ ବନ୍ଧା ଯେଣୁ ସେ କାଳିଆ
ଭକ୍ତ ହୃଦୟ ବିଳାସୀ
ପୂର୍ଣ୍ଣକରେ ମନୋସ୍କାମ ଭକ୍ତଙ୍କର
ସବୁ ସହିଯାଏ ହସି ।

କି କରିବ ତା'ର ଥଣ୍ଡା କି କାକର
ଅବା ଗ୍ରୀଷ୍ମ ବର୍ଷା ପାଣି
ସକଳ ଜଗତ ସ୍ରଷ୍ଟା ସେହି ନାଥ
ସକଳ ହୃଦୟ ଜାଣି ।

ସେ ତ ବିଶ୍ୱପିତା ଜଗତର ନାଥ
ଅଟେ ପୁଣି ନିରାକାର
ଆବଦ୍ଧ କିପରି କରିବ ଯେ କୁହ
ଏହି ଶ୍ରୀମନ୍ଦିର ଛାର ।

ସେଥିପାଇଁ ଆଜି ସ୍ନାନବେଦୀ ପରେ
ଉଭା ସେ ଜଗତ ନାଥ
ମୁକ୍ତାକାଶ ତଳେ ଶୁଣିବା ପାଇଁକି
ଭକ୍ତ ଜନଙ୍କର ଡାକ ।

କିଙ୍ଗୋଳ, ଭୁବନ
ଭ୍ରାମ୍ୟଭାଷ : ୯୬୬୮୫୫୪୬୪୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆଟି ମୋର



ଚନ୍ଦ୍ରକାନ୍ତ ଜେନା

ମାଆଟି ମୋର, ମାଆଟି ମୋର
କେଡ଼େ ସୁନ୍ଦର ନାଆଁଟି ତାର ।
ଭାବେ ନାହିଁ ଯିଏ ଆପଣା ପର
ପୃଥିବୀଠୁ ବଡ଼ ନାଆଁଟି ତାର ।
ମାଆଟି ମୋର, ମାଆଟି ମୋର...
ତା'ରି କୋଳେ ଜନମ ମୋର
ସେନେହ ଦେଲା କଲା ନିଜର
କେତେ ଦୁଃଖ ସହି ଛାତିରେ ତାର
ହୃଦୟେ ଦେଲା ମୋ ସୁଖ ଅପାର ।
ମାଆଟି ମୋର, ମାଆଟି ମୋର...
ଗଢ଼ିଥିଲା ସିଏ ଜୀବନ ମୋର
କରିଥିଲା ମୋତେ ଛୋଟରୁ ବଡ଼
ବିପଦେ ଆପଦେ ସାହା ମୋହର
ନାଆଁଟି ଯାହାର କେଡ଼େ ମଧୁର ।
ମାଆଟି ମୋର, ମାଆଟି ମୋର...
ଜ୍ୱରରେ ପଡ଼ଇ ମୁହିଁଟି ଯେବେ
ନିଦ ଆସେନାହିଁ ତାକୁରେ କେବେ
ମାନସିକ କରି ଠାକୁର ପାସେ
ଭଲ ହେବାପାଇଁ ଶୁଭ ଆଶିଷେ ।
ମାଆଟି ମୋର, ମାଆଟି ମୋର...
ଭୋକ ଉପାସରେ ରହିଟି ଯିଏ
ଖୁଆଇ ଦିଏ ମୋତେରେ ସିଏ
ତା ହାତ ପରଷା ସେନେହ ଭରା
ବିଷ ବି ଲାଗଇ ଅମୃତ ପରା ।
ମାଆଟି ମୋର, ମାଆଟି ମୋର...
ଆଖିର ଲୁହକୁ ପାଟିରେ ପିଇ
ମନର ଦୁଃଖକୁ ଛାତିରେ ନେଇ
ମଣିଷ କରିଛି ଯିଏରେ ମୋତେ
ତା'ଠାରୁ ବଡ଼ ଆଉ କିଏ ଜଗତେ ?
ମାଆଟି ମୋର, ମାଆଟି ମୋର...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ର ସେହି ଗାଳି ଆକଟ
ମନେ ଦିଏ ନାହିଁ କେବେରେ କଷ୍ଟ
ସେନେହ ବୋଳା ହୃଦୟ ତା'ର
ବୁହାଏ ହୃଦୟେ ଶାନ୍ତିର ଧାର ।
ମାଆଟି ମୋର, ମାଆଟି ମୋର...
ଦୂରରେ ଥାଉ କି ପାଖରେ ମୋର
ହୃଦୟେ କରିଛି ମୋର ସେ ଘର
ସରଗଠୁ ବଡ଼ ହୃଦୟ ଯା'ର
ପୃଥିବୀ ପରି ସେ ପୁଣି ଉଦାର ।
ମାଆଟି ମୋର, ମାଆଟି ମୋର...
ଜନମ ଲଭି ତା'ରି କୋଳେ
ତା ଗୁଣ ଗାଥାକୁ ଆଜି ମୁଁ ଭାଳେ
ପିଣ୍ଡରେ ପ୍ରାନ ମୋ ଦେଲାରେ ଯିଏ
ଭୁଲିବି କେମିତି ତାକୁରେ କାଳେ ।
ମାଆଟି ମୋର, ମାଆଟି ମୋର...
ତା'ରି ସେବାରେ ଯାଉ ମୋ ପ୍ରାଣ
ତା ଗୁଣ ଗାଇବି ସାରା ଜୀବନ
ଦୁଃଖ ଦେବିନାହିଁ ମନରେ ତା'ର
ସିଏ ପରା ଅଟେ ଜୀବନ ମୋର ।
ମାଆଟି ମୋର, ମାଆଟି ମୋର...
ମାଆଟି ମୋର, ମାଆଟି ମୋର,
ମମତାରେ ବନ୍ଧା ସେନେହ ଡୋର
ତା ଚରଣ ଧୂଳି ପାଦୁକ ମୋର
ପାନ କରୁଥିବି ମୁଁ ନିରନ୍ତର ।
ମାଆଟି ମୋର, ମାଆଟି ମୋର...
ଜୀବନେ ଆସୁ ଯେତେରେ ଦୁଃଖ
ତା ନାମ ଧରି ପାଇବି ସୁଖ
ସଂସାର ସାଗରେ ନାଆଟି ମୋର
ମାଆଟି ମୋର, ମାଆଟି ମୋର...
ମାଆଟି ମୋର, ମାଆଟି ମୋର...

ପୁରୁଷୋତ୍ତମ ପୁର, ଫୁଲନଖରା, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବର୍ଷାରାଣୀଙ୍କ ଆଗମନ



ଶ୍ରୀରାଜଶେଖର
ସି 'ଚିମା'

ଦେଖିଲୁ ଯେ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ରରୂପ,
ଅସହନୀୟ ହେଲାଣି ତାଙ୍କ ଉତ୍ପାତ ଉତ୍ତାପ,
ପ୍ରାର୍ଥନା କରୁଛି ଦେଖିବାକୁ ତାଙ୍କର ଶାନ୍ତ ସ୍ୱରୂପ,
ସୂର୍ଯ୍ୟବିମ୍ବ ସଂସାର ପାଇଁ ସ୍ୱୟଂ ଏକକ ଜ୍ୟୋତି ସ୍ୱରୂପ ।୧ ।

ଗ୍ରୀଷ୍ମ ଉତ୍ପାତର ଏହା କି ପ୍ରଚଣ୍ଡ ପରିସ୍ଥିତି,
ଉତ୍ତାପ ଉତ୍ପୀଡନରୁ ଅସ୍ଥିର ହେଲାଣି ମତିଗତି,
ମୌସୁମୀ ବାୟୁରୁ ସମାଧାନ ପାଇବ ଦୁର୍ଦ୍ଦମ୍ୟ ସ୍ଥିତି,
ଗାଉଛୁ ଏବେ ବର୍ଷାରାଣୀଙ୍କ ପାଇଁ ଭକ୍ତିଗୀତି ।୨ ।

ରୁଷିଥିବା ବର୍ଷାରାଣୀଙ୍କୁ କେମିତି ଯେ ବୁଝେଇବୁ,
ତାଙ୍କ କରୁଣା ବିନ୍ଦୁ ବିନା କେମିତି ଆମେ ବଞ୍ଚିବୁ,
ମହାନଦୀ ବ୍ରାହ୍ମଣୀ ତରଙ୍ଗିଣୀରେ କେମିତି ପାଣି ଆଣିବୁ,
ମଣିଷର ଆଶା ବୈତରଣୀ ବୋଲି ସଦା ଭାବିବୁ ।୩ ।

ଆସ ମାଁ ଆସ ବର୍ଷାରାଣୀ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଅ ମାଁ ଦିଅ ଅପାର ପାଣି,

ଘନାଘନର ବିନ୍ଦୁବିନ୍ଦୁ ହେଉଛି ମହିତ ମୋହିତ ମଣି,

ଲାବଣ୍ୟ ଲାସ୍ୟ ସହ ଶୁଣିବୁ ତୁମର ମଧୁର ବାଣୀ ।୪ ।

ଝିପିଝିପି ବର୍ଷାର ହେଲା ଆଗମନ,

ଝୁମି ଝୁମି ଉଡିଲା ସମସ୍ତଙ୍କ ମନ,

ବର୍ଷାରାଣୀ ରୁଣୁଝୁଣୁ ହୋଇ ନାଚିଲେ ଛନ ଛନ,

ପ୍ରତି ବର୍ଷାବିନ୍ଦୁ ଶୁଭିଲା ଯେମିତି ଘୁଂଘୁରୁର ଖନ ଖନ ।୫ ।

ବର୍ଷାରାଣୀ କରିଲେ ଲାସ୍ୟ ଆରମ୍ଭ,

ବେଜା ଗତିରେ ଧାରାପାତ ହେଲା ପ୍ରାରମ୍ଭ,

ଭାଙ୍ଗିଲେ ପ୍ରଚଣ୍ଡ ଉଷ୍ମର ଦମ୍ଭ,

ହେଲା ଶୀତଳ ବେଳର ସମାରମ୍ଭ ।୬ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଆସ ମା



ପୁଷ୍ପାଞ୍ଜଳୀ ପଣ୍ଡା

ମା, ତୁମକୁ ଆବାହନ କରିବାର
ସାହସ ଯୁଟେଇ ପାରୁନି ।
କାରଣ ତୁମକୁ ଆବାହନ କରିବାର
ମନ୍ତ୍ର କି ତନ୍ତ୍ର ମୁଁ ଶିଖିନି ।
କିନ୍ତୁ ମୋ ଅନ୍ତରାତ୍ମା ଚାହେଁ
ତୁମେ ଆସ "ମା"
ବିନା ମନ୍ତ୍ରରେ ,ବିନା ତନ୍ତ୍ରରେ
ବିନା ମେଢରେ,ବିନା ବାଜାରେ
ଆଉ ବିନା ରୋଷଣୀ ରେ ।
ମୁଁ ଦେଖିଛି,ତୁମେ ଆସିଲେ
ଦୁନିଆ ବଦଳିଯାଏ
ବଦଳିଯାଏ ଧୋବିସାହୁ ଦୋକାନ
ମକରା ପାନ କେବିନ୍
ସତିଆ ଡ୍ରେସ୍ ସପ୍,
କମଳି ଚା ଜଳଖିଆ ଦୋକାନ
ଲୁଚାଣିଆ ମଦ କାଉଣ୍ଟର ,
ଘୁଙ୍ଗୁରା ଭେରାଇଟି ଆଉ ଆମ ଛକର ରୂପ ଲାବଣ୍ୟ ।

ମା,ତମେ ଏମାନଙ୍କ ପାଇଁ ଆସ ?
ଆସିପୁଣି ଚାଲି ଯାଅ କାହିଁ ଯେ ।
ଖିଲି ଖିଲି ହସୁଥିବା କୁନା ଆମ ରହିଯାଏ ଚୁପ୍ ହୋଇ ,
ପୂଜାରେ କିଣିଥିବା ଭଙ୍ଗା ଖେଳଣାକୁ ନେଇ ।
କିନ୍ତୁ ମୁଁ ଜାଣି ପାରୁନି
ତୁମ ଯିବାଆସିବାର ର ବେଳା ।
ବୋଧହୁଏ ମତେ ଘାଣ୍ଟିବା ଛାଡିନି ଏ ସଂସାରର ମେଳା ।
ଏବେବି ଗଲାସନ ପୂଜାର କରଜ ମୋର ସୁଝିବା ସରିନି ।
ଏକଥା ବିଶ୍ୱାସ ହୁଏନି !
ମା ତୁମେ ଥରେ ଆସନ୍ତନି ?

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱଭାବ



ନିରୁପମା ନାୟକ

ମୂର୍ଖ ଗପୁଥାଏ କଥା ଅସରା
ଜ୍ଞାନୀ ରୁହେ ନିରବ
ବ୍ୟର୍ଥ ରେ ଯୁକ୍ତି କରେ ଅଜ୍ଞାନୀ
ଜ୍ଞାନ ର ସୀମିତ ଶବ୍ଦ
କ୍ରୋଧ କରି କେହି  ମନ ର କଥା କୁ
ଦେଇଥାଏ ତାର ଭାବ
ଶାନ୍ତ ରହି କେହି ଅଶାନ୍ତ ବେଳା ରେ
ସଜି ଥାଏ ତା ସ୍ୱଭାବ
କଥା ଅସରା ଯେ ଏହି 'ପଦ' ଟି ର
ଶବ୍ଦ ର ହୁଏ ଅଭାବ

କହି କହି କେହି ଜ୍ଞାନୀ ହୁଏ ନାହିଁ
ଶୁଣିଲେ ଜ୍ଞାନ ର ଲାଭ
ବ୍ୟସ୍ତ ଚିତ୍ତ ହେଲେ କ୍ଳାନ୍ତ ମିଳିଥାଏ
ଧୀର ଚିତ୍ତେ ନ ଥାଏ କ୍ଷୋଭ
ମନ ର କଳ୍ପନା ବଦଳାଏ ଛବି
ଅଶୁଭ ବି ଲାଗେ ଶୁଭ
ଅପୂର୍ଣ୍ଣ ପାତ୍ର କୁ ପୁର୍ଣ ମଣିନେଲେ
ଲାଗେନି କିଛି ଦୁର୍ଲଭ
ଜୀବନ ସଂଘର୍ଷ ଅତି କଷ୍ଟକର
ବାଟ ଟି ନୁହେ ସୁଲଭ
ସତ୍ୟ ବଚନ ଯେ କହିଛନ୍ତି କେହି
ମାଟିରେ ମିଶିବ ପାର୍ଥିବ ଶବ
ଅନ୍ତ ଅନ୍ତରାଳେ ରହିଯାଏ ଯାହା
ସେଇଟି ତୁମ 'ସ୍ୱଭାବ' ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଫ୍ ଖାତା



ସାଇସୁଦୀପ୍ ଦାସ

ଜୀବନର ନୈକ ଲିପି-ପୁସ୍ତିକାଙ୍କୁ କି ଅବା ଫରକ ପଡ଼େ ?
'ଡ଼ିଗ୍ରୀ-ପଦ' ପରେ ବିଭ୍ରମ ସଦୃଶ ପ୍ରତ୍ୟେକଟି ସଙ୍ଗ ଛାଡ଼େ ।
ଅଙ୍କକଷା ପରେ ବଳିପଡ଼ିଥିବା କାଗଜ-ଫର୍ଦ୍ଧ ର କଣେ,
ଉଦାତ୍ତ ଅନେକ ମହତ୍ ଆକାଂକ୍ଷା 'ରଫ୍-ଖାତା' ହିଁ ଜାଣେ ।
ସାହିତ୍ୟ, ସଂସ୍କୃତ, ଭୂଗୋଳ, ବିଜ୍ଞାନ, ଟିପା ହୋଇ ରହେ ତହିଁ,
ଇତିହାସ, ଆଉ ଇଂରାଜୀ ପାଠ ର ଅଭାବ ବି ରହେ ନାହିଁ ।
ଯେବେ ଯେବେ କେହି ଲେଖୁ ଲେଖୁ କିଛି ଭୁଲ-ଭଟକା କରେ,
ରଫ-ଖାତା ଟି ଛଟପଟ ହୁଏ କଟାକଟି ଯନ୍ତ୍ରଣା ରେ ।
ଅଙ୍କା ବଙ୍କା କରି ଶୂନ ଦୁଇ ଗୋଟି ଆପେ ହୋଇଗଲେ ଆଙ୍କି,
ଦିଶଇ ଯେପରି କଳା କଳେବର କାଳିଆ ର ଚକା ଆଖି ।
ବାଲ୍ୟ କାଳ ରେ 'ଛକି-ଶୂନ-ଖେଳ', 'କାର୍ଟୁନ ହିରୋ' ଙ୍କ ଚିତ୍ର,
କୈଶୋର ଆସିଲେ ଶରୀର ଭୂଗୋଳ, ପ୍ରେମ ଇତିହାସ ମାତ୍ର ।
କାଳ୍ପନିକ କେତେ ନାୟିକା ନାୟକ ଅଙ୍କିତ ହୁଅନ୍ତି ଯହିଁ,
ପାଠ ସଙ୍ଗେ ସଙ୍ଗେ ଶାଠ ବି ଖୋଜିଲେ ଅଭାବ ଦିଶିବ କାହିଁ ?
ଭାବନା ଭିତରେ ମନ ଓ ମସ୍ତିଷ୍କ ହୋଇ ଗଲେ ଯଦି ଛନ୍ଦି,
ଲୁଚେଇ ଲୁଚେଇ କେତେ ଯେ କବିତା ଲେଖା ହୋଇଯାଏ ଫାନ୍ଦି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ପରେ ହୁଏ ତରୁଣ ଜୀବନ ଲାଭ କ୍ଷତି ଅଙ୍କ କଷା,

ଭାଗଶେଷ ପୁଣି ଶୂନ ପଡିଗଲେ ମନ ର ବଡ଼ ଦୁର୍ଦ୍ଦଶା ।

"ପ୍ରତ୍ୟେକ ଦୁଷ୍ଟାମି, ପ୍ରତି ଗୋଟି ବ୍ୟଙ୍ଗ ସହ୍ୟ କରିଯାଏ" କହି,

ନିର୍ଜୀବ ସେ 'ରଫ୍-ଖାତା' ଟି କେବେହେଁ ପ୍ରତିବାଦ କରି ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋର୍ କିଶାନ୍ ଭାଇ



ଶିଶୁପାଲ ସାମ୍ରଥ

ଅନ୍ଧାର୍ ଘିଟଘିଟ୍ କରି ଧୁକା ପବନ୍ ମାରଲା
ରେତ୍ ଭର୍ ପେନ୍ ମାରି ମାରି ବନ୍ କଁଟା ଭରଲା ।
ଝୁଲଝୁଲ୍ ଯେନ୍ତା ହେଲା କି, ଜିଏ ଯେନ୍ତା ଉଠଲା
ଯାହାର୍ କାମେ ସିଏ, ଚାଷୀ ତାର୍ କାମେ ଲାଗଲା ।
ଦେଖି ନେଲା କ୍ଷେତ୍ କେ ଯେ ପେନ୍ ଭରିଛେ କୁତେ
ଉଷୋକଷା ସାର୍ ସୁପର୍ ଘିନି ଘରେ ରଖଲା ସେତେ ।
ପେନ୍ ହେଲେ ଚାଷୀ ମାଏଟ୍ କେ ବନାସି ସୁନା
ଦୁନିଆର ପେଟ୍ ପୁଷି ନିଜର ପେଟକେ ରଖସି ଛିନା ।
ତାର୍ ଦୁଖ୍ କେ ବୁଝବାର୍ ଲେଖ୍ ନାଇ କେଁ ସରକାର୍
କମେଇ କମେଇ ମରବା ପଛେ ସେ ବଡା ଇମାନଦାର୍ ।
ହଲ୍ ବଲଦ୍ ଲଙ୍ଗଲ୍ ସବୁଦିନର ତାର୍ ଗୁଟେ ସାଙ୍ଗ
କ୍ଷେତର୍ ଲାଗି କିଷାନ୍ ଆଉ ଦେଶର୍ ଲାଗି ଯବାନ୍ ।
ଖରା ବରଷା ଶୀତ୍ କାଁକର ନାଇ ନ କିଛି ଡର୍
ଦୁଖ୍ ସୁଖ୍ କରି କମାସି ଧାନ୍ ମୁଗ୍ ତିହିରା ମଟର୍ ।
ସଭେ ଆଏଜ୍ ଚାଷୀର୍ ଲାଗି ଟିକେ ଲଢମା ଲଢେଇ
ଇନସୁରେନ୍ସ, ବୋନସ୍ ପଇସା ତାହକେ ଦେମା ଧରେଇ ।

ଗ୍ରାମ-କୁମ୍ଭୋ, ଭାୟା- ଭୁକ୍ତା, ଜିଲ୍ଲା- ବରଗଡ଼
ପିନ୍-୭୬୮୦୪୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଉରୀ



ନବୀନ ପଧାନ

ଜନମ୍ ହେଲା ପରେ ମାଆଁମରିଗଲା
ବାପା ହେଲା ଉଁଝା ବିହା
ଆଶ୍ରମ ଇସ୍କୁଲେ ପାଆଠ୍ ପଢୁଥିଲି
ବିଧାତା ନି ହେଲା ସାହା ।।
ଇସ୍କୁଲର୍ ମାଆଷ୍ଟର୍ ଖରାପ୍ ନଜର୍ କଲା
କହେଲେ ତ ପିଟାମରା
ସହି ନାଇଁ ପାରି ମାଷ୍ଟରର୍ ଅତ୍ୟାଚାର୍
ଚିନ୍ତେ ଖାଏମି ମହରା ।।
ନଅ କିଲାସ୍ ଠାନୁ ପାଆଠ୍ ଛାଡ଼ି ଦେଲି
ହୋଇଥିଲି ଗରଭ୍ ବତୀ
ଜନମ୍ ହେଲା ପରେଛୁଆ ମରି ଗଲା
ହୋଇଗଲି ମହାନ୍ ସତୀ ।।

ବିହା ହେଲିଁ ପଛେ ମଦୁଆ ଗୁଟେକେ
ସେ ତ ବେଶୀ ବଇମାନ୍
ଯୌତୁକ୍ ନାଇଁ ବଲି ଘରୁ ତଡ଼ି ଦେଲା
କଲା ମତେ ଅସମ୍ମାନ୍ ।।
ସେ ଦିନ୍ ଠାନୁ ମୁଇଁ ପଲେଇ ଆସିଛେଁ
ନୁହେଁ ସେ ମୁଇଁ ବାଉରୀ
ବାଉରୀ ର ଅଭିନୟ ନାଇଁ କଲେଁ
ଲୁକର୍ ଲାଜେ ଯିମି ମରି ।।
ବାଉରୀ ସାଜିଛେଁ ନୁଖୁରା ଦିଶୁଛେଁ
ଦେଉଅଛେଁ ଅଭିଶାପ୍
ଯେନ୍ ଲୋଅକ୍ ମାନେ ଜୀବନେ ଖେଲିଛନ୍
ପଡ୍ ବା ତାକୁଁ ମୋର ନୀଶାସ୍ ।।

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁପାସଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫେର୍ ବରଷାରାନୀ ଆସିଛେ



 କ୍ଷମାନିଧି ସାହୁ

ଦେଖ କଲାମେଘ୍ ଢାବି ଆନଲାନ
ସୁଲସୁଲିଆ ପବନ୍ ବହେଲାନ
ମେଘ୍ ଦୁଲଦୁଲେଇ ରଡୁଛେ
ଫେର୍ ବରଷାରାନୀ ଆସିଛେ..

ସୁର୍ଯାମାରି ବଡା କରୁଥିଲା ଖରା
ପାଏନ୍'କେ ଗୁରଦୁ ଲାଗଲା ନୁରା
ଆମର୍ ବିନତି ଇନ୍ଦର୍ ବୁଝିଛେ
ଫେର୍ ବରଷାରାନୀ ଆସିଛେ..

ଖେତ୍ ଖଲା ହେଲା ସାଗୁଆ ପତର୍
ମହୁଲ୍ ବୁରେଇ ପତରା ଡଙ୍ଗର
ଚାର୍'ହି ଦିଗେ ପାଏନ୍ ନରଦୁଛେ
ଫେର୍ ବରଷାରାନୀ ଆସିଛେ..

ପୂରିଗଲା ଯେତେ ବନ୍ କଁଟା ମୁଡା
ସବୁ ଡୁଲି ମାନକେ ପାଏନ୍ ଢୁଡାଢୁଡା
ବେଙ୍ଗଟି ନାନିର୍ ଡାକ୍ ସୁଭୁଛେ
ଫେର୍ ବରଷାରାନୀ ଫିରିଛେ..

ଚାଷୀ କୁଦଲା ନିଜର୍ ଖେତ୍ ଖଲା
ଇସ୍କୁଲ୍ ମାନେ ବି ହେଲାନ ଖୁଲା
ଅଫିସ୍ ମାନକେ ଗହଲି ଲାଗୁଛେ
ଫେର୍ ବରଷାରାନୀ ଆସିଛେ..

 କ୍ଷମାନିଧି ସାହୁ(ପରିକ୍ଷିତ୍)
ଜାମପାଲି,ସାଲେପାଲି,ମେଲଛାମୁଣ୍ଡା,ବରଗଡ଼
୭୦୭୭୦୫୯୩୪୯

ଆହ୍ୱାନ ଇ-ପତ୍ରିକା

# ବର୍ଷା କହୁଛେ



ଈଶ୍ୱର ଚନ୍ଦ୍ର ସାହୁ

କେନେ ଲୁକିଛ ନାଇ ଆଉଛ ଆଗୋ ବର୍ଷା ରାନୀ

ଅଷାଢ ଯାଇ ସରାବନ୍ ହେଲା ନାଇ ବର୍ଷୁଛ ପାନି । ।୧ ।

ଚାଷୀ ତମ୍ କୁ ବାଟ୍ ଦେଖୁଛନ୍ କେଭେ ଆଏବ ଫେରି

ରୁଷା ଫୁଲା ଆର୍ ନାଇ କର ବର୍ଷି ଦିଅ ବାରି । ।୨ ।

ଇନ୍ଦ୍ରଦେବଙ୍କୁ କରୁଛୁ ପୂଜା ଆର୍ ଡେରି କର ନାଇ

ତମର୍ ବିନା ମର ବେ ସବେ ଉହକ୍ ବିକଳ୍ ହେଇ । ।୩ ।

ବର୍ଷା କହୁଛେ କେନ୍ତି ଜିମି ମର୍ କାଏଁ ଆଏତ୍ କହ

ଗଛର୍ ଲାଗି ବର୍ଷା ହେସି ଇଟା ସବେ ଜାନିଥ । ।୪ ।

ଯେତେ କହେଲେ ନାଇ ମାନୁଛ ଗଛ୍ କାଟି କଲ ପଦା

ଜଙ୍ଗଲ୍ କାଟି ବସେଇ ଦେଲ କାରଖାନା ହୁଦା ହୁଦା । ।୫ ।

ତମେ ନି ମରବ ମରବା କିଏ ମତେ କାଏଁ ଦଉଛ ଦୋଷ୍

ପାଏନ୍ ପବନ୍ ଆର କିଛି ନି ପ ଉଡ୍ ବା ତମର ହୋସ୍ । ।୬ ।

ଯାହାତ କଲ ଗଛ୍ କାଟ୍ ଲ ଇଛେନ୍ ଶପଥ୍ ନିଅ

ଗୁଟେ ଲୋକ୍ କେ ଗୁଟେ ଗଛ୍ ଜଲ୍ ଦି ଯଗେଇ ଦିଅ । ।୭ ।

ଇଟାନ ସମିଆଁ ଗଛ୍ ଲଗାବାର ରେଞ୍ଜରେ ମିଳୁଛେ ଚାରା

ଗାଁ ଚାରିପାଖେ ଜଙ୍ଗଲ୍ କର ପାଏବ ପାନିର ଧାରା । ।୮ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠିକ୍ ବେଲା ରେ ବର୍ଷା ହେବା ଚାଷ୍ ନାଇ ହୁଏ କ୍ଷତି

ପାଏନ୍ ପବନ୍ ପାଏବ ସବୁ ନାଇ ଚିଏଁ ଖରା ତାତି । ।୯ ।

ସୁଧ୍ ରି ଯାଅ ସବେ ଭାଇ ନାଇଁ କାଟ ଗଛ୍ ନିତି

ଇଥିର ଲାଗି ଧରତି ମାତା କାନ୍ଦୁଛେ ଦିନ ରାତି । ।୧୦ ।

ଏତ୍ କି କହି ଘଡ୍ ଘଡେଇ ଆଏଲେ ବର୍ଷା ରାନୀ

ରଝୋ ରଝୋ ଗର୍ଜି ଘୁମୁରି ବର୍ଷି ଦେଲେ ପାନି । ।୧୧ ।

କଲା କଲା ହେଇ ବାଦଲ୍ ଘୁଟିଛେ ଘୋଟ୍ କରିଛେ ମେଘ୍

ଚକ୍ ଚକ୍ ହେଇ ବିଜ୍ ଲି ମାରୁଛେ ଭଣ୍ଡାର କନେ ଦେଖ୍ । ।୧୨ ।

ବେଙ୍ଗ ରଡୁଛେ କେଏଁ କଟର ଝିଙ୍କାରୀ ଝିଂ ଝିଂ

ବର୍ଷା ହଉଛେ ତୁହାକେ ତୁହା ପବନ୍ ମାରି ସିଇଁ । ।୧୩ ।

ଉଷତ୍ ମନେ ଚଷା ଖେତେ ଚାଷ୍ କରୁଛେ

ଘଡ୍ ଘଡି କେ ବେଙ୍ଗ ରଡି କେ ମୟୂର ନାଚୁଛେ । ।୧୪ ।

ଗଛ୍ ନାଇ କାଟୁଁ ଜାନ୍ ଲା ଆମେ ଚାଲ ଶପଥ୍ ନେମା

ଆମର ମଙ୍ଗଲ୍ ଲାଗି ସଭେ ଗଛ୍ ଗୁଟେ ଲଗାମା । ।୧୫ ।

ଶ୍ରୀ ଇଶ୍ୱର ଚନ୍ଦ୍ର ସାହୁ , ଏମ୍.ଏ. ବି.ଇଡି, ଏଲ୍.ଏଲ୍.ବି

ଗ୍ରାମ- ପଲସାଗୋରା, ପୋ.ଅ.- ବାଘିଆବାହାଲ,

ଜି- ବୌଦ୍ଧ, ମୋ- ୯୧୭୮୩୮୨୮୫୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଃଖୀର୍ ସୁଖ୍



କବି ପ୍ରସାଦ

ଦେଖିଛୁ କାଏଁ
ଦୁଖିର୍ ଦୁଖ୍
ସୁଖି କେ ସିନା ଦୁଖ୍ ଟା ଦୁଖାସି
ଦୁଖ୍ ଦୁଖ୍ ବଲି ପାପିଲି ହେସି
ଦୁଖିର୍ ତ ସାଁଗରଜୁଲି  ଦୁଖ୍
ସେ କାଏଁଯେ ହେବା ଦୁଖ୍ ଠାନୁ ବିମୁଖ୍  ।
କେଭେ ଶୁନିଛୁ କାଏଁ
ଦୁଖି ନିଜ୍ କେ ଦୁଖିବଲି କହେବାର୍ ଟା
ସୁଖ୍ କାଣା ଯେ ସେ ନାଇଁ ଜାନି ସତ୍
ହେଲେ ସେ ନାଇଁ ନିଲାମ୍ କରେ

ପାଁଚ୍ ଠାନେ ତାର୍ ମହତ୍
ବୁହାସି ଗହଦ୍ ଘମ୍ ଘମ୍
ଖାଏସି ମୁଠେ କରି ପରିଶ୍ରମ୍
ନି ମାରେ କାର୍ ପେଟର୍ ନୁ
କମାସି ତାର୍ କରମ୍ ନୁ
ଖାଏସି ଗରସେ ପଉ କି ମୁଠେ
ଘର୍ ପରିବାର୍ କେ ଧରି
ହେତେ ହେଲେ ତା'କେ
ଜହ ସରଗ୍ ସୁଖ୍ ନୁ  ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର
ମୋବାଇଲ - ୭୬୦୭୦୫୧୩୯୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶଳା ବୁଢ଼ା



ହରୀଶ ତାଣ୍ଡି

ଇ ବୁଢ଼ା ତତେ ଖୁଏଇଛେ ପିଏଇଛେ
ଖେଲେଇ ଛେ ତାର୍ କୂଲେ
ପାଚିଗଲା ଫଲ୍ ଝଡ଼ିଯିବା କାଏଲ୍
ମୁହୁଁମୁଡୁ ଏନ୍‌ତା ବେଲେ ।
କାହାର୍ ଲାଗି ତୁଇ ଦୁନିଆଁ ଦେଖିଛୁ
ପଚ୍‌ରା ଟିକେ ତୋର୍ ମନ୍‌କେ
ନିଯେ ଭୁକେ ରହି ତତେ ଖୁଏଇଛେ
ଭୁଲିଗଲୁ ସେ ଦିନ୍‌କେ ।

ତାର୍ କମାଲା ଧନ୍ ସମ୍ପଦ୍
ବସଲୁ ମଟର୍ ଗାଡ଼ି
ଭାବିଥିଲା ତତେ ସାହାରା ହେବୁ
ଧରାଲୁ ବାଉଁଶ୍ ବାଡ଼ି ।
ଖାଏଲା ପିଇଲା କି ଭୁକେ ରହେଲା
ନାଇଁ ପଚ୍‌ରାଲୁ ଦିନେ
ଜିଁ ଥାଉନ୍ ଥାଉନ୍ ମରି ଗଲାନ
ତୁଇ ରହିଛୁ ଭିନେ ।
ମନ୍‌କେ ବୁଝେଇ ତୁମ୍ ପର୍‌ଲା
ଜାନିଶୁନି ହେଲା ବେଡ଼ା
ଜନମ୍ ଦେଇ ତତେ କାଏଁ ଦୋଷ୍ କଲା
କହୁଛୁ ଶଳା ବୁଢ଼ା ।

ସାଲେପାଲି , ଗଜବନ୍ଧ , ସୁବର୍ଣ୍ଣପୁର
ମୋ-୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାଲ୍ ଧର୍ମର୍ ବାଟେ



ହରୀଶ ତାଣ୍ତି

ସରି ଯଉଛେ ସମିଁଆ ଦେଖ୍
ବୁଡି ଯଉଛେ ବେଲ୍
ପଡି ଯେଇଛୁ ମାୟାର୍ ଜାଲେ
ହେଉଛୁ ଲାଡ୍‌ଗେଲ୍ ।
ଭୁଲି ଯେଇଛୁ ଆସ୍‌ବା ମରନ୍
ବୁହିନେବା ଦିନେ ଯମ୍
ସୁଖର୍ ସଁସାର୍ ହେବା ଛାର୍ଖାର୍
ଭାଙ୍ଗିଯିବା ସବୁ ସପନ୍ ।

ଯେଭେ ହେଲୁ ଜନମ୍ କାନ୍ଦିଥିଲୁ କେତେ
ହଁସୁଥିଲେ ବାଁକି ଲୋକ୍
ମାୟାର୍ ଜାଲେ ପଡ଼ି ସବୁଗଲୁ ଭୁଲି
ଘାଁଟ୍‌ଲା ପାପର୍ ଭୋକ୍ ।
କାଏଲ୍ କାଏଲ୍ ବୋଲି ଦିନ୍ ଦେଲୁ ସାରି
ନାଇ ଭଜ୍‌ଲୁ ହରି
ଧନ୍ ଯଉବନ୍ ଦେଖୁଛୁ ସପନ୍
ସବୁ ଯିବା ଦିନେ ସରି ।
ଲୋଭ୍ ମୋହମାୟା ନାଇଁକର୍ ଆରୁ
ନାଇଁ ଘାଁଟିହ ପାପେ
ସମିଆ ଅଛେ ଛାଡ୍ ପାପ୍‌କାମ୍
ଚାଲ୍ ଧର୍ମର୍ ବାଟେ ।

ସାଲେପାଲି , ଗଜବନ୍ଧ , ସୁବର୍ଣ୍ଣପୁର
ମୋ-୮୦୧୮୪୦୪୨୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଁର ଅସ୍ମିତା କାବ୍ୟ



ଏମ୍ ବିଜୟ କୁମାର

ମାଁ ଗୋ ମା ସେହ୍ନମୟୀ ମମତାର ଝରନ ଝରାଇ
ମାଁ ଗୋ ମାନବିକା ତରପାଦେ କରୁଛେ ସରଣ
ଆର୍ଶିବାଦ ଦେ ମା ମତେ ସ୍ନେହଥୁ କରି ଆଲିଙ୍ଗନ
ମା ମମତାର କୋଲ  ଗରଭଧାରି ମା ପଥରସିଲ
ମାଁ ଦୟାମୟୀ ସୁକଲ୍ୟାଣୀ ମାଁ ସଭେ ତର ପୁଅ
ମାଁ ଗୋ ଜଗତଜନନୀ ସାନତି ମୁକତି ଦେହ
ମାଁ ର ମମତା ସ୍ନେହଶରଧା ଦୟା ପ୍ରେମ ଶାନ୍ତି
ମାନବିକତା ଅହିଁସା ପ୍ରେମରେ ଅଛି ମାନବ ମୁକ୍ତି

ପେଟନୁ ଜନମ ଯେବେ କଅଁଳିଦିହେ ପଦାଘାତ
ପ୍ରକୃତି କୋଲେ ଶୋଆଏ କରୁଣା ଝରାଏ ହାତ
ମାଁ ର ରକତ ଇଦିହେ ଛିରକେ ଛିର  ବହୁଛେ
ସ୍ନେହ ଗଗାଂଜଳ ଜାହାର ଦୟା ଥି ଝରୁଛେ
ମାଟିର ପୁତଲା କଅଁଳିଆ ଶିଶୁ ଅତି ଦୁର୍ବଳ
ମାଁର ଆଦର ଯତ୍ନେ ଧିରେ ଧିରେ ହୁଏ ସବଳ
ମାଁ ମାଟି ଜନମମାଏଟ ନାଇ କରି ଦେବୁ ପର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଁ ବଲି ତତେ ଶରଧାନେ ଡାକୁଛେ ମାଁ ମଗଂଳ

ମାନ ମହତ ଇଜତ ଲାଗି ଢାପିଥାଉ ପଣତକାନି
ଗୁଣ ହୁଏ ସବୁ ହୁରଗୁନି ଜଏ ମାଁ ଜଗତର ରାନୀ
ଶିଶୁ ହୋଇ ଖୋଜେ ପ୍ରାଣଭରା ପ୍ରେମ ତୋକୁଲେ
ଅନନ୍ତପ୍ରେମ ହୃଦୟ୍ର ରକ୍ତ ଦେଇ ସୁଖପାଅ ମୁଲେ
ଗରଭଧାରି ଦୁଖ ଗରଭଧାରି ମାଁ ହି ଜାନସି
ଦରଦ କାଣା ଜାନବାକେ ବାଝେଁନ ମାହେଜି
ମଗଂଳ ଲାଗି ଯେବେ ମାଁସ୍ନେହଶାସନେ ଦିଏ ଦଣ୍ଡ
ଭବିଷ୍ୟତ ବିଚାର କରେନାଇ ଯିଏ ତ ସ୍ନେହଭଣ୍ଡ

ମାଁ ର ଅସ୍ମିତା କାବ୍ୟ ଲେଖବାର ଆରମଭ କବି
ମାଁ କହେଜୁଲୁମକାହାଣି ଶୁଦ୍ରର ଆଲାମ ବେତାବି
ମାଁ କହିଗଲା ଆଶୁରକତ ଝରାଇ ସପନେ ପୁଓ
ବିହୋସନେ ନାଇ ଶୁଅ ପୁତା ଅଭି ଜାଗ ଜାଓ
ମା ହାଡ଼କଂକାଳ ଧରି ଆଘେଠିଆ ରୁପଭୟ୍କାରି
ଜିବନ ନୁହେଁସେ ମୁନସ ଯହି ଜିଉଛେ ମଲା ପରି
ମାଁର ଆଶୁଁ ବନ୍ୟା ହେଉଛେ ଭିଜୁଛେ ପଣତ
ମାନବ ଜାତିର ମାଁ  ଗୋ କହ ସକଳ ବୃତ୍ତାନ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଁର ଅସ୍ମିତା ଭାଗିଂ ଯାଇଛେ ଆଶା ଭରସା

ବିଶ୍ୱାସ ହଜିଛେ ଆଖୁଁଦେଖୁଛେ ଅବେବସତା

ମାନବ ଜାତି ଏକ ସମାନ ରକତନେ ଗଢା

ସ୍ଵାଧିନ  ମଣିଷ ଫିର କାଏଜେ ଅନ୍ଧ ନିଗୁଢା

ମାଁର ଆଶୁଁ ଝରୁଛେ ହୃଦୟ କାନ୍ଦୁଛେ ସବୁଦିନ

କଥା ଓ ଗାଥା କହିବାକୁ ତୋ ସପ୍ନେ ଦରଶନ

ମଧୁର ଭାଷୀ ମରିସାରିଛି ଅମରୁତ ଭାଷା

ଜାଣି ଜାଣି ଉପଭୋଗ କରୁଛ ଦୁର୍ଦଶା

ଏମ୍ ବିଜୟ କୁମାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାହାପୁରୁକେ ଗୁହାରି



ସୁଧୀର ପଣ୍ଡା

ସାରା ଜଗତର୍ ୟୁଧ୍ୟା ମାହାପୁରୁ ତମେ ପରେ
ରହେସ କେଢେଁ ଠାଟେବାଟେଁ
ତମକୁଁ ଭରଷା କରି କାନ୍ଦୁଥିମୁ ହୁର୍ଗୁନି ହୁର୍ଗୁନି
କେନ୍‌ଠାନେ ବସିକରି ତରାପଟେଁ
ଜଗା ଜଗା ବଲି ବାଏତିଷ୍ଠିଆ ହଇଯିମିକେଁ
ଛାଡି ନିଜର କୁଟୁମ୍ ପୁଷା କାମବୁତା
ଢେଁଟୁତକ୍ ଗେଫି ଫୁକ୍ରେଇ ଫୁକ୍ରେଇ ଶୁଇଛ
କେନ ଶୁନି ପାର୍ବକେଁ ଆମର୍ କଥା
ମାହାପୁରୁ ବତେଇ ଦିଅ କିଛି ବୁଦ୍ଧି
କରମ୍ କୁଢିଆ ହଇ ବସିଥିମି ପଛେ ହେଲେଁ
ଲୁକେ କହୁଥିବେ ପାଇଛେ ସିଦ୍ଧି ।୧

ଦଦରା ଧୁତିକେ କେତେଦିନ୍ ପିନ୍ଧି ପାର୍ମି
ଫି ଦିନ ଯଉଛେ ଦର୍କି ଦର୍କି
ତମର ଜୁହ୍ନା ଲୁଗା କିଏ ନେଇ ଯାଏସନ୍
ସମୁନ୍ଦରେଁ ଦେସ କାଏଁ ଫିକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମର୍ ବାଗିର୍ ଯଦି ନୂଆଁ କପଡା ପିନ୍ଧଲେଁ
ଲୁକେ ବଲବେ ମତେ ଟିଙ୍ଗାଲୀ
ବାରମାସେଁ ତେର ଯାତରା ଦେଖୁଥିଲେଁ
ମାଏଝୀ ଭିଲ୍ ଦଉଥିବା ଗାଲି
ଲଖିଁମାତାକେ ପଟେଇ ରଖିଛ ବନେ
ରଥ୍ ଯାତରା ଦିନ ଗୁଟେ ଭୁଲ୍ କଲ ବଲି
ଲଖିଁ ମାର୍ଠାନୁ ମିଲବା ବନେ ପାନେ ।୨

ଗୁଟେକଥା ଖାଲି ଖୁଲୀ କହ ମତେ ପର୍ଭୁ
ଆମର୍ ଇ ଉଡିଶାର୍ ଲୁକେ
ଜୀବନ୍ ଛଡା କାଏଡ୍ କାମ୍ କରି ଭିଲ୍
କାଏଁଯେ ମରୁଛନ୍ ହର୍ମେଶା ଭୁଖେଁ
ଏକ୍ଲା ପରେ ତମେ ଦଁତି ଦେସ ପ୍ରଭୁ
ତିନ୍ କୋର୍ ପଉଟି ଛପନ୍ ଭୋଗ୍
ତମର୍ ଅଏଁଠା ଚାଟି ପାର୍ସୁଁ ଆମେ ସଭେ
କେଭେଁ କାହାକେ ନାଇଁ ହୁଏ ରୋଗ୍
ଫେର୍ଭିଲ୍ ତମର୍ ଦଉଳର୍ ଆଗେଁ ବସି
ରାଏତ୍ ଦିନ୍ ପଡି ରହିଛନ୍ କେତେ ବଡ୍ ରୁଗି
ତାକର୍ ସେବା କିଏ କର୍ବା ସେନେ୍କ ଆସି ।୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମର୍ ଭଗତ୍ ବଲି ଯାହାକେ ଜାନିଛୁଁ
ସେ ବୁପ୍ରେ ହଉଛନ୍ ଦଉଳର୍ ପଁଡା
ମାହାପୁରୁର୍ କଥାନି ତାକର୍ ଟୁଣ୍ଡୁ ନିଶୁନି
ହାତେଁ ଧରିଥିସନ୍ ବେତର୍ ଡଁଡା
ମୁଡେଁ ପାହାରେ ପାଏଲେଁ ପାପ୍ ଛାଡି ଯାଏସି
ବନିଯାଏସୁଁ ବଡେ ପୁଣ୍ୟବାନ୍
ପଁଡାର୍ ମୁଡେଁ କେଭେଁ କିଏ ପିଟୁଛେ କେଁ
କାହାର ଦମ୍ ଅଛେ ଦେବା ଧିଆନ୍
ତମର୍ ଦୟାନୁ ବନିଗଲେ କୋଟିପତି
ଆମର୍ ପାପ୍ ପର୍ଭୁ କାଏଁଯେ ନିଛାଡେ କେଭେଁ
କମିହାଁ ଲୋକ୍ କରୁଛୁଁ ବଲି ଦୁଃଖ ଭୁତି ।୪

ତମର୍ ଦଉଳ୍ କେ ବୁଝୁଁ ହଲେଇ ପକାଲା
ଇ ଚିପୋ ଗରେଲ୍ ଗୁଟେ କେନୁଆସି
କେତେଦିନ୍ ଲୁକର୍ ଚୁଇଲ୍ ନିଜଲିଁ ପାର୍ଲା
ଝଁକେର୍ ଥି ଭଙ୍ଗାଘରେଁ ରହେଲେ ବସି
ଏନ୍ତା ଅଡ୍‌ଚନେ ଦୟା ନିକଲ ପର୍ଭୁ ଥରେ
ତମର୍ ଟିଙ୍ଗାଲୀପନ୍ ଟିକେ ଛାଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଇଁତ ଲୁକର୍ ଭରଷା ଉଡିଯିବା ତମର୍ଠାନୁ
ଶୁଇଥିବେ ଘରେଁ ପଛେଁ ମୁହୁଁମାଡି
ତମର୍ ଖଏର୍ଚ୍ଚା ବାଏର୍ଚ୍ଚା ଟିକେ କର ଊନା
ହାଁଡିହାଁଡି ଭାତ୍ ଖାଏବାର୍ଟା କାଏଁ ବନେ
ଖାଲି ଗେଫି ଚାଲ ଥରେକେ ତିନ୍ ଦନା ।

ସୁଧୀର ପଣ୍ଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖରାଦିନ



ପ୍ରମୋଦ କୁମାର
ସେଠ୍

ଆଏଲା ଖରା ତତଲା ଧରା
ଧୁକା ତୁଫାନ୍ ସାଙ୍ଗେ ଧରି
ସୁଖୁଲା ନଏଦ୍ ବନ୍ଧ କେନାଲ
ଛଟକି ଗଲେନ ଝୁରି ।

ଧୋବ ଫରଫର ମଲି, ପଦମ୍ ଫୁଲ
ଇ ଦିନେ ଜହ ଫୁଟସି
ହୁରହୁରିଆ ଧୁକାଟେ ହେଲେ
ତାର ମହକ ଚାରିଆଡ଼େ ଛୁଟସି ।

ଆମ, ଲିଚୁ, ଡାଲିମ୍, ସପୁରୀ, ପନସ୍
ଇ ଦିନେ ଜହ ମିଲସି
କୁସେର୍ ପନା, ଲେମ୍ବୁ ସରବତ ଆଉର୍
ଘୋଲେ ଦହିକେ ଇଚ୍ଛା ଲାଗସି ।

ସୁଆଦ ଲାଗସି ଦହି ପଖାଲ
ତୁଡ଼କେ ଭଲ ରୁଚୁସି
ଶାଗ ଖରଡ଼ା, ବରି ଫୁଲା, କଦେଲ୍ ଭଜା
ନୁନ୍ ମିରଚା, ପାଚଲା ଆମକେ ଖୁଜସି ।

ରାମ ନଅମୀ, ପନା ସଂକ୍ରାନ୍ତି, ଅଖି ତୃତୀୟା
ସାବିତ୍ରୀ ଉଆସ ତିହାର ପଡ଼ସି
ମହାଦେବ ବାବାଙ୍କର ବିହାଘର ସରଲେ
ଧରାଟା ଶୀତଲ ହେସି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ କାର୍ଯ୍ୟାଳୟ
ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପରଜା



ସୁବାସଚନ୍ଦ୍ର ଭୁଏ

ସୁକବାସି ଚାସି ସମକୁ ଆଦରି
ଦଉଥିଲେ ଉଚ୍ଚା ଦରଜା
ରାମ ରାଏଜର୍ ନାଁ ରହିଛେ
ସୁଖେ ଥିଲେବଲି ପରଜା । ୧

ଜଜବଜ୍ ଧନ ଜାହାକେ ଜେତେ
ଦୁକାଲ୍ ନାଇଥାଇ ଅଢ଼ିଆ
ସଏବେ ସଏବେ ଦିନ ଗୁଁଜରି ଜେ
ପେଟପୁସି କେତେ ବଢ଼ିଆ । ୨

ଜଂତୁ ଚରେଇ ଭିତରେଁ ମୁନୁସ୍
ଭାବ୍ ବାନ୍ଧେ କେତେ ମଜା
ପରହର୍ ଦିହର୍ ସିକାର୍ ଲାଲସେ
ନଇଁ ମିଲେ ମରନ୍ ସଜା । ୩

କରମ୍ କିରିଆ କହେଲା କଥାକେ
ତୁରତି କରନ୍ ବିସ୍ୱାସ୍
ବିସ୍ୱାସଘାତ୍ ଛାଡ଼ି ନିଏ୍ କରନ୍
ପଡ଼ିଜିବା ବଲି ନିସାସ୍ । ୪

ଗୁଣି ଜ୍ଞାନି ବଡ଼ ଧନି ମାନି
ଦୟା ଭାବ୍ ରଖନ୍ ହେଇ ସିଆନି
ମୁନୁସପନ୍ ଆଏ ତାକର୍ ବଢ଼େ
ଛୋଟଲୋକ୍ ଜଂତୁ ଚରେଇ ପସୁକୁଁ
କେଭେନାଇ ପିଟନ୍ ଅଢ଼େବାଢ଼େ । ୫

ସୁଖ ବତରେଁ ଦିନ ଚଲୁଥିଲା
ହିଁସା ଅହଁକାର୍ ପୁଡି ଜଲୁଥିଲା
ଛାଡ଼ି ଢୁଡାଚୁପରାର୍ ଗରଜା
ଇହାଦେ ସୁଖ ସାନ୍ତି ଗରଜ୍ ପଡେ
ସବୁଥିର୍ ଲାଗି କରେ କରଜା । ୬

ଇହାଦେର୍ ପରଜା କରମ୍ ଛଡା ହେଲା
ବେଜା ବୁଡ଼ି ଉଢ଼େ ହେଜା
ମୁଡ଼ର୍ ଉପରେ ମୁଢେଁ ରଜାର୍ କମାନି
ପରଜା ହେଉଛେ ଗେଜା । ୭

ନିଏ ଅନିଏ ଇନୁ ବିକିଭାଁଜି ହେଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ଼୍‌ଲୁକର୍ ଉଡ଼େ ଧଜା
ଧନଜନ୍ ବଲେ ଇନୁ ସତିଆ ହେବୁ
ମନ କଲେ ବଜାବୁ ବଜା ।୮

ମତଲବିପନେ ଭାବ୍ ବିକିହେଲା ଇନୁ
ଟଙ୍କା ପଏସା ଥି ଖେଜା ଖେଜା
ଲେତାଗୁତା ଛାଡ଼ ଅଚିନହାର୍ ଲୋକ୍ ଭି
ଭାବ୍ ବାନ୍ଧେ ହେଲେ ରଜା ।୯

ଦାଗି ଦୁଇମୁଡିଆ ଜାହାକେ ଜେତେ
ଠକ୍ ଭଣ୍ଡ ଅନିଏ କେଥନି କେତେ
ଭାବ୍ ବିସ୍ୱାସ୍ ଦେଲେ ହଜେଇ
ନିତିନିୟମ୍ କଣାକୁନା ଭଏଁରା ହେଇ
ଦୁରବଲିଆ ଲାଗି ରଖେ ଖଁଣା ପଜେଇ
।୧୦

ଦୟା ଧରମ୍ ଟା ଭରମ୍ ହେଲା ନ
ଜିବନ୍ କାନ୍ଦି ଆଁଖଲ୍ ଝରଲା ନ
କେ କରବା ଆଉ ଦୟା
ତେଲିଆ ମୁଡେଁ ତେଲ ଲଗେଇ ରଜା
ଚାଟି ଖାନ୍ ପିସି ଖଜା ।୧୧

ବେଉସା ବୁଡ଼ାଲ ଅଦରବା କରଲ
ମାଫି ବାଁଟି ଦେସ୍ କେ ଚଲାଲ
ତାମେ ନେଇ ମାନେ ଦେଇ
ଦୁଖେ ପରଜା ହେଲା କେଁପା କୁଜା
କାନ୍ଦିମରେ ଦାଦନ୍ ଜେଇ ।୧୨

ଛାଡ଼ଲେ ମୁଲ୍ କୁଲ୍ ବେଉସା
ଲଖତିଆ ହେଇ ଚାସି ଛାଡ଼ଲା ଚସା
ଦେଖି ଦେଖି ରଜାର୍ ଠାଟ୍
ମାଫି ନାଇ ବାଁଟ ମାପ୍ କରିକରି
ପରଜା ଲେଖେ ଦିଅ ପାଟ୍ ।୧୩

ସେ ପାଟ୍ ଟା କାମ୍ ଧନ୍ଦା ଆଏ
ବାହା ଜଙ୍ଗଲ୍ ଟିକେ ଚଲ୍ ବା
ନିଜର ଗୁଡ଼େ ନିଜେ ଠିଆ ହେଲେ
ଆପେ ଥୁତନା ଚଲ୍ ବା ।୧୪

ନିତିନିୟମ୍ କେ ବଜର୍ କର ରଜା
ବଡ଼ବଡ଼କି ରାଜ୍ ନସବା
ଭାବ୍ ବିସ୍ୱାସ୍ ଲେଖେ ପିଲ୍ ଗଜା
ପରଜାର୍ ମନୁ ହଁସବା ।୧୫

ଅଧ୍ୟାପକ
ଡୁଙ୍ଗୁରିପାଲି ମହାବିଦ୍ୟାଳୟ, ସୁବର୍ଣ୍ଣପୁର
ଧାଙ୍ଗେର, ବରଗଡ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବୁଝେନ୍



ମନୋଜ ମହାନନ୍ଦ

ଶୁନରେ ଗେହ୍ଲେଇ    ନାଇଁ ହ'ଫୁଲେଇ
ପତିବ୍ରତା ନାରୀ ହଇ,
ଛାଡ୍ ରଷାଫୁଲା    ପ୍ରେମ୍ ରସଗୁଲା
ପିର୍ତି ରସ୍ ଦେ'ଚଖେଇ ।

ଆଜି ଅଛେଁ ମୁଇଁ    ରେ ! ପ୍ରାଣର ସହି
ଭାବର୍ ସାଗରେ ଭାଁସି,
ପତା ମୋର୍ କେନ୍ନେ    ଭୁଲିଛେଁରେ ଇନେ
ଭାବର୍ ପିର୍ତିନେ ରସି ।

ମୁଇଁତ ଗା ! ଗୁଟେ    ଦୁନିଆଁର୍ ହାଁଟେ
ହାଁଟୁଆ ଦୁଇ ଅନାର୍,
ଯେଭେଁ ଦୁଇଅନା    ସରିଯିବା ସୁନା
ଛାଡିଦେମି ଇ' ସଂସାର୍ ।

ତେଭେଁ ତୁଇ ଧନ !    କରି ଦୁଃଖ ମନ
ଯମକେ ଦେବୁରେ ନିନ୍ଦା,
ଯମ୍ କାଏଁ କର୍ବା    ଯାହା ନୀତି ଥିବା
ସେବିତ ନୀତିନେ ବନ୍ଧା ।

ରୀତି, ନୀତି ଭାବେ    ଛୁଆ,ବୁଢା,ଯୁବେ
ଯାହାର୍ ସମିଆଁ ହେବା,
କର୍ମର୍ ଫଲ୍ ଦେଖି    ଧ୍ୟାନେ ମାପି ଯୁଖି
ଡଗରକେ ଆଜ୍ଞା ଦେବା ।

ଆଏବେ ଡଗର୍    ହେଇ ହର୍ ବର୍
ତୁର୍ତି ନେଇଯିବେ ବୁହି,
ନାଟ୍ ମଣ୍ଡପ୍ ନେ    ନାଟ୍ ସରିଯିବା
ନାଇଁ ବୁଝି ପାରନ୍ କେହି ।

ଆରେ ପ୍ରାଣଧନ !    ବୁଝା ତୋର ମନ
ନାଇଁ ହ'ତୁଇ ଅବୁଝା,
ତୁଇ ମୋର୍ ରାନୀ    ରେ ! ଗେହ୍ଲା ଶୟନୀ
ମୁଇଁ ପରେ ତୋର୍ ରଜା ।

କାଏଁଯେ ରାଗୁଛୁ    ମୁହୁଁ ଫୁଲଉଛୁ
କଥା ଟିକେ ମୋର୍ ମାନ୍,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଇଁ ଥିବା ପତେ ଇ'ସାରା ଜଗତେ

ପାଏବୁ ତୁଇ ସମ୍ମାନ୍ ।

ମୁଇଁ ମଲାପରେ କୁର୍ହିଆ ସଂସାରେ

ହେଇଯିବୁ ତୁଇ ଏକ୍଴ା,

ଏକ୍଴ା ହେବୁ ଯଦି ଦୁଃଖେ ହେଇ ସାଧି

ସଂସାରେ ଦେଖବୁ ପାଲା ।

ଟପା ମାରି ତତେ କହେବେରେ କେତେ

ରାଆଁଣୀ, ଘଏଁତା ଖାଇ,

କଥା ଶୁନିକରି ଆଁଖୁ ଆଁସୁ ଝରି

ଜିଁତେ ଜିଁତେ ଯିବୁ ମରି ।

ତେଭେଁ ସୋର୍ କର୍ବୁ ମୋର୍ କଥା ସବୁ

ଠିକ୍ କହେଲେ ଗୁସିଆଁ,

ତାପ୍ପି ନିନ ବୋଲି ମାରି ଟପା ଗୁଲି

ଏତେ କହେ ଇ ଦୁନିଆଁ ।

ଯଦି ତାପ୍ପେ ଥିତେ ନାଇଁ ଶୁନ୍ତି ଏତେ

ହାଡ୍ ଭଙ୍ଗା ନାମ୍ ଭାଷା,

ଲାଖ୍ ଚୁରି ମୋର୍ ଭାଙ୍ଗି ଗଲା ବୋଲି

ଆଜ୍ ଭୁଗୁଛେଁ ଇ ଦଶା ।

କାହାକେ କହେମି କିଏ ଶୁନ୍ବା ଆରୁ

ପଡିଗଲି ମୁହୁଁ ମାଡି,

ଚାର୍ହି ହାତ୍,ଗୋଡ୍ ବସିଗଲା ମୋର୍

ମନୋଜ ଗଲେଯେ ଛାଡି ।

ବାଗଯୋର, ସଇଁନ୍ତଲା, ବଲାଙ୍ଗିର

ମୋ - ୮୦୧୮୦୮୯୩୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଏନା



ବେଦବ୍ୟାସ ମାଝୀ

ନିଜେ ନିଜ୍‌କେ ମାର୍‌ବାର୍ କେ
ମୁନୁଷ୍ କରୁଛେ ଯୁଜ୍‌ନା,
ନିଜେ ମର୍‌ବେ ମାଆଁକେ ମାରି
ବୁଧି ଦେଇଛନ୍ ବଏନା ।

ବନାଲେ ଘର୍ ଗଛକେ କାଟି
ବସାଲେ କାରଖାନା
କମାଁତେ ଖାଲି ଟଙ୍କା ଗୁର୍‌ଦୁ
ଉଡ଼ାତେ ଖାଲି ବାନା ।

ନିଜେ ନିଜ୍‌କୁ ମାରି ହେଉଛୁ
କାହାକେ ନେଇ ସେ ଅଜନା
ଯାନି କରି ମୁନୁଷ୍ ତଥାପି
ବୁଧିକେ ଦେଇଛେ ବଏନା ।

ତଗ୍‌ଲି ଯିବା ସବୁ ବରଫ୍
ବୁଡ଼ି ମର୍‌ମା ପାନି
ନିଜେ ନିଜ୍‌କେ ମାରି ହେଉଛୁ
ସବୁ କଥାକେ ଜାନି ।

ମଏଲା ହେଲା ପେନ୍ ପବନ୍
ମୁନୁଷ୍ ହୁଏ ତନାବନା
ସବୁ ମୁନୁଷ୍ ଦୁଃଖକେ ଡାଖି
ବୁଧି ଦେଇଛନ୍ ବଏନା ।
ମିଳିମିଶି କରି ଆସ ସଭେ
ଜଗାମା ପରେ ଗଛ୍
ପୁର୍‌ଥିବୀ କେ ସଫାରଖି
ଦୁଃଖ୍ କରିଦେମା ପଛ୍ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମର ପହେଲ ଚିଠି



ତପନ କୁମାର ସାହୁ

ତମର ହାତ ଲେଖା ଚିଠିକେ

ହାତେ ମର ଧରଲେ

ହାଲକା କମ୍ପନଟେ

ହଲେଇ ଦେସି

ଇ ମର

ମାଏଟ ପାଏନ ର ଦେହେକେ ॥

ସବୁ ଅକ୍ଷର ମାନକୁ

ହାତଥି ମୋର

ଛୁଇଁଲେ ଥରେ

ଯେନତା ଛାତିଥି ମୋର

ମୁଇଁ ଦେଖସି

ଆଖିର ପାଏନଥି

ତମର ମୁହୁଁ

ସତେ ଯେନତା

ଗହକିଥି ଶରାବନ

ବରଷି ଯାଏସି

ମୋର ଆଖିର ନୁ ॥

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମର ହାତ ଲେଖା ଅକ୍ଷରକେ

ପଢସି  ଆକୁଳ ବ୍ୟାକୁଳ ହେଇ

ନାଇଁ ଦିଶେ ଅକ୍ଷର

ଆଖିର ଝାପସା ଝାପସା ସମୀୟା

ହଜସି ଝୁମୁରା

ଫୁଟସି ସେନେହର ଫୁଲ

ତମର ଓଠ କେ ଝୁରି ଝୁରି  ॥

ପହେଲ ଚିଠିର ଉତ୍ତରଟା ବି

ଏନ୍ତା ଘମଘମେଇ

ଝାଳ ବୁହାସି

ଲେଖି ନାହିଁ ହୁଏ ଧାଡେ

ଥର ଥରେଇ ଯାଏସି ହାତ

ଲିଭି ଯାଏସି ଡ଼ିବରି

ଝାକ ମକେଇ ଭାଙ୍ଗସି ସପନ

ମିଛ କି ସତ କି ମୁଇଁ

ଚେତି ଦେଖୁଥିସି ସପନ ॥

ଟକାରୁମାଲ, ରିଞ୍ଜା, କଳାହାଣ୍ଡି

ଭ୍ରାମ୍ୟଭାଷ : ୭୩୭୮୦୦୧୫୭୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମହତ୍ୟା



ମନୋଜ କୁମାର ପଣ୍ଡା

ସମ୍ପ୍ରତି ରାଜ୍ୟରେ ଆତ୍ମହତ୍ୟା ଶବ୍ଦକୁ ନେଇ ଖୁବ୍ ଚର୍ଚ୍ଚା ଚାଲୁଛି । ତେବେ ବିଶେଷ କରି ଚାଷୀମାନଙ୍କର ଆତ୍ମହତ୍ୟା ବିଷୟରେ ଖବର କାଗଜ ଗୁଡ଼ିକରେ ଅନେକ ଲେଖା ପ୍ରକାଶ ପାଉଛି । ଚାଷୀମାନେ ସମସ୍ୟା ଜର୍ଜରିତ ହୋଇ ଆତ୍ମହତ୍ୟାର ପନ୍ଥାକୁ ଅନୁସରଣ କରୁଛନ୍ତି କି ଚାଷର କ୍ଷୟକ୍ଷତି ନେଇ ନିଜର ଜୀବନକୁ ମରଣ ମୁହଁକୁ ଠେଲି ଦେଉଛନ୍ତି ଏହାକୁ ନେଇ ଏବେ ଖୁବ୍ ରାଜନୀତି ଚାଲିଛି । ବିଧାନସଭାରେ ବିରୋଧୀଦଳ ଓ ଶାସକ ଦଳ ମଧ୍ୟରେ ତୁମ୍ବୀ ତୋଫାନ୍ ହେଉଛି । ହେଲେ ଏକ ସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ ହୋଇପାରୁନାହିଁ ।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଓଡ଼ିଶାର ଅଧିବାସୀମାନେ ପ୍ରାୟ ଚାଷ ଉପରେ ନିର୍ଭରଶୀଳ । ଓଡ଼ିଶାର ଚାଷୀମାନେ ଉନ୍ନତ କୃଷି ଉତ୍ପାଦନ ପଦ୍ଧତି ଅବଲମ୍ବନ କଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟରେ କୃଷକର ମେରୁଦଣ୍ଡ ଭାଙ୍ଗି ଯାଉଛି । ବନ୍ୟା, ବାତ୍ୟା, ମରୁଡ଼ି ଆଦି ଓଡ଼ିଶାର କୃଷକମାନଙ୍କ ମନରେ ଭୟ ଓ ଆତଙ୍କ ଖେଳାଇ ଦେଇଛି । ହଜାର ହଜାର ଟଙ୍କା ମାଟିକୁ ଫୋପାଡ଼ି ଥିବା ଚାଷୀର ଭରସା ପାଉନାହିଁ ପାଣିପାଗ ଉପରେ । ଫଳରେ ସମସ୍ୟା ବାସ୍ତବ ରୂପ ନେଲା ବେଳେ ଚାଷୀ ଅଧୈର୍ଯ୍ୟ ହୋଇପଡୁଛି । ନେତା, ମନ୍ତ୍ରୀମାନେ ଚାଷୀମାନଙ୍କର ଆତ୍ମହତ୍ୟାକୁ ନେଇ ଯେଉଁ ମନ୍ତବ୍ୟମାନ ଦେଉଛନ୍ତି ତାହା ଚାଷୀକୂଳ ପ୍ରତି ଅତି ଲଜ୍ଜ୍ୟାଜନକ, ଅଶୋଭନୀୟ ତଥା ଅମାନବୀୟ ପରି ମନେହେଉଛି ।

ଚାଷୀମାନେ ଅମର ଲଡୁ ଖାଇଲେ ମରିବେ ନାହିଁ । ଯଦିଓ ଏ ପ୍ରକାର ବିଚାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିମର୍ଷହୀନ ମନ୍ତବ୍ୟ ମନ୍ତ୍ରୀ ଦେଇପାରୁଛନ୍ତି ତେବେ ସେ ଅମର ଲଡୁ ପ୍ରସ୍ତାବ ସରକାରଙ୍କୁ ଦେଇ ନାହାନ୍ତି କାହିଁକି ? ମାନନୀୟା ମନ୍ତ୍ରୀ ମହୋଦୟା ମଧ୍ୟ ନିଶ୍ଚୟ କୌଣସି ନା କୌଣସି ଚାଷୀର ସମ୍ପର୍କୀୟା ହୋଇଥିବେ । ତେବେ ବରିଷ୍ଠ ମନ୍ତ୍ରୀ ତଥା ଜଣେ ଉଚ୍ଚକୋଟୀର ବ୍ୟକ୍ତିତ୍ୱ କହିଛନ୍ତି ଚାଷୀମାନେ ଆତ୍ମହତ୍ୟା କରନ୍ତି ନାହିଁ । କେତେ ଦୂର ଏହି ମନ୍ତବ୍ୟ ଯଥାର୍ଥ ତାହା ଓଡ଼ିଶାବାସୀ ନିଶ୍ଚୟ ଜାଣିପାରୁଥିବେ । ତେବେ କଥାହେଲା ଆତ୍ମହତ୍ୟାରେ ଚାଷୀ ମରୁ ଅଥବା ଯେକୌଣସି ଘରୋଇ ସମସ୍ୟାକୁ ସାମନା କରି ନ ପାରି ମରଣ ପନ୍ଥାକୁ ଆପଣେଇ ନେଉ ତାହା ମୃତ୍ୟୁ ଅଟେ । ଯେଉଁ ରାଜ୍ୟରେ ସମସ୍ୟାକୁ ସମାଧାନ କରିପାରୁ ନଥିବା ମଣିଷମାନେ ଆତ୍ମହତ୍ୟା କରନ୍ତି । ସମସ୍ୟା ଜର୍ଜରିତ ମଣିଷମାନଙ୍କ ପାଇଁ ଆହା ପଦେ କହିବାକୁ କେହି ନଥାନ୍ତି । ଜୀବନକୁ ଘୃଣା କରୁଥିବା ମଣିଷମାନଙ୍କୁ ବୋଧ ଦେବାପାଇଁ କେହି ଆଗେଇ ଆସନ୍ତି ନାହିଁ ସେଠି ଗୋଟାଏ ପ୍ରଗତି ଚାଲିଛି ବୋଲି କେମିତି ଆମେ କହିପାରିବା ? ? କେମିତି ସୁଶାସନର ଡିଣ୍ଡିମ ସରକାର ପିଟନ୍ତି ତାହା କେବେ ଭାବି ହୁଏନା ।

ଚାଷକାମ, କୃଷକ ଆତ୍ମହତ୍ୟା, ନେତା ଓ ମନ୍ତ୍ରୀମାନଙ୍କର ମନ୍ତବ୍ୟ ତଥା ବିଧାନସଭାରେ ହଟ୍ଟଗୋଳ ସବୁ ଭିନ୍ନ ଭିନ୍ନ କଥା । ଚାଷୀ, ଶାଗ, ପଖାଳ ଗଣ୍ଡେ ଖାଇ ହଳ ଲଙ୍ଗଳ ଧରି ଆଗେଇ ଯାଏ କ୍ଷେତକୁ । ଖରା, ବର୍ଷା, ବାତ୍ୟା, ବିଜୁଳି, ଘଡ଼ଘଡ଼ି, ସୌରାଘାତ କିଛିକୁ ବି ତା'ର ଖାତିର ନ ଥାଏ । ରକ୍ତକୁ ପାଣି କରି ସେ ହିଡ଼ ହାଣେ । ଜମିରେ ସୁନା ଫଳାଏ । ଫସଲ ଉଜୁଡ଼ିଗଲା ତ ପ୍ରାଣଟା ତା'ର କାନ୍ଦି ଉଠେ । ହେଲେ ରାଜଧାନୀରେ ଶାସନ ଚାଲେ । ଶୀତତାପ ନିୟନ୍ତ୍ରିତ କୋଠରୀମାନଙ୍କରେ ବୈଠକ ବସେ । ଭାଷଣ ବାଜି ଚାଲେ, ତର୍କବିତର୍କ ବି ଚାଲେ । ମିଡ଼ିଆ ଖବର ଲେଖେ ଫଟୋ ଉଠାଏ । ଅଧିକାରୀମାନେ ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶନାମା ଲେଖାହୁଏ । ହେଲେ କିଏ ବା ପହଞ୍ଚେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଷୀ ପାଖରେ ? କିଏ ବା ଦେଖେ ତା ଉଜୁଡ଼ା କ୍ଷେତକୁ କିଏ ବା ବୁଝେ ତା' ଅନ୍ତରର ବ୍ୟଥାକୁ ? ? ଚାଷୀଟିଏ ତଳ ପାହାଚର ମଣିଷ ବୋଲି ତା'ର ସମସ୍ୟା ପ୍ରତି କେହି ଦୃଷ୍ଟି ପକାଏନା । ସରଳ ଚାଷୀଟିଏ ପ୍ରତିବାଦ କରିପାରେ ନାହିଁ ବୋଲି ତା'ର ସ୍ୱାର୍ଥ ବାଟ ମାରଣା ହୁଏ ।

ଆଜି ରାଜ୍ୟରେ ଚାଷୀମାନଙ୍କର ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ପ୍ରାକୃତିକ ବିପର୍ଯ୍ୟୟ ଗୋଟିଏ ପରେ ଦାଉ ସାଧିବା ବେଳେ ଅନ୍ୟପଟେ ଚାଷର ଉତ୍ପାଦିତ ଦ୍ରବ୍ୟକୁ ଉଚିତ୍ ମୂଲ୍ୟରେ ବିକ୍ରି କରିପାରୁନାହିଁ । ତେଣୁ ଓଡ଼ିଶାର ଚାଷୀ ସଦାସର୍ବଦା ଚିନ୍ତାଶୀଳ ରହୁଛି । ସରକାରୀସ୍ତରରେ ଚାଷୀ ଓ ଚାଷର ଉନ୍ନତିପାଇଁ ଅନେକ ଯୋଜନାମାନ ଗଢ଼ାଯାଉଛି ହେଲେ ଯୋଜନା ଗୁଡ଼ିକର ସଫଳ କାର୍ଯ୍ୟକାରୀ ହୋଇପାରୁନାହିଁ । ଚାଷୀମାନଙ୍କୁ ଯେ ସରକାର ଖାଲି ଋଣ ଯୋଗାଇ ଦେଲେ ଯେ ଚାଷୀର ଉନ୍ନତି ସହିତ ଚାଷର ଉନ୍ନତି ହେବ ତାହା କେବେ ଠିକ୍ ନୁହେଁ । ଋଣ ଶୁଝି ପାରୁନଥିବା ଚାଷୀପାଇଁ ସରକାର ଆଉ କି ଆଶା ଭରସା ଯୋଗାଇ ଦେଇପାରିବେ ତାହା ହୁଏ ତ ଏକ ଆଲୋଚନାର ବିଷୟ ହୋଇପାରେ ନିଶ୍ଚୟ ।

ଏବେ ଆତ୍ମହତ୍ୟା ଉପରେ ସମ୍ୟକ୍ ଆଲୋଚନା କରାଯାଇପାରେ । ଆତ୍ମହତ୍ୟା ପ୍ରବଣ ମଣିଷମାନେ କାହିଁକି ଜୀବନ ପ୍ରତି ବିମୁଖ ହୋଇଉଠୁଛନ୍ତି ତାହା ଗୋଟିଏ ସମାଜ ହିଁ କେବଳ ବୁଝିପାରିବ । ସରକାରୀ ସ୍ତରରେ ଯେତେ ଆଲୋଚନା ହେଲେ ମଧ୍ୟ ତଥା ବିରୋଧୀ ଦଳ ଯେତେ ରଡ଼ି କଲେ ମଧ୍ୟ ମଣିଷର ଆତ୍ମହତ୍ୟା ନିଷ୍ପତ୍ତିକୁ ରୋକିବାର ନିର୍ଯ୍ୟାସ କିଛି ବାହାରି ପାରିବ ନାହିଁ । ସମାଜର ମଣିଷମାନେ ଯଦି ସମସ୍ୟା ଜର୍ଜରିତ ମଣିଷମାନଙ୍କୁ ସାହାଯ୍ୟ, ସହଯୋଗ, ସାହାସ ତଥା ଧୈର୍ଯ୍ୟ ଯୋଗାଇ ଦେଇ ନ ପାରିବେ ସେଠି ଆତ୍ମହତ୍ୟା କେବେ ବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଦ ହୋଇପାରିବ ନାହିଁ । ଦିନକୁ ଦିନ ମଣିଷର ଆବଶ୍ୟକତା ବଢ଼ିବାରେ ଲାଗିଛି । ଆବଶ୍ୟକତା ପୂରଣ ହୋଇ ନ ପାରିଲେ ମଣିଷର ମନରେ ଆଜି ବ୍ୟସ୍ତତା ସୃଷ୍ଟି ହେଉଛି । ମୋହଗ୍ରସ୍ତ ମଣିଷ ପାପ କରିବାକୁ ପଛାଏ ନାହିଁ । ଆତ୍ମହତ୍ୟା ବି ଏକ ପାପ ହୋଇପାରେ । ପରିବେଶ ଉପରେ ପ୍ରଭାବ ପକାଏ । ଶେଷରେ ଏପରି ପରିସ୍ଥିତି ସୃଷ୍ଟିହୁଏ ଯାହାଦ୍ୱାରା ମଣିଷ କିଛି ନା କିଛି ଭୁଲ୍ କରିବାକୁ ପାଦ ବଢ଼ାଏ । ପରିବାରରେ ବ୍ୟସ୍ତ ବିବ୍ରତ ମଣିଷକୁ ଯଦି ପରିବାରବର୍ଗ ନ ବୁଝାଇ ନ ପାରିବେ ସମାଜ ଯଦି ସାହାରା ନ ହେବ ତେବେ ସେଠି ସରକାର ବା କ'ଣ କରିପାରିବେ ???? ତେଣୁ ଆତ୍ମହତ୍ୟା ଏକ ସାମାଜିକ ସମସ୍ୟା ହୋଇ ସମାଜର କ୍ଷତି ସାଧନ କଲା ବେଳେ ଏହା ଏକ ରାଷ୍ଟ୍ରୀୟ ସମସ୍ୟା ଭାବେ ଦେଶର ପ୍ରଗତିକୁ ବାଧା ଦେଇଥାଏ ।

ଅଡା,ବାଲେଶ୍ୱର, ଓଡ଼ିଶା

ଭ୍ରାମ୍ୟଭାଷ : ୯୩୪୦୦୪୫୩୩୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଗତହିତ ହେତୁ ଭାଗବତ



ମନୁ ଭାଇ

## ଓଡ଼ିଆ ଭାଗବତ ମହିମା

ଦିନେ ସମସ୍ତଙ୍କୁ ଗୁଆ ଘିଅ, ଭାତ, ଡାଲି, ବାଇଗଣ, ଜହ୍ନି ପୋଡା, ଶାଗ ଭଜା ଆଦି ଖାଇବାକୁ ମିଳୁଥିଲା । ସମସ୍ତେ ନିରୋଗ ରହୁଥିଲେ । ଆଜି ଘରେ ଘରେ ରୋଗୀ । ଆମ ନେତା ଓ ଆମ ବାବାଜୀ ବ୍ରାହ୍ମଣ, ଗୁରୁ ଗୁରୁଜନମାନଙ୍କୁ ଏହାର କାରଣ କଣ, ପଚାରିଲେ ସେମାନେ ଆମଙ୍କୁ ଖିଙ୍କାରି ଗୋଡ଼ାଉଛନ୍ତି । ମୁଁ ମୋ ନିଜ କଥା ଜଣାଉଛି । କୋଟି କୋଟି କଳିଙ୍ଗବାସୀ ଯଦି କାଙ୍ଗାଳ ହୁଅନ୍ତି, ନିଶାପ୍ରେମୀ ହୁଅନ୍ତି, ଆତ୍ମଘାତୀ ହୁଅନ୍ତି ମୁଁ ସେମାନଙ୍କ ସହିତ ଦୁଃଖ ଯନ୍ତ୍ରଣା ଭୋଗିବି ବୋଲି କିଛି ନିୟମ ନାହିଁ । ମୁଁ ସତ୍ୟ ଅହିଂସାକୁ ମୋର ଧର୍ମଭାବେ ମାନି ନେଇଛି । ସତ୍ୟ ଅହିଂସା ମାର୍ଗେ ଜୀବନ ଆନନ୍ଦେ କଟିଥାଏ । ପ୍ରକୃତି ପରମାତ୍ମାଙ୍କ କୃପା ମିଳିଥାଏ । ଜୀବନ ପରମଶାନ୍ତିରେ କଟିଥାଏ । ଏଣୁ ଆଜି କୋଟି କୋଟି କଳିଙ୍ଗବାସୀ କଣ ଭାବୁଛନ୍ତି, କଣ ଖାଉଛନ୍ତି, କଣ କରୁଛନ୍ତି ମୁଁ ସେ ସବୁ ଦେଖି ବିଚଳିତ ବା ପ୍ରଭାବିତ ହୁଏ ନାହିଁ । ମୋ ବିଚାରରେ କର୍ମ ଅନୁସାରେ ଫଳ ମିଳେ । ପାଠପଢିବା, ପ୍ରାର୍ଥନା କରିବା, ମନ୍ଦିର ଯିବା, ଦୀପ ଲଗାଇବା, ଘଣ୍ଟ ବାଡ଼େଇବା, ହରିବୋଲ ହୁଳହୁଳି ଦେବା, ମାଳି ଗଡ଼ାଇବା, ଚିତାକାଟି ବୁଲିବା ଆଦିକୁ ମୁଁ କାମରେ ଗଣେ ନାହିଁ । ଯେଉଁ କାମ କଲେ ଧନ ଓ ଯଶ ମିଳେ ମୁଁ ସେ ସବୁ କାମକୁ କାମ ବୋଲି କହୁଛି । ମୁଁ ଜାଣି ବା ନଜାଣି ନିଜର ଶକ୍ତି-ସମୟ-ସମ୍ବଳକୁ କାହିଁକି ନଷ୍ଟ କରିବି ? କୋଟି କୋଟି କଳିଙ୍ଗବାସୀ କପଟିଆ ରାଜନେତା, ଧର୍ମ ନେତା ଓ ଲୋଭୀ ବେପାରୀଙ୍କର

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ଭଡାଟିଆ ଗୁଣ୍ଡା ବା ଗୋଲାମ ହେବେ ବୋଲି ମୁଁ ଯେ ଜଣେ ଗୋଲାମ ବେଠିଆ ହେବି ତାହା ଅସମ୍ଭବ । ମରିବାକୁ ମୁଁ ଆସିଛି ଏଣୁ ଗୋଲାମ ବେଠିଆ ପରବୁଦ୍ଧିଆ ହୋଇ କାହିଁକି ଜୀବନ କାଟିବି ଓ ଦୁଃଖ ଯନ୍ତ୍ରଣା ଭୋଗିବି ।

ଖୋଲା କଥା: ଓଲା, ବୋକା, ବେହିସାବି, ଭୟାଳୁ, ଅଳ୍ପବୁଦ୍ଧିଆ - ଗୋଲାମ ବେଠିଆ ମାନେ ଏଠାରେ ସବୁ ପ୍ରକାର ଦୁଃଖ ଯନ୍ତ୍ରଣା ଭୋଗିଥାନ୍ତି । ଇଶ୍ୱର ବିରୋଧୀ, ଅଘରୁଆମାନେ ଏଠି ଭୋଗୀ-ରୋଗୀ-ଦାଗି ହୋଇ ନର୍କ ଦଣ୍ଡ ଭୋଗିଥାନ୍ତି । ମୁଁ କାହିଁକି ବିଚଳିତ ହେବି ? ପୁଣି ବୁଢା କାଳେ ? ଆଜିର ଯୁବ ପିଢ଼ୀ କଣ ଖାଇବେ ? କଣ ପିନ୍ଧିବେ ? କିପରି ରୋଗ-କରଜ-ଶତ୍ରୁ ଆଦି ଦୁଃଖରୁ ମୁକ୍ତ ରହିବେ ସେମାନଙ୍କୁ କିଏ ଜଣାଇବ ?

ଓଡିଶାବାସୀଙ୍କର ହିତ ପାଇଁ କିଏ ସେ ଠିକା ନେଇଛନ୍ତି ? ହଁ ମୁଁ ଆସିଥିଲି । ଓଡ଼ିଶାରେ ଜନ୍ମ ହୋଇଥିଲି । ଓଡିଶାବାସୀଙ୍କ ପାଇଁ କଣ କଲି କଣ ପାଇଲି ତାହା ମୁଁ ବୁଝିଲି । ଏବେ ବିଦାୟ ସମୟ । ଏଣୁ ସମସ୍ତଙ୍କୁ କରୁଛି ନମସ୍କାର । ନିଜ ସୁରକ୍ଷା ନିଜେ କର ବୋଲି ନିବେଦନ କରୁଛି । ଓଡ଼ିଆ ଭାଗବତ ବୁଝି ଜୀବନ କାଟିଲେ ଜୀବନ ଶାନ୍ତିରେ କଟେ । ସତ ମିଛ ଜାଣିହୁଏ । ମୁଁ ଯେଉଁଦିନ ଓଡ଼ିଆ ଭାଗବତ ବୁଝିଗଲି ସେଇଦିନ ଗୋଲାମରୁ, ଦୁଃଖରୁ ମୁକ୍ତ ହୋଇଗଲି । ସତ୍ୟ ନିଜେ ପରୀକ୍ଷା କରନ୍ତୁ ।

ମନୁଭାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନର ମୌଳିକ ଆବଶ୍ୟକତା



ନୂତନ କୁମାର ବେହେରା

ଜୀବନର ମୌଳିକ ଆବଶ୍ୟକତା ଓ ତାର ସୁବିନିଯୋଗ

ଜୀବନ ବହୁମୁଖୀ ପ୍ରତିଭାର ଏକ ଉତ୍ସ । ପ୍ରକୃତିର ଅନୁକୂଳ ବାତାବରଣରେ ତାହା ତ୍ୱରାନ୍ୱିତ ହୁଏ, ପ୍ରତିକୂଳ ପରିବେଶ ପରିସ୍ଥିତିରେ ବାଧାପ୍ରାପ୍ତ ହୋଇଥାଏ । ସୃଷ୍ଟିର ଅୟଂ ଆରମ୍ଭରୁ ଏ ପ୍ରକିୟାର କ୍ରମ ବାରମ୍ବାର ହୁଏ ପୁନରାବୃତ୍ତି । ଜୀବନୀଶକ୍ତିର ନିର୍ଦ୍ଧାରିତ ସୀମାରେଖା ମଧ୍ୟରେ ଏହାର ଗତି ପ୍ରଗତି । ମାତୃଗର୍ଭରୁ ସଞ୍ଚାରିତ ହୋଇ ଜଗତର ଆଲୋକକୁ ଆସି କରେ ତାର ଆତ୍ମବିକାଶ । ମାନବ ସଭ୍ୟତାର କ୍ରମବର୍ଦ୍ଧମାନ ରୁଚି ନୀତି ଆଦର୍ଶ ପରମ୍ପରା ସଂସ୍କୃତିରେ ପ୍ରଭାବିତ ହୋଇ ସେ ଅନୁସରଣ କରେ, ଅନୁକରଣ କରେ । ଖୋଜେ ନିଜ ଜୀବନର ଅବଲମ୍ବନ । ଶ୍ରମ ସାଧନାକୁ ନିଜର ବ୍ରତ ଭାବି କରେ ତାର ଆତ୍ମ ସଂସ୍କାର । ଅନ୍ତର୍ନିହିତ ପ୍ରତିଭାର ବିକାଶ ସଙ୍ଗେ ସଙ୍ଗେ ନିଜର ବ୍ୟକ୍ତିତ୍ୱକୁ କରେ ପରିପୁଷ୍ଟ ।

ସମୟ ସ୍ରୋତରେ ଧାବମାନ ଜୀବନତରୀ ସମସ୍ୟାର ଢେଉ ଅତିକ୍ରମ କରି ଚାଲିଥାଏ ଆଗକୁ ଆଗେଇ ଆଗେଇ । ଗତିଶୀଳ ଜୀବନ ଯାତ୍ରାର ପ୍ରତି ମୁହୂର୍ତ୍ତରେ ଲୋଡା ହୁଏ କିଛି ନା କିଛି ପାର୍ଥିବ ବିଭବ । ଯାହା ତାର ଆବଶ୍ୟକତା । ବାଲ୍ୟ, କୈଶୋର, ଯୁବ, ପ୍ରୌଢ଼ ଓ ବୃଦ୍ଧ ଅବସ୍ଥା ପର୍ଯ୍ୟନ୍ତ ମନ ଗହନରେ ଉଙ୍କି ମାରୁଥାଏ ଅସରନ୍ତି ଇଚ୍ଛା, ଆକାଂକ୍ଷା । ଆଶାର ପରିପକ୍ୱ ଫଳକୁ ସଫଳତା ଭାବରେ ପାଇ ସନ୍ତୁଷ୍ଟ ହୁଏ ।

ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଆବଶ୍ୟକତା ମଧ୍ୟରେ ସମାନତା ଯେତିକି ବୈଷମ୍ୟତା

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ସେତିକି । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ସାମାଜିକ ସ୍ତର, ଆର୍ଥିକ ଅବସ୍ଥାକୁ ନେଇ ତାର ଆବଶ୍ୟକତା ପୂରଣ କରି ଚାଲେ । ବ୍ୟକ୍ତି ଯେଉଁ ବର୍ଗ ବା ସ୍ତର ହୋଇଥାଉ ନା କାହିଁକି, ଜୀବନ ଧାରଣ କରିବା ପାଇଁ ମୌଳିକ ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ । ଯାହା ଖାଦ୍ୟ, ବସ୍ତ୍ର, ପାନୀୟ ଓ ବାସଗୃହ ଅଟେ । ଏ ସବୁ ତାର ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ । ପ୍ରକୃତି କୋଳରୁ ବିଶୁଦ୍ଧ ବାୟୁ, ଆଲୋକ, ଉତ୍ତାପ ଓ ଖାଦ୍ୟ ପାନୀୟ ସବୁକିଛି ସେ ପାଇଥାଏ । ସୁସ୍ଥ ସୁନ୍ଦର ଜୀବନ ଯାପନ ପାଇଁ ପ୍ରକୃତି ଉପରେ ହିଁ ଜୀବଜଗତ ନିର୍ଭରଶୀଳ ହୋଇଥାଏ ।

ଆଜିର ସଭ୍ୟ ଶିକ୍ଷିତ ସମାଜରେ ମଣିଷ ନିଜ ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯାହା ଯାହା ଉପାୟ ଅବଲମ୍ବନ କରୁଛି ସେଥିରେ ପ୍ରକୃତି ନାନା ଭାବରେ କ୍ଷତବିକ୍ଷତ ହୋଇ ପ୍ରଦୂଷିତ ହେଉଛି । ବିଜ୍ଞାନ, କାରିଗରୀ ପ୍ରଯୁକ୍ତି, ଶିଳ୍ପାୟନ ଆଦି ବହୁ କ୍ଷେତ୍ରରେ ତାର ଆବଶ୍ୟକତାକୁ ନେଇ ଯାହା କରୁଛି, ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ତାର କୁପ୍ରଭାବ ଭୋଗିବାକୁ ପଡୁଛି । ପ୍ରକୃତି ତାର ଭାରସାମ୍ୟ ରକ୍ଷା କରି ପାରୁନାହିଁ । ପ୍ରତିକାର ପ୍ରତିରୋଧର ଯେଉଁ ବ୍ୟବସ୍ଥା ହୁଏ ସେଥିରେ ତାର ସଂପୂର୍ଣ୍ଣ ସମାଧାନ ହୋଇପାରୁ ନାହିଁ ।

ଆଜିର ଯୁଗରେ ପ୍ରତ୍ୟେକ ମଣିଷ ଚାହାଁନ୍ତି ବିଳାସପୂର୍ଣ୍ଣ ଜୀବନ । ପ୍ରତ୍ୟେକେ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟତାରେ ବଞ୍ଚିବାକୁ ଚାହାଁନ୍ତି । ମନୁଷ୍ୟ ଜୀବନରେ ସବୁକିଛିର ଆବଶ୍ୟକତା ଥାଇ ପାରେ, ମାତ୍ର ନିଜ ପରିବେଶ ପରିସ୍ଥିତିକୁ ବିଚାର ନ କରି ତା ପଛରେ ଅଣନିଶ୍ୱାସୀ ହୋଇ ଧାଇଁବା କଣ ଯଥାର୍ଥତା ? ସାମନ୍ୟ ଛୁଞ୍ଚିଟିଏ ଠାରୁ ବ୍ୟୋମଯାନ ପର୍ଯ୍ୟନ୍ତ ସବୁର ଆବଶ୍ୟତା ଅଛି । ସେସବୁ ଆବଶ୍ୟକତା ମଧ୍ୟରେ କେଉଁଠି ତାର ସର୍ବାଗ୍ରେ ଆବଶ୍ୟକ ଏ କଥା ଅନେକ ସମୟରେ ସ୍ଥଳ ବିଶେଷରେ ବହୁ ବ୍ୟତିକ୍ରମ ହେଉଛି । ଉଦାହରଣ ସ୍ୱରୂପ ମରୁଭୂମିରେ ସୁନା ମୂଲ୍ୟ ଠାରୁ ପାନୀୟ ଜଳ ଯେପରି ଅଧିକ ଗୁରୁତ୍ୱ ପୂର୍ଣ୍ଣ ମୂଲ୍ୟବାନ । ସେମିତି ସ୍ଥାନ କାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାତ୍ର ବିଶେଷରେ ଆବଶ୍ୟକତା ଭିନ୍ନ ଭିନ୍ନ ଥିଲେ ସୁଦ୍ଧା ସେଦିଗରେ ଅନେକେ ଆଦୌ ବିଚାର କରନ୍ତି ନାହିଁ । ଯେଉଁଠିକୁ ଆମେ ସାଇକେଲରେ ଯାଇ ପାରିବା ସେଠି ଲୋଡ଼ୁ ମଟର ବାଇକ୍, କାର୍ ଆଦି । ଦୁଇ ତିନି ହଳ ପୋଷାକ ଆମର ଆବଶ୍ୟକତା ପୂରଣ କରିପାରେ ମାତ୍ର ଆମେ ଚାହୁଁ ତିରିଶ ହଳ ପୋଷାକ ନୂଆ ନୂଆ ଡିଜାଇନ୍ ର । ଗୋଟାଏ ମହଲା ଆମ ପରିବାର ପାଇଁ ଯଥେଷ୍ଟ ହେଲେ ମଧ୍ୟ ଭିନ୍ନ ଭିନ୍ନ ସ୍ଥାନରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ଆମେ ନିର୍ମାଣ କରିଚାଲିଛୁ । ଏଥି ପାଇଁ ଯେଉଁ ଅର୍ଥର ଆବଶ୍ୟକତା ଅଛି ତାହା କଣ ପ୍ରତ୍ୟେକେ ନିଜ ଶ୍ରମ ଓ ସତ୍ ଉପାୟରେ
ରୋଜଗାର କରୁଛନ୍ତି କି ? ଏହାଦ୍ୱାରା ସମାଜରେ ଅନ୍ୟାୟ ଅନୀତି ଦୁର୍ନୀତି ଭ୍ରଷ୍ଟାଚାର ବ୍ୟାପୁ ନାହିଁ କି ? ଅଧିକ ସ୍ଥାନ ଅଧିକାର କରି କଳ କାରଖାନା, ବାସଗୃହ ନିର୍ମାଣ ଦ୍ୱାରା ପ୍ରକୃତି ଅବକ୍ଷୟ ହେଉ ନାହିଁ କି ?

ଏ ସବୁ ସମୀକ୍ଷା କରେ ଆମେ ନିଶ୍ଚିତ ଭାବେ ହୃଦୟଙ୍ଗମ କରିପାରିବା ଯେ ନିଜ ନିଜ ପ୍ରଗତି ବା ବିକାଶ ପାଇଁ ଆମେ କେତେ ମାତ୍ରାରେ ପ୍ରକୃତିର ଧ୍ୱଂସ କରୁଛୁ । ଆଜିର ପୂଜା ପାର୍ବଣ, ବିବାହ ଉତ୍ସବ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଯେଉଁ ଶବ୍ଦ ପ୍ରଦୂଷଣ, ଆଲୋକ ପ୍ରଦୂଷଣ କରୁଛୁ ତାହା କେତେ ଭୟାଭୟ ? ଏ ସବୁ କଣ ଆମର ଅନିବାର୍ଯ୍ୟ ଆବଶ୍ୟକତା ?

ଏ ଯୁଗ ହୋଇପାରେ ପ୍ରତିଦ୍ୱନ୍ଦିତାର, ମାତ୍ର ତାହା ଆଦର୍ଶ କ୍ଷେତ୍ରରେ ହେବା ବିଧେୟ । ନିଜ ନିଜ ଆତ୍ମ ଅହଂକାର, ପଦ ମର୍ଯ୍ୟାଦା ଓ କ୍ଷମତାର ଅପବ୍ୟବହାର କରି ନୁହେଁ ।

ଆବଶ୍ୟକତା ସମ୍ପର୍କରେ ଯିଏ ଯେତେ ସଚେତନତା ହେଉନା କାହିଁକି କଥାରେ ଯେତିକି କାର୍ଯ୍ୟରେ ସେତିକି ହୋଇପାରୁ ନାହିଁ । ଯେ ପର୍ଯ୍ୟନ୍ତ ବାସ୍ତବ କାର୍ଯ୍ୟରେ ଶତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଶତ ପ୍ରତିଫଳନ ନ ହୋଇଛି ସେ ପର୍ଯ୍ୟନ୍ତ ଏ ସଚେତନତା, ସଚେତନତା ନୁହେଁ । ଏହା କେବଳ ମାତ୍ର ଏକ ପ୍ରବଞ୍ଚନା । ନିଜ ସାଥେ ସମୂହ ଜୀବନର ବିପଦକୁ ହିଁ ଆମନ୍ତ୍ରଣ କରି କରି ଚାଲିଥିବୁ । ପ୍ରକୃତି ତାର ଭାରସାମ୍ୟ ରକ୍ଷା କରିବାକୁ ନା ନା ବିପର୍ଯ୍ୟୟ ଘଟାଇ ଚାଲିଥିବ । ନୀରବରେ କିଂକର୍ତ୍ତବ୍ୟବିମୁଢ ହୋଇ ଆମେ କେବଳ ଆଖିରୁ ଝରାଇ ଚାଲିଥିବୁଁ । ତାର ଆଉ କିଛି ସମାଧାନ ପନ୍ଥା ନାହିଁ ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାମ୍ପ୍ରତିକ ସମାଜରେ ସାହିତ୍ୟ



ସିଦ୍ଧେଶ୍ୱର ତ୍ରିପାଠୀ

ସାମ୍ପ୍ରତିକ ସମାଜରେ ସାହିତ୍ୟର ସ୍ଥିତି

ସାହିତ୍ୟ ହେଉଛି ସମାଜର ଦର୍ପଣ । ସାହିତ୍ୟ ସମାଜକୁ ପ୍ରଭାବିତ କରେ । ସମାଜର ପ୍ରତିଛବିକୁ ସାହିତ୍ୟରେ ଉପଲବ୍ଧି କରିହୁଏ । ଯୁଗ ସହିତ ତାଳ ଦେଇ ସାହିତ୍ୟରେ ମଧ୍ୟ ଅନେକ ପରିବର୍ତ୍ତନ ଆସେ । ଅନେକ ଲୋକ କଳା, ପୁସ୍ତକ ଏବଂ ଗଣମାଧ୍ୟମଦ୍ୱାରା ସାହିତ୍ୟର ପ୍ରଚାର ପ୍ରସାର ହୁଏ । ଆମ ଓଡ଼ିଆ ସାହିତ୍ୟକୁ ଦେଖିଲେ ଶାରଳା ଯୁଗଠୁ ଆରମ୍ଭ କରି ଅତ୍ୟାଧୁନିକ ଯୁଗରେ ଆମେ ପହଞ୍ଚି ସାରିଛେ ।

ଏବେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଅନେକ ପତ୍ରପତ୍ରିକା ପ୍ରକାଶ ପାଉଛି । ଦୈନିକ ସାପ୍ତାହିକ ମାସିକ ସମ୍ବାଦପତ୍ରରେ ସାହିତ୍ୟଚର୍ଚ୍ଚା ପାଇଁ କେତୋଟି ପୃଷ୍ଠା ମଧ୍ୟ ରହୁଛି । ତା ସହିତ ଇମେଲ ଟୁଇଟର ଫେସବୁକ ହ୍ୱାଟ୍‌ସଆପ ଏମିତି ଅନେକ ସାମାଜିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ସାହିତ୍ୟର ପ୍ରଚାର ପ୍ରସାର ହେଉଛି ବହୁ ସଭାସମିତିର ଭୂମିକାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ ।

କିନ୍ତୁ ପାଠକ ଲେଖକ ପ୍ରକାଶକ ଲୋକକଳାର ପ୍ରଚାର ପ୍ରସାର କରୁଥିବା ବ୍ୟକ୍ତିମାନଙ୍କ ମନରେ ଉଠୁଥିବା ଅନେକ ପ୍ରଶ୍ନର ଉତ୍ତର ଦେବାକୁ କେହି ରାଜି ନୁହଁ ।

ପାଠକର ମତ ଯେ ଆଗ ଭଳି ଆଉ ସାହିତ୍ୟ ସୃଷ୍ଟି ସହଜ ଆଉ ବୋଧଗମ୍ୟ ହୋଇ ପାରୁନାହିଁ । ସାହିତ୍ୟରେ ଅଶ୍ଳୀଳତାର ପ୍ରୟୋଗ ବି ଅରୁଚିକର ମନେହେଉଛି । ତା'ଛଡା ଯେଉଁ କେତୋଟି ପତ୍ରପତ୍ରିକା ଓଡିଶା ବଜାରରେ ଉପଲବ୍ଧ ହେଉଛି ଗୁଡାଏ ପତ୍ରିକାର ମୂଲ୍ୟ ମାତ୍ରାଧିକ ରହୁଛି । ଇଣ୍ଟରନେଟ ଯୁଗର ପ୍ରାଦୁର୍ଭାବ ଯୋଗୁଁ ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ ଟିଭି ଆଉ ମୋବାଇଲରେ ବହୁତ ସମୟ ବ୍ୟସ୍ତ ରହୁଛନ୍ତି ଏହି କଟୁ ସତ୍ୟକୁ ଏଡାଇ ଦିଆଯାଇ ନପାରେ ।

ଯଦି ଆମେ ଲେଖକମାନଙ୍କୁ ଦେଖିବା ଏଠି ଲେଖକମାନେ ବହୁ ଗୋଷ୍ଠୀରେ ବିଭକ୍ତ । ଏଠି କବିଟିଏ ଗାଳ୍ପିକକୁ ଚିହ୍ନିନି ପ୍ରାବନ୍ଧିକ ନାଟ୍ୟକାର ଔପନ୍ୟାସିକ ମାନଙ୍କ ଭିତରେ ପରସ୍ପର ଭଲପାଇବା ସାହିତ୍ୟ ଚର୍ଚ୍ଚା କରିବାର ଦୃଶ୍ୟ ଦେଖିବା କ୍ରମେ କ୍ରମେ ବିରଳ ହୋଇ ଯାଉଛି । ଏଠି ଅନେକ ବ୍ୟଙ୍ଗ ଲେଖୁଥିବା କବି ଅନ୍ୟମାନଙ୍କୁ ଗୋଟେ ଅଲଗା ଦୃଷ୍ଟିରେ ଦେଖନ୍ତି । ଆଉ ଏଠି କିଏ ମେଞ୍ଚାଏ ଅମିତ୍ରାକ୍ଷର କବିତା ଲେଖେତ ଆଉ କିଏ ଗୀତିକାର ଗୀତିକବିର ପରିଚୟ ନେଇ ନିଜକୁ ବହୁତ ବଡ଼ ମନେକରେ । ଏଠି କବିମାନଙ୍କ ଭିତରେ ପ୍ରକାର ଭେଦ ସୃଷ୍ଟିହୁଏ । ପ୍ରତ୍ୟହ ଫେସବୁକ ହ୍ୱାଟ୍ସଆପରେ ମେସେଜ ଯୁଦ୍ଧଠୁ କମେଣ୍ଟ ଯୁଦ୍ଧ ଚାଲିଥାଏ । ଆଉ ପଇସାଦେଇ ମାନପତ୍ର ହାତେଇବା ଖୁସାମତରେ ରାତାରାତି ବଡକବି ହେଇଯିବାର ସ୍ୱପ୍ନ ଉଣା ଅଧିକେ ଅନେକଙ୍କ ପାଖରେ ଯେ ଦେଖାଯାଏ ଏହି ସତ୍ୟକୁ ଏଡାଇ ଦିଆଯାଇ ନପାରେ ।

ପ୍ରକାଶକର ଅନେକ ଗୁରୁ ଦାୟିତ୍ୱ ରହିଥାଏ ଯାହାକି ସାହିତ୍ୟର ପ୍ରଚାର ପ୍ରସାର କରିବାରେ ସହାୟକ ହୁଏ । କିନ୍ତୁ ଅର୍ଥ ସର୍ବସ୍ୱ ପ୍ରକାଶକ ପାଖରେ ସାହିତ୍ୟ ଯେ ମୂଲ୍ୟହୀନ ଏଥିରେ ସନ୍ଦେହ ନାହିଁ । ପ୍ରକାଶକ ବି ଜଣେ ସାହିତ୍ୟପ୍ରେମୀ ସାହିତ୍ୟାନୁରାଗୀ ହେବା ଉଚିତ ନୁହେଁକି । ପ୍ରକାଶକର ଅନେକ ଅଭିଯୋଗ ଏତେ ବହି ଛାପିଲେ କିଣିବ କିଏ ଓଡ଼ିଶାରେ ଓଡ଼ିଆ ବହି ବି ବିକ୍ରି ହେବା ନିର୍ଦ୍ଦିଷ୍ଟ ସଂଖ୍ୟାରେ ସୀମିତ । କବିଟିଏ କି ଲେଖକଟିଏ ଯଦି ନିଜ ହାତରୁ ପଇସା ଖର୍ଚ୍ଚକରି ବହି ଛାପିପାରିବ ଆମେ କିଛି ପାରିଶ୍ରମିକ ନେଇ ତାର ପ୍ରଚାର ପ୍ରସାର କରିଦେବୁ ।

ଲୋକକଳା ମାଧ୍ୟମରେ ସାହିତ୍ୟର ପ୍ରଚାର ପ୍ରସାରକୁ ଏଡାଇ ଦିଆଯାଇ ନପାରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଏବେ ତା'ର ସ୍ଥିତି କିଭଳି ଅଛି ସମସ୍ତଙ୍କୁ ଊଣା ଅଧିକେ ଜଣା ।

ବାକି ରହିଲା ସାମାଜିକ ଗଣମାଧ୍ୟମ ଇମେଲ, ୟୁଟ୍ୟୁବ୍, ଟୁଇଟର, ଫେସବୁକ ହ୍ୱାଟ୍ସଆପ ଲାଇକ ଟିକଟକ ସବୁଥିରେ ଊଣା ଅଧିକେ ସାହିତ୍ୟର ପ୍ରଚାର ପ୍ରସାର ହେଉଛି ଏଥିରେ ସନ୍ଦେହ ନାହିଁ କିନ୍ତୁ ଗୁଡାଏ ଅରୁଚିକର ଅଶ୍ଳୀଳ ଦ୍ୱିଅର୍ଥବୋଧକ ସାହିତ୍ୟ ସୃଷ୍ଟି ସମସ୍ତଙ୍କୁ ପଥ ଭ୍ରଷ୍ଟ କରୁଛି ଏଥିପ୍ରତି ସମସ୍ତେ ସଚେତନ ହେବା ଉଚିତ । ଅନେକ ଲେଖା ଚୋରି ହେଉଛି । ବଜାରରେ ପ୍ରତିଯୋଗୀତା ମନୋବୃତିରେ ଆଗେଇ ଚାଲିଥିବା ମୋବାଇଲ ସେବା ବିନା ମୂଲ୍ୟ କିମ୍ବା ଅତିକମ ମୂଲ୍ୟରେ ଇଣ୍ଟର୍ନେଟ ସେବା ଉପଲବ୍ଧ ହେବାପରେ ଏଠି ଅନେକ କବି ବାହାରି ପଡିଛନ୍ତି ଯାହାକୁ ଧାଡି ସଳଖି କବିତା ଲେଖି ଆସେନି । ଗୁଡାଏ ସାହିତ୍ୟଭିତ୍ତିକ ସଙ୍ଘ ଗଠନକରି ମୁଖ୍ୟ ପରିଚାଳକ ସାଜିଛନ୍ତି ଯେଉଁମାନଙ୍କୁ ସାହିତ୍ୟର ସ ଅକ୍ଷର ଜଣାନାହିଁ । ନାଁ, ପୂର୍ବରୁ ଡକ୍ଟର ପ୍ରଫେସର ଲାଗିଥିଲେ ଅବା ଗୁଡାଏ ଟଙ୍କା ପଇସାର ମାଲିକ ହୋଇଥିଲେ ଏଠି ବଡ କବି ବଡ ଗୀତିକାର ହେବାରେ କିଛି ଅସୁବିଧା ନାହିଁ । ଏଠି ବଡ଼କବିଙ୍କ ଆନୁଗତ୍ୟ ହୋଇଗଲେ କିମ୍ବା ସୁନ୍ଦର ରୂପ ଯୌବନର ଅଧିକାରୀ କବୟିତ୍ରୀଟିଏ ହୋଇ ଅନେକ ବଡ଼ବଡ଼ିଆଙ୍କ କଥାରେ ଉଠବସ ହୋଇପାରିଲେ ରାତାରାତି କିଛି ଲୋକ ପ୍ରିୟତା ସାଉଁଟି ହେବ ଏହା ନିଃସନ୍ଦେହ ।

ଶେଷରେ ଏତିକି କୁହାଯାଇ ପାରେ ସମସ୍ତ ଲେଖକ ପ୍ରକାଶକ ପାଠକ ମାନଙ୍କ ମନରେ ସେଇ ଅମୃତମୟ ସାହିତ୍ୟପ୍ରୀତି ଜାଗ୍ରତ ହୋଇପାରିଲେ ଆମ ସାହିତ୍ୟାକାଶରୁ ଅନେକ କଳା ବାଦଲ ଆପେ ଆପେ ହଟିଯିବା ସହିତ ଇନ୍ଦ୍ରଧନୁର ସାତ ରଙ୍ଗ ଯେ ବିଛୁରିତ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

କବିର ଘର, କୁଣ୍ଡିଲୋ କେରଙ୍ଗ ଖୋରଧା, ୭୫୨୦୫୭, ୭୦୦୮୯୧୫୦୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଗଜ



ଅଙ୍କିତା ପାଢ଼ୀ

ଲେଖକ ଓ ଲେଖିକାଙ୍କର କଲମର ମୁନ ଖୋଜିଥାଏ କାଗଜ ଖଣ୍ଡିଏ । ଖବର ଛାପିବା ପାଇଁ ଦରକାର ପଡ଼ିଥାଏ ଗଦା ଗଦା କାଗଜ ! ଛାତ୍ର ହୁଅନ୍ତୁ କି ଛାତ୍ରୀ ସମସ୍ତଙ୍କର କାଗଜର ଆବଶ୍ୟକତା ରହିଛି । କହିବାକୁ ଗଲେ ଖଣ୍ଡିଏ କାଗଜ ହିଁ ମଣିଷର ଭାଗ୍ୟ ଓ ଭୋଗ ପାଇଁ ଆବଶ୍ୟକତା ପରିଲକ୍ଷିତ ହୋଇଥାଏ । କାଗଜଟିଏ ଛପା କାରଖାନାରୁ ଅର୍ଥ, ପୁସ୍ତକ, ଖବର କାଗଜ, ପ୍ରମାଣ ପତ୍ର ଭଳି ନିତ୍ୟ ଆବଶ୍ୟକୀୟ ବସ୍ତୁରେ ପରିଗଣିତ ହୋଇଥାଏ । ଲେଖିବା ପାଇଁ କଲମର ପ୍ରୟୋଜନ ଯେତିକି ହୋଇଥାଏ, ତା ପାଇଁ କାଗଜ ମଧ୍ୟ ସେତିକି ଆବଶ୍ୟକ ହୋଇଥାଏ । ମୋଟରେ କହିବାକୁ ଗଲେ କାଗଜ ହେଉଛି ଜୀବ ଓ ଜୀବନର ମୂଳ ଅଙ୍ଗ ।

ପୁରାତନ କାଳର ଲୋକେ କାଗଜର ଅର୍ଥକୁ ମନର ଭାଷା ଭାବେ ବୁଝିଥିଲେ । ସେମାନେ କାଗଜ ବଦଳରେ ଗଛର ପତ୍ରକୁ ବ୍ୟବହାର କରୁଥିଲେ । ସେ ତାଳପତ୍ର ହେଉ କି ଭୋଜପତ୍ର, ଆଗକାଳର ମଣିଷ ନିଜର ମନର ଓ ହୃଦୟର ଭାଷାକୁ ଚିତ୍ର ଓ ଛବି ମାଧ୍ୟମରେ ଲେଖି ରଖୁଥିଲେ ଏହି ପତ୍ର ଗୁଡିକରେ । ଯାହାକି ଆମେ ପୋଥି କହି ପୂଜ୍ୟ ବିବେଚିତ କରିଥାନ୍ତି ।

ବିଦ୍ୟାଳୟରେ ପିଲାମାନେ କାଗଜକୁ ନିଜର ଗଣିତ, ସାହିତ୍ୟ, ଇଂରାଜୀ ଆଦି ପାଠ୍ୟ ପୁସ୍ତକର ପ୍ରଶ୍ନୋତ୍ତର କାର୍ଯ୍ୟରେ ବ୍ୟବହାର କରୁଛନ୍ତି । କିଛି ପିଲା ନିଜର ଲେଖାକୁ କାଗଜର ସୀମିତାଙ୍ଗରେ ପରିସ୍ଫୁଟିତ କରି ଅନ୍ୟ ଅଂଶ ଗୁଡିକୁ ବର୍ଜ୍ୟବସ୍ତୁ ସଦୃଶ ନଷ୍ଟ କରିଥାନ୍ତି । କହିବାକୁ ଗଲେ କାଗଜର ମୂଲ୍ୟ ଛାତ୍ର, ଶିକ୍ଷକ ଓ ଅଭିଭାବକ ବୁଝିବା ସହ ଉପଲବ୍ଧି କରିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବଶ୍ୟକ । ହଁ ସତରେ କାଗଜ ଖଣ୍ଡିକର ମୂଲ୍ୟ ଧନୀ ଶ୍ରେଣୀର ଲୋକଙ୍କ ପାଇଁ ନିମ୍ନ ତୁଚ୍ଛ ଓ ସାମାନ୍ୟ ହୋଇପାରେ ! ଧନୀଶ୍ରେଣୀର ଲୋକମାନେ ନିଜ ଘରେ ପଢୁଥିବା ପିଲାଙ୍କ ପାଇଁ ଗଦା ଗଦା କାଗଜର ହୁଙ୍କା ବସାଇ ପାରନ୍ତି ହେଲେ ତାର ମୂଲ୍ୟ ଓ ତାର ମାନ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ମୋ କହିବାର ଅର୍ଥ ହେଲା, "କାଗଜ କୁଆଡେ ଗଛରୁ ତିଆରି ହେଇଥାଏ" ମୁଁ ବହିରୁ ପଢ଼ିଛି ଓ ଶିକ୍ଷକମାନଙ୍କ ଠାରୁ ଶୁଣିଛି ହେଲେ ଗଛରୁ କେମିତି ତିଆରି ହୁଏ ଓ କାଗଜ କାରଖାନାରେ କାଗଜ କେମିତି ଏତେ ଧଳା ରଙ୍ଗର ହୋଇ ବାହାରି ଥାଏ ମୋର ଆଦୌ ଜ୍ଞାନ ନାହିଁ କି ଏଥିରେ ମୁଁ ଆଦୌ ଅଜ୍ଞ ନୁହେଁ । କିନ୍ତୁ ମୁଁ ଶୁଣିଥିବା ଓ ପଢିଥିବା କଥା ଆଦୌ ମିଥ୍ୟା ହୋଇ ନ ପାରେ । କାରଣ ମିଥ୍ୟା କହିବା ଅଭ୍ୟାସ ମୋର ନାହିଁ । ଜଣେ ଲେଖିକା ହିସାବରେ ମୁଁ ସମାଜରେ ପଢୁଥିବା ମୋର ଛୋଟବଡ଼ ଭାଇଭଉଣୀ ମାନଙ୍କୁ ସଚେତନ କରିବାକୁ ଚାହେଁ କି କାଗଜର ମୂଲ୍ୟ ନିମ୍ନ ହୋଇପାରେ କିନ୍ତୁ ଆମେ ତାର ସଦ୍‌ବିନିଯୋଗ କରିବା ଆବଶ୍ୟ । କୌଣସି କାଗଜ ଖଣ୍ଡର ଆଗ ଓ ପଛ ଲେଖିବା ଆବଶ୍ୟକ ।

ମୁଁ ଏତିକି କହିବାକୁ ଚାହେଁ କି ଯଦି କାଗଜ ତିଆରିରେ ଗଛର ଆବଶ୍ୟକତା ରହିଛି ଓ ବହୁଳ ବ୍ୟବହାର ଯୋଗୁଁ ଉଦ୍ଭିଦ ଜଗତ ହ୍ରାସ ପାଇବାରେ ଲାଗିଛି, ତେବେ ଆମକୁ କାଗଜର ସଦବିନିଯୋଗ କରିବା ଆବଶ୍ୟକ ।

ସମସ୍ତ ମନୁଷ୍ୟ ସମାଜକୁ ମୋର ନିବେଦନ ଦୟାକରି କାଗଜ ନଷ୍ଟ କରନ୍ତୁ ନାହିଁ । କୌଣସି କାଗଜ ଖଣ୍ଡର ସମ୍ପୂର୍ଣ୍ଣ ପାର୍ଶ୍ୱକୁ ଲିଖନରେ ବ୍ୟବହାର କରନ୍ତୁ । ମୁଁ ବି ଆଗରୁ ନିଜ ଖାତାର କାଗଜ ଚିରି ଡ଼ଙ୍ଗା ଫୁଲ ଆଦି ତିଆରି କରୁଥିଲି । ଯେତେବେଳେ ଜାଣିଲି ଖଣ୍ଡେ କାଗଜ ପାଇଁ ଗୋଟିଏ ଗଛର କିଛି ଅଂଶ ବ୍ୟବହାର ହେଉଛି, ସେଇଠାରୁ ମୋର ମନରେ ଚେତନା ଶକ୍ତି ଜାଗ୍ରତ ହୋଇଥିଲା । ଚେଷ୍ଟା କରିଥିଲି ଅକ୍ଷର ଛୋଟ ଓ ସୁନ୍ଦର କରିବା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସହିତ ପ୍ରଶ୍ନୋତ୍ତର ପାଇଁ ସର୍ବନିମ୍ନ ଆବଶ୍ୟକ କାଗଜ ବ୍ୟବହାର କରିବି । ତା ସହିତ କୌଣସି ଅବୁଝା ପାଠକୁ ଶିକ୍ଷକଙ୍କୁ ପଚାରି କରିବି ହେଲେ ଅଯଥା ଭିନ୍ନଉତ୍ତର ଲେଖି କଟା କଟି କରି କାଗଜ ନଷ୍ଟ କରିବି ନାହିଁ ।

ହେଲେ ଥରେ ଥରେ ମୋ ମନରେ ପ୍ରଶ୍ନ ଆସେ କଣ ଏହି କାଗଜ ମାଟି, ପବନ, ସୂର୍ଯ୍ୟାଲୋକ ଆଦି ଅନ୍ୟ ପ୍ରାକୃତିକ ବସ୍ତୁରୁ ତିଆରି ହୋଇ ପାରନ୍ତା ନାହିଁ କି ? ହେଲେ ମୋ ପ୍ରଶ୍ନର ଉତ୍ତର ମୋ ମନ ମଧ୍ୟରେ ରହିଯାଏ । ମୁଁ ତ ଗବେଷଣାଗାରରେ ଥିବା ବୈଜ୍ଞାନିକ ନୁହେଁ କି ମୋ ନିଜର ନିଜତ୍ୱ ପାଇଁ ପାଖରେ ଉପକରଣ ଓ ସାମଗ୍ରୀ ଭରପୁର ରହିନାହିଁ ଯେ ! ହଁ ଯେତେବେଳେ ମୋ ନିଜର ନିଜତ୍ୱ ଓ ଗବେଷଣାର ପ୍ରକଳ୍ପ ନିଜସ୍ୱ ଦାୟିତ୍ୱ ଓ ପରାକାଷ୍ଠା ମଧ୍ୟରେ ରହିବ ନିଶ୍ଚୟ ମୁଁ ଏହା ଉପରେ ଗୁରୁତ୍ୱ ଦେବି ।

ଜାପାନ ଭଳି ଦେଶ ମାନଙ୍କରେ ଲୋକେ ଗୋଟିଏ ବର୍ଷର ପାଠ୍ୟକ୍ରମ ସରିଗଲା ପରେ ସେହି ବହିକୁ ଅନ୍ୟ ବର୍ଷ ପାଇଁ ରଖା ଯାଇଥାଏ । ହେଲେ ଆମ ଦେଶରେ ଏହି ବର୍ଷର ବହି ଆର ବର୍ଷକୁ ବଦଳି । ବଦଳି ହେଉକି ନାହିଁ ପିଲାମାନେ ନିଜର ଗୋଟିଏ ବହିକୁ ଗୋଟିଏ ବର୍ଷ କଣ ଗୋଟିଏ ମାସ ବି ଚଳିବାକୁ ଦେଉନାହାନ୍ତି । ମୋ ନିଜ ସାନ ଭାଇ(ଗୁଡୁ)ର ଅବସ୍ଥା ସେମିତି । ସେ ଗୋଟେ ମାସ ଭିତରେ ନିଜ ବହିକୁ ଖଣ୍ଡ ଖଣ୍ଡ କରିଦେଇଥାଏ । ଏମିତିରେ ଛାତ୍ରଛାତ୍ରୀମାନେ କେମିତି ଯତ୍ନଶୀଳ ହେବା ଦରକାର ସେଥିପାଇଁ ଶିକ୍ଷକ ଓ ଅଭିଭାବକ ଗରୁତ୍ୱାରୋପ କରିବା ଆବଶ୍ୟକ । କାଗଜର ବ୍ୟବହାର କମିଲେ କି ନଷ୍ଟ କମିଲେ ଗଛ କମ କଟା ଯିବ ଓ ଆମ ଏହି ସୁଜଳା, ସୁଫଳା ଓ ଶସ୍ୟଶ୍ୟାମଳା ଧରିତ୍ରିର ସବୁଜିମା ବୃଦ୍ଧି ହେବାରେ ଲାଗିବ ଓ ପରିବେଶ ପ୍ରଦୁଷଣ, ବନ୍ୟା, ବାତ୍ୟା ଆଦିକୁ ରୋକା ଯାଇପାରିବ ବୋଲି ଆଶା କରୁଛି । ଜୟ ଜଗନ୍ନାଥ

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଗଗନ ବାବୁ ଛକ, ଏତ୍ତାଳ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟ ଓ ସ୍ମାର୍ଟଫୋନ



ପ୍ରାଣବନ୍ଧୁ ପ୍ରଧାନ

ସାହିତ୍ୟ ! ସହିତସ୍ୟ ଭାବ ସାହିତ୍ୟ ! ସହୃଦୟର ଭାବ ସାହିତ୍ୟ ! ଏଇ ସାହିତ୍ୟ କାଲି ଥିଲା, ଆଜି ଅଛି ଏବଂ ଆଗକୁ ରହିବ ମଧ୍ୟ । ହେଲେ ଯୁଗ ଅନୁସାରେ, ସମୟ ଅନୁସାରେ ଆଉ ପରିବର୍ତ୍ତନଶୀଳ ମନୁଷ୍ୟର ପ୍ରକୃତି ଓ ପ୍ରବୃତ୍ତି ଅନୁସାରେ ବଦଳୁଛି ତା'ର ରୂପରେଖ । ପତ୍ରପୁଷ୍ପରେ ସୁସଜ୍ଜିତା ନବଯୌବନା କବିତା କାମିନୀ ଆଜି ହୋଇଛି କୁତ୍ସିତ କଦାକାର ଆଉ ଉଲଗ୍ନାପ୍ରାୟ ।

ହଁ ସାହିତ୍ୟ ସେତେବେଳେ ଦୃଶ୍ୟମାନ, ଶ୍ରାବ୍ୟମାନ ଓ ସ୍ପର୍ଶମାନ ଥିଲା । ଶିଶୁ ଜନ୍ମର ପ୍ରାଗ୍‌ବସ୍ଥା ପ୍ରସବ ବେଦନା ହିଁ ସାହିତ୍ୟ । ଶିଶୁଟି ଝୁଣ୍ଟି ପଡ଼ିବା ସ୍ମୟରେ ମା' କୋଳେଇ ନେବାର ମମତା ହିଁ ସାହିତ୍ୟ । ପ୍ରେମିକାର ପ୍ରେମିକ ପ୍ରତି ପ୍ରୀତି ଆଉ ଅଭିମାନ ହିଁ ସାହିତ୍ୟ । ବସନ୍ତରେ ଗଛଡ଼ାଳରେ ବସିଥିବା କୋକିଳର କୁହୁତାନ ହିଁ ସାହିତ୍ୟ । ନିଘଞ୍ଚ ଅରଣ୍ୟରେ କ୍ଷୁଧାର୍ତ୍ତ ସିଂହକୁ ଡରି ଧାବମାନ ହରିଣର ଭୟ ହିଁ ସାହିତ୍ୟ । ଏଇ ସାହିତ୍ୟ ବାସ୍ତବରେ କେତେ ସରସ ଓ ସୁନ୍ଦର ସତେ !

ପୁଣି ଯୁଗ ବଦଳିଲା, ବଦଳିଲା ସାହିତ୍ୟର ରୂପରେଖ । ଜନ୍ମହେଲେ ଆଦିକବିଙ୍କ ପରି ମହାନ ଯୁଗସ୍ରଷ୍ଟା । ନିଘଞ୍ଚ ଅରଣ୍ୟର ତାଳପତ୍ର, ମା' ପଣତରେ ନିଜର ରୂପକୁ ଲୁଚାଉଥିବା ସାହିତ୍ୟକୁ ପିନ୍ଧାଇବା ପାଇଁ ବସ୍ତ୍ର । ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନା କରିବାପାଇଁ ସାହିତ୍ୟର ରୂପକୁ ।

ଯେଉଁଥିପାଇଁ କି ସେମାନେ ବ୍ୟବହାର କଲେ ତାଳପତ୍ର ଓ ଭୁର୍ଜପତ୍ର ପରି ବସ୍ତ୍ର ସମୂହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ସେହି ବସ୍ତ୍ରକୁ ପରିଧାନ କରି କାହିଁ କେତେକାଳ ପର୍ଯ୍ୟନ୍ତ ସାହିତ୍ୟ ତା'ର ରୂପକୁ କଲା ପରିପ୍ରକାଶ ଏବଂ ତତ୍କାଳୀନ ସଭ୍ୟତା ଓ ସଂସ୍କୃତିର ପରିଚାୟିକା ଭାବରେ ଜନସମାଜ ଆଗରେ ମୁଣ୍ଡ ଟେକିଲା ସାହିତ୍ୟ ।

ହେଲେ ଏଇ ବସ୍ତ୍ରଟିର ଅସ୍ତିତ୍ୱ ଆଉ ବେଶିକାଳ ରହିଲା ନାହିଁ, ନ ରହିବା ସ୍ୱାଭାବିକ ମଧ୍ୟ । କାରଣ ଏଠି ପ୍ରତି ମୁହୂର୍ତ୍ତରେ ସମୟ ବଦଳୁଛି, ଯୁଗ ବଦଳୁଛି ଓ ମନୁଷ୍ୟର ଚିନ୍ତନ, ଅନୁଶୀଳନ ମଧ୍ୟ ବଦଳୁଛି ଆଉ ବଦଳୁଛି ତା'ର ଦୃଷ୍ଟିଭଙ୍ଗୀ । ଯେଉଁଥି ପାଇଁକି ସେ ସାହିତ୍ୟର ତାଳପତ୍ର ନିର୍ମିତ ବସ୍ତ୍ରକୁ ଆଦିମ ବସ୍ତ୍ର ଭାବରେ ପରିଗଣନା କରି ଆଉ ଏକ ନୂତନ ଓ ଆଧୁନିକ ବସ୍ତ୍ରରେ କଲା ତାକୁ ଆଭୁଷିତ । ଯେଉଁ ବସ୍ତ୍ର ଥିଲା ଖଦଡ଼ କାଗଜ ଓ କାଳି ଦୁଆତ । ଏଇ ଖଦଡ଼ କାଗଜ ଲେଖନୀର କାଳିରେ ଦେଲା ଚିତ୍ରବିଚିତ୍ର । ଏଇ ବସ୍ତ୍ରକୁ ପରିଧାନ କରି ସାହିତ୍ୟ ପୁଣି ନିଜର ରୂପ ପ୍ରଦର୍ଶନ କଲା ଏଇ ସମାଜ ଆଗରେ । ଅବଶ୍ୟ ଏହି ସମୟରେ ବୈଦ୍ୟୁତିକ ଯନ୍ତ୍ର ମାଧ୍ୟମରେ ମଧ୍ୟ ପ୍ରକାଶିତ ହେଲା ସାହିତ୍ୟ । ଆଉ ଏବେ ମଧ୍ୟ ହେଉଛି । ହେଲେ ତଥାପି ପରିବର୍ତ୍ତନ ତ ପ୍ରକୃତିର ନିୟମ ନା କେମିତି ବା ବାଦ୍ ପଡ଼ିବ ସାହିତ୍ୟ ସେଥିରୁ । ସାହିତ୍ୟ ପୁଣି ଆଧୁନିକରୁ ହେବାକୁ ଚାହିଁଲା ଅତ୍ୟାଧୁନିକା । ଅବଶ୍ୟ ସାହିତ୍ୟ ଚାହିଁଲା କହିଲେ କଥାଟି ଭୁଲ ହୋଇଯିବ । ବରଂ ଆମେ ଚାହିଁଲେ ସାହିତ୍ୟ ରୂପରେ ଆଣିବାକୁ ପରିବର୍ତ୍ତନ ।

ଯେଉଁଥିପାଇଁ ଏକ ନୂତନ ଜ୍ଞାନକୌଶଳରେ ଅନ୍ତଃସାରଶୂନ୍ୟ ବସ୍ତ୍ରରେ ସାହିତ୍ୟକୁ କଲେ ବିଭୂଷିତ । ଯେଉଁ ବସ୍ତ୍ରରେ ଆବୃତା ହୋଇ ଏକ ଅର୍ଦ୍ଧନଗ୍ନା ତରୁଣୀ ସଦୃଶ ସାହିତ୍ୟ ନିଜକୁ ଉପସ୍ଥାପନ କରିବାକୁ ବସିଲା ସମାଜର ବଡ଼ଦାଣ୍ଡରେ । ଅବଶ୍ୟ ଆଜିର ଏହି ଅତ୍ୟାଧୁନିକ ଯାନ୍ତ୍ରିକ ମଣିଷ ଆଖିରେ ସାହିତ୍ୟର ଏହି ବସ୍ତ୍ରଟି ବେଶ୍ ଆକର୍ଷକ ଓ ମନୋରମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଶିଲା । ଏପରି ଦିଶିବା ମଧ୍ୟ କିଛି ଅସ୍ୱାଭାବିକ କଥା ନୁହେଁ । କାରଣ ନୂତନ ଜ୍ଞାନ କୌଶଳ ଭାବନାର ଅହମିକାର ପରଦା ଢାଙ୍କି ଯାଇଛି । କଳାବାଦଲ ହୋଇ ଭାବୁକର ଭାବମୟ ଆଖି ଦୁଇଟିରେ । ହୁଏତ ଆପଣ ମାନଙ୍କ ମନରେ ପ୍ରଶ୍ନ ଆସୁଥାଇ ପାରେ କି, "ସାହିତ୍ୟର ଏଇ ନୂତନ ବସ୍ତ୍ରଟି କ'ଣ ? ଏହି ବସ୍ତ୍ରଟି ଆଉ କିଛି ନୁହେଁ, ତାହା ହେଉଛି ସ୍ମାର୍ଟ୍ ଫୋନ୍ । ସ୍ମାର୍ଟ୍ ଫୋନ୍ ! ସ୍ମାର୍ଟ୍ ଫୋନ୍ କିପରି ହୋଇପାରେ ସାହିତ୍ୟର ବସ୍ତ୍ର ? ହଁ ଆଜିର ସ୍ମାର୍ଟ୍ ଯୁଗରେ ସାହିତ୍ୟର ବସ୍ତ୍ର ହେଉଛି ସ୍ମାର୍ଟ୍ ଫୋନ୍ । ଏହି ବସ୍ତ୍ରଟି ଉପରୋକ୍ତ ସମସ୍ତ ବସ୍ତ୍ର ଗୁଡ଼ିକରୁ ଭିନ୍ନ, ଅନନ୍ୟ ଓ ଯାଦୁକାରୀ ତୁଲ୍ୟ । ଯାହାର ମାୟାଜାଲରେ ପଡ଼ି ସାହିତ୍ୟ ଆଜି ମର୍ମାହତ ।

ଯଦିଓ ସାହିତ୍ୟର ବିବର୍ଣ୍ଣ ରୂପଟି ମର୍ମାହତ କରୁଛି କେତୋଟି ହାତଗଣତି ସାହିତ୍ୟାନୁରାଗୀଙ୍କୁ । ହେଲେ ସମଗ୍ର ବିଶ୍ୱ ସମାଜକୁ ନୁହେଁ । କାରଣ ସମସ୍ତେ ଏହି ସ୍ମାର୍ଟ୍ ଫୋନ୍ ମୋହରେ ନିଜକୁ, ନିଜର ଚିନ୍ତନ ଶକ୍ତିକୁ, ଦୃଷ୍ଟିଭଙ୍ଗୀ ଓ ଭାବକୁ ଦେଇଛନ୍ତି ଜଳାଞ୍ଜଳୀ । ଅଳ୍ପକୁ ଭୂମା ମନେକରି ଧାଉଁଛନ୍ତି ନିଜକୁ ବିକିବା ପାଇଁ ତା ପାଖରେ । ସ୍ମାର୍ଟଫୋନ୍‌ର ବନ୍ଦୀଶାଳାରେ ନିଜକୁ ବନ୍ଧା ପକାଇ କେବଳ ମଣିଷତ୍ୱର ଚୋପାକୁ ଧରି ଅତ୍ର ତତ୍ର ବୁଲୁଛନ୍ତି ଅନ୍ତଃସାର ଶୂନ୍ୟ ହୋଇ । ଥରେ କେହି ଭାବିଛନ୍ତି ? ଯେଉଁ ଯନ୍ତ୍ରକୁ ନେଇ ଆମେ କୁଶଳୀ ଓ ବୁଦ୍ଧିମାନ ବୋଲି ମନେ କରୁଛେ, ସେ ଯନ୍ତ୍ରର ଭୟାବହତା ! ଚାଲନ୍ତୁ ଆମେ ପୁଣିଟିକେ ଫେରିବା ସେଇ ଆଦିମ ଯୁଗକୁ । ଯେଉଁ ଯୁଗରେ ନଥିଲା ଏଇ ଯନ୍ତ୍ର ଆଉ ଆତ୍ମବଡ଼ିମାର ମୋହ ।

ସେଦିନ ତ୍ରିକାଳ ସ୍ନାନ ସାରି ଫେରୁଥିଲା ଋଷିପ୍ରାଣ ଆଦିକବି ବାଲ୍ମୀକି । ମାର୍ଗରେ ଦେଖିଲେ ପତି ବିରହିତା କ୍ରୌଞ୍ଚପକ୍ଷୀକୁ । ଯାହାର ସ୍ୱାମୀକୁ ବଦ୍ଧ କରିଥିଲା ଏକ ନିଷ୍ଠୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟାଧ । ପତି ବିରହରେ ସ୍ତ୍ରୀ ପକ୍ଷୀଟି କରୁଛି ଆକୁଳ ବିଳାପ । ଯେଉଁ ବିଳାପର ଶକ୍ତି ଏତେ ଅଧିକ ଥିଲା ଯେ, ମୋହମାୟା ସଂସାରରୁ ବହୁ ଦୂରରେ ଥିବା ସଂଯମୀ ହୃଦୟଧାରୀ ଋଷିପ୍ରାଣକୁ କରିଥିଲା ବ୍ୟାକୁଳିତ । ଫଳତଃ କ୍ରୋଧାଗ୍ନି ସ୍ଫୁରିତ ହେଲାଲାଗି ଋଷି କଣ୍ଠରୁ । ଏବଂ ବର୍ଷିଗଲା ଅଭିଶାପର ବର୍ଷା ସେହି ଶିକାରୀ ଉପରେ । ଯଥା ;

ମା ନିଶାଦ ପ୍ରତିଷ୍ଠାଂତ୍ୱମାଗମଶାଶ୍ୱତୀ ସମା ।
ଯତ୍ କ୍ରୌଞ୍ଚମିଥୁନଦେକମ୍ ବଧ୍ କାମ ମୋହିତମ୍ ।

ଆଉ ଏଇ ଅଭିଶାପରୁ ସୃଷ୍ଟି ହେଲା ସାହିତ୍ୟ । ମୁନୀବର ବାଲ୍ମୀକି ହେଲେ ଆଦିକବି ଏବଂ ସେ ରଚନା କରିଥିବା ବାକ୍ୟ ହେଲା ଆଦିକାବ୍ୟ 'ରାମାୟଣ' । ଯେଉଁ କାବ୍ୟର ଆଦି ଶ୍ଲୋକ ହେଉଛି ଏହି ଅଭିଶାପ ମୂଳକ ସ୍ଲୋକଟି । ଏବଂ ସମଗ୍ର ବିଶ୍ୱ ସାହିତ୍ୟ ଆଜି ଏଇ ଆଦିକାବ୍ୟର ଋଣୀ ।

ସେତେବେଳେ କ'ଣ ଥିଲା ଏଇ ଯନ୍ତ୍ର? ନା ଥିଲା ଏତେ ପ୍ରକାର ସୁବିଧା ସୁଯୋଗ । ପ୍ରତି ମୁହୂର୍ତ୍ତରେ ବିଭିନ୍ନ ଘାତପ୍ରତିଘାତର ଶିକାର ହେବାକୁ ପଡୁଥିଲା । ମାତ୍ର ଏତେ ସବୁ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ରଚନା ହୋଇ ପାରୁଥିଲା ତାଳପତ୍ର ଓ ଭୂର୍ଜପତ୍ର ଦେହରେ ରାମାୟଣ ଓ ମହାଭାରତ ପରି ମହାକାବ୍ୟ ସମୂହ । ହେଲେ ଆଜି ! ଏତେ ସୁବିଧା ସୁଯୋଗ ଓ ଜ୍ଞାନକୌଶଳର ବ୍ୟବହାର ସତ୍ତ୍ୱେ କାହିଁ ଦେଖି ହେଉନାହିଁ ଏକ ମହାକାବ୍ୟକୁ !

କାରଣ ଏହି ଯନ୍ତ୍ର ସହିତ ରହି ଆମେ ମଧ୍ୟ ପାଲଟି ଯାଇଛେ ଯନ୍ତ୍ର । ଖାଲି ଆମେ ନୁହେଁ ବରଂ ଆମର ଚିନ୍ତନ, ଦୃଷ୍ଟିଭଙ୍ଗୀ ଓ ଭାବନା ଆଜି ଏବେ ଯନ୍ତ୍ର କବଳିତ । ଯାହା ଫଳରେ ଆମର ଭାବନା ହୋଇଛି ସଙ୍କୁଚିତ । ଚିନ୍ତନ ହୋଇଛି ସୀମିତ ଏବଂ ଏକ ଦୂରଦର୍ଶୀ ହୋଇଛି ଆମର ଦୃଷ୍ଟିଭଙ୍ଗୀ । ତେଣୁ ଏଇ ସ୍ମାର୍ଟ ଫୋନ୍ ଯୋଗେ ଯଦି କାହାପାଖକୁ

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ଦେଶ ପ୍ରେରଣ କରିବାକୁ ହୁଏ, ତେବେ ଆମେ ବିଭିନ୍ନ ମନୋଭାବ ପ୍ରକାଶ କରି 'ଇମୋଜୀ'କୁ ବ୍ୟବହାର କରି ବ୍ୟକ୍ତ କରୁଛେ ଆମର ମନୋଭାବକୁ । ଏଇ ହେଉଛି ଆଜିର ପୁଙ୍ଗୁଳା ସାହିତ୍ୟ । ସାହିତ୍ୟ ଆଜି କେତୋଟି ଅକ୍ଷର ହୋଇ ଭାସିବୁଲୁଛି ସ୍ମାର୍ଟ୍‌ଫୋନ୍ ଦେହରେ ।

ହେଲେ ଆମେ କ'ଣ ଉଦ୍ଧାର କରିପାରିବାନି, ଆମର ସେ ଗୌରବମୟ ସାହିତ୍ୟକୁ ! ଆଉ ତା'ର ହୃତ ସମ୍ମାନକୁ । ଏତେ ସବୁ ନୂତନ ଜ୍ଞାନକୌଶଳକୁ ବ୍ୟବହାର କରି ପୁଣି କ'ଣ ବୃଦ୍ଧି କରିପାରିବାନି ଆମର ସାହିତ୍ୟର କଳେବରକୁ ! ପୁଣି କ'ଣ ତାକୁ ପାଟବସ୍ତ୍ର ପରିଧାନ କରାଇ ତା'ର ସୁନ୍ଦର ରୂପକୁ ପ୍ରଦର୍ଶନ କରିପାରିବାନି ବିଶ୍ୱ ରଙ୍ଗମଞ୍ଚରେ । ସ୍ମାର୍ଟ୍ ଫୋନରେ କ୍ଷୁଦ୍ର ବିଶ୍ୱକୁ ଦେଖିବା ଛାଡ଼ି ଅନ୍ତଃର୍ଚକ୍ଷୁକୁ ଉନ୍ମୋଚନ କରି ଦେଖିବା ଆସ ଏଇ ଅନନ୍ତ ବ୍ରହ୍ମାଣ୍ଡକୁ । ଆମ କ୍ଷୁଦ୍ର ଚିନ୍ତାଧାରାକୁ ଆମେ ପୁଣି କରିବା ବୃହତ୍ତର ଏବଂ ଉନ୍ନତ ଓ ଜୀଜ୍ଞାସୁ ମନୋଭାବକୁ ପୁଣି କରିବେ ଉଜ୍ଜୀବିତ । ପୁଣି ଏଇ ସ୍ମାର୍ଟ୍ ଫୋନର ମାୟାଜାଲରୁ ମୁକୁଳି ଦେଖିବା ଆମର ସୁନ୍ଦର ବିଶ୍ୱକୁ । ଯଦିଓ ଏହି ମୋହରୁ ମୁକୁଳିବା ଏତେ ସହଜ ନୁହେଁ, ଅସାଧ୍ୟ ମଧ୍ୟ ନୁହେଁ ।

କିଙ୍ଗୋଳ, ଭୂବନ, ଓଡ଼ିଶା

ଭ୍ରାମ୍ୟଭାଷ : ୯୬୬୮୫୫୪୬୪୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀଶକ୍ତି - କାର୍ଯ୍ୟବାହୀ ପୁରୁଷ



କୃଷ୍ଣ ଦାସ

ସଂସାର ଓ ସତ୍ତାର ଦୁଇ ଅଭିନ୍ନ ଅଙ୍ଗ ନାରୀ ଓ ପୁରୁଷ । ବିଜ୍ଞାନ ଓ ଆଧ୍ୟାତ୍ମିକର ସମୂହ ସମସାମୟିକ ଦୃଷ୍ଟି କୋଣାନୁସାରେ, କାର୍ଯ୍ୟ ଓ ଶକ୍ତିର ପରିପୂରକ ଓ ପରିପକ୍ୱତା ସମ୍ପର୍କରେ ସମସ୍ତେ ଜାଣନ୍ତି ବିଗତ ଶତାବ୍ଦୀ ମଧ୍ୟରେ ଏହାର ପାରମ୍ପରିକ ସ୍ରୋତକୁ ଦେଖି ଆସିଛେ, ଯାହା ଅର୍ଥବିହୀନ ରୂପେ ଅଦୃଶ୍ୟ ରହିଥିଲା, ଅବା ଆମେ ଏହା ଜାଣିବାକୁ ଚେଷ୍ଟାରତ ନଥିଲେ । ବର୍ତ୍ତମାନ ବିଜ୍ଞାନର ଗବେଷଣା ଓ ଆଧ୍ୟାତ୍ମିକତାର କିଂଚିତ ପୁନରୋଦ୍ଧାର ଦ୍ୱାରା  ଏବଂ କିଛି ମହାନ ବ୍ୟକ୍ତିଙ୍କ ବକ୍ତବ୍ୟ ହିଁ  ପରମ୍ପରାର ପ୍ରକୃତ ତଥ୍ୟକୁ ସମାଜ ନିକଟରେ ଉପସ୍ଥାପନା କରେ । କିନ୍ତୁ ଆମ୍ଭେ ବିବର୍ତ୍ତନର ଯେଉଁ ପ୍ରଜ୍ୱଳିତ ଶିଖର ଉପରେ ଛିଡା ହୋଇଛେ ସେଠାରେ ପୁନରାବୃତ୍ତିର ଧାରା ଅସମ୍ଭବ ଓ ଅଶିକ୍ଷିତ ମନେ ହୁଏ ।

ଯୁଗ ଯୁଗ ଧରି ଦେଖି ଆସିଛେ, ନାରୀ ସର୍ବଦା ପୁରୁଷର ପଦସେବା ଓ ଗୃହର ପ୍ରତିଟି ସଦସ୍ୟର ସେବାରେ ନିଜକୁ ନିୟୋଜିତ କରିଆସିଛି । ଆଜିର ସମାଜରେ ନାରୀ ଏହି ପରମ୍ପରାକୁ ଏକ ଦୁର୍ଦ୍ଦଶାର ରୂପଦେଇ କହିଚାଲେ ଯେ, “ନାରୀ କେବଳ କ'ଣ ଚାରିକାନ୍ଥ ଭିତରେ ଏହି କାମ କରିବା ପାଇଁ ସୃଷ୍ଟି ?” ଏହି ଯୁକ୍ତିଯୁକ୍ତ ପ୍ରଶ୍ନ ପଚାରିବା ମଧ୍ୟ ସ୍ୱାଭାବିକ । ଯେତେବେଳେ ସମାଜର କର୍ତ୍ତବ୍ୟ ନାରୀପ୍ରତି ଏତେ ଅବହେଳିତ, ନାରୀର ସ୍ୱରରେ ପ୍ରତିବାଦର ଶବ୍ଦ ସୃଷ୍ଟି ହେବ ସ୍ୱାଭାବିକ ।

ଯେତେ ଉପରୁ ଖସିବ ପୀଡ଼ା ସେତେ ଅଧିକ ହେବ । ଭାରତର ପରମ୍ପରା, ଐତିହ୍ୟ, ସଂସ୍କୃତି, ଏକଦା ମାନବତାରୁ ଉପରକୁ ଉଠି ଭଗବତ୍ କୃପା ସହ ଯୋଡ଼ି ହେବାର କଳା ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ୟତାର ପ୍ରମାଣ ଅତି ସହଜ ଓ ନିଖୁଣତା ସହ, ହିନ୍ଦୁଧର୍ମ ସାରା ସଂସାରକୁ ଶିକ୍ଷା ଦେଇଛି । ବିଜ୍ଞାନ ମଧ୍ୟ ଏହି ପଦସେବାର ସତ୍ୟତା ପ୍ରମାଣ ଦିଏ ଗବେଷକମାନେ ମଧ୍ୟ କହନ୍ତି ନାରୀ ହସ୍ତର କୋଷିକା ଓ ପୁରୁଷ ପାଦର କୋଷିକା ସଂସ୍ପର୍ଶରେ ଆସିଲେ ଶକ୍ତିର ସଂଚାର ହୁଏ । କାରଣ ଯାହା ହେଉ, ଏହି ପ୍ରକ୍ରିୟାକୁ ଆଜି ନୀଚଚକ୍ଷୁରେ ଦେଖାଯାଏ ।

ଆଜି ସମୟ ବଦଳିଯାଇଛି, ଓଡ଼ିଶାର ପ୍ରତି ଜିଲ୍ଲାରେ ପ୍ରତି ସହରର ଦୁଇ ପାର୍ଶ୍ୱରେ ବଡ଼ ବଡ଼ ବ୍ୟାନରରେ ଉଲ୍ଲେଖ କରାଯାଇଛି, "ନାରୀକୁ ଇଜ୍ଜତ ଓ ସମ୍ମାନ କେବେ ମିଳିବ ?" ଏହି ଉକ୍ତିରୁ ସମାଜର ନିମ୍ନ ଚିନ୍ତାଶକ୍ତି ପ୍ରତିଫଳିତ ହୁଏ, ଆମେ କଦାପି କହିପାରିବ ନାହିଁ ଯେ, ନାରୀକୁ ସମ୍ମାନ ଓ ଇଜ୍ଜତ କେବେ ଦେବା ? ସର୍ବଦା ମିଳିବାର ଆଶା ଉପରେ ସମାଜର ସିଦ୍ଧାନ୍ତ ନିର୍ଦ୍ଧାରିତ ଜଣାନାହିଁ । ଏ ସମାଜ କେବେ ଆଉ କେତେଦିନ ପର୍ଯ୍ୟନ୍ତ ମିଳିବାର ଆଶା ପରିବର୍ତ୍ତେ ଚେଷ୍ଟା କରି ପାଇବାର ସିଦ୍ଧାନ୍ତକୁ ଆପଣେଇବ ।

ମୁନିଋଷୀମାନେ କନ୍ୟାକୁ ରତ୍ନ ରୂପେ ସମାଜକୁ ଦାନ କରିଛନ୍ତି । ଆଜି ମୁନିଋଷିଙ୍କ ତଥ୍ୟକୁ ହେୟଜ୍ଞାନ କରି ଆମେ ବହୁତ ମହାନ କର୍ମରୁ ନିଜକୁ ଦୂର କରିସାରିଲେଣି । ଏକ ଶକ୍ତି ହିଁ କାର୍ଯ୍ୟକରିବାର କ୍ଷମତାକୁ ବଢେଇବାରେ ସାହାଯ୍ୟ କରେ । ସେହି ଶକ୍ତିର ସ୍ରୋତ ସୁଚାରୁରୂପେ ପରିଚାଳନ କରାଗଲେ କାର୍ଯ୍ୟ ମଧ୍ୟ ସୁଚାରୁରୂପେ ନିର୍ବାହ ହୋଇଥାଏ । ପ୍ରତିଟି ପରିବାରରେ ସମସ୍ତ ସଦସ୍ୟ କିପରିଭାବେ ନିଜ ଦୈନଦିନ ଜୀବନରେ ଭଲ ସ୍ୱାସ୍ଥ୍ୟ ସହ ନିଜ କର୍ମକୁ ଉତ୍ତମ ମାର୍ଗରେ କରିପାରିବେ, ତାହାର ଭାର କେବଳ ନାରୀ ସ୍କନ୍ଧ ଉପରେ ନ୍ୟସ୍ତ । ମହର୍ଷିମାନେ ଏହି ସଦ୍ଗୁଣ ସବୁ ନାରୀ ପକ୍ଷରେ ପାଇତଥିବାରୁ, ଏକ ପାରମ୍ପରିକ ଢଙ୍ଗରେ ତାହା ଚାଲିଆସୁଛି । ଏହା ହିଁ ବାସ୍ତବ ସତ୍ୟ ।

ଆଜି ନାରୀ ବ୍ୟାୟାମ ଠାରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁକିଛି କରିପାରୁଛି । ଆଜି ସମୟ ବଦଳିଛି, କିନ୍ତୁ ମୁନିଋଷିଙ୍କ ରଚିତ କାର୍ଯ୍ୟକଳାପ ସବୁ ସେଇ ସମୟରେ ଶାରୀରିକ ଓ

ଆହ୍ୱାନ ଇ-ପତ୍ରିକା

ମାନସିକକୁ ସୃଦୃଢ କରିବା ନିମନ୍ତେ ରଚିତ ଥିଲା । ତାକୁ ଅଦରକାରୀ, ବ୍ୟଭିଚାର ଭାବି ପ୍ରଶ୍ନ କରିବା ଠିକ ନୁହେଁ ।

ମୋ ଦେଶ ଭାରତ କୃଷିକ୍ଷେତ୍ର ପାଇଁ ପ୍ରସିଦ୍ଧ । ଏଠାରେ ୭୦ ଭାଗ ଲୋକ ଚାଷକରନ୍ତି । ଚାଷୀ ଭାଇର ବଳିଦାନକୁ ସମସ୍ତେ ଜାଣୁ । ସେହି ବଳିଦାନର ପ୍ରତିବଦଳରେ ଆମେ ତାଙ୍କୁ ଅନ୍ନଦାତା ବୋଲି କହୁ । ମନରେ ବହୁବାର ଏକ ପ୍ରଶ୍ନ ଉଙ୍କିମାରେ ଯେ, ଯଦି ଅନ୍ନ ତିଆରି କରୁଥିବା ଚାଷୀ ଭଗବାନ ସଦୃଶ, ତେବେ ସେହି ଅନ୍ନକୁ ଯେଉଁ ନାରୀ ଖାଇବାଯୋଗ୍ୟ କରେ ଏବଂ କ୍ଷୁଧାକୁ ଶାନ୍ତ କରେ, ଏହି ସମାଜ ତାକୁ ଅନ୍ନଦାତ୍ରୀ ରୂପେ ପୂଜା କରିବାର ପଛୁଆ କାହିଁକି ?

ଆଜି ନାରୀ ପ୍ରତିଟି କ୍ଷେତ୍ରରେ ଉପଲବ୍ଧ, ସବୁ ପ୍ରକାର କାର୍ଯ୍ୟ ମଧ୍ୟ କରିବାରେ ସକ୍ଷମ । ଏକ ଦୃଷ୍ଟିରୁ ଦେଖିଲେ ଏକ ଗୃହିଣୀ କାର୍ଯ୍ୟ ବୋଧହୁଏ ସବୁ କାର୍ଯ୍ୟରୁ ଉଚ୍ଚରେ । ମୁନିଋଷିଙ୍କୁ ବୋଧ ହୁଏ, ଜାଣିପାରିଥିଲେ ଯେ ନାରୀ ସବୁ କରିପାରେ, ଏକ ଗୃହ ଯେଉଁଠାରୁ ଭବିଷ୍ୟ ଓ ଆସନ୍ତା କାଲିର ନାଗରିକ ଜନ୍ମ ନିଏ ତାକୁ ଠିକ ଉପାୟରେ ଗଢି ତୋଳିବା ଏକ ଉଚ୍ଚତ୍ତର କାର୍ଯ୍ୟ ଯାହାର କଳ୍ପନା କରିବା ସାଧାରଣ ନାଗରିକ ନିକଟରେ ଅସମ୍ଭବ ।

ନାରୀର ପଦସେବା ହେଉ ଅବା ଗୃହିଣୀ କର୍ମ, ସେସବୁ ଭବିଷ୍ୟର ସମାଜକୁ ସୃଦୃଢ ନିମନ୍ତେ କରାଯାଇଥିଲା । ଏହି କର୍ମକୁ ଏକ ଗୁରୁ ଦାୟିତ୍ୱ ରୁପେ ନ୍ୟସ୍ତ କରାଯାଉଥିଲା, କିନ୍ତୁ ଧୀରେ ଧୀରେ ସମାଜ ଏହାକୁ ବାଧ୍ୟତାମୂଳକ କରିଦେଲା, ପରେ ଏହା ଏକ ପରମ୍ପରା ରୂପେ ଆଗକୁ ବଢିଚାଲିଲା । ପରିଣାମସ୍ୱରୂପ, ସମାଜର ଅଗ୍ରଗତି ନିମନ୍ତେ ମୂନିଋଷିଙ୍କର ବଳିଦାନ ଆଜି ନାରୀ ସମାଜର କ୍ଷୋଭର ଶିକାର ହୋଇଛି ।

ଇଟାମାଟି, ନୟାଗଡ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ସେପ୍ଟେମ୍ବର ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ସେପ୍ଟେମ୍ବର ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : September 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା